# ଉତ୍କଳ ପ୍ରସଙ୍ଗ

6376
22/1/9

ଲୋକସଂସ୍କୃତି ଓ ଗଣରାଜ୍ୟ ବିଶେଷାଙ୍କ ୧୯୭୯





ସ୍ୱାଗତ ସ୍ୱାଗତ ହେ ଶିଶୁବର୍ଷ
ହର୍ଷରେ ଭର ଜୀବନ ଆମ
ତୁମ ଫୁଲ-ଛବି ସୃଷ୍ଟି ଅନ୍ତରେ
ବିକଶିତ କରୁ ଶାନ୍ତି, ପ୍ରେମ ।



ଫୁଲ ପରି ଫୁଟି ଧରଣୀ ବକ୍ଷେ
ବିତରିବି ସଉରଭ
ପର ହିତ ପାଇଁ ବଞ୍ଚିବା ଆମ
ଜୀବନର ଗଉରବ ।



# ରାଜ୍ୟପାଳଙ୍କ ବାଣୀ

ଆମେ ଆଜି ଆମ ମହାନ୍ ରାଷ୍ଟ୍ରର ୩୦ ତମ ସାଧାରଣତନ୍ତ୍ର ଦିବସ ପାଳନ କରୁଛୁ । ଏଇ ଅବସରରେ ମୁଁ ଆପଣମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଆସନ୍ତୁ, ଆଜିର ଏହି ପବିତ୍ର ଦିବସରେ ଆମ ଜାତିର ଜନକ ମହାତ୍ମା ଗାନ୍ଧୀ ତଥା ଆମ ପାଇଁ ଦୁଃଖକଷ୍ଟ ଓ ତ୍ୟାଗ ବରଣ କରିଥିବା ଅଗଣିତ ପ୍ରାତଃସ୍ମରଣୀୟ ନରନାରୀଙ୍କ ପ୍ରତି ଆମର ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା । ଆଗାମୀ ଦିନଗୁଡ଼ିକ ଆମ ପାଇଁ କଷ୍ଟକର ହେବ ବୋଲି ଜାଣି ରଖି ଏଇ ମୁହୂର୍ତ୍ତରୁ ଆମମାନଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିବ ।

ଭାରତର ବହୁ ସ୍ଥାନରେ ପ୍ରଳୟଙ୍କରୀ ବନ୍ୟା କ୍ଷୟକ୍ଷତି ଘଟାଇଛି । ଓଡ଼ିଶା ମଧ୍ୟ ଏହି ବିପତ୍ତିର ଶିକାର ହୋଇଛି । ପ୍ରତିଥର ବନ୍ୟା ଯୋଗୁଁ ଏଇ ରାଜ୍ୟରେ ଧନ, ଜୀବନ ତଥା ଫସଲର ପ୍ରଭୂତ କ୍ଷତି ଘଟିଛି । ଆମର ରାଜ୍ୟବାସୀ ସାହସ ଓ ଦୃଢ଼ ମନୋବଳ ସହିତ ଏଇ ବିପତ୍ତିର ମୁକାବିଲା କରିଛନ୍ତି । ସରକାର ଓ ବହୁ ସେବାନୁଷ୍ଠାନ ବିପନ୍ନ ଲୋକମାନଙ୍କୁ ଯଥା ସମୟରେ ସାହାଯ୍ୟ କରିଛନ୍ତି ।

ପ୍ରାକୃତିକ ବିଭବ ଦୃଷ୍ଟିରୁ ଓଡ଼ିଶା ଏକ ସମୃଦ୍ଧିଶାଳୀ ରାଜ୍ୟ ହୋଇଥିଲେ ହେଁ ଏହା ପୂର୍ବପରି ଦେଶର ଅନ୍ୟତମ ଅନଗ୍ରସର ରାଜ୍ୟ ରୂପେ ପରିଗଣିତ । ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ଲୋକଙ୍କ ସଂଖ୍ୟା ୧୯୭୧ରେ ଶତକଡ଼ା ୬୪ରୁ ସଂପ୍ରତି ପ୍ରାୟ ଶତକଡ଼ା ୮୫କୁ ବୃଦ୍ଧି ପାଇଛି । ଏଇ ଦୃଷ୍ଟିରୁ ସମନ୍ୱିତ ଗ୍ରାମ ବିକାଶ କାର୍ଯ୍ୟକ୍ରମ ଉପରେ ଆମକୁ ଗୁରୁତ୍ୱ ଦେବାକୁ ହେବ । ଏଇ କାର୍ଯ୍ୟକ୍ରମର ଦୁଇଟି ପ୍ରଧାନ ଦିଗ ରହିଛି । ପ୍ରଥମଟି କୃଷି ଉତ୍ପାଦନ ବଢ଼ାଇବା, ଅନ୍ୟଟି ଗାଁ ଗହଳର ଲୋକମାନଙ୍କୁ କାମଧନ୍ଦା ଯୋଗାଇବା । ଏଥିପାଇଁ ଗ୍ରାମୋଦ୍ୟୋଗ ଓ ଉନ୍ନତ କୃଷି ପ୍ରଣାଳୀ ଉପରେ ଜୋର ଦିଆଯାଇଛି । ଗାଁ ଗହଳିରେ ଅଧିକ ନିଯୁକ୍ତି ସୁଯୋଗ ଓ ଅଧିକ ଆୟର ପନ୍ଥା ସୃଷ୍ଟି କରିବା ଏବଂ ଉତ୍ତରୋତ୍ତର ଅଭିବୃଦ୍ଧି ପାଇଁ ଲୋକମାନଙ୍କ ମଧ୍ୟରେ ସଂଚୟ ଓ ଅର୍ଥ ବିନିଯୋଗର ଅଭ୍ୟାସ ବଢ଼ାଇବା ଏଇ କାର୍ଯ୍ୟକ୍ରମର ଅସଲ ଉଦ୍ଦେଶ୍ୟ । ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟକାରୀ ହେଲେ ଏଇ ଯୋଜନାଗୁଡ଼ିକ ଗ୍ରାମାଞ୍ଚଳର ଆର୍ଥନୀତିକ ବିକାଶ ପାଇଁ ପର୍ଯ୍ୟାପ୍ତ ଆୟକାରୀ ପନ୍ଥା ଉନ୍ମୋଚିତ କରିବ ।

ଇନ୍ଦ୍ରାବତୀ ବହୁମୁଖୀ ଯୋଜନା ଏବେ ବାସ୍ତବରେ ରୂପାୟିତ ହେଉଛି । ଏଇ ଯୋଜନା ଫଳରେ କଳାହାଣ୍ଡି ଜିଲ୍ଲାର ବ୍ୟାପକ ଅଞ୍ଚଳରେ କ୍ରାନ୍ତିକାରୀ ଅର୍ଥନୈତିକ ପରିବର୍ତ୍ତନ ସଂଘଟିତ ହେବ । ଅଳ୍ପଦିନ ତଳେ ଆମର ସମ୍ମାନୀୟ ରାଷ୍ଟ୍ରପତି ସମଲ ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀ ଉପରେ ଏକ ବେରେଜ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି । ଏହା ଦ୍ୱାରା ବର୍ଷକୁ ପ୍ରାୟ ଚାରି ଲକ୍ଷ ହେକ୍ଟର ଜମିରେ ଜଳସେଚନ କରାଯାଇ ପାରିବ । ଶହେ ବର୍ଷର ପୁରୁଣା ବେରେଜ ସ୍ଥାନରେ

ଏହି ନୂତନ ବେରେଜ ନିର୍ମିତ ହେବା ଫଳରେ ବିଶାଳ ଅଞ୍ଚଳ ଜଳସେଚିତ ହୋଇ ପାରିବ । ପ୍ରବାହ ଜଳସେଚନ ବ୍ୟତୀତ ଉଠା ଜଳସେଚନ କ୍ଷେତ୍ରରେ ସରକାରୀ ଉଦ୍ୟମ ଓ ସେଚକୂପ ଖନନ କ୍ଷେତ୍ରରେ ବେସରକାରୀ ଉଦ୍ୟମ ଉତ୍ସାହପ୍ରଦ । କୃଷିଜୀବୀମାନେ ବ୍ୟାଙ୍କରୁ ବହୁ ପରିମାଣରେ ଋଣ ନେଇ ସେଚକୂପ ଓ ଅଗଭୀର ନଳକୂପ ଖନନରେ ସେହି ଅର୍ଥ ବିନିଯୋଗ କରିଛନ୍ତି ।

ଜଳସେଚନ ଅଧିକ କୃଷି ଉତ୍ପାଦନର ଚାବିକାଠି । ତେଣୁ ଜଳସେଚନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ରେଙ୍ଗାଲି ଓ ଅପର କୋଲାବ ବହୁମୁଖୀ ଯୋଜନା ବ୍ୟତୀତ ବହୁ ସଂଖ୍ୟକ ମଧ୍ୟମ ଧରଣର ଜଳସେଚନ ଯୋଜନା ହାତକୁ ନିଆଯାଇଛି । ପୋଟେରୁ ଓ ବନ୍ଧପିପାଲି ପରିକଳ୍ପନା କାର୍ଯ୍ୟ ମଧ୍ୟ ଆରମ୍ଭ କରାଯାଇଛି । ଆରମ୍ଭ ହୋଇଥିବା ଅନେକ ପ୍ରକଳ୍ପ ଶୀଘ୍ର ଯୋଜନା କାଳରେ ଶେଷ ହେବ ବୋଲି ଆଶା କରାଯାଉଛି । ଯୁଗ ଯୁଗ ଧରି ରାଜ୍ୟର କେତେକ ଅଞ୍ଚଳରେ ଯେଉଁ ଚରମ ଦାରିଦ୍ର୍ୟ ଲାଗି ରହିଛି ସେହି ଆର୍ଥନୀତିକ ଜଡ଼ତା ଦୂର କରି ଆମ ରାଜ୍ୟକୁ ଜଳସେଚନ କ୍ଷେତ୍ରରେ ଦେଶର ଅନ୍ୟ କୃଷି ସମୃଦ୍ଧ ରାଜ୍ୟଗୁଡ଼ିକର ସମକକ୍ଷ କରିବା ପାଇଁ ଆମ ପ୍ରତ୍ୟେକଙ୍କୁ ନିଷ୍ଠାର ସହିତ ଉଦ୍ୟମ କରିବାକୁ ପଡ଼ିବ ।

ଗ୍ରାମାଞ୍ଚଳରେ କ୍ଷୁଦ୍ର ଶିଳ୍ପୋଦ୍ୟୋଗୀମାନଙ୍କୁ ସୁବିଧା ଦେବା ପାଇଁ ଆମର ୧୩ଟି ଜିଲ୍ଲାରେ ଜିଲ୍ଲା ଶିଳ୍ପ କେନ୍ଦ୍ର ଖୋଲାଯାଇଛି । ଏଥିରେ ତାଲିମ ପ୍ରାପ୍ତ ବ୍ୟକ୍ତିମାନେ କାର୍ଯ୍ୟ କରୁଛନ୍ତି । ବୃହତ୍ ଶିଳ୍ପୋଦ୍ୟୋଗ ପ୍ରତିଷ୍ଠା ପାଇଁ ମଧ୍ୟ ଆମ ରାଜ୍ୟକୁ ନୂଆ ଉଦ୍ୟୋଗ ପତ୍ର ଓ ଲାଇସେନ୍‌ସ ମିଳିଛି ।

ଆମର ପ୍ରଚୁର ଜଙ୍ଗଲ ସଂପଦ ଥିଲେ ବି ଏବେ ଦିନକୁ ଦିନ ତାହା କିପରି କ୍ଷୟ ପାଉଥାରେ ଲାଗିଛି ସେ କଥା କାହାରିକୁ ଅବିଦିତ ନାହିଁ । ପାହାଡ଼ଗୁଡ଼ିକ ବର୍ତ୍ତମାନ ଟାଙ୍ଗରା ଦିଶୁଛନ୍ତି । ଆଜି-କାଲି ଅବିଚାରିତଭାବରେ ଯେପରି ଜଙ୍ଗଲ କାଟି ଦିଆଯାଉଛି ଏବଂ ବ୍ୟାପକ ଅଞ୍ଚଳରେ ପୋଡୁଚାଷ କରାଯାଉଛି ତଦ୍ୱାରା ଯେ କେବଳ ପାରିପାର୍ଶ୍ୱିକ ଭାରସାମ୍ୟ ବ୍ୟାହତ ହେଉଛି ତା' ନୁହେଁ ; ଯଥେଷ୍ଟ ମୃତ୍ତିକା କ୍ଷୟ ସାଙ୍ଗକୁ ପ୍ରତିବର୍ଷ ପ୍ରାୟ ଲକ୍ଷାଧିକ ଟନ୍ ପର୍ଯ୍ୟନ୍ତ ମୃତ୍ତିକାର ଉପରିଭାଗ ଉର୍ବରତା ମଧ୍ୟ କ୍ଷୟ ପାଉଛି । ଏହି ମୃତ୍ତିକାର ବହୁଭାଗ ସମୁଦ୍ରକୁ ଧୋଇ ହୋଇ ଯାଉଛି । ଜଳ-ସେଚନ ଯୋଜନା, ନଦୀ ଶଯ୍ୟା ଓ ବନ୍ଦର ପ୍ରଭୃତିରେ ଏହି ମୃତ୍ତିକା ଜମି ରହିବା ଫଳରେ ପ୍ରତ୍ୟେକ ସ୍ତରରେ ବହୁ ଅସୁବିଧା ସୃଷ୍ଟି ହେଉଛି ।

ନୂତନ ଜଙ୍ଗଲ ସୃଷ୍ଟିପାଇଁ ଆମର ଉଦ୍ୟମ ଏହି ଅବିଚାରିତ ଧ୍ୱଂସ ସାଧନ ସହିତ ସମତାଳରେ ଗତି କରିପାରୁନାହିଁ । ଏହା ଏକ ଜଟିଳ ବିଷୟ । ତେଣୁ ଏଥିପ୍ରତି ପ୍ରତ୍ୟେକ ଚିନ୍ତାଶୀଳ ବ୍ୟକ୍ତି ଧ୍ୟାନ ଦେବା ଆବଶ୍ୟକ । ଏହି ଅବସରରେ ମୁଁ ରାଜ୍ୟର ପ୍ରତ୍ୟେକ ନାଗରିକଙ୍କୁ ନିବେଦନ କରୁଛି ଯେ, ସେମାନେ ଶପଥ ଗ୍ରହଣ ପୂର୍ବକ ନିଜର ସୁବିଧା ଅନୁଯାୟୀ ନିଜ ଯାଗାରେ କିମ୍ବା ପାର୍ଶ୍ୱବର୍ତ୍ତୀ ଜଙ୍ଗଲରେ ଅନ୍ତତଃ ଦୁଇଟି କରି ଗଛ ଲଗାନ୍ତୁ ।

ଦାରିଦ୍ର୍ୟ, ବେକାରୀ ଓ ଅଭାବ ପ୍ରଭୃତି ସମସ୍ୟାର ସମାଧାନ ପାଇଁ ସମବାୟ ଆନ୍ଦୋଳନକୁ ପ୍ରଧାନ ଆୟୁଧ ରୂପେ ଗ୍ରହଣ କରିବା ଉଚିତ । ଆମେ ଦେଖିବାକୁ ପାଉଁ ଯେ ଅଦ୍ୟାବଧି ସମବାୟ ଆନ୍ଦୋଳନର ସୁଫଳ ସମାଜର ଦୁର୍ବଳଶ୍ରେଣୀ ଲୋକଙ୍କ ପାଖରେ ପହଞ୍ଚି ପାରି ନାହିଁ । ସଂକଳ୍ପ, ଉତ୍ସାହ ଓ ତ୍ୟାଗ ମନୋଭାବ ପୋଷଣ କରି ଏସବୁ ଅନୁଷ୍ଠାନର ପରିଚାଳନା କରାଗଲେ ସମାଜର ଦୁର୍ବଳଶ୍ରେଣୀ ଲୋକଙ୍କ ଜୀବିକାର୍ଜନ ପାଇଁ ଏହା ନୂତନ ପନ୍ଥା ଉନ୍ମୋଚିତ କରିବା ସଙ୍ଗେ ସଙ୍ଗେ ଆମ ଗଣତନ୍ତ୍ରର ଭିତ୍ତିକୁ ସୁଦୃଢ଼ କରିବ । ତେଣୁ ଜୋତା ତିଆରି କରିବା, ଚମଡ଼ା କମଣ କରିବା, ଘୁଷୁରୀ ଓ କୁକୁଡ଼ା ପାଳନ କରିବା ପାଇଁ ଅନ୍ତର୍ନିହିତ ବୃତ୍ତିଗତ ପ୍ରତିଭା ଥିବା ତଥା ବ୍ୟବସାୟିକ ଧନ୍ଦାରେ ଆଗ୍ରହ ଥିବା ବ୍ୟକ୍ତିମାନଙ୍କୁ ସୁବିଧାସୁଯୋଗ ଯୋଗାଇ ଦେବାର ଆବଶ୍ୟକତା ସମ୍ପର୍କରେ ମୁଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛି । ଆମର ଆଦିବାସୀ ଭାଇମାନଙ୍କୁ ଉଦ୍ୟାନକର୍ଷଣ, ଫଳ କମଣ, ତେରମୂଳିକା ସଂଗ୍ରହଣ, ମହୁ ଆହରଣ, ସମବାୟ ଭିତ୍ତିରେ ଟସର ଶିଳ୍ପ ସ୍ଥାପନ କରିବା ଦିଗରେ ଅଧିକରୁ ଅଧିକ ଉତ୍ସାହିତ କରାଯିବା ଉଚିତ । ସେମାନଙ୍କର ଉତ୍ପନ୍ନ ଦ୍ରବ୍ୟଗୁଡ଼ିକର ବିକ୍ରିବଟା ପାଇଁ ମଧ୍ୟ ବିପଣନ କେନ୍ଦ୍ର ସ୍ଥାପନ କରାଯିବା ଆବଶ୍ୟକ ।

ପରିବାର କଲ୍ୟାଣ ଭଳି ଗୋଟିଏ ଅତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସମଗ୍ର ଦେଶରେ ଏହି ମାସରେ ପାଳନ କରଯାଉଛି । ତାକୁ କିପରି ସାର୍ଥକଭାବେ କାର୍ଯ୍ୟକାରୀ କରଯିବ ସେଥିପାଇଁ ଆଜି ଆମେ ଗଭୀର ଭାବରେ ଚିନ୍ତା କରିବା ଦରକାର । ବର୍ତ୍ତମାନ ଯେଉଁ ହାରରେ ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି, ତାକୁ ଯଦି ସେହିପରି ଛାଡି ଦିଆଯାଏ, ତାହାହେଲେ ଏହି ଶତାବ୍ଦୀ ଶେଷବେଳକୁ ଆମ ଦେଶ ଏକ ସଙ୍କଟଜନକ ପରିସ୍ଥିତିର ସମ୍ମୁଖୀନ ହେବାର ଆଶଙ୍କା ରହିଛି । ରାଷ୍ଟ୍ରର ଭବିଷ୍ୟତକୁ ନିରାପଦ ରଖିବାକୁ ହେଲେ ଏବଂ ଦାରିଦ୍ର୍ୟକୁ ଭାରତଭୂମିରୁ ନିର୍ବାସିତ କରିବାକୁ ହେଲେ ଜନସଂଖ୍ୟା ବୃଦ୍ଧିକୁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାରୂପେ ବିବେଚନା କରିବାକୁ ହେବ । ତେଣୁ ଷଷ୍ଠ ଯୋଜନା ଶେଷବେଳକୁ ଜନସଂଖ୍ୟା ବୃଦ୍ଧିର ହାରକୁ ହଜାର ପ୍ରତି ୩୦ ହିସାବରେ କମାଇ ଦେବା ପାଇଁ ସ୍ଥିର ହୋଇଛି । ମୋର ଆଶା, ଆମ ରାଜ୍ୟର ପ୍ରତ୍ୟେକ ନାଗରିକ ଏହି ସମସ୍ୟା ବିଷୟରେ ଯଥୋପଯୁକ୍ତ ଚିନ୍ତା କରିବେ ।

ଏହି ସମ୍ବତ୍ସରଟି ଆନ୍ତର୍ଜାତିକ ଶିଶୁ ସମ୍ବତ୍ସରରୂପେ ପାଳିତ ହେଉଛି । ଶିଶୁମାନଙ୍କ ଯତ୍ନ ପ୍ରତି ଆମ୍ଭେମାନେ ଅଗ୍ରାଧିକାର ଦେଉଛୁ । ଶିଶୁ ଶୈଶବରେ ଯେପରି ଉନ୍ନତତର ସୁବିଧା ସୁଯୋଗ ଲାଭ କରି ପାରିବ, ସେ ଦୃଷ୍ଟିରୁ ମିଳିତ ଜାତିସଂଘର ସାଧାରଣ ପରିଷଦ ଶିଶୁର ଅଧିକାର ସମ୍ପର୍କରେ ଏକ ଘୋଷଣାନାମା ପ୍ରକାଶ କରିଛନ୍ତି । ଶିଶୁମାନଙ୍କର 'ପୂର୍ଣ୍ଣତର ବ୍ୟକ୍ତିତ୍ୱର ବିକାଶ ପାଇଁ ସ୍ୱାସ୍ଥ୍ୟର ଯତ୍ନ, ପୁଷ୍ଟିକର ଖାଦ୍ୟପେୟ, ଶିକ୍ଷା ଓ ସ୍ନେହ ଆବଶ୍ୟକ । ସମଗ୍ର ବିଶ୍ୱରେ ଏହି ବର୍ଷସାରା ଶିଶୁ ହିଁ ଆକର୍ଷଣର କେନ୍ଦ୍ର ବିନ୍ଦୁ ହେବ । ଯେଉଁ ଶିଶୁମାନେ ନିଜର ବିକାଶ ପାଇଁ ଅନ୍ୟର ସାହାଯ୍ୟ ଲୋଡନ୍ତି ଅନେକ ଲୋକ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଉଦ୍ୟମ କରିଥାନ୍ତି । ହତଭାଗ୍ୟ ଶିଶୁ-ମାନଙ୍କର ଲାଳନପାଳନ ଦିଗରେ ନିୟୋଜିତ ଅନେକ ଅନୁଷ୍ଠାନ ଆମ ଦେଶରେ ସ୍ଥାପିତ ହୋଇଛି । କିନ୍ତୁ ଏହା ଯଥେଷ୍ଟ ନୁହେଁ । ଆପଣମାନଙ୍କ ଭିତରୁ ପ୍ରତ୍ୟେକଙ୍କୁ ଏ ଦିଗରେ କିଛି ନା କିଛି କାର୍ଯ୍ୟ କରିବାକୁ ପଡିବ । କଲେଜ ଓ ମେଡିକାଲ କଲେଜର ଛାତ୍ରଛାତ୍ରୀ, ଡାକ୍ତର, ନର୍ସ ତଥା ଧନୀ ପରିବାରର ପ୍ରତ୍ୟେକଙ୍କୁ ଗୋଟିଏ ଗୋଟିଏ ମହାନ୍ ଭୂମିକାରେ ଅବତୀର୍ଣ୍ଣ ହେବାକୁ ପଡ଼ିବ । ମୋର ଆଶା ଓ ବିଶ୍ୱାସ, ଆପଣମାନେ ଏ ବିଷୟଟି ପ୍ରତି ସଯତ୍ନ ଧ୍ୟାନ ଦେବେ ଏବଂ ସେହି ନିଃସହାୟ ଶିଶୁମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ଚେଷ୍ଟା କରିବେ । ଏ ଦିଗରେ ନିର୍ଦ୍ଦିଷ୍ଟ ଅଞ୍ଚଳମାନଙ୍କୁ ଓ ଶିଶୁକଲ୍ୟାଣ ଅନୁଷ୍ଠାନମାନଙ୍କୁ ପ୍ରତ୍ୟକ୍ଷ ଭାବେ ସାହାଯ୍ୟ ଯୋଗାଇ ଦିଆଯାଇ ପାରିବ ।

ଦାତବ୍ୟ ଓ ସ୍ୱସେବୀ ଅନୁଷ୍ଠାନମାନେ ଇତି ପୂର୍ବରୁ ଶିଶୁମାନଙ୍କ ପାଇଁ ଯାହା ସବୁ କରିଯାଉଛନ୍ତି, ଆମେ ସେତିକିରେ ସନ୍ତୁଷ୍ଟ ହୋଇ ରହିପାରିବା ନାହିଁ । ବିବିଧ ପନ୍ଥାରେ ଆପଣମାନେ ଏହି ଅଭାଗା ଶିଶୁମାନଙ୍କ କଲ୍ୟାଣ କଳ୍ପେ ବ୍ୟକ୍ତିଗତ ଭାବରେ ଅନେକ କିଛି କରିପାରିବେ ।

ବିକାଶ ସାଧନ ଦାୟିତ୍ୱ କେବଳ ସରକାରଙ୍କ ଦାୟିତ୍ୱ ହୋଇ ରହି ନ ପାରେ । ଜନସାଧାରଣ ଯେତେବେଳେ ଏ ଦିଗରେ ଆଗଭର ହୋଇ ଆସିବେ ଏବଂ ସଂଘବଦ୍ଧ ହୋଇ ପୂର୍ଣ୍ଣପ୍ରାଣରେ ତଥା ନିଷ୍ଠା ସହକାରେ କାମରେ ଲାଗି ପଡ଼ିବେ, କେବଳ ସେତିକିବେଳେ ବିକାଶର ସୁଫଳ ଆମେ ଅନୁଭବ କରିବା । ଆଜି ଏହି କାମ ପାଇଁ ମୁଁ ବିଶେଷ ଭାବରେ ଆମ ରାଜ୍ୟର ବୁଦ୍ଧିଜୀବୀ ତଥା ଯୁବକ ଯୁବତୀମାନଙ୍କୁ ନିବେଦନ କରୁଛି । ଓଡିଶାର ଏକ ଗୌରବମୟ ଅତୀତ ତଥା ବିଭବଶାଳୀ ସାଂସ୍କୃତିକ ପରମ୍ପରା ରହିଛି । ତେଣୁ ଓଡିଶାର ସର୍ବାଙ୍ଗୀନ ବିକାଶ ନିମିତ୍ତ ଆସମାନଙ୍କୁ ସଂକୀର୍ଣ୍ଣତା, ସ୍ୱାର୍ଥପରତା, ବ୍ୟକ୍ତିକେନ୍ଦ୍ରିକ ତଥା ଆଞ୍ଚଳିକ ବିଭେଦ ଭୁଲି ଐକ୍ୟବଦ୍ଧ ଭାବେ କାମ କରିବାକୁ ପଡ଼ିବ ।

ଜୟ ହିନ୍ଦ୍

ଶ୍ରୀ ଭଗବତ୍ ଦୟାଲ ଶର୍ମା

ରାଜ୍ୟପାଳ, ଓଡ଼ିଶା



# ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଆମ ଦେଶର ସ୍ମରଣୀୟ ଏହି ୩୦ ତମ ଗଣତନ୍ତ୍ର ଦିବସ ପାଳନର ଶୁଭ ଅବସରରେ ଓଡ଼ିଶା-ବାସୀଙ୍କୁ ମୁଁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି ।

କେବଳ ଦେଶର ଅର୍ଥନୈତିକ ପ୍ରଗତି ହାସଲ କଲାଗଲେ ଯେ ଦେଶ ଶକ୍ତିଶାଳୀ ହୋଇଯିବ ତା ନୁହେଁ, ପରନ୍ତୁ, ଯେଉଁ ଆଦର୍ଶଗୁଡ଼ିକ ପ୍ରତି 'ଆମେ ଅନୁଗତ ତାହାର ସୁରକ୍ଷା ନିମନ୍ତେ ସଂକଳ୍ପବଦ୍ଧ ହେବାର ପ୍ରୟୋଜନ ରହିଛି । ବିଶ୍ୱର ଗଣତାନ୍ତ୍ରିକ ଦେଶ ମଧ୍ୟରେ ଅନ୍ୟତମ ଏହି ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରର ନାଗରିକ ଭାବରେ ଆମର ଜନସାଧାରଣ ଯେପରି ମିଳିତ ଭାବେ ନିଜର ସ୍ଥିତି ପ୍ରତି ଦେଖା ଦେଇଥିବା ଆଶଙ୍କାର ମୁକାବିଲା କରିଛନ୍ତି ତହିଁର ପଟାନ୍ତର ନାହିଁ । କ୍ଷୁଧା ତଥା ଦାରିଦ୍ର୍ୟ କଷାଘାତର ସମ୍ମୁଖୀନ ହୋଇ ସୁଦ୍ଧା ଦେଶବାସୀ ସେମାନଙ୍କର ଆତ୍ମମର୍ଯ୍ୟାଦା ଓ ସ୍ୱାଧୀନତାକୁ ସର୍ବୋଚ୍ଚ ସମ୍ମାନ ଦେଇଛନ୍ତି । ଗଣତାନ୍ତ୍ରିକ ପରମ୍ପରାର ମୂଲ୍ୟବୋଧ ଉପରେ ଅଟଳ ବିଶ୍ୱାସ ରଖି ଆମର ଦେଶବାସୀ ବର୍ଷ ବର୍ଷ ଧରି ଯେଉଁ କଠିନ ଉଦ୍ୟମ କରିଛନ୍ତି, ଏହା ହେଉଛି ତହିଁର ଏକ ପ୍ରତୀକ ।

ଜନସାଧାରଣଙ୍କ ଅଗ୍ରଗତି କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ସମସ୍ତ ଅନ୍ୟାୟ ତଥା ଶୋଷଣ ବିରୁଦ୍ଧରେ ମର୍ଯ୍ୟାଦା ଓ ଆତ୍ମ-ପ୍ରତ୍ୟୟ ସହ ଓଡ଼ିଶାବାସୀ ଶକ୍ତି ଓ ସାହସର ସହିତ ମୁକାବିଲା କରିବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି । ଯେଉଁ ଆଦର୍ଶକୁ ଭିତ୍ତି-କରି ଆମର ଏହି ମହାନ୍ ଗଣତନ୍ତ୍ର ଭବିଷ୍ୟତ ବଂଶଧରମାନଙ୍କ ପାଇଁ ଏକ ଅଲୌକିକ ବର୍ତ୍ତିକା ରୂପେ ତିଷ୍ଠି ରହିଛି ଓ ତାକୁ ସୁଦୃଢ଼ କରିବା ପାଇଁ ଯେଉଁ ତ୍ୟାଗ ଅତୀତରେ ସ୍ୱୀକାର କରାଯାଇଛି ଏବଂ ଭବିଷ୍ୟତରେ ମଧ୍ୟ କରିବାକୁ ପଡ଼ିବ--ଗଣତନ୍ତ୍ର ଦିବସ ସେହି ଆଦର୍ଶ ଓ ତ୍ୟାଗର ପବିତ୍ର ସ୍ମାରକୀ ହେଉ ।

ଜୟ ହିନ୍ଦ ।

ନୀଳମଣି ରାଉତରାୟ

ମୁଖ୍ୟ ମନ୍ତ୍ରୀ, ଓଡ଼ିଶା

# ଉତ୍କଳ ପ୍ରସଙ୍ଗ

୧୯୭୮ ଡିସେମ୍ବର/୧୯୭୯ ଜାନୁଆରୀ
ମାର୍ଗଶିର/ପୌଷ
୧୯୦୦ ଶକାବ୍ଦ
୩୫ ଭାଗ: ପଞ୍ଚମ ଓ ଷଷ୍ଠ ସଂଖ୍ୟା


## ସୂଚୀପତ୍ର


ଶ୍ରୀ କୈଳାସ ଚନ୍ଦ୍ର ମିଶ୍ର
ମୁଖ୍ୟ ସମ୍ପାଦକ

ଶ୍ରୀ ବିପିନବିହାରୀ ପଟ୍ଟନାୟକ
ସମ୍ପାଦକ

ପ୍ରହରାଜ ଶ୍ରୀ ସତ୍ୟନାରାୟଣ ନନ୍ଦ
ସହକାରୀ ସମ୍ପାଦକ

ଶ୍ରୀ ବ୍ରଜମୋହନ ପଟ୍ଟନାୟକ
ଶ୍ରୀ କିଶୋର ଚନ୍ଦ୍ର ବେହେରା
ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ
ସହଯୋଗୀ ସଂପାଦକ

ଶ୍ରୀ ଅସିତ୍ ମୁଖାର୍ଜୀ
ସଜ୍ଜା ଶିଳ୍ପୀ

ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ
ମୁଦ୍ରଣ

ବାର୍ଷିକ ଦେୟ—ଟ ୧୦'୦୦

ପ୍ରତିଖଣ୍ଡ—ଟ ୧'୦୦


ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ସମୟ ସମୟରେ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟରେ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଧରିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବନାହିଁ ।


ଜୟପ୍ରକାଶଙ୍କ ସର୍ବୋଦୟ ପରିକଳ୍ପନା .. ୧
ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ .. ୪
ଭାରତୀୟ ସମାଜରେ ପରିବର୍ତ୍ତନର ଧାରା .. ୭
ପ୍ରୌଢ଼ ଶିକ୍ଷାର ବହୁବିଧ ଉଦ୍ଦେଶ୍ୟ .. ୧୦
ନୂତନ ପଦକ୍ଷେପ .. ୧୨
ଓଡ଼ିଶାରେ ଜଳସେଚନର କ୍ରମବିକାଶ .. ୧୫
ଫେରୋକ୍ରୋମ କାରଖାନା .. ୧୭
ଅନୁଧ୍ୟାନ ୧୯୭୮ : ଓଡ଼ିଆ ଚଳଚ୍ଚିତ୍ର .. ୧୯
ଖୋଲ ! ମୁଠା ଖୋଲ .. ୨୩
ମୟୂରଭଞ୍ଜ ଆଦିବାସୀ ଓ ହରିଜନ ମହିଳା ସମ୍ମିଳନୀ .. ୨୬
ଗ୍ରାମାଞ୍ଚଳରେ ହରିଜନ ସେବା .. ୨୮
ଓଡ଼ିଶାରେ ରାଷ୍ଟ୍ରପତି ଶ୍ରୀ ରେଡ୍ଡି .. ୩୧
ସମୁଦ୍ର (କବିତା) .. ୩୬
ଆନ୍ତର୍ଜାତିକ ଶିଶୁ ସମ୍ବତ୍ସର ଓ ଏହାର ତାତ୍ପର୍ଯ୍ୟ . ୩୭
ଗାଉଁଲି ଗୀତ .. ୪୩
ବିଶ୍ୱଲୋକ ସଂସ୍କୃତି ବନାମ୍ ଓଡ଼ିଆ ଲୋକ ସଂସ୍କୃତି .. ୪୬
କନ୍ଧ ଲୋକଙ୍କ ବିଶ୍ୱାସ ଓ ନରବଳିପ୍ରଥା .. ୪୮
ଲୋକକଥା ରୂପେ ଦାର୍ଢ୍ୟତାଭକ୍ତି ଓ ତାହାର ପ୍ରସାର-ଦୃଷ୍ଟି .. ୫୧
ସତ୍ୟା—ଭାଗବତ .. ୫୩
ତ୍ରାଣକର୍ତ୍ତା-ନା-ସର୍ବହର୍ତ୍ତା (ପୁରାଣ କଥା) .. ୫୫
ଓଡ଼ିଶାରେ କ୍ରୀଡ଼ା ସଙ୍ଗୀତ .. ୫୮
ଉତ୍କଳର ଗ୍ରାମ୍ୟସଂସ୍କୃତି ଓ ସର୍ବଧର୍ମ ସମନ୍ୱୟ .. ୬୨
ମୋଗଲ ତାମସା .. ୬୪
ଲୋକ ଜୀବନର ନୂତନ ସ୍ପନ୍ଦନ .. ୬୭
ଏକ ନିର୍ଦ୍ଦୁଷ୍ଟିଆ ବାଳକର କାହାଣୀ .. ୬୯
ବୌଦ୍ଧ ଯାତିରେ ଓଡ଼ିଶାର ଲୋକସମାଜ .. ୭୨
ପୁରୀରେ ପ୍ରସିଦ୍ଧ ଚଇତି ଘୋଡ଼ାନାଚ .. ୭୬
କ୍ଷୁଦ୍ର ଶିଳ୍ପ ମେଳା' ୭୮ ଓ ଓଡ଼ିଶା ମଣ୍ଡପ: ଏକ ବିହଙ୍ଗାବଲୋକନ । ୮୦
ଆନ୍ତର୍ଜାତିକ ଲୋକ ସଂସ୍କୃତି ସେମିନାର .. ୮୩

# ଜୟପ୍ରକାଶଙ୍କ ସର୍ବୋଦୟ ପରିକଳ୍ପନା

ଆର୍. ପି. ଶାସ୍ତ୍ରୀ

"କାମୟେ ଦୁଃଖ ତପ୍ତାନାଂ ପ୍ରାଣୀନାଂ ଆର୍ତ୍ତ ନାଶନମ୍"

ତରୁଣ ବିପ୍ଳବୀ ମାର୍କ୍ସପନ୍ଥୀ ଜୟପ୍ରକାଶ ସର୍ବ ପ୍ରଥମେ ତାଙ୍କ ରାଜନୀତିକ ଜୀବନ ଗାନ୍ଧୀଜୀଙ୍କ ପ୍ରେରଣାରେ ସର ଜୀବନରେ ୧୮ ବର୍ଷ ବୟସରେ ଆରମ୍ଭ କରିଥିଲେ ମଧ୍ୟ, ସେ କଂଗ୍ରେସରେ ସମାଜବାଦ ଚିନ୍ତାଧାରର ପ୍ରବର୍ତ୍ତକ ଭାବରେ ୧୯୩୪ ରେ ଏକ ନୂତନ ନେତୃତ୍ୱର ଉନ୍ମେଷ ରୂପେ ଦେଶର ଉଚ୍ଚଶିକ୍ଷା ସମ୍ପନ୍ନ ପ୍ରଗତିଶୀଳ ତରୁଣ ସମାଜକୁ ଆକୃଷ୍ଟ କରିଥିଲେ । ତାଙ୍କ ନେତୃତ୍ୱରେ କଂଗ୍ରେସ ସୋସାଲିଷ୍ଟପାର୍ଟି ଗଠିତ ହୋଇଥିଲା । ପଣ୍ଡିତ ଜବାହରଲାଲ ନେହରୁଙ୍କର ଏହି ସୋସାଲିଷ୍ଟମାନଙ୍କ ସହିତ ଆଦର୍ଶଗତ ସାମଞ୍ଜସ୍ୟ ଥିଲେ ହେଁ ସେ ଜୟପ୍ରକାଶଙ୍କ ପରି ଖୋଲଖୋଲି ଭାବରେ ଏହି ଦଳକୁ ସମର୍ଥନ କରି ନ ଥିଲେ । କାରଣ ସେତେବେଳେ ଗାନ୍ଧୀଜୀଙ୍କ ସୁପ୍ରତିଷ୍ଠିତ ନେତୃତ୍ୱର ମୁକାବିଲା କରିବାକୁ ତାଙ୍କର ସାହସ ହୁଏତ ନ ଥିଲା । ଗାନ୍ଧୀଜୀ ଜୟପ୍ରକାଶଙ୍କ ତରୁଣ ନେତୃତ୍ୱକୁ ଖର୍ବ କରିବାକୁ ସ୍ପୃହି ନ ଥିଲେ । କାରଣ ସେ ମଧ୍ୟ ଅନୁଭବ କରିଥିଲେ ଯେ ଜୟପ୍ରକାଶଙ୍କଠାରୁ ଯେଉଁ ସ୍ଫୁଲିଙ୍ଗ ବିକୀର୍ଣ୍ଣ ହୋଇଛି ତାହା ଦେଶର ବୁଦ୍ଧିଜୀବୀ ଓ ଶିକ୍ଷିତ ଯୁବ ସମାଜରେ ବିଦ୍ୟୁତ୍ ବେଗରେ ପ୍ରବାହିତ ହେଉଛି । ସେହି ସ୍ଫୁଲିଙ୍ଗକୁ ନିର୍ବାପିତ କରିବା ପାଇଁ ଉଦ୍ୟମ କରିବା ଅପେକ୍ଷା ସ୍ୱାଧୀନତା ଆନ୍ଦୋଳନ ପାଇଁ ସେମାନଙ୍କୁ ପରିଚାଳିତ କରିବା ବରଂ ଶ୍ରେୟସ୍କର ହେବ ।

### ସେ ଦିନର ମାର୍କ୍ସବାଦୀ— ଏ ଯୁଗର ସର୍ବଶ୍ରେଷ୍ଠ ଗାନ୍ଧୀବାଦ

ଜୟପ୍ରକାଶଙ୍କ ସମ୍ପର୍କରେ ମନ୍ତବ୍ୟ ଦେଇ ଗାନ୍ଧୀଜୀ ବହୁଦିନ ତଳେ କହିଥିଲେ—"One day this man will talk my language", ଅର୍ଥାତ୍—ଦିନେ ଏହି ବ୍ୟକ୍ତି ମୋରି ଭାଷାରେ କଥା କହିବେ । ଓ୍ୱାଲେସ୍ ହାଙ୍ଗମ୍ (Walles Hangam) ଯେ କି ଭାରତରେ "ନେହେରୁଙ୍କ ପରେ କିଏ ?" ନାମକ ଏକ ବିଶ୍ଳେଷଣାତ୍ମକ ପୁସ୍ତକ ଲେଖି ଭାରତର ଭବିଷ୍ୟତ ପ୍ରଧାନମନ୍ତ୍ରୀ କିଏ କିଏ ହୋଇ ପାରନ୍ତି ତାହା ପର୍ଯ୍ୟାଲୋଚନା କରିଛନ୍ତି —ସେ ଜୟପ୍ରକାଶଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ବର୍ଣ୍ଣନା କରି ଲେଖି ଯାଇଛନ୍ତି "Gandhiji called him the greatest Marxist of India. Now many Indians call him the greatest Gandhian" ଅର୍ଥାତ୍—ଗାନ୍ଧୀଜୀ ତାଙ୍କୁ ସର୍ବଶ୍ରେଷ୍ଠମାର୍କ୍ସପନ୍ଥୀ ବୋଲି କହିଥିଲେ । ମାତ୍ର ବର୍ତ୍ତମାନ ବହୁ ଭାରତୀୟ ତାଙ୍କୁ ସର୍ବଶ୍ରେଷ୍ଠ ଗାନ୍ଧୀବାଦୀ ବୋଲି କହୁଛନ୍ତି । ପ୍ରକୃତରେ ସମ୍ପ୍ରତି ଜୟପ୍ରକାଶ ସର୍ବଶ୍ରେଷ୍ଠ ଗାନ୍ଧୀବାଦୀ ଏବଂ ନୂତନ ଯୁଗର ଗାନ୍ଧୀ ଭାବରେ ଭାରତରେ ସେ କେବଳ ପୂଜିତ ହେଉଛନ୍ତି ତାହା ନୁହେଁ, କିନ୍ତୁ ବିଶ୍ୱ ମାନବ ସମାଜ ମଧ୍ୟ ତାଙ୍କୁ ସେହି ଦୃଷ୍ଟିରେ ଦେଖୁଛନ୍ତି । ସ୍ୱାଧୀନ ଭାରତରେ କ୍ଷମତାର ମୋହ ତାଙ୍କୁ ଗ୍ରାସି ନ ଥିଲା । ସେ ମୋହ ସମସ୍ତଙ୍କୁ ସ୍ପର୍ଶ କଲା ସତ—କିନ୍ତୁ ଜୟପ୍ରକାଶ କ୍ଷମତାଠାରୁ ଦୂରରେ ରହିଲେ । ଜବାହରଲାଲ ନେହରୁଙ୍କ ସମୟରେ ଜୟପ୍ରକାଶଙ୍କୁ ନେହରୁଙ୍କ ଉତ୍ତରାଧିକାରୀ ବୋଲି ଅନେକେ ମନେ କରୁଥିଲେ କିନ୍ତୁ ପ୍ରଧାନମନ୍ତ୍ରୀ ବା ରାଷ୍ଟ୍ରପତି ହେବା ପାଇଁ ତାଙ୍କର ସମସ୍ତ ସୁଯୋଗ ଥିଲେ ମଧ୍ୟ ସେ ଭାରତୀୟ ଜନତା ହୃଦୟରେ ମୁକୁଟ-ବିହୀନ ସମ୍ରାଟ ଭାବରେ ରହି ଜନସେବା ଓ ସର୍ବୋଦୟ ସମାଜ ପ୍ରତିଷ୍ଠା ପାଇଁ ଆତ୍ମୋତ୍ସର୍ଗ କରିଛନ୍ତି ।

### ଭକ୍ତି ଜୀବନର ଅଗ୍ନି ପରୀକ୍ଷା

ଭାରତର ଲକ୍ଷ ଲକ୍ଷ ଗ୍ରାମାଞ୍ଚଳର ପ୍ରଜା, କୃଷକ ଓ ଶ୍ରମିକଙ୍କ ମୁଖରେ ଭାଷା ଓ ଦେହରେ ସବଳ ଦେଇ ଜୟପ୍ରକାଶଜୀ ସ୍ୱାଧୀନତା ଆନ୍ଦୋଳନ ପାଇଁ ନବ ଉନ୍ମାଦନା ସୃଷ୍ଟି କଲେ ସତ, କିନ୍ତୁ ସ୍ୱାଧୀନତା ପରେ ଦେଶ ଯେଉଁ ପଥରେ ଗତିକଲା, ସେ ସେଥିରେ ଆଉ ଥୟ ହୋଇ ରହି ପାରିଲେ ନାହିଁ । ୧୯୪୭ ଅଗଷ୍ଟ ୧୫ରୁ ୧୯୪୮ ଜାନୁଆରୀ—ଏହି ସାଢେ ୫ ମାସ ସମୟ ଥିଲା ଦେଶ ପକ୍ଷରେ ଘୋର ଅଗ୍ନି ପରୀକ୍ଷାର ସମୟ । ଏହି ଅଗ୍ନି ପରୀକ୍ଷାରେ ଜାତିର ପିତାର ମହାତ୍ମା ଗାନ୍ଧୀଙ୍କ ନିଷ୍ଠାପୂତ ଭକ୍ତି ଜୀବନର ଅବସାନ ଘଟିଲା ଆତତାୟୀର ଗୁଳି ସ୍ପର୍ଶରେ ।

ଦେଶର କୋଟି କୋଟି ନିରନ୍ନ ଓ ଦରିଦ୍ରଙ୍କ ପାଇଁ ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃତ୍ୱ ଭାବନାର ଭିତ୍ତି ଭୂମିରେ ଗ୍ରାମ ସ୍ୱରାଜ ଓ ସର୍ବୋଦୟ ସମାଜ ଗଠନ ପାଇଁ ଯେଉଁ ମଜବୁତ ଆବାଜ ଶୁଭୁଥିଲା ଦିଲ୍ଲୀର ବିରଳା ଭବନରୁ, ତାହା ଚିର ଦିନ ପାଇଁ ବନ୍ଦ ହୋଇଗଲା । ଗାନ୍ଧୀଜୀ ତାଙ୍କ ଜୀବଦ୍ଦଶାରେ ଯେଉଁ ସ୍ୱପ୍ନରେ ଅଭିଭୂତ ହୋଇ କହିଥିଲେ, ଦିନେ ଏହି ଯୁବକ ମୋର ଭାଷା ଓ ବାଣୀ, କହିବ, ତାଙ୍କ ମହାପ୍ରୟାଣ ପରେ ସେହି ଭଳ ସ୍ୱପ୍ନକୁ ସଫଳ ରୂପାୟନ କଲେ ଜୟପ୍ରକାଶ । ଗ୍ରାମେ ଗ୍ରାମେ ବୁଲି ସେ ସର୍ବୋଦୟ ବାର୍ତ୍ତା ପ୍ରସାର କଲେ ।

### ସର୍ବୋଦୟ ଯାତ୍ରା

ଜୟପ୍ରକାଶ ତାଙ୍କର ଉତ୍ତର ଜୀବନର ପ୍ରାୟ ୨୫ ବର୍ଷ କାଳ ସର୍ବୋଦୟ ସେବାରେ ପୂର୍ଣ୍ଣପ୍ରାଣରେ ନିଜକୁ ନିୟୋଜିତ କଲେ । କେତେ କେତେ ଦୁର୍ଗମ ଗିରି, ମରୁ ପ୍ରାନ୍ତର, ବନବାଦାଡ଼ ଭେଦକରି ଜୀବନର ଲକ୍ଷ୍ୟ ପଥରେ ଜୟପ୍ରକାଶ ସର୍ବୋଦୟ ଯାତ୍ରା ଚଳାଇଲେ—ସର୍ବୋଦୟ ସମାଜ ପ୍ରତିଷ୍ଠା ଏବଂ ମାନବ ସଂପ୍ରୀତିର ପୁନଃ ସଂସ୍ଥାପନ ପାଇଁ ।

ଋଷି, ମୁନି, ସାଧକ ଓ ତପସ୍ୱୀମାନଙ୍କ ତପସ୍ୟା ଓ ସାଧନା ଦ୍ୱାରା ସଂପୂତ ଏହି ଭାରତ ଭୂମିରେ ଯୁଗେ ଯୁଗେ କେତେ ଯୁଗ ମାନବଙ୍କର ଆବିର୍ଭାବ ଘଟିଛି, ଏବଂ ସେମାନେ ହିଁ ଏହି ଦେଶକୁ ଦୁର୍ଗତି ଓ ଅଧର୍ମ ମାର୍ଗରୁ ବଞ୍ଚାଇ ରଖିଛନ୍ତି । ଏହା ସବୁ ଇତିହାସରେ ଲିପିବଦ୍ଧ ହୋଇ ରହିଛି । ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ଶଙ୍କର, ଚୈତନ୍ୟ, ରାମକୃଷ୍ଣ ପରମହଂସ, ଶ୍ରୀ ଅରବିନ୍ଦ ଭାରତରେ ବିଭିନ୍ନ ଯୁଗରେ ଆଧ୍ୟାତ୍ମିକ ଓ ଧର୍ମ ଭାବନା ଓ ନୈତିକ ଚେତନାର ପୁନଃ ସଂସ୍ଥାପନ କରି ଯାଇଛନ୍ତି । ଏ ଯୁଗର ଋଷି ମହାତ୍ମାଗାନ୍ଧୀ ଦେଶକୁ ଅତ୍ୟାଚାରୀ କବଳରୁ ରକ୍ଷା କରି ଆମପାଇଁ ସ୍ୱାଧୀନତା ଆଣିଥିଲେ । ସେତିକିରେ ତାଙ୍କ କର୍ତ୍ତବ୍ୟ ଶେଷ ହୋଇଗଲା । ତାଙ୍କ ଅନ୍ତେ

ପୁଣି ଦେଶରେ ଦୁଷ୍କୃତି ବଢ଼ି ଚାଲିଲା । ଗୋଟିଏ ଶ୍ରେଣୀର ଅତ୍ୟାଚାରୀଙ୍କ ପରିବର୍ତ୍ତେ ଆଉ ଏକ ଶ୍ରେଣୀ ମୁଣ୍ଡ ଟେକି ଉଠିଲେ । ଦେଶ ପୁଣି ତମସାବୃତ ହୋଇ ରହିଲା । ଜୟପ୍ରକାଶ ଦିବ୍ୟାଲୋକର ସନ୍ଧାନ ପାଇ ଭାରତରେ "ତମସୋ ମାଂ ଜ୍ୟୋତିର୍ଗମୟ" ଅଭିଯାନ ଚଳାଇଲେ । ସେ ବହୁ ନିର୍ଯ୍ୟାତନା, ଦୁଃଖ, କ୍ଳେଶ ଭୋଗ କରି ମଧ୍ୟ ସଂକଳ୍ପିତ ପଥରୁ ବିଚ୍ୟୁତ ହେଲେ ନାହିଁ । କାହା ପ୍ରତି ତାଙ୍କର ରାଗ ନାହିଁ ବା ବିଦ୍ୱେଷ ନାହିଁ ଗୀତାରେ ଯେପରି ବର୍ଣ୍ଣନା "ନିରାଶୀ ର୍ଯତ ଚିତ୍ତାତ୍ମା ତ୍ୟକ୍ତ ସର୍ବ ପରିଗ୍ରହଃ" ସେହିପରି ଜୟପ୍ରକାଶ ସମସ୍ତ ପ୍ରକାର ଭୋଗଲିପ୍ସାରୁ ମୁକ୍ତ ହୋଇ ତାଙ୍କ ବ୍ରତ ଓ କଠୋର ସାଧନା ଚଳାଇଲେ । ଜମି ଥିବା ଲୋକଙ୍କ ଠାରୁ ଭିକ୍ଷା ଜମି ବା ଧନ ସଂଗ୍ରହ କରି ଗରିବ ଲୋକଙ୍କୁ ଦେବା କେବଳ ତାଙ୍କର ପରିକଳ୍ପନା ନୁହେଁ । ସମାଜରେ ସଂପୂର୍ଣ୍ଣ ପରିବର୍ତ୍ତନ ଆଣିବା ହେଉଛି ତାଙ୍କ ସାଧନାର ଲକ୍ଷ୍ୟ । ଜନସାଧାରଣଙ୍କ ମନ ଓ ହୃଦୟର ପରିବର୍ତ୍ତନ ଦ୍ୱାରାହିଁ ସମାଜରେ ସଂପୂର୍ଣ୍ଣ ପରିବର୍ତ୍ତନ ଆଣିହେବ—ଏହି କଥା ସେ ବୁଝାଉଥିଲେ । ଆଭିମୁଖ୍ୟ ଓ ଚିନ୍ତାଧାରାର ପରିବର୍ତ୍ତନ ହେଲେ ସାମାଜିକ, ଅର୍ଥନୈତିକ ଓ ଅନ୍ୟାନ୍ୟ ପରିବର୍ତ୍ତନ ଆଣିବା ସହଜ ହେବ । ସ୍ଥିତଧୀ, ନିଷ୍କାମୀ ଜୟପ୍ରକାଶଙ୍କ ଏହି ସର୍ବୋଦୟ ମନ୍ତ୍ର କେବଳ ଶିକ୍ଷିତ ଜନସାଧାରଣ ନୁହନ୍ତି କିନ୍ତୁ ଚମ୍ବଲ ପାହାଡ଼ ଅଞ୍ଚଳର ଦୁର୍ଦ୍ଧର୍ଷ ଡକାୟତ ମାନଙ୍କର ମଧ୍ୟ ହୃଦୟରେ ପରିବର୍ତ୍ତନ ଆଣି ଦେଇ ପାରିଥିଲା ।

## ଶାନ୍ତିର ବାର୍ତ୍ତାବହ

୧୯୭୧-୭୨ରେ ଜଣେ ଡକାୟତ ସର୍ଦ୍ଦାର ହଠାତ୍ ଗୋଟିଏ ସ୍ୱୟଂ ଚାଳିତ ରାଇଫଲ ଧରି ଯାଇ ଜୟପ୍ରକାଶଙ୍କୁ ପ୍ରଣାମ କରି ତାଙ୍କ ପାଦ ତଳେ ସେ ବନ୍ଧୁକଟି ସମର୍ପଣ କରିଦେଲା । ଗାନ୍ଧୀବାଦୀ ଜୟପ୍ରକାଶ ଏଥିରେ ଅଭିଭୂତ ହୋଇ ଗଲେ । ଏହି ଘଟଣାର କିଛିଦିନ ପରେ ଜୟପ୍ରକାଶଜୀ ତାଙ୍କ ସର୍ବୋଦୟ ଯାତ୍ରାପଥରେ ଏପରି ଆଉ ଏକ ଅଭିନବ ନାଟକୀୟ ଘଟଣାର ସମ୍ମୁଖୀନ ହେଲେ ।

୧୯୭୨ ରେ ପ୍ରାୟ ସାଢ଼େ ଚାରିଶହ ସଶସ୍ତ୍ର ଡକାୟତମାନଙ୍କ ଅସ୍ତ୍ରଶସ୍ତ୍ର, ରାଇଫଲ, ବନ୍ଧୁକ ମେସିନଗନ୍ ପ୍ରଭୃତି ଧରି ତାଙ୍କ ନିକଟରେ ପହଞ୍ଚି ସେଗୁଡ଼ିକୁ ସମର୍ପଣ କରିଦେଇଥିଲେ ।

ଯେଉଁ ଡକାୟତମାନଙ୍କୁ କବଳ କରିବା ଭାରତୀୟ ସଶସ୍ତ୍ର ପୁଲିସ ବାହିନୀ, ସୈନ୍ୟବାହିନୀ ଓ ବିମାନ ବାହିନୀ ପକ୍ଷରେ ସମ୍ଭବ ହୋଇ ପାରି ନ ଥିଲା ସେହି ଦୁର୍ଦ୍ଧର୍ଷ ଡକାୟତମାନଙ୍କୁ ଦୁର୍ଭେଦ୍ୟ ଘନ ଅରଣ୍ୟ ମଧ୍ୟରେ ସ୍ପର୍ଶ କରିଥିଲା ଜୟପ୍ରକାଶଙ୍କ ସର୍ବୋଦୟ ମନ୍ତ୍ର । ସେମାନେ ସ୍ୱାଭାବିକ ଜୀବନକୁ ଫେରି ଆସିଲେ ।

ନାଗାଲାଣ୍ଡରେ ବିଦ୍ରୋହ ଦାବାଗ୍ନି ଯେତେବେଳେ ବ୍ୟାପି ଯାଇଥିଲା ଏବଂ ଭାରତୀୟ ସୈନ୍ୟମାନେ ଏହି ବିଦ୍ରୋହାଗ୍ନିକୁ ନିର୍ବାପିତ କରିବାକୁ ଦିନରାତି କଠୋର ପରିଶ୍ରମ କରି ପରିଶ୍ରାନ୍ତ ହୋଇ ପଡ଼ିଥିଲେ ସେତେବେଳେ ଶାନ୍ତିର ବାର୍ତ୍ତାବହ ରୂପେ ଜୟପ୍ରକାଶଙ୍କର ସେଠାରେ ଆବିର୍ଭାବ ହୋଇଥିଲା । ନାଗାଲାଣ୍ଡରେ ସେ ପ୍ରବେଶ କରି ନାଗାମାନଙ୍କର ପରିସ୍ଥିତି, ଆଶା ଓ ଆକାଂକ୍ଷା ସଂପର୍କରେ ଅନୁଧ୍ୟାନ କରି ସେମାନଙ୍କର ବିଦ୍ରୋହୀମାନଙ୍କୁ ଅସ୍ତ୍ର ତ୍ୟାଗ କରିବାକୁ ପରାମର୍ଶ ଦେଇଥିଲେ । ଏହା ପରେ ପରେ ଭାରତ ସରକାର ସେଠାରେ ଶାସନ ସଂସ୍କାର ପ୍ରବର୍ତ୍ତନ କଲେ ଏବଂ ବହୁ ଉନ୍ନୟନମୂଳକ କାର୍ଯ୍ୟ କରି ଜାତୀୟ ମହାସ୍ରୋତରେ ନାଗାଲାଣ୍ଡକୁ ମିଶାଇ ଦେଇଥିଲେ । ୧୯୬୪ ସେପ୍ଟେମ୍ବର ମାସରେ ନାଗାଲାଣ୍ଡରେ ଶାନ୍ତି ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ନାଗାମାନେ କୃତଜ୍ଞତା ପାଶରେ ଆବଦ୍ଧ ହୋଇ ଜୟପ୍ରକାଶଙ୍କୁ ସ୍ମରଣ କରୁଛନ୍ତି । ଅନେକ ସମୟରେ ସ୍ପଷ୍ଟ, ଯୁକ୍ତି ସଂଗତ ଏବଂ ନ୍ୟାୟୋଚିତ କଥା କହିବା ଯୋଗୁଁ ଏବଂ ସତ୍ ପରାମର୍ଶ ଦେବା ଯୋଗୁଁ ଶାସନ କ୍ଷମତାରେ ଥିବା ଦଳୀୟ ମନୋଭାବାପନ୍ନ ନେତାମାନେ ତାଙ୍କ ଉପରେ ବିରକ୍ତି ପ୍ରକାଶ କରିଥାନ୍ତି । କିନ୍ତୁ ସେ ସତ୍ ପରାମର୍ଶ ଦେବାରୁ ନିବୃତ୍ତ ହୁଅନ୍ତି ନାହିଁ ।

ଭାରତର ପଡ଼ୋଶୀ-ପାକିସ୍ଥାନର ଯୁଦ୍ଧାଭିମୁଖୀ ନୀତି ଯୋଗୁଁ ଅନେକ ସମୟରେ ଭାରତ-ପାକିସ୍ଥାନ ସଂଘର୍ଷ ଯୁଦ୍ଧ ଘଟିଯାଇଛି । କିନ୍ତୁ ଜୟ ପ୍ରକାଶଜୀ ସବୁବେଳେ ଏ ଉଭୟ ରାଷ୍ଟ୍ର ମଧ୍ୟରେ ବନ୍ଧୁତା ଓ ସଂପ୍ରୀତି ସ୍ଥାପନ ପାଇଁ ଚେଷ୍ଟା କରି ଆସିଛନ୍ତି । ଜୟପ୍ରକାଶଙ୍କ ସତ୍ ପ୍ରୟାସ ସବୁବେଳେ ଯେ ସଫଳ ହୋଇଛି ତାନୁହେଁ କିନ୍ତୁ ତାଙ୍କ ଉଦ୍ଦେଶ୍ୟ ମହତ୍ ଏବଂ ତାଙ୍କ କାର୍ଯ୍ୟ ମଧ୍ୟ ବିଦ୍ୱେଷ ଓ କାପଟ୍ୟ ବିମୁକ୍ତ । ସେ ୧୯୬୪ରେ ଭାରତ-ପାକିସ୍ଥାନ ମଧ୍ୟରେ ସାଲିସ ପାଇଁ ଶାନ୍ତି ଅନ୍ୱେଷଣରେ ପାକିସ୍ଥାନ ଯାଇଥିଲେ । ତାଙ୍କ ଶାନ୍ତି ଯାତ୍ରାର ପ୍ରଭାବ ପ୍ରାୟ ଛ' ସାତ ବର୍ଷ ପର୍ଯ୍ୟନ୍ତ ଭାରତ-ପାକିସ୍ଥାନ ସଂପର୍କକୁ ଅକ୍ଷୁର୍ଣ୍ଣ ରଖିଥିଲା । କିନ୍ତୁ ୧୯୭୧ ରେ ପୂର୍ବ ପାକିସ୍ଥାନର ପାକିସ୍ଥାନୀ ସାମରିକ ଶାସକମାନଙ୍କ ଆତଙ୍କ ଫଳରେ ଭାରତ ବିପର୍ଯ୍ୟସ୍ତ ହୋଇଥିଲା । ଲକ୍ଷ ଲକ୍ଷ ଶରଣାର୍ଥୀ ସୀମା ଅତିକ୍ରମ କରି ଭାରତରେ ପ୍ରବେଶ କଲେ । ସେମାନଙ୍କ ସେବା ପାଇଁ ସର୍ବୋଦୟ ସ୍ୱେଚ୍ଛାସେବୀମାନଙ୍କୁ ଜୟପ୍ରକାଶ ସେଠାକୁ ପଠାଇଥିଲେ । ଏହାପରେ ସେ ବିଶ୍ୱ ପରିଭ୍ରମଣରେ ଯାତ୍ରା କରି ପୂର୍ବ ପାକିସ୍ଥାନରେ ସେତେବେଳେ ଚାଲିଥିବା ଅମାନୁଷିକ କାଣ୍ଡ ପ୍ରତି ବିଶ୍ୱ ଦରବାରର ଦୃଷ୍ଟି ଆକର୍ଷଣ କରିଥିଲେ । ଏହାପରେ ପୂର୍ବ ପାକିସ୍ଥାନ ବାଂଲା ଦେଶରେ ପରିଣତ ହେଲା । ପୂର୍ବ ପାକିସ୍ଥାନର ନିଷ୍ପେଷିତ ଜନତା ପାଇଁ ତାଙ୍କର ସର୍ବୋଦୟ ଯାତ୍ରା ବିଫଳ ହେଲା ନାହିଁ । ଶରଣାର୍ଥୀମାନଙ୍କ ପାଇଁ ବିଭିନ୍ନ ଦେଶ ଆଗଭର ହୋଇ ଆସିଲେ । ତା ନ ହୋଇଥିଲେ ଭାରତର ଅର୍ଥନୀତି ଆହୁରି ଅଧିକ ବିପର୍ଯ୍ୟସ୍ତ ହୋଇ ପଡ଼ିଥାନ୍ତା । ସ୍ୱାଧୀନ ଓ ମୁକ୍ତ ବାଂଲା ଦେଶ ପ୍ରତିଷ୍ଠିତ ହେବାପରେ ଏହି ଶିଶୁ ରାଷ୍ଟ୍ରଟିକୁ ସ୍ୱୀକୃତି ଦେବା ପାଇଁ ସେ ବିଶ୍ୱର ସମସ୍ତ ରାଷ୍ଟ୍ରକୁ ସର୍ବ ପ୍ରଥମେ ନିବେଦନ କରିଥିଲେ ।

୧୯୭୧ ରେ ସେ ତାଙ୍କ ପତ୍ନୀ ଶ୍ରୀମତୀ ପ୍ରଭାମୟୀଙ୍କୁ ହରାଇ ଜୀବନ ଯାତ୍ରା ପଥରେ ସେ ଏକାକୀ ହୋଇଥିଲେ । ତାଙ୍କ ସ୍ୱାସ୍ଥ୍ୟଭଙ୍ଗର ପ୍ରଥମ ପରିଚ୍ଛେଦ ଏଠାରୁ ଆରମ୍ଭ ହେଲା । ଭଗ୍ନ ସ୍ୱାସ୍ଥ୍ୟ ସତ୍ତ୍ୱେ ସେ ଅଦମ୍ୟ ଉତ୍ସାହରେ ସତ୍ୟ ଓ ନ୍ୟାୟ ପ୍ରତିଷ୍ଠା ପାଇଁ ଲଢ଼େଇ କରିବାକୁ ସେନାପତି ରୂପେ ରଣଭୂମିରେ ଅବତୀର୍ଣ୍ଣ ହୋଇ ଯାଉଛନ୍ତି । ହାତରେ ଧନନାହିଁ, ଶରୀରରେ ଶକ୍ତିନାହିଁ ବା ପାଖରେ ଅସ୍ତ୍ର ଶସ୍ତ୍ର କି କ୍ଷମତା ନାହିଁ. ଅଛି କେବଳ ମନବଳ ଓ ଐଶୀ ପ୍ରେରଣା ।

ଦେଶରେ ଯେତେବେଳେ ୧୯୭୪-୭୫ ଦୁର୍ନୀତି, ଭ୍ରଷ୍ଟାଚାର ଓ ପାପକର୍ମ ଶାସନ କ୍ଷେତ୍ରରେ ବ୍ୟାପିଗଲା ଏବଂ ମହାଭାରତ ଯୁଗର କୌରବ ମାନଙ୍କ ପରି ଶାସକଗୋଷ୍ଠୀ ସମାଜକୁ ଗ୍ରାସ କରି ବସିଲେ ଗଣତନ୍ତ୍ର ବିପନ୍ନ ହେଲା ଜୟପ୍ରକାଶ ଏହା ବିରୁଦ୍ଧରେ ଦେଶବ୍ୟାପୀ ଅଭିଯାନ ଚଳାଇଲେ । ପ୍ରବଳ ଗ୍ରୀଷ୍ମ ଉତ୍ତାପ, ପବନର ସ୍ରୋତ ଓ ତାଙ୍କ ଦୁର୍ବଳ ସ୍ୱାସ୍ଥ୍ୟ କିଛି ହେଲେ ତାଙ୍କୁ ରୋକି ପାରିଲା ନାହିଁ ।

୧୯୭୫ ମାର୍ଚ୍ଚ ୩୧ ତାରିଖ ଦିନ ସକାଳ ଖରାବେଳେ ସେ ଆସି ପହଞ୍ଚିଲେ କଟକର ଦ୍ୱାର ଦେଶରେ, ମହାନଦୀ ପୋଲ ଅତିକ୍ରମ । ତାଙ୍କ ମୋଟର ଯେତେବେଳେ କଟକ ସହର ଭିତରକୁ ପ୍ରବେଶ କରିବାକୁ ଆରମ୍ଭ କଲା, ହଜାର ହଜାର ଯୁବକ ଆବାଳ ବୃଦ୍ଧ-ବନିତା-ଜୟଧ୍ୱନି ଓ ପୁଷ୍ପ ମାଳ ଦେଇ ତାଙ୍କୁ ସମ୍ବର୍ଦ୍ଧନା କରିଥିଲେ । ସମ୍ବର୍ଦ୍ଧନା ଅପେକ୍ଷା ଅଧିକ ସଂଗଠିତ ହେବାକୁ ସେ ପରାମର୍ଶ ଦେଇଥିଲେ । ତାଙ୍କ ସହିତ ସେହି ଗାଡ଼ିରେ ଥିଲେ ଓଡ଼ିଶାର ନେତା ଶ୍ରୀ ବିଜୁ ପଟ୍ଟନାୟକ । ଜୟପ୍ରକାଶଙ୍କ ମୋଟର ଯେତେବେଳେ ରେଭେନ୍ସା କଲେଜ ଛକରେ, ସେତେବେଳକୁ କଲେଜ ଛକ ପୋଲିସ-ଟ୍ରାଫିକ ନିୟନ୍ତ୍ରଣ କେନ୍ଦ୍ରଟି ପୁଲିସ ସମର୍ପଣ କରି ଦେଇଥିଲେ । କଳା ପତାକାଧାରୀ କେତେକ ଅଦୂରଦର୍ଶୀ ଉଦରସେବୀ ଯୁବକଙ୍କ ହାତରେ । ହଠାତ୍ ତାଙ୍କ ଗାଡ଼ିକୁ ଅଟକାଇ ଜୟପ୍ରକାଶଙ୍କ ପଛରେ କଳା ପତାକା ଲାଗିଥିବା ଠେଙ୍ଗା ଦ୍ୱାରା ଜଣେ ଯୁବକ ଆକ୍ରମଣ କଲେ । ସଙ୍ଗେ ସଙ୍ଗେ ଶ୍ରୀ ବିଜୁ ପଟ୍ଟନାୟକ ଉକ୍ତ ଯୁବକକୁ ଠେଲି ବାହାର କରି ଦେଇଥିଲେ । କେତେକ ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ଏହା ଘଟିଲା ସେମାନେ ନୀରବଦ୍ରଷ୍ଟା ହୋଇ ରହିଥିଲେ ମଧ୍ୟ ଜୟପ୍ରକାଶଙ୍କ ପ୍ରଶାନ୍ତ ସୌମ୍ୟମୂର୍ତ୍ତି ସେମାନଙ୍କୁ ଅଭିଭୂତ କରି ପକାଇଥିଲା । ଅନ୍ୟାନ୍ୟ ଘଟଣାବଳୀର ବର୍ଣ୍ଣନା ପାଇଁ

ଏଠାରେ ଅବକାଶ ନାହିଁ । ଅପ୍ରେଲ ପହିଲା ତାରିଖ ଅପରାହ୍ଣରେ ଭୁବନେଶ୍ୱର ଷ୍ଟେଟ ଗେଷ୍ଟ ହାଉସରେ ସାମ୍ବାଦିକ ସମ୍ମିଳନୀ ଆରମ୍ଭ ହେଲା । ସେହି ସମ୍ମିଳନୀରେ ତାଙ୍କ ପରି-କଳ୍ପିତ ଜନତା ପାର୍ଟିର ରୂପରେଖ ସଂପର୍କରେ-ସେ ସମ୍ୟକ ସୂଚନା ଦେଇ କହିଥିଲେ—"I will try to secure the merger of opposition parties in Janata. I do not expect to merge the leftists. ନିର୍ବାଚନୀୟ ଭଙ୍ଗିରେ ଜନତା ପ୍ରାର୍ଥୀମାନେ ନିର୍ବାଚନ ଲଢ଼ିବେ, ସେତେବେଳେ ତାଙ୍କର ଏହି ସ୍ୱପ୍ନ ଏକ ଅଳୀକ ସ୍ୱପ୍ନ ପରି ମନେ ହେଉଥିଲା କିନ୍ତୁ ଏହି ସର୍ବୋଦୟର ମହର୍ଷି କହିଥଲେ—The impression I have formed after my tour was that there was tremendous response......His response apparenty and obviously indicates the mood of the people. I have felt the pulse of the people and they want a change. ସେ ଓଡ଼ିଶାରୁ ଫେରିଗଲେ । ପୁଣ ତାଙ୍କ ଆନ୍ଦୋଳନ ବିହାରରେ ଘୂରିଲା ଏବଂ ବିହାରରୁ ଦିଲ୍ଲୀରୁ ଏହା ପରିବ୍ୟାପ୍ତ ହେଲା ।

ଏତିକିବେଳେ ଦେଶରେ ଜରୁରୀ ଆଇନ୍ ଜାରି ହେଲା ଜୟପ୍ରକାଶଜୀ ଜେଲଖାନାର ନିର୍ଜନ କୋଠରୀରେ ବନ୍ଦୀ ହେଲେ । ତାଙ୍କ ମତର ପୋଷକତା କରି ଆମ ଦେଶର ବହୁ ନେତା ବନ୍ଦୀ ହେଲେ । ସେମାନଙ୍କର କୌଣସି ଖୋଜ ଖବର ସେତେବେଳେ ଜଣା ପଡ଼ିଲା ନାହିଁ ।

ଜେଲରେ ରହି ମଧ୍ୟ ସେ ଜନତା ଉପରେ ତାଙ୍କର ବିଶ୍ୱାସ ହରାଇ ନ ଥିଲେ । ଜେଲ-ଖାନାରେ ରହି ପ୍ରତିଦିନ ସେ ଡାଏରି ଲେଖୁ-ଥିଲେ । ୧୯୭୫ ଜୁଲାଇ ୨୧ ତାରିଖ ଦିନ ସେ ତାଙ୍କ ଡାଏରିର ଗୋଟିଏ ପଂକ୍ତିରେ ଲେଖିଥିଲେ I went wrong in assuming that a prime minister in a democracy would use all the normal and abnormal laws to defeat a peaceful democratic movement, but would not destroy democracy itself and substitute for it a totalitarian system. ମୁଁ ଭୁଲ ଧାରଣାର ବଶବର୍ତ୍ତୀ ହୋଇ ଭାବିଥିଲି ଯେ ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ଜଣେ ପ୍ରଧାନ ମନ୍ତ୍ରୀ ଏକ ଗଣତାନ୍ତ୍ରିକ ଆନ୍ଦୋଳନକୁ ବ୍ୟର୍ଥ କରିବା ଲାଗି ସମସ୍ତ ପ୍ରକାର ସାଧାରଣ ଆଇନ୍ ବା ଅସ୍ୱାଭାବିକ ଆଇନର ପ୍ରୟୋଗ କରି ପାରନ୍ତି, କିନ୍ତୁ ଗଣତନ୍ତ୍ରକୁ ବିନଷ୍ଟ କରି ତା ପରିବର୍ତ୍ତେ ଏକ ଏକଛତ୍ରବାଦୀ ଶାସନ ପ୍ରତିଷ୍ଠା କରି ପାରିବେ ଏହା ମୋର ଚିନ୍ତାର ବାହାରେ ଥିଲା । ସବୁଠାରୁ ବିସ୍ମୟର କଥା ଯେ ତାଙ୍କ ବୟୋଜ୍ୟେଷ୍ଠ ସହକର୍ମୀ ମାନେ ମଧ୍ୟ ଏହାକୁ ନିଃସଂକୋଚ ସମର୍ଥନ କଲେ ।

ସେ ଜେଲଖାନାରୁ ପ୍ରଧାନ ମନ୍ତ୍ରୀଙ୍କୁ ଏକ ଐତିହାସିକ ଚିଠି ଲେଖି ଦେଶରୁ ଜରୁରିକାଳୀନ ଆଇନ୍ ପ୍ରତ୍ୟାହାର କରି ଲୋକଙ୍କୁ ମୌଳିକ ଅଧିକାର ଓ ସମ୍ବାଦପତ୍ରର ସ୍ୱାଧୀନତାର ପୁନଃ ପ୍ରତିଷ୍ଠା କରି ରାଜ-ନୈତିକ ବନ୍ଦୀମାନଙ୍କୁ ମୁକ୍ତି ଦେବାକୁ ଦାବୀ କରିଥିଲେ । ଏହି ଚିଠିର କେବଳ ଏକ ଅସଂପୂର୍ଣ୍ଣ ଅଂଶ ପ୍ରକାଶ ପାଇଛି । ଏହି ଚିଠିଟିର କେତେକ ପଂକ୍ତି ଉଦ୍ଧାର କରାଗଲା—Having muzzled the Press and every kind of public dissent, you continue with your distortion and untruth without fear of criticism and contradiction. If you think that in this way you will be able to justify yourself in the public eye and damn the Oppostion to political perdition you are surely mistaken. If you doub. this, you may test it by revoking the emergency restoring the freedom of the people their fundamental rights restoring the freedom of the Press releasing all those whom you etc.

ତାଙ୍କର ଏହି ଠୋକ୍ ଠୋକ୍ ଉକ୍ତି ଏବଂ ଭୁବନେଶ୍ୱର ସାମ୍ବାଦିକ ସମ୍ମିଳନୀରେ ଅପ୍ରେଲ ମାସ ପ୍ରାରମ୍ଭରେ ଦେଇଥିବା ମତର ପରିଶୀଳନ ଓ ବିଶ୍ଳେଷଣ କଲେ ଦେଖାଯାଏ ଯେ ଦେଶର ଜନତାର ଗଣତାନ୍ତ୍ରିକ ଚିନ୍ତାଧାରା ଓ ବିବେକ ବୁଦ୍ଧି ଉପରେ ସେ ଯେ କେବଳ ବିଶ୍ୱାସ ରଖିଥିଲେ ତା ନୁହେଁ, କିନ୍ତୁ ଦୃଢ଼ ଭାବରେ କହିଥିଲେ, ମୁଁ ଜନସାଧାରଣଙ୍କ ନାଡ଼ି ପରୀକ୍ଷା କରିଛି ।

ଭାରତୀୟ ଗଣତନ୍ତ୍ରର ପୁନଃ ସଂସ୍ଥାପନ ପାଇଁ ଜୟପ୍ରକାଶଙ୍କ ସଂଗ୍ରାମର ଇତିହାସ ଦେଶର ଭବିଷ୍ୟତ ବଂଶଧରମାନଙ୍କୁ ପ୍ରେରଣା, ଉତ୍ସାହ ଓ କଳ୍ପନା ପ୍ରଦାନ କରିବ । ସ୍ୱାଧୀନତା ଓ ଗଣତନ୍ତ୍ରର ମୂଲ୍ୟ ଯେ କେତେ ମହାନ୍ ଏବଂ ଏକ ଜାତି ପକ୍ଷରେ ଏହା ଯେ କେତେ ଗର୍ବ ଓ ଗୌରବପୂର୍ଣ୍ଣ ତାହା ସାଧାରଣ ଭାବରେ କଳ୍ପନା କରି ହୁଏନାହିଁ । ସ୍ୱାଧୀନତା ପ୍ରାପ୍ତି ସମୟରେ ଜଣେ ମନୀଷୀ ଦେଶର ଗୌରବରେ ଅଭିଭୂତ ହୋଇ ଯେଉଁ ମତ ପ୍ରକାଶ କରିଥିଲେ ସେଥିରୁ କିୟଦଂଶ ଏଠାରେ ଉଦ୍ଧାର କଲେ ଜୟପ୍ରକାଶ ଏ ଜାତି ଓ ଦେଶକୁ ଯେଉଁ ଅପୂର୍ବ ଓ ମହନୀୟ ଦାନ ଦେଇ ପାରିଛନ୍ତି ତାହାର ମୂଲ୍ୟବୋଧ କରିବା ସହଜ ହେବ । ସେ ସମୟର ଉକ୍ତିଟି ହେଲା—A moment comes, which comes rarely in history, when we step out from the old to the new, when an age ends and when the soal of a nation long suppressed finds utterance.

ଜରୁରିକାଳୀନ ପରିସ୍ଥିତି ବେଳେ ଭାରତର ଆତ୍ମା ନିଷ୍ପେଷିତ ହୋଇ ରହିଥିଲା । ଜୟ-ପ୍ରକାଶଜୀ ତମସାଚ୍ଛନ୍ନ ଯୁଗର ଅବସାନ ଘଟାଇ ଅବରୁଦ୍ଧ ଆତ୍ମାର ଅଭିବ୍ୟକ୍ତି ଓ ପରିପ୍ରକାଶ ପାଇଁ ପଥ ଉନ୍ମୁକ୍ତ କରି-ଦେଲେ । ଏହାହିଁ ହେଲା ଭାରତର ଇତିହାସରେ ଯୁଗମାନବଙ୍କ ଅବଦାନ ।

ପ୍ରଶାନ୍ତ ମନସଂ ହ୍ୟେନଂ
ଯୋଗିନଂ ସୁଖମୁତ୍ତମମ୍
ଉପୈତି ଶାନ୍ତରଜସଂ
ବ୍ରହ୍ମଭୂତ ମକଲ୍ମଷମ୍ । ଗୀତା

ଯେ ପ୍ରଶାନ୍ତମନା, ଯେ କର୍ମଯୋଗୀ ଯେ ନିଷ୍ପାପ, ସେ ସର୍ବଦା ସୁଖ ଲାଭ କରନ୍ତି ।

ଏହା ହିଁ ଜୟପ୍ରକାଶଜୀଙ୍କ ଜୀବନରେ ପ୍ରତିଫଳିତ ହୋଇଛି ।

ସମ୍ପାଦକ
ଓଡ଼ିଶା ଟାଇମ୍ସ
ଚାନ୍ଦନୀଚୌକ, କଟକ-୨

# ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ

ଶ୍ରୀ ସୁଧାଂଶୁ ମୋହନ ପଟ୍ଟନାୟକ

ଭାରତର ଲୋକସଂଖ୍ୟାର ଶତକଡ଼ା ୭୦ ଭାଗ କ୍ଷୁଦ୍ର ତଥା ନାମ ମାତ୍ର ଚାଷୀ ଏବଂ ସେମାନେ ମୋଟ ଚାଷ ଜମିର ଶତକଡ଼ା ମାତ୍ର ୨୦ ଭାଗ ଜମି ଚାଷ କରିଥାନ୍ତି । ସେମାନେ ମୁଖ୍ୟତଃ ଦାରିଦ୍ର୍ୟ ସୀମା ରେଖା ତଳେ ଥାଇ ଗ୍ରାମାଂଚଳରେ ବସବାସ କରନ୍ତି । ଅତୀତରେ ବିଭିନ୍ନ କ୍ଷେତ୍ରରେ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବ୍ୟାପକ ଅର୍ଥ ବିନିଯୋଗ କରାଯାଉଥିଲା ଏବଂ ଅନେକ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ହେଉଥିଲା । ମାତ୍ର ଏହିସବୁ ସୁବିଧା ସୁଯୋଗ ପ୍ରାୟତଃ ଉପର ଶ୍ରେଣୀର ଲୋକେ ପାଉଥିଲେ ଏବଂ ଅଶିକ୍ଷିତ ଓ ସମାଜରେ ଅନୁନ୍ନତ ଦୁର୍ବଳ ଶ୍ରେଣୀର ଲୋକେ ସେଥିରୁ ବଞ୍ଚିତ ହେଉଥିଲେ । ଅର୍ଥ ସାହାଯ୍ୟକାରୀ ସଂସ୍ଥାଗୁଡ଼ିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ଆବଶ୍ୟକ ଆର୍ଥିକ ଋଣ ଯୋଗାଇବାକୁ ଶଂକା ବୋଧ କରୁଥିଲେ ଏବଂ ଆର୍ଥିକ ସ୍ୱଚ୍ଛଳତା ଥିବା ଲୋକମାନେ ଏହି ସଂସ୍ଥାଗୁଡ଼ିକର ଉପଯୋଗ କରୁଥିଲେ । ଫଳରେ କ୍ଷୁଦ୍ର ତଥା ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷକମାନେ ଜମି ମାଲିକ ଓ ମହାଜନମାନଙ୍କର ଶୀକାର ହେଉଥିଲେ । ଯୋଜନାର ସୁଫଳ ଦରିଦ୍ର ଲୋକମାନଙ୍କ ପର୍ଯ୍ୟନ୍ତ ପହଞ୍ଚି ପାରୁ ନ ଥିଲା ।

## ଯୋଜନାର ଉଦ୍ଦେଶ୍ୟ

ପୂର୍ବବର୍ତ୍ତୀ ଯୋଜନା ଗୁଡ଼ିକରେ ସରକାର କ୍ଷୁଦ୍ର ଚାଷୀ ଉନ୍ନୟନ ସଂସ୍ଥା, ମରୁଡ଼ିଗ୍ରସ୍ତ ଅଞ୍ଚଳ କାର୍ଯ୍ୟକ୍ରମ, କମାଣ୍ଡ ଏରିଆ ଉନ୍ନୟନ, ଆଦିବାସୀ ଉନ୍ନୟନ ସଂସ୍ଥା, ସମନ୍ୱିତ ଆଦିବାସୀ ଉନ୍ନୟନ ପରିକଳ୍ପନା, ସଘନ ଉଦ୍ୟାନ କର୍ଷଣ ଅଞ୍ଚଳ ଉନ୍ନୟନ ପ୍ରଭୃତି ବିଭିନ୍ନ ସଂସ୍ଥା ପ୍ରବର୍ତ୍ତନ କରିଥିଲେ । ଏହି ସଂସ୍ଥାଗୁଡ଼ିକରେ ଦୁର୍ବଳ ଶ୍ରେଣୀ ଲୋକଙ୍କ ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଜରିଆରେ କିପରି କାମଧନ୍ଦା ଯୋଗାଇ ଦିଆଯିବ ଏବଂ ସେମାନଙ୍କ ଅର୍ଥନୈତିକ ଅବସ୍ଥାର ଉନ୍ନତି କରାଯାଇ ପାରିବ ସେଥିପାଇଁ ବ୍ୟବସ୍ଥା ରଖାଯାଇଥିଲା । କେବଳ ଏହି ଦୁର୍ବଳ ଶ୍ରେଣୀଙ୍କ ଉନ୍ନତ ପାଇଁ "ଅଞ୍ଚଳ ଉନ୍ନୟନ" ଯୋଜନାର ପରିକଳ୍ପନା କରାଯାଇଥିଲା ଏବଂ କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା । ଏଭଳି ସ୍ୱତନ୍ତ୍ର ଧରଣର ଯୋଜନା ସଂସ୍ଥା ଯେତେବେଳେ ଆରମ୍ଭ କରାଗଲା, ସେତେବେଳେ ଆଶା କରାଯାଉଥିଲା ଯେ ଦୁର୍ବଳ ଶ୍ରେଣୀର ଲୋକମାନେ ଏହା ଦ୍ୱାରା ଉପକୃତ ହୋଇ ପାରିବେ, ମାତ୍ର ଦେଖାଗଲା ଯେ ଥିଲାବାଲା ଶ୍ରେଣୀର ଲୋକେ ଏହାର ଫାଇଦା ଉଠାଇ ସୁଫଳ ଲାଭ କରିଛନ୍ତି । ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ପର୍ଯ୍ୟାଲୋଚନା କଲେ ଏହା ଜଣାଯାଏ । ଗ୍ରାମାଞ୍ଚଳରେ ଅର୍ଥନୈତିକ ତଥା ସାମାଜିକ କ୍ଷେତ୍ରରେ କିଛିଟା ସଫଳତା ହାସଲ କରାଯାଇଥିଲେ ହେଁ ନିମ୍ନ ସ୍ତରରେ ଏହାର ଉପଯୁକ୍ତ ପ୍ରଭାବ ପଡ଼ିଥିବା ଜଣାଯାଏ ନାହିଁ । ଦୁଃଖର କଥା, ବହୁକାଳ ଧରି ବେକାରୀ ତଥା ଅର୍ଦ୍ଧ ବେକାରୀ ସମସ୍ୟା ବୃଦ୍ଧି ପାଇଛି ଏବଂ ଦରଦାମ୍ ବଢୁଥିବା ଯୋଗୁଁ ନିମ୍ନ ଆୟକାରୀ ଲୋକଙ୍କ କ୍ରୟ ଶକ୍ତି କମିଯାଉଛି । ଫଳରେ ଧନୀ ଓ ଦରିଦ୍ର ମଧ୍ୟରେ ଥିବା ପାର୍ଥକ୍ୟର ମାତ୍ରା କ୍ରମାଗତ ଭାବରେ ବୃଦ୍ଧି ପାଇବାରେ ଲାଗିଛି । ଆମର କାର୍ଯ୍ୟ ପରିସର ସାଧାରଣତଃ ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରେ ସୀମାବଦ୍ଧ । କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱରେ ଥିବା କ୍ଷେତ୍ରାଧିକାରୀମାନେ ଧାର୍ଯ୍ୟ ଗୋଷ୍ଠୀର ଲୋକମାନଙ୍କର ଉପକାର କରିବାରେ ମୁଖ୍ୟତଃ ନିୟୋଜିତ ଥାଆନ୍ତି । କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟକ୍ରମଗୁଡ଼ିକ ସମନ୍ୱୟ ଅଭାବରୁ ଅନେକ ସମୟରେ ସମସ୍ତଙ୍କୁ ଜଣା ନ ଥାଏ ଯାହା ଫଳରେ ଆର୍ଥିକ ସ୍ୱଚ୍ଛଳତା ଥିବା ଲୋକେ ଫାଇଦା ଉଠାନ୍ତି ଏବଂ ଧାର୍ଯ୍ୟ ଲକ୍ଷ୍ୟ ହାସଲ ଦିଗରେ ସମସ୍ୟାମାନ ସୃଷ୍ଟି କରାନ୍ତି ।

## ଆଭିମୁଖ୍ୟ

ସଂପ୍ରତି ଏକଥା ହୃଦୟଙ୍ଗମ କରାଯାଉଛି ଯେ ଯଦି ସମାଜର ସୁଖ ସୁବିଧାରୁ ବଞ୍ଚିତ ହୋଇଥିବା ଦୁର୍ବଳଶ୍ରେଣୀ ଅନ୍ତର୍ଗତ ଭୂମିହୀନ ଶ୍ରମିକ, କ୍ଷୁଦ୍ରଚାଷୀ, ଅତିକ୍ଷୁଦ୍ର-ଚାଷୀ, ଭାଗଚାଷୀ, ଗ୍ରାମ୍ୟ କାରିଗର ଏବଂ ଆଦିବାସୀ ଓ ହରିଜନ ଶ୍ରେଣୀର ଲୋକମାନଙ୍କ ଉପରେ ଅଧିକ ଗୁରୁତ୍ୱ ନ ଦିଆଯାଏ, ତା ହେଲେ ଗ୍ରାମାଞ୍ଚଳ ଉନ୍ନୟନ ନିମନ୍ତେ ଉଦ୍ଦିଷ୍ଟ କାର୍ଯ୍ୟ-କ୍ରମ ଆଦୌ ସଫଳ ହୋଇ ପାରିବ ନାହିଁ । ଏହି ଶ୍ରେଣୀର ଲୋକମାନଙ୍କ ଆର୍ଥିକ ଅବସ୍ଥାର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ସେମାନଙ୍କୁ ଏକ ସୁଖକର ଜୀବନ ଯାପନର ସୁଯୋଗ ଯୋଗାଇ ଦେବା ଦିଗରେ ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଉପରେ ବିଶେଷ ପ୍ରାଧାନ୍ୟ ଦିଆଯାଇଛି । ପୂର୍ବରୁ ପ୍ରଚଳିତ ହୋଇଥିବା ଯୋଜନା ପଦ୍ଧତିରେ ଥିବା ତ୍ରୁଟିକୁ ଦୂର କରିବା ପାଇଁ 'ସମନ୍ୱିତ ଗ୍ରାମ୍ୟ ଉନ୍ନୟନ' କାର୍ଯ୍ୟକ୍ରମ ଏକ ଅମୋଘ ଅସ୍ତ୍ର ରୂପେ ଆତ୍ମ ପ୍ରକାଶ କରିଛି । ଏହି ଦୁର୍ବଳ ଶ୍ରେଣୀର ଧାର୍ଯ୍ୟ ଗୋଷ୍ଠୀଙ୍କ ପାଇଁ ସାମାଜିକ ନ୍ୟାୟ ପ୍ରଦାନ କରିବା ଓ ଗ୍ରାମାଞ୍ଚଳରେ ବେକାରୀ ତଥା ଅର୍ଦ୍ଧ ବେକାରୀଙ୍କୁ ସବୁ ସମୟରେ କାମଧନ୍ଦା ଯୋଗାଇ ଦେବା ଏହି କାର୍ଯ୍ୟକ୍ରମର ମୂଳ-ଲକ୍ଷ୍ୟ । ବୃହତ୍ତର ଉଦ୍ଦେଶ୍ୟ ଅନ୍ତର୍ନିହିତ ଥିବା ଏହି କାର୍ଯ୍ୟକ୍ରମ ଦ୍ୱାରା ବିଭିନ୍ନ ମୁଖ୍ୟ ଓ ଗୌଣ ଧନ୍ଦା ଯୋଗାଇଲେ ଅର୍ଥନୈତିକ ସ୍ତରରେ ଉନ୍ନତି ଘଟିବା ସଙ୍ଗେ ସଙ୍ଗେ ବେକାର ସମସ୍ୟାର ସମାଧାନ ହେବା ସମ୍ଭବ ହୋଇ ପାରିବ । ମୁଖ୍ୟ ଧନ୍ଦା ହିସାବରେ କୃଷି, ପଶୁପାଳନ, ମତ୍ସ୍ୟ ଚାଷ, ଫଳ ଚାଷ, ଟସର-ପୋକ ପାଳନ ଓ ଜଙ୍ଗଲ ଉନ୍ନୟନ ଇତ୍ୟାଦି କାର୍ଯ୍ୟକ୍ରମ ନିଆଯାଇ ପାରେ । ପଲ୍ଲୀ, ଗ୍ରାମ୍ୟ ଓ କୁଟୀର ଶିଳ୍ପ ସଙ୍ଗେ ସଙ୍ଗେ ଛୋଟ ଛୋଟ ଶିଳ୍ପ କାରଖାନା ପ୍ରଭୃତି ଦ୍ୱିତୀୟ ପର୍ଯ୍ୟାୟ ଧନ୍ଦା ଗ୍ରାମର ସମୂହ ଉନ୍ନତିରେ ସହାୟକ ହେବ । ତୃତୀୟ ପର୍ଯ୍ୟାୟରେ କାରିଗରୀ କୁଶଳତା ଶିକ୍ଷା ସମେତ ଆତ୍ମ ନିଯୁକ୍ତି ଏବଂ ଆନୁଷଙ୍ଗିକ କାମଦାମ ପରିସର ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଏହା ଅଧିକ ସୁଦୃଢ଼ ହେବ । ମିଳୁଥିବା ସମ୍ବଳର

ସର୍ବାଧିକ ବିନିଯୋଗ ଏବଂ ନୂତନ ବୈଷୟିକ ଜ୍ଞାନର ବ୍ୟାପକ ପ୍ରୟୋଗ ଦ୍ୱାରା ସମନ୍ୱିତ ଉନ୍ନୟନ ସମ୍ଭବ ହୋଇ ପାରିବ । ଏ ସମସ୍ତ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପରିକଳ୍ପନାର ସଫଳତା ମୁଖ୍ୟତଃ ସ୍ଥାନୀୟ ଆବଶ୍ୟକତା ତଥା ଲୋକମାନଙ୍କର ଆଶା ଆକାଂକ୍ଷାକୁ ସୁହାଇଲା ଭଳି ଅର୍ଥନୈତିକ ଯୋଜନାର ସାମର୍ଥ୍ୟ ଉପରେ ନିର୍ଭର କରେ ।

## ବ୍ଲକ୍ ମନୋନୟନ

ଏହି ବୃହତ୍ ଉଦ୍ଦେଶ୍ୟଗୁଡ଼ିକ ଦୃଷ୍ଟିରେ ରଖି, କ୍ଷୁଦ୍ର ଚାଷୀ ଉନ୍ନୟନ ସଂସ୍ଥା, ମରୁଡ଼ିଗ୍ରସ୍ତ ଅଞ୍ଚଳ କାର୍ଯ୍ୟକ୍ରମ, କମାଣ୍ଡ ଅଞ୍ଚଳ ଉନ୍ନୟନ ପ୍ରଭୃତି ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ ହେଉଥିବା ୩୦୦୦ ବ୍ଲକ୍ ମଧ୍ୟରୁ ୨୦୦୦ ବ୍ଲକ୍‌ରେ ୧୯୭୮-୭୯ ମସିହାଠାରୁ ଭାରତ ସରକାର ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରିଛନ୍ତି । ଅଧିକାଂଶ ବ୍ଲକ୍ ଗୁଡ଼ିକରେ ସଂପ୍ରତି କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟକ୍ରମ ଗୁଡ଼ିକ ୧୯୭୯ ଶେଷ ସୁଦ୍ଧା ସମାପ୍ତ ହେବାକୁ ଥିଲେ ସୁଦ୍ଧା ବ୍ୟାପକ ସଂପ୍ରସାରଣ କାର୍ଯ୍ୟ ଏହି ବ୍ଲକମାନଙ୍କରେ ଷଷ୍ଠ ପଞ୍ଚବାର୍ଷିକ ଯୋଜନା ଶେଷ ହେବା ପର୍ଯ୍ୟନ୍ତ ଚାଲୁ ରହିବ । ସମଗ୍ର ଦେଶରେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ନିମନ୍ତେ ମନୋନୀତ ହୋଇଥିବା ୨୦୦୦ ବ୍ଲକ୍ ମଧ୍ୟରୁ ଓଡ଼ିଶା ପାଇଁ ୧୧୪ଟି ବ୍ଲକ୍ ବଛା ଯାଇଛି । ଏହି ୧୧୪ଟି ବ୍ଲକ୍ ପାଇଁ କମାଣ୍ଡ ଅଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମରୁ ୩୦ଟି ବ୍ଲକ୍, ମରୁଡ଼ିଗ୍ରସ୍ତ ଅଞ୍ଚଳ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଥିବା ୧୫ଟି ବ୍ଲକ୍ ଓ କ୍ଷୁଦ୍ର ଚାଷୀ ଉନ୍ନୟନ ସଂସ୍ଥା କାର୍ଯ୍ୟକାରୀ ହେଉଥିବା ୬୯ଟି ବ୍ଲକ୍ ମନୋନୀତ କରାଯାଇଛି । ସଘନ ବ୍ଲକ୍ ସ୍ତରୀୟ ଯୋଜନା ଓ ଉନ୍ନୟନ କାର୍ଯ୍ୟକ୍ରମ ନିମନ୍ତେ ମନୋନୀତ ହୋଇଥିବା ମୋଟ ୩୦୦ ବ୍ଲକ୍ ମଧ୍ୟରୁ ଓଡ଼ିଶାରୁ ୧୩ଟି ବ୍ଲକ୍ ମନୋନୀତ କରାଯାଇଛି । ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ନିମନ୍ତେ ଇତ୍ୟବସରରେ ପାଣ୍ଠି ଯୋଗାଇ ଦିଆଯାଇଛି ।

## କାର୍ଯ୍ୟ ସମ୍ପାଦନ

ବ୍ୟାପକ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମର ଦ୍ୱିବିଧ ଲକ୍ଷ୍ୟ ହାସଲ ପାଇଁ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ଯେଉଁ କ୍ଷେତ୍ର ଅଧିକାରୀମାନଙ୍କ ଉପରେ ନିର୍ଭର କରୁଛି, ସେମାନଙ୍କୁ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଅବହିତ କରାଇବା ପ୍ରଥମ କର୍ତ୍ତବ୍ୟ । ସଂପୃକ୍ତ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱରେ ଥିବା ଅଫିସରମାନଙ୍କ ସହ ସାକ୍ଷାତକାର ତଥା ଆଳାପ ଆଲୋଚନା କରିଥାରେ ଗରିବ ଲୋକମାନଙ୍କର ଅର୍ଥନୈତିକ ଅବସ୍ଥାର ଉନ୍ନତି ବିଧାନ କ୍ଷେତ୍ରରେ ସେମାନଙ୍କର ଭୂମିକା କ'ଣ, ତତ୍ ସମ୍ପର୍କରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଅବଶ୍ୟକ ପାଣ୍ଠିକୁ ବିଷୟରକୁ ନେଇ ବଳିତ ବର୍ଷ ମନୋନୀତ ବ୍ଲକ୍ ଗୁଡ଼ିକରେ ଯଥୋଚିତ କାର୍ଯ୍ୟ ଯୋଜନାମାନ ଅତିଶୀଘ୍ର ପ୍ରସ୍ତୁତ କରିବା ନିମନ୍ତେ ରାଜ୍ୟ ସରକାର ଯଥେଷ୍ଟ କ୍ଷେତ୍ର ଅଭିଜ୍ଞତା ଥିବା କେତେକ ସମୟର ଅଫିସରଙ୍କୁ ସଂପୃକ୍ତ ବ୍ଲକ୍‌ଗୁଡ଼ିକୁ ପଠାଉଛନ୍ତି । ଭାରତ ସରକାର ଓ ରାଜ୍ୟ ସରକାରଙ୍କଠାରୁ ଏ ସଂପର୍କରେ କୌଣସି ନିୟମାବଳୀ ଆସି ପହଞ୍ଚିବା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଉନ୍ନୟନ ସଂସ୍ଥା/ପରିକଳ୍ପନା ଦାୟିତ୍ୱରେ ଥିବା ସଂପୃକ୍ତ ପ୍ରୋଜେକ୍ଟ ନିର୍ଦ୍ଦେଶକ/ପ୍ରଶାସକମାନେ ଏହି କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ପରାମର୍ଶ ଦିଆଯାଇଛି ।

## କର୍ମ ଯୋଜନା

ସଂପୃକ୍ତ ଅଞ୍ଚଳର କୃଷି-ପାଗ ଅବସ୍ଥା ଓ ଲୋକମାନଙ୍କ ସର୍ବାଧିକ ଆବଶ୍ୟକତାକୁ ବିଷୟରକୁ ନେଇ (୧) ଗଭୀର ନଳକୂପ ପିଲଟର ପମ୍ପସେଟ ନଳକୂପ ଓ ପମ୍ପ ସେଟ ସହ ଖନନ ନଳକୂପ ସମେତ ଗୋଷ୍ଠୀ ଜଳସେଚନ କାର୍ଯ୍ୟ, (୨) ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ ଅଧୀନରେ ପ୍ରଥମ ବର୍ଷରେ ଅନ୍ତତଃ ଗୋଟିଏ ବ୍ଲକରେ ଭୂ-ଉନ୍ନୟନ ସଂଗେ ସଂଗେ କ୍ଷୁଦ୍ର ଜଳ ନିଷ୍କାସନ କେନ୍ଦ୍ର; (୩) ଉଦ୍ୟାନ ଲକ୍ଷଣ କାର୍ଯ୍ୟକ୍ରମ ଅନୁଯାୟୀ ବେସରକାରୀ ପର୍ବତ ଜମିରେ ବ୍ୟାପକ ଫଳ ଓ ପନିପରିବା ଚାଷ, (୪) ଦୁଗ୍ଧଦାୟୀ ଗାଈ ଓ ମେଣ୍ଢା, ଛେଳି, ଘୁଷୁରୀ, କୁକୁଡ଼ା, ବତକ ଭଳି ଅନ୍ୟାନ୍ୟ ପଶୁପାଳନ, (୫) ଡି. ଏ. ଆଇ. ଏଫ୍. ପରିକଳ୍ପନାନୁଯାୟୀ ଶଂକର ଜାତୀୟ ଗାଈ, (୬) ମତ୍ସ୍ୟଜୀବୀ ସମବାୟ ସମିତିକୁ ଆର୍ଥିକ ସାହାଯ୍ୟ, ବ୍ୟକ୍ତିଗତ ମତ୍ସ୍ୟଚାଷ କାର୍ଯ୍ୟକ୍ରମ ଅନୁଯାୟୀ ପୁଷ୍କରିଣୀର ମାଲିକମାନଙ୍କୁ ବହୁ ଜାତିର ଓ ଆନୁଷଙ୍ଗିକ ଉପାଦାନ ଯୋଗାଣ, (୭) ରେଶମ ଚାଷ, ତସର ଚାଷ ଓ (୮) ଫାର୍ମ ଫରେଷ୍ଟ୍ରି ଇତ୍ୟାଦି ପ୍ରଭୃତି ଉପରେ ଅଧିକ ଗୁରୁତ୍ୱ ଦିଆ ଯାଉଛି । ଏହା ବ୍ୟତୀତ, ଖଦୀ ଓ ଗ୍ରାମୋଦ୍ୟୋଗ କମିଶନ ଅନ୍ତର୍ଗତ ପରିକଳ୍ପନା ଗଡ଼ିବୁ ମଧ୍ୟ ଜଡ଼ିତ କରାଯାଉଛି ଏବଂ ପାରଂପରିକ ଗ୍ରାମ୍ୟ କାରିଗରମାନଙ୍କୁ ଆବଶ୍ୟକ ସାହାଯ୍ୟ ଯୋଗାଇ ଦେବାପାଇଁ ଉଦ୍ୟମ କରା ଯାଉଛି । ଯାହାହେଉ, ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଅନୁଯାୟୀ ଏ ଦିଗରେ ଯେଉଁଭି ଅଞ୍ଚଳରେ ଆମେ କୃତ କାର୍ଯ୍ୟ ହୋଇଛୁ ।

ବୁଣାକାର ଓ ତାଙ୍କର ସନ୍ତାନ ସନ୍ତତିଙ୍କୁ ଆଧୁନିକ ପ୍ରଣାଳୀର ବୟନ ତଥା ଡ଼ିଜାଇନ୍ ଶିଳ୍ପ ସଂପର୍କରେ ତାଲିମ ଦେବା ଏବଂ ଆଦିବାସୀ ଯୁବକମାନଙ୍କୁ ପାହାଡ଼ିଆ ଅଞ୍ଚଳରେ ବୃକ୍ଷ ରୋପଣ ବିଷୟରେ ତାଲିମ ଦେବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନିଆଯାଉଛି । ଏହା ସେମାନଙ୍କୁ ନିଜ ଉଦ୍ୟୋଗ ପ୍ରତିଷ୍ଠା କରିବା ଦିଗରେ ସାହାଯ୍ୟ କରିବ । ଉନ୍ନୟନ ପରିପ୍ରେକ୍ଷୀରେ ବ୍ଲକକୁ ଏକ ସୁନିର୍ଦ୍ଦିଷ୍ଟ ତମ କ୍ଷେତ୍ର ରୂପେ ଗ୍ରହଣ କରା ଯାଇଛି ଓ ବ୍ଲକ ଉନ୍ନୟନ ପଦାଧିକାରୀଙ୍କୁ ଉନ୍ନୟନ ପ୍ରଶାସନରେ ପ୍ରଧାନ ଭୂମିକା ଦିଆ ଯାଇଛି । ଯେପରି ଅଭିଯୋଗ ଉପସ୍ଥାପିତ କରିବା ଲାଗି ତାଙ୍କ ନିକଟକୁ ଜନ ସାଧାରଣଙ୍କର ଅବାଧ ପ୍ରବେଶ ଅଧିକାର ଦିଆ ଯାଇଛି । ସଂପ୍ରସାରଣ ଦଳର ମୁଖ୍ୟରୂପେ ବ୍ଲକ ଉନ୍ନୟନ ଅଧିକାରୀ ଓ ଅନ୍ୟାନ୍ୟ କ୍ଷେତ୍ର ସ୍ତରୀୟ ବିଶେଷଜ୍ଞମାନେ ଯୋଜନା ପ୍ରଣୟନ କରିବା ସଂଗେ ସଂଗେ ବ୍ଲକ ସ୍ତରରେ ସେ ସବୁର କିପରି ସଫଳ ରୂପାୟନ କରାଯାଇ ପାରିବ, ସେ ଦିଗରେ ଉଭୟ ଉଭୟଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ କରିବା ପାଇଁ ଚେଷ୍ଟା କରାଯାଉଛି ।

## ଜିଲ୍ଲା ଯୋଜନା କାର୍ଯ୍ୟକ୍ରମ

ଯୋଜନା ପ୍ରଣୟନ କ୍ଷେତ୍ରରେ ଜିଲ୍ଲା ଉନ୍ନୟନ ବୋର୍ଡ ଓ ଜିଲ୍ଲା ଉନ୍ନୟନ କମିଟିକୁ ସଂଶ୍ଳିଷ୍ଟ କରିବା ଉଦ୍ଦେଶ୍ୟରେ ଜିଲ୍ଲା ଯୋଜନା ବ୍ୟବସ୍ଥାକୁ ଦୃଢ଼ୀଭୂତ କରାଯାଉଛି । ଆବଶ୍ୟକ ଅର୍ଥ ବିନିଯୋଗ ଓ ଉପଯୁକ୍ତ ସମ୍ବଳକୁ ଆଖିଆଗରେ ରଖି ଯୋଜନା ପ୍ରଣୟନ କ୍ଷେତ୍ରରେ ଉକ୍ତ ଦୁଇଟି ସଂସ୍ଥାର ସ୍ୱତନ୍ତ୍ର ଭୂମିକା ରହିଛି । ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମର ଅବଲମ୍ବନରେ ଏହି ସଂସ୍ଥା ଅନୁରୂପ ଯୋଜନା ପ୍ରସ୍ତୁତ କରି ପାରିବେ ବୋଲି ଆଶା କରାଯାଏ । ସ୍ୱେଚ୍ଛାସେବୀ ସଂସ୍ଥା ଗୁଡ଼ିକ ଯୋଜନା ପ୍ରଣୟନ ଓ ତାର ରୂପାୟନ କ୍ଷେତ୍ରରେ ସଂଶ୍ଳିଷ୍ଟ ରହି ସକ୍ରିୟ ସହଯୋଗ କରୁଛନ୍ତି । ଜନସାଧାରଣ ଯେପରି ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରିପାରିବେ, ସେଥି ନିମନ୍ତେ ଆବଶ୍ୟକ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଲାଗି, କ୍ଷେତ୍ର ପଦାଧିକାରୀଙ୍କ ଉପରେ ବିଶେଷ ଦାୟିତ୍ୱ ଆରୋପ କରା ଯାଇଛି । ଦର୍ବଳ ଶ୍ରେଣୀର ଲୋକଙ୍କୁ ଚିହ୍ନଟ କରିବା ସଂଗେ ସଂଗେ ସରକାରୀ ସାହାଯ୍ୟ ଓ ଅର୍ଥ ଲଗାଣକାରୀ ସଂସ୍ଥାରୁ ଆର୍ଥିକ ସାହାଯ୍ୟ ସଂକ୍ରାନ୍ତ କାର୍ଯ୍ୟକ୍ରମ ଗୁଡ଼ିକ ସହ ସଂଶ୍ଳିଷ୍ଟ କରିବା ଲାଗି ସଂପ୍ରସାରଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇଛି ।

## ସମ୍ବଳ ନିର୍ଦ୍ଧାରଣ ଓ ତଥ୍ୟ ସଂଗ୍ରହ

ବ୍ଲକସ୍ତରୀୟ ଯୋଜନା ପ୍ରଣୟନ କରିବାକୁ ହେଲେ ପ୍ରତ୍ୟେକ ବ୍ଲକ୍‌ର ପାରିପାର୍ଶ୍ୱିକ ଅବସ୍ଥା, ଭୂମି ଉପଯୋଗୀ ଭୂମି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସର୍ଭିସ ତଥା ଶ୍ରମ ଶକ୍ତିର ଉପଯୁକ୍ତ ବିନିଯୋଗ ପାଇଁ ଏକ ଦାୟିତ୍ୱ ସଂପନ୍ନ ଏକ ବୈଜ୍ଞାନିକ ବାଇନେସ ସିଟ୍ ପ୍ରସ୍ତୁତ କରାଯିବା ଆବଶ୍ୟକ । ଏଥି ନିମନ୍ତେ,

[illegible] ନିର୍ଦ୍ଧାରଣ କରିବାକୁ ହେବ ଓ ଏହା ଫଳରେ ସାମଗ୍ରିକ ତଥା ଶ୍ରମ ସମ୍ବଳର ଏକ ସଂପୂର୍ଣ୍ଣ ହିସାବ କରାଯାଇ ପାରିବ । ସଂପ୍ରତି ବ୍ଲକ ଯୋଜନା ନିମନ୍ତେ ତଥ୍ୟ ସଂଗ୍ରହ କରା ଯାଉଛି । ଆମର କାର୍ଯ୍ୟକ୍ରମ ସମାଜର ଦୁର୍ବଳ ଶ୍ରେଣୀ ଲୋକଙ୍କର ସିଧା ସଳଖ ଉପକାର ପାଇଁ ଉଦ୍ଦିଷ୍ଟ ଥିବାରୁ, ଏପରି ଲୋକଙ୍କୁ ଚିହ୍ନଟ କରିବା ସେମାନଙ୍କର ସମସ୍ୟା ଓ ସମ୍ଭାବ୍ୟ ପରିକଳ୍ପନାଗୁଡ଼ିକୁ ହାତକୁ ନେବାର ଦକ୍ଷତା ଆଦି ବିଶ୍ଳେଷଣ କରିବା ସଂପର୍କରେ ତଥ୍ୟ ସଂଗ୍ରହ ହେବା ଉଚିତ । ଯୋଜନା କମିଶନଙ୍କ ତରଫରୁ ଦିଆ ଯାଇଥିବା ନିୟମାବଳୀ ତଥା ଯୋଜନା କମିଶନ ସଦସ୍ୟ ଶ୍ରୀ ବି. ଶିବରମଣଙ୍କ ପରାମର୍ଶ କ୍ରମେ ରାଜ୍ୟ ସରକାର କେବଳ ଯେ ପାରିବାରିକ ସ୍ତରରେ ଯୋଜନା ସକାଶେ ସଂଗ୍ରହ ଅଭିଯାନ ଆରମ୍ଭ କରିଛନ୍ତି, ତା, ନୁହେଁ ପରନ୍ତୁ ଉପକୃତ ହେଉଥିବା ଲୋକେ କେତେଦୂର ସଫଳ ହୋଇଛନ୍ତି, ସେ ସଂପର୍କରେ ମଧ୍ୟ ସମୀକ୍ଷା କରା ଯିବାର ବ୍ୟବସ୍ଥା କରୁଛନ୍ତି ।

## ବ୍ଲକ ଯୋଜନା ମଡେଲ

ଏହା ବ୍ୟତୀତ, ରାଜ୍ୟ ସରକାର ବରୋଦାସ୍ଥିତ ଅପରେସନ୍ସ ରିସର୍ଚ୍ଚ ଗ୍ରୁପ ଓ ବମ୍ବେସ୍ଥିତ କୃଷି ଫାଇନାନ୍ସ କର୍ପୋରେସନ ଆଦି ଅନୁଷ୍ଠାନଗୁଡ଼ିକର ପରାମର୍ଶ କ୍ରମେ ରାଜ୍ୟର ୫ଟି ବ୍ଲକ ପାଇଁ ମଡେଲ ପ୍ଲାନ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଅଗ୍ରୀମ କାର୍ଯ୍ୟ ଆରମ୍ଭ କରି ସାରିଲେଣି । ଏବେ ବ୍ଲକ ଯୋଜନା ସର୍ବେ କାର୍ଯ୍ୟ ହାତକୁ ନେବାପାଇଁ ଆମେ ନିଜର ସଂଗଠନ ଗଢ଼ି ସାରିଲୁଣି । ଏ ସମସ୍ତ କାର୍ଯ୍ୟ ସଂଗେ ସଂଗେ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଚିହ୍ନଟ କରି ସଂଗେ ସଂଗେ ସେମାନଙ୍କୁ ବିଭିନ୍ନ କାର୍ଯ୍ୟ କ୍ରମ, ବୈଷୟିକ ଜ୍ଞାନ, ସରକାରୀ ଅର୍ଥ ସାହାଯ୍ୟ ତଥା ଅର୍ଥ ଲଗାଣକାରୀ ସଂସ୍ଥାରୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେଇ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଉଦ୍ୟମ କରା ଯାଉଅଛି ।

ଅତିରିକ୍ତ ଉନ୍ନୟନ କମିଶନର,
ଓଡ଼ିଶା



ଭାରତର କଂଟ୍ରୋଲର ଓ ଅଡ଼ିଟର ଜେନେରାଲ ଶ୍ରୀ ଜ୍ଞାନ ପ୍ରକାଶ ଗତ ନଭେମ୍ବର ୨୪ ତାରିଖ, ଦିନ ଭୁବନେଶ୍ୱରଠାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟଙ୍କୁ ସାକ୍ଷାତ କରିଥିଲେ ।

# ଭାରତୀୟ ସମାଜରେ ପରିବର୍ତ୍ତନର ଧାରା

**ଶ୍ରୀ ପ୍ରହ୍ଲାଦ ପାଢ଼ୀ**

ଆମର ସାମାଜିକ ସ୍ଥିତି ପାରସ୍ପରିକ ସମ୍ପର୍କର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ । ଏହି ସାମାଜିକ ସମ୍ପର୍କ ମନୁଷ୍ୟର ଦୈନନ୍ଦିନ ଜୀବନରେ ସହଯୋଗି, କଳହ, ପ୍ରତିଯୋଗିତା ଆଦି ରୂପରେ ଦେଖାଦିଏ ଏବଂ ଏହି ସମ୍ପର୍କ ପରିପ୍ରେକ୍ଷୀରେ ସମାଜରେ ବିଭିନ୍ନ ଶ୍ରେଣୀ ବିଭାଗର ସୂତ୍ରପାତ ହୋଇଅଛି । ତେଣୁ ଆମେ ସମାଜକୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ ହୋଇଥିବାର ଦେଖିବାକୁ ପାଉ । ଅର୍ଥନୈତିକ ଦୃଷ୍ଟି କୋଣରୁ ସମାଜବାଦୀମାନଙ୍କ ଭଳି ଏକ ଶ୍ରେଣୀବିହୀନ ସମାଜର କଳ୍ପନା କରାଯାଇ ପାରେ ଏବଂ ଆଇନ ଓ ଶାସନ ସାହାଯ୍ୟରେ ଏକ ଶ୍ରେଣୀ ବିହୀନ ସମାଜ ମଧ୍ୟ ଗଢ଼ାଯାଇ ପାରେ କିନ୍ତୁ ସାମାଜିକ ଦୃଷ୍ଟି କୋଣରୁ ଏକ ଶ୍ରେଣୀବିହୀନ ସମାଜର କଳ୍ପନା କରିବା ମଧ୍ୟ ଦୁଃସାଧ୍ୟ । କାରଣ ସାମାଜିକ ଶ୍ରେଣୀ ବିଭାଗର ଭିତ୍ତିଭୂମି ହେଉଛି ପାରସ୍ପରିକ ସମ୍ପର୍କ ଏବଂ ଏହା ବିଭିନ୍ନ ସମୟରେ ଏବଂ ବିଭିନ୍ନ ଅର୍ଥନୈତିକ, ରାଜନୈତିକ ଏବଂ ସାମାଜିକ ପରିବେଶରେ ବିଭିନ୍ନ ପ୍ରକାରର ହୋଇଥାଏ । ତେଣୁ ଇତିହାସର ବିଭିନ୍ନ ସମୟରେ ଆମେ ସମାଜରେ ବିଭିନ୍ନ ପ୍ରକାରର ସାମାଜିକ ଶ୍ରେଣୀ ବିଭାଗ ଦେଖିବାକୁ ପାଉ ଏବଂ ସମାଜର ଅଗ୍ରଗତି ସଙ୍ଗେ ସଙ୍ଗେ ଏହାର ପରିବର୍ତ୍ତନ ହୋଇଥାଏ । ଏହି ପୃଷ୍ଠଭୂମିରେ ଆମେ ସମୟ ସ୍ରୋତରେ ଭାରତୀୟ ସାମାଜିକ ପରିବର୍ତ୍ତନର ଧାରା ସମ୍ବନ୍ଧରେ ସମ୍ୟକ ଆଲୋଚନା କରିବା ।

ଭାରତୀୟ ସମାଜ ସନାତନ ଧର୍ମୀ ଏବଂ ପ୍ରାଗ୍ ବୈଦିକ କାଳରୁ ଏହାର ସୃଷ୍ଟି । ଏହାର ସୃଷ୍ଟି କାଳରୁ ଏଥିରେ ଶ୍ରେଣୀ ବିଭାଗ ଚଳି ଆସୁଅଛି । ଭାରତୀୟ ସମାଜରେ ବର୍ଣ୍ଣଗତ ଶ୍ରେଣୀ ବିଭାଗ ପ୍ରଥା ଅତି ପ୍ରାଚୀନ ଏବଂ ଏହା ଗୁଣ କର୍ମାଶ୍ରୟୀ ଏହି ଶ୍ରେଣୀ ବିଭାଜନକୁ ଭାରତୀୟମାନେ ଦୈବକୃତ ବୋଲି ବିଶ୍ୱାସ କରୁଥିଲେ ଏବଂ ସେହି ଦୃଷ୍ଟିରୁ ଏହା ସମସ୍ତଙ୍କର ଏକାନ୍ତ ପାଳନୀୟ ବୋଲି ଭାବୁଥିଲେ । ଶ୍ରୀମଦ୍ ଭଗବତ୍ ଗୀତାରେ, ଭଗବାନ ଶ୍ରୀକୃଷ୍ଣ କହିଛନ୍ତି–

"ଚୁତବର୍ଣ୍ଣ ମୟା ସୃଷ୍ଟଂ ଗୁଣକର୍ମ-ବିଭାଗଶଃ" । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୁଦ୍ର–ଏହି ଚାରି ବର୍ଣ୍ଣର ପ୍ରାଧାନ୍ୟାନୁକ୍ରମରେ ତତ୍କାଳୀନ ଭାରତୀୟ ସମାଜ ବିଭକ୍ତ ହୋଇଥିଲା । ବେଦ ଶିକ୍ଷା, ଦେଶରକ୍ଷା, ବାଣିଜ୍ୟ ଏବଂ ସେବା ଏହି ପ୍ରଧାନ ଚାରି ବିଭାଗରେ ସାମାଜିକ କର୍ମ ବିଭାଜନ ହୋଇଥିଲା ଏବଂ ଉକ୍ତ ଚାରି ବର୍ଣ୍ଣର ଲୋକେ କ୍ରମାନୁସାରେ ବଂଶ-ପରଂପରାକ୍ରମେ ଏଥିରେ ନିଯୁକ୍ତ ଥିଲେ । ଏହି ବର୍ଣ୍ଣ ବିଭାଜନରେ ପ୍ରତି ବର୍ଣ୍ଣର ସାମାଜିକ ସମ୍ପର୍କ ନିଜସ୍ୱ ଥିଲା ଏବଂ ବର୍ଣ୍ଣ ବର୍ଣ୍ଣ ମଧ୍ୟରେ ସମ୍ପର୍କ ନିର୍ଦ୍ଧାରିତ ଏବଂ ସୀମିତ ଥିଲା । ବର୍ଣ୍ଣାନ୍ତର ଏକ ସମାଜ ବିରୋଧୀ କାର୍ଯ୍ୟ ରୂପେ ଗଣ୍ୟ ହେଉଥିଲା ଏବଂ ଖାଦ୍ୟ ଗ୍ରହଣ, ବୈବାହିକ ସମ୍ବନ୍ଧ ସ୍ଥାପନ, ସାମାଜିକ ଚଳଣିର ସ୍ୱାତନ୍ତ୍ର୍ୟ ଆଦି ପ୍ରତି ବର୍ଣ୍ଣ ମଧ୍ୟରେ ସୀମିତ ଥିଲା ।

କ୍ରମେ ଭାରତୀୟ ସମାଜରେ ଜାତି ବିଭାଗ ପ୍ରଥା ପ୍ରଚଳିତ ହେଲା । ଯଦିଓ ଅନେକେ ବର୍ଣ୍ଣ ଏବଂ ଜାତିକୁ ଏକ ବୋଲି ଭାବନ୍ତି ତଥାପି ଏହା ଏକ ନୁହେଁ । ବର୍ଣ୍ଣ ବିଭାଗ ଗୁଣ-କର୍ମାଶ୍ରୟୀ ହୋଇଥିବା ସ୍ଥଳେ ଜାତି ବିଭାଗ ରାଜନୈତିକ ଏବଂ ଅର୍ଥନୈତିକ ଅବସ୍ଥାଶ୍ରୟୀ । ତେଣୁ ଆମେ ରାଜନୈତିକ ଓ ଅର୍ଥନୈତିକ ଅବସ୍ଥାନୁସାରେ କ୍ରମେ ପ୍ରତିବର୍ଣ୍ଣ ମଧ୍ୟରେ ଅନେକ ଜାତିର ସୃଷ୍ଟି ହେବା ଦେଖୁ । ଭାରତ ଏକ କୃଷି ପ୍ରଧାନ ଦେଶ ଏବଂ ଏହାର ଅର୍ଥନୀତି ମଖ୍ୟତଃ କୃଷି ଭିତ୍ତିକ । ସଭ୍ୟତାର ଅଗ୍ରଗତି ସଙ୍ଗେ ସଙ୍ଗେ ରାଜନୀତି ଓ ଅର୍ଥନୀତିରେ ପରିବର୍ତ୍ତନ ସଂଘଟିତ ହେଲା ଏବଂ ବର୍ଣ୍ଣଗତ ଶ୍ରେଣୀବିଭାଗରେ ମଧ୍ୟ ଏହାର ପ୍ରଭାବ ପଡ଼ିଲା । ସମାଜରେ କର୍ମ ବିଭାଜନ ଏକ ଜଟିଳ ପର୍ଯ୍ୟାୟରେ ପହଞ୍ଚିଲା ଏବଂ ଏହା ବହୁମୁଖୀ ହେଲା । ଗଣଗତ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ଏହି ବହୁମୁଖୀ କର୍ମ ବିଭାଜନ ସହ ସାମାଜିକ ମର୍ଯ୍ୟାଦାବୋଧର ସମ୍ପୃକ୍ତ ଅନୁଭବ ହେଲା । ଏହି ମର୍ଯ୍ୟାଦାବୋଧ ଜାତି ବିଭାଗକୁ ଜଟିଳ କଲା ଏବଂ ଉଚ୍ଚ ନୀଚ ଭେଦଭାବର ପାଚେରି ଜାତି ଜାତି ମଧ୍ୟରେ ଗଢ଼ି ଉଠିଲା । ସେତେବେଳେ ଭାରତୀୟ ରାଜନୀତି ସାମନ୍ତବାଦ ଉପରେ ପ୍ରତିଷ୍ଠିତ ଥିଲା ଏବଂ ରାଜ୍ୟ ଶାସନ ରାଜାମାନଙ୍କ ଦ୍ୱାରା ଚାଲୁଥିଲା । ଏହି ରାଜାମାନେ ନିଜକୁ ଧର୍ମର ରକ୍ଷକ ବୋଲି ମନେ କରୁଥିଲେ ଏବଂ ଜାତି ପ୍ରଥା ରକ୍ଷାକରିବାର ଦାୟିତ୍ୱକୁ ଏକ କର୍ତ୍ତବ୍ୟ ବୋଲି ଭାବୁଥିଲେ । ଫଳରେ ଭାରତୀୟ ସମାଜ ଉଚ୍ଚ ନୀଚ ଜାତିଆଣ ଭାବକୁ ଗ୍ରହଣ କରିନେଲା । ରାଜାମାନେ ଉଚ୍ଚ ପଦବୀ ପାଇଁ ଉଚ୍ଚଜାତିର ଲୋକଙ୍କୁ ବାଛୁଥିଲେ ଏବଂ ଏହି ପ୍ରଭେଦ ଅନୁଯାୟୀ କ୍ରମେ ସମାଜରେ ଛୁଆଁ ଓ ଅଛୁଆଁର ଭେଦଂ ଭାବ ସୃଷ୍ଟି ହେଲା । ଉଚ୍ଚ ଜାତିର ଲୋକେ ନୀଚ ଜାତିର ଲୋକଙ୍କୁ ଘୃଣା କଲେ ଏବଂ ନୀଚ ଜାତିର ଲୋକେ ଉଚ୍ଚ ଜାତି ଲୋକଙ୍କ ଦ୍ୱାରା ନାନାଭାବେ ଅତ୍ୟାଚରିତ ହେଲେ ।

ଏହି ଜାତି ବିଭାଗ ଭାରତୀୟ ସମାଜର ଏକ ପ୍ରଧାନ ଦିଗ । ଜାତି ବିଭାଗର ଅନୁଧ୍ୟାନ ନକଲେ ଭାରତୀୟ ସାମାଜିକ ସମ୍ପର୍କ ସମ୍ବନ୍ଧରେ ଜ୍ଞାନ ଆହରଣ କରିବା ଏକ ବିଡ଼ମ୍ବନା । ଭାରତ ବ୍ୟତୀତ ଅନ୍ୟ କୌଣସି ଦେଶରେ ଜାତି ବିଭାଗର ଏପରି ପ୍ରଭାବ ଦେଖିବାକୁ ମିଳେ ନାହିଁ । ଏହାର ପ୍ରଭାବ ଭାରତୀୟ ସାମାଜିକ ସମ୍ପର୍କ କ୍ଷେତ୍ରରେ ସୁଦୂରପ୍ରସାରୀ ଏବଂ ଏହାକୁ ସାମାଜିକ ସମ୍ପର୍କର ମଣ୍ଡ ନିୟାମକଭାବେ ଧରି ନିଆଯାଇପାରେ । ଜାତି ବିଭାଗର ବୈଶିଷ୍ଟ୍ୟ ଏହି ଯେ, ଏହା ଏକ ଦୃଢ଼ ସାମାଜିକ ବ୍ୟବସ୍ଥା । ଉକ୍ତ ବ୍ୟବସ୍ଥା ମଧ୍ୟରେ ଏକ ଜାତିରୁ ଅନ୍ୟ ଜାତି ହେବା ଅସମ୍ଭବ, ଯଦିଓ ରାଜା ବା ସାମନ୍ତମାନେ ଇଚ୍ଛା କଲେ ଏକ ନୀଚ ଜାତିର ଲୋକକୁ ଉଚ୍ଚ ଜାତିର ଅଧିକାର ଦେଇପାରୁ ଥିଲେ । ଏଥିରୁ ଜାତି ବିଭାଗ ଜଡ଼ିତ ମର୍ଯ୍ୟାଦାବୋଧର ସଂମହଣ ବଢ଼ାପଡ଼େ । ଏହି ଜାତି ପରିବର୍ତ୍ତନ ଏତେ ସୀମିତ ଏବଂ ଏହାର ସଂଖ୍ୟା ଏତେ ନଗଣ୍ୟ ଯେ ଏଥିରୁ ଭାରତୀୟ ସମାଜରେ ଜାତି ବିଭାଗକୁ ଏକ ମନ୍ଦ ବ୍ୟବସ୍ଥା ବୋଲି କୁହାଯାଇ ପାରିବ ନାହିଁ ।

ଜାତି ପରିବର୍ତ୍ତନ ଜାତି ବିଭାଗରେ ଏକ କ୍ଷୁଦ୍ର ଉଦାହରଣ ଏକ ନମୁନା ମାତ୍ର । ପ୍ରକୃତରେ ଦେଖିବାକୁ ଗଲେ ଜାତି ବିଭାଗରେ

ସମସ୍ତ ପ୍ରକାର ସାମାଜିକ ସମ୍ପର୍କ ଏକ ନିର୍ଦ୍ଦିଷ୍ଟ ସୀମାରେଖା ମଧ୍ୟରେ ନିୟନ୍ତ୍ରିତ ହେଉଥିଲା । ଆଗ୍ରହ ବିଷୟ, ପୋଷାକ ପରିଛଦ, ସ୍ୱଳି-ଚଳଣ, ସଂସ୍କୃତିକ କାର୍ଯ୍ୟାନୁଷ୍ଠାନ, ଖାଦ୍ୟ ପେୟ, ରୁଚି ଏବଂ ଶାଳୀନତା ପ୍ରଦର୍ଶନ, ଖାଦ୍ୟ ଗ୍ରହଣ, ବୈବାହିକ ସମ୍ବନ୍ଧ ସ୍ଥାପନ, କର୍ମ ପରିବେଶ ଆଦି ପ୍ରତ୍ୟେକ କ୍ଷେତ୍ରରେ ପ୍ରତ୍ୟେକ ଜାତି ପ୍ରତ୍ୟେକ ଜାତିଠାରୁ ସ୍ୱତନ୍ତ୍ର । ନୀଚ ଜାତିର ଲୋକେ ଉଚ୍ଚ ଜାତିର ଲୋକଙ୍କୁ ଅନୁକରଣ କରିବା ଏକ ସାମାଜିକ ବିଧି-ନିଷେଧ ରୂପେ ପରିଗଣିତ ହେଉଥିଲା । ପ୍ରତ୍ୟେକ ଜାତି ନିଜ ନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରିବାରେ ସର୍ବଦା ଚେଷ୍ଟିତ ଥିଲା ଏବଂ ଏଥିରେ ଜାତି ମୁଖିଆମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ନିର୍ଦ୍ଦିଷ୍ଟ ସୀମାରେଖା ବାହାରେ କୌଣସି ପ୍ରକାର କାର୍ଯ୍ୟ କରିବା ଦଣ୍ଡନୀୟ ଅପରାଧ ଥିଲା । ଜାତିଭେଦ ଥିବା ସମାଜରେ ଯଦିଓ ଜାତି ସାମାଜିକ ସମ୍ପର୍କରେ ମୁଖ୍ୟ ସ୍ଥାନ ଅଧିକାର କରୁଥିଲା ତଥାପି ଧନ ଏବଂ କ୍ଷମତା ଏହି କ୍ଷେତ୍ରରେ ଏକ ଗୌଣ ସ୍ଥାନ ଅଧିକାର କରୁଥିଲା । ଭାରତ ଏକ କୃଷି ପ୍ରଧାନ ଦେଶ ହୋଇ ଥିବାରୁ ଭୂମି ଅଧିକାର ସାମାଜିକ ମର୍ଯ୍ୟାଦା ସ୍ଥଳରେ ବହୁତ ସହାୟକ ହେଉଥିଲା । ସାଧାରଣତଃ ବହୁ ଭୂମିର ମାଲିକମାନେ ଉଚ୍ଚଜାତିର ଥିଲେ ଏବଂ ନୀଚ ଜାତିର ଲୋକମାନେ ଅଳ୍ପ ଭୂମିର ମାଲିକ ଥିଲେ । ତଥାପି କେତେକ କ୍ଷେତ୍ରରେ ଦେଖାଯାଉଥିଲା ଯେ ଲୋକ ଉଚ୍ଚ ଜାତିର ହୋଇଥିଲେ ମଧ୍ୟ ଯଦି ଭୂମିହୀନ ହୋଇଥିଲେ ଅଥଚ ନୀଚ ଜାତିର ଲୋକେ ଭୂମିବାନ ହୋଇଥିଲେ ସାମାଜିକ ମର୍ଯ୍ୟାଦା ଲାଭ ପାଇବାରେ ନୀଚ ଜାତିର ଲୋକେ ଉଚ୍ଚ ଜାତିର ଲୋକଠାରୁ ଅଗ୍ରାଧିକାର ପାଉଥିଲେ । କ୍ଷମତା ଧନ ସାମାଜିକ ମର୍ଯ୍ୟାଦାର ପରିମାପକ ହୋଇ-ଥିବା ଦୃଷ୍ଟିରୁ ଉଚ୍ଚ ଜାତିର ଲୋକମାନଙ୍କ ମଧ୍ୟରେ ଏଥିଲାଗି ପ୍ରତିଯୋଗିତା ଲାଗି ରହୁଥିଲା । ତଦାନୀନ୍ତନ ସମାଜରେ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟମାନଙ୍କ ମଧ୍ୟରେ ଏହି କ୍ଷମତା ଏବଂ ଧନ ଲାଗି ପ୍ରତିଯୋଗିତା ଆମ୍ଭେମାନେ ଦେଖିବାକୁ ପାଉ । ଜାତି ପ୍ରଧାନ ସାମାଜିକ ଅବସ୍ଥାରେ ଏକ ପ୍ରକାର କ୍ଷମତା ଓ ଧନ ଥିଲେ ସୁଦ୍ଧା ସାମାଜିକ ମର୍ଯ୍ୟାଦା ସ୍ଥଳରେ ଜାତିଗତ ଉତ୍କର୍ଷ ପ୍ରାଧାନ୍ୟ ଲାଭ କରୁଥିଲା ।

ଇଂରେଜ ରାଜତ୍ୱ କାଳରେ ଭାରତରେ ସାମାଜିକ କ୍ଷେତ୍ରରେ ବହୁତ ପରିବର୍ତ୍ତନ ହୋଇଥିଲା । ଇଂରେଜମାନଙ୍କ ପ୍ରବର୍ତ୍ତିତ ନ୍ୟାୟାଳୟମାନଙ୍କରେ ଦେଶର ସର୍ବତ୍ର ଏକ ପ୍ରକାର ଦଣ୍ଡବିଧି କୋଡ (ପେନାଲ) ଲାଗୁ ହେବା, ବିଧବା ବିବାହ ଆଦି କେତେକ ସଂସ୍କାରମୂଳକ ଆଇନର ପ୍ରବର୍ତ୍ତନ, ଜାତି-ବର୍ଣ୍ଣ ନିର୍ବିଶେଷରେ ସମାନ ନାଗରିକ ଅଧିକାର ଉପଭୋଗ କରିବାର ବ୍ୟବସ୍ଥା, ଭାରତୀୟ ସାମାଜିକ ଜାତି ବିଭାଗରେ ଥିବା ଏକତାବୋଧ ଉପରେ କୁଠାରଘାତ କଲା ଯାହା ଫଳରେ ଜାତି ବିଭାଗରେ ଥିବା ସାମାଜିକ ସ୍ୱାର୍ଥପରତା ବହୁ ପରିମାଣରେ ଦୂରୀଭୂତ ହେଲା ଏବଂ ଜାତି ମୁଖ୍ୟମାନଙ୍କର ଦୌରାତ୍ମ୍ୟ ହ୍ରାସ ପାଇଲା ।

ଇଂରେଜ ଶାସନ କାଳରେ ଭାରତରେ ପ୍ରଥମଥର ପାଇଁ ଧାରାବାହିକ ଜନଗଣନାର ସୂତ୍ରପାତ ହେଲା । ପ୍ରଥମ ତିନୋଟି ଜନ-ଗଣନାରେ ଜାତି ବିଭାଗ ସ୍ଥାନ ପାଇଥିଲା ଏବଂ ଜାତି ଗୁଡ଼କୁ ଉଚ୍ଚ ନୀଚ କ୍ରମରେ ସଜା ଯାଇଥିଲା । ଏହି ଜନଗଣନା ଗୁଡ଼ିକରେ ଦେଖାଗଲା ଯେ ପ୍ରତ୍ୟେକ ପ୍ରଦେଶ-ରେ ଥିବା ଜାତି ସଂଖ୍ୟା ଶତାଧିକ ଏବଂ ଏହି ଜାତିର ଲୋକମାନେ ପ୍ରତିଥର ସେ-ମାନଙ୍କ ଜାତିକୁ ଉଚ୍ଚ ସ୍ତରରେ ଗଣିବା ପାଇଁ ଚେଷ୍ଟା କରୁଥିଲେ । ଉଚ୍ଚ ଜାତି ସହ ସାମାଜିକ ମର୍ଯ୍ୟାଦା ଜଡ଼ିତ ହୋଇଥିବାରୁ ଏବଂ ଜନଗଣନାରେ ଉଚ୍ଚସ୍ଥାନ ପାଇବା ଏକ ସରକାରୀ ସ୍ୱୀକୃତି ବୋଲି ଧାରଣା ହେବାରୁ ସେତେବେଳେ ଜାତି ଜାତି ମଧ୍ୟରେ ଏଥିଲାଗି ପ୍ରବଳ ବାଦାନୁବାଦ ହେବା ଆରମ୍ଭ ହୋଇଥିଲା । ନୀଚ ଜାତିରୁ ଉଚ୍ଚ ଜାତି ହେବା ସାମାଜିକ ଅବସ୍ଥାରେ ସମ୍ଭବପର ହେଉ ନ ଥିବାରୁ ଏବଂ ଜନଗଣନା ମାଧ୍ୟମ-ରେ ଜାତି ମର୍ଯ୍ୟାଦା ବଢ଼ାଇ ଦେବାର ଅବକାଶ ଥିବାରୁ ସେତେବେଳେ ପ୍ରତ୍ୟେକ ଜାତି ନିଜ ନିଜର କର୍ମକୁ ମର୍ଯ୍ୟାଦା ସ୍ତରକୁ ଉନ୍ନତ କରିବା ପାଇଁ ଚେଷ୍ଟା କରୁଥିଲେ । ଏହି ସମୟରେ ଜାତିଗତ ବିବାଦ ଏପରି ଆକାର ଧାରଣ କଲା ଯେ ସରକାର ବାଧ୍ୟ ହୋଇ ଏହାକୁ ଚତୁର୍ଥ ଜନଗଣନା ଠାରୁ ବାଦ ଦେଲେ । ଏଥିରୁ ଲକ୍ଷ୍ୟ କରାଯାଇ ପାରେ ଯେ ସାମାଜିକ ସମ୍ପର୍କ ସ୍ଥାପନରେ ଜାତିର ସ୍ଥାନ ତତ୍କାଳୀନ ସମାଜରେ ଏକ ମୁଖ୍ୟ-ସ୍ଥାନ ଗ୍ରହଣ କରିଥିଲା ।

ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଭାରତରେ 'ସଂସ୍କୃତକରଣ' ଏବଂ 'ପାଶ୍ଚାତ୍ୟ କରଣ' ର ଧାରା ପ୍ରବାହିତ ହେଲା । ଇଂରେଜ ଶାସନ ଏହି ସାମାଜିକ ପରିବର୍ତ୍ତନ ଧାରାର ସହାୟକ ହୋଇଥିଲା । ସେହି ସମୟରେ ଭାରତରେ ପ୍ରଚଳିତ ଶାସନ ପଦ୍ଧତି, ଶିକ୍ଷା, ଯୋଗା-ଯୋଗର ଉନ୍ନତି ଏବଂ ସଂସ୍କାରକମାନଙ୍କର ପ୍ରୟାସ ଏହି ନୂତନ ସାମାଜିକ ଅଭ୍ୟୁତ୍ଥାନର ପରିପୂରକ ହୋଇଥିଲା । ଉଚ୍ଚଜାତିର ଲୋକମାନଙ୍କର ନୀଚ ଜାତିର ଲୋକ-ମାନଙ୍କ ପ୍ରତି ଅତ୍ୟାଚାର, ନୀଚ ଜାତି ଲୋକ-ମାନଙ୍କର ସାମାଜିକ ସୁଖ-ସୁବିଧାରୁ ବଞ୍ଚିତ ଅବସ୍ଥା ଏବଂ ଉଚ୍ଚଜାତି ଲୋକମାନଙ୍କର ସମାଜର ପ୍ରତ୍ୟେକ ସ୍ତରରେ ଆଧିପତ୍ୟ ତତ୍କାଳୀନ ସମାଜରେ ଏକ ଅନ୍ତଃଆଲୋ-ଡ଼ନ ସୃଷ୍ଟି କରିଥିଲା ଏବଂ ଏହି ପରିପ୍ରେକ୍ଷୀରେ ନୀଚ ଜାତିର ଲୋକ ସମାଜରେ ସେମାନଙ୍କର ସ୍ଥାନ ଉଚ୍ଚ କରିବାରେ ସତତ ଚେଷ୍ଟିତ ଥିବା ଅବସ୍ଥାରେ ଉକ୍ତ ପରିବର୍ତ୍ତନର ଧାରା ସେମାନଙ୍କର ସହାୟକ ହୋଇଥିଲା । ନୀଚ ଜାତିର ଲୋକେ କ୍ରମେ ଉଚ୍ଚ ଜାତି ଲୋକ-ମାନଙ୍କର ଜୀବନ ଯାପନ ପ୍ରଣାଳୀ, ବେଶ ଭୂଷା, ଖାଦ୍ୟପେୟ ଏବଂ ସାମାଜିକ ଅନୁଷ୍ଠାନ ମାନଙ୍କର ଅନୁକରଣ କରିବାରେ ଲାଗିଲେ । ଏହି ଅନୁକରଣ ଫଳରେ ସେ-ମାନେ ସେମାନଙ୍କର ଜୀବନ ଯାପନରେ ଉନ୍ନତି ଲାଭ କରିବା ସଙ୍ଗେ ସଙ୍ଗେ ସାମାଜିକ ସମ୍ପର୍କ ସ୍ଥାପନରେ ଉଚ୍ଚ ଜାତିର ଲୋକ-ମାନଙ୍କର ସମକକ୍ଷ ହେବାକୁ ଚେଷ୍ଟା କଲେ ।

ଇଂରେଜ ଶାସନ ଅମଳରେ ପାଶ୍ଚାତ୍ୟ ଭାବଧାରା ଭାରତରେ ପ୍ରବାହିତ ହେବାକୁ ଲାଗିଲା । ପାଶ୍ଚାତ୍ୟ ଶିକ୍ଷା, ସଭ୍ୟତା ସଂସ୍କୃତି ସଂସ୍ପର୍ଶରେ ଆସି ଲୋକମାନେ ତାହା ପ୍ରତି ଆକୃଷ୍ଟ ହେଲେ । ଊନବିଂଶ ଶତାବ୍ଦୀରେ ପାଶ୍ଚାତ୍ୟ ଜଗତରେ ସଂଘଟିତ ହୋଇଥିବା ଶିଳ୍ପ ବିପ୍ଳବ, ଫରାସୀ ବିପ୍ଳବ ଏବଂ ରୁଷ ବିପ୍ଳବର ସାମାଜିକ ଓ ଅର୍ଥ-ନୈତିକ ପ୍ରଭାବ ଭାରତରେ ଅନୁଭୂତ ହେଲା । ଲୋକମାନଙ୍କର ଜୀବନଯାପନ ପ୍ରଣାଳୀ ପାଶ୍ଚାତ୍ୟାଭିମୁଖୀ ହେବାକୁ ଆରମ୍ଭ କଲା । ଏହି ପାଶ୍ଚାତ୍ୟକରଣର ସୁବିଧା କେବଳ ଉଚ୍ଚଜାତିର ଲୋକମାନେ ପାଉଥିଲେ । ପାଶ୍ଚାତ୍ୟକରଣ ଲାଗି ଶିକ୍ଷା, ପଦବୀ ଏବଂ ଅର୍ଥ ଆବଶ୍ୟକ ହେବାରୁ କେବଳ ଅର୍ଥ-ନୈତିକ ଦୃଷ୍ଟିରୁ ସ୍ୱଚ୍ଛଳ ବ୍ୟକ୍ତିମାନେ ଏହାର ସୁଯୋଗ ନେଲେ ଏବଂ ଉଚ୍ଚ ଜାତିର ଲୋକମାନଙ୍କର ଅର୍ଥନୈତିକ ସ୍ୱଚ୍ଛଳତା ଥିବାରୁ ସେମାନେ ଏହାଦ୍ୱାରା ଉପକୃତ ହେଲେ । ଏହାଦ୍ୱାରା ଜାତି ଜାତି ମଧ୍ୟରେ ଥିବା ସାମାଜିକ ପାର୍ଥକ୍ୟର ବ୍ୟବଧାନ ହ୍ରାସ ପାଇଲା । ସମାଜର ଅତି ନୀଚ ସ୍ତରରେ ଥିବା ଲୋକେ ଏହା ଦ୍ୱାରା କୌଣସିମତେ ଉପକୃତ ହୋଇପାରି ନଥିଲେ । ଏଠାରେ ଲକ୍ଷ୍ୟ କରିବାର କଥା ଯେ ସାମାଜିକ ସମ୍ପର୍କ ସ୍ଥାପନରେ ଲୋକମାନଙ୍କର ମନୋଭାବର ପରିବର୍ତ୍ତନ ହୋଇଥିଲେ ସୁଦ୍ଧା ଜାତିଗତ ପ୍ରଭେଦ ଦୂର ହୋଇପାରି ନଥିଲା ଓ ସମାଜ-ରେ ଛୁଆଁ ଅଛୁଆଁ ଭେଦଭାବ ଅବ୍ୟାହତ ରହିଥିଲା ।

ଶିଳ୍ପ ବିପ୍ଳବ ଫଳରେ ପାଶ୍ଚାତ୍ୟ ଦେଶ-ମାନଙ୍କରେ ବିଜ୍ଞାନ, କାରିଗରି ବିଦ୍ୟା, ବାଷ୍ପୀୟଯାନ ଓ ଉତ୍ପାଦନ ପାଇଁ ବ୍ୟବହୃତ ଯନ୍ତ୍ରପାତିର ପ୍ରଭୂତ ଉନ୍ନତି ସାଧିତ ହେଲା । ଏହା ଦେଶର ଅର୍ଥନୀତିକୁ ଦୃଢ଼ କରିବା ସଙ୍ଗେ ସଙ୍ଗେ ଲୋକମାନଙ୍କର ଜୀବନ ଧାରଣର ମାନ ବଢ଼ାଇଲା ଏବଂ ସାମାଜିକ ସ୍ତରରେ ବହୁ ପରିବର୍ତ୍ତନ ଆଣିଦେଲା । ଶିଳ୍ପ ବିପ୍ଳବର ପ୍ରଭାବ ଯେତେବେଳେ ଭାରତ-ଭୂମିରେ ଅନୁଭୂତ ହେଲା, ସେତେବେଳେ ଭାରତର ଅର୍ଥନୀତି, ରାଜନୀତି ଓ ସାମାଜିକ ସ୍ତରରେ ମଧ୍ୟ ଆଲୋଡ଼ନ ସୃଷ୍ଟି ହେଲା । ସାମାଜିକ ସ୍ତରରେ ଏହି ସମୟରେ ଭାରତରେ ପାଶ୍ଚାତ୍ୟ ଦେଶଭଳି ଏକ ନୂତନ ଶ୍ରେଣୀ

ବିଭାଗର ସୂତ୍ରପାତ ହେଲା । ଏହି ଶ୍ରେଣୀ ବିଭାଗ ଶିକ୍ଷା, ପଦବୀ ଏବଂ ଅର୍ଥର ମାନଦଣ୍ଡରେ ମପାଗଲା । ବୁଦ୍ଧିଜୀବୀ, ଶ୍ରମିକ, କୃଷକ ଆଦି ବିଭିନ୍ନ ଶ୍ରେଣୀ ସମାଜରେ ଦେଖା ଦେଲେ ଏବଂ ଏହି ଶ୍ରେଣୀ ବିଭାଗ ଜାତି ବିଭାଗଠାରୁ ସ୍ୱତନ୍ତ୍ର ହୋଇ ରହିଲା । ନୀଚ ଜାତିର ଲୋକ ଶିକ୍ଷା, ପଦବୀ ଏବଂ ଅର୍ଥ ବଳରେ ଉଚ୍ଚ ଶ୍ରେଣୀର ମର୍ଯ୍ୟାଦା ଲାଭ କଲା । ଜାତିଗତ ଉତ୍କର୍ଷ ଥାଇ ମଧ୍ୟ ଯଦି ଜଣେ ଶିକ୍ଷା, ପଦବୀ ଏବଂ ଧନର ମାନଦଣ୍ଡରେ ନୀଚ ସ୍ତରରେ ରହିଲା, ତେବେ ସେ ସାମାଜିକ ମର୍ଯ୍ୟାଦା ଲାଭରୁ ବଞ୍ଚିତ ହେଲା । ଫଳରେ ପୂର୍ବ ପ୍ରଚଳିତ ସାମାଜିକ ସମ୍ପର୍କର ପରିବର୍ତ୍ତିତ ପରିସ୍ଥିତିରେ ବହୁତ ପରିବର୍ତ୍ତନ ଆସିଲା । ଏହି ପରିବର୍ତ୍ତନରେ ଦେଖାଗଲା ଯେ ଜାତି ବିଭାଗରେ ନୀଚ ସ୍ତରରେ ରହୁଥିବା ଲୋକ ମଧ୍ୟ ଶ୍ରେଣୀ ବିଭାଗରେ ପ୍ରାୟ ନୀଚ ସ୍ଥାନରେ ରହିଲା । ସ୍ୱାଧୀନତା ପରବର୍ତ୍ତୀକାଳରେ ନୀଚ ଜାତିର ଲୋକେ ସମାଜରେ ଉଚ୍ଚ ଶ୍ରେଣୀ ଭୁକ୍ତ ହେବା ଦିଗରେ ସାମାଜିକ ପ୍ରଚେଷ୍ଟା ପ୍ରଭୃତ ସାହାଯ୍ୟ କଲା ।

ସାମାଜିକ ସମ୍ପର୍କ ସ୍ଥାପନ ଏବଂ ଜାତିଗତ ଭେଦଭାବ ଦୂର କରିବାରେ ସ୍ୱାଧୀନତା ଆନ୍ଦୋଳନର ପ୍ରଭାବ ଭାରତୀୟ ସମାଜରେ ପଡିଥିଲା । ବିଦେଶୀ ଶାସନରୁ ମୁକ୍ତ ହେବା ଲାଗି ସମାଜର ପ୍ରତ୍ୟେକ ସ୍ତରର ଲୋକମାନଙ୍କ ମଧ୍ୟରେ ଏକ ଅଭୂତପୂର୍ବ ଜାଗରଣ ଦେଖା ଦେଲା ଏବଂ ଏହି ସମାଜକୁ ଏକତା ସୂତ୍ରରେ ଆବଦ୍ଧ କଲା । ମହାତ୍ମା ଗାନ୍ଧୀଙ୍କର ଅସ୍ପୃଶ୍ୟତା ଆନ୍ଦୋଳନ ସମାଜର ଦୁର୍ବଳତର ଶ୍ରେଣୀ ତଥା ଅଛୁଆଁ ଜାତିମାନଙ୍କ ସହ ସାମାଜିକ ସମ୍ପର୍କ ସ୍ଥାପନ କ୍ଷେତ୍ରକୁ ଅଧିକ ପ୍ରଶସ୍ତ କଲା । ଅସ୍ପୃଶ୍ୟମାନଙ୍କର ଦେବ ମନ୍ଦିରରେ ପ୍ରବେଶ, ସାଧାରଣ ସାମାଜିକ ଅନୁଷ୍ଠାନରେ ଯୋଗଦାନ, ସାଧାରଣ ଶିକ୍ଷା ଲାଭ ଏବଂ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସମ ଅଧିକାର ଭାରତରୁ ଛୁଆଁ ଅଛୁଆଁ ଭେଦ ଭାବର ବିଲୋପ ସାଧନ କରିବାରେ ସାହାଯ୍ୟ କଲା । ଫଳରେ ନୀଚ ଜାତିର ଲୋକ ଉଚ୍ଚ ଜାତିର ଲୋକମାନଙ୍କ ନିକଟ ସମ୍ପର୍କରେ ଆସିବାର ସୁଯୋଗ ଲାଭ କଲେ ।

ସ୍ୱାଧୀନତାର ପରବର୍ତ୍ତୀ କାଳରେ ଭାରତର ଅର୍ଥନୀତିରେ ତଥା ସାମାଜିକ ସାମ୍ୟବାଦୀ ଢାଞ୍ଚାରେ ସମାଜ ଗଠନକୁ ଭାରତର ନୀତି ବୋଲି ସ୍ୱୀକାର କରାଗଲା । ସାମ୍ୟବାଦ, ସମାଜବାଦ, ନିର୍ବାଚନ, ରାଜନୈତିକ ଦଳ, ଶିକ୍ଷା, ଶିଳ୍ପୀକରଣ ଏବଂ ସହରାଞ୍ଚଳ ଗଠନ ଆଦି ଅନୁଷ୍ଠାନଗୁଡିକ ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଗଢି ଉଠିବା ଫଳରେ ସାମାଜିକ ସମ୍ପର୍କ କ୍ଷେତ୍ରରେ ଦେଖା ଦେଉଥିବା ଦୂରତ୍ୱ ଦ୍ରୁତ ହ୍ରାସ ପାଇଲା । ଉକ୍ତ ଅନୁଷ୍ଠାନଗୁଡିକ ସାମ୍ବିଧାନିକ ସ୍ୱୀକୃତି ପ୍ରାପ୍ତ ହେଲା ପରେ ପୂର୍ବ ପ୍ରଚଳିତ ବଂଶ ପରମ୍ପରାଗତ ଜାତି ବିଭାଗ, ସାମାଜିକ ମର୍ଯ୍ୟାଦା ସ୍ତରଭେଦ ଜନ୍ମଗତ ଏବଂ ଜାତିଗତ ଅଧିକାରର ବିଲୋପ ଘଟିଲା । ଉକ୍ତ ଅନୁଷ୍ଠାନଗୁଡିକ ସମାଜର ତଳ ସ୍ତରର ଲୋକମାନଙ୍କୁ ମାନବିକ ଓ ସାମାଜିକ ଅଧିକାର ପ୍ରଦାନ କରିବା ଦ୍ୱାରା ସେମାନଙ୍କର ଆତ୍ମବିଶ୍ୱାସର ଜାଗରଣ ହେଲା ଏବଂ ସେମାନେ ମଧ୍ୟ ନିଜର ଅର୍ଥନୈତିକ ଓ ସାମାଜିକ ଉନ୍ନତି ଘଟାଇବା ପାଇଁ ଚେଷ୍ଟାବାନ ହେଲେ ।

ଅର୍ଥନୈତିକ ବିକାଶ ଫଳରେ ଗ୍ରାମ ବହୁଳ ଭାରତରେ ସହରାଞ୍ଚଳମାନ ଗଢି ଉଠିଲା । ଏହି ସହରଗୁଡିକ ଶିକ୍ଷା, ଶିଳ୍ପ, ବାଣିଜ୍ୟ ଓ ବ୍ୟାପାର କେନ୍ଦ୍ର ହେଲା । ଏହି ସହରଗୁଡିକରେ ସ୍ଥାନୀୟ ଅଧିବାସୀମାନଙ୍କ ସହ ବିଭିନ୍ନ ସ୍ଥାନରୁ ବୃତ୍ତି ଅନୁସନ୍ଧାନରେ ବିଭିନ୍ନ ପ୍ରକାର ଲୋକ ଆସି ବାସ କରିବାକୁ ଲାଗିଲେ । ଫଳରେ ସହର ଗୁଡିକର ଜନସଂଖ୍ୟା ବଢିବାକୁ ଲାଗିଲା ଏବଂ ସେମାନଙ୍କ ମଧ୍ୟରେ ସାମାଜିକ ସମ୍ପର୍କ ସ୍ଥାପିତ ହେଲା । ସହରରେ ବାସ କରୁଥିବା ଜନସମାଜ ଏବଂ ଗ୍ରାମାଞ୍ଚଳରେ ବାସ କରୁଥିବା ଜନସମାଜର ଗୁଣଗତ ପାର୍ଥକ୍ୟ ସେମାନଙ୍କର ସାମାଜିକ ସମ୍ପର୍କ ସ୍ଥାପନରେ ପ୍ରତିଫଳିତ ହେବା ସ୍ୱାଭାବିକ । ଗ୍ରାମାଞ୍ଚଳରେ କୃଷି ଗ୍ରାମୀଣମାନଙ୍କର ମୁଖ୍ୟ ଉପଜୀବ୍ୟ ହୋଇଥିବା ସ୍ଥଳେ ସହରାଞ୍ଚଳ ଜନସମାଜର ବୃତ୍ତି ମୁଖ୍ୟ ଉପଜୀବ୍ୟ ହେଲା ଏବଂ ଗ୍ରାମୀଣମାନଙ୍କ ମଧ୍ୟରେ ପୁରୁଷାନୁକ୍ରମେ ପରିଚୟ ଥିବା ସ୍ଥଳେ ସହର ଅଧିବାସୀମାନଙ୍କ ମଧ୍ୟରେ ପରିଚୟ ସ୍ୱଳ୍ପକାଳ ମଧ୍ୟରେ ସୀମିତ । ଏପରି ସହରାଞ୍ଚଳରେ ପଡୋଶୀ ପଡୋଶୀମାନଙ୍କ ମଧ୍ୟରେ ପରିଚିତ ହେବାର ସୁଯୋଗ ଖୁବ କମ୍ । ଏହି ପରିବେଶର ପ୍ରଭାବ ମଧ୍ୟ ପାରସ୍ପରିକ ସମ୍ପର୍କ ଉପରେ ପଡେ । ତେଣୁ ସାମାଜିକ ସମ୍ପର୍କ ରକ୍ଷା କ୍ଷେତ୍ରରେ ଜାତିବିଭାଗ ଗ୍ରାମାଞ୍ଚଳରେ ମୁଖ୍ୟ ସ୍ଥାନ ଅଧିକାର କରିଥିବା ସ୍ଥଳେ ଶ୍ରେଣୀ ବିଭାଗ ସହରାଞ୍ଚଳରେ ମୁଖ୍ୟସ୍ଥାନ ଅଧିକାର କରିଛି । ଶ୍ରେଣୀ ବିଭାଗରେ ସାମାଜିକ ସମ୍ପର୍କ ଜାତି ବିଭାଗରେ ସାମାଜିକ ସମ୍ପର୍କ ଅପେକ୍ଷା ଅପେକ୍ଷାକୃତ ମୁକ୍ତ । ଅର୍ଥନୈତିକ ପ୍ରଗତି ହେବା ସଙ୍ଗେ ସଙ୍ଗେ ଗ୍ରାମ ଓ ସହର ମଧ୍ୟରେ ପାର୍ଥକ୍ୟ ଦ୍ରୁତ ହ୍ରାସ ପାଉଥିବା ବେଳେ ସହରାଞ୍ଚଳରେ ମୁକ୍ତ ସାମାଜିକ ସମ୍ପର୍କ ଗ୍ରାମାଞ୍ଚଳର ସାମାଜିକ ସମ୍ପର୍କରେ କ୍ରମେ ଉନ୍ନତି ଘଟାଉଛି ଏବଂ ଏତଦ୍ୱାରା ଗ୍ରାମାଞ୍ଚଳରେ ଜାତିପ୍ରଥା ଭାବ ମଧ୍ୟ ଦ୍ରୁତ ଭାବରେ ହ୍ରାସ ପାଉଛି । ସାଧାରଣ ସମ୍ପର୍କ ସ୍ଥାପନରେ ଉନ୍ନତି ଲକ୍ଷ୍ୟ କରାଯାଉଥିଲେ ମଧ୍ୟ ଜାତି ବିଭାଗ ଭାରତୀୟ ସମାଜରୁ ସମ୍ପୂର୍ଣ୍ଣ ଲୋପ ପାଇ ପାରିନାହିଁ । ବୈବାହିକ ସମ୍ପର୍କ ସ୍ଥାପନ ଲୌକିକ ଧର୍ମାନୁଷ୍ଠାନ ଏବଂ ଖାଦ୍ୟ ଗ୍ରହଣ ଆଦି କ୍ଷେତ୍ରରେ ଜାତି ବିଭାଗ ଏବେ ମଧ୍ୟ ତା'ର ମୁଖ୍ୟ ସ୍ଥାନ ବଜାୟ ରଖିଛି । ଅଧୁନାତନ ସମାଜରେ ଅନ୍ତର୍ଜାତି ବିବାହ, ଧର୍ମାନୁଷ୍ଠାନରେ ସାର୍ବଜନୀନତା ଦେଖା ଯାଉଥିଲେ ସୁଦ୍ଧା ଏହାର ସଂଖ୍ୟା ଭାରତର ବିଶାଳ ଜନସମାଜ ତୁଳନାରେ ଏତେ ନଗଣ୍ୟ ଯେ ଏଥିରୁ ଭାରତର ଜାତିବିଭାଗର ବିଲୋପ ସାଧନ ହୋଇଛି ବୋଲି ଭାବିବା ବିଡ଼ମ୍ବନା ମାତ୍ର ।

(ଉତ୍କଳ ବିଶ୍ୱବିଦ୍ୟାଳୟ "ଶତନେତ୍ର" ଆଲୋଚନା ଚକ୍ରରେ ଆଲୋଚିତ)

ରିସର୍ଚ୍ଚ ଆସୋସିଏଟ୍
ସେଣ୍ଟର ଅଫ ରିଜିଓନାଲ ଷ୍ଟଡିଜ୍
ଉତ୍କଳ ବିଶ୍ୱବିଦ୍ୟାଳୟ

# ପ୍ରୌଢ଼ ଶିକ୍ଷାର ବହୁବିଧ ଉଦ୍ଦେଶ୍ୟ

ଅଧ୍ୟାପକ ଶ୍ରୀ ଚନ୍ଦ୍ରମଣି ମିଶ୍ର

କଥାରେ ଅଛି "ଛତୁଫୁଟା କାଠ, ନିଶ ଉଠା ପାଠ ।" ଅର୍ଥାତ୍ କାଠରେ ଛତୁ ଫୁଟିଲେ ଯେପରି କାମରେ ଲଗେ ନାହିଁ ସେହିପରି ମଣିଷର ବୟସ ଅଧିକ ହୋଇ ଗଲେ ପାଠ ପଢ଼ିବା ତା ପକ୍ଷରେ ସଂଗତ ନୁହେଁ । କିନ୍ତୁ ଏ କଥା ଯିଏ ଯେତେବେଳେ ଭାବିଥିଲେ ସେତେବେଳେ ମଣିଷ ଚନ୍ଦ୍ରକୁ ଯିବା କଥା ବୋଧ ହୁଏ ସେମାନେ ବିଚାରି ନଥିବେ । ତେଣୁ ମଣିଷ ଚନ୍ଦ୍ରକୁ ଯିବା ଯେପରି ସମ୍ଭବ ହୋଇଛି ସେଏଇ ମଣିଷ ବଡ଼ ହୋଇଗଲେ ମଧ୍ୟ ପାଠ ପଢ଼ିବା ତା ପକ୍ଷରେ ସମ୍ଭବ ହୋଇଛି ।

କେତେକଙ୍କ ମନରେ ପ୍ରଶ୍ନ ଉଠିପାରେ ଯେ ମଣିଷର ବୟସ ଅଧିକ ହୋଇଗଲେ ସେ ଯଦି ତାର ପରିବାର ପୋଷଣ କରି-ପାରିଲା ତେବେ ପାଠ ପଢ଼ିବାର ଆବଶ୍ୟକତା କଣ ? ଏହାର ପ୍ରଥମ ଓ ପ୍ରଧାନ ଉତ୍ତର ହେଉଛି ଯେ ପାଠ ପଢ଼ିଲେ ମଣିଷ ଓ ପଶୁ ଭିତରେ ଥିବା ଫରକ ସେ ଜାଣି ପାରିବ । ମଣିଷର ତ କେବଳ ଖାଇବାର ଆବଶ୍ୟକତା ନଥାଏ, ସେ ଗୋଟିଏ ସାମାଜିକ ଜୀବ ହୋଇ ଥିବାରୁ ସମାଜର ଅନ୍ୟ ଲୋକମାନଙ୍କ ସହିତ ମିଳିମିଶି ଚଳିବା ତାର ନିହାତି ଦରକାର । ସେଥିପାଇଁ ସେ ଭାଷା ଶିଖିବ । ଚାଲିଚଳନ, ଖାଦ୍ୟପାନୀୟ ଏବଂ ମୋଟ ଉପରେ ଅନ୍ୟମାନଙ୍କ ସହିତ ମିଶିବାର ଉପାୟ ଶିଖି ପାରିବ । ଅନୁସଂଧାନରୁ ଜଣାଯାଉଛି ଯେ ପାଠ ପଢ଼ି ଥିବା ଓ ପଢ଼ି ନଥିବା ଲୋକଙ୍କ ବ୍ୟବହାର ଓ କଥାବାର୍ତ୍ତାରେ ଅନେକ ତାରତମ୍ୟ ଥାଏ । ତେଣୁ ପାଠ ପଢ଼ିଲେ ମଣିଷ ଉନ୍ନତ ସଂସ୍କୃତିସଂପନ୍ନ ହୁଏ ।

ପ୍ରୌଢ଼ ଶିକ୍ଷାର ଆଉ ଗୋଟିଏ ଉଦ୍ଦେଶ୍ୟ ହେଲା ଉପଯୁକ୍ତ ଶିଶୁ ପାଳନ । ବୟସ ଅଧିକ ହେଲେ ମଣିଷ ବିବାହ କରି ଘର ସଂସାର କରେ ଏବଂ ବାପମାଆ ହେବାର ଯଥେଷ୍ଟ ସଂଭାବନା ଥାଏ । ପୁଅ ଝିଅ ଜନ୍ମ ହେବା ପରେ ସେମାନଙ୍କର ଲାଳନପାଳନ ବାପମାଆଙ୍କ ଉପରେ ଏକ ଗୁରୁ ଦାୟିତ୍ୱ । କେବଳ ଖାଇବାକୁ ଦେଇ ଦେଲେ ଯେ ପିଲାମାନଙ୍କ ପ୍ରତି ଆମର କର୍ତ୍ତବ୍ୟ ଶେଷ ହୋଇଯାଏ ତା ନୁହେଁ । ପିଲାଟି କେଉଁ ଖାଦ୍ୟ ଖାଇଲେ ହୃଷ୍ଟ ପୁଷ୍ଟ ହୁଏ, ଖାଦ୍ୟ ଉପରେ ମାନସିକ ବିକାଶ ନିର୍ଭର କରୁଥିବା ହେତୁ କେଉଁ ଖାଦ୍ୟ ଖାଇଲେ ସେ ବୁଦ୍ଧିମାନ ଏବଂ କେଉଁ ଖାଦ୍ୟ ଖାଇଲେ ସେ ନିରୋଗ ହୁଏ ତାହା ଜାଣିବା ଦରକାର । ଖାଦ୍ୟ ବ୍ୟତୀତ ପୋଷାକପତ୍ର, ଖେଳନା, ବହି, ଖାତା, କାଗଜ କଲମ ଆଦି ପିଲାର ଦରକାର । ଏସବୁର ଉପଯୋଗିତା ପ୍ରଥମେ ବାପମାଆ ବୁଝି ତାହା ପିଲାକୁ ଯୋଗାଇବା ଦରକାର । ପୁଣି ଆଜିକାଲିର ଶିକ୍ଷା ପ୍ରଣାଳୀ ବଦଳୁଛି ଏବଂ ପିଲାମାନଙ୍କ ପାଇଁ ଯେଉଁ ପ୍ରକାର ପାଠ୍ୟକ୍ରମ ପ୍ରଚଳିତ ହେଉଛି ତାହା କେତେକ ପିଲାଙ୍କ ପାଇଁ ଜଟିଳ ହେଉଥିବା କଥା ଜଣା ପଡୁଛି । ସେପରି ପାଠ୍ୟକ୍ରମକୁ ପିଲାମାନଙ୍କ ହୃଦୟଙ୍ଗମ କରିବା ପାଇଁ ଶିକ୍ଷକମାନଙ୍କୁ ଯେତିକି ପରିଶ୍ରମ କରିବାକୁ ପଡ଼ିବ ବାପମାଆଙ୍କୁ ମଧ୍ୟ ସେତିକି ପରିଶ୍ରମ କରିବାକୁ ହେବ । ତେଣୁ ସେମାନେ ନିଜେ ପଢ଼ିଲେ ଯାଇଁ ପିଲାମାନଙ୍କୁ ପଢ଼ାଇ ପାରିବେ ।

ପାଠ ପଢ଼ିଲେ ଦେଶ ବିଦେଶ କଥା ଜାଣି ହେବ । ଅନେକ ଭାବି ପାରନ୍ତି ଯେ ଆଗ କାଳରେ ଯଦି ଲୋକମାନେ ନିଜ ଗାଁ ଭିତରେ ଥାଇ ପଡ଼ିଶା ଧରି ଖୁବ୍ ସୁଖରେ ଥିଲେ, ତେବେ ଆଜିକାଲି ଦେଶ ବିଦେଶ କଥା ଜାଣିବା ଦରକାର କ'ଣ ? ଅବଶ୍ୟ ସେତେବେଳେ ଲୋକେ ସୁଖରେ ଥିଲେ । କିନ୍ତୁ ସେତେବେଳର ପୃଥିବୀ ଓ ଆଜିକାଲିର ପୃଥିବୀ ଭିତରେ ବହୁତ ପରିବର୍ତ୍ତନ ଆସିଛି । ସାମାଜିକ ଦୃଷ୍ଟିରୁ ଆଜିକାଲିର ପୃଥିବୀ ବହୁତ ଛୋଟ ହୋଇ ଯାଉଛି । ଗମନାଗମନର ସୁବିଧା ହେତୁ କମ ସମୟ ଭିତରେ ଆମେ ଭାରତରୁ ଯାଇ ଇଂଲଣ୍ଡ, ଆମେରିକା ବୁଲି ଆସି ପାରୁଛେ ଓ ସେ ଦେଶରେ ଲୋକେ ଆମ ଦେଶ ବୁଲି ଯାଇ ପାରୁଛନ୍ତି । ଗୋଟିଏ ଦେଶର ଶିକ୍ଷା, ସଂସ୍କୃତି କେବଳ ସେହି ଦେଶରେ ଆଉ ସୀମାବଦ୍ଧ ହୋଇ ନାହିଁ । ଉଦାହରଣ-ସ୍ୱରୂପ ହାରଭାର୍ଡ ବିଶ୍ୱବିଦ୍ୟାଳୟର ଗବେଷକ ପୁରୁଣା ଓ ନୂଆ ଭୁବନେଶ୍ୱର ଉପରେ ଗବେଷଣା କରି ଯାହା ଲେଖିଛନ୍ତି ଆମେ ଏଇଠି ଥାଇ ତାହା ଜାଣି ପାରି ନାହୁଁ । ସେହିପରି ଭାରତର ବେଦ; ପୁରାଣ, ଗୀତା, ଉପନିଷଦ, ଯୋଗ, ପ୍ରାଣାୟାମ ଉପରେ ଗବେଷଣା କରି ଅନ୍ୟ ଦେଶର ଲୋକେ ଯେପରି ନୂଆ ନୂଆ କଥା ପୃଥିବୀର ଲୋକମାନଙ୍କୁ ଜଣାଉଛନ୍ତି ତାହା ପଢ଼ିଲେ ଆଶ୍ଚର୍ଯ୍ୟ ଲାଗେ । ଭାରତୀୟ-ମାନେ ମଧ୍ୟ ବିଦେଶ ଯାଇ ଅନେକ କଥା ଦେଖି, ଶିଖି ଆସୁଛନ୍ତି । ତେଣୁ ଆଜିକାଲି ଦୁନିଆରେ ଏହିପରି ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ ସହିତ ସାମିଲ ହେବାକୁ ପଡ଼ିବ ।

ଦେଶ ଭିତରେ ଥାଇ ଆମକୁ ଜାଣିବାକୁ ହେବ ହଠାତ୍ କାହିଁକି ଜିନିଷପତ୍ରର ଦରଦାମ କମି ଯାଉଛି ବା ବଢ଼ି ଯାଉଛି । ଆଜି ଯିଏ ମନ୍ତ୍ରୀ ବା ଏମ୍. ଏଲ. ଏ. ହୋଇ ଗାଡ଼ି ଚଢ଼ି ବୁଲୁଛନ୍ତି ସିଏ କାଲିକି ନାହାନ୍ତି । ତାଙ୍କ ଜାଗାରେ ଆଉ କିଏ ବସିଛି । ପାଠ ପଢ଼ିଲେ ନିତିଦିନିଆ ସଂସାରରେ ଏହିସବୁ ଯେଉଁ ପରିବର୍ତ୍ତନ ଘଟୁଛି ତାହା ଜାଣି ହେବ । ପାଠ ପଢ଼ିବା ଦ୍ୱାରା ଆଉ ଗୋଟିଏ ବିଶେଷ ଉପକାର ହେଉଛି ଆମ ମନରୁ ସାମାଜିକ କୁସଂସ୍କାର ଓ ଅନ୍ଧ ବିଶ୍ୱାସ ଦୂର ହୋଇ ପାରିବ । ଅନେକ ଲୋକଙ୍କର ଅନ୍ଧ ବିଶ୍ୱାସ ରହି ଯାଇଛି ଯେ କେଉଁଆଡ଼େ ଯିବାକୁ ବାହାରିଲେ ଯଦି କିଏ ପଛରୁ ଡାକିଦେଲା ବିରାଡ଼ି, ତେଲିପସରା, ଲଣ୍ଡାମୁଣ୍ଡିଆ ବା ଖାଲି ମାଠିଆ ଦେଖିଲେ ତେବେ ଯାତ୍ରା ଅଶୁଭ । ସ୍ୱପ୍ନରେ ଲଣ୍ଡାମୁଣ୍ଡିଆ, ହନୁମାଙ୍କଡ଼, ସାପ ବା ଠାକୁରାଣୀ ଦେଖିଲେ ଅନେକ ଅଶୁଭ ବୋଲି ଭାବି ଥାଆନ୍ତି । ହାଡ଼ି, ପାଣ, କଣ୍ଡରା, ବାଉରି ଆଦି ଜାତିର ଲୋକଙ୍କୁ ଛୁଇଁ ଦେଲେ ଏପରିକି ସେମାନଙ୍କୁ ଦେଖି-ଦେଲେ ଅପବିତ୍ର ବୋଲି ଅନେକ ଲୋକ ଭାବନ୍ତି । କିନ୍ତୁ ଏପରି ଭାବିବା ପଛରେ କୌଣସି କାରଣ ନାହିଁ । କାଳକ୍ରମେ ଜଣଙ୍କ ଠାରୁ ଆଉଜଣେ ଶୁଣି ଶୁଣି ଏହିପରି ଏକ ବଦ୍ଧମୂଳଧାରଣା ରଖି ଆସିଅଛି । ତେଣୁ ପାଠ ପଢ଼ି ଯେତେବେଳେ ଏହାର କାରଣ ବିଶ୍ଳେଷଣ କରିବା ସେତେବେଳେ ଦେଖିବା ଯେ ଏପରି ଧାରଣା ରଖିବା ବୃଥା ।


## କିପରି ଶିକ୍ଷା ଦିଆଯିବ

ବର୍ତ୍ତମାନ ଜଣାଗଲା ଯେ ବୟସ୍କ ହେଲେ ମଧ୍ୟ ଶିକ୍ଷା ସମସ୍ତଙ୍କ ପାଇଁ ଦରକାର । ପ୍ରଶ୍ନ ହୋଇପାରେ ଯେ ବୟସ୍କମାନେ ଶିକ୍ଷା ପାଇବେ କିପରି ? ପିଲାମାନଙ୍କୁ ଯେପରି ଅକ୍ଷର ଶିକ୍ଷା, 'ଆ'କାର ବା 'ଇ' କାର ଶିକ୍ଷା ଦିଆଯାଏ ସେପରି ଶିକ୍ଷା ବୟସ୍କମାନଙ୍କୁ ଦେଲେ ଅନେକ ସମୟ ଲାଗିବ । ଅକ୍ଷର ଶିଖି ସାରିଲା ବେଳକୁ ଅନେକ ବୁଢ଼ା ବା ବୃଦ୍ଧ ହୋଇ ଯାଇଥିବେ । ତେଣୁ ସେମାନଙ୍କୁ ଶିକ୍ଷା ଦେବା ପ୍ରଣାଳୀ ବୈଜ୍ଞାନିକ ରୀତିରେ ହେବା ଦରକାର । କାରଣ ପିଲାମାନଙ୍କର ମସ୍ତିଷ୍କ ଅପେକ୍ଷା ବୟସ୍କଙ୍କର ମସ୍ତିଷ୍କ ଖୁବ୍ ଶୀଘ୍ର ଅନେକ କିଛି ଗ୍ରହଣ କରି ପାରିବ । ଏ ବିଷୟରେ କେତେକ ମନୋବୈଜ୍ଞାନିକ ଗବେଷଣା ସ୍ଥିରିଅଛି ।

ଆଜିକାଲି ଖବର କାଗଜ, ରେଡ଼ିଓ, ଟେଲିଭିଜନ ମାଧ୍ୟମରେ ଶିକ୍ଷା ଦିଆଯାଉଛି । କିନ୍ତୁ ଯେଉଁ ଲୋକ ପାଠ ପଢ଼ି ନାହିଁ ବା ଭାଷା ବୁଝି ନାହିଁ ସେ ଏଥିରୁ କ'ଣ ବୁଝିବ, କ'ଣ ବା ଜାଣିବ ? ତା ପାଖରେ ଏସବୁ ପହଞ୍ଚିବ ବା କିପରି ? ତେଣୁ ଏହିପରି କେତେକ ମାଧ୍ୟମ ଉପରେ ସଂପୂର୍ଣ୍ଣ ରୂପେ ନିର୍ଭର କଲେ ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ । ସେଥିପାଇଁ ଅନ୍ୟ ପନ୍ଥା ଧରିବାକୁ ପଡ଼ିବ । ସେଥିଭିତରୁ ଗୋଟିଏ ହେଲା ବ୍ୟକ୍ତିଗତ ସାକ୍ଷାତ । ପ୍ରତ୍ୟେକ ଗାଁ ଗଣ୍ଡା, ଗଳିକନ୍ଦି, ସାଇ ଓ ବସ୍ତି ଭିତରେ ଥିବା ୧୫ରୁ ୩୫ ବର୍ଷ ବୟସର ପାଠ ପଢ଼ି ନଥିବା ପୁରୁଷ ଓ ସ୍ତ୍ରୀମାନଙ୍କୁ ବ୍ୟକ୍ତିଗତ ସାକ୍ଷାତ କରି ପାଠପଢ଼ାର ମହତ୍ତ୍ୱ ବୁଝାଇବାକୁ ହେବ । ଏହାଦ୍ୱାରା ପାଠପଢ଼ା ପ୍ରତି ସେମାନଙ୍କର ଏକ ପ୍ରବର୍ତ୍ତନା (ମୋଟିଭେସନ) ଜାତ ହେବ । ତା ପରେ ନିକଟରେ ଥିବା ସ୍କୁଲ, କ୍ଲବ, ନାରୀମଙ୍ଗଳ ସମିତି, ବା ଭାଗବତ ଘରେ ସେମାନଙ୍କୁ ଏକାଠି କରିବା ଦରକାର । ସେହିଠାରେ ହିଁ ସେମାନଙ୍କୁ ବିଦ୍ୟା ଶିକ୍ଷା ଦିଆଯିବ । ଶିକ୍ଷା ଦେବା ପାଇଁ ପ୍ରାଥମିକ ଶିକ୍ଷକଙ୍କଠାରୁ ଆରମ୍ଭ କରି ମାଧ୍ୟମିକ ଓ କଲେଜ ଶିକ୍ଷକ ପର୍ଯ୍ୟନ୍ତ ଯେଉଁମାନଙ୍କର ଆଗ୍ରହ ଥିବ, ସେମାନଙ୍କୁ ସୁଯୋଗ ଦେବା ଦରକାର । ଏମାନଙ୍କ ବ୍ୟତୀତ ଅନେକ ଶିକ୍ଷିତ ବେକାର ଅଛନ୍ତି । ସେମାନଙ୍କୁ ଉପଯୁକ୍ତ ତାଲିମ ଦେଇ ପ୍ରୌଢ଼ ଶିକ୍ଷା କାମରେ ବିନିଯୋଗ କରିହେବ । ତୃତୀୟରେ କଲେଜର ଛାତ୍ରଛାତ୍ରୀମାନେ ସେମାନଙ୍କର ଛୁଟିଦିନକୁ ଏହି କାମରେ ଲଗାଇବା ଦରକାର ।

ଏଥିପାଇଁ ଅଧିକ ଧନର ଦରକାର । ପ୍ରଥମରେ ଶିକ୍ଷା ଦେବା ପାଇଁ ଉପକରଣ ଓ ଦ୍ୱିତୀୟରେ ଯେଉଁମାନେ ଶିକ୍ଷା ଦେବେ ସେମାନଙ୍କର କାର୍ଯ୍ୟ ଦକ୍ଷତା ଦେଖି ଉପଯୁକ୍ତ ପାରିଶ୍ରମିକ ଦେଲେ ସେମାନଙ୍କର ଆଗ୍ରହ ବଢ଼ିବ । ଏସବୁ କଥାକୁ ଆଖିଆଗରେ ରଖି ଯଦି ପ୍ରତି ୫ରୁ ୧୦ ଜଣ ପର୍ଯ୍ୟନ୍ତ ନିରକ୍ଷରଙ୍କୁ ଶିକ୍ଷା ଦେବାର ଦାୟିତ୍ୱ ଜଣେ ଶିକ୍ଷକଙ୍କ ହାତରେ ଦିଆଯାଏ ତେବେ ଦେଶର କେତେଗୁଡ଼ିଏ ଲୋକ ଅଜ୍ଞାନ ଅନ୍ଧକାରରୁ ଆଲୋକକୁ ଆସିବେ ବୋଲି ଆଶା କରିବା ।

ମନୋବିଜ୍ଞାନ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର



# ନୂତନ ପଦକ୍ଷେପ

ଶ୍ରୀ ରଣଜିତ କୁମାର ଦାସ

ଓଡ଼ିଶା ଗୋଟିଏ ନଦୀ ବହୁଳ ପ୍ରଦେଶ । ଏହା ମଧ୍ୟରେ ମହାନଦୀ, ବୈତରଣୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଋଷିକୁଲ୍ୟା ଏବଂ ବଂଶଧାରା ନଦୀ ସମୂହ ପୂର୍ବ ଓ ପଶ୍ଚିମଘାଟ ପର୍ବତମାଳାରୁ ପ୍ରବାହିତ ହୋଇ ଉପକୂଳ ଅଞ୍ଚଳକୁ ଉର୍ବର ମୃତ୍ତିକା ଦ୍ୱାରା ଶସ୍ୟଶ୍ୟାମଳା କରୁଛନ୍ତି । ଏମାନଙ୍କ ମଧ୍ୟରେ ମହାନଦୀ ସବୁଠାରୁ ଦୀର୍ଘତମ ଏବଂ ଏହାର ଲମ୍ବ ୮୫୭ କି. ମି. । ଏହା ମଧ୍ୟ ପ୍ରଦେଶର ରାୟପୁର ଜିଲ୍ଲାରୁ ବାହାରି ମଧ୍ୟ ପ୍ରଦେଶ ଓ ଓଡ଼ିଶା ମଧ୍ୟରେ ତେଲ, ସୁନ୍ଦର, ବଉଳ, ଇବ୍ ଇତ୍ୟାଦି ଉପନଦୀ ଦ୍ୱାରା ପରିପୁଷ୍ଟ ହୋଇ ପ୍ରବାହିତ ହୋଇଥାଇ । ଏହା କଟକ ନଗରର ପ୍ରାରମ୍ଭରେ ଦୁଇ ଭାଗରେ ବିଭକ୍ତ ହୋଇ କାଠଯୋଡ଼ି ଓ ମହାନଦୀ ନାମରେ ନଗରର ଦ୍ୱିପାର୍ଶ୍ୱରେ ପ୍ରବାହିତ ହୋଇଅଛି । ପୁନର୍ବାର ମହାନଦୀର ଏକ ଶାଖା ନଦୀ କଟକର ମୁଣ୍ଡାପଡ଼ାଠାରୁ ଉତ୍ତରାଭିମୁଖୀ ହୋଇ ବିରୂପା ନାମରେ ପ୍ରବାହିତ ହେଉଅଛି । ଉପରୋକ୍ତ ନଦୀ ସମୂହ ବିଭିନ୍ନ ଶାଖା ଏବଂ ପ୍ରଶାଖାରେ ବିଭକ୍ତ ହୋଇ କଟକ ଓ ପୁରୀ ଜିଲ୍ଲାରେ ଜାଲ ଭଳି ବିଛେଇ ହୋଇ ଯାଇଛନ୍ତି । ଏତେଗୁଡ଼ିଏ ନଦୀ ଦ୍ୱାରା ପରିପୁଷ୍ଟ ହୋଇ ମଧ୍ୟ ଓଡ଼ିଶାବାସୀ ଏହି ଜଳ ସମ୍ପଦର ସଂପୂର୍ଣ୍ଣ ବିନିଯୋଗ କରିପାରି ନାହାନ୍ତି । ଗତ ଶତାବ୍ଦୀର ଇତିହାସ ଅନୁଧ୍ୟାନ କଲେ ଜଣାଯାଏ ଯେ ୧୮୦୬, ୧୮୦୮, ୧୮୦୯, ୧୮୧୬, ୧୮୨୮, ୧୮୩୦, ୧୮୩୬ ଓ ୧୮୪୨ ମସିହାରେ ଓଡ଼ିଶାରେ ଅନଟନ ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ୧୮୬୫ ଓ ୧୮୬୬ ମସିହାରେ ଲୋମହର୍ଷଣ କାରୀ ଦୁର୍ଭିକ୍ଷର ସମ୍ମୁଖୀନ ଦେଶବାସୀ ହୋଇଥିଲେ ।

୧୮୫୫ ମସିହାରେ ହାରିସ୍ ସାହେବ ପୁରୀ ଜିଲ୍ଲାକୁ ବନ୍ୟା କବଳରୁ ରକ୍ଷା କରିବା ନିମିତ୍ତ କଟକ ନଗରର ପ୍ରାରମ୍ଭରେ କାଠଯୋଡ଼ି ନଦୀର ନରାଜଠାରେ ଏକ ପଥର ବନ୍ଧ ତିଆରି କରାଇଥିଲେ । ଏହା ଦ୍ୱାରା କାଠଯୋଡ଼ି ନଦୀରେ ଅତିରିକ୍ତ ଜଳ ପ୍ରବାହିତ ନହୋଇ ମହାନଦୀରେ ପ୍ରବାହିତ ହେଲା । ତାପରେ ସାର ଆର୍ଥର କଟନ୍ ଯେ କି ଗୋଦାବରୀ ଓ କାବେରୀ ନଦୀରେ ଆନିକଟ ନିର୍ମାଣ କରି ପ୍ରସିଦ୍ଧି ଲାଭ କରିଥିଲେ ମହାନଦୀ ଏବଂ ତାର ଶାଖା କାଠଯୋଡ଼ି ଓ ବିରୂପା ନଦୀରେ କେତେଗୁଡ଼ିଏ ପଥର ବନ୍ଧ ନିର୍ମାଣ କରି କଟକ ଓ ପୁରୀ ଜିଲ୍ଲାକୁ ଜଳସେଚନର ସୁବିଧା କରିବା ପାଇଁ ତତ୍‌କାଳୀନ ସରକାରଙ୍କୁ ୧୮୫୯ ମସିହାରେ ସବିଶେଷ ପ୍ରକଳ୍ପ ଓ ନିର୍ଦ୍ଦିଷ୍ଟ ପ୍ରସ୍ତାବ ଦେଲେ । ତତ୍‌କାଳୀନ ସରକାର ଉକ୍ତ ଯୋଜନାର ଗୁରୁତ୍ୱ ଉପଲବ୍ଧି କରି ୧୮୬୧ ମସିହାରେ ଇଂଲଣ୍ଡରେ ଇଷ୍ଟଇଣ୍ଡିଆ ଜଳସେଚନ ଓ ନୌଚାଳନ କମ୍ପାନୀ ନାମରେ ଏକ ସଂସ୍ଥା ଗଠନ କଲେ ଏବଂ ଉକ୍ତ ପଥର ବନ୍ଧ ନିର୍ମାଣର ଦାୟିତ୍ୱ ଉକ୍ତ କମ୍ପାନୀ ଉପରେ ନ୍ୟସ୍ତ କଲେ । ଉକ୍ତ କମ୍ପାନୀ ତତ୍‌କାଳୀନ ଇଞ୍ଜିନିୟର ସାର ଆର୍ଥର କଟନ୍‌ଙ୍କ ନିର୍ଦ୍ଦେଶ ଓ ଆର୍ମଷ୍ଟ୍ରଙ୍ଗଙ୍କ ତତ୍ତ୍ୱାବଧାନରେ ୧୮୬୩ ମସିହାରେ କାର୍ଯ୍ୟ ଆରମ୍ଭ କରି ବଡ଼ ଦକ୍ଷତାର ସହିତ ଅର୍ଦ୍ଧନିର୍ମିତ ପଥର ବନ୍ଧ (ଆନିକଟ) ଏବଂ କେନାଲ ଦ୍ୱାରା ୧୮୬୫ ମସିହାରେ ପ୍ରଥମ ଜଳସେଚନ କରିପାରିଥିଲେ । ୧୮୬୩ ମସିହାରେ ୧ ଲକ୍ଷ ୧୫ ହଜାର ଏକର ଜମିକୁ ଜଳସେଚିତ କରିବା ଲକ୍ଷ୍ୟରେ ଉକ୍ତ କମ୍ପାନୀ ମହାନଦୀର ଯୋବ୍ରା ଏବଂ ବିରୂପା ନଦୀର ଜଗତପୁରଠାରେ ଦୁଇଟି ପ୍ରସ୍ତର ନିର୍ମିତ ବନ୍ଧର କାର୍ଯ୍ୟ ଆରମ୍ଭ କଲେ । ପ୍ରସ୍ତର ବନ୍ଧ ଓ କେନାଲ ଖୋଳା କାର୍ଯ୍ୟ ୧୮୬୫ ର ଦୁର୍ଭିକ୍ଷ ସମୟରେ ରିଲିଫ କାର୍ଯ୍ୟ ପାଇଁ ବହୁତ ସହାୟକ ହୋଇଥିଲା । ଏହି ଯୋଜନା ୧୮୬୯ ମସିହାରେ ସଂପୂର୍ଣ୍ଣ ହେଲା ଏବଂ ପ୍ରାଦେଶିକ ସରକାରଙ୍କୁ ରକ୍ଷଣାବେକ୍ଷଣ ନିମିତ୍ତ ହସ୍ତାନ୍ତର କରାଗଲା । ୧୮୬୯ ମସିହାରେ ଯୋବ୍ରା ଆନିକଟ ସଂପୂର୍ଣ୍ଣ ହୋଇଥିଲେହେଁ ଏଥିରେ କବାଟ ସବୁ ଲଗି ପାରିନଥିଲା । ୧୮୭୪ ମସିହା ସୁଦ୍ଧା ଉକ୍ତ କାର୍ଯ୍ୟରେ ପ୍ରାୟ ୧୦ ଲକ୍ଷ ୪୧ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା ଏବଂ ୧୮୮୨ ମସିହା ସୁଦ୍ଧା କବାଟ ଲଗାଇବା ଏବଂ ଉଭୟ ପାର୍ଶ୍ୱ ଶଯ୍ୟାର ପ୍ରଶସ୍ତି ନିମିତ୍ତ ସର୍ବମୋଟ ୧୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ଏହି ଆନିକଟର ସର୍ବମୋଟ ଲମ୍ବ ୬୩୪୯ ଫୁଟ ଏବଂ ଉଚ୍ଚତା ପ୍ରାୟ ୧୩ ଫୁଟ । ପୁନର୍ବାର ୫୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ୧୯୫୮ ଠାରୁ ୧୯୬୨ ମସିହା ମଧ୍ୟରେ ଉକ୍ତ ଆନିକଟର ଉନ୍ନତି କରାଯାଇଥିଲା । ଉକ୍ତ ଯୋଜନା ଫଳରେ କେନ୍ଦ୍ରାପଡ଼ା, ତାଳଦଣ୍ଡା, ପଟାମୁଣ୍ଡାଇ, ମାଛଗାଁ ଓ ହାଇଲେଭଲ୍ କେନାଲ ଦ୍ୱାରା ଜଳସେଚନ ଓ ନୌଚାଳନର ସୁବିଧା ହୋଇପାରିଛି ।

୧୮୭୪ ମସିହା ସୁଦ୍ଧା ଯୋବ୍ରା ଆନିକଟର କାର୍ଯ୍ୟ ସର୍ବତୋଭାବେ ସଂପୂର୍ଣ୍ଣ ହୋଇଥିଲେ ମଧ୍ୟ ଏହାର ୧୨ ବର୍ଷ ପରେ ୧୮୮୬ ମସିହାରେ କେନ୍ଦ୍ର ନିର୍ଗମ ଭାଗ ବନ୍ୟା ଦ୍ୱାରା ବିପର୍ଯ୍ୟସ୍ତ ହୋଇଥିଲା ଏବଂ ଏହାକୁ ସେହିବର୍ଷ ଦକ୍ଷତାର ସହିତ ମରାମତି କରାଯାଇ ଜଳସେଚନ କାର୍ଯ୍ୟ ଅବ୍ୟାହତ ରଖାଯାଇଥିଲା । ୧୯୩୯ ମସିହାରେ ଏହି କେନ୍ଦ୍ର ନିର୍ଗମ ଭାଗର କେତେକ ଜଳ ନିରୋଧକ ସ୍ତମ୍ଭ ବନ୍ୟା ଦ୍ୱାରା ଭାସି ଯାଇଥିଲା ଏବଂ ନିମ୍ନ ଶଯ୍ୟା ମଧ୍ୟ ଘୋର କ୍ଷତିଗ୍ରସ୍ତ ହୋଇଥିଲା । ୧୯୪୪ ମସିହାରେ ମଧ୍ୟ ଏହି ନିମ୍ନ ଶଯ୍ୟାର କେତେକାଂଶ ବିପର୍ଯ୍ୟସ୍ତ ହୋଇଥିଲା । ସେଥିପାଇଁ ତତ୍‌କାଳୀନ ନିର୍ବାହୀ ଯନ୍ତ୍ରୀ 'ଶ' ସାହେବ କେତେଗୁଡ଼ିଏ ନିରୋଧକ ବ୍ୟବସ୍ଥା ଅବଲମ୍ବନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ଏବଂ ସେହି କାର୍ଯ୍ୟ ସୁଷ୍ଠୁ ରୂପେ ସମ୍ପାଦନ କରାଯାଇ ଏହାର ରକ୍ଷଣାବେକ୍ଷଣ କରାଯାଉଥିଲା । ଦୁର୍ଭାଗ୍ୟବଶତଃ ୧୯୪୫ ମସିହା ବନ୍ୟାରେ ଉପରୋକ୍ତ ସମସ୍ତ କାର୍ଯ୍ୟ ଧୋଇ ଯାଇଥିଲା ଏବଂ ନିମ୍ନ ଶଯ୍ୟା ମଧ୍ୟ ଅତିରିକ୍ତ ଭାବରେ ବିପର୍ଯ୍ୟସ୍ତ ହୋଇ ଯାଇଥିଲା । ଏହି ବିଷୟ ତତ୍‌କାଳୀନ କେନ୍ଦ୍ରୀୟ ଜଳସେଚନ ଓ ନୌଚାଳନ କମିଶନର ଓ ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଡ: ଅଯୋଧ୍ୟା ନାଥ ଖୋସଲାଙ୍କୁ ଜଣାଇ ଦିଆଯାଇଥିଲା । ତାପରେ ସେ ମି: ପ୍ରେମଜିଙ୍କୁ ଉପରୋକ୍ତ କାର୍ଯ୍ୟ ଅନୁସନ୍ଧାନ କରିବାକୁ ଏବଂ ଏହାର ରକ୍ଷଣାବେକ୍ଷଣ ଦିଗରେ ଉପଦେଶ ଦେବାପାଇଁ ପଠାଇଥିଲେ । ମି: ପ୍ରେମଜି ଦେଖିଲେ ଯେ ଉପରୋକ୍ତ କାର୍ଯ୍ୟ ସୋନ୍ ଓ ଶାରଦା ଆନିକଟ ପରି ଘୋର ବିପର୍ଯ୍ୟସ୍ତ ହୋଇଅଛି । ତେଣୁ ସେ କେନ୍ଦ୍ରୀୟ ଜଳ ନିର୍ଗମ ଭାଗକୁ ଅଧିକା ୫ ଫୁଟ ଉଚ୍ଚ କରିବା ଏବଂ ଅନ୍ୟାନ୍ୟ ନିରୋଧକ କାର୍ଯ୍ୟ କରିବା ପାଇଁ ଉପଦେଶ ଦେଇଥିଲେ । ଉକ୍ତ କାର୍ଯ୍ୟ ମଧ୍ୟ ଦକ୍ଷତାର ସହିତ ସଂପୂର୍ଣ୍ଣ ହେଲା ଏବଂ ପୁରାତନ କବାଟ ପରିବର୍ତ୍ତେ ନୂତନ କବାଟ ଏଥିରେ ଖଞ୍ଜି ଦିଆଗଲା । ତାପରେ କେନ୍ଦ୍ରୀୟ ଜଳ ନିର୍ଗମ ଭାଗରେ ଆଉ ବିଶେଷ ଅସୁବିଧା ଦେଖା ଦେଇନାହିଁ । କିନ୍ତୁ ଏହି କେନ୍ଦ୍ରୀୟ ଜଳ

ନିର୍ଗମ ଭାଗର କୌଣସି ବିଶେଷ କାର୍ଯ୍ୟ ପରିଦୃଷ୍ଟ ହେଉନାହିଁ ଏବଂ ଏହା ଏକ ପ୍ରକାର ବନ୍ଦ କରାଗଲା ପରି ରହିଲା । ତେଣୁ ଏହା ଦ୍ୱାରା ଗୋଟିଏ ବିଶେଷ ଅସୁବିଧା ଦେଖାଦେଲା । ଯେଉଁ କେନ୍ଦ୍ରୀୟ ଜଳ ନିର୍ଗମ ପଥରେ ଆନିକଟ ଉପରିଭାଗର ବାଲୁକା ରାଶି ଜଳ ସହିତ ନିମ୍ନ ଭାଗକୁ ପ୍ରବାହିତ ହେଉଥିଲା, ତାହା ଆନିକଟର ଉପରିଭାଗରେ ସ୍ଥିର ରହି ବିରାଟ ବିରାଟ ପଠା ସୃଷ୍ଟି କଲା । ଏହା ଦ୍ୱାରା ଆନିକଟର ଜଳଧାରଣ କ୍ଷମତା ହ୍ରାସ ପାଇଲା । ତେଣୁ ଉପକୂଳ ଜଳ ନିର୍ଗମ ପଥର କାର୍ଯ୍ୟକାରିତା ବୃଦ୍ଧି ପାଇଲା ଏବଂ ଏହାଦ୍ୱାରା ନିମ୍ନ ବନ୍ୟା ସମୟରେ ଜଳ ନିଷ୍କାସନର ଗୁରୁତ୍ୱ ଉପଲବ୍ଧି କରାଗଲା । ତଦ୍ୱାରା ନଦୀର ଗଭୀରତମ ଜଳଧାରା କେନ୍ଦ୍ର ଅଞ୍ଚଳରୁ ଦକ୍ଷିଣ କୂଳକୁ ସ୍ଥାନ ପରିବର୍ତ୍ତନ କଲା ଏବଂ ୧୯୫୦ ମସିହା ବନ୍ୟାରେ ନିର୍ଗମ ପଥର ନିମ୍ନ ଶଯ୍ୟା ଘୋର ବିପର୍ଯ୍ୟସ୍ତ ହେଲା । ସେଥିପାଇଁ ବିଶେଷଜ୍ଞମାନଙ୍କର ପରିଦର୍ଶନ ଓ ଅଭିଜ୍ଞତା ବଳରେ ବିଭିନ୍ନ ପ୍ରକାରର ବନ୍ୟା ପ୍ରତିରୋଧକ କାର୍ଯ୍ୟମାନ କରାଗଲା ଏବଂ ଏହି କାର୍ଯ୍ୟ ପ୍ରତିବର୍ଷ ପ୍ରାୟ କରାଯାଇ ଆଜି ପର୍ଯ୍ୟନ୍ତ ଆନିକଟର ସୁରକ୍ଷା କରାଯାଉଛି । ଏହିପରି କ୍ଷତି ମଧ୍ୟ ବିରୂପା ଆନିକଟରେ ପରିଲକ୍ଷିତ ହୋଇଥିଲା ଏବଂ ସେଥିପାଇଁ ପ୍ରତି ବର୍ଷ ବିଶେଷ ଅର୍ଥ ବିନିଯୋଗ କରାଯାଇ ଏହାର ମରାମତି କାର୍ଯ୍ୟ କରାଯାଉଅଛି ।

ପ୍ରତିବର୍ଷ ଘଟୁଥିବା ଏହିପରି ବିପର୍ଯ୍ୟୟର କାରଣ ଅନୁଧ୍ୟାନ କରିବାକୁ ଯାଇ ବିଶେଷଜ୍ଞମାନେ ବିଭିନ୍ନ ମତବ୍ୟକ୍ତ କରିଅଛନ୍ତି ଓ ତନ୍ମଧ୍ୟରୁ ନିମ୍ନ କେତୋଟି ଉଲ୍ଲେଖଯୋଗ୍ୟ ।

୧୯୫୯ ମସିହାଠାରୁ ୧୯୬୨ ମସିହା ମଧ୍ୟରେ କେନ୍ଦ୍ରୀୟ ଜଳ ବିଦ୍ୟୁତ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ୍ରମେ ମହାନଦୀ ଓ ବିରୂପା ଆନିକଟର ଜଳାଶୟ ପତନ ୨ ଫୁଟ ଉଚ୍ଚ କରାଗଲା, ତଦ୍ୱାରା ପୁରୁଣା ଆନିକଟ ଉପରେ ବହୁତ ଚାପ ପଡ଼ିଲା ଏବଂ ଏହାର ନିମ୍ନଶଯ୍ୟା ଏହାଦ୍ୱାରା କାଳକ୍ରମେ ବିପର୍ଯ୍ୟସ୍ତ ହେଲା ।

ମିଃ ଫ୍ରେମଲିଂଙ୍କର ରିପୋର୍ଟ ଅନୁସାରେ, ଆନିକଟର ଠିକ୍ ତଳକୁ ଥିବା ଖରାଦିନିଆ ରାସ୍ତା ଓ ତା ଉପରେ ଚାଲୁଥିବା ଦ୍ରୁତଗାମୀ ଯାନ ମଧ୍ୟ ଆନିକଟକୁ ଦୁର୍ବଳ କରି ପକାଉଥିବାର ଗୋଟିଏ କାରଣ । ଆନିକଟର ଅଧଃଭାଗରେ ପ୍ରଖର ବନ୍ୟା ଜଳର ଶକ୍ତିକୁ ହ୍ରାସ କରିବା ପାଇଁ କୌଣସି ବିଶେଷ ବ୍ୟବସ୍ଥା ନାହିଁ ।

ନିମ୍ନ ଶଯ୍ୟାର ଚୂନ ଦ୍ୱାରା ଯୋଡା ଯାଇଥିବା ପ୍ରସ୍ତର ସମୂହର ଜଳପ୍ରତିରୋଧକ ଶକ୍ତିର ହ୍ରାସ ଆନିକଟ ବିପର୍ଯ୍ୟୟର ଅନ୍ୟତମ କାରଣ ଅଟେ ।

ବନ୍ୟା ସମୟରେ ଆନିକଟରେ ଖଞ୍ଜା ଯାଇଥିବା କବାଟ ମଧ୍ୟରୁ କେତେକ ନପଡିବାରୁ ଉପରିଭାଗରେ ପଠା ସୃଷ୍ଟି ହୋଇଅଛି ।

ବନ୍ୟା ସମୟରେ ଜଳପ୍ରପାତ ନିମ୍ନଶଯ୍ୟାଠାରୁ ଅନତିଦୂରରେ ସଙ୍ଗଠିତ ହେଉଥିବାରୁ ଏହା ଏକ ବିଶେଷ କାରଣ ରୂପେ ପରିଲକ୍ଷିତ ହେଉଅଛି ।

ହୀରାକୁଦ ବନ୍ଧ ନିର୍ମାଣ ହେବା ପରଠାରୁ ଅଳ୍ପଦିନ ଧରି ରହୁଥିବା ବହୁତ ବନ୍ୟା ସମୂହ କ୍ଷୁଦ୍ର କ୍ଷୁଦ୍ର ବନ୍ୟାରେ ପରିଣତ ହୋଇ ଦୀର୍ଘଦିନ ସ୍ଥାୟୀ ରହିବା ଏକ ବିଶେଷ କାରଣ ରୂପେ ପରିଗଣିତ ହୁଏ ।

ଉପରୋକ୍ତ ବିପର୍ଯ୍ୟୟ ଯୋଗୁଁ ଏହି ଦୁଇଟି ଆନିକଟର ରକ୍ଷଣାବେକ୍ଷଣ ପାଇଁ ପ୍ରତିବର୍ଷ ଓଡ଼ିଶା ରାଜକୋଷରୁ ପ୍ରଚୁର ଅର୍ଥ ବ୍ୟୟ କରାଯାଉଅଛି । ୧୯୬୪ ମସିହାଠାରୁ ୧୯୭୫ ମସିହା ପର୍ଯ୍ୟନ୍ତ ମରାମତି ବାବଦରେ ମହାନଦୀ ଆନିକଟରେ ପ୍ରାୟ ୪୬ ଲକ୍ଷ ଏବଂ ବିରୂପା ଆନିକଟରେ ପ୍ରାୟ ୧୭ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲେ ମଧ୍ୟ ଏହି ପୁରାତନ ବନ୍ଧ ଉପରେ ବେଶି ଦିନ ନିର୍ଭର କରି ହେବ ନାହିଁ ।

ଉପରୋକ୍ତ ଆନିକଟଗୁଡ଼ିକ ପରିବର୍ତ୍ତେ ବ୍ୟାରେଜମାନ ନିର୍ମାଣ କରିବା ପାଇଁ ବିଶେଷଜ୍ଞମାନେ ନିମ୍ନଲିଖିତ କେତୋଟି କାରଣ ଯୋଗୁଁ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ।

ଏହି ଆନିକଟ ସବୁର ନିର୍ମାଣ ୧୦୦ ବର୍ଷରୁ ନ୍ୟୂନ ହେଲଣି ଏବଂ ଏହା କ୍ଷୟ ହୋଇ ପ୍ରଭୂତ ଅର୍ଥବ୍ୟୟ କରୁଅଛି । ଏହି ଆନିକଟ ଦେଇ ଯେଉଁ ସମୟରେ ନିର୍ମାଣ କରାଯାଇଥିଲା ସେହି ସମୟରେ ଏହା ଢାଞ୍ଚାରେ ନିର୍ମାଣ କରାଯାଇଥିବା ଗୋଦାବରୀ ଓ କୃଷ୍ଣାନଦୀ ଉପରେ ନିର୍ମିତ ହୋଇଥିବା ଆନିକଟ ଦ୍ୱୟ ଭାଙ୍ଗିଯାଇ ସେଠାରେ ନୂତନ ବ୍ୟାରେଜ ନିର୍ମାଣ କରାଗଲାଣି ।

ଆନିକଟଗୁଡ଼ିକର ରକ୍ଷଣାବେକ୍ଷଣ ନିମିତ୍ତ ପ୍ରତିବର୍ଷ ଯେତେ ଅର୍ଥ ବିନିଯୋଗ କଲେ ମଧ୍ୟ ଏହା ନିର୍ଭରଶୀଳ ନୁହେଁ ।

ବିଂଶ ଶତାବ୍ଦୀରେ ଆନିକଟ କବାଟଗୁଡ଼ିକର ନିୟନ୍ତ୍ରଣ ଯାନ୍ତ୍ରିକ ଶକ୍ତି ଦ୍ୱାରା ନକରାଇ ଶାରୀରିକ ଶ୍ରମ ଦ୍ୱାରା କରାଇବା ଅତ୍ୟନ୍ତ ବ୍ୟୟ ଓ ସମୟସାପେକ୍ଷ ।

କେନ୍ଦ୍ରୀୟ ନିର୍ଗମ ଭାଗ ସମ୍ପୂର୍ଣ୍ଣ ଭାବରେ ଅକାମୀ ହୋଇଯିବା ଦ୍ୱାରା ନଦୀର ଗଭୀର ଜଳଧାରାଗୁଡ଼ିକ ନିର୍ଗମ ଭାଗକୁ ସ୍ଥାନ ପରିବର୍ତ୍ତନ କରି ଆନିକଟର ନିମ୍ନଶଯ୍ୟାର ଘୋର କ୍ଷତି ଘଟାଉଛି ।

କବାଟ ଓ ଉପକୂଳ ନିର୍ଗମ ପଥ କାଠ ତକ୍ତା ଦ୍ୱାରା ନିୟନ୍ତ୍ରଣ ସମୟରେ ପ୍ରଚୁର ଜଳ ନିମ୍ନ ଦେଶକୁ ପ୍ରବାହିତ ହୋଇ ଜଳପତନର ହ୍ରାସ ଘଟୁଛି ।

ଉପରୋକ୍ତ କାରଣ ଅନୁଧ୍ୟାନ କଲେ ଦେଖାଯିବ ଯେ ଏକ ନୂତନ ବ୍ୟାରେଜ ନିର୍ମାଣ କରିବା ନିତାନ୍ତ ଦରକାର ଏବଂ ତଦ୍ୱାରା କଟକ ଜିଲ୍ଲାର ଅତିରିକ୍ତ ଅଞ୍ଚଳ ସବୁ ଜଳସେଚିତ ହୋଇ ପାରିବ ଏବଂ ଆନିକଟ କବାଟଗୁଡ଼ିକର ନିୟନ୍ତ୍ରଣ ଜନିତ ଅସୁବିଧା ଦୂର ହୋଇ ପାରିବ ।

ଉକ୍ତ ନୂତନ ବ୍ୟାରେଜ ନିର୍ମାଣ ପାଇଁ ଗୋଟିଏ ସର୍ଭେ ଓ ଅନୁସନ୍ଧାନ ଡିଭିଜନ ଜଳସେଚନ ବିଭାଗ ତରଫରୁ ୧୯୭୫ ମସିହାରୁ ଖୋଲା ଯାଇଅଛି । ପୁନାସ୍ଥିତ କେନ୍ଦ୍ରୀୟ ଜଳ ଓ ବିଦ୍ୟୁତ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶ ଓ ସହଯୋଗରେ ନମୁନା ବିଶ୍ଳେଷଣ କରିବା ପାଇଁ ଉକ୍ତ ଭାଗରେ ସର୍ଭେ କାର୍ଯ୍ୟ ସମ୍ପନ୍ନ ହୋଇଅଛି । ଏହି ସର୍ଭେ ବିବରଣୀ ସମୂହ ବ୍ୟାରେଜ ନିର୍ମାଣ ଓ ଆକଳନ କରିବାରେ ସାହାଯ୍ୟ କରିବ । ନୂତନ ବ୍ୟାରେଜ ଦ୍ୱୟର ସ୍ଥାନ ନିରୂପଣ କାର୍ଯ୍ୟ ସମାପ୍ତ ହେଲଣି । ବ୍ୟାରେଜର ଉପଯୁକ୍ତ ସ୍ଥାନ ନିରୂପଣ ପାଇଁ ଓଡ଼ିଶା ସରକାର ଚଳିତ ବର୍ଷ ଅଗଷ୍ଟ ମାସରେ କେନ୍ଦ୍ର ଜଳ କମିଶନର ଚେୟାରମ୍ୟାନଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ । ଉକ୍ତ କମିଟି ମହାନଦୀ ବ୍ୟାରେଜର ସ୍ଥାନ ନିରୂପଣ ନିମିତ୍ତ ବିଦ୍ୟାନାସୀ, ଜୋବ୍ରା ଆନିକଟର ଠିକ୍ ଉପରକୁ ଏବଂ ଆନିକଟର ଠିକ୍ ତଳକୁ ଓ ଉଡ଼ିଶାଭିତ ପାଟଣା ଏହିପରି ଚାରୋଟି ସ୍ଥାନ ସମ୍ବନ୍ଧରେ ବିଶେଷ ବୈଷୟିକ ଅନୁସନ୍ଧାନ କରିଥିଲେ । ଉକ୍ତ କମିଟି ସମସ୍ତ ବିଷୟ ପର୍ଯ୍ୟାଲୋଚନା କରି ସିଦ୍ଧାନ୍ତରେ ଉପନୀତ ହେଲେ ଯେ ଜୋବ୍ରା ଆନିକଟର ପ୍ରାୟ ୨୦୦ ଫୁଟ ତଳକୁ ମହାନଦୀ ବ୍ୟାରେଜ ନିର୍ମାଣ କରାଯିବ । ବିରୂପା ବ୍ୟାରେଜର ସ୍ଥାନ ନିରୂପଣ ଏତଦ୍‌ପୂର୍ବେ ଜଳସେଚନ ବିଭାଗ ତରଫରୁ ବିରୂପା ଆନିକଟର ପ୍ରାୟ ୯୦୦ ଫୁଟ ତଳକୁ ସ୍ଥିର କରାଯାଇଥିଲା ।

ମହାନଦୀ ବ୍ୟାରେଜର ଦୈର୍ଘ୍ୟ ୧୯୩୦ ମିଟର ଓ ବିରୂପା ବ୍ୟାରେଜର ଦୈର୍ଘ୍ୟ ୨୦୩ ମିଟର ହେବ । ମହାନଦୀ ବ୍ୟାରେଜରେ ୯୪ଟି କବାଟ ଓ ବିରୂପା ବ୍ୟାରେଜରେ ୧୦ଟି ଶକ୍ତିଚାଳିତ କବାଟ ଲାଗିବ । ପ୍ରତ୍ୟେକ କବାଟର ଚଉଡା ୧୯ ମିଟର ହେବ । ଦୁଇଟି ଯାକ ବ୍ୟାରେଜ ଦ୍ୱାରା ଆବଦ୍ଧ ଜଳାଶୟର ପତନ ବର୍ତ୍ତମାନ ଥିବା ଜଳପତନ ସହିତ ସମାନ ରହିବ । ଏହି ବ୍ୟାରେଜ ନିର୍ମାଣ ଫଳରେ କଟକ ଓ ଚୌଦ୍ୱାର ନିକଟରେ ବନ୍ୟାଜଳ ପତନ ବୃଦ୍ଧି ପାଇବାର କୌଣସି ଆଶଙ୍କା ନାହିଁ । ଏହି ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ବର୍ତ୍ତମାନ

ଜଳସେଚିତ ହେଉଥିବା ଏବଂ ଭବିଷ୍ୟତରେ ଜଳସେଚନ ହେବାକୁ ଥିବା ଅଞ୍ଚଳ ତାଳଦଣ୍ଡା, କେନ୍ଦ୍ରାପଡା, ମାଛଗାଁ, ପଟାମୁଣ୍ଡାଇ କେନାଲ ଓ ହାଇଲେଭଲ କେନାଲ ୧ ନମ୍ବର ସାହାଯ୍ୟରେ କେନାଲଜଳ ପାଇବାରେ ଅସୁବିଧା ଦେଖାଯିବ ନାହିଁ । ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ପ୍ରାୟ ୪୨ କୋଟି ଟଙ୍କା ଲାଗିବ । ଯୋଜନାଟି ଯୋଜନା କମିଶନଙ୍କ ଦ୍ୱାରା ଗ୍ରହଣଯୋଗ୍ୟ ବୋଲି ବିବେଚିତ ହୋଇ ସାରିଛି । ଯୋଜନାଟି ସମ୍ପୂର୍ଣ୍ଣ ହେବାକୁ ପ୍ରାୟ ୬ ବର୍ଷ ସମୟ ଲାଗିବ ବୋଲି ଅଟକଳ କରାଯାଇଛି । ଯୋଜନାକୁ କାର୍ଯ୍ୟକାରୀ କରିବା ନିମିତ୍ତ ବର୍ତ୍ତମାନ ଥିବା ଗୋଟିଏ ଡିଭିଜନ ସ୍ଥାନରେ ଅନ୍ୟାନ୍ୟ ଡିଭିଜନ ଓ ପୃଥକ ସଂସ୍ଥା ଗଠନ କରାଯିବ । ସରକାରଙ୍କର ମହାନଦୀ ବିଳୁପା ଆନିକଟର ଆଧୁନିକୀକରଣ ଭଳି ପଦକ୍ଷେପ ସର୍ବସାଧାରଣଙ୍କ ନିମିତ୍ତ ସ୍ୱାଗତ ଯୋଗ୍ୟ ।

# ମଠ ଅଧୀନରେ ଥିବା ଜମି

୧୯୬୦ ମସିହା ଭୂ-ସଂସ୍କାର ଆଇନରେ ଥିବା ଭାଗଚାଷୀ ଓ ସିଲିଂ ପ୍ରଯୋଜ୍ୟ ହେଉ ନଥିବା ଯୋଗୁଁ 'ମଠ' ଅନୁଷ୍ଠାନ ଅଧୀନସ୍ଥ ଜମିର ରୟତମାନଙ୍କୁ କୌଣସି ସମୟରେ ବେ-ଦଖଲ କରାଯାଇ ପାରିବ ବୋଲି କେତେକ ମହଲରେ ଜାତ ହୋଇଥିବା ଭ୍ରାନ୍ତ ଧାରଣା ଦୂର କରିବା ଉଦ୍ଦେଶ୍ୟରେ ସରକାର ସଂପୃକ୍ତ ବ୍ୟକ୍ତିବିଶେଷଙ୍କ ଅବଗତି ନିମନ୍ତେ ନିମ୍ନଲିଖିତମତେ ସ୍ପଷ୍ଟୀକରଣ ଦେବାକୁ ଚାହାନ୍ତି ।

ମଠ ଗୋଟିଏ ସର୍ବସାଧାରଣ ଧର୍ମାନୁଷ୍ଠାନ କିମ୍ବା ଦାତବ୍ୟ ଟ୍ରଷ୍ଟ ହୋଇଥିବାରୁ ଏହାକୁ ଆଇନାନୁଯାୟୀ ବିଶେଷାଧିକାରୀ 'ରୟତ' ରୂପେ ଘୋଷଣା କରାଯାଇଛି । ଅତଏ ଏଭଳି ଗୋଟିଏ ଟ୍ରଷ୍ଟ 'ବିଶେଷାଧିକାରୀ ରୟତ' ରୂପେ ଘୋଷିତ ହେବାପରେ ଏଭଳି ଟ୍ରଷ୍ଟ ଅଧୀନରେ ଥିବା ଜମିଜମା ପାଇଁ ଭୂ-ସଂସ୍କାର ଆଇନର ଭାଗଚାଷୀ ଓ ସିଲିଂ ବ୍ୟବସ୍ଥା ପ୍ରଯୋଜ୍ୟ ହେବ ନାହିଁ । ତେଣୁ ସେମାନେ ଭାଗଚାଷୀମାନଙ୍କୁ ଗ୍ରହଣ କରିବା ସଙ୍ଗେ ସଙ୍ଗେ ସିଲିଂ ସୀମା ବହିର୍ଭୂତ ଜମି ରଖିପାରିବେ । ଏଥି ସଙ୍ଗେ ସଙ୍ଗେ ଭାଗଚାଷୀମାନଙ୍କ ସ୍ୱାର୍ଥ ସୁରକ୍ଷା କରିବା ଏବଂ ଏଭଳି ଅନୁଷ୍ଠାନ ଅଧୀନରେ ଥିବା ଜମିର ରୟତମାନଙ୍କ ସ୍ୱାର୍ଥ ଯେପରି କୌଣସି ପ୍ରକାରରେ ବ୍ୟାହତ ନହୁଏ, ସେଥିନିମନ୍ତେ ଓଡ଼ିଶା ଭୂ-ସଂସ୍କାର ଆଇନରେ ବ୍ୟାପକ ବ୍ୟବସ୍ଥା କରାଯାଇଛି । ତଦନୁଯାୟୀ ୧୯୭୩ ମସିହା ଓଡ଼ିଶା ଭୂ-ସଂସ୍କାର (ସଂଶୋଧନ) ଆଇନ ପ୍ରବର୍ତ୍ତନ କରାଯିବା ଦିନ ଅର୍ଥାତ୍ ୧୯୭୩ ଅକ୍ଟୋବର ୨ ତାରିଖଠାରୁ ବା ତା'ପରେ କୌଣସି ଜମିକୁ ଆଇନଗତଭାବେ ଚାଷ କରୁଥିବା ଭାଗଚାଷୀଙ୍କୁ ଜମି ମାଲିକମାନେ ବେ-ଦଖଲ କରି ପାରିବେ ନାହିଁ ବୋଲି ଉପରୋକ୍ତ ଆଇନରେ ବ୍ୟବସ୍ଥା କରାଯାଇଛି । ସେହିପରି ବିଶେଷାଧିକାରୀ ରୟତ ରୂପେ ଗଣ୍ୟ ହେଉଥିବା ମଠ ମଧ୍ୟ ଏଭଳି ଜମିକୁ ଆଇନ-ଗତ ଭାବେ ଚାଷ କରୁଥିବା ଭାଗଚାଷୀଙ୍କୁ ବେ-ଦଖଲ କରି ନିଜେ ଚାଷ କରିବା ଉଦ୍ଦେଶ୍ୟରେ ତାହା ଦଖଲ କରି ପାରିବେ ନାହିଁ । ଭାଗଚାଷୀମାନେ ଚାଷ କରୁଥିବା ଜମି ଯଦି ମଠ ଦ୍ୱାରା ହସ୍ତାନ୍ତରିତ ହୁଏ, ତେବେ ହସ୍ତାନ୍ତରିତ ହୋଇଥିବା ଜମିମାଲିକମାନଙ୍କ ଅଧୀନରେ ଏଭଳି ଜମିକୁ ଚାଷ କରିବାର ଅଧିକାର ଭାଗଚାଷୀଙ୍କର ରହିଛି

ଉପରୋକ୍ତ ବୈଧାନିକ ବ୍ୟବସ୍ଥା ଦୃଷ୍ଟିରୁ ମଠ ଅଧୀନରେ ଥିବା ଜମିକୁ ୧୯୬୦ ମସିହା ଓଡ଼ିଶା ଭୂ-ସଂସ୍କାର ଆଇନ ଅନୁଯାୟୀ ଆଇନଗତଭାବେ ଚାଷ କରୁଥିବା ଭାଗଚାଷୀମାନଙ୍କୁ ଯେ ସେମାନଙ୍କ ଜମିରୁ ବେ-ଦଖଲ କରାଯିବ, ଏଭଳି ଆଶଙ୍କା କରିବାର କିଛି ନାହିଁ । ସେମାନେ ଟ୍ରଷ୍ଟ ଅଧୀନରେ ଭାଗଚାଷୀରୂପେ ରହି ପାରିବେ ଓ ଟ୍ରଷ୍ଟକୁ ସେମାନଙ୍କର ଉତ୍ପନ୍ନ ଦ୍ରବ୍ୟର ଯଥାଯଥ ଅଂଶ ଦେବେ କିମ୍ବା ଯଥାରୀତି ସେବା କରିପାରିବେ ।



# ଓଡ଼ିଶାରେ ଜଳସେଚନର କ୍ରମ ବିକାଶ

ଶ୍ରୀ ପ୍ରହ୍ଲାଦ ମଲ୍ଲିକ
କୃଷି ଓ ଜଳସେଚନ ମନ୍ତ୍ରୀ

କଳା, ଐଶ୍ୱର୍ଯ୍ୟ, ସଂସ୍କୃତି ଓ ଜ୍ଞାନର ଐଶ୍ୱର୍ଯ୍ୟ ଭଣ୍ଡାର ଓଡ଼ିଶା ସୁଦୂର ଅତୀତରେ ସମଗ୍ର ପ୍ରାଚ୍ୟ ଭୂଖଣ୍ଡରେ ଏକ ସମୁନ୍ନତ ଅଞ୍ଚଳ ରୂପେ ସୁବିଦିତ ଥିଲା । ମହାମହିମ କଳିଙ୍ଗ ସମ୍ରାଟ ଖାରବେଳଙ୍କ ଶାସନରେ ଏହି ରାଜ୍ୟର ଭାଗ୍ୟ ରବି ସମଗ୍ର ଭାରତ ବର୍ଷକୁ ଉଦ୍ଭାସିତ କରିଥିଲା । ଏ ଜାତିର କୃଷକ ଥିଲେ ଏକାଧାରରେ ସୈନିକ ଓ ଶିଳ୍ପୀ । ସମ୍ରାଟ ଖାରବେଳ କଳିଙ୍ଗରେ କୃଷିର ଉନ୍ନତି ସାଧନ ପାଇଁ ଅନେକ ଉନ୍ନତ ଜଳସେଚନ ସଂକଳ୍ପମାନ ପ୍ରଣିଧାନ କରିଥିବାର ସୂଚନା ଇତିହାସ ପୃଷ୍ଠାରେ ଲିପିବଦ୍ଧ ରହିଛି । ପୁଣ୍ୟ-ତୋୟା ଦୟା ନଦୀର ପବିତ୍ର ଜଳ ଧାରରେ ଏ ଜାତି କରିଥିଲା ରକ୍ତ ତର୍ପଣ ସନ୍ତାପିତ ଚଣ୍ଡାଶୋକଙ୍କର ମୃତ୍ୟୁରେ ତାଙ୍କୁ ଧର୍ମାଶୋକ ରୂପେ ପୁନର୍ଜୀବିତ କରିବା ପାଇଁ । ସେହି କାଳ, ଷୋଡ଼ଶ ଶତାବ୍ଦୀରେ ଉତ୍କଳର ସ୍ୱାତନ୍ତ୍ର୍ୟ ଲୁପ୍ତ ହେବାଯାଏଁ କୃଷିର ବିକାଶ ପାଇଁ ଏହି ରାଜ୍ୟର ଶାସକବର୍ଗ ନିରବଚ୍ଛିନ୍ନ ଭାବେ ନାନା ଭାବେ ଜଳାଧାର, ଜଳ ପ୍ରବାହିକା, ଜଳ ପ୍ରଣାଳୀ ଏବଂ ଜଳରୋଧ ସେତୁମାନ ନିର୍ମାଣ କରି ଯାଇଥିଲେ ।

ମାତ୍ର ସୁଦୀର୍ଘ ପରାଧୀନତାର ଘନ ଅନ୍ଧକାର ମଧ୍ୟରେ ଏହି ସବୁ କୃତି କ୍ରମାଗତ ଭାବେ ନଷ୍ଟ ହୋଇ ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ସମୟକୁ ପ୍ରାୟତଃ ନିଶ୍ଚିହ୍ନ ହୋଇ ଯାଇଥିଲା । ବନ୍ୟା ଓ ମରୁଡ଼ିର ଦାରୁଣ କଷାଘାତ ଜନିତ ଦୁର୍ଭିକ୍ଷ ପ୍ରପୀଡ଼ନରେ ନିଷ୍ପେଷିତ ହୋଇ ଓଡ଼ିଆ ଜାତି ନିଷ୍ପ୍ରାଣ ନିଷ୍ପନ୍ଦ ହୋଇ କଙ୍କାଳବତ୍ କେବଳ ତିଷ୍ଠି ରହିଥିଲା । ମହାନଦୀ ତଥା ଅନ୍ୟ ବଡ଼ ବଡ଼ ନଦୀମାନଙ୍କର ପ୍ରଳୟଙ୍କରୀ ବନ୍ୟା ଓ କ୍ରମାଗତ ମରୁଡ଼ି ଫଳରେ ଊନବିଂଶ ଶତାବ୍ଦୀକୁ ଦୁଃଖର ଶତାବ୍ଦୀ ରୂପେ ଅଭିହିତ କରାଯାଇପାରେ ।

ଊନବିଂଶ ଶତାବ୍ଦୀର ପ୍ରଥମ ଯାମରେ ଉତ୍ତର ଓ ଦକ୍ଷିଣ ଭାରତରେ ଅଧିକାଂଶ ବଡ଼ ବଡ଼ ନଦୀମାନଙ୍କରେ ବହୁ ପୁରାତନ ଜଳସେଚନ ବ୍ୟବସ୍ଥାମାନଙ୍କର ସଂସ୍କାର ଏବଂ ନୂତନ ଯୋଜନାମାନଙ୍କ ରୂପାୟନ କରା ଯାଇଥିଲେ ମଧ୍ୟ ୧୮୬୩ ମସିହା ପର୍ଯ୍ୟନ୍ତ ଓଡ଼ିଶା ପ୍ରତି କୌଣସି ଦୃଷ୍ଟି ଦିଆ ଯାଇ ନ ଥିଲା । ସଖର ତଥା ୧୮୬୩ ମସିହା ନଭେମ୍ବର ମାସରେ "ଓଡ଼ିଶା କେନାଲ" ନାମକ ଗୋଟିଏ ବିରାଟ ଜଳସେଚନ ପ୍ରକଳ୍ପର ନିର୍ମାଣ ଏକ ଇଂରେଜ ଯୌଥ କମ୍ପାନୀ ଦ୍ୱାରା ଆରମ୍ଭ କରାଗଲା । ବ୍ୟବସାୟିକ କାରଣରୁ କମ୍ପାନୀ ଯୋଜନାଟିର ରୂପାୟନରେ ଶିଥିଳତା ଅବଲମ୍ବନ କରିବାରୁ ୧୮୬୯ ମସିହା ଜାନୁଆରୀ ମାସ ପହିଲା ତାରିଖରୁ ଇଂରେଜ ସରକାର ଯୋଜନାଟିକୁ କମ୍ପାନୀ ଠାରୁ କ୍ରୟ କରି ନେଇ ନିଜ ଦାୟିତ୍ୱରେ ନିର୍ମାଣ କରାଇଲେ । ଆର୍ଥିକ ଏବଂ ବ୍ୟବସାୟିକ କାରଣରୁ ଯୋଜନାଟିର ସୁବୃହତ କଳେବରକୁ ସଂକ୍ଷିପ୍ତ କରିବାକୁ କାଟଛାଣ୍ଟ କରି କେବଳ ମହାନଦୀ, ବ୍ରାହ୍ମଣୀ ଏବଂ ବୈତରଣୀ କେନାଲମାନଙ୍କର କେତେକାଂଶ ନିର୍ମିତ କରା ଯାଇଥିଲେ ହେଁ ଓଡ଼ିଶାରେ ଆଧୁନିକ ଜଳସେଚନର ପ୍ରଥମ ଅଧ୍ୟାୟ ଏହି ଯୋଜନା ଦ୍ୱାରା ହିଁ ଶୁଭାରମ୍ଭ ହୋଇଥିଲା ।

ବିଂଶ ଶତାବ୍ଦୀର ପ୍ରଥମ ଦଶକରେ ତତ୍-କାଳୀନ ମାଡ୍ରାସ ପ୍ରେସିଡେନ୍ସି ଅନ୍ତର୍ଗତ ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ନଦୀରେ ଏକ ସମନ୍ୱିତ ଜଳସେଚନ ଯୋଜନାର ନିର୍ମାଣ ଆରମ୍ଭ ହୋଇ ଆଧୁନିକ ଓଡ଼ିଶାର ଦ୍ୱିତୀୟ ଜଳସେଚନ ପ୍ରକଳ୍ପ ରୂପେ ଅଭିଜାତ କାର୍ଯ୍ୟକ୍ଷମ ରହିଛି ।

ବିଂଶ ଶତାବ୍ଦୀର ଦ୍ୱିତୀୟ ଯାମ ଆମ ରାଜ୍ୟ ପାଇଁ ଜଳସେଚନ କ୍ଷେତ୍ରରେ ଥିଲା ଏକ ବିରାଟ ଶୂନ୍ୟତା । କେବଳ ପାରଳା, ମୟୂରଭଞ୍ଜ ଓ ବାମଣ୍ଡା ପ୍ରଭୃତି ଗଡ଼ଜାତ ଅଞ୍ଚଳରେ କେତେକ କ୍ଷୁଦ୍ର ଏବଂ ମଧ୍ୟମ ଧରଣର ଜଳସେଚନ ଯୋଜନା ତତ୍କାଳୀନ ଶାସକ ବର୍ଗଙ୍କ ଦ୍ୱାରା ନିର୍ମିତ ହେବା ଛଡ଼ା ଅନ୍ୟ କୌଣସି ଯୋଜନା ରୂପାୟନ ହୋଇ ପାରିଲା ନାହିଁ । ସ୍ୱାଧୀନତାର ପ୍ରାକ୍କାଳ ପର୍ଯ୍ୟନ୍ତ ମଧ୍ୟମ ଓ ବୃହତ୍ ଜଳସେଚନ ଯୋଜନାମାନଙ୍କ ମଧ୍ୟରୁ ମାତ୍ର ଏକ ଲକ୍ଷ ଅଠ ହଜାର ହେକ୍ଟର ହେକ୍ଟରରେ ଜମିକୁ ଜଳସେଚନର ସୁବିଧା ଯୋଗାଇ ଦିଆ-ଯାଇଥିଲେ ମଧ୍ୟ ଏହି ସୁଯୋଗ ମଧ୍ୟରୁ ଅଭିପ୍ସିତ ଫଳ ପାଇଁ ଉଦ୍ଦିଷ୍ଟ ଥିଲା ।

ସ୍ୱାଧୀନତା ଲାଭର ଠିକ୍ ପରେ ଭାରତ ତଥା ସମଗ୍ର ବିଶ୍ୱର ଏକ ଅନନ୍ୟ ରୂପେ ହୀରାକୁଦ ବହୁମୁଖୀ ନଦୀବନ୍ଧ ଯୋଜନାର ସଫଳ ରୂପାୟନ ପରେ ହିଁ ଓଡ଼ିଶାରେ ସମନ୍ୱିତ ଦ୍ୱାର ଉନ୍ମୁକ୍ତ ହେଲା ବୋଲି କହିବାକୁ ହେବ । ପ୍ରଥମ ପଞ୍ଚବାର୍ଷିକ ଯୋଜନା ଓ ପରବର୍ତ୍ତୀ ଯୋଜନା କାଳ ମଧ୍ୟରେ କେତେକ

ବୃହତ୍ ଓ ମଧ୍ୟମ ଜଳସେଚନ ଯୋଜନାମାନଙ୍କର ନିର୍ମାଣ କରାଯାଉଥିଲେ ମଧ୍ୟ ଆମ ରାଜ୍ୟରେ ଜଳସେଚିତ ଜମିର ପରିମାଣ ବୃଦ୍ଧି ସମଗ୍ର ଦେଶର ସେହି ବୃଦ୍ଧିହାର ସହିତ ସମତା ରକ୍ଷା କରିପାରିନାହିଁ । ପଞ୍ଚମ ପଞ୍ଚବାର୍ଷିକ ଯୋଜନାର ଅବ୍ୟବହିତ କାଳପୂର୍ବରୁ ସାଲନ୍ଦୀ ଓ ମହାନଦୀ ତ୍ରିକୋଣଭୂମି ଏବଂ ଆନନ୍ଦପୁର ଆଦି ବୃହତ୍ ଯୋଜନାମାନଙ୍କ ସହ ୧୯ ଗୋଟି ମଧ୍ୟମ ଯୋଜନାର ନିର୍ମାଣ ଆରମ୍ଭ କରାଯାଇଥିଲେ ମଧ୍ୟ ତନ୍ମଧ୍ୟରୁ ହୀରାକୁଦ ବ୍ୟତୀତ ହାତଧର ରାତି ମଧ୍ୟମ ଯୋଜନାର ନିର୍ମାଣ ସଂପୂର୍ଣ୍ଣ କରାଯାଇଥିଲା ।

ପଞ୍ଚମ ଯୋଜନା କାଳରେ ପୂର୍ବରୁ ଅସମାପ୍ତ ଥିବା ପ୍ରକଳ୍ପମାନଙ୍କ ଛଡ଼ା ରେଙ୍ଗାଲି ବହୁମୁଖୀ ଯୋଜନା ଏବଂ ଉର୍ଦ୍ଧ୍ୱ କୋଲାବ ବହୁମୁଖୀ ଯୋଜନା ସହିତ ଆଉ ୧୫ ଗୋଟି ନୂତନ ମଧ୍ୟମ ଜଳସେଚନ ଯୋଜନାର ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଥିଲେ ହେଁ କେବଳ ୧୦ ଗୋଟି ମଧ୍ୟମ ଯୋଜନା ଓ ଅନେକାଂଶରେ ସାଲନ୍ଦୀ ବୃହତ୍ ଯୋଜନା ବ୍ୟତୀତ ଅନ୍ୟ ସମସ୍ତ ପ୍ରକଳ୍ପ ୧୯୭୮-୭୯ ମସିହାରେ ଆରମ୍ଭ ହୋଇଥିବା ଷଷ୍ଠ ଯୋଜନା କାଳରେ ମଧ୍ୟ ନିର୍ମାଣାଧୀନ ରହିଅଛି । ଏତଦ୍‌ଭିନ୍ନ ଏହି ଯୋଜନା କାଳରେ କେନ୍ଦ୍ର ସରକାରଙ୍କ ଅନୁଦାନରେ ପୋତେଷ୍ଟ ବୃହତ୍ ଜଳସେଚନ ଯୋଜନା ଏବଂ ବଡ଼ାପିପ୍ଲୀ ମଧ୍ୟମ ଯୋଜନାର ନିର୍ମାଣ ମଧ୍ୟ ଆରମ୍ଭ କରାଯାଇଛି ।

କୃଷି ଉନ୍ନୟନ ପାଇଁ ଜଳସେଚନ ଗୁରୁତ୍ୱ ଉପଲବ୍ଧି କରି ଜଳସେଚନର କାର୍ଯ୍ୟକ୍ରମକୁ ଷଷ୍ଠ ଯୋଜନା କାଳରେ ସର୍ବାଧିକ ଗୁରୁତ୍ୱ ଦିଆଯାଇ ଯୋଜନା ପ୍ରଣୟନ କରାଯାଇଛି । ଏହି ଯୋଜନା କାଳ ମଧ୍ୟରେ ରେଙ୍ଗାଲି ଜଳସେଚନ ଯୋଜନା ଏବଂ ଇନ୍ଦ୍ରାବତୀ ଯୋଜନା ଭଳି ବୃହତ୍ ପ୍ରକଳ୍ପମାନଙ୍କର ନିର୍ମାଣ ଆରମ୍ଭ କରାଯାଇ ସାରିଛି ଏବଂ ଅବଶିଷ୍ଟ ସମୟ ମଧ୍ୟରେ ସୁବର୍ଣ୍ଣରେଖା, ଟିଗେଲି, ସମାକୋଇ, ଇନ୍ଦ୍ରା, ବୁଡ଼ାଙ୍ଗ, ଉର୍ଦ୍ଧ୍ୱ ବୈତରଣୀ, ନିମ୍ନଇନ୍ଦ୍ର, ମଣଭଦ୍ରା, ଇବ୍, ଋଷିକୁଲ୍ୟା, ମହାନଦୀ, ଚିତ୍ରୋତପଳା ଦ୍ୱୀପାଞ୍ଚଳ ତଥା ମହାନଦୀ ବ୍ୟାରେଜ ଇତ୍ୟାଦି ବୃହତ୍ ଏବଂ ସତରଗୋଟି ମଧ୍ୟମ ଜଳସେଚନ ଯୋଜନାର ନିର୍ମାଣ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରାଯିବାର ପ୍ରସ୍ତାବ ରହିଛି ।

ଓଡ଼ିଶାର ସର୍ବମୋଟ କୃଷି ଉପଯୋଗୀ ୬୧ ଲକ୍ଷ ହେକ୍ଟରରୁ ଉର୍ଦ୍ଧ୍ୱ ଜମି ମଧ୍ୟରୁ ପଞ୍ଚମ ଯୋଜନା କାଳ ଶେଷ ସୁଦ୍ଧା ମାତ୍ର ୬'୯୨ ଲକ୍ଷ ହେକ୍ଟର ଜମିରେ ଜଳସେଚନର ସୁଯୋଗ ସୃଷ୍ଟି କରାଯାଇ ପାରିଛି । ଏହା ସମଗ୍ର କୃଷି ଉପଯୋଗୀ ଜମିର ଶତକଡ଼ା ୧୧'୩୮ ଭାଗ ମାତ୍ର । ଜଳସେଚିତ ଜମିର ହାରକୁ ଜାତୀୟ ସ୍ତରକୁ ଆଣିବା ପାଇଁ ପ୍ରଗାଢ଼ ଉଦ୍ୟମ ଷଷ୍ଠ ଯୋଜନାରେ ପ୍ରତିଫଳିତ । ଚିର ମରୁଡ଼ିଗ୍ରସ୍ତ ଏବଂ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପାଇଁ ଷଷ୍ଠ ଯୋଜନା କାଳ ମଧ୍ୟରେ ଉପରୋକ୍ତ ବୃହତ୍ ଓ ମଧ୍ୟମ ଜଳସେଚନ ଯୋଜନାମାନଙ୍କ ମଧ୍ୟରୁ କେତେକକୁ ବିଶେଷଭାବେ ନିର୍ବାଚିତ କରାଯାଇଛି । ଊନବିଂଶ ଶତାବ୍ଦୀରେ ନିର୍ମିତ ହୋଇଥିବା ପୁରାତନ ଆନିକଟମାନଙ୍କର ପୁନଃ ନିର୍ମାଣ ନିମନ୍ତେ ଏବଂ କେନାଲମାନଙ୍କର ଆଧୁନିକୀକରଣ ଉଦ୍ଦେଶ୍ୟରେ ମଧ୍ୟ ଏହି ଯୋଜନା କାଳରେ ଯଥାବଶ୍ୟକ ଦିଆଯାଇଅଛି । ଏହି ଉଦ୍ଦେଶ୍ୟରେ ମହାନଦୀ ଓ ବିରୂପା ବ୍ୟାରେଜ ନିର୍ମାଣର ଶୁଭାରମ୍ଭ ହେବା ସଙ୍ଗେ ସଙ୍ଗେ ଯୋଜନା କାଳ ମଧ୍ୟରେ ବୈତରଣୀ ଋଷିକୁଲ୍ୟା, ହୁରାଳି ଏବଂ ବଳଦିଆ ପ୍ରକଳ୍ପମାନଙ୍କର କାର୍ଯ୍ୟକ୍ରମ ମଧ୍ୟ ନିର୍ଦ୍ଦିଷ୍ଟ ହୋଇଛି ।

ଷଷ୍ଠ ଯୋଜନା କାଳରେ ନୂତନ ଭାବେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକ ସହ ପ୍ରାକ୍ ଯୋଜନା ତଥା ଯୋଜନା ବହିର୍ଭୂତ ସମସ୍ତ ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଗୁଡ଼ିକ ପୂର୍ଣ୍ଣାଙ୍ଗ ହେଲେ ସର୍ବମୋଟ ୧୯'୨୪ ଲକ୍ଷ ହେକ୍ଟର ଜମିରେ ଏହି ସୂତ୍ରରୁ ଜଳସେଚନ ହୋଇ ପାରିବ ଏବଂ ଏହା ହେବ ସମଗ୍ର କୃଷୋପଯୋଗୀ ଜମିର ଶତକଡ଼ା ୩୧'୩୫ ଭାଗ । ଅଧିକନ୍ତୁ ଏହି ସମସ୍ତ ଯୋଜନା ପୂର୍ଣ୍ଣାଙ୍ଗପ୍ରାପ୍ତ ହେଲେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଜଳସେଚନ କ୍ଷେତ୍ରରେ ଥିବା ଆଞ୍ଚଳିକ ବୈଷମ୍ୟ ଦୂରୀକରଣ ସମ୍ଭବ ହେବ କାରଣ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଅନ୍ୟୂନ ୨୦ ଭାଗ କୃଷି ଉପଯୋଗୀ ଜମିକୁ ଜଳସେଚିତ କରାଯାଉଥିବା ଷଷ୍ଠ ଯୋଜନା କାଳକୁ ଏହି କାରଣରୁ ଜଳସେଚନ କ୍ଷେତ୍ରରେ ଭଗୀରଥଙ୍କ ଅଧ୍ୟାୟ ଭାବେ ଭବିଷ୍ୟତ ନାମକରଣ କରିବ ଏହା ବିରାଟ ସାଫଲ୍ୟ । ପଞ୍ଚମ ଯୋଜନା କାଳ ଶେଷ ସୁଦ୍ଧା ଜଳସେଚନ କାର୍ଯ୍ୟକ୍ରମରେ ସର୍ବମୋଟ ୨୧୩'୫ କୋଟି ଟଙ୍କା ବିନିଯୋଗ ହୋଇଥିଲେ ହେ କେବଳ ଷଷ୍ଠ ଯୋଜନା କାଳରେ ୪୫୦ କୋଟି ଟଙ୍କା ଯୋଜନା ବ୍ୟୟ ସୁପାରିଶ କରାଯାଇ କେନ୍ଦ୍ର ସରକାରଙ୍କ ଅନୁମୋଦନ ନିମନ୍ତେ ପ୍ରେରଣ କରାଯାଇଛି ।

ପ୍ରତ୍ୟେକ ଯୋଜନାକୁ ସମୟ ସୀମା ମଧ୍ୟରେ ରୂପାୟନ କରିବା ପାଇଁ ଜନ ଜାଗରଣ ଏବଂ ଜନସହଯୋଗ ସର୍ବାଦୌ ଆବଶ୍ୟକ । କ୍ଷତିଗ୍ରସ୍ତ ଲୋକମାନଙ୍କ ପାଇଁ ଉଦାର ଭାବରେ ଥଇଥାନର ବ୍ୟବସ୍ଥା କରିବାକୁ ସରକାର ଆଗ୍ରହୀ ଥିବାରୁ ସମସ୍ତ ଜନସାଧାରଣଙ୍କର ଅନାବିଳ ସହଯୋଗରେ ଏହି ବିରାଟ ଯୋଜନାମାନ ଯେ ନିଶ୍ଚିତ ଭାବେ ସୁରକ୍ଷ ରୂପେ ସମ୍ପୂର୍ଣ୍ଣ ହେବ ଏହା ଆଶା କରାଯାଇପାରେ ।



# ଫେରୋକ୍ରୋମ କାରଖାନା

ଶ୍ରୀ ରତ୍ନାକର ଦାଶ

କ୍ରୋମିୟମ୍ ଓ ଲୁହାର ମିଶ୍ରଣରେ ପ୍ରସ୍ତୁତ ଫେରୋକ୍ରୋମ ମିଶ୍ର ଇସ୍ପାତ ଓ ଷ୍ଟେନଲେସ୍ ଷ୍ଟିଲ ଉତ୍ପାଦନ ପାଇଁ ଏକ ଅପରିହାର୍ଯ୍ୟ ଦ୍ରବ୍ୟ । ବିକାଶଶୀଳ ଦେଶମାନଙ୍କରେ ଷ୍ଟେନଲେସ୍ ଷ୍ଟିଲ ଚାହିଦା ବଢ଼ିବା ସଙ୍ଗେ ସଙ୍ଗେ ଫେରୋକ୍ରୋମର ଚାହିଦା ବଢ଼ିବା ଯୋଗୁଁ ଏବଂ ଓଡ଼ିଶାର ଯାଜପୁର ରୋଡ୍ ନିକଟବର୍ତ୍ତୀ ସୁକିନ୍ଦା ଅଞ୍ଚଳରେ ପ୍ରଚୁର ପରିମାଣରେ ଉତ୍ତମ ଧରଣର କ୍ରୋମ ପଥର ମିଳୁଥିବାରୁ ଓ ଶିଳ୍ପ ପାଇଁ ଆବଶ୍ୟକୀୟ ପାଣି, ଜମି, ରାସ୍ତା ପ୍ରଭୃତି ସୁବିଧା ଥିବାରୁ ଓଡ଼ିଶା ଶିଳ୍ପ ଉନ୍ନୟନ କର୍ପୋରେସନ ୧୯୬୪ ମସିହାରେ ଯାଜପୁର ରୋଡର ଅନତିଦୂରରେ ଗୋଟିଏ ଫେରୋକ୍ରୋମ କାରଖାନା ବସାଇବା ପାଇଁ ପରିକଳ୍ପନା କଲେ । ସାରା ଦେଶରେ ଏହା ହେଉଛି ସରକାରୀ ଉଦ୍ୟମରେ ଏକମାତ୍ର ଫେରୋକ୍ରୋମ କାରଖାନା । ଭାରତ ସରକାରଙ୍କ ଅନୁମତି କ୍ରମେ ଏ କାରଖାନାର ନିର୍ମାଣ କାର୍ଯ୍ୟ ୧୯୬୭ ମସିହାରେ ଆରମ୍ଭ ହୋଇ ଏବଂ ପ୍ରଥମ ପର୍ଯ୍ୟାୟ ଉତ୍ପାଦନ ହାଇକାର୍ବନ ( High Carbon ) ୧୯୬୯ ମସିହା ନଭେମ୍ବର ମାସରେ ହେଲା । ୧୯୭୦ ଅକ୍ଟୋବର ମାସରେ ଦ୍ୱିତୀୟ ପର୍ଯ୍ୟାୟରେ ଲୋକାର୍ବନ ( Low Carbon ) ଉତ୍ପାଦିତ ହେଲା । ଏହି କାରଖାନାର ମୂଳଧନ ହେଲା ପ୍ରାୟ ୭ କୋଟି ଟଙ୍କା ଓ ଏ କାରଖାନା ପାଇଁ ୩ କୋଟି ଟଙ୍କା ମୂଲ୍ୟର ବୈଦେଶିକ ଯନ୍ତ୍ରପାତି ବିଭିନ୍ନ ଦେଶରୁ ଆମଦାନୀ କରାଯାଇଛି ।

ଫେରୋକ୍ରୋମ ଉତ୍ପାଦନ ପାଇଁ ପ୍ରଧାନ ଓ ମୁଖ୍ୟ କଞ୍ଚାମାଲ ହେଲା କ୍ରୋମ ପଥର । ଏହା ଉଭୟ ମୁଣ୍ଡା ଓ ଗୁଣ୍ଡ ଆକାରରେ ଓଡ଼ିଶା ଖଣି କର୍ପୋରେସନ ତାଙ୍କ ଖାଦାନରୁ ଟ୍ରକରେ ଏହି କାରଖାନାକୁ ଯୋଗାଇ ଥାଆନ୍ତି । ଅନ୍ୟ କଞ୍ଚାମାଲ ଗୁଡ଼ିକ ହେଲା ପୋଡ଼ା କୋଇଲା ( Coke ) କ୍ୱାର୍ଜାଇଟ୍ ( Quartzite ), ଫର୍ଣ୍ଣେସ୍ ତେଲ ( Furnace oil ) ଇଲେକ୍ଟ୍ରୋଡ୍ ପେଷ୍ଟ ( Electrode paste ) ଓ ଚୂନପଥର ( Lime stone ) । ପୋଡ଼ା କୋଇଲା ବିହାରର ଗିରିଡିରୁ ରେଳଡବା ଯୋଗେ ଆସି ହାତରେ ଭଙ୍ଗା ହୋଇ ବ୍ୟବହାର କରାଯାଏ । କ୍ୱାର୍ଜାଇଟ୍ ଆଖପାଖ ଖାଦାନରୁ ଟ୍ରକ ଦ୍ୱାରା କାରଖାନାକୁ ପ୍ରେରିତ ହୁଏ । ଉତ୍ପାଦନ ପାଇଁ ଦରକାରୀ ଅତି ଭଲ ଧରଣର ଚୂନପଥର ସୁଦୂର ମଧ୍ୟପ୍ରଦେଶରୁ ରେଳଡବା ଦ୍ୱାରା ଯୋଗାଇ ଦିଆଯାଏ ।

ଫେର୍ଣ୍ଣସ୍ ଅଏଲ ବିଶାଖାପାଟଣାରୁ ଓ ଇଲେକ୍ଟ୍ରୋଡ୍ ପେଷ୍ଟ ହୀରାକୁଦ ଇଣ୍ଡିଆନ ଆଲୁମିନିୟମ୍ କମ୍ପାନୀ (Indian Aluminium Co, Hirakud ) କାରଖାନାରୁ ରେଲ୍‌ରେ ଅଣାଯାଏ । ରେଳଡବା ଗୁଡ଼ିକରେ ଆସୁଥିବା କଞ୍ଚାମାଲ ଗୁଡ଼ିକୁ କାରଖାନାର ନିଜ ରେଳଲାଇନରେ ନିଜ ଇଞ୍ଜିନ ଦ୍ୱାରା ଦରକାରୀ ଜାଗା ପର୍ଯ୍ୟନ୍ତ ଆଣିବା ସମ୍ଭବପର ହେଉଛି । ଚୂନପଥର କ୍ରସରରେ ( Crusher ) ଦରକାରୀ ଛୋଟ ଛୋଟ ଖଣ୍ଡ କରିବା ପାଇଁ ଭଙ୍ଗାଯାଏ ।

ଲୋ କାର୍ବନ ଫେରୋକ୍ରୋମ ( Low Carbon Ferrochrome ) ପ୍ରସ୍ତୁତି ପାଇଁ ଦୁଇଟି ଚୁଲ୍ଲୀ (Furnace ) ଦରକାର । ଗୋଟିଏ ହେଲା ରିଡକସନ ଫର୍ଣ୍ଣେସ (Reduction Furnace ) ଏବଂ ଅନ୍ୟଟି ହେଲା ସ୍ଲାଗ ଫର୍ଣ୍ଣେସ ( Slag Furnace ) । ରିଡକସନ-ଫର୍ଣ୍ଣେସରେ ପ୍ରଥମେ ସିଲିକୋ କ୍ରୋମ (Silico Chrome) କରାଯାଇ ଏହି ଉତ୍ପାଦିତ ଦ୍ରବ୍ୟ ସ୍ଲାଗ ଫର୍ଣ୍ଣେସରେ ଲୋ କାର୍ବନ ଫେରୋକ୍ରୋମ ପ୍ରସ୍ତୁତି ପାଇଁ ବ୍ୟବହୃତ ହୋଇଥାଏ । ସିଲିକୋ କ୍ରୋମ ପାଇଁ ଯେଉଁ କଞ୍ଚାମାଲ ଗୁଡ଼ିକ ଦରକାର ହୁଏ, ସେ ସବୁ ହେଲା– ମୁଣ୍ଡା କ୍ରୋମ ପଥର-କ୍ୱାର୍ଜାଇଟ ଓ ପୋଡା କୋଇଲା । ଏହି କଞ୍ଚା ମାଲ ଗୁଡ଼ିକୁ ଉଗାଯାଇ ବିଭିନ୍ନ ଅନୁପାତରେ ଫର୍ଣ୍ଣେସରେ ବ୍ୟବହାର କରାଯାଇଥାଏ । ଏହି କଞ୍ଚା ମାଲ ବ୍ୟତୀତ ଦରକାର ହେଲେ କାଠଖଣ୍ଡ ( Wood Chips ) ମାଗ୍ନେସାଇଟ ( Magnesite ), ବକ୍ସାଇଟ ( Bauxite ) ଫ୍ଲୋର୍ସ୍ପାର ( ( Flourspar ) ପ୍ରଭୃତି କଞ୍ଚାମାଲ ଗୁଡ଼ିକ ରିଡକସନ୍ ଫର୍ଣ୍ଣେସରେ ସିଲିକୋ କ୍ରୋମ ତିଆରି ପାଇଁ ବ୍ୟବହୃତ ହୋଇଥାଏ । ଏହି ଫର୍ଣ୍ଣେସ ସକାଶେ ବିଦ୍ୟୁତ୍ ହେଉଛି ଇନ୍ଧନ । ବିଦ୍ୟୁତ୍ ଯୋଗାଣ ୩୩. କେ: ଭି: ସବ୍ ଷ୍ଟେସନ (33 K.V. Sub-station) ଓ ୧୧. କେ: ଭି: ସବ୍ ଷ୍ଟେସନରୁ ( 11 K. V. sub-station ) ଫର୍ଣ୍ଣେସ ଟ୍ରାନ୍ସଫର୍ମର ( Furnace Transformer ) ମାନଙ୍କୁ ହୋଇଥାଏ ଓ ରିଡକସନ ଫର୍ଣ୍ଣେସକୁ ୯ ଏମ. ଭି. ଏ. ଟ୍ରାନ୍ସଫର୍ମର (9 M. V. A.) ରୁ ୩ ଟି ବଡ଼ ବଡ଼ ଇଲେକ୍ଟ୍ରୋଡ (Electrode) ମାଧ୍ୟମରେ ବିଦ୍ୟୁତ୍ ଯୋଗାଇ ଦିଆଯାଏ । ଏଇ ଇଲେକ୍ଟ୍ରୋଡ୍ ଗୁଡ଼ିକର ବ୍ୟାସ ହେଉଛି ପ୍ରାୟ ୩୭" ଓ ଏଗୁଡ଼ିକ କାରଖାନାରେ ତିଆରି ହୋଇଥାଏ । ଏ ଫର୍ଣ୍ଣେସର ଉତ୍ତାପମାତ୍ରା ବେଶି ଥିବାରୁ ଇଲେକ୍ଟ୍ରୋଡ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଅଂଶମାନ ସବୁବେଳେ ପାଣି ଦ୍ୱାରା ଥଣ୍ଡା କରାଯାଏ । ଏଇ ରିଡକସନ୍ ଫର୍ଣ୍ଣେସରେ ସାମୟିକ ହାଇକାର୍ବନ ଫେରୋକ୍ରୋମ ମଧ୍ୟ ଉତ୍ପାଦିତ ହୁଏ ।

ଏଇ ହାଇକାର୍ବନ ଫେରୋକ୍ରୋମର ମଧ୍ୟ ଦେଶ ବିଦେଶରେ ପ୍ରଚୁର ଚାହିଦା ରହିଛି । ଏଇ ଫର୍ଣ୍ଣେସରୁ ପ୍ରତି ଦୁଇ ଘଣ୍ଟାରେ ତରଳ ଧାତବ ପଦାର୍ଥ ସିଲିକୋ କ୍ରୋମ (Silico Chrome) ବାହାରେ ଓ ପରବର୍ତ୍ତୀ ଏକ ବିଶେଷ ପ୍ରଣାଳୀ ଦ୍ୱାର ଏଥିରେ ଗୁଣ୍ଡାକୃତ ପରିବର୍ତ୍ତନ ଆଣି ଓ ଥଣ୍ଡା ହେଲ ପରେ ଛୋଟ ଛୋଟ କରି ଲୋକାର୍ବନ ଫେରୋକ୍ରୋମ ପାଇଁ ବ୍ୟବହାର କରଯାଏ । କିନ୍ତୁ ହାଇକାର୍ବନ ଫେରୋକ୍ରୋମକୁ ଅଲ ଏକ ପ୍ରଣାଳୀରେ ତରଳ ଅବସ୍ଥାରେ ସଂଗ୍ରହ କରଯାଇ ଥଣ୍ଡା ହେଲ ପରେ ଛୋଟ ଛୋଟ କରଯାଇ ବିକ୍ରୀଯୋଗ୍ୟ କରଯାଏ । ପ୍ରତି ଘଣ୍ଟା, ପରେ ପାୟ ଦୁଇଟନ ଧାତବ ପଦାର୍ଥ ଓ ଦୁଇଟନ ଅଦରକାରୀ ଜିନିଷ ସ୍ଲାଗ (Slag) ଫର୍ଣ୍ଣେସରୁ ବାହାର କରଯାଏ । ଅଦରକାରୀ ଜିନିଷ ସ୍ଲାଗକୁ ବାହାରେ ପକେଇ ଦିଆଯାଏ । ଲୋ କାର୍ବନ ଫେରୋକ୍ରୋମ ପ୍ରସ୍ତୁତି ପାଇଁ ଅନ୍ୟ ସାହାଯ୍ୟକାରୀ କଞ୍ଚାମାଲ ହେଲ, ଗୁଣ୍ଡ କ୍ରୋମ, ଓ ଚୂନ ପଥର । ଏଇ ଦୁଇ କଞ୍ଚାମାଲ ପ୍ରଥମେ ଏକ ୫୬ ମିଟର ଲମ୍ବ ଓ ୨.୮୫ ମିଟର ବ୍ୟାସର ଘୋରାରୀ କିଲନ(Rotary Klin) ରେ ଫର୍ଣ୍ଣେସ ତେଲ (Furnace Oil) ଦ୍ୱାର

ଯୋଡାଯାଏ । ଏହାଦ୍ୱାରା ଏହି ଚୂନପଥରରୁ ଶୁଦ୍ଧ ଚୂନ ଓ ଗରମଗୁଣ୍ଡ କ୍ରୋମ ପଥର ସ୍ଲାଗ ଫର୍ଣ୍ଣେସରେ ବ୍ୟବହାର ପାଇଁ ମିଳିଥାଏ । ଏହି ଚୂନ ଓ କ୍ରୋମ ଗୁଣ୍ଡ ଆବଶ୍ୟକ ଅନୁପାତରେ ସ୍ଲାଗ ଫର୍ଣ୍ଣେସରେ ଦିଆଯାଏ ।

ସ୍ଲାଗ ଫର୍ଣ୍ଣେସରେ ରିଡ଼କସନ ଫର୍ଣ୍ଣେସ ପରି ଏକ ରକମର ୩ ଟି ଇଲେକ୍ଟ୍ରୋଡ୍ ଅଛି । କିନ୍ତୁ ଏହି ଇଲେକ୍ଟ୍ରୋଡ ଗୁଡ଼ିକର ବ୍ୟାସ କେବଳ ୨୨ ଇଞ୍ଚ । ୬.୫ ଏମ. ଭି. ଏ. ଟ୍ରାନସଫର୍ମର (M.V.A. Transformer) ରୁ ଏହି ଇଲେକ୍ଟ୍ରୋଡ ଗୁଡ଼ିକୁ ବିଦ୍ୟୁତ୍ ଯୋଗାଇ ଦିଆ ଯାଇଥାଏ । ବିଦ୍ୟୁତ ସାହାଯ୍ୟରେ କ୍ରୋମ (Chrome) ପଥର ଓ ଚୂନକୁ ତରଳା ଯାଏ । ଏଇ ଫର୍ଣ୍ଣେସ ର ଅଧିକାଂଶ ବି ପାଣି ଦ୍ୱାରା ଥଣ୍ଡା କରି ରଖା ଯାଇଥାଏ । ତରଳ ଚୂନ ଓ ଗୁଣ୍ଡ କ୍ରୋମ ପଥର ସଙ୍ଗରେ ପରେ ସିଲିକୋ କ୍ରୋମ (Silico Chrome) ଆବଶ୍ୟକ ଅନୁପାତରେ ମିଶି ଲୋ କାର୍ବନ ଫେରୋକ୍ରୋମ (Low Carbon Ferro Chrome) ଉତ୍ପାଦିତ ହୁଏ । ପ୍ରତି ତିନି ଘଣ୍ଟାରେ ଥରକୁ ପ୍ରାୟ ୩ ଟନ ଫେରୋକ୍ରୋମ (Ferro Chrome) ଉତ୍ପାଦିତ ହୁଏ । ଏହି ଫେରୋକ୍ରୋମ ପ୍ରସ୍ତୁତି ପ୍ରଣାଳୀରେ ପ୍ରାୟ ଥରକୁ ୧୦ ଟନ୍ ଅ-ଦରକାରୀ ଜିନିଷ ସ୍ଲାଗ (Slag) ବି ସଂଗୃହୀତ ହୁଏ । ତାର କୌଣସି ଆବଶ୍ୟକତା ନ ଥିବାରୁ ବାହାରେ ପକାଇ ଦିଆଯାଇଥାଏ । ଏହି ଉତ୍ପାଦିତ ଲୋ କାର୍ବନ ଫେରୋକ୍ରୋମ ଥଣ୍ଡା ହେଲ ପରେ ଅତି ଆଧୁନିକ ଯନ୍ତ୍ରପାତି ଦ୍ୱାରା ଭଙ୍ଗାଯାଇ ଛୋଟ ଛୋଟ ମୁଣ୍ଡା କରାଯାଇ ବିକ୍ରୀ ଉପଯୋଗୀ କରାଯାଏ ।

ଏଠାରେ ଅତି ଉଲ୍ଲେଖଯୋଗ୍ୟ ଘଟଣା ହେଉଛି ଯେ, ଉପରୋକ୍ତ ପ୍ରଣାଳୀରେ ସିଲିକୋକ୍ରୋମ (Silico Chrome) ଓ ଲୋ କାର୍ବନ (Low Carbon) ଉତ୍ପାଦନ କୌଣସି ବିଶେଷଜ୍ଞଙ୍କ ସହାୟତା ନ ନେଇ ଏହି କାରଖାନାର ବିଶେଷଜ୍ଞମାନେ ନିଜେ ନିଜ ଚେଷ୍ଟା ଦ୍ୱାରା କରିବାରେ ସମର୍ଥ ହୋଇଛନ୍ତି ।

ଏହି କାରଖାନାରେ ପ୍ରସ୍ତୁତ ହେଉଥିବା ପଦାର୍ଥଗୁଡ଼ିକ ଅତି ମୂଲ୍ୟବାନ, ହାଇ କାର୍ବନ ଫେରୋକ୍ରୋମର ମୂଲ୍ୟ ଟନ ପିଛା ପ୍ରାୟ ଟ ୪,୫୦୦ ଙ୍କା ସିଲିକୋକ୍ରୋମ ପ୍ରାୟ ଟ ୭,୦୦୦ ଓ ଲୋ କାର୍ବନ ଫେରୋକ୍ରୋମ ପ୍ରାୟ ଟ ୯,୦୦୦ଙ୍କା । ଏଣୁ ଏ ଗୁଡ଼ିକୁ ସାଧାରଣତଃ ଡ୍ରମରେ ଭର୍ତ୍ତିକରି ପଠା ଯାଇଥାଏ । ପ୍ରତ୍ୟେକ ଡ୍ରମଟି ପଠାଇବା ଆଗରୁ ଓଜନ ହୁଏ । ଉଆଗନ ବା ଟ୍ରକ ଦ୍ୱାରା ଏ ପଦାର୍ଥ ସବୁ ବାହାରକୁ ପଠାଯାଏ ।

କଞ୍ଚାମାଲ ଓ ଉତ୍ପାଦିତ ହେଉଥିବା ପଦାର୍ଥର ଗୁଣାତ୍ମକ ବିଶ୍ଳେଷଣ ପାଇଁ ଏହି କାରଖାନାରେ ଗୋଟିଏ ଉନ୍ନତ ଧରଣର ପରୀକ୍ଷାଗାର ଅଛି ଓ ପରୀକ୍ଷାଗାରରେ ଆଧୁନିକ ଧରଣର ପରୀକ୍ଷା ସଦକ୍ଷ ଲୋକ ମାନଙ୍କ ଦ୍ୱାରା କରାଯାଇଥାଏ ।

କାରଖାନାର ମୁଖ୍ୟ ଓ ଆନୁଷଙ୍ଗିକ କଳ କବ୍ଜା ଓ ଯନ୍ତ୍ରପାତିର ମରାମତି ପାଇଁ ଗୋଟିଏ ମରାମତଘର (Work-shop) ଅଛି । ତା ଛଡ଼ା ଯନ୍ତ୍ରପାତିକୁ ବଦଳାଇବା ପାଇଁ ଓ କାରଖାନା ଚଳାଇବା ପାଇଁ ଦରକାରୀ ଦ୍ରବ୍ୟ ସବୁ ଆବଶ୍ୟକ ପରିମାଣରେ ଗଚ୍ଛିତଘର (Stores) ରେ ମହଜୁଦ କରାଯାଇଛି ।

କାରଖାନାରେ ଉତ୍ପାଦିତ ହେଉଥିବା ପଦାର୍ଥ ଗୁଡ଼ିକ ଦେଶ ବିଦେଶରେ ବିକ୍ରି କରାଯାଇ ଏହି କାରଖାନା ଶିଳ୍ପ ମାନଚିତ୍ରରେ ଅଭୂତ-ପୂର୍ବ ପରିବର୍ତ୍ତନ ଆଣିବାରେ ସମର୍ଥ ହୋଇଛି । ଏହି କାରଖାନା ପାଇଁ ଅତି ଗୌରବ ଓ ସୁଖର ବିଷୟ ହେଉଛି ଯେ, ଏହି କାରଖାନା ଉତ୍ପାଦନ ଆରମ୍ଭ ହେବାର ପ୍ରଥମ ବର୍ଷରେ ଜାପାନକୁ ରପ୍ତାନି କରିବା ସମ୍ଭବପର ହୋଇ ପାରିଛି । ରପ୍ତାନି (export) ଯୋଗୁଁ ୧୯୭୪ ମସିହାରେ ବୈଷୟିକ ରପ୍ତାନି ସଂସଦ(Engineering Export Council)ତରଫରୁ ଏହି କାରଖାନା ପ୍ରଶଂସା ପତ୍ର ପାଇବାର ଗୌରବ ଲାଭ କରି ପାରିଛି । ଏହି କାରଖାନାରୁ ପ୍ରାୟ ୭ କୋଟି ଟଙ୍କା ମୂଲ୍ୟର ଉତ୍ପାଦିତ ଦ୍ରବ୍ୟ ଜାପାନ, ଅଷ୍ଟ୍ରେଲିଆ, ନର୍ଥ କୋରିଆ, ହଲାଣ୍ଡ, ରୁମାନିଆ, ଫିଲିପାଇନ୍ସ, ଇଟାଲି, ପ୍ରଭୃତି ବିଭିନ୍ନ ଦେଶ ମାନଙ୍କୁ ରପ୍ତାନି କରାଯାଇଛି । ତାହା ସଂଗେ ସଂଗେ ଅତି ଦୁର୍ଲଭ ବୈଦେଶିକ ମୁଦ୍ରା ଉପାର୍ଜନ କରିବାରେ ଏହି କାରଖାନା ଦେଶକୁ ସାହାଯ୍ୟ କରି ପାରିଛି । ଏଠାରେ ଉତ୍ପାଦିତ ଦ୍ରବ୍ୟ ଦେଶରେ ମୁଖ୍ୟତଃ ମିଶ୍ର ଇସ୍ପାତ କାରଖାନା (Alloy Steel Plant) ଦୁର୍ଗାପୁର ଓ ଅନ୍ୟାନ୍ୟ ସରକାରୀ ଓ ଘରୋଇ ସଂସ୍ଥାଗୁଡ଼ିକୁ ଯୋଗାଇ ଦିଆ ଯାଇଥାଏ ।

ଏହି କାରଖାନାର ବାର୍ଷିକ ବିକ୍ରୀର ମୂଲ୍ୟ ପ୍ରାୟ ୫ କୋଟି ଟଙ୍କା । ଏହି କାରଖାନା କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ରାଜସ୍ୱ ବାବଦରେ ବାର୍ଷିକ ପ୍ରାୟ ୫୦ ଲକ୍ଷ ଟଙ୍କା ଦେଇଥାଏ ।

ଏହି କାରଖାନାରେ ପ୍ରତ୍ୟକ୍ଷ ଭାବରେ ପାଞ୍ଚସହ ସତୁରୀ ଜଣ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି । ପରୋକ୍ଷ ଭାବରେ ଠିକାଦାର ମାନଙ୍କ ଦ୍ୱାରା ପ୍ରାୟ ଦୈନିକ ପାଞ୍ଚ ଶହ ଲୋକ କାର୍ଯ୍ୟ କରୁଛନ୍ତି । ପ୍ରତ୍ୟକ୍ଷ ଭାବରେ ପରିଚାଳନା କର୍ତ୍ତୃପକ୍ଷଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଲୋକଙ୍କ ମଧ୍ୟରୁ ୯୭.୦୫ ଭାଗ ଲୋକ ଓଡ଼ିଶାର ଅଧିବାସୀ । କର୍ମଚାରୀ ନିଯୁକ୍ତି ସମୟରେ ସ୍ଥାନୀୟ ଲୋକମାନଙ୍କୁ ସାଧାରଣତଃ ନିର୍ଦ୍ଧାରିତ ମାନ ଥିଲେ ସୁବିଧା ଦିଆ ଯାଇଥାଏ ।

ବର୍ତ୍ତମାନ ପ୍ରାୟ ୭୩.୫ ଭାଗ କର୍ମଚାରୀଙ୍କୁ କେବଳ କଟକ ଜିଲ୍ଲାରୁ ହିଁ ନିଯୁକ୍ତ ଦିଆଯାଇଛି । ଠିକାଦାରଙ୍କ ପାଖରେ କାର୍ଯ୍ୟ କରୁଥିବା ଅଧିକାଂଶ ଲୋକ କାରଖାନାର ନିକଟବର୍ତ୍ତୀ ଯାଜପୁର ରୋଡ଼, ସୁକିନ୍ଦା, ଏବଂ କେନ୍ଦୁଝର ଜିଲ୍ଲାର ଆଦିବାସୀ ।

ବର୍ତ୍ତମାନ ପରିଚାଳନା କର୍ତ୍ତୃପକ୍ଷ ଏବଂ କର୍ମଚାରୀଙ୍କ ଦ୍ୱାରା ଗଢ଼ା ଯାଇଥିବା ଶ୍ରମ ସଂଗଠନ (Ferro Chrome Workers' Union) ମଧ୍ୟରେ ସୁସଂପର୍କ ରହିଛି । ଯାହା କିଛି ସୁବିଧା ଅସୁବିଧା ଆପୋଷ ଆଲୋଚନା ଓ ତ୍ରୈପାକ୍ଷିକ ଚୁକ୍ତି ନାମାରେ ହିଁ ସମାଧାନ କରାଯାଇଥାଏ । କାରଖାନା ପରିଚାଳନାରେ ଶ୍ରମିକଙ୍କ ଯୋଗଦାନ ଯୋଜନା ଅନୁଯାୟୀ ୧୯୭୬ ମସିହାରୁ ତିନ ଗୋଟି ସପ କାଉନସଲ ଏବଂ ଗୋଟିଏ ଜଏଣ୍ଟ କାଉନସିଲ କାର୍ଯ୍ୟ କରୁଅଛି । ଏହି କାଉନ୍ସଲ୍ ଗୁଡ଼ିକରେ କାରଖାନାର ଉତ୍ପାଦନ ଓ ଉତ୍ପାଦିକା ଶକ୍ତି ବୃଦ୍ଧି ଲାଗି ଏବଂ ତାହା ସହିତ କର୍ମଚାରୀମାନଙ୍କର ସମୂହ କଲ୍ୟାଣ ଲାଗି ବିଭିନ୍ନ ବିଷୟ ଆଲୋଚନା କରାଯାଇ ପଦକ୍ଷେପମାନ ଗ୍ରହଣ କରା ଯାଉଛି ।

ଶ୍ରମିକ ମଙ୍ଗଳ ପାଇଁ କାରଖାନା କର୍ତ୍ତୃପକ୍ଷ ତାଙ୍କ ଉଦ୍ୟମ ଅବ୍ୟାହତ ରଖିଛନ୍ତି । ଶତକଡ଼ା ୫୦ ଭାଗ କର୍ମଚାରୀଙ୍କୁ ବାସଗୃହ ଯୋଗାଇ ଦିଆ ଯାଇଛି । ପିଲାମାନଙ୍କ ଶିକ୍ଷା ପାଇଁ ବିଦ୍ୟାଳୟ, ଚିତ୍ତ ବିନୋଦନ ପାଇଁ ଚିତ୍ତ ବିନୋଦନ କେନ୍ଦ୍ର, ସୁଲଭ ମୂଲ୍ୟରେ ଆବଶ୍ୟକୀୟ ସାମଗ୍ରୀ ଯୋଗାଇବା ପାଇଁ ଖାଉଟି ସମବାୟ କେନ୍ଦ୍ର ପ୍ରଭୃତି ଶ୍ରମିକ ମଙ୍ଗଳ କାର୍ଯ୍ୟ ମାନ ଗ୍ରହଣ କରା ଯାଉଛି ।

ଆଶାକରୁ, ଆମର ଶେୟାରହୋଲ୍ଡର ମାନଙ୍କର ପ୍ରେରଣା, ସରକାରଙ୍କର ସାହାଯ୍ୟ ଓ ଆମର ଉତ୍ପାଦିତ ପଦାର୍ଥ ଗୁଡ଼ିକର ବିକ୍ରିଯୋଗ କାରୀବନ୍ଧୁ ଓ ସଂସ୍ଥାମାନଙ୍କର ସହଯୋଗରେ ଆମେ ଆମର ଏହି କ୍ଷୁଦ୍ର କାରଖାନାର ମାନ ଭବିଷ୍ୟତରେ ବଢ଼ାଇବା ପାଇଁ ସମର୍ଥ ହୋଇ ପାରିବୁ ।

ଜେନେରାଲ ମ୍ୟାନେଜର,
ଫେରୋକ୍ରୋମ ପ୍ଲାଣ୍ଟ

# ଅନୁଧ୍ୟାନ

# ୧୯୬୮

# ଓଡ଼ିଆ ଚଳଚ୍ଚିତ୍ର

ଶ୍ରୀ ରଣଧୀର ଦାସ

ସର୍ବଭାରତୀୟ ଚଳଚ୍ଚିତ୍ର ଇତିହାସରେ ୧୯୬୫ ପର୍ଯ୍ୟନ୍ତ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ ସଂଖ୍ୟା ସର୍ବନିମ୍ନରେ ଥିଲା । ୧୯୬୬ ରେ ଛଅଟି ଓଡ଼ିଆ ଚିତ୍ର ମୁକ୍ତିଲାଭ କରିବା ଫଳରେ ଦର୍ଶକ ତଥା ଚିତ୍ର ପ୍ରେମୀଙ୍କ ମଧ୍ୟରେ ବେଶ ଆଲୋଡ଼ନ ସୃଷ୍ଟି କଲା । ୧୯୬୭ ରେ ଅନେକ ଚିତ୍ର ନିର୍ମାଣ ପାଇଁ ପ୍ରଯୋଜକ ଆଗ୍ରହ ପ୍ରକାଶ କଲେ । ଫଳରେ ୧୯୬୭ ରେ ଅମରପ୍ରେମ, ଅନୁତାପ, ଅରମାନ, ମୁକ୍ତି, ପୁନର୍ମିଳନ, ବନ୍ଧୁ ମହାନ୍ତି, ଏ ନୁହେଁ କାହାଣୀ, ରକ୍ତ ଗୋଲାପ, ନାଗଫାଶ—ମୋଟ ୯ଟି ଓଡ଼ିଆ ଚିତ୍ର ମୁକ୍ତିଲାଭ କଲା । ଦୁର୍ବଳ କାହାଣୀ ଚିତ୍ରନାଟ୍ୟ, ନିର୍ଦ୍ଦେଶନାଗତ ଅନ୍ୟାନ୍ୟ ତ୍ରୁଟି ହେତୁ ପୁନର୍ମିଳନ, ଏ ନୁହେଁ କାହାଣୀ, ନାଗଫାଶ ବ୍ୟତୀତ ଚିତ୍ରଗୁଡ଼ିକ ବ୍ୟାବସାୟିକ କ୍ଷତିର ସମ୍ମୁଖୀନ ହେଲା । କଲ୍ୟାଣରାମା ପିକ୍‌ଚରସର 'ପୁନର୍ମିଳନ', ହିନ୍ଦୀର ହିଟ୍ ଚିତ୍ର 'ଛୋଟି ବହେନ' ର କାହାଣୀ ଉପରେ ଆଧାରିତ ହୋଇଥିବାରୁ ତାହା ୧୯୬୭ର ଲୋକପ୍ରିୟ ଚିତ୍ର ରୂପେ ଦର୍ଶକମାନଙ୍କ ନିକଟରେ ଆଦୃତ ହୋଇ ପାରିଥିଲା ।

୧୯୬୮ ରେ ଅନେକ ନୂତନ ଆଶା, ଆଗ୍ରହ ଓ ଉଦ୍ଦୀପନା ନେଇ ନୂତନ ତରୁଣ ପ୍ରଯୋଜକ ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ମନୋନିବେଶ କଲେ । ସର୍ବମୋଟ ୧୫ଟି ଚିତ୍ର ଯଥା—ସୁନା ସଂସାର, ଡଉପୋଇ, ପ୍ରିୟତମା, ଚିଲିକା ତୀରେ, ଝିଲିମିଲି, ସମର୍ପଣ, ପିପାସା, କୁଳଚନ୍ଦ୍ରମା, ସାକ୍ଷୀ ଗୋପୀନାଥ, ପତିପତ୍ନୀ ପରିବାର, ସତୀ ଅନସୂୟା, ଶଙ୍ଖ ମହୁରୀ, ଅନ୍ନଦାତା, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ୧୯୬୮ ରେ ମୁକ୍ତିଲାଭ କଲା । ୧୯୬୮ ରେ ସେନ୍‌ସର ହୋଇଥିଲେ ମଧ୍ୟ 'ଗୌରୀ' ଓ ରଞ୍ଜନ ଚିତ୍ର 'ବଳିଦାନ' ପ୍ରେକ୍ଷାଳୟ ଅଭାବରୁ ମୁକ୍ତି ଲାଭ କରି ପାରିଲା ନାହିଁ । ୧୯୬୬ ରେ ପ୍ରଥମ ଥର ପାଇଁ ଦୁଇଟି ରଙ୍ଗୀନ ସଫଳ ଓଡ଼ିଆଚିତ୍ର 'ଗପ ହେଲେବି ସତ' ଓ 'ଶେଷ ଶ୍ରାବଣ' ଦର୍ଶକମାନେ ଦେଖିବାର ସୁଯୋଗ ପାଇଥିଲେ । ସୁଖର କଥା, 'ଶେଷ ଶ୍ରାବଣ' ଚିତ୍ର ଶ୍ରେଷ୍ଠ ଚିତ୍ର, ଶ୍ରେଷ୍ଠ କାହାଣୀ (ଡଃ ବସନ୍ତ ମହାପାତ୍ର) ଶ୍ରେଷ୍ଠ ନିର୍ଦ୍ଦେଶକ ତଥା ଅଭିନେତା (ପ୍ରଶାନ୍ତ ନନ୍ଦ) ଏବଂ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ (ପ୍ରଫୁଲ୍ଲ କର) ଏହିପରି ୫ଟି ପୁରସ୍କାର ରାଜ୍ୟ ସରକାରଙ୍କ ଦ୍ୱାରା ପାଇ ପାରିଛି । ଗର୍ବ ଓ ଗୌରବର ବିଷୟ, ବିଶିଷ୍ଟ ହିନ୍ଦୀ ଚଳଚ୍ଚିତ୍ର ନିର୍ମାଣ ରାଜଶ୍ରୀ ପିକ୍‌ଚରସ୍ ଆନୁକୂଲ୍ୟରେ ଶ୍ରୀ ପ୍ରଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶନାରେ 'ଶେଷ ଶ୍ରାବଣର' ହିନ୍ଦୀ ରୂପାନ୍ତର 'ନଇଆ' ର ଦ୍ରୁତ ପ୍ରସ୍ତୁତି ଚାଲିଛି । ସୁଖର କଥା, ଓଡ଼ିଆରେ ୧୯୬୮ ରେ ତିନୋଟି ରଙ୍ଗୀନ ଚିତ୍ର ଡଉପୋଇ, ସତୀ ଅନସୂୟା ଏବଂ ଶଙ୍ଖ ମହୁରୀ ମୁକ୍ତିଲାଭ କରିପାରିଛି । ଶ୍ୟାମଘନ ରାୟ ଚୌଧୁରୀଙ୍କ ନିର୍ଦ୍ଦେଶିତ 'ଚିଲିକା ତୀରେ' ରାଷ୍ଟ୍ରପତି ପୁରସ୍କାର ପାଇବାର ଗୌରବ ଲାଭ କରିଛି । ୧୯୬୮ ରେ ଓଡ଼ିଆ ଚିତ୍ର ନିର୍ମାଣ ପୂର୍ବବର୍ଷ ଅପେକ୍ଷା ବେଶ ଦ୍ରୁତ ତଥା ଉତ୍ସାହପ୍ରଦ । ଏକାନ୍ତ ପାରିବାରିକ ଚିତ୍ର ଭାବରେ 'ସୁନା ସଂସାର' ଦର୍ଶକମାନଙ୍କର ଚିତ୍ତ ଜୟ କରି ପାରିଛି । କାହାଣୀ ଲେଖିଛନ୍ତି ବିଶିଷ୍ଟ ଐତିହାସିକ ଡଃ ମନ୍ମଥ ନାଥ ଦାସ ଓ ନିର୍ଦ୍ଦେଶକ ଶ୍ରୀ ଶିଶିର ମିଶ୍ର । ପ୍ରଯୋଜକ ସୁବୋଧ ସାମଲଙ୍କ ପ୍ରଯୋଜିତ ରଙ୍ଗୀନ ଚିତ୍ର 'ଡଉପୋଇ' ଏକ ମିଶ୍ରଣ ଓଡ଼ିଆ ଚିତ୍ର । ଏହାର ନିର୍ଦ୍ଦେଶକ ପ୍ରଖ୍ୟାତ ଅଭିନେତା ଶ୍ରୀ ଶରତ ପୂଜାରୀ ଓ ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀ ଅକ୍ଷୟ ମହାନ୍ତି । ଡଉପୋଇ ଭୂମିକାରେ ନବାଗତା କ୍ଷଣପ୍ରଭା ଷଡ଼ଙ୍ଗୀର ଅଭିନୟ ବିଶେଷ ଉଲ୍ଲେଖଯୋଗ୍ୟ । ସଙ୍ଗୀତ ନୃତ୍ୟ ମୁଖରିତ 'ସାକ୍ଷୀ ଗୋପୀନାଥ' ୧୯୬୮ ର ଅନ୍ୟ ଏକ ଉଲ୍ଲେଖଯୋଗ୍ୟ ସଫଳଚିତ୍ର । ଏହାର ସଙ୍ଗୀତ ନିର୍ଦ୍ଦେଶକ ନବାଗତ ତରୁଣ ଶ୍ରୀ ଦାସ ଦେବ ଭଞ୍ଜ । ମାଡ୍ରାଜ ପ୍ରଯୋଜକଙ୍କ ଦ୍ୱାରା ନିର୍ମିତ କୁଳଚନ୍ଦ୍ରମା, ଝିଲିମିଲି, ପତିପତ୍ନୀ ପରିବାର ଅନ୍ନଦାତା ଚିତ୍ର ଦର୍ଶକଙ୍କ ଦ୍ୱାରା ଆଦୃତ ହେବା ସଙ୍ଗେ ସଙ୍ଗେ ବ୍ୟାବସାୟିକ ସଫଳତା ହାସଲ କରି ପାରିଛି । ମାଡ୍ରାଜ ପ୍ରଯୋଜକଙ୍କର ଓଡ଼ିଆରେ ପ୍ରଥମ ରଙ୍ଗୀନ ପୌରାଣିକ ଚିତ୍ର 'ସତୀ ଅନସୂୟା' ୧୯୬୮ର ସର୍ବାପେକ୍ଷା ଲୋକପ୍ରିୟ ଓଡ଼ିଆ ଚଳଚ୍ଚିତ୍ର । ଏହା ଏକ ରେକର୍ଡ ସୃଷ୍ଟି କରିବ ବୋଲି ଆଶା କରାଯାଏ । ୧୯୬୮ ର ଏକ ବିଫଳ ଚିତ୍ର ରୂପେ 'ପିପାସା' ପରିଗଣିତ । ଦୁର୍ବଳ କାହାଣୀ, ଚିତ୍ରନାଟ୍ୟ, ନିର୍ଦ୍ଦେଶନା ଓ ଫଟୋଗ୍ରାଫିର ବିଭିନ୍ନ ତ୍ରୁଟି ପାଇଁ ଚିତ୍ର ଦର୍ଶକଙ୍କୁ ଆକୃଷ୍ଟ କରି ପାରିନାହିଁ ।




'ଝିଲିମିଲି'ରେ ଗୀତା, ମହାଶ୍ୱେତା ଓ ରୁନା




ରଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଚିତ୍ର 'ଚିଲିକାତୀରେ'ରେ ନାୟକା ଚନ୍ଦ୍ରାଗୟ'



'ଦୁଇଚନ୍ଦ୍ରମା'ରେ ଚକ୍ରପାଣି ଓ ନିହାରିକା



'ଅଭିମାନ ଚିତ୍ର'ରେ ସୁଜାତା, ବାବି ଓ ଉତ୍ତମ ମହାନ୍ତି



ଚନ୍ଦ୍ରା, ବିଜୟବାଣୀ, ବିଜୟ ମହାନ୍ତି 'ପତିପତ୍ନୀ'ରେ

ଅନଭିଜ୍ଞ ପରିଚାଳକ, ନିର୍ଭରଯୋଗ୍ୟ ପରିବେଷଣ ସଂସ୍ଥାର ଅଭାବ ଏବଂ ଅଳ୍ପ ସଂଖ୍ୟକ ପ୍ରେକ୍ଷାଳୟ ଓଡ଼ିଆ ଚିତ୍ରର ପ୍ରସାର ତଥା ଅଭିବୃଦ୍ଧିର ପ୍ରଧାନ ପ୍ରତିବନ୍ଧକ । ନବନିର୍ମିତ ଓଡ଼ିଶା ଫିଲ୍ମ ଡେଭଲପମେଣ୍ଟ କର୍ପୋରେସନ ବହୁଳ ପ୍ରେକ୍ଷାଳୟ ନିର୍ମାଣ ଦିଗରେ ଉଦ୍‌ଯୋଗୀଙ୍କୁ ଆର୍ଥିକ ସହଯୋଗ କରିବେ ବୋଲି ଜଣାଯାଉଛି । ଅଧିକ ପ୍ରେକ୍ଷାଳୟ ନହେଲେ ପ୍ରଯୋଜକ ତାର ମୂଳଧନ ଫେରି ପାଇବା କଷ୍ଟସାଧ୍ୟ ହେଉଛି । ଫଳରେ ଏହା ଏକ ସୌଖିନ ବ୍ୟବସାୟ ପର୍ଯ୍ୟାୟରେ ରହିବ ।

୧୯୮୦ ରେ ହଠାତ ଓଡ଼ିଆ ଚଳଚ୍ଚିତ୍ରର ନିର୍ମାଣ ସଂଖ୍ୟା ହ୍ରାସ ପାଇବ । କାରଣ ମାନ୍ଦ୍ରାଜ ପ୍ରଯୋଜକମାନେ ରାଜ୍ୟ ସରକାରଙ୍କ ଠାରୁ ଏକଲକ୍ଷ ଟଙ୍କା ନିର୍ମାଣ ସାହାଯ୍ୟ ଭାବରେ ପାଉଥିବାରୁ ଓଡ଼ିଆଚିତ୍ର ନିର୍ମାଣ ଦିଗରେ ବିଶେଷ ଆଗ୍ରହ ପ୍ରକାଶ କରୁଥିଲେ । ତାହା ସଂପ୍ରତି ବନ୍ଦ କରି ଦିଆଯାଇଛି । ତଥାପି ୧୯୭୯ ରେ ଗୌରୀ, ବଳିଦାନ, ସଂଧ୍ୟାତାରା, ସରତୁଣୀ, ମାନସୀ, ମନ-ମନ୍ଦିର, ପ୍ରତିଧ୍ୱନି, ସମର ସଲିମ ସାଲମନ, ଶୀତରାତି, ନିଶ୍ଚୁମ ରାତିର ସାଥୀ, ସୁବର୍ଣ୍ଣ ସୀତା, ମଥୁରା ବିଜୟ ଚାନ୍ଦଆ, ବନ୍ଧନା, କଥାଗରୀବ, ହୀରାମୋତି ମାଣିକ, ଚଷା, ମାଂସର ବିଳାପ, ଅପରିଚିତା ପ୍ରଭୃତି ମଣ୍ଡିଳାଭ କରିପାରେ । ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ଭବିଷ୍ୟତ ଉଜ୍ଜ୍ୱଳ । ସଂପୃକ୍ତ ବ୍ୟକ୍ତି ତଥା ଅନୁଷ୍ଠାନ ମଧ୍ୟରେ ନିବିଡ଼ ସହଯୋଗ ଏକାନ୍ତ ଆବଶ୍ୟକ ।

ସଂପାଦକ, ଜୀବନରଙ୍ଗ
ଷ୍ଟେସନରୋଡ଼, କଟକ-୧

# ଖୋଲ୍ ! ମୁଠା ଖୋଲ୍ !

ଶ୍ରୀ ରାମଚନ୍ଦ୍ର ମିଶ୍ର (ଫତୁରା ନନ୍ଦ)

ସଦେଇ ବୁଢ଼ାର ବୟସ ଅଶୀକୁ ଛୁଇଁଲା । ତଥାପି ମୁଣ୍ଡରେ ଗୋଟିଏ କଳାବାଳ ଲଙ୍କାରେ ବିଭୀଷଣ ପରି ନିଜ ନିଜର ଅସ୍ତିତ୍ୱ ବଜାୟ ରଖି ପାରିଛନ୍ତି । ବୁଢ଼ା ହସିଦେଲେ ୩୨ଟା ଯାକ ସଫେଦ ହସକୁର ଦାନ୍ତ ଆତ୍ମ-ପ୍ରକାଶ କରନ୍ତି । ଆଉ ଜଣେଇ ଦଅନ୍ତି ଯେ ବୟସ ସେମାନଙ୍କୁ ଟିକିଏ ହେଲେ ଦୋହଲାଇ ପାରିନି । ଏବେବି ସେମାନେ ବୁଟ, ଲଡୁ, ଖସାଲଡୁ, ନଡ଼ିଆ, ଭୁବନେଶ୍ୱରୀ ଭଖଡ଼ା, ବୁନ୍ଦିଆ ସଙ୍ଗେ ସମ୍ବନ୍ଧ ରଖିଛନ୍ତି । ବୁଢ଼ା ଯଦି ଦଶମାଇଲ ଦୂର ସହରକୁ ଯିବା ଲାଗି ବାହାରେ ତା ଦୁଇଗୋଡ଼ ଡାକି କହନ୍ତି— ଏତକି ବାଟ, ଆମେ ତମକୁ ଆରାମରେ ବୋହି ନେଇଯିବୁ । ବସ୍‌ରେ ଧକମ୍ ଚକମ୍ ହୋଇ, ବସ୍ତାପରି ଲଦା ଲଦି ହୋଇ, ପଥର ମୂର୍ତ୍ତି ପରି ବସି ବସି କାହିଁକି ଯିବ ? ଆମେ ବୋହି ନେଲାବେଳେ ଖୋଲା ପବନ ମନ ଭରା ଶୋଷି ନେଉଥିବ । କାହାରି ଦିହରେ ଦିହ ବାଜିବ ନାହିଁ । ଯେଉଁଠି ଇଚ୍ଛା ସେଇଠି ଠିଆ ହେବ । ଖାଳ ମାରି ବା ପିଁସ୍ତରି ଦିନୁ ଯେମିତି ବୋହି ଆସିଛୁ, ସେମିତି ଆଜବି ବୋହିନେଇ ଯିବାକୁ ଆମେ ତିଆର ଅଛୁ ।

ବଢ଼ା କିଆରୀକୁ ଗଲାବେଳେ, ହାତ ଦୁଇଟା ଡାକ ଦିଅନ୍ତି—ହଇହୋ, ଆମେ ଦିଜଣ ଥାଉ ଥାଉ ମ ଲିଆ ଲଗେଇବ କିଆଁ ? ଆମ ଦିଜଣଙ୍କ ଠାରୁ ସେମାନେ କଅଣ ବେଶି କାମ କରିବେ ? ଦେଖତ ଭଲ ! ଘଣ୍ଟେ ଘଣ୍ଟେ କିଆରୀରୁ ଅଧେ ଚନ୍ଧି ରୋଇ ପକାନ୍ତି । ଧାନ କଟାବେଳେ ଗୋଟାଏ ଗୋଟାଏ କିଆରୀ ଖିଅର କରି ପକାନ୍ତି ।

ପେଟ କହେ ଖବରଦାର ! ସେ ଗୁଜନ ମିଶ୍ରମିଶା ପାଉଡ଼ର ଦୁଧ, ଯୁଗୁରି ଚର୍ବିମିଶା ଓ ଏସେନେସ୍ ଦିଆ ଘିଅ, ବରା, ପକୁଡ଼ି, ଲଡୁ ଆଦି ବଜାରରେ ବିକ୍ରି ହେଉଥିବା ଖାଇବା ଜିନିଷ ମୋତେ ଦରକାର ନାହିଁ । ଆମରି କିଆରିରୁ ଆମଦାନି ହୋଇଥିବା ଚାଉଳରୁ ଭାତ, ମୁଗବୁ ଡ଼ାଲି, ବାଡ଼ିର ପରିବା ରାନ୍ଧି-ଦେଲେ ମୁଁ ରଖିବି । କିଣା ଜିନିଷ ସବୁ ଫୋପାଡ଼ି ଦେବି । ସେ ବଜାରରେ ବିକା ହେଉଥିବା ଚିତାମଣି ପିତାମଣି ମୋର ଲୋଡ଼ା ନାହିଁ । ତୋରାଣି, କାଗଜିଲେମ୍ବୁ, ମୁଗ ଓ ବଟର ଗଜା ଓ ଶାଗ ହେଲେ ସବୁ ହେଲା ।

ବୁଢ଼ା ସମସ୍ତଙ୍କ କଥା ମାନି ଚଳେ । ତା ପଥକୁ ପସ୍ତଶ ଘେରିଛି । ସେଇଥିରେ ସେ ଆହାନ୍ତ । ବହୁ ଖୋଜା ଖୋଜି କଲେ ମୁଣ୍ଡରେ କଳା ବାଳଟିଏ ମିଳେ କି ନମିଳେ । ଆଠ ପଣ ଦାନ୍ତ ପାଟିରୁ ଛାଡ଼ି ପଳେଇଲେଣି । ମାଇଲିଏ ବାଟ ଯିବାକୁ ପଡ଼ିଲେ ଗାଡ଼ି ଦରକାର । ଟାଣ ଖାଇବା ଜିନିଷ ଦେଖିଲେ ମୁହଁ ବୁଲେଇଦିଏ । ପେଟ ଟିକିଏ ଖର୍ଚ୍ଚ ଖର୍ଚ୍ଚ ଡାକିଲେ ଧାଏଁ । ଔଷଧ ଦୋକାନକୁ ଭିଟାମିନ ଟିକେ ।

ତାର ଦର ପଥଙ୍କ କଥା କହିଲେ ନସରେ । ପୋଖରୀ ପାଣି ଗଲେ ସାଇକଲ ଦରକାର । ଘରେ ଥିବା ବଢ଼ା ଦେଖିଲେ ନାକ ଟେକନ୍ତି । ଘରର ପାଣ୍ଡ ଜିଅଣ ପାଟିରେ ଦେଲେ ଅଳ ଉଠେ । ଗଡ଼ିଆ ଦୋକାନ ଓ ହୋଟେଲ ପାଖ ଦେଇ ଗଲେ ପାଟି ଲାଳାଏ । ଘରକୁ ଫେରିବା ଛଡ଼ା ଗଡ଼ିଆ ଦୋକାନ ବା ହୋଟେଲ ଭିତରକୁ ପଶିବାର ଯୁ ନଥାଏ । ବଢ଼ାବାଘା ସେ ସବୁ ବାଟ ଉପରେ ପାହେରା ଉଠେଇ ଦେଉଥାଏ ।

ତୋକା ଦୁହେଁ କାର୍ଣ ଲଗେଣି ସେ ଦାପା ମାଉ ନୁହେଁ କି ପାଉ ନୁହେଁ । ସବୁ ଛାଡ଼ି ନୁହେଁ କି ଭଣ୍ଡାରି ନୁହେଁ । ବଢ଼ା ବାପା ସଂସାରର ସୁବିଧାଠି ଡାରି ହାତରେ । ତେଣୁ ଦୁହିଁଙ୍କର ସବୁ ଆବୋରି ବଢ଼ା ପାଖରେ ।

ବୁଢ଼ାକୁ ଭଲକିଆ କରିବାକୁ ପଇସା ମାଗିଲେ ସେ କହେ—"କିରେ ପଇସା କଅଣ ଲୋଡ଼ାହେଲା ? ଆରେ ଘରେ ବଢ଼ା ଥାଉ ଥାଉ ପଇସାର କି ଦରକାର । ବଢ଼ା ଘୁଞ୍ଚ ଗୋଟେଇ ଦିଅ । ପଖୁଡ଼ିରେ ପଡ଼ାଏ ଅମୃତ, ଲୁଣ, ଆଉ ବାଡ଼ିରୁ ଗୋଟାଏ ଲଙ୍କା ମରିଚ ଆଣି ଏକାଠି ଚିପିଦେଇ ବାସି ତୋରାଣିରେ ଚକଟି ଦିଅ । କେଉଁ ଗୁଡ଼ିଆ ଦୋକାନ ଏମିତିଆ ଭଲକିଆ ଦେବରେ ! ହୋଟେଲରେ ଖାଇବା ନାଆଁ ଶୁଣିଲେ ବୁଢ଼ା ନାକଟେକେ । କହେ— "କିରେ ପଇସା ଦେଇ ଭାତ କିଣିବ ନା ରୋଗ କିଣିବ ? ହଇରେ ହୋଟେଲରେ ମଣିଷ ଖାଆନ୍ତି ? ଯାବତ ଖରାପ ଚାଉଳ, ପୋକରା ଡାଲି, ସଢ଼ା ପରିବା, ସେଥିରେ ପୁଣି ଗୋଡ଼ି ମାଟି ଭର୍ତ୍ତି । ଖାଇବା ଆଗି ଉପରେ ଶହେ ଲୋକଙ୍କ ନଜର, ଭାମ୍ ଭାମ୍. ସେଠି ଥରେ ଖାଇଲେ ପେଟରେ ଘାଆ ହୋଇଯିବ ।"

ନାତିଏ ଦୁପଇପାଇନ୍ ଲୁଗା ପାଇଁ ଅଳି କଲେ ବଢ଼ା ନାକ ଟେକି କହେ—"ଛେଃ ! ସେ ଲୁଗା ପୁରୁଷ ମଣଷ ପିନ୍ଧନ୍ତି ? ଲୁଗା ପିନ୍ଧିଛ କି ଲଙ୍ଗଳା ହୋଇଛ ଜାଣି ହେବନି । ସେ ଲୁଗା ପିନ୍ଧି ସାଧୋଇ ପଡ଼ିଲେ ଏତାବେଳେକେ ଲେଙ୍ଗଡ଼ୁ ହୋଇଯିବ । ଦଶ ପନ୍ଦର ଦିନ ଫିଙ୍ଗ ମୁଣ୍ଡାରେ ବସିଲେ ପାତ୍ରୁ ହୋଇ ଚିରିଯିବ । ଖଦଡ଼ା ବାବୁରେ ଟିକିଏ ଲାଗିଲେ ପନ୍ଧ । ଛି ଛି, ସେ ଲୁଗାର ନାଆଁ ଧରନି ।

ଟେରିଲିନ୍, ଡେକ୍ରନ୍ ଜାମାର ଲୁଗୁଡ଼ା ପାଇଁ ଅଳି କଲେ ବୁଢ଼ା ଆଖି ଖୋସି ଦେଇ କହେ— "ଇରେ ବାପ୍‌ରେ ବାପ୍, ଡିହଣାକ ଯାଏ ବଇଣ୍ଟି ମାଡ଼ିଯିବ । ଦିହରେ ମଳମ ଲଗେଇ ଲଗେଇ ଦିନ ଯିବ । ସେଇଡ଼ାକୁ ଛି କରିଦିଅ ।

ଯାନି ଯାତ୍ରାରେ ହାତ ଖର୍ଚ୍ଚ ପାଇଁ ଟଙ୍କାଏ ମଣାଏ ମାଗିଲେ ବୁଢ଼ା ହାଉଳି ଖାଇଯାଏ । ଆକଟ କହେ—"କିରେ ପଇସା କଅଣ ହେବ ? ଘରେ ଖାଇଲ, ପିଇଲ, ଲୁଗା ପିନ୍ଧିଲ ଯାହା ଦେଖିବ ତ ଯାଇ ଦେଖି ଆସିବ, ପଇସା ପାଖରେ ଥିଲେ ପକେଟମାରୁ ଦେଖି ଚୋରିବ । ଲୋକ ଟସରଙ୍କ ହାତକୁ ପଡ଼ିବ । ବଜାରରେ ଏପରା ମସଲା ଜିନିଷ ଖାଇବାକୁ ପାଟି ଟକ ଟକ ହେବ । ଲୋଭ ଏଡ଼ି ନପାରି ଖାଇବ ଆଉ ପେଟକୁ ଆଣି ଦେବିବ । ଟଙ୍କା ଦେଇ ଖାଇବ, ତାପାଇଁ ଦଶ ଟଙ୍କାର ଔଷଧ ଖର୍ଚ୍ଚ କରିବ । ତୁ ଶିଖେଇବ ମୋତେ, ହା ?

ମୋଟ ଉପରେ ଅର୍ଥ ଅନର୍ଥର ମଳ ବୋଲି ବୁଢ଼ା ବୁଝେଇ ଦେଇ । ନାତି ଦହେଁ ଏତାବେଳେକେ ଘାଇଁ ପଡ଼ିଲେ । ଦହେଁ

ବିସ୍ତର କଲେ–"ବୁଢ଼ା ଯାହା କିଛି କମେଇଛି ସବୁତ ଅମୁହାଁ ବାକ୍ସରେ ପୂରେଇଛି । ପଇସାଟିଏ ନିଜେ ଖରଚ କଲନି କି କାହାକୁ କରେଇ ଦେଉନି । ବାପାର ସବୁ ଦିହସୁହା ହୋଇଗଲଣି । ଆମର ତ ଦିହସୁହା ହୋଇ ପାରିବନି । ବୁଢ଼ା ବାପାର ମତିଗତି କୌଣସି ମତେ ବଦଳାଇବାକୁ ହେବ । ବୁଢ଼ାର ଖୋସ ହାତ କରେଇବାକୁ ହେବ । ମନ ନ ବଦଳିଲେ ବୁଢ଼ାର ଖୁଷାପଣ ଯିବନି କି ଆମର ହୀନ କପାଳ ଫିଟିବନି ।

ବୁଢ଼ାକୁ ଦୁଇନାତି ନାନା ପ୍ରକାରର ଗପ ଶୁଣାଇବାକୁ ଲାଗିଲେ । ଦିନେ ବଡ଼ ନାତି, ରାତିରେ ବୁଢ଼ା ଭାଗବତ ପଢ଼ିସାରି ବସ୍ତାନି ବାନ୍ଧିଥିବେ ତା ପାଖରେ ବସି ଆରମ୍ଭ କଲା–"ବୁଢ଼ାପା ମ ! ଆଜି ଜଣେ ସନ୍ଥ ବାବାଜୀଙ୍କ ପାଖରେ ବସିଥିଲି । ଆଉ କେତେଜଣ ବି ବସିଥିଲେ । କଥଣ ଗୋଟାଏ ଶ୍ଳୋକ ବୋଲି ଦେଇ କହିଲେ– ଏ ଦୁନିଆରେ ଟଙ୍କା ପଇସା ଅତି ତୁଚ୍ଛ ଜିନିଷ । ଯେଉଁମାନେ ଟଙ୍କା ପଇସା ଖର୍ଚ୍ଚ ନକରି ଖାଲି ସଞ୍ଚୁଥାନ୍ତି ସେମାନେ ମୂର୍ଖ ଅଟନ୍ତି । ଯେଉଁମାନେ ଜ୍ଞାନୀ ସେମାନେ ଟଙ୍କା ପଇସା ଖର୍ଚ୍ଚ କରନ୍ତି, ଦାନ କରନ୍ତି । ସେମାନେ ମରିଗଲେ ବୈକୁଣ୍ଠରେ ଯାଇ ବସନ୍ତି ।"

ବୁଢ଼ା କଥାଟାକୁ ହସରେ ଉଡ଼ାଇ ଦେଇ କହିଲା–"ଆରେ ସେ ମୂରୁଖ ବାବାଜୀ ପାଖରେ ଦଶଟା ଟଙ୍କା ଯଦି ଥାଆନ୍ତା ତେବେ ସେ ଏପରି ବାହାଘିଆ, ଗାଲୁଆ କଥା କହିନଥାନ୍ତା । ନିଜର ଲଙ୍ଗୁଡ଼ ତ ନାହିଁ ସେଇଥି ଲାଗି ଅନ୍ୟମାନଙ୍କୁ ଲଙ୍ଗୁଡ଼ କଟାଇ ପକେଇବାକୁ ଏକ ରକମ ଟିହାଉଛି । ସେଗଡ଼ାକ ବାବାଜୀ ନୁହନ୍ତି–ସେଗୁଡ଼ାକ ମାଗନ୍ତା ଭଣ୍ଡ ।"

ବଡ଼ ନାତିର ଅସ୍ତଟା ଶୂନ୍ୟେ ଶୂନ୍ୟେ ଉଡ଼ିଯାଇ ଅପନ୍ତରାରେ ପଡ଼ିଲା । ତା' ଧାସ ବି ବୁଢ଼ା ଦେହରେ ଲାଗିଲା ନାହିଁ ।

ଆଉ ଦିନେ ଓଳି ଉଣ୍ଡି ସାନ ନାତି ଅସ୍ତ ଚଳେଇଲା–"ବୁଢ଼ାପା ! ଆଜି କାଲି ଚୋର ଖଣ୍ଡମାନେ ଅତି ପ୍ରବଳ ହୋଇ ଉଠିଲେଣି । ଆଜି ଯା ଘରେ ସିନ୍ଧ କଲେଣ ତ କାଲି ତା ଘରେ ଲୁଟିଲେଣି । ସେମାନେ ଆଉ ଏମିତି ସେମିତି ଡକେଇତି କରୁନାହାନ୍ତି । ଦୋନଲ ବନ୍ଧୁକ, ଛୁରା ବର୍ଚ୍ଛା, ହାତବୋମା ଧରି ଦଳ ଦଳ ହୋଇ ଆସୁଛନ୍ତି । ଘରର ମୁରବୀକୁ ମାଡ଼ି ବସି ଛୁରି, ପିସ୍ତଲ ଦେଖାଇ ଟଙ୍କା ପଇସା ଥିବା ଥାନ ଦେଖେଇ ଦେବାକୁ କହୁଛନ୍ତି, ଜୀବନ ବିକଳରେ ସେମାନେ କହି ଦଉଛନ୍ତି । ବାସ୍, କଳା କନା ବୁଲେଇ ସବୁ ନେଇ ପଳାଉଛନ୍ତି । ପଇସା ସଞ୍ଚିଲାରୁ ସିନା ଏତକ ଘଟୁଛି । କଥାରେ ଅଛି–ଯାହା ଖାଇଥିବ ପେଟକୁ—ଯାହା ଦେଇଥିବ ହାତକୁ—ଯାହା ସଞ୍ଚିଥିବ ଖଣ୍ଡକୁ । ସଞ୍ଚିଲେ ଖଣ୍ଡଙ୍କ ହାତରେ ଟଙ୍କା ପଇସା ସଙ୍ଗେ ଜୀବନଟା ବି ଯିବ । କଥଣ ମିଳିବ ସେ ସଞ୍ଚୟରୁ ?"

ବୁଢ଼ା ଗମ୍ଭୀର ହୋଇଯାଇ କହିଲା– "ଯାହାର ଯାହା ଯେତେବେଳେ ବରାଦ ଥିବ, ସେତେବେଳେ ତାକୁ କେହି ଅଟକାଇ ପାରିବେ ନାହିଁ । ଖଣ୍ଡ କଥଣ ସମସ୍ତଙ୍କ ଘରେ ପଶୁଛି ? ଜଣଙ୍କ ଘରେ ଖଣ୍ଡ ପଶିଲା ବୋଲି ସମସ୍ତେ କଥଣ ଟଙ୍କା ପଇସା ଖର୍ଚ୍ଚ କରି ପକାଉଛନ୍ତି ? ଧର ଆମ ଘରେ କିଛି ନାହିଁ । ତଥାପି ଯଦି ଡକେଇତ ପଶିବେ, ତେବେ ସେମାନେ କଥଣ ମୋତେ ଛାଡ଼ିବେ ? ସେମାନେ ତ ଆଉ ମୋ ପାଖରେ କିଛି ନାହିଁ ବୋଲି ଜାଣବେନି । ଦେଖା ଦେଖା କହି ମାଡ଼ୁ ମାଡ଼ୁ ମାରିଦେବେ । ପଇସା ଥିଲେ ବରଂ ରକ୍ଷା । ସେତକ ନେଇଯାଇ ଜୀବନଟାକୁ ବରଂ ଛାଡ଼ି ଦେଇଯିବେ । ପଇସା ପଛେ ଯାଉ ପ୍ରାଣଟା ତ ବଞ୍ଚିଯିବ । ଏଣୁ ପଇସା 'ସଞ୍ଚି ରଖିବା ବରଂ ଭଲ'।

ସାନ ନାତିକୁ ଆଉ କିଛି ପଇଟିଲା ନାହିଁ । ତା ପାଟି ଆପୁ ଆପୁ ହୋଇଗଲା । ବିରସ ମନରେ ସେ ଫେରିଲା ।

ଆଉ ଦିନେ ବଡ଼ ନାତି ବୁଢ଼ା ପାଖକୁ ଧଇଁ ସଇଁ ହୋଇ ଧାଇଁଯାଇ କହିଲା— "ବୁଢ଼ାପା, ବୁଢ଼ାପା ଶୁଣିଲଣି ନା–ସରକାରୀ ଲୋକେ ଘରେ ଘରେ ପଶି ଖାନତଲାସ କରି ପୋତା ହୋଇଥିବା ସୁନା, ରୁପା, ଟଙ୍କା ପଇସା ସବୁ ଜବତ କରି ନେଇଯାଉଛନ୍ତି । ଗୋଟାଏ ଯନ୍ତ୍ର ହାତରେ ଧରିଛନ୍ତି । ସେଇଟା ଧନ ରତ୍ନ ଥିବା ଥାନରେ ଠଅକ୍ କରି ଅଟକି ଯାଇ "ଏଇଠି ଅଛି" "ଏଇଠି ଅଛି" ବୋଲି ପାଟି କରି କହେଇ ଦଉଛି । ବାସ୍ ! ଖୋଜାଳୀମାନେ ସେ ଥାନ ଖୋଳି ସବୁ ଧନ ରତ୍ନ ଜବତ କରି ନେଇ-ଯାଉଛନ୍ତି । ବୁଢ଼ାପା, ତୁମେ ଆଉ ସଞ୍ଚା ପଇସା କରନି କି ପୋତନାହିଁ । ଖାଲି ଗୁଡ଼ାଏ ହଇରାଣ ହେବା ହିଁ ସାର ହେବ । ଟଙ୍କା ପଇସା ଲୁଟ ଖାଇବେ ।"

ବୁଢ଼ା ବିରକ୍ତ ହୋଇଯାଇ କହିଲା— "ଲେମ୍ବୁଟା ଜାଣିଛୁ । ଆରେ, ସରକାରୀ ଲୋକେ କାହା ଘର ଖାନତଲାସ କରି ଧନ ନେଇ ଯାଉଛନ୍ତି । ଯେଉଁମାନେ କିଳା-ପୋତେଇ, କଳାବଜାର, ଚୋରାବେପାର କରି, ଇନ୍‌କମ୍ ଟିକସବାଲାକୁ ଫାଙ୍କି ଲକ୍ଷ ଲକ୍ଷ ଟଙ୍କା, ସୁନା ପୋତି ରଖିଛନ୍ତି, ତାଙ୍କରି ଘର ଖାନତଲାସ କରି ସେମାନେ ନେଇଯାଉଛନ୍ତି । ମୋର କୋଉ କଳା ବଜାର, କିଳାପୋତେଇ, ଚୋରା ବେପାର ଅଛି ଯେ ସେମାନେ ମୋ ଘର ଖାନତଲାସ କରିବେ ? ମୁଁ ତ କିଲଲୁ ଉପୁଜେଇଛି । ବଜାରକୁ ସରକାରୀ ରେଟ୍‌ରେ ବଜାରରେ ବିକି ଦି ପଇସା ସଞ୍ଚିଛି । ମୋ ଘର ଖାନତଲାସ କିଏ କରିବ ? କାହିଁକି କରିବ ?"

ଦୁଇ ନାତିଙ୍କ ଅସ୍ତାଗାର ଶେଷ ହୋଇଗଲା । ଶେଷରେ ବାପା ଆଗରେ ଫେରାଦ ହେଲେ । ବାପା ମେଁ ମେ ହୋଇ ବୁଝେଇ ଦେଲା—"ଆରେ ସେ କାହା ପାଇଁ ସଞ୍ଚୁଛି ? ସେ କଥଣ ମୁଣ୍ଡେଇ ନେଇ-ଯିବ ? ସବୁ ତୁମରି ପାଇଁ । ସେ ଯଦି ଖୋସ ହାତ ହୋଇ ସବୁ ଉଡ଼େଇ ଦେବ, ତାହାହେଲେ ପଛକେ ତୁମେ ହେଙ୍ଗୁ ଖୁନ୍ଦୁ ଥିବ । ସବୁ ତୁମରି ପାଇଁ ଥଆ ହେଉଛି । ଥୟ ଧର ।

ପୁଅ ଦୁହେଁ ବାପାର ଏକଥା ଉପରେ ଆଉ କିଛି କହି ପାରିଲେ ନାହିଁ । ହେଲେ ତାଙ୍କ ତାଙ୍କ ଭିତରେ କଥାବାର୍ତ୍ତା ହେଲେ– "ବୁଢ଼ାପା ଯେମିତିଆ ଟଗଡ଼ା ଅଛି, ତା ଆଗରେ ଆମେ ତ ଗୁଲିଗଲା ପରି ଦିଶୁଛୁ । ବାପା ତ ବାପା । ସେ ସଞ୍ଚିଲା ଧନରୁ ବାପା କି ଉପକାରଟା ପାଉଛି ? ଯାହା ଦିଶୁଛି ବାପା ଯିବ ଆମେ ଯିବୁ । ଶେଷରେ ବୁଢ଼ାପା ଯିବ । ସଞ୍ଚିଲା ଧନତକ ଭୂତ ହିଁ ଖାଇବେ ।"

ଦୁହେ ହତାଶ ହେଲେ ବି ଭାଙ୍ଗି ପଡ଼ିଲେନି । ଗୋଟାଏ ଅବ୍ୟର୍ଥ ଅସ୍ତ୍ର ସନ୍ଧାନରେ ଲାଗିପଡ଼ିଲେ ।

ଦିନେ ବଡ଼ ନାତି ବଡ଼ାପାର ବସ୍ତାନି ଖୋଲି କି କି ବହି ଅଛି ଦେଖୁଥିଲା । ବହି ଘାଣ୍ଟୁ ଘାଣ୍ଟୁ ଗୋଟାଏ ଅଜବ ବହି ଦେଖିଲା । ସେଥିରେ ଲେଖା ହୋଇଥିଲା–'ମୃତ୍ୟୁ ଲକ୍ଷଣ' କୌତୂହଳୀ ହୋଇ ସେଇଟା ପଢ଼ି ବସିଲା– ଗୋଟାଏ ଜାଗାରେ ଲେଖାଥିଲା । ଠାକୁର ଘର ଭିତରେ ପଶୁ ଗନ୍ଧ ବାହାରିଲେ ଜାଣିବ ଛଅ ମାସ ମାତ୍ର ପରମାୟୁ ବାକୀ ରହିଛି । ଏହାପରେ ମୃତ୍ୟୁ ସୁନିଶ୍ଚିତ । ସେଇଠି ତା' ମନଟା ଅଟକି ରହିଲା । ସେ ବହିଟାକୁ ବୁଢ଼ାପା ଭଲ ଭାବରେ ପଢ଼ିଥିବାର ସେ ଅନୁମାନ କଲା । କାରଣ ବହୁତ ପଢ଼ା ପଢ଼ି ହେଲେ ବହି ଯେପରି ଜୀର୍ଣ୍ଣ ଶୀର୍ଣ୍ଣ ହୋଇଯାଏ ସେ ବହିଟି ସେହିପରି ହୋଇଥିଲା । ଅତୁଆ ସତାର ଖିଅଟାଏ ପାଇଗଲାକି ଆଉ ! ସେମିତିଆ ପ୍ରସନ୍ନତା ତା' ମୁହଁରେ ଫୁଟି ଉଠିଲା । ବସ୍ତାନିଟି ବାନ୍ଧି ଦେଇ ଯଥା ସ୍ଥାନରେ ଥୋଇଦେଲା ।

ଦୁଇ ଭାଇ ସେଇ ଦିନ ଜୋର ସୋରରେ ମନ୍ତ୍ରଣା ଚଳେଇଲେ । ଅତଳ ସମୁଦ୍ରରେ ଭାସି ଭାସି ସତେକି ଯେପରି ଗୋଟାଏ ଟାପୁ ପାଇଯାଇଛନ୍ତି ।

ଦୁଇଦିନ ପରେ ବୁଢ଼ା ଠାକୁର ଘର ଭିତରେ ପଶି ଯିବା ମାତ୍ରେ ମୁହଁ ବିକୃତ କଲା । ବାରମ୍ବାର ନାକରେ ଆଙ୍ଗୁଠି ଲଗାଇ ସୁଁ ସୁଁ କଲା । ପାଖରେ ବଡ଼ ନାତି ବବୁଟିବାର ଦେଖି ତାକୁ ପାଖକୁ ଡାକିଲା । କଥଣ ଗୋଟାଏ ପଚା ଗନ୍ଧ ହେଉଛି ଦେଖିବାକୁ କହିଲା । ବଡ଼ ନାତି ଘର ସାରା ଖୋଜିଲା । କେଉଁଠି କିଛି ନାହିଁ କି କିଛି ଦୁର୍ଗନ୍ଧ ବି ନାହିଁ ବୋଲି ସେ ସାଫ ସାଫ୍ କହିଦେଲା । ସାନ ନାତିଟି ଯାଇ ଖୋଜା ଖୋଜି କଲା । ତା ଆଖିକୁ କିଛି ଦିଶିଲା ନାହିଁ, ନାକକୁ କିଛି ବାସିଲା ନାହିଁ । ବୁଢ଼ା ମନ ଖୁସି କରି ହୋଇଗଲା । ଠାକୁର ପୂଜା ଚଟା ପଟ୍ ସାରିଦେଇ ଶୋଇବା ଘରକୁ ଗଲା । ନାତି ଦୁହେଁ ଗୋଇନ୍ଦା ପୁଲିସ୍ ପରି ଲୁଚି ଛପି ନଜର ଦେଇଥାନ୍ତି । ବୁଢ଼ା ବସ୍ତାନି ଖୋଲିଲା । ବାହାରିଲା ଭାଗବତ ତଳେ ମୃତ୍ୟୁ ଲକ୍ଷଣ ବହିଟା ଥିଲା । ବୁଢ଼ା ଯେମିତି ଚିହ୍ନିଲା ମୋଟା ବହି ତଳୁ ବହିଟା କାଢ଼ିଲା, ବଡ଼ ନାତି ଆନନ୍ଦରେ କୁତୁରି ଉଠିଲା । ଯୋଜନାଟି ଯେ ନିର୍ଭୁଲ ଭାବରେ କାର୍ଯ୍ୟକାରୀ ହୋଇଛି, ତାହା ଜାଣି ଦୁହେଁ କୁତୁରି ଉଠିଲେ । କିଛି କ୍ଷଣ ପରେ ବୁଢ଼ା ବସ୍ତାନିଟିକୁ ବାନ୍ଧିଦେଇ ଉଦାସ ଭାବରେ ବସିଲା । ସନ୍ଧ୍ୟାବେଳେ ବଡ଼ ନାତିକୁ ନାହାକ ଡାକି ଆଣିବାକୁ କହିଲା । ବଡ଼ ନାତି ନାହାକଙ୍କୁ ସାଙ୍ଗରେ ଆଣିଲାବେଳେ ବହୁତ ବହୁତ ପାଠ ପଢ଼େଇ ଓ ଭବିଷ୍ୟତ ଖଇର ଆଣି ଦେଖାଇ ଆଣିଲା ।

ନାହାକ ବାତକ ଦେଖିବାମାତ୍ରେ ଭାରି ବ୍ୟସ୍ତ ହୋଇପଡ଼ିଲା । ଖଡ଼ିରେ ଗ୍ରହ ଛେକା କାଟି ଦେଇ ଅଙ୍କ କଷି ପକେଇଲେ । ଆଉ ଗମ୍ଭୀର ହୋଇଯାଇ କହିଲେ—ଏଣେ ରାହୁର ଛୋଟବୁଢ଼ଙ୍କୁ ତେଣେ ଲଗ୍ନରେ ଶନି । ତାଙ୍କର ପୁଣି ଶୁକ୍ର ସାଗରେ ଘଣି । ଏଥିରେ ପାଠ ବତୁଛି—ରବି ଥିଲି ଲଗ୍ନ ଶନି, ଶୁକ୍ରେନ ସହ ଜରୋତି ଘର୍ଣ, ଭାବରାଶ୍ରୀ ବଦନ୍ତି ବାଣୀ, ଷଡ୍ ମାସ ଆୟୁ ଦେହଟି ପ୍ରାଣୀ । ଏଥିରେ ପରମାୟୁ ମାତ୍ର ଛଅମାସ ଲେଖିଛି ।"


ବୁଢ଼ା ଆଖିରୁ ଦି' ବୁନ୍ଦା ଲୁହ ଗଡ଼ି ପଡ଼ିଲା । ମୁହଁ ବୁଲେଇ ଦେଇ ତାହା ପୋଛି ଦେଲା ।

ନାହାକ ପୁଣି ଉତ୍ତେଜିତ ହୋଇ କହି ପକେଇଲେ——ତେବେ ଗୋଟାଏ ଉପାୟ କିଛିଟା ଅଛି । ଏଥିପାଇଁ ହେଲେ ବଡ଼ ଯଜ୍ଞ । ରବି ମହାଗ୍ରହରେ ସହାୟ ହେଲେ ଏ ଫେଡ଼ିବା ଗ୍ରହ ଘଡ଼ାକ କାଢ଼ି ଦେବେ । ଅତିକ୍ରମ ପାଞ୍ଚମାସ ତୋହିଁବ ଦିନ ପରେ ରବି ଓ ସାତ ଚିତ୍ରିଟା ୨ ମଧରେ ରବି ମହାଗ୍ରହ ମେ ରାଶି ଗାନ ଦେଇ ଯିବେ । ଯଦି ଦୁଃଖ କଲେ ରବି ମହାଗ୍ରହ ତୁମ ରାଶି ଭିତରେ ପଶି ବନ୍ଦକ ରହିବେ, ଆଉ ଦଶଟା ଗ୍ରହମାନଙ୍କୁ ଘଉଡ଼େଇ ଦେବେ । ତା' ପରେ ତୁମେ ଶହେ ଆଠବର୍ଷ ଅଖଣ୍ଡ ପରମାୟୁ ପାଇବ । ଶାସ୍ତ୍ର କହୁଛି—ଉଦିତେ ଭାସ୍କରେ ଲଗ୍ନେ, ବକ୍ରଗ୍ରହାଃ ପଳାୟନ୍ତି । ଅଷ୍ଟୋତ୍ତର ଶତଂ ଆୟୁଃ ଅବଶ୍ୟଂ ପ୍ରାପ୍ତି ନରଃ । ଏକଥାକୁ ଭାବିବାକୁ ଦିକି ତୁଳନାରେ ଜେଜି ନାହାନ୍ତି । ହଁ, ଆଉ ଗୋଟିଏ କଥା ଅଛି । ଏଠି ଧନାଧିପତି ବ୍ରହ୍ମ ବଡ଼ ଗୋଳମାଳ ସୃଷ୍ଟି କରୁଛି । ଧନ ଯେତେ ଦେଖି ସଞ୍ଚୟ କରିବ, ସେ ସେତେ ବୃଷ ଗ୍ରହକୁ ଅଣ ଠକ କରିବ । ଏଣୁ ତୁମ ହାତରେ ଧନ ସଞ୍ଚୟ ଏକାବେଳକେ ମନା । ସାମାନ୍ୟ କିଛି ସଞ୍ଚୟ କରି ଧର୍ମ କାର୍ଯ୍ୟରେ କିମ୍ବା ଅନ୍ନ-ସେବାରେ ସବୁ ଖର୍ଚ୍ଚ କରିଦେବ । ସୁକ୍ଷ ଅର୍ଥ ଦେଖିଲେ ଧନାଧିପତି ବକ୍ର ତୁମ ରାଶି ଛାଡ଼ି ପଳାଇବ ।"

ଜ୍ୟୋତିଷ ଶାସ୍ତ୍ରର ଗଭୀର ଜ୍ଞାନ ସହ ବୁଢ଼ା ଆଗରେ ବାର୍ତ୍ତା ଦେଇ ଓ ରବି ଗ୍ରହ ପୂଜାର ବରାଦ ନେଇକରି ନାହାକ ଚାଲିଲେ ।

ବଡ଼ଘର ଭାତ ହୋଇଲା । ଶରଧା ଧାମରେ ଗ୍ରହ ପୂଜା ହେଲା । ବଡ଼ ଭାଇ ସାନ ଭାଇକୁ ଘରେ କହିଲା——'ଅଜାକୁ ଆଉ ମଇ ମଶା ଠାକୁର ବାଲି ପକ୍ଷରେ ଯୋଉବୁ ନାହିଁ । ଯଦ୍ବାରା ସେଇଁ ମୃତ୍ୟୁର ଡାକ ପଡ଼ି ନରୁଛନ୍ତି, ସେଇଟାକୁ ତାଙ୍କ ନର୍ଦ୍ଦମାରେ ପକାଇ ଦେବୁ ।"

ଗ୍ରହ ପୂଜା ପରେ ଠାକୁର ଘରେ ଆଉ ଦୁର୍ଗନ୍ଧ ନବାହାରୁଥିବାର ଦେଖି ବୁଢ଼ା ମହା ଖୁସି ହୋଇଲେ । ଗ୍ରହପଡ଼ା ସେ ଉପଶିକ ଚିନ୍ନ ନିଶ୍ଚିତ ଭାବରେ ଦେଇଛି, ଏଥିରେ ତାର ସନ୍ଦେହ ନେଇଲ ନାହିଁ ।



# ମୟୂରଭଞ୍ଜ ଆଦିବାସୀ ଓ ହରିଜନ ମହିଳା ସମ୍ମିଳନୀ

ଗତ ଡିସେମ୍ବର ୨୪ ତାରିଖରେ ମୟୂରଭଞ୍ଜ ଜିଲ୍ଲା ବାରିପଦାଠାରେ ଅନୁଷ୍ଠିତ ଜିଲ୍ଲାର ଆଦିବାସୀ ଓ ହରିଜନ ମହିଳାମାନଙ୍କର ଏକ ଦୁଇଦିନିଆ ସମ୍ମିଳନୀ ଉଦ୍‌ଘାଟିତ ହୋଇଥିଲା । ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ସମ୍ମିଳନୀ ଉଦ୍‌ଘାଟନ କରି କହିଲେ ଯେ ବର୍ତ୍ତମାନ ସରକାର ସହରାଞ୍ଚଳ ଉନ୍ନୟନ ଅପେକ୍ଷା ଗ୍ରାମାଞ୍ଚଳର ଉନ୍ନତି ପାଇଁ ବିଶେଷ ଗୁରୁତ୍ୱ ଦେଉଥିବାରୁ ସେ ଦିଗରେ ଅଧିକ ଅର୍ଥ ବ୍ୟୟ କରୁଛନ୍ତି । କୃଷି, ଜଳସେଚନ, ଗ୍ରାମ୍ୟ ରାସ୍ତା ନିର୍ମାଣ, ଗ୍ରାମ୍ୟ ବିଦ୍ୟୁତ୍‌କରଣ, ପାନୀୟ ଜଳ ଯୋଗାଣ, କୁଟୀର ଶିଳ୍ପ ପ୍ରଭୃତି ଯୋଜନା ସବୁ ଗ୍ରାମ୍ୟ ଉନ୍ନୟନ ଯୋଜନା ମଧ୍ୟରେ ଅନ୍ତର୍ଭୁକ୍ତ ବୋଲି ସେ କହିଥିଲେ । ଏହି ସବୁ ଯୋଜନା ସଂପର୍କରେ ଗ୍ରାମବାସୀମାନେ ବିଶେଷତଃ ହରିଜନ ଓ ଆଦିବାସୀ ତଥା ଅନୁନ୍ନତ ସଂପ୍ରଦାୟର ଲୋକମାନେ ଯେପରି ସଚେତନ ହୋଇପାରିବେ ସେଥିପାଇଁ ନୂତନ ସରକାରଙ୍କ ଆନୁକୂଲ୍ୟରେ ବ୍ୟାପକ ପ୍ରୌଢ଼ ଶିକ୍ଷା କାର୍ଯ୍ୟକ୍ରମ ସରକାର ହାତକୁ ନେଇଛନ୍ତି । ୧୫ ବର୍ଷରୁ ୩୫ ବର୍ଷ ବୟସ ଅଶିକ୍ଷିତ ଲୋକମାନଙ୍କୁ ଏହି କାର୍ଯ୍ୟକ୍ରମ ଅନୁଯାୟୀ ସାକ୍ଷର କରାଯିବ । ଏତଦ୍ୱାରା ଗ୍ରାମାଞ୍ଚଳରେ ଶିକ୍ଷାର ପ୍ରସାର ହେବା ସଙ୍ଗେ ସଙ୍ଗେ ଗ୍ରାମବାସୀମାନେ ସେମାନଙ୍କ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟକ୍ରମ ସଂପର୍କରେ ଅବହିତ ହୋଇ ପାରିବେ । ମୟୂରଭଞ୍ଜ ଜିଲ୍ଲା ପରି ଜିଲ୍ଲାର ଆଦିବାସୀ ହରିଜନ ବହୁଳ ଅଞ୍ଚଳ ଲୋକମାନେ ଏହାର ସଫଳତା ପାଇଁ ସରକାରଙ୍କ ସହ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ । ରାଜ୍ୟର ମୋଟ ଜନ ସଂଖ୍ୟାର ଶତକଡ଼ା ୪୦ ଭାଗ ଆଦିବାସୀ ଓ ଅନୁନ୍ନତ ଶ୍ରେଣୀର ଲୋକ ସେମାନଙ୍କ ମଧ୍ୟରୁ ଶତକଡ଼ା ୨୪ ଭାଗ ଆଦିବାସୀ ଓ ୧୬ ଭାଗ ହରିଜନ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣରେ ଉଲ୍ଲେଖ କରିଥିଲେ ।

ଏହି ଉତ୍ସବରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି-ଭାବେ ଯୋଗ ଦେଇ କହିଲେ ଯେ ବର୍ତ୍ତମାନ ସଭା ସମିତି ଜରିଆରେ ଜନମତ ପ୍ରକାଶ ପାଉଥିବା ସୁଖର ବିଷୟ । ବିଶେଷତଃ ଆଦିବାସୀ-ହରିଜନ ମହିଳାମାନେ ବିଭିନ୍ନ ଯୋଜନା ସଂପର୍କରେ ଆଲୋଚନା କରିବାକୁ ଏପରି ଏକ ଜନ ସମାବେଶରେ ଯୋଗ ଦେଉଥିବାରୁ ସେ ସନ୍ତୋଷ ପ୍ରକାଶ କରିଥିଲେ । ଭୂମିହୀନମାନଙ୍କୁ ଜମି ବଣ୍ଟନ ସଂପର୍କରେ ସୂଚନା ଦେଇ ରାଜସ୍ୱ ମନ୍ତ୍ରୀ କହିଲେ ଯେ ଯେଉଁ ଆଦିବାସୀ ହରିଜନ ପରିବାରମାନେ ବହୁ ବର୍ଷ ଧରି ରାଜ୍ୟର କେତେକ ଜଙ୍ଗଲ ଅଞ୍ଚଳରେ ବସବାସ କରିଛନ୍ତି ସେମାନଙ୍କୁ ସେଥିରୁ ଜମିରୁ ଉଚ୍ଛେଦ କରିବାକୁ ଅତୀତରେ ଉଦ୍ୟମ ହୋଇଥିଲା । କିନ୍ତୁ ବର୍ତ୍ତମାନ ସରକାର ସେହି ପରିବାରଙ୍କ ନାମରେ ଜମି ସବୁ ସ୍ଥାୟୀଭାବରେ ରେକର୍ଡ କରିବାକୁ ପଦକ୍ଷେପ ନେଇଛନ୍ତି । ଆଦିବାସୀ ଓ ହରିଜନ ମହିଳାମାନେ ଶ୍ରମକାତର ନହୋଇଥିବାରୁ ସେମାନଙ୍କ ଅଞ୍ଚଳର ଉନ୍ନତି ପାଇଁ ସରକାରଙ୍କ ସହିତ ସକ୍ରିୟ ସହଯୋଗ କରିବାକୁ ଆଗେଇ ଆସିବେ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ଏହି ଉତ୍ସବରେ ସଭାପତିତ୍ୱ କରି ବିଭାଗୀୟ ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ମଲ୍ଲିକ କହିଲେ ଯେ ଓଡ଼ିଶାରେ ଶତକଡ଼ା ୯୬ ଭାଗ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି । ସେମାନଙ୍କ ମଧ୍ୟରେ କୃଷକ, କୃଷି ଶ୍ରମିକ ଏବଂ ଦିନ ମଜୁରିଆ ଶ୍ରେଣୀର ଲୋକ ଅନ୍ତର୍ଭୁକ୍ତ । ସେମାନଙ୍କ ମଧ୍ୟରୁ ପ୍ରାୟ ଶତକଡ଼ା ୮୦ ଭାଗ ଲୋକ ଗୃହହୀନ ଜମିହୀନ, କୃଷିଜୀବୀ ଏବଂ ଶ୍ରମଜୀବୀ । ତେଣୁ ଗ୍ରାମାଞ୍ଚଳରୁ ଦାରିଦ୍ର୍ୟର ବିଲୋପ ପାଇଁ ସରକାର ଯେଉଁ ସବୁ ଗ୍ରାମ୍ୟ ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ସେ ସଂପର୍କରେ ଜାଣିବାକୁ ହେଲେ ଗ୍ରାମାଞ୍ଚଳରେ ବ୍ୟାପକ ଶିକ୍ଷାର ଆବଶ୍ୟକତା ରହିଛି । ସେ ପୁଣ କହିଲେ ଯେ ଆଦିବାସୀ ଓ ହରିଜନମାନଙ୍କ ମଧ୍ୟରେ ଶିକ୍ଷାର ଅଭାବଯୋଗୁଁ ସରକାର ଦେଉଥିବା ସୁବିଧା ଓ ସୁଯୋଗ ସଂପର୍କରେ ସେମାନେ ଅନଭିଜ୍ଞ ରହୁଛନ୍ତି । ଯେଉଁ ପ୍ରଭାବଶାଳୀ ଲୋକମାନେ ଏହିସବୁ ସୁବିଧାସୁଯୋଗ ମିଳିବା କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି ଏବଂ ଆଦିବାସୀମାନଙ୍କୁ ଶୋଷଣ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ ଆଦିବାସୀ ଓ ହରିଜନମାନେ ଅହିଂସା ଆନ୍ଦୋଳନ କରିବାକୁ ଶ୍ରୀ ମଲ୍ଲିକ ଆହ୍ୱାନ କରିଥିଲେ । ଏଥିପାଇଁ ଗ୍ରାମାଞ୍ଚଳର ଶିକ୍ଷିତ ଯୁବକ ଓ ଯୁବତୀମାନେ ସଂଘବଦ୍ଧ ଉଦ୍ୟମ କରିବାକୁ ସେ ପରାମର୍ଶ ଦେଇଥିଲେ । ରାଜ୍ୟର ଆଦିବାସୀମାନଙ୍କ ମଧ୍ୟରେ ଶତକଡ଼ା ମାତ୍ର ୯ ଭାଗ ଏବଂ ହରିଜନମାନଙ୍କ ମଧ୍ୟରେ ଶତକଡ଼ା ୧୫ ଭାଗ ସାକ୍ଷର ହୋଇଥିବାରୁ ସେମାନେ ଅବହେଳିତ ଅବସ୍ଥାରେ ପଡ଼ି ରହିଛନ୍ତି ବୋଲି ସେ ପ୍ରକାଶ କରିଥିଲେ ।

ମହିଳା ସମ୍ମିଳନୀ ଅଭ୍ୟର୍ଥନା କମିଟିର ସଭାନେତ୍ରୀ ଶ୍ରୀମତୀ ମାଳତୀ ସିଂ ଏହି ସମାବେଶରେ ତାଙ୍କର ସ୍ୱାଗତ ଅଭିଭାଷଣରେ କହିଲେ ଯେ ଆଦିବାସୀ ଓ ହରିଜନମାନେ ସମାଜର ଏକ ଅବିଚ୍ଛେଦ୍ୟ ଅଂଗ ହୋଇଥିବାରୁ ଏମାନଙ୍କୁ ଛାଡ଼ି ସମାଜର ଉନ୍ନତି ସଂଭବପର ନୁହେଁ । ଅତୀତରେ ଏମାନଙ୍କ କଲ୍ୟାଣ ପାଇଁ ଅଜସ୍ର ଅର୍ଥ ବ୍ୟୟ ହୋଇଥିବା ସତ୍ତ୍ୱେ ସେମାନଙ୍କର ଆଶାନୁରୂପ ଉନ୍ନତି ହୋଇ ପାରିନାହିଁ । ତେଣୁ ଏପରି ଏକ ସାମାଜିକ ବୈଷମ୍ୟ ସମାଜ ପକ୍ଷରେ ଅହିତକର ବୋଲି ସେ ସୂଚନା ଦେଇ କହିଲେ ଯେ ଏପରି ବୈଷମ୍ୟ ଯଥାଶୀଘ୍ର ଦୂର କରାଯିବା ଉଚିତ । ଏଥି ପାଇଁ ଏହି ସଂପ୍ରଦାୟର ଲୋକମାନେ ନିଜେ ସଂଗଠିତ ଉଦ୍ୟମ କରିବାକୁ ସେ ନିବେଦନ କରିଥିଲେ । ଏହି ମହିଳା ସମ୍ମିଳନୀ ରାଜ୍ୟର ଅନୁନ୍ନତ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ନବଜାଗରଣ ସୃଷ୍ଟି କରିବବୋଲି ସେ ଆଶା ପ୍ରକାଶ କରିଥିଲେ ।

ଦ୍ୱିତୀୟ ଦିନ ଉଦ୍‌ଯାପନ ଦିବସରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କେନ୍ଦ୍ର ଇସ୍ପାତ୍ ଓ ଖଣି ମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ସମବେତ ମହିଳା ପ୍ରତିନିଧି ଓ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ । ସେ କହିଲେ ଯେ ଆଦିବାସୀ ଓ ହରିଜନ ମହିଳାମାନେ ସରକାରୀ ଯୋଜନା ସହିତ ନିଜକୁ ପରିଚିତ କରାଇସେଗୁଡ଼ିକର ଦୋଷତ୍ରୁଟି ଦେଖାଇବା ସଙ୍ଗେ ସଙ୍ଗେ ସେଥିପାଇଁ ପରାମର୍ଶ

ଦେଇ ପାରିଲେ, ସରକାରୀ କଳ ଆପେ ଆପେ ନିଜ କର୍ତ୍ତବ୍ୟରେ ସଜାଗ ରହିବ । ଏ ପ୍ରକାର ସମ୍ମିଳନୀର ଆୟୋଜକମାନଙ୍କୁ ଧନ୍ୟବାଦ ଜଣାଇବା ସଙ୍ଗେ ସଙ୍ଗେ ତାହାର ଭୂୟସୀ ପ୍ରଶଂସା କରି ସେ କହିଲେ ଯେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଏ ପ୍ରକାର ସମ୍ମିଳନୀର ଆବଶ୍ୟକତା ରହିଛି । ଏଥିରେ ଯୋଗ ଦେଇଥିବା ବିଭିନ୍ନ ମହିଳା ସମିତିର ପ୍ରତିନିଧିମାନେ ଗାଁ ଗହଳକୁ ଫେରିଯାଇ ଆଲୋଚନା ମାଧ୍ୟମରେ ସମସ୍ତଙ୍କୁ ନିଜର ଅନୁଭୂତି ତଥା ଆଲୋଚନା ଚକ୍ରର ସିଦ୍ଧାନ୍ତମାନ ଜଣାଇବା ଉଚିତ । ସବଡ଼ିଭିଜନସ୍ତରରେ ମଧ୍ୟ ସେ ଏପ୍ରକାର ସମ୍ମିଳନୀର ଆବଶ୍ୟକତା ପ୍ରତି ଗୁରୁତ୍ୱ ଆରୋପ କରିଥିଲେ । ସମସ୍ତ ସରକାରୀ ଓ ବେସରକାରୀ ବ୍ୟକ୍ତିମାନେ ପରସ୍ପର ସ୍ନେହ ବନ୍ଧନରେ ଆବଦ୍ଧ ରହି ଯୋଜନାଗୁଡ଼ିକ କାର୍ଯ୍ୟକାରୀ କଲେ ଏକ ସୁଖୀ ଏବଂ ସମୃଦ୍ଧ ସମାଜ ଗଢ଼ି ଉଠିବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ଏହି ସଭାରେ ସଭାପତିତ୍ୱ କରି ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀଯୁକ୍ତ ବୀରଭଦ୍ର ସିଂ କହିଲେ ଯେ ଆମ ଦେଶରେ ଏ ପ୍ରକାରର ଆଦିବାସୀ ଓ ହରିଜନମାନଙ୍କର ସର୍ବପ୍ରଥମ ମହିଳା ସମ୍ମିଳନୀ ସେମାନଙ୍କର ସୁପ୍ତ ଚେତନାକୁ ଜାଗ୍ରତ କରାଇବା ସଙ୍ଗେ ସଙ୍ଗେ ତାଙ୍କ ନ୍ୟାର୍ଯ୍ୟ ଅଧିକାର ଏବଂ କର୍ତ୍ତବ୍ୟ ବିଷୟରେ ସେମାନଙ୍କୁ ସଚେତନ କରାଇବାରେ ସହାୟକ ହେବ । ଆଦିବାସୀ ଓ ହରିଜନମାନଙ୍କ ଭଳି ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ପାଇଁ ଯେଉଁ ସବୁ ଯୋଜନା ହୋଇଛି, ସେଥିରେ ସେମାନେ ଅବଗତ ହୋଇ ସଂଯୁକ୍ତ ନ ହେବାରୁ ତାହାର ଉପକାର ପାଇପାରି ନାହାନ୍ତି । ସେମାନଙ୍କର ଅସ୍ଥି-ମଜ୍ଜାଗତ ଭୟଭୀତିକୁ ଶିକ୍ଷାର ପ୍ରଭାବରେ ଅପସାରିତ କରି ସେମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଶିକ୍ଷା, ନିଶା ନିବାରଣ ଓ ସ୍ୱଳ୍ପ ସଞ୍ଚୟ ଆଦି ବିଷୟ ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

ଏହି ସଭାରେ ଶ୍ରୀମତୀ ରଣାମଣି ମୁର୍ମୁ, ଶ୍ରୀମତୀ ସରସ୍ୱତୀ ହେମ୍ବ୍ରମ, ବିଧାନ ସଭା ସଦସ୍ୟ ଶ୍ରୀ ନିରଞ୍ଜନ ହେମ୍ବ୍ରମ ମଧ୍ୟ ଭାଷଣ ଦେଇଥିଲେ । ଅଭ୍ୟର୍ଥନା ସମିତିର ସଂପାଦିକା ଶ୍ରୀମତୀ ରାଧାରାଣୀ ଦାସ ତାଙ୍କର ବିବରଣୀ ପାଠକରି ମୟୂରଭଞ୍ଜ ଜିଲ୍ଲାରେ ଏକ ମହିଳା ଫେଡ଼େରେସନ ଗଠନର ସିଦ୍ଧାନ୍ତ ଉଲ୍ଲେଖ କରିଥିଲେ । ଶେଷରେ ସ୍ଥାନୀୟ ଲୋକ ସଭା ସଦସ୍ୟ ଶ୍ରୀଯୁକ୍ତ ଚନ୍ଦ୍ର ମୋହନ ସିଂହ ଅତ୍ୟନ୍ତ ପ୍ରାଣସ୍ପର୍ଶୀ ଭାଷାରେ ସମ୍ମିଳନୀର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମ୍ମିଳନୀରେ ୨୫୫ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପ୍ରାୟ ୯୩୬ଟି ମହିଳା ସମିତିର ପ୍ରାୟ ଦେଢ଼ ହଜାର ଆଦିବାସୀ ଓ ହରିଜନ ମହିଳା ପ୍ରତିନିଧି ଯୋଗ ଦେଇଥିଲେ ।

ସଂଧ୍ୟାରେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

ଏହି ସମ୍ମିଳନୀରେ ଯୋଗ ଦେଇଥିବା ମହିଳା ପ୍ରତିନିଧିମାନଙ୍କର ଦ୍ୱିତୀୟଦିନ ପୂର୍ବାହ୍ନରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନା ଚକ୍ରରେ ଖଦୀ ବୋର୍ଡ ଚେୟାରମେନ ଶ୍ରୀ ରାଜକିଶୋର ନାୟକ, ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ନିର୍ଦ୍ଦେଶକ, ଶ୍ରୀ ପ୍ରସନ୍ନ କୁମାର ମିଶ୍ର, ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ, ଶ୍ରୀ କୈଳାସ ଚନ୍ଦ୍ର ମିଶ୍ର, ସ୍ୱଳ୍ପ ସଞ୍ଚୟ ଉପନିର୍ଦ୍ଦେଶକ, ଶ୍ରୀ ରାଧାନନ୍ଦ ପାଣିଗ୍ରାହୀ, ଖୋର୍ଦ୍ଧା ଉନ୍ନୟନ ବିଭାଗର ଅବର ସେକ୍ରେଟାରୀ ଶ୍ରୀମତୀ ଲାବଣ୍ୟରେଖା ମିଶ୍ର, ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ଅଧ୍ୟାପକ ଶ୍ରୀ ଦୀପକ କୁମାର ଷଡ଼ଙ୍ଗୀ, ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ଶ୍ରୀ କାହ୍ନୁଚରଣ ମାଝୀ, ୟୁନାଇଟେଡ୍ ବ୍ୟାଙ୍କ ଅଫ ଇଣ୍ଡିଆର ପ୍ରତିନିଧି, ବୟସ୍କଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ବି. ଏମ. ଶତପଥୀ, ବିଶିଷ୍ଟ ସମାଜସେବୀ ଶ୍ରୀ ଶାନ୍ତିପ୍ରିୟା ହେମା ଏବଂ ମୟୂରଭଞ୍ଜର ଜିଲ୍ଲାପାଳ ଶ୍ରୀ ଅମିୟ ଶଙ୍କର ରାୟ ଆଦି ବିଶିଷ୍ଟ ବ୍ୟକ୍ତିଗଣ ଅଂଶ ଗ୍ରହଣ କରି ପ୍ରତିନିଧିମାନଙ୍କୁ ବିଭିନ୍ନ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସଂପର୍କରେ ସମ୍ୟକ ସୂଚନା ଦେଇଥିଲେ ।

## ୭ ଲକ୍ଷ ୭୭ ହଜାର ଚାଷୀଙ୍କୁ ଚିହ୍ନଟ କରାଯାଇଛି

ରାଜ୍ୟର ବିଭିନ୍ନ ୬ ଗୋଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କ୍ଷୁଦ୍ର ତଥା ନାମମାତ୍ର ଚାଷୀ ଏବଂ କୃଷି ଶ୍ରମିକ ଉନ୍ନୟନ ସଂସ୍ଥା ଜରିଆରେ ବିଭିନ୍ନ ଉନ୍ନୟନ ଟ୍ରଷ୍ଟ ପାଇଁ ଗତବର୍ଷ ସେପ୍ଟେମ୍ବରମାସ ଶେଷସୁଦ୍ଧା ୬ ଲକ୍ଷ ୭୬ ହଜାର ୬୩୯ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ କୃଷି ଶ୍ରମିକଙ୍କୁ ଚିହ୍ନଟ କରାଯାଇ ଏମାନଙ୍କ ମଧ୍ୟରୁ ୫ଲକ୍ଷ ୩୪ହଜାର ୫୪୧ ଜଣଙ୍କୁ ସମ୍ପ୍ରଦାୟ ପରିସରଭୁକ୍ତ କରାଯାଇଛି ।

ଏହି ସଂସ୍ଥାଗୁଡ଼ିକ ଜରିଆରେ କ୍ଷୁଦ୍ର ତଥା ନାମମାତ୍ର ଚାଷୀ ଏବଂ କୃଷି ଶ୍ରମିକମାନଙ୍କପାଇଁ ୯୫ ହଜାର ୪୨୬ଟି ସେଚକୂପ, ୨ହଜାର ୩୩୦ଟି ମଟର ପମ୍ପ, ୪ହଜାର ୫୫୦ଟି ଦୁହାଁଳ ଗାଈ ୟୁନିଟ୍, ୧୦ ହଜାର ୯୮୭ଟି ଛେଳି ୟୁନିଟ୍ ଏବଂ ୪୮୯ଟି କୁକୁଡ଼ା ୟୁନିଟ୍ ଯୋଗାଇଦେବା ସଙ୍ଗେ ସଙ୍ଗେ ୧୧ହଜାର ୭୭୭ଟି ଗ୍ରାମ୍ୟ ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହୋଇଛି । ଏଥିପାଇଁ ଏହି ସଂସ୍ଥାଗୁଡ଼ିକ ପକ୍ଷରୁ ୧୧କୋଟି ୨ଲକ୍ଷ ୬୦ହଜାର ଟଙ୍କା ବ୍ୟୟ କରାଯାଇଛି ଓ ସମବାୟ ସଂସ୍ଥା ତଥା ବ୍ୟବସାୟିକ ବ୍ୟାଙ୍କଗୁଡ଼ିକ ପକ୍ଷରୁ ଦୀର୍ଘ, ମଧ୍ୟମ ଓ ସ୍ୱଳ୍ପ ମିଆଦି ଋଣ ବାବଦରେ କୃଷକମାନଙ୍କୁ ୩କୋଟି ୧୪ଲକ୍ଷ ୮୭ହଜାର ଟଙ୍କା ଋଣ ମଞ୍ଜୁର କରାଯାଇଛି । ଏହା ଫଳରେ ୨ଲକ୍ଷ ୨୧ହଜାର ୯୩୫ଜଣ ଚାଷୀ ଓ କୃଷି ଶ୍ରମିକ ଉପକୃତ ହୋଇଛନ୍ତି ।

# ଗ୍ରାମାଞ୍ଚଳରେ ହରିଜନ ସେବା

ଶ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର

ଶାନ୍ତି ଓ ସୁଖମୟ ଜୀବନ ଯାପନର ପ୍ରତିକୂଳ ପରିସ୍ଥିତି ବିରୁଦ୍ଧରେ ସଂଗ୍ରାମର ଇତିହାସ ହେଉଛି, ମାନବ ଜାତିର ଇତିହାସ । ମନୁଷ୍ୟ ଅଭାବ ପ୍ରତି ସର୍ବଦା ସଚେତନ ଥିବାରୁ ବ୍ୟକ୍ତିଗତ ଭାବେ ଅଥବା ସମଷ୍ଟିଗତ ଭାବେ ଏ ପ୍ରକାର ପରିସ୍ଥିତି ବିରୁଦ୍ଧରେ କଠିନ ଶ୍ରମ, କଠୋର ସଂଗ୍ରାମ ଓ ଅସୀମ ସାଧନା କରିଆସିଛି । ଏହି ପ୍ରଚେଷ୍ଟାର ପରିସମାପ୍ତି ନାହିଁ । ତେବେ ସୁଦ୍ଧା ସେ ଆଶାବାଦୀ । ବିଶ୍ୱାସ ରଖିଛି ତାର ବିଜୟ ଅବଶ୍ୟମ୍ଭାବୀ ।

ଆମ ଦେଶର ଲୋକସଂଖ୍ୟା ସାରା ପୃଥିବୀର ଲୋକସଂଖ୍ୟାର ଏକ ପଞ୍ଚମାଂଶ । ଏହାର ଶତକଡ଼ା ୬୦ ଭାଗରୁ ଅଧିକ ଦାରିଦ୍ର୍ୟର ସୀମାରେଖା ତଳେ । ସମଗ୍ର ଦେଶର ଆଦିବାସୀ, ହରିଜନବହୁଳ ରାଜ୍ୟ ମଧ୍ୟରେ ଓଡ଼ିଶା ଅନ୍ୟତମ । ଏ ରାଜ୍ୟରେ ଆଦିବାସୀ, ହରିଜନଙ୍କ ସଂଖ୍ୟା ରାଜ୍ୟର ମୋଟ ଲୋକସଂଖ୍ୟାର ଶତକଡ଼ା ୩୯ ଭାଗ । ଓଡ଼ିଶାର ପ୍ରାୟ ଶତକଡ଼ା ୮୦ ଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରନ୍ତି ଏବଂ ସେମାନଙ୍କ ମଧ୍ୟରେ ପ୍ରାୟ ସମସ୍ତ ଆଦିବାସୀ, ହରିଜନ ଶ୍ରେଣୀର ଅନ୍ତର୍ଭୁକ୍ତ । ସାମାଜିକ ବିଡ଼ମ୍ବନା ହେତୁ ଦୁର୍ବଳ ଶ୍ରେଣୀ ଲୋକଙ୍କ ମଧ୍ୟରେ ହରିଜନ ଓ ଆଦିବାସୀମାନେ ଅଧିକ ଉପଦ୍ରୁତ ।

ଆମ ଦେଶ ଗୋଟିଏ ଜନମଙ୍ଗଳ ରାଷ୍ଟ୍ର । ଦେଶର ସମସ୍ତ ନାଗରିକଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ସାଧନ ପାଇଁ ଆମେ ପ୍ରତିଜ୍ଞାବଦ୍ଧ । ଆଦିବାସୀ ଓ ହରିଜନମାନଙ୍କର ସୁରକ୍ଷା ଓ ଉନ୍ନତି ଲାଗି ଆମ ସମ୍ବିଧାନର ୪୬ ଧାରାରେ ସ୍ୱତନ୍ତ୍ର ଭାବରେ ନିର୍ଦ୍ଦେଶ ଅଛି ଯେ ସରକାର ବିଶେଷ ଯତ୍ନର ସହିତ ସମାଜର ଦୁର୍ବଳ ଶ୍ରେଣୀର ଲୋକ, ବିଶେଷ କରି ତଫସିଲଭୁକ୍ତ ଜାତି ଓ ତଫସିଲ ଭୁକ୍ତ ଉପଜାତିର ଲୋକମାନଙ୍କର ଶିକ୍ଷାଗତ ଓ ଅର୍ଥନୈତିକ ସ୍ୱାର୍ଥର ଅଭିବୃଦ୍ଧି ନିମନ୍ତେ କାର୍ଯ୍ୟ କରିବେ ଓ ସେମାନଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ସବୁପ୍ରକାର ଶୋଷଣର କବଳରୁ ରକ୍ଷା କରିବେ ।

ଦେଶ ମଧ୍ୟରେ କୌଣସି ସଂପ୍ରଦାୟ ବା ଗୋଷ୍ଠୀ ଅନୁନ୍ନତ ଓ ଅବହେଳିତ ଅବସ୍ଥାରେ ଥିଲେ ସେମାନଙ୍କୁ ଅନ୍ୟମାନଙ୍କ ସହ ସମକକ୍ଷ କରାଇବା ଓ ସେମାନେ ଯେପରି ଜାତୀୟ ପ୍ରଗତିରେ ପୂର୍ଣ୍ଣ ଅଂଶ ଗ୍ରହଣ କରନ୍ତି ତାହାର ବ୍ୟବସ୍ଥା କରିବା ସରକାରଙ୍କ କର୍ତ୍ତବ୍ୟ । ସେମାନଙ୍କର ଆର୍ଥିକ ଓ ସାମାଜିକ ଉନ୍ନତି ନହେଲେ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ନୁହେଁ । ଦୁର୍ବଳ ଶ୍ରେଣୀ ହୋଇଥିବାରୁ ବହୁ ସମୟରେ ଏମାନେ ଉନ୍ନତ ପଡ଼ୋଶୀ ଓ ସବଳଙ୍କର ଶୋଷଣ ଓ ପେଷଣର ଶରବ୍ୟ ହୋଇପଡ଼ନ୍ତି । ନିଜଚେଷ୍ଟାରେ ସାମାଜିକ ଓ ଅର୍ଥନୈତିକ ନ୍ୟାୟ ସାବ୍ୟସ୍ତ କରିବା ଏମାନଙ୍କ ପକ୍ଷରେ ସମ୍ଭବ ନୁହେଁ । ତେଣୁ ଦୁର୍ବଳ ଶ୍ରେଣୀ, ବିଶେଷତଃ ହରିଜନ ଓ ଆଦିବାସୀଙ୍କୁ ସବଳର ଅବଜ୍ଞା, ଅତ୍ୟାଚାର ଓ କବଳରୁ ରକ୍ଷାକରିବା ତଥା ସେମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ଓ ସ୍ୱାବଲମ୍ବୀ କରାଇବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି ଓ ନେଉଛନ୍ତି, ଏବଂ ଏଥିପାଇଁ କେତେକ ବିକାଶମୂଳକ କାର୍ଯ୍ୟକ୍ରମ ଉପରେ ସର୍ବାଧିକ ଗୁରୁତ୍ୱ ଆରୋପ କରିଛନ୍ତି ।

ଅସ୍ପୃଶ୍ୟତା ଏକ ସାମାଜିକ ବ୍ୟାଧି । ମଣିଷ ମଣିଷ ମଧ୍ୟରେ ଛୁଆଁ ଅଛୁଆଁ ଭେଦଭାବ ରହି ନ ପାରେ । ସମ୍ବିଧାନର ୧୭ ଧାରା ଅନୁଯାୟୀ ଛୁଆଁ ଅଛୁଆଁ ଭେଦ ଭାବର ବିଲୋପ ସାଧନ କରାଯାଇଛି । ସମ୍ବିଧାନର ୩୫ ଧାରାରେ ରହିଥିବା ବ୍ୟବସ୍ଥା ଅନୁଯାୟୀ ନାଗରିକ ଅଧିକାର ସୁରକ୍ଷା ଆଇନ ୧୯୫୫ ରେ ଗୃହୀତ ହୋଇଅଛି । ଏହି ଆଇନ ବଳରେ ଅସ୍ପୃଶ୍ୟତା ଆଚରଣ ପୁଲିସ ଧର୍ତ୍ତବ୍ୟ ଦଣ୍ଡନୀୟ ଅପରାଧରେ ପରିଣତ ହୋଇଛି । ସାମାଜିକ ବା ଧର୍ମ କାରଣରୁ କୌଣସି ଦୋକାନ, ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ରେସ୍ତୋରାଁ, ହୋଟେଲ, କୂପ, ପୁଷ୍କରିଣୀ ଦେବାଳୟ ଇତ୍ୟାଦିରେ ପ୍ରବେଶ ଓ ବ୍ୟବହାର ନିମନ୍ତେ ବାଧା ଓ ପ୍ରତିବନ୍ଧକ ସୃଷ୍ଟି କରିବା, ଡାକ୍ତରଖାନାରେ ଭର୍ତ୍ତିକରିବା ପାଇଁ ମନାକରିବା ବା କୌଣସି ଜିନିଷ ବିକ୍ରି କରିବା ପାଇଁ ମନା କରିବା ଏଭଳି ଅସ୍ପୃଶ୍ୟତାଜନିତ

ଆଚରଣ ଅପରାଧ ନିମିତ୍ତ ଏହି ଆଇନରେ ଦଣ୍ଡ ବ୍ୟବସ୍ଥା ରହିଛି । ଏଥିପାଇଁ ୬ମାସ ଜେଲ ବା ୫୦୦ ଟଙ୍କା ଜରିମାନା ବା ଉଭୟ ଦଣ୍ଡ ଦିଆଯାଇପାରେ ।

ଇତି ମଧ୍ୟରେ ସାମାଜିକ ଶିକ୍ଷା ପ୍ରଚ୍ଚର, ଉନ୍ନତ ଚେତନା, ଶାସନଗତ ତତ୍ପରତା ହେତୁ ଅସ୍ପୃଶ୍ୟତା ଅନେକାଂଶରେ ଦୂର ହୋଇଅଛି । ଏହାର ସମ୍ପୂର୍ଣ୍ଣ ବିଲୋପ ପାଇଁ ସରକାର ସର୍ବଦା ସଚେତନ ଓ ବଦ୍ଧପରିକର । ଅଚିରେ ଏହା ଯେ ଇତିହାସର ବସ୍ତୁରେ ପରିଣତ ହେବ ଏଥିରେ ସନ୍ଦେହ ନାହିଁ ।

ହରିଜନ, ଆଦିବାସୀଙ୍କର ଦୁର୍ବଳତାର ସୁଯୋଗ ନେଇ ତାଙ୍କ ଉପରେ କୌଣସି ଅତ୍ୟାଚ୍ଚର ବା ଅନ୍ୟାୟ ବିରୁଦ୍ଧରେ ତୁରନ୍ତ ଓ ଦ୍ରୁତ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ସରକାର କଡ଼ା ବ୍ୟବସ୍ଥା କରିଛନ୍ତି । ଏହାର ପ୍ରୟୋଗ ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କୁ ସ୍ୱତନ୍ତ୍ର ଭାବେ ଦାୟିତ୍ୱ ଦେଇଛନ୍ତି । ସରକାର ସୂଚନା ପାଇବା ମାତ୍ରେ କାର୍ଯ୍ୟାନୁଷ୍ଠାନ କରୁଥିବାରୁ ଓ ସଜାଗ ଥିବାରୁ ହରିଜନ ଓ ଆଦିବାସୀମାନେ ନ୍ୟାୟ ପାଇବା ପାଇଁ ଅଧିକ କ୍ଷମ ହେଉଛନ୍ତି ।

ହରିଜନ ଓ ଆଦିବାସୀମାନେ ଅଭାବଗ୍ରସ୍ତ, ସରଳ ଓ ନିରକ୍ଷର ହୋଇଥିବାରୁ ମହାଜନ, ବ୍ୟବସାୟୀ ଓ ସାହୁକାରଙ୍କ ଦ୍ୱାରା ସହଜରେ ପ୍ରବଞ୍ଚିତ ହୋଇଥାନ୍ତି । ଏଥିପାଇଁ ମହାଜନୀ ଆଇନର ସଂଶୋଧନ କରାଯାଇ ଦାଦନ ଧନ ତଥା ସୁଧ ଆଦାୟକୁ ନିୟନ୍ତ୍ରଣ କରାଯାଇଅଛି । ଫଳରେ ଏମାନେ କୋର୍ଟ, କଚେରୀ ଓ ଶାସନ କଳର ସାହାଯ୍ୟ ନେଇ କିମ୍ବା ଅନ୍ୟ ଉପାୟରେ ଭୟ ଦେଖାଇ ଆଦିବାସୀ ଓ ହରିଜନମାନଙ୍କୁ ଶୋଷଣ କରିବା ସମ୍ଭବ ହେଉନାହିଁ ।

ଅଭାବ ଓ ଦାୟରେ ପଡ଼ି ବହୁ ସମୟରେ ନିଜର ସ୍ଥାବର ସମ୍ପତ୍ତି ଏମାନେ ସ୍ୱଳ୍ପ ମୂଲ୍ୟରେ ବା ବିନା ମୂଲ୍ୟରେ ହସ୍ତାନ୍ତରିତ କରି ନିଜେ ନିଃସ୍ୱ ଓ ବାସ୍ତୁହରା ହୋଇପଡ଼ନ୍ତି । ଭୂସ୍ୱତ୍ୱ ଆଇନ ସଂଶୋଧନ ବଳରେ ଏହାର ପ୍ରତିକାର କରାଯାଇଛି । ସ୍ଥାବର ସମ୍ପତ୍ତି ହସ୍ତାନ୍ତରିତ କରିବା ପାଇଁ ଆଗୁଆ ଅନୁମତି ଅନୁବିଭାଗୀୟ ଅଧିକାରୀଙ୍କ ଠାରୁ ନେବାକୁ ହୋଇଥାଏ । ସେ ହସ୍ତାନ୍ତରର ଆବଶ୍ୟକତା ଓ ଉପଯୁକ୍ତ ମୂଲ୍ୟ ବିଷୟରେ ତଦନ୍ତ କରି ସନ୍ତୁଷ୍ଟ ହେଲେ ଯାଇ ଅନୁମତି ଦେଉଅଛନ୍ତି ।

ଏମାନଙ୍କର ସରଳତା ଓ ଅଭାବର ସୁଯୋଗ ନେଇ ଏମାନଙ୍କୁ କେତେକ ପୁରୁଷାନୁକ୍ରମେ କ୍ରୀତଦାସ ପରି ଖଟାଉ ଥିଲେ । ଗୋତି ପ୍ରଥା ଉଠାଯାଇଛି । ଏମାନଙ୍କୁ ତାଙ୍କର ମାଲିକଙ୍କ କବଳରୁ ରକ୍ଷା କରି ଥଇଥାନର ବ୍ୟବସ୍ଥା କରାଯାଇଅଛି । ଏଥିପାଇଁ ଘରବାଡ଼ି, ଜମି, ଅର୍ଥ ଏବଂ ଜୀବିକାର୍ଜନ ପାଇଁ ବିଭିନ୍ନ ଧନ୍ଦା ଯୋଗାଇ ଦିଆଯାଉଅଛି ଏବଂ ସେମାନଙ୍କୁ ସ୍ୱାବଲମ୍ବୀ ହୋଇ ଆତ୍ମ-ସମ୍ମାନ ଥିବା କାର୍ଯ୍ୟରେ ନିଯୁକ୍ତ ହୋଇ ଜୀବିକା ନିର୍ବାହ ପାଇଁ ସୁବିଧା କରାଯାଉଛି ।

ଅଧିକନ୍ତୁ ସରକାର ହରିଜନ ଆଦିବାସୀଙ୍କୁ ସୁବିଧାରେ ରଖିବାକୁ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ତଥା ଆବଶ୍ୟକ କ୍ଷିପ୍ର କାର୍ଯ୍ୟାନୁଷ୍ଠାନ କରୁଥିବାରୁ ଏବଂ ପ୍ରଶାସନିକ ବ୍ୟବସ୍ଥା କରି ଏହାର ସଫଳତା ବିଷୟରେ ନିୟମିତ ପରୀକ୍ଷା କରିଥିବାରୁ ଏହା ଅଧିକ ଫଳପ୍ରଦ ହୋଇଅଛି । ହରିଜନ, ଆଦିବାସୀମାନଙ୍କୁ ଦେଶର ଅନ୍ୟାନ୍ୟ ଉନ୍ନତ ଗୋଷ୍ଠୀ ବା ସମ୍ପ୍ରଦାୟର ଲୋକଙ୍କ ସହ ସମାନ ସ୍ତରକୁ ଆଣିବାକୁ ରାଜନୈତିକ, ଶିକ୍ଷାଗତ ତଥା ନିଯୁକ୍ତି ଆଦି କ୍ଷେତ୍ରରେ ସେମାନଙ୍କ ପାଇଁ କେତେକ ସ୍ୱତନ୍ତ୍ର ସୁବିଧାର ସାମ୍ବିଧାନିକ ବ୍ୟବସ୍ଥା କରାଯାଇ ଅଛି । ଗତ ତିରିଶ ବର୍ଷର ଚେଷ୍ଟା ସତ୍ତ୍ୱେ ଏଦିଗରେ ଆଶାନୁରୂପ ଫଳ ସମ୍ଭବ ହୋଇନାହିଁ । ଅଭିଜ୍ଞତାରୁ ଦେଖାଗଲା ଯେ ସାମାଜିକ ଓ ଶିକ୍ଷାଗତ ଓ ବିଶେଷ କରି ଅର୍ଥନୈତିକ କ୍ଷେତ୍ରରେ ସେମାନଙ୍କର ଯଥେଷ୍ଟ ପ୍ରଗତି ଓ ଉନ୍ନତି ସାଧନ ହୋଇ ପାରିନାହିଁ । ଏଣୁ ଏକ ସ୍ୱତନ୍ତ୍ର ଉପଯୋଜନା ତଥା ଅନ୍ୟାନ୍ୟ ପ୍ରକଳ୍ପ ମାଧ୍ୟମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ପ୍ରଚେଷ୍ଟା କରାଯାଉଅଛି । ଏହାର ଲକ୍ଷ୍ୟ ହେଉଛି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଆଦିବାସୀ ଓ ହରିଜନମାନଙ୍କୁ ଅନ୍ୟାନ୍ୟ ଉନ୍ନତ ସମ୍ପ୍ରଦାୟର ଲୋକଙ୍କ ସହ ସମାନ କରାଇବା ଓ ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ତାରତମ୍ୟ ଦୂରକରିବା ।

କୃଷି କ୍ଷେତ୍ରରେ ଆଦିବାସୀ ଓ ହରିଜନମାନଙ୍କୁ ଉନ୍ନତ ଧରଣର ବିହନ, ସାର ଓ କୃଷି ଉପକରଣ ଯୋଗାଇ ଦିଆଯାଉଅଛି । କ୍ଷେତ୍ର ପ୍ରଦର୍ଶନ ମାଧ୍ୟମରେ ସେମାନଙ୍କୁ ବିଭିନ୍ନ ପ୍ରକାରର ଉନ୍ନତ ଧରଣର କୃଷି ପ୍ରଣାଳୀ ଶିକ୍ଷା ଦିଆଯାଉଛି । ପତିତ ଜମିକୁ ଚାଷୋପଯୋଗୀ କରି ଅଗ୍ରାଧିକାର ଭିତ୍ତିରେ ଭୂମିହୀନ ହରିଜନ ଓ ଆଦିବାସୀ ମଧ୍ୟରେ ବିତରଣ କରାଯାଉଛି ।

ପୋଡୁ ଚାଷ ଅଞ୍ଚଳରେ ତଥା ଅନ୍ୟ ଉପଯୁକ୍ତ ଭୂମିରେ ନୂତନ ଫଳ ଓ ବିଭିନ୍ନ ପରିବା ଚାଷର ବ୍ୟବସ୍ଥା କରାଯାଉଛି । ଏହା ବ୍ୟତୀତ ଆଦିବାସୀମାନଙ୍କୁ ଅଧା ରିହାତି ମୂଲ୍ୟରେ ଓ ହରିଜନ ସମେତ ଅନ୍ୟ କ୍ଷୁଦ୍ର ଚାଷୀ ଓ ନାମ ମାତ୍ର ଚାଷୀଙ୍କୁ ଯଥାକ୍ରମେ ଶତକଡ଼ା ୨୫ ଓ ୩୦ ରିହାତି ମୂଲ୍ୟରେ କୃଷି ଉପକରଣ, ସେଚ କୂପ, ପାଣି ପଂପ, ଗୋ ମହିଷାଦି ଛେଳି ମେଣ୍ଢା, ଘୁଷୁରୀ ଓ କୁକୁଡ଼ା ଆଦି ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଛି । ଗ୍ରାମମାନଙ୍କରେ ବିଭିନ୍ନ ବ୍ୟବସାୟିକ ଧନ୍ଦାର ଉନ୍ନତି ପାଇଁ କାଠକାମ, ଲୁହାକାମ, ଲୁଗା ବୁଣା, ଢ଼େଙ୍କି କାମ, କଂସାବାସନ, ବାଉଁଶ, ଚମଡ଼ା, ବେତକାମ, ପଥର କାମ, ମଟର ମରାମତି ଉନ୍ନତ ବଳଦ ଗାଡ଼ି ତିଆରି ଓ ମୃତ୍ତିକା ଶିଳ୍ପ ଆଦି ପାଇଁ ମଧ୍ୟ ଉପରୋକ୍ତ ହାରରେ ଉପକରଣ ଯୋଗାଇ ଦେବାର ବନ୍ଦୋବସ୍ତ ରହିଛି । ବିଭିନ୍ନ କୃଷିଜାତ ଓ ବନ୍ୟ ପଦାର୍ଥମାନ ଉପଯୁକ୍ତ ବଜାର ଦରରେ କ୍ରୟ କରିବା ଓ ନିତ୍ୟ ବ୍ୟବହାର୍ଯ୍ୟ ଆବଶ୍ୟକୀୟ ଜିନିଷ ସୁଲଭ ମୂଲ୍ୟରେ ଯୋଗାଇ ଦେବା ଲକ୍ଷ୍ୟରେ ସମବାୟ ନିଗମମାନ ପ୍ରତିଷ୍ଠା କରାଯାଇଅଛି ।

ଏହାଛଡ଼ା ବୃକ୍ଷରୋପଣ, ନୂତନ ଜଙ୍ଗଲ ସୃଷ୍ଟି, ଗମନାଗମନର ସୁବିଧା ଓ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି ।

ଉପଯୋଜନା ଓ ସ୍ୱତନ୍ତ୍ର ଯୋଜନା ବାହାରେ କେତେକ ଆଦିବାସୀ ବହୁଳ ପଞ୍ଚାୟତକୁ ନେଇ ପରିବର୍ତ୍ତିତ ଅଞ୍ଚଳ ଉନ୍ନୟନ ପ୍ରକଳ୍ପ ଓ ହରିଜନ ବହୁଳ ଗ୍ରାମପଞ୍ଚାୟତକୁ ନେଇ ଆଗୁଆ ପ୍ରକଳ୍ପ (Pilot Scheme) ସେମାନଙ୍କର ସମୂହ ବିକାଶ ପାଇଁ କାର୍ଯ୍ୟକାରୀ କରାଯାଉଛି ।

ଶିକ୍ଷା କ୍ଷେତ୍ରରେ ହରିଜନ ଆଦିବାସୀଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟରେ ବୃତ୍ତି ଦିଆଯିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଧନ୍ଦା ମୂଳକ ଶିକ୍ଷା ଦେବା ପାଇଁ ସିଲେଇ, ଲୁଗାବୁଣା, କୃଷି ଆଦି ଶିକ୍ଷାର ବ୍ୟବସ୍ଥା ରହିଛି । ନିରକ୍ଷରତା ଦୂରୀକରଣ ଦିଗରେ ସ୍ୱତନ୍ତ୍ର ଅଧ୍ୟୟନ କେନ୍ଦ୍ର ପ୍ରତିଷ୍ଠା କରାଯାଉଛି । ଶିକ୍ଷାର ଦ୍ରୁତ ପ୍ରସାର ପାଇଁ ସେବାଶ୍ରମ, ଚଟଶାଳୀ, ହାଇସ୍କୁଲ ଓ ଛାତ୍ରାବାସର ବ୍ୟବସ୍ଥା ହେଉଛି । ଅଧ୍ୟୟନ ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବାକୁ ଉଭୟ ମାଟ୍ରିକ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଶ୍ରେଣୀରେ ବିଭିନ୍ନ ହାରରେ ବୃତ୍ତି, ଲିଖନ ସାମଗ୍ରୀ ଓ ପାଠ୍ୟପୁସ୍ତକାଦି ଯୋଗାଇ ଦିଆଯାଇଛି । ଛାତ୍ର ଛାତ୍ରୀଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ନିମନ୍ତେ କେତେକ ସ୍କୁଲରେ ଛେଳି ଓ କୁକୁଡ଼ା ପାଳନର ବ୍ୟବସ୍ଥା ରହିଛି । ଇଞ୍ଜିନିୟରିଂ ଓ ଡାକ୍ତରୀ ଆଦି ବୈଷୟିକ ଶିକ୍ଷାରେ ନାମ ଲେଖାଇବା ପାଇଁ କୋହଳ ନୀତି ଅନୁସରଣ ତଥା ସ୍ଥାନ ସଂରକ୍ଷଣ କରାଯାଇଛି । ଏହା ଛଡ଼ା ଚାକିରି ଆଦି କ୍ଷେତ୍ରରେ ସଂରକ୍ଷିତ ସ୍ଥାନ ନିୟମକୁ ବିଧିବଦ୍ଧ ଭାବରେ ପାଳନ ପାଇଁ ଫଳପ୍ରଦ ବ୍ୟବସ୍ଥା ହୋଇଛି । ଏତଦ୍‌ବ୍ୟତୀତ ଅନ୍ତ୍ୟୋଦୟ ପରିକଳ୍ପନା କେତେକ ବ୍ଲକରେ କାର୍ଯ୍ୟକାରୀ ହେବାର ବ୍ୟବସ୍ଥା ହେଉଛି । ଏହା ମାଧ୍ୟମରେ ଅଧିକାଂଶ ହରିଜନ ଓ ଆଦିବାସୀ ପରିବାର ନିଶ୍ଚିତ ଭାବରେ ତାଲିକାଭୁକ୍ତ ହୋଇ ସ୍ୱତନ୍ତ୍ର ସାହାଯ୍ୟ ପାଇ ତାଙ୍କର ଆର୍ଥିକ ମାନ ବଢ଼ାଇ ଉପକୃତ ହେବେ । ଆଦିବାସୀ ଓ ହରିଜନମାନଙ୍କ ଆର୍ଥିକ ଓ ସାମାଜିକ ଉନ୍ନତି ଦିଗରେ କାର୍ଯ୍ୟକ୍ରମ କି ପ୍ରକାର କାର୍ଯ୍ୟକାରୀ କରାଯାଉଛି, ତାହା ସନ୍ତୋଷଜନକ କି ନୁହେଁ ଓ ପ୍ରଗତିକୁ ତ୍ୱରାନ୍ୱିତ କରିବାକୁ କି ପଦକ୍ଷେପ ନିଆଯିବ ତାହା ସୁପାରିଶ କରିବାକୁ ଗୋଟିଏ ଉଚ୍ଚସ୍ତରୀୟ କ୍ଷମତାପନ୍ନ କମିଟି ଗଠନ କରାଯାଇଛି ।

ଆମ ଦେଶରେ ଗୋଟିଏ ଶୋଷଣ ବିହୀନ, ସୁସ୍ଥ, ସୁଖୀ ଓ ସୁନ୍ଦର ସମାଜ ଗଢ଼ିବାକୁ ଉପରୋକ୍ତ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଭଗବାନଙ୍କ ସୃଷ୍ଟିରେ ସମସ୍ତ ମାନବ ସମାନ । ଏହି ବାଣୀ ସମସ୍ତ ମହାପୁରୁଷ ପ୍ରଚ୍ଚର କରିଛନ୍ତି । ଏହା ମଧ୍ୟ ଜଗନ୍ନାଥ ଧର୍ମର ସାରାଂଶ । ଆଜି ଏହି ଅମର ବାଣୀ ଉପଲବ୍ଧ କରି ଆମେ ସମସ୍ତେ ଆମର ନିଜର ଦୁର୍ବଳ ଭାଇମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ସୀମିତ ପରିସର ହେଉ ପଛକେ, ଯଦି ନିଷ୍ଠାପର, ଆନ୍ତରିକ ଓ ଶ୍ରଦ୍ଧାର ସହିତ କାୟମନୋବାକ୍ୟରେ ବ୍ରତୀ ହେବା ତେବେ ଅଚିରେ ଆମର ଏହି ଜାତୀୟ ଲକ୍ଷ୍ୟ ସାଧନ ହେବ ।

କିଲପାଳ, ବଲାଙ୍ଗୀର

(ସମ୍ବଲପୁର ଆକାଶବାଣୀ ସୌଜନ୍ୟରୁ)



# ଓଡ଼ିଶାରେ ରାଷ୍ଟ୍ରପତି ଶ୍ରୀ ରେଡ୍ଡି

[ ୧୯୭୮ ମସିହାର ବିଦାୟ ସମୟରୁ ଭାରତର ରାଷ୍ଟ୍ରପତି ଶ୍ରୀ ନୀଲମ ସଂଜୀବ ରେଡ୍ଡି ଓଡ଼ିଶାକୁ ଶୁଭାଗମନ କରିଥିଲେ । ତାଙ୍କର ଦୁଇଦିନ ରହଣି କାଳ ମଧ୍ୟରେ ଉନ୍ନୟନ ଯୋଜନା ସମେତ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମଗୁଡ଼ିକରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ତଥା ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ ଭାଷଣର ଅଂଶବିଶେଷ ନିମ୍ନରେ ପ୍ରଦତ୍ତ ହୋଇଛି :]

ଭାରତର ରାଷ୍ଟ୍ରପତି ଶ୍ରୀ ନୀଲମ୍ ସଂଜୀବ ରେଡ୍ଡି ଗତ ଡ଼ିସେମ୍ବର ୨୭ ତାରିଖ ଦିନ କଟକ ନିକଟସ୍ଥ ଫକୀରପୁରଠାରେ ମହାନଦୀ ଉପରେ ଏକ ନୂତନ ଆନିକଟ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି । ୪୨ କୋଟି ଆଠ ଲକ୍ଷ ଟଙ୍କା ବ୍ୟୟରେ ଏହି ଆନିକଟ ନିର୍ମାଣ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି ।




ଶିଳାନ୍ୟାସ ଉପଲକ୍ଷେ ଆୟୋଜିତ ଏକ ଉତ୍ସବରେ ଭାଷଣ ଦେଇ ରାଷ୍ଟ୍ରପତି ଶ୍ରୀ ରେଡ୍ଡି କହିଲେ, ଭାରତ ଭଳି ଏକ ଗ୍ରୀଷ୍ମ ପ୍ରଧାନ ଦେଶରେ ଜଳସେଚନର ଯଥେଷ୍ଟ ଆବଶ୍ୟକତା ରହିଛି ।

ବିଶେଷ କରି ଭାରତ କୃଷି ଉପରେ ନିର୍ଭର କରୁଥିବାରୁ ଜଳସେଚନର ସୁବିଧା ବୃଦ୍ଧି କରିବା ଓ ଅଧିକ ଶସ୍ୟ ଉତ୍ପାଦନ ପାଇଁ ବିଜ୍ଞାନ-ସମ୍ମତ ଭିତ୍ତିରେ ଜଳ ବ୍ୟବହାର କରିବାର ଆବଶ୍ୟକତା ଅତୀବ ଜରୁରୀ ।

ଶିଳାନ୍ୟାସ କରାଯାଉଥିବା ଯୋଜନାଟି ଦିନେ ଓଡ଼ିଶାର ଆର୍ଥନୀତିକ ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା ପ୍ରକାଶ କରି ରାଷ୍ଟ୍ରପତି କହିଲେ, ଯେ ଗରିବ କୃଷକମାନଙ୍କର ଉନ୍ନତି ଲାଗି ଯେଉଁ ଯୋଜନା-ଗୁଡ଼ିକ କାର୍ଯ୍ୟକାରୀ ହେଉଛି ସେଗୁଡ଼ିକ ମଧ୍ୟରୁ ଏହା ଅନ୍ୟତମ ।



ରାଷ୍ଟ୍ରପତି ମହାନଦୀ ବ୍ୟାରେଜର ନମୁନା ନିରୀକ୍ଷଣ କରୁଛନ୍ତି । ତାଙ୍କର ଉଭୟ ପାର୍ଶ୍ୱରେ ଅଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ରାଉତରାୟ ଏବଂ କୃଷି ଓ ଜଳସେଚନ ମନ୍ତ୍ରୀ ଶ୍ରୀ ମଲ୍ଲିକ ।

ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ପ୍ରଥମେ ରାଷ୍ଟ୍ରପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରି କହିଲେ, ମହାନଦୀ ତ୍ରିକୋଣ ଭୂମିରେ ବସବାସ କରୁଥିବା ଜନସାଧାରଣଙ୍କ ସୁବିଧା ଲାଗି ମହାନଦୀ ଓ ତାର ଶାଖା ବିରୂପା ନଦୀର ଜଳରାଶିକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଆଜିକୁ ଶହେ ବର୍ଷ ପୂର୍ବେ ତ୍ରିକୋଣ ଭୂମି ଜଳସେଚନ ଯୋଜନା କାର୍ଯ୍ୟକାରୀ ହୋଇଥିଲା । ମହାନଦୀ ଉପରେ ୧୮୬୭ ମସିହାରେ ଓ ବିରୂପା ଉପରେ ୧୮୬୯ ମସିହାରେ ବିଶିଷ୍ଟ ଇଂଜିନିୟର ଶ୍ରୀ ଆର୍ଥର କୁଟନଙ୍କ ନିର୍ଦ୍ଦେଶ ଓ ଆର୍ମଷ୍ଟ୍ରଙ୍ଗଙ୍କ ତତ୍ତ୍ୱାବଧାନରେ ଆନିକଟର କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା । ଏହା ଫଳରେ ୧୫ ହଜାର ହେକ୍ଟର ଜମିରେ ଜଳସେଚନ ସୁବିଧା କରାଯାଇଥିଲା । ବର୍ତ୍ତମାନ ଏ ଯୋଜନାର ଆହୁରି ସମ୍ପ୍ରସାରଣ କରାଯାଇଛି ଯଦ୍ୱାରା ଖରିଫ୍ ଫସଲ ପାଇଁ ୪ ଲକ୍ଷ ୫୪ ହଜାର ଏକର ଜମି ଓ ରବି ଫସଲ ଲାଗି ୨ ଲକ୍ଷ ୭୦ ହଜାର ଏକର ଜମିରେ ଜଳସେଚନର ସୁବିଧା ହୋଇପାରିବ ।

## ରାଜ୍ୟପାଳଙ୍କ ଉଦ୍‌ବୋଧନ

ରାଜ୍ୟପାଳ ଶ୍ରୀ ଭଗବତ ଦୟାଲ ଶର୍ମା ରାଷ୍ଟ୍ରପତିଙ୍କୁ ସମ୍ବର୍ଦ୍ଧନା ଜଣାଇ କହିଲେ ଯେ ଏ ଯୋଜନାର ପ୍ରକଳ୍ପ ବିବରଣୀ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି । ଯୋଜନାଟି ରୂପାୟିତ କରିବାକୁ ୬ ବର୍ଷ ସମୟ ଲାଗିବ ।'

ରାଜ୍ୟପାଳ ଆହୁରି କହିଲେ ଯେ ଓଡ଼ିଶାରେ ପ୍ରଚୁର ଜଳ ସଂପଦ ଥାଇ ମଧ୍ୟ ବର୍ତ୍ତମାନ ସୁଦ୍ଧା ସମସ୍ତ ଚାଷୋପଯୋଗୀ ଜମିର ମାତ୍ର ଶତକଡ଼ା ୧୫ ଭାଗ ଜଳସେଚନର ସୁବିଧା ଲାଭ କରିଛି । ଚକବନ୍ଦୀ ବ୍ୟବସ୍ଥା ଓ ଯୋଜନାବଦ୍ଧ ଜଳସେଚନ ଉପରେ ରାଜ୍ୟପାଳ ଗୁରୁତ୍ୱ ଆରୋପ କରିଥିଲେ ।

## ସମଲ ବାରେଜ

ରାଷ୍ଟ୍ରପତି ଶ୍ରୀ ସଂଜୀବ ରେଡ୍ଡି ଡ଼ିସେମ୍ବର ୨୮ ତାରିଖ ଦିନ ୨୩୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଯାଉଥିବା ସମଲ ବାରେଜର ଭିତ୍ତି ସ୍ଥାପନ କରି କହିଲେ ଯେ ପଣ୍ଡିତ ଜବାହରଲାଲ ନେହେରୁ ଓ ଅନ୍ୟାନ୍ୟ ନେତାମାନଙ୍କ ମହାନ ଆଦର୍ଶ ଓ ଦୂରଦୃଷ୍ଟି ଯୋଗୁଁ ଆମେ ଆମ ଅର୍ଥନୀତିର ଦୃଢ଼ଭିତ୍ତି ସ୍ଥାପନ କରିପାରିଛୁ । ଆମେ ଅନେକ ବଡ଼ ବଡ଼ ବହୁମୁଖୀ ନଦୀ ପ୍ରକଳ୍ପ କାର୍ଯ୍ୟକାରୀ କରାଇଛୁ ଏବଂ ସେସବୁ ଜନସାଧାରଣଙ୍କ ମଙ୍ଗଳ ଦିଗରେ ସହାୟକ ହେଉଛି । ଆମେ ଏବେ ଖାଦ୍ୟରେ ନିଜେ ଆତ୍ମନିର୍ଭରଶୀଳ ହୋଇ ବିଦେଶକୁ ରପ୍ତାନୀ ପାଇଁ ମଧ୍ୟ ଉଦ୍ୟମ କରୁଛୁ । ରାଷ୍ଟ୍ରପତି କହିଲେ ଯେ ଈଶ୍ୱର ଆମକୁ ପ୍ରଚୁର ପ୍ରାକୃତିକ ଓ ମାନବିକ ସମ୍ବଳ ଦେଇଛନ୍ତି । ଆମ ଜନସାଧାରଣ ଯେପରି ଅଧିକ ଉନ୍ନତ ଜୀବନ ଯାପନ କରିପାରିବେ, ସେଥିପାଇଁ ଆମେ ସମସ୍ତେ ଐକ୍ୟବଦ୍ଧ ହୋଇ ନିଷ୍ଠାର ସହିତ କାର୍ଯ୍ୟ କରିବା ଦରକାର । ଖାଦ୍ୟଶସ୍ୟ ତଥା ଅନ୍ୟାନ୍ୟ




ସାମଗ୍ରୀମାନ ପାଇବା ପାଇଁ ଜନସାଧାରଣଙ୍କ କ୍ରୟଶକ୍ତି ଯେପରି ବଢ଼ିବ ସେଥିପାଇଁ କୃଷି ଭିତ୍ତିକ ଶିଳ୍ପମାନଙ୍କର ବ୍ୟାପକ ବିକାଶ ଆବଶ୍ୟକ । ଆମ ଦେଶ ସ୍ୱାଧୀନତା ଲାଭ ପରଠାରୁ ବଡ଼ ବଡ଼ ଉନ୍ନୟନ ପ୍ରକଳ୍ପମାନ ହାତକୁ ନେଇଛି ଏବଂ ଜଳସେଚନର ବିକାଶ ତନ୍ମଧ୍ୟରୁ ଏକ ଅତୀବ ଗୁରୁତ୍ୱପୂର୍ଣ୍ଣ ବିଷୟ । ଏହି ପ୍ରକଳ୍ପ ଦ୍ୱାରା ବାର୍ଷିକ ୪ ଲକ୍ଷ ୨୪ ହଜାର ହେକ୍ଟର ଜମିରେ ଜଳସେଚନ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

# ଛଉ ନୃତ୍ୟକୁ ରାଷ୍ଟ୍ରପତଙ୍କର ଉଚ୍ଚ ପ୍ରଶଂସା

ରାଜ୍ୟ ସୂଚନା ଭବନଠାରେ ନିଖିଳ ଭାରତ ତିନିଦିନିଆ ଛଉନୃତ୍ୟ ଆଲୋଚନାଚକ୍ର ଉଦ୍‌ଘାଟନ କରି ଗତ ଡିସେମ୍ବର ୨୭ ତାରିଖ ଦିନ ରାଷ୍ଟ୍ରପତି ଶ୍ରୀ ନୀଲମ ସଂଜୀବ ରେଡ୍ଡି କହିଲେ, ଆମର ଉନ୍ନତ ପରଂପରା ପ୍ରତି ଲକ୍ଷ୍ୟ ରଖି ସଙ୍ଗୀତ,



ଗତ ଡିସେମ୍ବର ୨୭ ତାରିଖରେ ଭୁବନେଶ୍ୱରଠାରେ ରାଷ୍ଟ୍ରପତି ଦୀପ ପ୍ରଜ୍ୱଳନକରି ଛଉ ଆଲୋଚନାଚକ୍ର ଉଦ୍‌ଘାଟନ କରୁଛନ୍ତି ।




ଛଉନୃତ୍ୟ ଶିଳ୍ପୀଙ୍କ ଗହଣରେ ରାଷ୍ଟ୍ରପତି ।

ନୃତ୍ୟ ଓ ନାଟକକୁ ଉତ୍ସାହିତ କରିବା ସମସ୍ତଙ୍କର କର୍ତ୍ତବ୍ୟ । ଇତିହାସର ବହୁ ବିବର୍ତ୍ତନ ସତ୍ତ୍ୱେ, ବହୁ ସାମାଜିକ ବାଧାବିଘ୍ନ ସତ୍ତ୍ୱେ ଏହି ନୃତ୍ୟ ସଙ୍ଗୀତ ବଞ୍ଚି ରହିଛି ଏବଂ ଏହା ଉନ୍ନତି ପଥରେ ଆଗେଇ ଚାଲିଛି । ଆମର ସାଂସ୍କୃତିକ ଐତିହ୍ୟକୁ ବଞ୍ଚାଇ ରଖିବା ଦିଗରେ ସରକାର ତଥା ଜନସାଧାରଣ ଉଦ୍ୟମ କରିବା ଉଚିତ ବୋଲି ରାଷ୍ଟ୍ରପତି ପରାମର୍ଶ ଦେଇଥିଲେ । ଛଉନୃତ୍ୟ ପାଇଁ ଓଡ଼ିଶା କିଭଳି ସମଗ୍ର ପୃଥିବୀରେ ପ୍ରସିଦ୍ଧି ଲାଭ କରିଛି ସେ ବିଷୟ ଉଲ୍ଲେଖ କରି ରାଷ୍ଟ୍ରପତି ଛଉନୃତ୍ୟର ବିକାଶ ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

## ବିଜ୍ଞାନ ଓ ଆଧ୍ୟାତ୍ମିକତା ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ରାଷ୍ଟ୍ରପତିଙ୍କ ପରାମର୍ଶ

ଗତ ଡ଼ିସେମ୍ବର ୨୭ ତାରିଖ ଦିନ 'ଭାରତୀୟ ବିଦ୍ୟାଭବନ' ଓଡ଼ିଶା ଶାଖାର ନୂତନ ଗୃହ ଉଦ୍‌ଘାଟନ କରି ରାଷ୍ଟ୍ରପତି ଶ୍ରୀ ନୀଲମ ସଂଜୀବ ରେଡ୍ଡି କହିଲେ, ଭୁବନେଶ୍ୱର ଭଳି ଏକ ଐତିହାସିକ ସ୍ଥାନରେ ଭାରତୀୟ ବିଦ୍ୟାଭବନର ଶାଖା ପ୍ରତିଷ୍ଠା ହେବା ଯଥେଷ୍ଟ ତାତ୍ପର୍ଯ୍ୟପୂର୍ଣ୍ଣ । ବିଶେଷ କରି ଦେଶର ଶିକ୍ଷା ଓ ସଂସ୍କୃତିର ବିକାଶରେ ଭାରତୀୟ ବିଦ୍ୟାଭବନର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି ସେ କହିଥିଲେ । କେବଳ ଯେ ଭାରତୀୟ ବିଦ୍ୟାଭବନ ଭାରତର ପୁରାତନ ସଂସ୍କୃତି ଓ ପରଂପରା ଲୋକଚକ୍ଷୁକୁ ଆଣି ପାରିଛି ତା ନୁହେଁ, ଏହା ବିଶେଷ ଭାବେ ଜାତୀୟ ଏକତା ଓ ଅଖଣ୍ଡତା ପ୍ରତିଷ୍ଠା କରିବାରେ ସହାୟକ ହୋଇପାରିଛି ।

ରାଜ୍ୟପାଳ ଶ୍ରୀ ଭଗବତ ଦୟାଲ ଶର୍ମା ଏହି ଉତ୍ସବରେ ଭାଷଣ ଦେଇ ଭାରତୀୟ ବିଦ୍ୟାଭବନକୁ ଭାରତୀୟ ଜ୍ଞାନର ଗନ୍ତାଘର ବୋଲି ବର୍ଣ୍ଣନା କରିଥିଲେ । ଭାରତୀୟ ବିଦ୍ୟାଭବନ ଆମ ସଂସ୍କୃତି ଓ ପରଂପରାକୁ ସବୁ ସ୍ତରରେ ପ୍ରଚ୍ଛରିତ କରିବ ବୋଲି ରାଜ୍ୟପାଳ ଆଶା ପ୍ରକାଶ କରିଥିଲେ ।

ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ତାଙ୍କର ଅଭିଭାଷଣରେ କହିଲେ, ଭାରତୀୟ ବିଦ୍ୟାଭବନ ଜାତୀୟ ସଂହତିର ପ୍ରତୀକ ରୂପେ କାର୍ଯ୍ୟ କରୁଛି । ଉନ୍ନତ ମଣିଷ ଗଢିବା ଦିଗରେ ଏହି ଭବନ ସମଗ୍ର ଦେଶରେ ଏକ ସମ୍ମାନିତ ଆସନ ଲାଭ କରିପାରିଛି ।



ବିଦ୍ୟାଭବନ ଉଦ୍‌ଘାଟନ ଉତ୍ସବରେ ରାଷ୍ଟ୍ରପତି

ସୁପ୍ରିମ କୋର୍ଟର ବିଚାରପତି ତଥା ଭାରତୀୟ ବିଦ୍ୟାଭବନର କାର୍ଯ୍ୟ ନିର୍ବାହୀ ସଭାପତି ଶ୍ରୀ ପି. ଏନ୍. ଭଗବତୀ ତାଙ୍କ ଭାଷଣରେ କହିଲେ, "ଭାରତୀୟ ସଂସ୍କୃତିର ପୁନରୁତ୍‌ଥାନ ଲାଗି ଭାରତୀୟ ବିଦ୍ୟାଭବନ ନିଜକୁ ଉତ୍ସର୍ଗ କରି ଆସିଛି । ବିଶେଷ କରି ଆଧ୍ୟାତ୍ମିକ ମୂଲ୍ୟବୋଧ ଉପରେ ଆମର ସଂସ୍କୃତି ପ୍ରତିଷ୍ଠିତ ହୋଇଥିବାରୁ ଲୋକଙ୍କ ମନରେ ଆଧ୍ୟାତ୍ମିକ ଭାବ ଜାଗ୍ରତ କରିବା ଲାଗି ଭାରତୀୟ ବିଦ୍ୟାଭବନ ସର୍ବଦା ଉଦ୍ୟମରତ ।"

ରାଷ୍ଟ୍ରପତି ଶ୍ରୀ ରେଡ୍ଡି ଓଡ଼ିଶାରେ ତାଙ୍କର ଦୁଇଦିନ ରହଣି ମଧ୍ୟରେ ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟ ଓ ମୟୂରଭଞ୍ଜର ଛଉନୃତ୍ୟ, ଓଡ଼ିଶା ସଙ୍ଗୀତ ମହାବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ପରିବେଷିତ ନୃତ୍ୟ ଦେଖି ଆମ ନୃତ୍ୟ କଳାର ଭୂୟସୀ ପ୍ରଶଂସା କରିଥିଲେ ।

ସଂକଳନ–ସୁରେନ୍ଦ୍ର କୁମାର ପଟ୍ଟନାୟକ,
ଅତିରିକ୍ତ ପ୍ରଚାର ଅଧିକାରୀ

# ସମୁଦ୍ର

ସଚ୍ଚିଦାନଂଦ ରାଉତରାୟ

ସମୁଦ୍ରର ମୁହାମୁହିଁ ଠିଆ ହୋଇ
          ମୁଁ ଦେଖେଁ ମୋ' ହଜିଲା ମୁକୁଟ
ଯେପରି ବା ଲେଟିଅଛି ଏହିଠାରେ ଛୁଇଁ ବାଲୁବଂଢ ।
ଏବଂ ମୋ' ସାମ୍ରାଜ୍ୟ ଭାଂଗି ଏଠି ଖଂଡ ଖଂଡ,
ମୋତେ ଘେରି ଛିଡ଼ା ହୁଏ ଏକ ଆୟତନ
ଦୀର୍ଘ ଆଉ ସୀମାର ଅତୀତ ।
ମୁଁ ମୋତେ ଭୁଲିଯାଏ, ଭୁଲିଯାଏ ମୋ' ପ୍ରଥମ ନାମ
କ୍ରମେ ହୁଏ ଦ୍ୱିତୀୟ ପୁରୁଷ, ପାଲଟେ ଅପର
ନିଜଠି ଅପରିଚିତ, ନିଜଠାରୁ ଦୂର ।
ଆତ୍ମ-ନୀଳିମାରେ ହଜି ହଜାଏ ମୁଁ ପୂର୍ବାପର,
ସବୁ ଇତିବୃତ୍ତ ॥

ସବୁ ଶବ୍ଦ ମୁହୂର୍ତ୍ତକେ ହୁଅଂତି ନୀରବ,
ବାକ୍‌ର ଅତୀତ
ଶ୍ରୁତିର ଅଶ୍ରୁତ ।
ମନେ ହୁଏ ଶବ୍ଦମାନେ ଅର୍ଥହୀନ
ଅର୍ଥ ସବୁ ନିରର୍ଥକ ।
ସବୁ ଶବ୍ଦ ମିଶି ଅବା ହୋଇଯାଂତି ଗୋଟିଏ ସଂକେତ
ଏକ ଚିହ୍ନ, ଗୋଟିଏ ପ୍ରତୀକ—
ଯାକୁ ଥରେ ଟିପିଦେଲେ ଆଂଗୁଠିରେ
ସବୁ କହିହୁଏ,
ସବୁ ବୁଝିହୁଏ,
ସବୁ ଜାଣିହୁଏ,
ବୃଥା ଏତେ କଥା ଆଉ ସ୍ୱର,
ଏ ସବୁ ଜଣାଣ ॥

# ଆନ୍ତର୍ଜାତିକ ଶିଶୁ ସମ୍ବତ୍ସର ଓ ଏହାର ତାତ୍ପର୍ଯ୍ୟ



## ସୁରେନ୍ଦ୍ର କୁମାର ପଟ୍ଟନାୟକ

୧୯୭୯ ମସିହା "ଆନ୍ତର୍ଜାତିକ ଶିଶୁ ସମ୍ବତ୍ସର" ରୂପେ ସାରା ବିଶ୍ୱରେ ପାଳନ କରାଯାଉଛି । ଏକଥା ସତ ଯେ ଶିଶୁମାନଙ୍କର ଯଥାର୍ଥ ଲାଳନ ପାଳନ ତଥା ସେମାନଙ୍କର ବିକାଶ ବିନା ମାନବ ସମାଜର ସମୂହ ବିକାଶ କେବେ ସମ୍ଭବ ହୋଇ ନ ପାରେ । ତେଣୁ ପ୍ରତ୍ୟେକ ଶିଶୁ ଭୂମିଷ୍ଠ ହେବାଠାରୁ ତାହାର ଶାରୀରିକ ଓ ମାନସିକ ବିକାଶ ପ୍ରତି ସମୁଚିତ ଦୃଷ୍ଟି ପ୍ରଦାନ କରାଯିବା ସର୍ବାଦୌ ଆବଶ୍ୟକ ।

ଆନ୍ତର୍ଜାତିକ ଶିଶୁ ସମ୍ବତ୍ସର ପାଳନର ମୂଳ ଉଦ୍ଦେଶ୍ୟ ହେଉଛି ଶିଶୁମାନଙ୍କ ପ୍ରତି ଜନସାଧାରଣଙ୍କ ମନରେ ପ୍ରେମ ଓ ଶୁଭେଚ୍ଛା ଭାବର ଉଦ୍ରେକ କରାଇବା । ସେଥିପାଇଁ ଜାତିସଂଘ ଶିଶୁ ସମ୍ବତ୍ସର ସଙ୍କେତରେ ବଢିବାକୁ ଚେଷ୍ଟା କରୁଥିବା ଶିଶୁକୁ ଜଣେ ପାଳନକାରୀ ବୟସ୍କ ବ୍ୟକ୍ତି ଆଲିଙ୍ଗନ କରୁଥିବାର ଏକ ପ୍ରାଣସ୍ପର୍ଶୀ ଚିତ୍ର ଅଙ୍କନ କରାଯାଇଛି ।

ସମଗ୍ର ବିଶ୍ୱରେ ପ୍ରତ୍ୟେକ ନାଗରିକ ଶିଶୁର କଲ୍ୟାଣ ପାଇଁ କେବଳ ଉଦ୍‌ବେଗ ପ୍ରକାଶ କଲେ ଚଳିବ ନାହିଁ, ଏ ଦିଗରେ ବାସ୍ତବରେ କ'ଣ କରାଯାଇ ପାରିବ, ତାହା କାର୍ଯ୍ୟରେ ପରିଣତ କରି ଦେଖାଇବା ଉଚିତ । କାରଣ ଆଜିର ଶିଶୁମାନେହିଁ ଏ ବିଶ୍ୱରେ ଭବିଷ୍ୟତ ନାଗରିକ, ଡାକ୍ତର ଇଂଜିନିୟର, ବୈଜ୍ଞାନିକ । ଭବିଷ୍ୟତ ବିଶ୍ୱର ଶାନ୍ତି ଓ ଉନ୍ନତି ସହିତ ଆଜିର ଶିଶୁମାନଙ୍କ କଲ୍ୟାଣ ଓତପ୍ରୋତ ଭାବେ ଜଡ଼ିତ ।

ଆମ ଦେଶରେ ୬ ବର୍ଷରୁ କମ୍ ବୟସର ପିଲାମାନଙ୍କର ସର୍ବବିଧ ଉନ୍ନତି ଘଟାଇବା ଏହି ସମ୍ବତ୍ସର ପାଳନର ଅନ୍ୟତମ ଲକ୍ଷ୍ୟ । ଭାରତରେ ଏହି ବୟସସୀମା ମଧ୍ୟରେ ଥିବା ପିଲାମାନଙ୍କ ସଂଖ୍ୟା ପ୍ରାୟ ୧୨ କୋଟିରୁ ଅଧିକ । ଆସନ୍ତା ୧୦ ବର୍ଷରେ ଅତି କମ୍‌ରେ ୧୪ କୋଟି ଶିଶୁ ହିଁ ଭାରତର ଲୋକସଂଖ୍ୟା ବୃଦ୍ଧିର କାରଣ ହେବେ ବୋଲି ଅନୁମାନ କରା ଯାଉଛି । ସେହି ୧୪ କୋଟିରୁ ଅଧିକାଂଶ ଶିଶୁ ହୁଏତ ଏବେ ରୋଗ, କ୍ଷୁଧା, ଅଜ୍ଞତା, ହତାଶା ଓ ଦାରିଦ୍ର୍ୟରେ ଜର୍ଜରିତ ଅଗଣିତ ଲୋକଙ୍କ ସହିତ ସାମିଲ ହେବେ ଯେଉଁମାନେ କି ବିଜ୍ଞାନ ଓ କାରିଗରି ସୁଫଳରୁ ବଂଚିତ । ଜାତିସଂଘ ଦ୍ୱାରା ସଂଗୃହୀତ ତଥ୍ୟରୁ ପ୍ରକାଶ ଯେ ବିଶ୍ୱର ୮୦ କୋଟି ଶିଶୁଙ୍କ ଜୀବନ ଚରମ ଦାରିଦ୍ର୍ୟ ଓ ଅଭାବ ମଧ୍ୟରେ ଅତିବାହିତ ହେଉଛି । ପରିସଂଖ୍ୟାନରୁ ଜଣାଯାଏ ଯେ ଆମ ଦେଶରେ ଅନ୍ୟୂନ ୧୦୦,୦୦୦ ଶିଶୁ ପ୍ରତିବର୍ଷ ପୁଷ୍ଟିହୀନତା ଯୋଗୁଁ ପ୍ରାଣ ହରାଉଥାନ୍ତି । ୨୫ ଲକ୍ଷ ଶିଶୁ ଉପଯୁକ୍ତ ଭିଟାମିନ ଅଭାବରେ

ଅନ୍ଧତ୍ୱ ବରଣ କରୁଥିବା ଦେଖା ଯାଉଛି । ବିଦ୍ୟାଳୟରେ ନାମ ଲେଖାଇଥିବା ଶିଶୁମାନଙ୍କ ମଧ୍ୟରୁ ଶତକଡ଼ା ୭୨ ଭାଗ ଭିଟାମିନ–'ଏ' ଓ ଭିଟାମିନ–'ବି' ଖାଦ୍ୟସାରର ଅଭାବରୁ ନାନା ପ୍ରକାର ରୋଗରେ ପଡ଼ିଥାନ୍ତି । ଅନ୍ତତଃ ଶତକଡ଼ା ୪୫ ଭାଗ ଶିଶୁ ଆବଶ୍ୟକ ଖାଦ୍ୟସାର ଅଭାବରୁ ଉଭୟ ଶାରୀରିକ ଓ ମାନସିକ ଦୁର୍ବଳତା ଭୋଗ କରିଥାନ୍ତି ।

ପିଲାମାନଙ୍କ ସ୍ୱାସ୍ଥ୍ୟର ଉନ୍ନତି ସଙ୍ଗେ ସଙ୍ଗେ ସେମାନଙ୍କର ବୌଦ୍ଧିକ, ମାନସିକ ଓ ସାମାଜିକ ଚିନ୍ତାଧାରାର ବିକାଶ ଦିଗରେ ଅଧିକ ଗୁରୁତ୍ୱ ଆରୋପ ପାଇଁ ଏହି ଆନ୍ତର୍ଜାତିକ ଶିଶୁ ସମ୍ବତ୍ସର ଅଭିପ୍ରେତ । ଯେଉଁ ପିଲାମାନେ ଅବହେଳିତ, ବିଶେଷ କରି ସବୁପ୍ରକାର ସୁବିଧା ସୁଯୋଗରୁ ବଞ୍ଚିତ ସେମାନଙ୍କ ପ୍ରତି ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯିବା ଦରକାର । ସେହି ଦୁର୍ବଳ ଗୋଷ୍ଠୀଗୁଡ଼ିକ ମଧ୍ୟରେ ବସ୍ତି ଅଞ୍ଚଳର, ବାସହୀନ ଶ୍ରମିକ ଗୋଷ୍ଠୀର, ସମାଜରେ ଘୃଣିତ ତଥା ଅବହେଳିତ, ବାପମାଆ ଛେଉଣ୍ଡ ପିଲା ତଥା ପରିବାର ଦ୍ୱାରା ଅବହେଳିତ ଝିଅ, ଶରଣାର୍ଥୀ ଓ ଜାରଜ ସନ୍ତାନଗଣ, ଦରିଦ୍ର ପଲ୍ଲୀ ଅଞ୍ଚଳର ଶିଶୁ, ଶାରୀରିକ ଓ ମାନସିକ ବିକୃତିଗ୍ରସ୍ତ ପିଲାମାନେ ଏବଂ ଅଧିକ ସଂଖ୍ୟାରେ ପୁଷ୍ଟିକର ଖାଦ୍ୟାଭାବ ଜନିତ ରୋଗାକ୍ରାନ୍ତ ପିଲାମାନେ ଅନ୍ତର୍ଭୁକ୍ତ । ଶିଶୁ ସମ୍ବତ୍ସରର କାର୍ଯ୍ୟକ୍ରମରେ ବିଭିନ୍ନ ଜାତୀୟ ସଂଗଠନ, ଗୋଷ୍ଠୀ ସମୂହ ଓ ବ୍ୟକ୍ତି ବିଶେଷ ଯେପରି ସକ୍ରିୟ ଅଂଶ ଗ୍ରହଣ କରିପାରିବେ ସେଥିପାଇଁ ସେମାନଙ୍କୁ ଉତ୍ସାହିତ କରାଯିବା ଦରକାର । ଆଗେ ଆନ୍ତର୍ଜାତିକ ସମ୍ମିଳନୀ ପାଇଁ ଯେଉଁ ସମୟ, ଶକ୍ତି ଓ ଅର୍ଥ ବ୍ୟୟ କରାଯାଉଥିଲା, ବର୍ତ୍ତମାନ ତାହାକୁ ବାସ୍ତବ ପକ୍ଷେ ପିଲାମାନେ ଉପକୃତ ହେଲାଭଳି ବିଭିନ୍ନଦେଶର ଜାତୀୟ କ୍ରିୟାନୁଷ୍ଠାନ କାର୍ଯ୍ୟକ୍ରମଗୁଡ଼ିକର ପ୍ରସ୍ତୁତି ଓ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ବିନିଯୋଗ କରାଯିବ ।

ଆନ୍ତର୍ଜାତିକ ଶିଶୁ ସମ୍ବତ୍ସର ପାଳନର ଲକ୍ଷ୍ୟ ସଂପର୍କରେ ପ୍ରକାଶିତ ଘୋଷଣାନାମାରେ କୁହାଯାଇଛି ଯେ ଶିଶୁ-ବର୍ଷ ପାଳନର ପ୍ରଧାନ ଲକ୍ଷ୍ୟ ହେଉଛି ପିଲାମାନେ ସ୍ଥାୟୀ ଭାବରେ ଯେପରି ସର୍ବାଧିକ ସେବା ଓ ଯତ୍ନ ପାଇପାରିବେ, ସେଥିପାଇଁ ଆନ୍ତରିକତାର ସହିତ ଆବଶ୍ୟକ କାର୍ଯ୍ୟକ୍ରମ-ମାନ ହାତକୁ ନେବା । ଲୋକେ ଯେପରି ନିଜ ଦେଶର କିମ୍ବା ଅନ୍ୟାନ୍ୟ ଦେଶର ଅଥବା ଉଭୟ ଦେଶ ବିଦେଶର ଶିଶୁ କଲ୍ୟାଣ ପାଣ୍ଠି ବୃଦ୍ଧି ଦିଗରେ ସାହାଯ୍ୟ କରିବାକୁ ଆଗ୍ରହୀ ହେବେ, ସେଥିପ୍ରତି ବିଶେଷ ଭାବେ ଧ୍ୟାନ ଦିଆଯିବ । ତା' ଛଡ଼ା ବିକାଶଶୀଳ ଦେଶଗୁଡ଼ିକରେ ପିଲାମାନଙ୍କୁ ଅଧିକ ସେବା ଓ ଯତ୍ନ ମିଳିବା ଲାଗି, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ବିଶେଷ ଧ୍ୟାନ ଦିଆଯିବ । ଖାଲି ସେତିକି ନୁହେଁ, ସାରା ବିଶ୍ୱର ବିଭିନ୍ନ ଅଞ୍ଚଳରେ ଶିଶୁ କଲ୍ୟାଣ ଅଭିମୁଖୀ କାର୍ଯ୍ୟକ୍ରମପାଇଁ ସବୁ ଦେଶର ସରକାର ଓ ଜନସାଧାରଣ ସ୍ୱେଚ୍ଛାକୃତ ଭାବେ ଯେପରି ଆର୍ଥିକ ସାହାଯ୍ୟ ଦେଇପାରିବେ ଏବଂ ସେହିସବୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଆଗେଇ ଆସିବେ ସେଥିନିମନ୍ତେ ପ୍ରତ୍ୟେକ ସ୍ତରର ଜନସାଧାରଣଙ୍କୁ ଉତ୍ସାହିତ କରାଯିବ । "ଶିଶୁ ସମ୍ବତ୍ସର" ଘୋଷଣା ସଂକ୍ରାନ୍ତ ପ୍ରସ୍ତାବରୁ ଏକଥା ସୁସ୍ପଷ୍ଟ ଯେ ଶିଶୁମାନଙ୍କୁ ସେମାନଙ୍କର "ମୌଳିକ ଆବଶ୍ୟକତା" ଯୋଗାଇବା ହେଲା–ଏହାର ସ୍ୱତନ୍ତ୍ର ଲକ୍ଷ୍ୟ ।



ସ୍ୱାସ୍ଥ୍ୟ, ପୁଷ୍ଟିସାଧନ ଓ ଶିକ୍ଷାଲାଭ କ୍ଷେତ୍ରରେ ଯେତିକି ସର୍ବନିମ୍ନ ଅତ୍ୟାବଶ୍ୟକ ସେବା ଓ ଯତ୍ନ ମିଳିବା କଥା, ସେହି ଘଟଣା ଉପରେ ଆନ୍ତର୍ଜାତିକ ଶିଶୁ ସମ୍ବତ୍ସର ବେଶି ଭାଗ ଅଭିପ୍ରାୟ ପର୍ଯ୍ୟବସିତ ହେବ । ଖାଦ୍ୟ ଓ ପୁଷ୍ଟି ସାଧନ, ବିଶୁଦ୍ଧ ପାନୀୟ ଜଳ, ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା, ଦାୟିତ୍ୱ ସଂପନ୍ନ ପିତୃତ୍ୱ, ମାତୃତ୍ୱ, ମୌଳିକ ଶିକ୍ଷା ଓ ମହିଳାମାନଙ୍କ ପାଇଁ ସାହାଯ୍ୟ ମୂଳକ ସେବା ସଂପର୍କରେ ଲୋକମାନଙ୍କୁ ସବୁକଥା ବୁଝେଇବା ଓ ତତ୍ ସଂକ୍ରାନ୍ତ ମୌଳିକ ସେବାମାନ ଯୋଗାଇ ଦେବା ପାଇଁ ସେହିସବୁ ଅଞ୍ଚଳର ଲୋକଙ୍କ ମଧ୍ୟରୁ କେତେକ ଗ୍ରାମ୍ୟ ସ୍ତରୀୟ କର୍ମୀ ବଛାଯାଇ ସେମାନଙ୍କୁ ତାଲିମ ଦିଆଯିବା ବିଷୟଗୁଡ଼ିକ ଏ ସମ୍ବତ୍ସର କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ।

## ଓଡ଼ିଶାରେ ଶିଶୁ ସମ୍ବତ୍ସର ପାଳନ ପାଇଁ ଆୟୋଜନ

ଦେଶର ଅନ୍ୟସବୁ ସ୍ଥାନପରି ଆମ ରାଜ୍ୟରେ ମଧ୍ୟ ଆନ୍ତର୍ଜାତିକ ଶିଶୁ ସମ୍ବତ୍ସର ପାଳନ ପାଇଁ ପଦକ୍ଷେପ ନିଆଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଶିଶୁ କଲ୍ୟାଣ ବୋର୍ଡର ଏକ ଉଚ୍ଚ-ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ଶିଶୁମାନଙ୍କ କଲ୍ୟାଣ ସଂପର୍କରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି । ତଦନୁଯାୟୀ ରାଜ୍ୟର ଅବହେଳିତ ଶିଶୁମାନଙ୍କ ପାଇଁ ପ୍ରାଥମିକ ସ୍କୁଲମାନଙ୍କରେ ୬ ବର୍ଷରୁ କମ୍ ବୟସର ଶିଶୁ-ମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯିବ । ଏହି ଖାଦ୍ୟ ଯୋଜନା ଅନୁସାରେ ପୂର୍ବରୁ ରାଜ୍ୟରେ ୧୫ ଲକ୍ଷ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆ ଯାଉଥିଲା । ବର୍ତ୍ତମାନ ଆଉ ଅଧିକ ୫ ଲକ୍ଷ ଶିଶୁଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରିବା ପାଇଁ ବୈଠକରେ ସ୍ଥିର କରାଯାଇଛି ଏବଂ ଶିଶୁମାନଙ୍କ ସ୍ୱାସ୍ଥ୍ୟ

ସଂପର୍କରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଗାଁଗହଳରେ ୧୦ଲକ୍ଷ ଶିଶୁଙ୍କୁ ଟୀକା ଦେବା ପାଇଁ ନିଷ୍ପତ୍ତି



ଗ୍ରହଣ କରାଯାଇଛି । ଏହାଛଡ଼ା ପ୍ରତି ସବଡିଭିଜନର ସଦର-ମହକୁମାରେ ଜଣେ ଶିଶୁ ବିଶେଷଜ୍ଞ ଡ଼ାକ୍ତର ରହି ଶିଶୁମାନଙ୍କ ଚିକିତ୍ସା ସଂପର୍କରେ ବୁଝିବେ । ଗାଁଗହଳର ଶିଶୁମାନଙ୍କ ପାଇଁ ଅଧିକ ସଂଖ୍ୟାରେ ଅବୈତନିକ ପ୍ରାଥମିକ ବିଦ୍ୟାଳୟ



ଖୋଲାଯିବ ଓ ଗ୍ରାମାଞ୍ଚଳ ଓ ଶିଳ୍ପାଞ୍ଚଳ ଶିଶୁ ଶିକ୍ଷାନୁଷ୍ଠାନ-ମାନଙ୍କରେ ବିଭିନ୍ନ ଧରଣର ଖେଳ ସାମଗ୍ରୀ ଯୋଗାଇ ଦିଆ-ଯିବ ଏବଂ ଶିଶୁମେଳା ମଧ୍ୟ କରାଯିବ । ଶିଶୁମାନଙ୍କ ପାଇଁ ଏକ ରାଜ୍ୟସ୍ତରୀୟ ପାଣ୍ଠି ସଂଗ୍ରହ ସଂସ୍ଥା ସ୍ଥାପିତହେବ । ରାଜ୍ୟରେ ଥିବା ସିନେମା ହଲରେ ପ୍ରତି ଟିକେଟ ଉପରେ ଏହି ପାଣ୍ଠି ସଂଗ୍ରହ ନିମନ୍ତେ ୧୦ ପଇସା ବୃଦ୍ଧି କରାଯିବ ଓ ରାଜ୍ୟର ସରକାରୀ ବସର ପ୍ରତି ଟିକେଟ ଉପରେ ୫ ପଇସା ବୃଦ୍ଧି କରାଯିବ । ସିନେମା ଟିକେଟ ଓ ବସ ଟିକେଟ ଉପରୁ ଆଦାୟ ହେବା ଅର୍ଥ ଶିଶୁ ପାଣ୍ଠିକୁ ଆସିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି ।

ଶିଶୁ କଲ୍ୟାଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସରକାରୀ ଓ ବେସରକାରୀ ଉଦ୍ୟମରେ ସମନ୍ୱୟ ରକ୍ଷା କରିବାକୁ ନିଷ୍ପତ୍ତି ହୋଇଛି ।

ଆନ୍ତର୍ଜାତିକ ଶିଶୁ ସମ୍ୱତ୍ସର ଅବସରରେ କେନ୍ଦ୍ର ସମାଜ କଲ୍ୟାଣ ବିଭାଗ ପକ୍ଷରୁ "ଆପଣଙ୍କ ଶିଶୁ" ଶୀର୍ଷକ ଏକ ରଙ୍ଗୀନ ପ୍ରାମାଣିକ ଚିତ୍ର ପ୍ରସ୍ତୁତ କରାଯାଉଛି । ଧାରାବାହିକ ଭାବେ ଏହି ଚିତ୍ରଟି ଦୁଇ ଭାଗରେ ପ୍ରଦର୍ଶିତ ହେବ । ପ୍ରଥମ ଭାଗଟିରେ ଭାରତୀୟ ଶିଶୁର ଜନ୍ମଠାରୁ ଆରମ୍ଭ କରି ବିଭିନ୍ନ ପର୍ଯ୍ୟାୟ ଦେଇ ଏହାର ଅଭିବୃଦ୍ଧି ସଂପର୍କରେ ଉପାଦେୟ ତଥ୍ୟମାନ ପ୍ରଦର୍ଶିତ ହେବ । ଅନ୍ୟ ଭାଗଟିରେ ଆମର ସମସ୍ତ ଜାତୀୟ କାର୍ଯ୍ୟକ୍ରମରେ 'ଶିଶୁ ବିକାଶ କିପରି ସର୍ବାଧିକ ପ୍ରାଧାନ୍ୟ ଲାଭ କରିବ ତାହା ପ୍ରଦର୍ଶିତ ହେବ । ଏହାଛଡ଼ା ଚଳଚ୍ଚିତ୍ର ଡିଭିଜନ ପକ୍ଷରୁ 'ଖେଳଣା ଏବଂ କୁଣ୍ଢେଇ' ଶୀର୍ଷକ ଏକ ପ୍ରାମାଣିକ ଚିତ୍ର ମଧ୍ୟ ନିର୍ମାଣ କରାଯାଉଛି ।

## ଶିଶୁ ସମ୍ୱତ୍ସରର ଆହ୍ୱାନ

ଆନ୍ତର୍ଜାତିକ ଶିଶୁ ସମ୍ୱତ୍ସର, ଶିଶୁମାନଙ୍କର ଆବଶ୍ୟକତା ସଂପର୍କରେ ସରକାର ତଥା ଜନସାଧାରଣଙ୍କ କର୍ତ୍ତବ୍ୟ କ'ଣ, ତାହା ସେମାନଙ୍କୁ ଭଲଭାବେ ଅବଗତ କରାଇ ଦେବା ଲାଗି ଅପୂର୍ବ ସୁଯୋଗ ସୃଷ୍ଟି କରିବ । ଫଳରେ ସେହି ଆବଶ୍ୟକତା ପୂରଣ ଲାଗି ଯେଉଁ ବାସ୍ତବ ପଦକ୍ଷେପ-ମାନ ବ୍ୟାପକ ଆକାରରେ ଗ୍ରହଣ କରାଯିବ, ତାହା ଶିଶୁ-ମାନଙ୍କ ସ୍ଥାୟୀ ଉପକାରରେ ଆସିବ । ଶିଶୁର ଭବିଷ୍ୟତ ପାଇଁ ଯାହା କରାଯିବ, ତାହାଠାରୁ ବଳି ଆଉ ଭଲ କାମ କଣ ଥାଇ ପାରେ? ଆଜିର ବୟସ୍କ ଲୋକମାନଙ୍କ ପକ୍ଷେ ତାହାହିଁ ହେଉଛି ସବୁଠାରୁ ବଡ଼ ଦାୟିତ୍ୱ ।


ଅତିରିକ୍ତ ରଚନା ଅଧିକାରୀ
ସୂଚନା ଓ ଲୋକ ସଂପର୍କ ବିଭାଗ

ଆନ୍ତର୍ଜାତିକ ଶିଶୁ ସମ୍ବତ୍ସରର ଅବ୍ୟବହିତ ପୂର୍ବରୁ ଗତ ଡିସେମ୍ବର ୩୧ ତାରିଖ ଦିନ ଭୁବନେଶ୍ୱର ସୂଚନା ଭବନଠାରେ ଶିଶୁମାନଙ୍କ ଦ୍ୱାରା ଗୋଟିଏ ପୁଷ୍ପସଜ୍ଜା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ୧୬ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ ଓ ସମୁଦାୟ ୨୯ଟି ପୁଷ୍ପସଜ୍ଜା ସ୍ଥାନ ପାଇଥିଲା । ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ କୈଳାସ ଚନ୍ଦ୍ର ମିଶ୍ର ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଏହି ପୁଷ୍ପସଜ୍ଜାର ଦୁଇଗୋଟି ଚିତ୍ର ପ୍ରଚ୍ଛଦପଟର ଦ୍ୱିତୀୟ ପୃଷ୍ଠାରେ ଦିଆଯାଇଛି ।




ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଜାତୀୟ କ୍ଷୁଦ୍ର ଶିଳ୍ପ ପ୍ରଦର୍ଶନୀର ଓଡ଼ିଶା ମଣ୍ଡପ ପ୍ରଧାନମନ୍ତ୍ରୀ
ଶ୍ରୀ ମୋରାରଜୀ ଦେଶାଇ ଗତ ଡିସେମ୍ବର ୯ ତାରିଖ ଦିନ ପରିଦର୍ଶନ କରିଥିଲେ ।


ଚିତ୍ରରେ : ଶ୍ରୀ ଦେଶାଇ ଓଡ଼ିଶାର ତାରକସି କାମ ଆଗ୍ରହ ସହକାରେ ଦେଖୁଛନ୍ତି ।
ପ୍ରଧାନମନ୍ତ୍ରୀଙ୍କ ସହ କେନ୍ଦ୍ର ବାଣିଜ୍ୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଆରିଫ୍ ବେଗ ମଧ୍ୟ
ଉପସ୍ଥିତ ଅଛନ୍ତି ।




ଭୁବନେଶ୍ୱରଠାରେ ଗତ ଡିସେମ୍ବର ୮ ତାରିଖରେ ଅନୁଷ୍ଠିତ ଭାରତୀୟ ରାସ୍ତା ଓ ପରିବହନ ଉନ୍ନୟନ ସଂଘର ପୂର୍ବାଞ୍ଚଳ ଆଞ୍ଚଳିକ
ସମ୍ମିଳନୀରେ ଓଡ଼ିଶାର ରାଜ୍ୟପାଳ ଶ୍ରୀ ଭଗବତ ଦୟାଲ ଶର୍ମା ଉଦ୍‌ବୋଧନ ଦେଉଛନ୍ତି । ଉକ୍ତ ଉତ୍ସବରେ ଅନ୍ୟମାନଙ୍କ
ମଧ୍ୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ, ପରିବହନ ମନ୍ତ୍ରୀ ଶ୍ରୀ ନଟବର ପ୍ରଧାନ ଏବଂ ଡକ୍ଟର
ହରେକୃଷ୍ଣ ମହତାବ ଯୋଗ ଦେଇଥିଲେ ।




ରାଜାଜୀ ଜନ୍ମ ଶତବାର୍ଷିକୀ ଉଦ୍‌ଯାପନ ଉତ୍ସବ ପାଳନ ଉପଲକ୍ଷେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ଭୁବନେଶ୍ୱର ସୂଚନା ଭବନଠାରେ ଗତ ଡ଼ିସେମ୍ବର ୧୦ ତାରିଖ ଦିନ ରାଜାଜୀଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ।



ପତାକା ଦିବସ ଉପଲକ୍ଷେ ଶ୍ରୀମତୀ (ବ୍ରିଗେଡ଼ିୟର) ଏ. କେ. ମିତ୍ର ଓ କ୍ୟାପ୍‌ଟେନ ପି. ସି. ପରିଡ଼ା ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ପତାକା ପ୍ରଦାନ କରୁଛନ୍ତି ।





ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ୧୯୭୮ ଡିସେମ୍ବର ୨୦ ତାରିଖ ଦିନ ବରଗଡ଼ଠାରେ ଭୁବନେଶ୍ୱର ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ ଦ୍ୱାରା ଅନୁମୋଦିତ ନୂତନ ବସତି ସ୍ଥାପନ ପରିକଳ୍ପନାର ଶିଳାନ୍ୟାସ କରୁଛନ୍ତି ।




ଯୋଗାଣ ଓ ସାଂସ୍କୃତିକ ବ୍ୟାପାର ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଅତ୍ରି ସ୍ନାନ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରୁଛନ୍ତି ।



ସୂଚନା ଓ ଲୋକ ସମ୍ପର୍କ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହ ୧୯୭୯ ଜାନୁଆରୀ ୪ ତାରିଖ ଦିନ ସମ୍ବଲପୁରଠାରେ ପଲ୍ଲୀଶ୍ରୋତା ମଣ୍ଡଳୀ ଆଲୋଚନାଚକ୍ରରେ ଉଦ୍‌ବୋଧନ ଦେଉଛନ୍ତି ।





ଗୋଷ୍ଠୀ ଉନ୍ନୟନ ଓ ସମାଜ ମଙ୍ଗଳ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହ ଜାନୁଆରୀ ୨ ତାରିଖ ଦିନ ଭୁବନେଶ୍ୱରଠାରେ ବାଳ ଅପରାଧ ନିବାରଣ ସଂକ୍ରାନ୍ତ ତାଲିମ କାର୍ଯ୍ୟକ୍ରମ ଉତ୍ସବରେ ଉଦ୍‌ବୋଧନ ଦେଉଛନ୍ତି ।



# ଓଡ଼ିଶାର
# ଲୋକସଂସ୍କୃତି
## ବିଶେଷ ନିବନ୍ଧ

ଆନ୍ତର୍ଜାତିକ ଲୋକସଂସ୍କୃତି ମଣ୍ଡପର ଦୀପାୟନ ମୁହୂର୍ତ୍ତ



କଟକଠାରେ ଆନ୍ତର୍ଜାତିକ ଲୋକସଂସ୍କୃତି ଆଲୋଚନାଚକ୍ର ଉଦ୍‌ଘାଟନ କରି ଓଡ଼ିଶାର ରାଜ୍ୟପାଳ ଶ୍ରୀ ଭଗବତ ଦୟାଲ ଶର୍ମା
ଉଦ୍‌ବୋଧନ ଦେଉଛନ୍ତି ।



ଲେକସସ୍ମୃତି ମେଳାରେ ପରିବେଷିତ ଦଶ ଅବତାର ନୃତ୍ୟ



କରମା ନୃତ୍ୟ

# ଗାଉଁଲି ଗୀତ

ଶ୍ରୀ ଚକ୍ରଧର ମହାପାତ୍ର

ମନୁଷ୍ୟର ଅନ୍ତର ଅକୃତ୍ରିମ ନରହିଲେ, ହୃଦୟର ମନୋରମ ଓ କୋମଳ ବୃତ୍ତି ସବୁ ଲୁପ୍ତ ହୋଇ ଉଠେ । ଶ୍ରେଷ୍ଠ ଅଭିଜାତ ପରିବାରରେ ସରଳ ଜୀବନ ପ୍ରକୃତରେ ଦୁଷ୍ପ୍ରାପ୍ୟ—ଯାହା ନିରୀହ କୃଷକର ଶାନ୍ତ ପରିସରରେ ଦେଖାଯାଏ । ସେଥିପାଇଁ ନଗର ଜୀବନ ପୌର ଏବଂ ପଲ୍ଲୀ ଜୀବନ ଗ୍ରାମ୍ୟ । ବାସ୍ତବିକ ସୁନ୍ଦର ଅନାବିଳ ପ୍ରାଣହିଁ ଗ୍ରାମ୍ୟ ଜୀବନରେ ମିଳେ, ଯାହା ଏକାନ୍ତ ଅଦୂଷିତ, ସରଳ ଓ ସୁନ୍ଦର । ସେହି ଜୀବନର ମାଧୁରୀ ଜଗତର ଶ୍ରେଷ୍ଠ କବି ଓ ତାଙ୍କ କାବ୍ୟରେ ଅବଶ୍ୟ ମିଳିପାରେ । କିନ୍ତୁ ତାହା ଗ୍ରାମ୍ୟ ରଚନା ପରି ବଣର ମାଳତୀ ନୁହେଁ ବା ପ୍ରାକୃତିକ ନୁହେଁ, ସେସବୁ ବଗିଚାରେ—ଉପବନରେ ତିଆରି କରା ପୁଷ୍ପ ରାଶି ।

ଏହି ଉତ୍କଳ ଭୂମିରେ ଯେଉଁ କୋଟି କୋଟି ଲୋକ ବସତି ବାନ୍ଧି ରହିଛନ୍ତି, ସେମାନଙ୍କ ଗୃହେ ଗୃହେ ପ୍ରାଣର ଅନାବିଳ ସଂଗୀତ-ଧାରା ଯୁଗ ଯୁଗ ଧରି ବହି ଯାଉଛି । ସେହି ସଂଗୀତମାନ ବାପା, ମା', ଭାଇ, ଭଉଣୀ ଓ ସାଇ ପଡ଼ୋଶୀଙ୍କୁ ନିବିଡ଼ ନିଷ୍କଳଙ୍କୀ ପ୍ରୀତି ଓ ମମତା ବନ୍ଧନ ମଧ୍ୟରେ ରସବନ୍ତ କରି ଧରି ରଖିଛି । ସେ ସବୁ ସଂଗ୍ରହ ହୋଇ ନରହିଲେ, ଆମର ଜାତୀୟତାର ମୌଳିକତା, ସଂସ୍କୃତିର ବିଚ୍ଛେଦ ଦିନେ ଲୁପ୍ତ ହୋଇଯିବ । ତେଣୁ, ଗ୍ରାମ୍ୟ ସାହିତ୍ୟ, ଗ୍ରାମ୍ୟ ଜନତା ସହଜରେ ସାର୍ବ-ଜନୀନତା ଗ୍ରହଣର ପକ୍ଷପାତୀ ନୁହେଁ । ତେଣୁ, ଏହି ସାହିତ୍ୟ, ଏହି ସୀମାବଦ୍ଧ ସଭ୍ୟତା ଏକାନ୍ତ ପୁଷ୍ଟ ଏବଂ ବିଶୁଦ୍ଧ । ଏହା ବିଶାଳ ନୁହେଁ ବା ବିସ୍ତୃତ ନୁହେଁ । ନିରନ୍ତର ସ୍ୱାଧୀନତା ରକ୍ଷା କରିବାକୁ ଯାଇ ଏହି ଭାଷା ଏବଂ ଭାବ ଏତେ ବନ୍ଦୀ ଭାବରେ ଥାଏ ଯେ ଗୃହକୋଣର ସୁନ୍ଦରୀ ନାରୀ ପରି ବା ଅରଣ୍ୟର ସଜ କୁସୁମ ପରି ତା' କେଉଁଠି ଫୁଟି କେଉଁଠି ଝଡ଼ିଯାଏ । ଏସବୁ ସ୍ୱୟଂ ମାଟିର ଭାଷା । ଏସବୁ କବିତା ପକ୍ଷୀର ଗାନ ପରି ମୁକ୍ତ। ସେଥିରେ କପଟତାର ଆବରଣ ନାହିଁ ।

ଖଂଜି ଦେଇଛିରେ ବିଧାତା ବିଶ୍ୱାଣି ପୁଅ
ବାସି ପଖାଳକୁ ପୋଡ଼ା ବାଇଗଣ
ତବତ ସାଙ୍ଗରେ ଘିଅ ।

ବାବାଜୀ ପାଇଁକି ସତ୍ତୁ କଦଳୀ
ଚୁଲିକି ସୁନ୍ଦର ନିଆଁ

ଦାଆ ଖଣ୍ଡେ ଥିଲେ ତଣାପୁଅ ହାତେ
ତରିବ କାହାକୁ କିଆଁ ।

ହଳିଆ ପାଇଁକି ଜୁଆଳି ଲଙ୍ଗଳ
ଗାଉଳ ପାଇଁକି ଜାତି

ଯେଉଁଥିକି ଯାହା ଗଢ଼ିଛି ବିଧାତା
ରଜାପୁଅ ପାଇଁ ଛତି ।

ଏ କବିତାଟି ଗ୍ରାମ୍ୟ ଧୂଳିକି ବାଲ୍ଲ ଗାଉଥିଲେ । ତହିଁରୁ ଏହା କିଛି ମାତ୍ର । ଏହା ଶୁଣିଲେ ଗ୍ରାମ୍ୟ ଜୀବନର ଚିତ୍ର ଯେପରି ଫୁଟି ଉଠେ ଅନ୍ତରର ନିଭୃତ କୋଣରେ, ସେପରି ଗ୍ରାମ୍ୟ ଦୃଶ୍ୟ ସବୁକୁ ସଂଗ୍ରହ ପୂର୍ବକ ଅଶିକ୍ଷିତ କବି ଏପରି ଏକତ୍ର ଯୋଗଇଛନ୍ତି ଯେ ତା'ର ତୁଳନା ନାହିଁ ।

କାଳିଦାସ ମନେ ପଡ଼ନ୍ତି :

ସର୍ବୋପମା ଦ୍ରବ୍ୟ ସମୁଚ୍ଚୟେନ
ଯଥା ପ୍ରଦେଶଂ ବିନିବେଶିତେନ
ସା ନିର୍ମିତା ବିଶ୍ୱସୃଜା ପ୍ରଯତ୍ନାତ୍
ଏକସ୍ଥ ସୌନ୍ଦର୍ଯ୍ୟ ଦିଦୃକ୍ଷୟେବ ।

ଏ ବିଧାତା—ପ୍ରଯତ୍ନାତ୍ କ୍ରମାତ୍ ବସ୍ତୁନାଂ ସମାହାରେଣ ଦିଦୃକ୍ଷୟା ଏବେଟି—ନୟନ ସାର୍ଥକ କରିବାକୁ ସର୍ବ ସୁନ୍ଦରତା ଏକତ୍ର ସଂଗ୍ରହ କରି ଯାହା ଯେଉଁଠି ଗଢ଼ିବ ତା' ଯୋଗଇଛନ୍ତି ।

ଆମ ଗାଁ ଧୂଳୁକୀ ବାଜାକାରର 'ବିଧାତା ବିନ୍ଧାଣି' ପୁଅ ଦ୍ୱାରା ସେପରି ଯାହାକୁ ଯାହା ଗଢ଼ିଛି ତା'ଥୋଇ ଅଜ୍ଞାତରେ ଅମରତା ଦାବୀ କରିଛି ।

କବିତାର ସୃଷ୍ଟି ଅନୁଭୂତିର ଅଭିବ୍ୟକ୍ତିରେ । କୋଣାର୍କର କାରିଗର ପଥୁରିଆ ବିନ୍ଧାଣି, ନଦେଖି ଅନୁଭବ ନକରି କ'ଣ ତତ୍‌ସଂଲଗ୍ନ ବିଶ୍ୱସୁନ୍ଦରୀମାନଙ୍କ ଅନୁପମ ସୁଠାମ ସୌନ୍ଦର୍ଯ୍ୟ ଅଙ୍କନ କରିଛି ? ଏ ରାଜ୍ୟର ବହୁ ଗବେଷଣା-କାରୀ ଘୋଡ଼ାଦାଉ ନଗଣି ବଂଗାଳୀ, ଇଂରେଜ, ତାମିଲ, ଉତ୍ତର ପ୍ରଦେଶୀଙ୍କ ବହିରୁ ଖୋଜୁଛନ୍ତି—ମୂର୍ଖ ଓଡ଼ିଆ କାରିଗର ଏ ମାଧୁରୀ କାହୁଁ ଜାଣିଲା?

ଆବର୍ଜିତା କିଞ୍ଚିଦିବ ସ୍ତନାଭ୍ୟାଂ
ବାସୋ ବସାନା ତରୁଣାର୍କରାଗଂ ।
ପର୍ଯ୍ୟାପ୍ତ ପୁଷ୍ପ ସ୍ତବକା ବନମ୍ରା
ସଞ୍ଚାରିଣୀ ପଲ୍ଲବିନୀ ଲତେବ ।
ସ୍ରସ୍ତାଂ ନିତମ୍ବାଦବଲମ୍ବମାନା
ପୁନଃ ପୁନଃ କେଶରଦାମ କାଞ୍ଚୀଂ
ନ୍ୟାସୀ କୃତାଂ ସ୍ଥାନବିଦା ସ୍ମରେଣ
ମୌର୍ବୀଂ ଦ୍ୱିତୀୟାମିବ କାର୍ମୁକସ୍ୟ ।

କୁସୁମୀ (ଆରକ୍ତ) ଖଦି ଶାଢ଼ୀ (ବଲ୍‌କଳ ବସନ) ସ୍ତନ ପୁଟରୁ ଟିକେ ଖସି ଯାଇଛି । ଅଙ୍ଗ ଅଳଙ୍କାର ଧାରିଣୀ ଏହି ସୁସଜ୍ଜିତା ଯୌବନଶ୍ରୀ ପୁଷ୍ପ ସ୍ତବକ ଭାରରେ ନଇଁ ପଡ଼ିଥିବା ଗତିଶୀଳା ଲତାପରି ଦେଖାଯାଉଛି ।

ବଉଳ ମାଳାକୁ ଅଣ୍ଟାସୂତା (ହେମ ସୂତ୍ର) କରି ପିନ୍ଧିଥିବା ଯୁବତୀ ନିତମ୍ବରୁ ଖସି ଖସି ଯାଉଥିବାରୁ ସେ ବାରମ୍ବାର ତାକୁ ହାତରେ ଟେକି ରଖିଛି । ନିତମ୍ବରୁ ଏ ଅଣ୍ଟାସୂତାଟିକୁ ଦେଖି ମନେ ହେଉଛି, କାମ ତା' ଧନୁ ପାଇଁ ଏଇଠି ଦ୍ୱିତୀୟ ଗୁଣ ସାଇତି ନାହିଁତ ?

ଗବେଷକ ଓଡ଼ିଶାର ଏ ଜୀବନ୍ତ ମୂର୍ତ୍ତି ଏବେ ଗାଁ ଗହଳରେ ଥିଲେ ମଧ୍ୟ କେବେ ଆଖି ପକେଇ ଦେଖିଛନ୍ତି କି ?

ଥରେ ଗଂଜାମ ଆଠଗଡ଼ ମଥୁରା ଗ୍ରାମର ପଥୁରିଆ ବିନ୍ଧାଣି ଗ୍ରାମ ଏବଂ ଓଡ଼ଗାଁ ନୂଆଗଡ଼ ପଥୁରିଆ ବିନ୍ଧାଣି-ମାନଙ୍କ ଗୃହ ଅକସ୍ମାତ୍ ଦେଖିଲେ ଜାଣିବେ ଯେଉଁ ବର୍ଦ୍ଧକୀ —ବଢ଼େଇ କୋଣାର୍କ ନିର୍ମାଣ କରିଥିଲେ ତାଙ୍କ ବଂଶ-ଧରଙ୍କ ଘରେ ମଧ୍ୟ ଏବେ ସେ ଛାୟା ରହିଛି । ସେଠାରେ କାହିଁକି, ପଲ୍ଲୀ ଗ୍ରାମରେ ଓ ଜନପଦର ନିଭୃତ କୋଣରେ ସେହି ସରଳା ବିଶ୍ରବ୍ଧା ମୂର୍ତ୍ତିମତୀମାନଙ୍କ ଚିତ୍ର ଏବେ ମଧ୍ୟ ଅଛି । ତେଣୁ ଅଣ-ଓଡ଼ିଆଙ୍କ ଗ୍ରନ୍ଥ ମାଧ୍ୟମରେ ମୀମାଂସା ନକରି ଆଖିରେ ଦେଖି ଯାହା କରିବେ କରନ୍ତୁ । ତେଣୁ, ଗ୍ରାମ୍ୟଗୀତ ଗାଂରୁ ଆଣନ୍ତୁ ।

ଛିଣ୍ଡାକନା ଛିଣ୍ଡିଲେ ମାଠ ।
ହାଣ୍ଡି ଭାଙ୍ଗିଲେ ଖପରା
ମନ ଭାଙ୍ଗିଲେ ଛୋପରା ।

ତୁ ଗୁହାରି କରିବୁ ଯାହାକୁ
ମୁଁ କାନିରେ ବାନ୍ଧିଛି ତାହାକୁ ।
ଘରେ ଅଛି ବାସି ଯାଉ
ନିଆଁ ଲଗା ରାତି ବେଗି ପାଉ ।
ଘଇତା ମାଇପ ଠାକରା କଲି
ରାତିରେ ଖାଆନ୍ତି ସରୁ ଚକୁଲି ।

ଏ ସବୁ ଏବେବି ଗ୍ରାମେ ଗ୍ରାମେ ରହିଛି । କିନ୍ତୁ ନୀଳକଣ୍ଠ ପଣ୍ଡିତଙ୍କ ଭାଷାରେ କଦଳୀ ମଂଜା କହିପୋଛି ଜାଣିବାରୁ କିଛୟ ସରିଲାଣି—କିନ୍ତୁ ରୋହି ଭାକୁଡ଼ ବିଟରା ହାଟୁଆ ଫେରାଇ ନେଉଛି ।

ସେ ସ୍ୱର୍ଣ୍ଣ ଯୁଗର ସ୍ମୃତି ଇଂରାଜୀ ଶିକ୍ଷା ଫଳରେ ଜାତିର ପ୍ରାଣରୁ ନିଗାଡ଼ି ପୋଛି ବାହାର କରି ନିଆ ହୋଇଛି । ଜାତିର ଆନନ୍ଦ ରସ ଆଜି ଶୁଖି ଶୁଖି ଆସୁଛି ଗ୍ରାମ୍ୟ ଜୀବନରୁ । ଜାତିର ଜ୍ଞାନକେନ୍ଦ୍ର ସମଗ୍ର ପଲ୍ଲୀରେ ବିନେଥିଲା ତାହା କେନ୍ଦ୍ରୀଭୂତ ନଗରକୁ ଉଠି ଆସିଲା । ପଲ୍ଲୀ ଅନ୍ଧକାରରେ ରହିଲା । କିଶୋର-କିଶୋରୀଙ୍କ ଜୀବନରେ ଆମର ଜାତୀୟ ପ୍ରଭାବ ଆଉ ପଡ଼ିଲା ନାହିଁ । ତେଣୁ, ଆଜି ଗ୍ରାମ୍ୟ ସାହିତ୍ୟ, ସଂଗୀତ ଯେପରି ଚର୍ଚ୍ଚା ହେବାର କଥା ତା' ହେଉନାହିଁ ଏବଂ ଯେଉଁଳି ଚର୍ଚ୍ଚା ହେଉଛି ତା' କୁହାଯାଇ ନପାରେ ।

କାରଣ ଗଣକବି ବୈଷ୍ଣବପାଣି ଏଜାତିକୁ ପୁଣି ଏକ ଭିନ୍ନ ରସରେ ଉଦ୍‌ବୁଦ୍ଧ କରିଛନ୍ତି —

ଗୋକୁଳାନନ୍ଦ ଚନ୍ଦ୍ରକୁ ସତେ ଦେଖିବି ଗୋକୁଳେ
ଶତପତ୍ର ନେତ୍ରେ ହରି ଅନାଇବେ କେତେବେଳେ
ରାଜୀବ ପୟର ଦୁଇ ଧରି ଧରାପରେ ଶୋଇ
ଲୋଟୁଥିବି ପଦତଳେ ।

ଏପରି ଗ୍ରାମ୍ୟ ଓ ଜନପଦ କବିତାରୁ ସେ ଏସବୁ ଆଣି ଯେପରି ଏକ ଗଣଗୀତି ଯୁଗର ଆବିର୍ଭାବ କରାଇଥିଲେ, ସେପରି ସର୍ବପ୍ରଥମେ ଦ୍ୱାଦଶ ଶତାବ୍ଦୀରେ ଜୟଦେବ କବି ସଂସ୍କୃତରେ ଓଡ଼ିଆ ଗ୍ରାମ୍ୟ ସ୍ୱରକୁ ସ୍ଥାନଦେଇ ବିଶ୍ୱକୁ ବିହ୍ୱଳ କରିଦେଲେ । ତାଙ୍କ ସ୍ୱର ଧରି ଭଂଜ ପ୍ରଭୃତି କବିଗଣ ଛାନ୍ଦ ସୃଷ୍ଟି କରିଛନ୍ତି । ଶ୍ୟାମସୁନ୍ଦର ରାଜଗୁରୁ ତାଙ୍କ ପ୍ରବନ୍ଧ ମାଳାରେ ତା' ପ୍ରମାଣ କରିଥିଲେ ମଧ୍ୟ, ଏଯାଏ ସ୍ୱର ସଂଯୋଜନା କରାନଯାଇ ତାହା ରଦି କାଗଜ ଟୋକେଇରେ ରଖାଯାଇଛି ।

୧୯୩୩ରେ ପ୍ରଫେସର ଦେବେନ୍ଦ୍ର ସତ୍ୟାର୍ଥୀଙ୍କ ପ୍ରେରଣାରେ ଗ୍ରାମ୍ୟଗୀତ ସଂଗ୍ରହରେ ମୁଁ ଏବଂ ମୋ' ପତ୍ନୀ କନକ ମଂଜରୀ ପ୍ରବେଶ କରିଥିଲୁଁ । ସମଗ୍ର ଭାରତ ଏପରିକି ବିଶ୍ୱକୁ ଜଣାଇ ମଧ୍ୟ ଆମେ ତ ଲୁଚି ଗଲୁଣି । ତେବେ ଏହା ମେଘାବୃତ ଚନ୍ଦ୍ର କି ନାଁ ତା ଜ୍ଞାନବନ୍ତ ବିଶ୍ୱରବନ୍ତ ଲୋକେ ସ୍ତୁତିକୁ ନେବେ । ଆମର କିଛି ଗର୍ବ କରିବାର ନାହିଁ'

କାରଣ, ଗ୍ରାମ୍ୟ କବିତା ସବୁଦେଶରେ, ସବୁ ଜାତିରେ ଅଛି । କବିତାଗୁଡ଼ିକ ମୌଳିକ ହେଲେ ଏହା ଉଚ୍ଚଦରର କବିତା କୁହାଯାଇପାରେ । ପଣ୍ଡିତ ଗୋଦାବରୀଶଙ୍କ ଭାଷାରେ ସେ ସବୁହେବ ଭାଷାର ମୂଳଦୁଆ । ଯା ହେଉ, ଏହି କବିତା ସବୁକୁ ଆମର ବହୁ ପୂର୍ବରୁ ସ୍ୱର୍ଗତ ନନ୍ଦକିଶୋର ବଳ ପୌର ଉପ-ଭୋଗ୍ୟ କେବଳ ହିଁ କରିଥିଲେ ।

୧୮୦୦ରେ ଇଂରାଜି ସାହିତ୍ୟରେ ରୋମାଣ୍ଟିକ ଆନ୍ଦୋଳନ ପଛରେ ପଲ୍ଲୀ ସାହିତ୍ୟର ପ୍ରଭାବ ଯଥେଷ୍ଟ ଥିଲା । ବିସପ୍ ପର୍ସି(Bishop Percy) ତାଙ୍କ ଦେଶର ଗ୍ରାମ୍ୟଗୀତ ପ୍ରକାଶ କରି କିଶ୍ୱବିଦିତ କରିଥିଲେ । ବହୁ ଇଂରେଜ କବି ଏହି କବିତା ସଂଗ୍ରହକୁ ନିଜ ନିଜ ପ୍ରତିଭା ଲଗି ପ୍ରେରଣା ପାଇଥିଲେ ଆୟାରଲଣ୍ଡର କେଲ୍ଟିକ୍ ଆନ୍ଦୋଳନ ଗ୍ରାମ୍ୟ କବିତା ଯୋଗୁଁ ହିଁ ସମ୍ଭବ ହୋଇଥିଲା ।

ବର୍ତ୍ତମାନର କବି ଓ ଲେଖକମାନେ ଗ୍ରାମ୍ୟ କବିତାର ମୌଳିକତା ବାଛି ସେମାନଙ୍କ ସାହିତ୍ୟରେ ପ୍ରୟୋଗ କଲେ ନିଶ୍ଚିତ ଓଡ଼ିଆ ଭାଷା ସମୃଦ୍ଧିଶାଳୀ ହେବ । ନଚେତ୍ ଭାଷା କୃତ୍ରିମ ହୋଇ ନିଜର ସତ୍ତା ହରାଇ ବସିବ । କାଚଃ କାଚ ମଣି ମଣି ।

ହରିପୁର ରୋଡ଼, କଟକ–୧



## ୪୯ ହଜାର ହେକ୍ଟର ଜମିରେ ଝୋଟ ଚାଷ

ଏ ବର୍ଷ ରାଜ୍ୟରେ ବିଭିନ୍ନ କୃଷି ଜିଲ୍ଲାରେ ୪୯ ହଜାର୨୨୭ ହେକ୍ଟର ଜମିରେ ଝୋଟ ଏବଂ ୩୬ ହଜାର ୬୪୦ ହେକ୍ଟର ଜମିରେ ମେସ୍ତା ଚାଷ ହୋଇଥିବା ଜଣାଯାଇଛି । ଏଥିରୁ ୪ ଲକ୍ଷ ୩୯ ହଜାର ଗାଣ୍ଠି ଝୋଟ ଏବଂ ୨ ଲକ୍ଷ ୩୮ ହଜାର ୫୦୦ ଗାଣ୍ଠି ମେସ୍ତା ଉତ୍ପାଦିତ ହେବ ବୋଲି ଅଟକଳ କରାଯାଉଛି ।

ନୂଆ ଝୋଟ ବର୍ତ୍ତମାନ ବଜାରରେ ପହଞ୍ଚିଲଣି ଏବଂ ସର୍ବ ନିମ୍ନ ସହାୟକ ଦର କୁଇଣ୍ଟାଲ ପିଛା ୧୬୧ ଟଙ୍କା ଧାର୍ଯ୍ୟ ହୋଇଥିବା ସ୍ଥଳେ ଏହା ୧୯୭ରୁ ୨୦୦ ଟଙ୍କା ହାରରେ ଖୋଲା ବଜାରରେ ବିକ୍ରୟ ହେଉଛି । ଏପର୍ଯ୍ୟନ୍ତ ଭାରତୀୟ ଝୋଟ କର୍ପୋରେସନ ଓ ଝୋଟ କ୍ରୟ ବିକ୍ରୟ ସମବାୟ ସଂସ୍ଥା ପକ୍ଷରୁ ଯଥାକ୍ରମେ ୭୦୦ କୁଇଣ୍ଟାଲ ଓ ୧୧ ହଜାର କୁଇଣ୍ଟାଲ ଝୋଟ କିଣାଯାଇଛି । ଏହି ଉଭୟ ସଂସ୍ଥାର ଦର ଅପେକ୍ଷା ଝୋଟର ଖୋଲା ବଜାର ଦର ଅଧିକ ରହିଛି । ଚାଷୀମାନେ ଝୋଟର କିସମ ଅନୁଯାୟୀ ନିର୍ଦ୍ଧାରିତ ଦରରେ ବିକିବାକୁ ଝୋଟ କ୍ରୟ କେନ୍ଦ୍ରମାନଙ୍କରେ ବ୍ୟବସ୍ଥା ହୋଇଛି । ଏହା ବ୍ୟତୀତ ଉନ୍ନତ କିସମ ଝୋଟ ଉତ୍ପାଦନ କରିବା ସଂପର୍କରେ ସେମାନଙ୍କୁ ତାଲିମ ଦିଆଯାଉଛି ।

# ବିଶ୍ୱ ଲୋକ ସଂସ୍କୃତି

## ବନାମ୍

# ଓଡ଼ିଆ ଲୋକ ସଂସ୍କୃତି

ଡକ୍ଟର କୁଞ୍ଜବିହାରୀ ଦାଶ

ନିକଟରେ ଅନୁଷ୍ଠିତ ହେବାକୁ ଯାଉଥିବା ଆନ୍ତର୍ଜାତିକ ଲୋକସଂସ୍କୃତି ସମ୍ମେଳନ ଓଡ଼ିଶାର ଏକ ଅଭିନବ ଘଟଣା । ଓଡ଼ିଶାର ଦ୍ୱାର ଦେହଳୀରେ ଆସି ସାରା ଜଗତର ପଣ୍ଡିତମାନେ ପହଞ୍ଚୁଛନ୍ତି । ଆମେ ସେମାନଙ୍କୁ କ'ଣ ଦେବା ? ସଂଗୃହୀତ ସମସ୍ତ ଲୋକ ସାହିତ୍ୟ ଦେଇ ପାରିଥିଲେ ଭଲହୋଇଥାନ୍ତା । କିନ୍ତୁ ସଂଗ୍ରହ ସ୍ୱଳ୍ପ-ଜଣେ ଦିଜଣଙ୍କର ଯଥ୍ ସାମାନ୍ୟ କାର୍ଯ୍ୟମାତ୍ର ଅଛି । ଗବେଷଣା ପ୍ରାଥମିକ ସ୍ତରରେ । ଏଥିରେ ସେମାନଙ୍କ ଅଞ୍ଜୁଳି ପୂରିବ ନାହିଁ । ସେଥିରୁ ଓଡ଼ିଆ ଜାତିର ପୂର୍ଣ୍ଣାଙ୍ଗ ପରିଚୟ ଆମେ ଦେଇ ପାରିବା ନାହିଁ । ଦୃଢ଼ଭାବରେ ଆମେ କହିପାରିବା ନାହିଁ ଯେ ଗାଉଁଲୀ ଓଡ଼ିଆଙ୍କ ସାହିତ୍ୟିକ ବିଭବ କେତେ । ତାହାକୁ ଦେଖିବାକୁ ଲୋକେ କୃଷିକରି ଗ୍ରଛିଛନ୍ତି, କୃଷି ସଙ୍ଗେ ସଙ୍ଗେ ଲୋକେ ସେ କୃଷ୍ଟି ତିଆରି କରୁଛନ୍ତି. ଏ ଧାରଣା ଆମର କେତେଜଣଙ୍କର ଅଛି ! କୃଷ ସଂପଦ ଭୋଗକରି ଆମେ ତୁଷ୍ଟ; କୃଷକମାନଙ୍କ ଅପୂର୍ବ କୃଷ୍ଟି ସଂପଦ ଏ ପର୍ଯ୍ୟନ୍ତ ଆମେ ଭୋଗ କରି ଆସିଛୁକି ? କୃଷ୍ଟି ପ୍ରତି ଏ ଯାଏ ଆମେ ଅବହେଳାର ଦୃଷ୍ଟି ପକାଉଛୁ—ଲୋକସାହିତ୍ୟକୁ ଆମେ ସାହିତ୍ୟ ବୋଲି ଜ୍ଞାନ କରିନାହୁଁ—ଏପରି କି ଓଡ଼ିଆ ସାହିତ୍ୟ ଇତିହାସର ଅନ୍ତର୍ଭୁକ୍ତ କରିପାରି ନାହୁଁ ! ବିଶ୍ୱବିଦ୍ୟାଳୟ ଏମ୍. ଏ କ୍ଲାସରେ ପୂର୍ଣ୍ଣାଙ୍ଗ ପାଠ ଯୋଜନା କରି ପାରି ନାହୁଁ । ଫଳରେ ଗାଉଁଲି ଲୋକ ଓ ସହରୀ ମଧ୍ୟରେ ଥିବା କାନ୍ଥ ଆହୁରି ଉପରକୁ ଉପରକୁ ଉଠୁଛି. ଲୋକ ସଂସ୍କୃତି ଓ ବିଦଗ୍ଧ ସଂସ୍କୃତି ମଧ୍ୟରେ ଥିବା ତାରତମ୍ୟ ଏଡ଼ିଯାଉଛି । ବିଦଗଧ ସାହିତ୍ୟରେ ଲୋକ ସାଧାରଣଙ୍କ କ୍ଷୀଣ ପରିଚୟ ମାତ୍ର ମିଳେ । ଲୋକସାଧାରଣଙ୍କ ପୂର୍ଣ୍ଣାଙ୍ଗ ପରିଚୟ ପାଇବାକୁ ହେଲେ ଆମକୁ ଲୋକ ସଂସ୍କୃତି ମଧ୍ୟରେ ହିଁ ପ୍ରବେଶ କରିବାକୁ ହେବ ।

ଗଣତନ୍ତ୍ର ଭାରତର କା..ୟ ହୋଇଛି । କିନ୍ତୁ ଗଣସାହିତ୍ୟକୁ ଦୂରେଇ ରଖାହୋଇଛି । ଅଧିକାଂଶ ଲୋକଙ୍କ ସାହିତ୍ୟ ଭାରତୀୟ ଓ ଉତ୍କଳୀୟ ବିଦଗ୍ଧ ମହଲରେ ଏବେ ବି ଯଥାଯୋଗ୍ୟ ସମାଦର ଲାଭ କରିପାରିନାହିଁ । ରଚିତ ସାହିତ୍ୟକୁ ଆମେ ଯେଉଁ ଗୁରୁତ୍ୱ ଦେଉଁ, ମୌଖିକ ସାହିତ୍ୟକୁ ଦେଉନାହୁଁ । ବିଦଗ୍ଧ ସାହିତ୍ୟିକ, କବି ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭକରେ, ବହୁ ସମ୍ବର୍ଦ୍ଧନା ପାଏ । ଲୋକକବିଙ୍କୁ କେହି ବାସି ମୁହଁରେ ପଚାରେ ନାହିଁ । ବଣର ମଲ୍ଲୀ ସେ ବନରେ ଫୁଟି ଝରିଯାଏ । ପାଲାକବି, ମୋଗଲ ତାମସା, ଦାସ କାଠିଆର କବି, ଘୁଡୁନାଚ, ସଖୀନାଚ ଓ ଦଣ୍ଡନାଚର କବି, ପାଟୁଆ ଓ ଚଇତିଘୋଡ଼ା କରମା ନାଚର କବି, ଡାଲଖାଇ ଓ ଯାତ୍ରାର କବି କି କିଏ ପଚାରେ ? ଘୋର ଦାରିଦ୍ର୍ୟରେ, ରୋଗ ବ୍ୟାଧିରେ ଅକାଳରେ ସେ ମରେ ।

ଦଣ୍ଡନାଚ, ଛଉନାଚ, ନାଗାନାଚ ଦେଖାଇ ଆମେ ବିଶ୍ୱଖ୍ୟାତ ବିଦ୍ୱାନମାନଙ୍କୁ ମୁଗ୍ଧ କରି ପାରିବା, ନିଶ୍ଚିତ. ଓଡ଼ିଶାର ପ୍ରାଣ ପ୍ରାଚୁର୍ଯ୍ୟ ଓ ସ୍ୱାତନ୍ତ୍ର୍ୟର ପରିଚୟ ଦେଇ ପାରିବା ନିଶ୍ଚିତ । କିନ୍ତୁ ଏଇ ଗୀତନାଟ୍ୟାନୁଷ୍ଠାନମାନଙ୍କର ଭବିଷ୍ୟତ କଣ ? ସେମାନଙ୍କୁ ବଞ୍ଚାଇଲେ ଆମ ଜାତୀୟ ସଂସ୍କୃତି ବଞ୍ଚିବ, ସେମାନେ ଆମ ସଂସ୍କୃତିର ଏକ ଅପରିହାର୍ଯ୍ୟ ଓ ଏକାନ୍ତ ଗୌରବମୟ ଅଂଶ, କୋଣାର୍କର କାରିକଳା ପରି ମହନୀୟ, ଆମେ ଏ କଥା କେବେ ଭାବିଛୁ କି ? ଆମ ନୃତ୍ୟ ଗୀତ ଭାରତର ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ ଅଧିକ ଚିତ୍ତାକର୍ଷକ ହେବ, ଏହା ନିଃସନ୍ଦେହ । କିନ୍ତୁ ଏଇ ଗୌରବୋଜ୍ଜ୍ୱଳ ପରଂପରାକୁ ଆଉ କେତେ କାଳ ଆମେ ରକ୍ଷା କରିପାରିବା ?

ଆନ୍ତର୍ଜାତିକ ସଂସ୍କୃତି ସମ୍ମେଳନ ଫଳରେ ବିଶ୍ୱଜଗତ ସହିତ ଆମର ଏକ ପରିଚୟର ସୁଯୋଗ ମିଳିବ । ଦୃଢ଼ ଯୋଗସୂତ୍ର ସ୍ଥାପିତ ହେବ ; ଏହା ଫଳରେ ଓଡ଼ିଆ ଲୋକ ସଂସ୍କୃତି ସଂଗ୍ରହ ନୂତନ ପ୍ରେରଣା ଲାଭ କରି ତ୍ୱରାନ୍ୱିତ ହୋଇପାରେ । ବହୁ ଓଡ଼ିଆ ବିଦ୍ୱାନ୍ ଲୋକ ସଂସ୍କୃତି ଗବେଷଣାରେ ମନୋନିବେଶ କରିପାରନ୍ତି । ଲୋକ ସଂସ୍କୃତି ଚର୍ଚ୍ଚା ଓ ଗବେଷଣା ଓଡ଼ିଶାରେ ଦୃଢ଼ ଭିତ୍ତିରେ ସ୍ଥାପିତ ହୋଇ ପାରେ ।

ଓଡ଼ିଶାର ଲୋକକଳା ବିଶ୍ୱବିଦ୍ୱାନ ମାନଙ୍କୁ ମୁଗ୍ଧ କରିପାରେ ; ପଲ୍ଲୀ ଗ୍ରାମର ଦ୍ୱାରେ ଦ୍ୱାରେ ଧାନଶିଷା ଚିତା, ଝୋଟି, ଆମର ତାରକସି ଫୁଲ, ଶିଙ୍ଗକାମ, ପଟ୍ଟଚିତ୍ର, ଘଣ୍ଟୁଆ, ଛଟିଗ୍ରାସ, ଖେଳଣା, ପାରଂପରିକ ଚିତ୍ରକଳା—କାମକୁଞ୍ଜର, ନବଗୁଂଜର, ବଳରାମ ଜଗନ୍ନାଥଙ୍କ କାଞ୍ଚୀ ଅଭିଯାନ ମାଣିକ ଗଉଡୁଣୀର ଦହି ବିକା, ଓଡ଼ିଶୀ ନାଚ, ବିଭିନ୍ନ ଆଦିବାସୀ ନାଚ ଲୋକପ୍ରିୟତା ଅର୍ଜନ କରିଛି । ବିଶ୍ୱଜଗତରେ ଆମ ସ୍ୱାତନ୍ତ୍ର୍ୟର ମହତ୍ତ୍ୱପୂର୍ଣ୍ଣ ପରିଚୟ ଦେଇଅଛି । ତେଣୁ ଏହି କଳାତ୍ମକ ଉପହାର ଦେବାରେ ବା ନୃତ୍ୟ ପରିବେଷଣରେ ଆମର ଗୌଣତ୍ୱ ନାହିଁ ।

ଓଡ଼ିଆ ଲୋକ ସାହିତ୍ୟ ମଧ୍ୟ ବିଶ୍ୱର କୌଣସି ଲୋକସାହିତ୍ୟ ଅପେକ୍ଷା ପଶ୍ଚାତ୍‌ପଦ ନୁହେଁ । ଏହା ପ୍ରାୟ ସମକୋଟୀରେ ଅବସ୍ଥିତ, ସମଭାବରେ କବିତ୍ୱପୂର୍ଣ୍ଣ । ଆମ ବିଦଗ୍ଧ ସାହିତ୍ୟ ଇଂରାଜୀ, ଫରାସୀ ବା ରୁଷ ସାହିତ୍ୟ ତୁଳନାରେ ଦରିଦ୍ରତର ହୋଇପାରେ । କିନ୍ତୁ ଲୋକ ସାହିତ୍ୟରେ ଏ ପଶ୍ଚାତ୍‌ପଦତା ନାହିଁ, ଏହା ନିଶ୍ଚିତ । ନିରକ୍ଷର ଓଡ଼ିଆର ସୃଷ୍ଟି ନିଶ୍ଚିତ ଭାବେ ଗୌରବମୟ । ଓଡ଼ିଆ ଲୋକ ସାହିତ୍ୟ ବିଶ୍ୱ ଲୋକ ସାହିତ୍ୟ ସହିତ ଗୁଳିଛି ସମାସଦ ହୋଇ, ଓଡ଼ିଆ ହଳିଆ ଗହିର ବିଲରେ ଗାଉଛି ଯେଉଁ ଗୀତ, ଓଡ଼ିଆ ଶଗଡ଼ିଆ ନିଶାର୍ଦ୍ଧରେ ଛାଡ଼ୁଛି ଯେଉଁ ସ୍ୱର ଲହର, ଓଡ଼ିଆ ଝିଅ ଶାଶୁ ଘରକୁ ଗଲାବେଳେ କାନ୍ଦିଛି ଯେଉଁ କାନ୍ଦଣା, ଦୋଳିରେ ଝୁଲୁ

ଝୁଲୁ ଝୁଆଁରୀ ପ୍ରଦିକାରେ ସୃଷ୍ଟି ଖେଳୁ ଖେଳୁ ଝଡ଼ାଇ ଦେଇଛି ଯେଉଁ ମଣିମାଣିକ୍ୟ ସେସବୁ ସାହିତ୍ୟିକ ମାନ ଦୃଷ୍ଟିରୁ ଅପୂର୍ବ । ବିଶ୍ୱର କୌଣସି ଲୋକ ସାହିତ୍ୟଠାରୁ ଏହା ମୌଳିକତା ବା କବିତ୍ୱ ମାନରେ ଊଣା ନୁହେ । ଓଡ଼ିଆ ଲୋକ କବିର ସୃଷ୍ଟି ବିଶ୍ୱ ଲୋକ ସାହିତ୍ୟ କ୍ଷେତ୍ରରେ ସର୍ଜନମାନ ଦୃଷ୍ଟିର ଉଚ୍ଚରେ । ଜୀବନର ପ୍ରାୟ ସବୁ ବିଭାବରେ ସେ ବୁଆରିଆ ହୋଇ ଉଠିଛି । ଯାହା କହନ୍ତି—ଓଡ଼ିଶାର ଗଛପତ୍ର ଗୀତ ଗାଏ ଓଡ଼ିଶାର ଅକର୍ମଣିତା କଥା କହେ, ଏକଥା ସତ । ଓଡ଼ିଆ ଲୋକ ସାହିତ୍ୟ ସମୃଦ୍ଧ, ବୈଚିତ୍ର୍ୟମୟ । ତେଣୁ ବିଶ୍ୱ ଲୋକସାହିତ୍ୟର ସମ୍ମୁଖୀନ ହେଲାବେଳେ ସେ ସଂକୁଚିତ ହେବନାହିଁ । କେବଳ ସଂଗ୍ରହ ଓ ଗବେଷଣା ଦିଗରେ ତାର ଯଥେଷ୍ଟ ଅଗ୍ରଗତି ହୋଇପାରିନାହିଁ, ମନରେ ଯାହା ଗ୍ଲାନି । ଲୋକେ ଅଜସ୍ର ଧାରାରେ ସର୍ଜିଥିଲେ । ଆମେ ସଂସ୍କୃତି ପ୍ରତି ସଚେତନ ହୋଇ ଯଥା ସମୟରେ ସାଇଁତି ସେସବୁ ସାରସ୍ୱତ ମନ୍ଦିରରେ ସାଇତି ରଖି ପାରିନୁ ନାହିଁ । ଏବେ ବି ଲୋକ-ସରସ୍ୱତୀଙ୍କ ବେଳର ଅନେକ ଅଂଶ ଫମ୍ପଡ଼ା ଦିଶେ । ସବୁ ଏକ ସରିଆ ବା ଦୋସରିଆ ସୋରିଷିଆ ମାଳିଟିଏ ଖବ୍ ହେଲେ ଦେଉନୁ ଆମେ ।

ସଂଗ୍ରହ କଣ ଜଣେ ଅଧକ କାର୍ଯ୍ୟ ? ସମଗ୍ର ଜାତି ନମାତିଲେ କଣ ସଂସ୍କୃତି ବଞ୍ଚିଲା ପରି ବଞ୍ଚିପାରେ ? ସବୁତକ ଗୀତ, ଯେତେ ଯେଉଁଠି ଅଛି ସବୁ କିମ୍ବଦନ୍ତୀ, ସବୁତକ ପ୍ରଚଳିତ ଗଳ୍ପ, ଢଗଢମାଳି, ନାଁ ଦିଆ, ଛଳିଆ, ଶଗଡ଼ିଆ ନାଉରିଆ ଗୀତ ଏବାଠି ବଞ୍ଚିଥିଲେ ହୋଇଥାନ୍ତା ଗୋଟିଏ ସମୁଦ୍ର । ବମରେଇ ଦେଇଥାନ୍ତା ପଥିକାରୁ, ସବୁ ସଙ୍ଗୀତର ରୋଲର ତଳେ ପୋତିପାଡି ହୋଇଗଲା, ହଜିହାଜି ଗଲା । ଭୂରିଶ୍ରବା ପାଗ ବାନ୍ଧିବା ବେଳକୁ ମହାଭାରତ ଯୁଦ୍ଧ ଶେଷ । ତଥାପି ମାଟି ଅଡ଼େଇ ଦେଲେ ମିଳିବ ମୂର୍ତ୍ତି, ମଣିକୁଟି ଉଖାରି ଦେଲେ ପାଇବ ରତ୍ନ ଭିତରେ ମିଳିପିଡ଼ କିଛି ; ସଂସ୍କୃତିପ୍ରେମୀ ଓଡ଼ିଆ, ମଣାଖୋଲି ବାହାରି ଆସ । ବିଶ୍ୱ ଦରବାରରେ ଆମ ମାନ ମର୍ଯ୍ୟଦା ବଢ଼େଇବାକୁ ଲୋକଙ୍କ ସାରସ୍ୱତ ପସରାରେ ଏବେ ବି ଢେର ମାଇମସଲା ଅଛି, ସେ ସବୁ ପ୍ରମାଣ କରିପାରେ ଯେ ଆମେ କାହାଠାରୁ ଊଣା ନୋହୁଁ ।

ବିଦଗ୍ଧ ସଂସ୍କୃତିରେ ଥାଏ ବଡ଼ସାନ ବିବେଚନା—ମୁକୁଟ ବୁଢ଼ା ପର୍ଯ୍ୟନ୍ତ ପାହାଚ ପାହାଚ । କିନ୍ତୁ ଲୋକ ସଂସ୍କୃତିରେ ପାହାଚ ନାହିଁ, ତଳ ଉପର ନାହିଁ । ସମାନ ସବୁ ପଦକ୍ଷେପ । ଏଥିରେ କାହାର ବିକାଶ ଊଣା ବା ଅଧିକ ହୁଏ ନାହିଁ । ପ୍ରତିବାର ଓସାରିଆ ଅଗଣା—ସେଥିରେ ସମସ୍ତେ ବସିଛନ୍ତି—ଇଂରାଜ, ଜର୍ମାନ୍, ଫରାସୀ, ଜାପାନୀ, ଚୀନା, ଲୁଲୁ କୁଆଙ୍ଗ, ମେଓରୀ, ଲୋହିତ ଭାରତୀୟ, ସାଉଁଳ ଆଉ ଗଦ୍‌ବା । ଯାହା ଲାଗି ସେଠି ହୁଲୁତି ପଡ଼ିନାହିଁ, ଗାଳିଗୁ ବିଷ୍ଟା ହୋଇ ନାହିଁ । ସମସ୍ତେ ତଳେ ଧୂଳି ଉପରେ ବସିଛନ୍ତି, ଧୂସରିଆ ସବୁ, ଖରାରେ ତମ୍ଭାଳିଆ ଦେହ, ବର୍ଷାରେ କେନ୍ଦରା, ନୁଖୁରା, ମାମରା । ସମସ୍ତରରେ ସମସ୍ତେ—ଯେପରି ମୁକ୍ତ, ସେହିପରି ବଦ୍ଧ । ଅଜଣାରେ ଯେପରି ଅଣ୍ଟାକୁଞ୍ଚି ବାଟ, ଛିଡ଼ବାଡ଼ ନମାନି ଅନ୍ଧାରରେ ସେହିପରି ମାଡ଼ି ଯାଉଛନ୍ତି ଅଜାଡୁଳିଆ । ନାକ କାଟିଲେ ତାର ବଚନ ବାହାରେ ନାହିଁ, ଅଥଚ କେତେ ମଣଷ ; ଦ୍ରୁଷାପରି କେତେ ବେଡ଼ାକିଆ ତାର ସ୍ମୃତି, ଅଥଚ କେତେ ତାଳଇପରେ ଗାଏ ସେ ଗୀତ । କାଣ୍ଡଜ୍ଞାନ ନାହିଁ, କିନ୍ତୁ ନାଚରେ ଗୋଟିଏ ହେଲେ ପାଦ ଅଧିକ ପଡ଼ିଯାଏ ନାହିଁ । କେତେ ବିଶୃଙ୍ଖଳିତ ତାର ଜୀବନ, ଅଥଚ କେତେ ସୁନ୍ଦର ସଂଯତ ତାର ନାଚ ।

ଶ୍ରୀ ଅକ୍ଷର ବଜ୍ରଲେଇ ପଣ୍ଡିତ, ଅଥଚ କେତେ ପାଠୁଆ ସେ, କେତେ କେତେ ନୀତି ବଖାଣି ଯାଏ ଢଗଢମାଳିରେ । ଖୋଲା ଆଖିରେ କେତେ ନିର୍ଭୁଲ ଭାବେ ଲୋକ ଚରିତ୍ର ଚିହ୍ନେ ସେ—କିଏ ଠିକାକଡା, ଠକଙ୍କ ଗୁରୁ, ଅଥଚ, ସବୁ ତଳକ କାଟିଛି ସେ, ମିଠା ମିଠା ବଚନ କହୁଛି, କିଏ ନିଲଠା, କିଏ ହଟିଆ, କିଏ ଚରଣ ଚୁଟିଆ, ନଚକୁଟିଆ, ଚହଟ ଚିକିଣିଆ ଗାଲୁଆ, ପଣ୍ଡାମାରି ଗୁଣିଆ । କେତେ କାଣିବାର ପରି ମାପିଛି ସେ ଗାରେ ଗାରେ ତା'ର ଢଗଢମାଳିରେ । ସେ ଗାରକ ତାଳ ବେଦର ଗାର ପରି ଅମିଳା ।

ଅନ୍ତର୍ଜାତିକ ଲୋକ ସଂସ୍କୃତି ସେମିନାର ଦେଖାଇ ପାରିବ କି ଓଡ଼ିଆଙ୍କ ସଂସ୍କୃତି ଦୃଷ୍ଟି—ଯାହା ଜଡ଼ ବୁଦ୍ଧିରେ ଏବେ ଦିନକାଣ୍ଡ, ଆଣି ପାରିବ କି ସେଇ ଚେତନା ଯାହା ମଣିଷକୁ ସଭାର ସମୁଦ୍ରରେ ବୁଡ଼ାଏ ଗ୍ରହ ନକ୍ଷତ୍ରରେ ବୁଲାଏ, ସୁମେରୁରୁ କୁମେରୁକୁ ଚଲାଏ । ସେଇ ଚେତନାରେ ବଳବନ୍ତ ହୋଇ ସେ ଖୋଜି ପାରିବ କି ଆକାଶ ପାତାଳର ମଣିମୁକ୍ତା ଯାହା ବୁଣି ହୋଇ ପଡ଼ିଚି ଅନାବନା ବଣ ବୁଦାରେ ।

ଲୋକରତ୍ନ : ପରିଦର୍ଶୀ ଅଧ୍ୟାପକ,
ବିଶ୍ୱଭାରତୀ, ଶାନ୍ତିନିକେତନ,
ପଶ୍ଚିମବଙ୍ଗ ।

## ମରୁଡ଼ି ପ୍ରବଣ ଅଞ୍ଚଳରେ ଜଳସେଚନ କାର୍ଯ୍ୟକ୍ରମ

ରାଜ୍ୟର କେତେକ ଅଞ୍ଚଳରେ ଅନିୟମିତ ତଥା ସ୍ୱଳ୍ପ ବୃଷ୍ଟି ଯୋଗୁ ମରୁଡ଼ିର ଆଶଙ୍କା ଲାଗି ରହିଥିବାରୁ ଉକ୍ତ ଅଞ୍ଚଳମାନଙ୍କରେ ଷଷ୍ଠ ଯୋଜନା କାଳରେ କେତେକ ନୂତନ ଜଳସେଚନ ଯୋଜନା କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର ସ୍ଥିର କରିଛନ୍ତି ।

ଏହି ଅନୁଯାୟୀ ବଲାଙ୍ଗୀର, କଳାହାଣ୍ଡି, ସମ୍ବଲପୁର, ପୁରୀ ଓ ଗଞ୍ଜାମ ଜିଲ୍ଲାର କ୍ରମାଗତଭାବେ ମରୁଡ଼ିଗ୍ରସ୍ତ ହେଉଥିବା ଅଞ୍ଚଳମାନଙ୍କରେ ଏହି ଯୋଜନାମାନ ୫୩ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟକାରୀ ହେବ । ଏହା ଫଳରେ ୫୩ ହଜାର ୯୦୦ ହେକ୍ଟର ଜମି ଜଳସେଚିତ ହୋଇ ପାରିବ । ରାଜ୍ୟ ସରକାରଙ୍କର ଉକ୍ତ ଯୋଜନାଗୁଡ଼ିକ ବ୍ୟତୀତ କଳାହାଣ୍ଡି ଓ ଫୁଲବାଣୀ ଜିଲ୍ଲାର ମରୁଡ଼ି ପ୍ରବଣ ଅଞ୍ଚଳରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୩ କୋଟି ୯୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨ ଟି ମଧ୍ୟମ ଜଳସେଚନ ଯୋଜନା କାର୍ଯ୍ୟକାରୀ ହେବ ଓ ଏହା ୩ ହଜାର ୩୪୦ ହେକ୍ଟର ଜମିକୁ ଜଳ ଯୋଗାଇବ ।

# କନ୍ଧ ଲୋକଙ୍କ ବିଶ୍ୱାସ ଓ ନରବଳି ପ୍ରଥା

ଅଧ୍ୟାପକ ଜଗନ୍ନାଥ ପଟ୍ଟନାୟକ

ଆମର ଏହି ପୁଣ୍ୟଭୂମି ଓଡ଼ିଶା ଏଭଳି ଏକ ରାଜ୍ୟ ଯେଉଁଠାରେ ବହୁବିଧ ଧର୍ମ ବିଶ୍ୱାସ ଓ ସାମାଜିକ କୁସଂସ୍କାର ମୁଣ୍ଡଟେକି ପୁଣି ଇତିହାସର ଅତଳଗର୍ଭରେ ବିଲୀନ ହୋଇ ଯାଉଛନ୍ତି । ଏହାର ପରିପୂର୍ଣ୍ଣ ନୈସର୍ଗିକ ଶୋଭାର କମନୀୟ ପରିବେଶରେ ପରିପୁଷ୍ଟ ଏକ ସରଳବିଶ୍ୱାସୀ ଆଦିବାସୀ-ଗୋଷ୍ଠୀ ସୁଦୂର ଅତୀତରେ ଏକ ଧର୍ମ ସମ୍ପର୍କିତ କୁସଂସ୍କାରର ବଶବର୍ତ୍ତୀ ହୋଇ ଗୋଟିଏ ଅମାନୁଷିକ ଓ ମର୍ମନ୍ତୁଦ ସାମାଜିକ ପ୍ରଥାର ଆଶ୍ରୟ ନେଇଥିଲେ । ତାହାଥିଲା ତାଙ୍କର ନରବଳି ପ୍ରଥା ବା ମେରିଆ । ଅଧୁନା ତାହା ସଂପୂର୍ଣ୍ଣରୂପେ ଲୁପ୍ତ ହୋଇ ଇତିହାସର କଥାବସ୍ତୁ ହୋଇଥିଲେ ହେଁ ତାର କରୁଣ ଓ ମର୍ମସ୍ପର୍ଶୀ କାହାଣୀ ପାଠକଲେ ଯେ କୌଣସି ପାଠକର ହୃଦୟରେ ଅହେତୁକୀ ସ୍ପନ୍ଦନ ସୃଷ୍ଟି ହୋଇଥାଏ । ଉକ୍ତ ପ୍ରଥା ମୁଖ୍ୟତଃ କନ୍ଧମାନଙ୍କଦ୍ୱାରା ବହୁଳ ଭାବରେ ଅନୁସୃତ ହୋଇଥିବାର ଜଣାଯାଏ ।

କନ୍ଧମାଳ ବା ଫୁଲବାଣୀ ସବ୍‌ଡିଭି-ଜନ, ବଉଦ, ଘୁମୁସର, କୋରାପୁଟ ଏବଂ କଳାହାଣ୍ଡି ଜିଲ୍ଲା କନ୍ଧ ଅଧ୍ୟୁଷିତ ଅଞ୍ଚଳରୂପେ ସୁବିଦିତ । ଅତୀତରେ ସେମାନେ ବହୁବିଧ ଅଭୀଷ୍ଟ ଲାଭ କରିବା ଉଦ୍ଦେଶ୍ୟରେ ଧରଣୀ-ଦେବୀ ବା ବଉପେନୁ ବା ଜାକେରି ପେନୁଙ୍କୁ ସନ୍ତୁଷ୍ଟ କରି ନରବଳି ଦେଉଥିଲେ । ଅବଶ୍ୟ ଉକ୍ତ ପ୍ରଥା ସୁଦୂର ଅତୀତରେ ଅନ୍ୟ ଦେଶରେ ପ୍ରଚଳିତ ଥିବାର ଜଣା-ଯାଏ । ଜେମସ୍ ଜର୍ଜ ଫ୍ରେଜର ତାଙ୍କର 'ଗୋଲ୍‌ଡନ ବାଉ' ପୁସ୍ତକରେ ଭଜ୍ରାତରର ଅଧିବାସୀ ଅତୀତରେ ଭୂମି କର୍ଷଣ ସମୟରେ ନରବଳି ଦେଇ ତାର ରକ୍ତ ଓ ହୃତ୍‌ପିଣ୍ଡ ଧରଣୀ ଦେବୀଙ୍କୁ ପ୍ରଦାନ କରିଥିବାର ତଥ୍ୟ ପରିବେଷଣ କରିଛନ୍ତି । ଫିଲପାଇନ୍ ଦ୍ୱୀପ ପୁଞ୍ଜ ଓ ମେକ୍‌ସିକୋରେ ମଧ୍ୟ ଉକ୍ତ ପ୍ରଥା ପ୍ରଚଳିତ ଥିବା ବିଷୟ ଉକ୍ତ ପୁସ୍ତକରେ ଉଲ୍ଲିଖିତ । ଅଧୁନା ମଧ୍ୟ ବଡ଼ ବଡ଼ ପୋଲ ନିର୍ମାଣ ସମୟରେ ଛୋଟ ପିଲାଟିଏ ବଳି ନଦେଲେ ତାହା ସୁଦୃଢ଼ ଓ ଦୀର୍ଘକାଳ-ସ୍ଥାୟୀ ହୋଇ ନପାରେ ବୋଲି ସର୍ବ ସାଧାରଣ ସାଧାରଣଙ୍କ ମଧ୍ୟରେ ଏକ ବିଶ୍ୱାସ ଜନ୍ମିଥିବାର ଜଣାଯାଏ । ଏପରିକି ଗଭୀର ପୁଷ୍କରିଣୀରେ ପିଲାଟିଏ ବୁଡ଼ିମଲେ ତାକୁ ମେରିଆ ଖାଇଲା ବୋଲି ଲୋକେ ପଲ୍ଲୀ ଅଞ୍ଚଳରେ କହିଥାଆନ୍ତି । ୧୮୫୧ରେ କୋରାପୁଟ ଜିଲ୍ଲା ଅନ୍ତର୍ଗତ ବିଷମ-କଟକରେ ଯେତେବେଳେ ଜୟପୁର ଏବଂ ବିଷମ-କଟକର ସେନାନୀ ମଧ୍ୟରେ ଯୁଦ୍ଧର ଘନଘଟା ଦେଖାଦେଲା, ସେତେବେଳେ ବିଷମ-କଟକ ରାଜାଙ୍କ ପ୍ରାସାଦରେ ଗୋଟିଏ ଛୋଟ ବାଳକକୁ କ୍ରୟ କରାଯାଇ ଦେବତା ମାନବାସୁରଙ୍କ ନିକଟରେ ବଳି ଦେବା ପାଇଁ ରଖାଯାଇ ଥିବାର ତଥ୍ୟ କର୍ଣ୍ଣେଲ କେମ୍ପବେଲ୍ ସ୍ୱଚକ୍ଷୁରେ ଦେଖିଥିବା ବିଷୟ ତାଙ୍କ ପୁସ୍ତକରେ ଲିପିବଦ୍ଧ କରିଯାଇଛନ୍ତି । ଏପରିସ୍ଥଳେ କନ୍ଧମାନଙ୍କ ମଧ୍ୟରେ ପ୍ରଚଳିତ ନରବଳି ପ୍ରଥା ବା ମେରିଆ ଖୁବ୍ ବେଶି ଯେ ବିସ୍ମୟୋଦ୍ଦୀପକ ତା' ନୁହେଁ ।

କନ୍ଧଭାଷାରେ ମେରିଆ ଶବ୍ଦର ଅର୍ଥ ନରବଳି ନୁହେଁ ବା ଏହା ବଳି ଦିଆଯାଉଥିବା ମାନବକୁ ବୁଝାଉ ନଥିଲା । ଉକ୍ତ ଶବ୍ଦଟି ଇଂରେଜମାନଙ୍କ ଦ୍ୱାରା ସୃଷ୍ଟ । ବଳି-ଦିଆଯାଉଥିବା ମାନବକୁ କନ୍ଧମାନେ 'ତୋକି' ବା 'କେଡ଼ି' ବୋଲି କହୁଥିଲେ । ଟି. ଜେ. ମାଲ୍‌ଟବାଇଙ୍କ ମତରେ ବଳି ଦିଆଯାଉଥିବା ନରକୁ ଇଂରେଜମାନେହିଁ ପ୍ରଥମେ ମେରିଆ ବୋଲି ନାମିତ କରିଛନ୍ତି । ସେ କହନ୍ତି "ସଂଭବତଃ କନ୍ଧଶବ୍ଦ ମେରଭିରୁ ମେରିଆ ଶବ୍ଦ ନିଷ୍ପନ୍ନ । ସେମାନେ 'ମେରଭିକୁ' ପ୍ରଥମେ 'ମେରିଭି' ବୋଲି ଉଚ୍ଚାରଣ କରି ପରେ ପରେ ମେରିଆ ବୋଲି କହିଥିଲେ । ଭେରିୟର ଏଲଓଇନ ମଧ୍ୟ ଅନୁରୂପ ମତ ପୋଷଣ କରି କହନ୍ତି "ଇଂରେଜ କର୍ମଚାରୀମାନେ ନରବଳି ଦେଉଥିବା ଏକ ଗୋଷ୍ଠୀର ନାମରେ ଅଳ୍ପ ପରିବର୍ତ୍ତନ କରି ବଳି ପଡୁଥିବା ବ୍ୟକ୍ତିକୁ ମେରିଆ ନାମରେ ନାମିତ କରିଥିଲେ ।"

ନରବଳି ପ୍ରଥା ମୂଳରେ ଅବଶ୍ୟ କେତୋଟି କାରଣ ନିହିତ । କନ୍ଧମାନଙ୍କର ସର୍ବମୋଟ ୮୪ଟି ଆରାଧ୍ୟ ଦେବୀଙ୍କ ମଧ୍ୟରୁ ଧରଣୀ ଦେବୀ ବା ତାରିପେନୁ ବା ଜାକିରିପେନୁ ହେଉଛନ୍ତି ସର୍ବଶ୍ରେଷ୍ଠ । ସେମାନେ ବିଶ୍ୱାସ କରନ୍ତି ଯେ ତାଙ୍କୁ ସନ୍ତୁଷ୍ଟ କରିବା ସେମାନଙ୍କର ପ୍ରଧାନ କର୍ତ୍ତବ୍ୟ କାରଣ ତାଙ୍କର ସନ୍ତୋଷ ଉପରେ ସମଗ୍ର କନ୍ଧ ଜାତିର ଅଭିବୃଦ୍ଧି ନିର୍ଭର କରେ । ସେ ଅସନ୍ତୁଷ୍ଟ ହେଲେ ଦୁର୍ଭିକ୍ଷ ଓ ମହାମାରୀ ଅବଶ୍ୟମ୍ଭାବୀ ହୋଇପଡ଼ିବ । ନରବଳି ବ୍ୟତୀତ ଅନ୍ୟ କେଉଁଥିରେ ସେ ସନ୍ତୁଷ୍ଟ ହୁଅନ୍ତି ନାହିଁ ବୋଲି ନିଜେ ଧରଣୀ ଦେବତା ପ୍ରକାଶ କରିଥିବା ବିଷୟ କନ୍ଧମାନେ ବିଶ୍ୱାସ କରନ୍ତି । ତାହା ତାଙ୍କର ଏକ କିମ୍ବଦନ୍ତୀରୁ ଜଣାଯାଏ । ଏକଦା କାରାକୋଡ଼ି ନାମ-ଧେୟା ଏକ କନ୍ଧ ନାରୀ ବାସ କରୁଥିଲେ ଏବଂ ତାଙ୍କର କାସୋଡ଼ି ନାମକ ଗୋଟିଏ ପୁତ୍ରଥିଲା । ସେତେବେଳେ ଧରଣୀ ଥିଲା ଶୁଷ୍କ ଏବଂ ଟାଙ୍ଗର, ଚାଷ ପାଇଁ ଅନୁପ-ଯୋଗୀ । ଦିନେ କାରାକୋଡ଼ି ଏକ ସ୍ୱପ୍ନ ଦେଖିଲେ ଯେ ଯଦି ତାଙ୍କୁହିଁ ବଳି ଦିଆଯାଇ

ପାରିବ ତା'ହେଲେ ଶୁଷ୍କ ଟାଙ୍ଗର ଭୂମି ହେବ ସୁଜଳା, ସୁଫଳା ଓ ଶସ୍ୟ ଶ୍ୟାମଳା । ତାରାକୋଡ଼ିଙ୍କ ଅନୁରୋଧକ୍ରମେ ତାଙ୍କ ପୁତ୍ର ତାଙ୍କୁହିଁ ହତ୍ୟା କରି ରକ୍ତ ଦାନ କଲେ । ଫଳରେ ଗୁହ୍ମି ଗୁହ୍ମି ବହୁବିଧ ବୃକ୍ଷ ଓ ଜୀବଜନ୍ତୁ ଜନ୍ମଲାଭ କଲେ । ଦିଗନ୍ତ-ବିସ୍ତାରୀ ଟାଙ୍ଗର ପ୍ରାନ୍ତର ହସି ଉଠିଲା ନାନାବିଧ ଫଳ ପୁଷ୍ପ ଓ ସବୁଜିମାର ଅପୂର୍ବ ଶୋଭାରେ । ସେହିଦିନଠାରୁ କନ୍ଧମାନଙ୍କ ମଧ୍ୟରେ ଏକ ଅନ୍ଧ ବିଶ୍ୱାସ ଗଢ଼ିଉଠିଲା ଯେ ଧରଣୀଦେବୀଙ୍କୁ କେବଳ ନରବଳିରେ ହିଁ ସନ୍ତୁଷ୍ଟ କରାଯାଇ ପାରିବ ଏବଂ ତାହା ନକରି ପାରିଲେ ସେ ହେବେ କ୍ରୋଧାନ୍ୱିତା ଓ ପତିହିଂସାପରାୟଣା । ତାର ପ୍ରତିଶୋଧ ନେବେ ଦୁର୍ଭିକ୍ଷ ଓ ମହାମାରୀ ମାଧ୍ୟମରେ । ସୁତରାଂ ଅଧିକ ଫସଲ, ଦୁର୍ଭିକ୍ଷ ଓ ମହାମାରୀ ଦାଉରୁ ରକ୍ଷା ଏବଂ ସମଗ୍ର କନ୍ଧ ଗୋଷ୍ଠୀର ଶ୍ରୀବୃଦ୍ଧି ସାଧନ ଆଶା ଓ ବିଶ୍ୱାସରେ ବଶବର୍ତ୍ତୀ ହୋଇ କନ୍ଧମାନେ ବର୍ଷରେ ଅନ୍ୟୂନ ଦୁଇଥର ନରବଳି ଦେଇ ତାର ରକ୍ତରେ ଧରଣୀ ଦେବୀଙ୍କୁ ରଞ୍ଜିତ କରୁଥିଲେ । ପ୍ରଥମଥର ଭୂମିରେ ବୀଜ ବପନ କରିବା ପୂର୍ବରୁ, ତା' ପରେ ଫସଲ ଅମଳ କରିବା ପରେ । ଅନ୍ୟ ଏକ ବିଶ୍ୱାସରେ ବଶବର୍ତ୍ତୀ ହୋଇ କନ୍ଧମାନେ ନରବଳି ପ୍ରଥା ଆରମ୍ଭ କରିଥିବା ବିଷୟ ହଣ୍ଟର ସାହେବ ନିଜେ ମେକଫରସନ୍‌ଙ୍କ ବିବରଣୀରୁ ଉଦ୍ଧାର କରି ଲେଖିଛନ୍ତି । କନ୍ଧମାନେ କହନ୍ତି "ପ୍ରଥମେ ଧରଣୀ ଶୁଷ୍କ, ଟାଙ୍ଗର ଓ କୃଷି ପାଇଁ ସଂପୂର୍ଣ୍ଣ ଅନୁପଯୋଗୀ ଥିଲା । ଧରଣୀ ଦେବତା ଆବିର୍ଭୂତ ହୋଇ କହିଲେ, 'ତୁମେ ମୋ ଉପରେ ନର ରକ୍ତ ଛିଞ୍ଚି ଦିଅ' ଏବଂ ପରେ ପରେ ଗୋଟିଏ ପିଲାକୁ ବଳି ଦିଆଗଲା । ମୁହୂର୍ତ୍ତକ ମଧ୍ୟରେ ମୃତ୍ତିକା ହେଲା ଉର୍ବର ଏବଂ ଉତ୍ପାଦନକ୍ଷମ । ତାପରେ ଉକ୍ତ ଦେବୀ ଆଦେଶ ଦେଲେ ଯେ ତୁମେ ଏହାର ପୁନରାବୃତ୍ତି କରି ବସବାସ କର । ସେହି-ଦିନଠାରୁ କନ୍ଧମାନେ ଉକ୍ତ ଆଦେଶ ପାଳନ କରିଆସୁଥିଲେ । ଅନ୍ୟ ଏକ ବିଶ୍ୱାସ ପୋଷଣ କରି କନ୍ଧମାନେ ହଳଦୀ କିଆରୀରେ ନରବଳି ଦେଇଥାଆନ୍ତି । ଉକ୍ତ ବିଶ୍ୱାସଟି ଥିଲା, ବିନା ରକ୍ତ ଦାନରେ ହଳଦୀ ନାଲି ରଙ୍ଗ ଧାରଣ କରିବ ନାହିଁ । ଏହିପରି ଭାବେ ସମଗ୍ର କନ୍ଧ ଗୋଷ୍ଠୀର ଅଭିବୃଦ୍ଧି ନିମନ୍ତେ ସାର୍ବଜନୀନ ଭାବେ ଏକ ମହୋତ୍ସବର ଆୟୋଜନ କରି କନ୍ଧମାନେ ନରବଳି ଦେଉଥିଲେ । ଏତଦବ୍ୟତୀତ ଯେତେବେଳେ କୌଣସି ପରିବାର ମଧ୍ୟରେ ସାଂଘାତିକ ରୋଗ ଦେଖାଯାଏ ବା ଭୟାବହ ଦୁର୍ଘଟଣା ଘଟେ, ଏଥିରୁ ରକ୍ଷା ପାଇବା ନିମନ୍ତେ ଉକ୍ତ ପରିବାରର ବ୍ୟକ୍ତି ଧରଣୀ ଦେବୀଙ୍କୁ ନରବଳି ଦେଇ ସନ୍ତୁଷ୍ଟ କରିଥାଆନ୍ତି । ଏପରିକି ଯଦି ଗୋଟିଏ ବାଘ ଏକ ପରିବାରର ପିଲାକୁ ଗାଈ ଜଗୁଥିବା ସମୟରେ ନେଇ-ଯାଏ, ଟିକେମାତ୍ର ଦୁଃଖ ପ୍ରକାଶ ନକରି ପରିବାରର ମୁଖ୍ୟ ତା'ର ସମୃଦ୍ଧି ପାଇଁ ଧରଣୀ ଦେବତାର ଅଭିଳାଷ ପୂରଣ ଏହା ହୋଇଛି ବୋଲି ଭାବିଥାଏ । ହଣ୍ଟର ସାହେବଙ୍କର ବର୍ଣ୍ଣନାରୁ ଜଣାଯାଏ ଯେ ଏପରିକି କୁଳଗତ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଲାଗୁଥିଲେ, ପ୍ରତ୍ୟେକ ଗୋଷ୍ଠୀ ଜିତିଲେ ତରାପେନୁଙ୍କୁ ଏକ ନରବଳି ଦେବା-ପାଇଁ ପ୍ରତିଜ୍ଞାବଦ୍ଧ ହୋଇ ଯୁଦ୍ଧ ଭୂମିରେ ଅବତୀର୍ଣ୍ଣ ହୋଇଥାଆନ୍ତି ଏବଂ ଯୁଦ୍ଧପରେ ବିଜୟୀ ଗୋଷ୍ଠୀ ନରବଳି ଦେଇ ପ୍ରତିଜ୍ଞା ପାଳନ କରିଥାଏ ।

ମେରିଆ ବା ନରବଳି ପ୍ରଥା ବହୁ ବିଭିନ୍ନ ଭାବରେ ସଂଘଟିତ ହୋଇଥିବାର ଜଣାଯାଏ । ଉଭୟ ସ୍ତ୍ରୀ ବା ପୁରୁଷ ମେରିଆ ହୋଇ ପାରନ୍ତି । ତାକୁ ବଳି ଦେବାର ପ୍ରାୟ ୬ ମାସ ପୂର୍ବରୁ ପରିବାରକୁ ଉଚିତ ମୂଲ୍ୟ ଦେଇ ଗ୍ରାମବାସୀମାନେ ତାକୁ ଅନ୍ୟ ଅଞ୍ଚଳରୁ କ୍ରୟ କରି ନିଜ ପାଖରେ ରଖି ଥାଆନ୍ତି । ଏହି ସମୟରେ ତାକୁ ଉତ୍ତମ ଓ ସୁସ୍ୱାଦୁ ଖାଦ୍ୟ ପରିବେଷଣ କରାଯାଏ । ଏପରିକି ଯୌନ ଆକାଂକ୍ଷା ପରିପୂର୍ଣ୍ଣ ନିମନ୍ତେ ତାର ଅଭିଳାଷ କ୍ରମେ ପୁରୁଷ ମେରିଆକୁ ଯେ କୌଣସି ସ୍ତ୍ରୀ ସଂଭୋଗ କରିବା ପାଇଁ ଏବଂ ନାରୀ ମେରିଆକୁ ଯେ କୌଣସି ପୁରୁଷ ସହିତ ସଂଭୋଗ କରିବା ପାଇଁ ଅନୁମତି ଦିଆଯାଏ । ହଠାତ୍ ଧରଣୀ ଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ମେରିଆର ଆବଶ୍ୟକ ପଡ଼ିପାରେ ବୋଲି କେତେକ କ୍ଷେତ୍ରରେ ପିଲାକୁ ଅପହରଣ କରାଯାଇ କନ୍ଧମାନେ ନିଜ ଗ୍ରାମରେ ମହଜୁଦ କରି ରଖିଥାଆନ୍ତି । କେତେକ କ୍ଷେତ୍ରରେ ଦାରିଦ୍ର୍ୟର କଷାଘାତରେ କନ୍ଧମାନେ ନିଜର ସନ୍ତାନ ସନ୍ତତିଙ୍କୁ ମେରିଆ ହେବା ନିମନ୍ତେ ବିକ୍ରୟ କରିଥିବାର ଜଣାଯାଏ ।

ମେରିଆ ଦେବା ପୂର୍ବରୁ ଏକ ସର୍ବ-ସାଧାରଣ ସ୍ଥାନରେ କନ୍ଧମାନେ ଜାକିରି-ପେନୁକୁ ପ୍ରତିଷ୍ଠା କରିଥାଆନ୍ତି । ମାଟି ଶିଳାଖଣ୍ଡ ଲମ୍ବାଭାବରେ ତିନିପାର୍ଶ୍ୱରେ ପୋତି ତା ଉପରେ ଏକ ଶିଳାଖଣ୍ଡ ସ୍ଥାପନ କରି କ୍ଷୁଦ୍ର କୋଠରୀଟିଏ ନିର୍ମାଣ କରନ୍ତି । ତା'ପରେ ଏକ କ୍ଷୁଦ୍ର ଶିଳାଖଣ୍ଡ, ଦେହରେ ହଳଦୀ ତେଲ ଓ ଅନ୍ୟାନ୍ୟ ସୁବାସିତ ଦ୍ରବ୍ୟ ଲେପନ କରି ତାକୁ ଉକ୍ତ କୋଠରୀ ମଧ୍ୟରେ ଛାପଛା କରି ଥାଆନ୍ତି । ଉକ୍ତ ଶିଳାଖଣ୍ଡଟି ହୁଏ ତାଙ୍କର ଚିର ଆରାଧ୍ୟ ଧରଣୀ ଦେବୀ । ବଳିଦାନର ପୂର୍ବଦିନ ଉକ୍ତ ସ୍ଥାନରେ ଏକତ୍ରିତ ହେବାପାଇଁ ଗ୍ରାମବାସୀମାନଙ୍କୁ ଜଣାଇ ଦିଆଯାଏ । ଏଥିରେ ସମସ୍ତ ଗ୍ରାମବାସୀ ଯୋଗ ଦେଇ ଥାଆନ୍ତି । ବଳିଦେବା ଦିନ ସମସ୍ତେ ଗୋଟିଏ ଗୋଟିଏ ପାତ୍ରରେ ତଣ୍ଡୁଳ ଓ ଖାଦ୍ୟ ପଦାର୍ଥ ଧରି ସେଠାରେ ଉପସ୍ଥିତ ହୁଅନ୍ତି । ଏହା ତାଙ୍କର ପୁରୋହିତ ବା ଜାନିଙ୍କ ପାଇଁ ଉଦ୍ଦିଷ୍ଟ । ଏହା ମଧ୍ୟ ମେରିଆକୁ ଦିଆ-ଯାଇଥାଏ । ଅଧୁନା ତାହା ବଳି ପଡୁଥିବା ପଶୁକୁ ଦିଆଯାଉଥିବାର ଜଣାଯାଏ । ଅବଶ୍ୟ ବଳି ଦାନର ୧୦।୧୨ ଦିନ ପୂର୍ବରୁ ମେରିଆର କେଶକାଟି ମସ୍ତକ ମୁଣ୍ଡନ କରା-ଯାଏ । ବଳିଦାନ ଦିନର ପୂର୍ବଦିନ ତାକୁ ନୂତନ ବସ୍ତ୍ର ପରିଧାନ କରାଇବା ପୂର୍ବକ ତେଲ ହଳଦୀ ମଖାଇ ଏବଂ ଫୁଲରେ ସୁସଜ୍ଜିତ କରାଇ ନୃତ୍ୟଗୀତ ସହକାରେ ତାକୁ ଗ୍ରାମର ଦ୍ୱାରେ ଦ୍ୱାରେ ବୁଲାଯାଏ । ତାପରେ ଉପାସନା-ସ୍ଥଳୀ ନିକଟସ୍ଥ ଏକ କାଠଖଣ୍ଡରେ ମେରିଆକୁ ବାନ୍ଧି ନୃତ୍ୟରତ ଅବସ୍ଥାରେ ଉନ୍ମତ୍ତ ହୋଇ ସେମାନେ ଗୀତ ଗାଇ କହନ୍ତି "ହେ ଈଶ୍ୱର, ଆମେ ଏହାକୁ ତୁମକୁ ବଳି ଦେଉଛୁ । ଆମକୁ ଉତ୍ତମ ଫସଲ ଓ ସ୍ୱାସ୍ଥ୍ୟ ପ୍ରଦାନ କର । ମେରିଆକୁ ଲକ୍ଷ୍ୟ କରି ସେମାନେ ମଧ୍ୟ କହନ୍ତି" ଆମେ ତୁମକୁ ତୁମର ମୂଲ୍ୟ ଦେଇ କ୍ରୟ କରିଛୁ । ତୁମକୁ ଧରି ଆଣି ନାହୁଁ । ଆମର ପ୍ରଥା ଅନୁଯାୟୀ ତୁମକୁ ବର୍ତ୍ତମାନ ବଳି ଦେଉଛୁ । ଏଥିରେ ଆମର ପାପ ନାହିଁ ।" ତାପରେ ମେରିଆକୁ ବହୁ ବିଭିନ୍ନ ଉପାୟରେ ବଳି ଦିଆଯାଏ । କେତେକ କ୍ଷେତ୍ରରେ ଗୋଟିଏ ବିରାଟ ଖୁଣ୍ଟରେ ମେରିଆକୁ ବାନ୍ଧି ଖୁଣ୍ଟଟିକୁ କେତେଜଣ ଘୂରାଉଥାଆନ୍ତି । ଏହି ସମୟରେ ସମବେତ ଜନତା ମେରିଆ ଶରୀରରୁ ଖଣ୍ଡେ ଖଣ୍ଡେ ମାଂସ କାଟି ନେବା ଫଳରେ ତାର ମୃତ୍ୟୁ ହୁଏ । ଅନ୍ୟ କେତେକ କ୍ଷେତ୍ରରେ ଅଗ୍ନି ସଂଯୋଗ କରି ମେରିଆକୁ ସେଥିରେ ତଳ ଉପର କରି ପଡ଼ାଇ ଥାଆନ୍ତି । ଏହିପରି ତା ଦେହରେ ଜୀବନ ଥିବା ପର୍ଯ୍ୟନ୍ତ ସେ ଯନ୍ତ୍ରଣାରେ ଚିତ୍କାର କରି ଗଡୁଥାଏ । କନ୍ଧମାନଙ୍କର ବିଶ୍ୱାସ ଯେ ମେରିଆ କ୍ରନ୍ଦନ କରି ଯେତେ ଅଧିକ ଲୁହ ଗଡ଼ାଇବ, ସେହି ବର୍ଷ ସେତିକି ଅଧିକ ପରିମାଣରେ ବୃଷ୍ଟିପାତ ହେବ । ବେଞ୍ଜେମିନ ମାକଫରସନ୍ ଏହାର ଅନ୍ୟ ଏକ ବିବରଣୀ ଦେଇ ଲେଖିଛନ୍ତି ଯେ ଜାନି ବା କନ୍ଧ ମାନଙ୍କର ପୁରୋହିତ ପ୍ରଥମେ ଗୋଟିଏ କୁକୁଡ଼ା ମାରି ତାର ରକ୍ତକୁ ସ୍ୱତନ୍ତ୍ରଭାବେ ଖୋଳିତ ଗୋଟିଏ ଗର୍ତ୍ତରେ ସଂଗ୍ରହ କରି ରଖିଥାଏ । ତାପରେ ନିଶା ଦେଇ ପୂର୍ବରୁ ଅଚେତ କରି ରଖାଯାଇଥିବା ମେରିଆକୁ ଉକ୍ତ ରକ୍ତ ପରିପୂର୍ଣ୍ଣ ଗର୍ତ୍ତରେ ତାର ମଥାକୁ ବୁଡ଼ାଇ ରଖାଯାଏ, ଫଳରେ ଅଣନିଶ୍ୱାସୀ ହୋଇ ସେ ମୃତ୍ୟୁବରଣ କରେ । ତାପରେ ଜାନି ତା ଦେହରୁ ମାଂସ ଖଣ୍ଡିଏ କାଟି ଜାକିରିପେନୁ ବା ଧରଣୀ ଦେବୀଙ୍କୁ ଅର୍ପଣ କରେ । କର୍ଣ୍ଣେଲ କ୍ୟାମ୍ପବେଲ ଅନ୍ୟ ଏକ ପ୍ରକାର ବଳିଦାନର ବର୍ଣ୍ଣନା ଦେଇଛନ୍ତି । ପ୍ରଥମେ ମେରିଆକୁ ଆଣି ଦେବୀ ସ୍ଥାପିତ ହୋଇଥିବା ସ୍ଥାନରେ ରଖାଯାଏ । ସେଠାରେ ଗ୍ରାମବାସୀ ନିଜ ନିଜର ଛୁରି ଧରି ଏକତ୍ରିତ ହୋଇଥାଆନ୍ତି । ଜାନି ବା ପୁରୋହିତ ସଂକେତ ଦେବା ମାତ୍ରେ ସେମାନେ ମେରିଆକୁ ଖଣ୍ଡ ଖଣ୍ଡ କରି କାଟି ନିଅନ୍ତି । କ୍ୟାମ୍ପବେଲ ମଧ୍ୟ କୌଣରେ ପ୍ରଚଳିତ ଅନ୍ୟ ଏକ ପ୍ରକାର ନରବଳିର

ବର୍ଣ୍ଣନା ଦେଇଅଛନ୍ତି । ବଳି ଦେବାପାଇଁ ନିର୍ଦ୍ଧାରିତ ଦିବସରେ ମେରିଆକୁ ଏକ ଶୋଭାଯାତ୍ରାରେ ଗ୍ରାମରେ ଥିବା ପ୍ରତ୍ୟେକ ବ୍ୟକ୍ତିର ଘରଦ୍ୱାରକୁ ନିଆଯାଏ । ତାପରେ ତାକୁ ବଳି ଦେବାର ନିର୍ଦ୍ଧାରିତ ସ୍ଥାନକୁ ଟାଣି ଟାଣି ନେଇ ଥାଆନ୍ତି । ଏକ ଖଣ୍ଡ ବାଉଁଶ ଦେହରେ ତାର ମୁଣ୍ଡ ବାନ୍ଧି ଦିଆଯାଏ । ତାପରେ ପୁରୋହିତ ନିଜେ ପ୍ରଥମେ ଅଗ୍ରସର ହୋଇ ଏକ ଟାଙ୍ଗିଆ ସାହାଯ୍ୟରେ ତାର ଗୋଡ଼ ଏବଂ ହାତ ଗଣ୍ଡି ହାଣିଦିଏ । ପରେ ପରେ ସମବେତ ଗ୍ରାମବାସୀ ନିଜ ନିଜର ଛୁରୀ ସାହାଯ୍ୟରେ ତାର ଶରୀରରୁ ମାଂସ କାଟି ନେଇ ଥାଆନ୍ତି । ମାକ୍ ଭାଇକାର ମଧ୍ୟ ଏପ୍ରକାର ନରବଳି ପାଟଣା ରାଜ୍ୟରେ ପ୍ରଚଳିତ ଥିବାର ବର୍ଣ୍ଣନା କରିଛନ୍ତି । ସେ ଯାହାହେଉ ବଳିଦାନପରେ ମେରିଆ ଦେହରୁ ମାଂସ କଟାଯାଇ ବିଭିନ୍ନ ଅଞ୍ଚଳକୁ ନିର୍ଦ୍ଧାରିତ ବ୍ୟକ୍ତିଙ୍କ ହସ୍ତରେ ପ୍ରେରଣ କରାଯାଏ । ଉକ୍ତ ମାଂସ ଏକ ସର୍ବ ସାଧାରଣ ସ୍ଥାନରେ ରଖାଯିବା ପରେ ସେଠାରେ ପୁରୋହିତଙ୍କ ଉପସ୍ଥିତିରେ ପ୍ରତ୍ୟେକ ପରିବାରର ମୁଖ୍ୟ ସେଥିରୁ ଖଣ୍ଡେ ଖଣ୍ଡେ ନେଇ ନିଜର ସ୍ୱ ଜମିରେ ନିକ୍ଷେପ କରି ଥାଆନ୍ତି । ବଳିଦାନର ପରଦିନ ମେରିଆର ମୁଣ୍ଡ, ଅସ୍ଥି ଓ ପାକସ୍ଥଳୀକୁ ଯୁଇ ଗାତରେ ପୋଡାଯାଇ ତାର ପାଉଁଶକୁ ସ୍ୱ ଜମିରେ ନିକ୍ଷେପ କରିବା ସଙ୍ଗେ ସଙ୍ଗେ କିଛି ପରିମାଣରେ ତାକୁ ପାଣିରେ ଗୋଳାଇ ତାହା ଘର ଓ ଅମାର ମଧ୍ୟରେ କନ୍ଧମାନେ ରଖିଥାଆନ୍ତି ।

କାଳକ୍ରମେ କନ୍ଧମାଳ ଅଞ୍ଚଳକୁ ସଂଲଗ୍ନ ହୋଇଥିବା ଗଡ଼ଜାତ ରାଜ୍ୟର ରାଜାମାନେ ଦଶହରା ପର୍ବରେ ଦୁର୍ଗାଦେବୀଙ୍କ ନିକଟରେ ନରବଳି ଦିଆଯାଉଥିବା ବିଷୟ ମାନ୍ଦ୍ରାଜର ଲଟ ସାହେବ୍ ଲର୍ଡ ଏଲିଫେନ୍‌ଷ୍ଟୋନ ୧୮୪୧ରେ ତାଙ୍କ ବିବରଣୀରେ ଉଲ୍ଲେଖ କରିଥିବାର ଜଣାଯାଏ । ସେ ଲେଖିଥିଲେ "ବୌଦ ଓ ଡଡ୍ ସଲଗ୍ ରାଜ୍ୟର ରାଜାମାନେ ଯଦିଓ ନିଜେ ଏହା କରୁନଥିଲେ, ମାତ୍ର ମୋ ନିକଟରେ ସ୍ୱୀକାର କରିଥିଲେ ଯେ ତାଙ୍କ ପିତାଙ୍କ ସମୟରେ ଏହା ଘଟିଥିଲା" । ସେହିପରି କର୍ଣ୍ଣେଲ ଡାଲଟନ ମଧ୍ୟ ୧୮୬୪-୬୫ରେ ତାଙ୍କର ପରିଭ୍ରମଣ ବିବରଣୀରେ ଉଲ୍ଲେଖ କରିଥିଲେ ଯେ "ଏହା ମୋ ନିକଟରେ ଗାଙ୍ଗପୁର ରାଜା ସ୍ୱୀକାର କରିଥିଲେ ଯେ ଗଡ଼ଜାତ ମହଲ ଇଂରେଜ ଶାସନାଧୀନ ହେବା ପର୍ଯ୍ୟନ୍ତ ଶୁଆର୍ଡିହ (ଯେଉଁଠାରେ ବର୍ତ୍ତମାନ ଗାଙ୍ଗପୁର ରାଜା ରହୁଛନ୍ତି) ସେଠାରେ ଅବସ୍ଥିତ କାଳୀ ମନ୍ଦିରରେ ପ୍ରତ୍ୟେକ ୩ ବର୍ଷରେ ଥରେ ନରବଳି ଦିଆଯାଉଥିଲା । ତାହା ମଧ୍ୟ ବଣାଇ ଓ ବାମଣ୍ଡାରେ ହେଉଥିଲା" ।

ଗଡ଼ଜାତ ରାଜ୍ୟ ଇଂରେଜ ଶାସନାଧୀନ ହେବାପରେ କନ୍ଧମାଳ ଅଞ୍ଚଳରେ ସ୍ମରଣାତୀତ କାଳରୁ ପ୍ରଚଳିତ ଏ ପ୍ରକାର ଅମାନୁଷିକ ନରବଳି ପ୍ରଥା ଇଂରେଜମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ପ୍ରଥମଥର ପାଇଁ ସ୍ୱତନ୍ତ୍ର କମିଶନର ଜର୍ଜ ରସେଲ ୧୮୩୬ ମସିହା ଅଗଷ୍ଟ ୧୨ ତାରିଖରେ ଇଂରେଜ ସରକାରଙ୍କ ନିକଟରେ ଏକ ବିବରଣୀ ଦାଖଲ କରି ଏହାର ଉଚ୍ଛେଦ ପାଇଁ ପରାମର୍ଶ ଦେଇଥିଲେ । ଇତି ମଧ୍ୟରେ କାଳ ବିଳମ୍ବ ନକରି ଗଡ଼ଜାତ ରାଜ୍ୟର ସୁପରିନ୍‌ଟେଣ୍ଡେଣ୍ଟରୂପେ କାର୍ଯ୍ୟକରୁଥିବା ଏଚ. ରିକେଟସ ୧୮୩୭ ମସିହା ଫେବୃୟାରୀ ୨୩ ତାରିଖ ଦିନ ବଙ୍ଗଳାର ସରକାରଙ୍କୁ ନରବଳି ପ୍ରଥାର ଉଚ୍ଛେଦ ପାଇଁ ସୁପାରିଶ କରିବା ସଙ୍ଗେ ସଙ୍ଗେ ନିଜେ ୨୪ ଜଣ ବଳି ଦେବା ପାଇଁ ରଖାଯାଇଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରିଥିଲେ । ସେହି ସମୟରେ ଗଞ୍ଜାମର ସହକାରୀ କଲେକ୍ଟର କେପ୍‌ଟେନ କେମ୍ପବେଲ ଦୟାର୍ଦ୍ର ହୋଇ କନ୍ଧମାଳ ଅଞ୍ଚଳରେ ପ୍ରବେଶ କରି ୧୦୦ ଜଣ ମେରିଆଙ୍କୁ ମୁକ୍ତ କରିଥିଲେ । ୧୮୪୧ ମସିହା ଜୁଲାଇ ମାସରେ ମାନ୍ଦ୍ରାଜ ସରକାର ଗଞ୍ଜାମର କଲେକ୍ଟର ତଥା ଲାଟସାହେବଙ୍କର ପ୍ରତିନିଧିରୂପେ କାର୍ଯ୍ୟକରୁଥିବା ବାନେରମେନଙ୍କର ସହକାରୀ ରୂପେ କେପ୍‌ଟେନ୍ ମେକଫେରସନଙ୍କୁ ନିଯୁକ୍ତି ଦେଇ ତାଙ୍କୁ ଉକ୍ତ ପ୍ରଥାର ବିଲୋପ ସାଧନ ନିମନ୍ତେ ଆଦେଶ ଦେଇଥିଲେ । ୧୮୪୨ ମସିହା ଜୁନ ୨୪ ତାରିଖ ଦିନ ସେ କନ୍ଧମାଳ ଅଞ୍ଚଳରେ ପାଦ ଦେଇ ୧୪୩ ଜଣମେରିଆଙ୍କୁ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ସରକାରଙ୍କ ନିକଟରେ ଏକ ବିବରଣୀ ଦାଖଲ କରିଥିଲେ । ମାତ୍ର ମେରିଆମାନଙ୍କୁ କେବଳମାତ୍ର ଉଦ୍ଧାର କରିବାରେ ଇଂରେଜ ସରକାର ଯେ ସନ୍ତୁଷ୍ଟ ହୋଇଥିଲେ ତା' ନୁହେଁ ଭବିଷ୍ୟତରେ ଏହାର ଯେପରି ପୁନରାବୃତ୍ତି ନହୁଏ, କନ୍ଧମାନେ ସ୍ୱତଃ ପ୍ରବୃତ୍ତ ହୋଇ ଯେପରି ଉକ୍ତ କାର୍ଯ୍ୟରୁ ନିବୃତ୍ତ ରହନ୍ତି ତାହା ଥିଲା ତାଙ୍କର ପରବର୍ତ୍ତୀ ପଦକ୍ଷେପ । ଏହି ମର୍ମରେ ୧୮୪୫ ମସିହା ଜୁଲାଇ ୧୯ ତାରିଖ ଦିନ ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶ ଜାରୀ କରି କେନ୍ଦ୍ର ସରକାର– ନରବଳି ପ୍ରଚଳିତସମସ୍ତ ଅଞ୍ଚଳକୁ ମିଶ୍ରଣକରି ଏକ ସ୍ୱତନ୍ତ୍ର ମେରିଆ ଅଞ୍ଚଳ ଗଠନ କରି ତାକୁ କେନ୍ଦ୍ର ଶାସନାଧୀନ କରି ରଖିଲେ । ଏଥିରେ ଅଭିଜ୍ଞ ମେଟଫେରସନଙ୍କୁ ମଧ୍ୟ ସ୍ୱତନ୍ତ୍ର ଏଜେଣ୍ଟ ପଦରେ ନିଯୁକ୍ତି ଦିଆଗଲା । ସେ କନ୍ଧମାଳ ଅଞ୍ଚଳରେ ଆଦିବାସୀଙ୍କ ସହିତ ବହୁ ସମୟ ବିତାଇ ତାଙ୍କ ସୁଖ ଦୁଃଖରେ ଭାଗନେବା ଫଳରେ ସେମାନଙ୍କର ସହଯୋଗ ଲାଭ କରିଥିଲେ । ସ୍ୱତଃପ୍ରବୃତ୍ତ ହୋଇ ଗୋଟିଏ ସପ୍ତାହ ମଧ୍ୟରେ କନ୍ଧମାନେ ୧୭୦ ଜଣ ମେରିଆଙ୍କୁ ମାକଫେରସନଙ୍କ ହାତରେ ଅର୍ପଣ କରିଥିଲେ । କ୍ରମେ କ୍ରମେ ମେରିଆ ହ୍ରାସ ପାଇବାରେ ଲାଗିଲା । ଏଥିପାଇଁ ମେକଫେରସନ ଚିର ନମସ୍ୟ ହୋଇ ରହିଛନ୍ତି । ତାଙ୍କ ବିଦାୟ ପରେ ମହାମାନ୍ୟ କେମ୍ପବେଲ ସାହେବ ମେକ୍ ଭାଇକାର ଓ ମେକ୍‌ନିଲ୍ ଉକ୍ତ ପଦବୀରେ ରହି ନରବଳି ପ୍ରଥାର ସଂପୂର୍ଣ୍ଣ ବିଲୋପ ସାଧନ କରି ପାରିଥିଲେ । ସେଥିପାଇଁ ଆଦିବାସୀ ଇତିହାସରେ ସେମାନଙ୍କର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି–ଅବଶ୍ୟ ୧୯୪୬ ମସିହାରେ ଏପରି ଏକ ନରବଳିର ସଂଧାନ ମିଳିଥିଲା–ମାତ୍ର ତାହା ସଂଘଟିତ ହୋଇଥିଲା କେଉଁ ଏକ ନିଭୃତ କୋଣରେ ।

ଅବଶ୍ୟ ସରଳ ବିଶ୍ୱାସୀ ଆଦିବାସୀଙ୍କ ହୃଦୟରେ ସ୍ୱର୍ଣ୍ଣପ୍ରସୂ ଧରଣୀଦେବତାଙ୍କର ଉପାସନାର ବିଶ୍ୱାସ ଏପରି ଦୃଢ଼ ହୋଇଛି ଯେ ନରବଳି ପରିବର୍ତ୍ତେ ସେମାନେ ଚୈତ୍ର ମାସରେ ବେଢ଼ୁପାତ୍ରାର ଆୟୋଜନ କରି ଏକ ମହିଷିକୁ ବରାପେନୁଙ୍କ ସମ୍ମୁଖରେ ବଳି ଦେଉଛନ୍ତି । ଏହା ମେରିଆର ଏକ କ୍ଷୁଦ୍ର ସଂସ୍କରଣ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଅନ୍ୟ କେତେକ ସ୍ଥାନରେ ସେମାନେ ମହିଷି ପରିବର୍ତ୍ତେ ଛାଗଳ ବା କୁକୁଡ଼ା ବା ପାରା ବଳି ଦେଇ ଅଧିକ ଫସଲ ପାଇବା ଆଶାରେ ଧରଣୀ ଦେବୀଙ୍କର ଆରାଧନା କରୁଅଛନ୍ତି ।

ସେ ଯାହାହେଉ ବହୁ ଘାତ ପ୍ରତିଘାତ ପରେ ନରବଳି ପ୍ରଥାର ବିଲୋପ ସାଧନ ହୋଇ ତାହା ଆଜି ଇତିହାସର କଥାବସ୍ତୁ ହୋଇ ରହିଛି । ଆଉ ମେରିଆମାନଙ୍କର ମର୍ମନ୍ତୁଦ କରୁଣ ଆର୍ତ୍ତନାଦ ଶୁଭୁନାହିଁ । ତଥାପି ଜାକିରିପେନୁ କନ୍ଧମାନଙ୍କ ଉପରେ ସନ୍ତୁଷ୍ଟ । ଗିରି ବନାନୀ ପରିବେଷ୍ଟିତ ସୁଷମାମଣ୍ଡିତ ନୟନାଭିରାମ ଶୋଭା ମଧ୍ୟରେ ଲାଳିତ ପାଳିତ କନ୍ଧମାନଙ୍କର ଜୀବନ ଯେ କ୍ରମେ କ୍ରମେ ସୁଶ୍ରୀ, ସମୃଦ୍ଧ ଓ ମଧୁମୟ ହେବାରେ ଲାଗିଛି, ଏଥିରେ ସନ୍ଦେହ ନାହିଁ ।

ଉପାଧ୍ୟକ୍ଷ
ସରକାରୀ ସାଂଧ୍ୟ ମହାବିଦ୍ୟାଳୟ
ଭୁବନେଶ୍ୱର

# ଲୋକକଥା ରୂପେ ଦାର୍ଢ୍ୟତାଭକ୍ତି ଓ ତାହାର ସଂସାର-ଦୃଷ୍ଟି

ଡକ୍ଟର କୃଷ୍ଣ ପ୍ରସାଦ ମିଶ୍ର

ଓଡ଼ିଶାର ଗାଁ ଗାଁ ରେ ଦାର୍ଢ୍ୟତାଭକ୍ତିର ନବାକ୍ଷରୀ ପଦାବଳୀ ଶୁଣିବାକୁ ମିଳେ । ଜଗନ୍ନାଥ ଦାସଙ୍କ ଭାଗବତ ପରି ବିପ୍ର ରାମଦାସଙ୍କ ମଧୁର ପଦାବଳୀ ଭଜ ଗାଁ ପିଣ୍ଡାରୁ ଉଠି ଆବାଳ ବୃଦ୍ଧବନିତା ସମସ୍ତଙ୍କ ହୃଦୟକୁ ଉଲ୍ଲସିତ କରି ମନ୍ଦିର ଧୂପର ଊର୍ଦ୍ଧ୍ୱଗାମୀ ଧୂମ ପରି ଓଡ଼ିଶାର ଗ୍ରାମ୍ୟ ଆକାଶରେ ପ୍ରତିଦିନ ମିଳାଇଯାଏ, ତହିଁ ଆରଦିନ ସନ୍ଧ୍ୟା ସହିତ ପୁଣି କେହି ପୁରାଣ ଗାୟକଙ୍କ କଣ୍ଠରୁ ନିଃସୃତ ହେବା ପାଇଁ । ବିପ୍ର ରାମଦାସ ଦାର୍ଢ୍ୟତାଭକ୍ତିର ଉପାଖ୍ୟାନ ଗୁଡ଼ିକୁ ବହୁ ସ୍ଥାନରୁ ସଂଗ୍ରହୀତ କରିଛନ୍ତି । ମନର ପ୍ରଶ୍ନଗୁଡ଼ିକୁ ଚୈତନ୍ୟ ଉତ୍ତର ଦେଉଥିବା ଢଙ୍ଗରେ ଉପାଖ୍ୟାନଗୁଡ଼ିକ ଲେଖାଯାଇଥିଲେ ମଧ୍ୟ କୌଣସି ବ୍ୟକ୍ତିବିଶେଷର ନହେଁ, ସମଗ୍ର ଓଡ଼ିଆ ଜାତିର ମନଚୈତନ୍ୟକୁ ରାମଦାସ ବିପ୍ରଙ୍କୁ ନେଇ ଜାତୀୟ ଚୈତନ୍ୟର archetypesକୁ ସନ୍ଧାନ କରିଛନ୍ତି ଯେପରି ।

> "ଦିନେକ ମନ ସୁଖାନନ୍ଦେ ।
> ପଚାରେ ଚଇତନ ପାଦେ ।।"

ଏ ପ୍ରକାର ବର୍ଣ୍ଣନା ଶୈଳୀ ଦ୍ୱାରା ରାମଦାସ ଓଡ଼ିଆ ଚେତନାର archetypes ଗୁଡ଼ିକୁ କେବଳ ସଙ୍କେତ କରି ନାହାନ୍ତି, ଓଡ଼ିଆ ଲୋକେ ପୃଥିବୀକୁ ବୁଝିବାପାଇଁ ପୃଥିବୀରେ ବଞ୍ଚିବା ପାଇଁ, ଯେଉଁ ଜୀବନ ଦର୍ଶନକୁ ସଂସାର ଦୃଷ୍ଟିକୁ ଗ୍ରହଣ କରି ନେଇଛନ୍ତି, ସେହି ନିୟମ ଗୁଡ଼ିକୁ ଉପାଖ୍ୟାନ ମାଧ୍ୟମରେ ସଙ୍କେତ କରିଛନ୍ତି । ଲୋକକଥାର ବ୍ୟାପକତା, ସରଳତା ସହ ବଳିଷ୍ଠତାର ସକଳ ଉପାଦାନ ଦାର୍ଢ୍ୟତାଭକ୍ତିରେ ଏହି ଉପାଖ୍ୟାନ ଗୁଡ଼ିକରେ ମିଳେ ।

(୧)

ଦୁଇଟି ଭାଗ—ପ୍ରଥମ ଭାଗରେ ପଚିଶଟି ଚରିତ ଓ ଦ୍ୱିତୀୟ ଭାଗରେ ତିରିଶଟି ଚରିତ ମାଧ୍ୟମରେ କବି ଓଡ଼ିଆ ମନଚୈତନ୍ୟର ନେତୃତ୍ୱକୁ ଧ୍ରୁବସିନ୍ଧୁକୁ ଦେଖାଇ ଦେଇଛନ୍ତି । ସମଗ୍ର ବିଶ୍ୱରେ ଓଡ଼ିଆ ଲୋକଙ୍କ ପାଇଁ ପୁରୀ କ୍ଷେତ୍ରବର, ସାକ୍ଷାତ୍ ବୈକୁଣ୍ଠ ! ସେହି କ୍ଷେତ୍ରରେ ଦାରୁବ୍ରହ୍ମ ବିଦ୍ୟମାନ । ଦାର୍ଢ୍ୟତାଭକ୍ତିରେ ଅଧିକାଂଶ ଚରିତ୍ର ସେହି ଦାରୁବ୍ରହ୍ମଙ୍କୁ ଭକ୍ତି କରି କିପରି ବିପଦରୁ ଉଦ୍ଧାର ପାଇଛନ୍ତି ତାହା ବର୍ଣ୍ଣିତ ହୋଇଛି ।

> "ମୋ ପ୍ରଭୁ ଦାରୁବ୍ରହ୍ମ ମୂର୍ତ୍ତି ।
> ଏ ଛାର କେତେକ କିପରି ।।

× × ×

> ଶରଣ ପଞ୍ଜର ତା ନାମ ।
> ସର୍ବ ଭୟରୁ କରୁ କ୍ଷେମ ।।
> ବ୍ରହ୍ମାଇନ୍ଦ୍ରାଦି ଯାର ପାଦେ ।
> ଧ୍ୟାନେ ଚିନ୍ତନ୍ତି ଅପ୍ରମାଦେ ।।"

ସେହି ପ୍ରଭୁଙ୍କ ଶରଣାଗତି ମଣିଷର ସକଳ ମନସ୍କାମନା ପୂରଣ କରିଦିଏ ଓ ଶେଷରେ ତାକୁ ମୋକ୍ଷ ଦେଇଥାଏ ।

> "ସେ ଦାରୁବ୍ରହ୍ମଙ୍କ ଚରଣେ ।
> ମୋ ଚିତ୍ତ ରହୁ ଅନୁକ୍ଷଣେ ।।
> ମୁକତି ହେବ ଦିନୁଦିନ ।
> ନ ହେବ ଯମ ଦରଶନ ।।"

ଶ୍ରୀ ଜଗନ୍ନାଥଙ୍କୁ ସକଳ ଅବତାରଙ୍କ ମୂଳଦାର ରୂପେ ଗ୍ରହଣ କରିଥିବାରୁ ଶ୍ରୀରାମଙ୍କୁ, ଶ୍ରୀ ଗଣେଶଙ୍କୁ ଭକ୍ତି କରିବା ଯାହା ଶ୍ରୀ ଜଗନ୍ନାଥଙ୍କୁ ଭକ୍ତି କରିବା ତାହା ବୋଲି ଦାର୍ଢ୍ୟତାଭକ୍ତିରେ ଲିଖାଯାଇଛି । ସେଥିପାଇଁ ଗଣପତି ଭକ୍ତ ଶ୍ରୀ ଜଗନ୍ନାଥଙ୍କଠି ବିଘ୍ନରାଜଙ୍କ ମୂର୍ତ୍ତି ଦେଖିଛନ୍ତି :

> "ଦେଖିଲ ପ୍ରଭୁ ଭଗବାନ ।
> ହୋଇ ଅଛନ୍ତି ଗଜାନନ ।।
> ଲମ୍ବି ଅଛଇ ତୋର ହସ୍ତ ।
> ଶୋଭା ଦିଶଇ ଏକଦନ୍ତ ।।"

ଯେଉଁ ଭକ୍ତ ଶ୍ରୀ ଜଗନ୍ନାଥଙ୍କୁ ଯେଉଁ ରୂପରେ ଦେଖିବାକୁ ଇଚ୍ଛାକରିବ ସେ ତାକୁ ସେହି ରୂପରେ ଦେଖା ଦେବେ । ଦାସିଆ ବାଉରିର ବିନମ୍ର ଇଚ୍ଛା ପୂରଣ କରିବା ପାଇଁ ଶ୍ରୀ ଜଗନ୍ନାଥ ତାକୁ ସକଳ ଅବତାରର ରୂପ ଦେଖାଇ ଦେଇଥିଲେ :

> "ମତ୍ସ୍ୟ କଇଚ୍ଛି ରୂପ ଯାଏ ।
> ଦର୍ଶନ ଦେଲେ ଦେବରାୟେ ।।"

କିନ୍ତୁ ଶ୍ରୀ ଜଗନ୍ନାଥଙ୍କର ନିଜର ରୂପ କିଛି ନାହିଁ, ଉପନିଷଦର ନିର୍ଗୁଣ ବ୍ରହ୍ମ ସେ, ନିରାକାର ନିର୍ଗୁଣ ଅବା ବାଙ୍ମାନସଗୋଚର । ତାଙ୍କର ବର୍ଣ୍ଣନା ଏହିପରି, ସେ ଦାରୁବ୍ରହ୍ମ ।

> "ନମସ୍ତେ ଦାରୁବ୍ରହ୍ମରୂପି ।
> ନମୋ ନମସ୍ତେ ବିଶ୍ୱବାସୀ ।।
> ତବ ଦର୍ଶନେ ଦାରୁବ୍ରହ୍ମ ।
> ତୁଟିଲା ମୋର ମତିଭ୍ରମ ।।"

ଓଡ଼ିଆ ଚେତନାରେ ଶ୍ରୀ ଜଗନ୍ନାଥ ଓ ତାଙ୍କ ପ୍ରତି ଅଖଣ୍ଡ ଭକ୍ତିର ନିଦର୍ଶନ ଉପରୋକ୍ତ ଉଦ୍ଧୃତାଂଶଗୁଡ଼ିକରୁ ମିଳେ । ବିପ୍ର ରାମଦାସ ନବାକ୍ଷରୀରେ ପ୍ରଚଳିତ ଗଳ୍ପ ଗୁଡ଼ିକୁ ଯାହା ଏକତ୍ରିତ କରିଛନ୍ତି । କିନ୍ତୁ ତାଙ୍କର ବହୁ ପୂର୍ବରୁ ଓଡ଼ିଶାର ଲୋକେ ଉପନିଷଦର ସର୍ବୋଚ୍ଚ ଦର୍ଶନକୁ ଏହିପରି ଭାବେ ଲୋକକଥାରୁ ସଂଗ୍ରହ କରି ଯୁଗଯୁଗ ଧରି ଜୀବନ ନିର୍ବାହ କରି ଆସିଥିବେ ।

(୨)

ଈଶ୍ୱରଙ୍କୁ ପାଇବା ପାଇଁ ଶ୍ରେଷ୍ଠ ଉପାୟ ସବୁକାଳେ ମାନବ ଅନୁସନ୍ଧାନ କରି ଆସିଛି । ଯେ କୌଣସି ଶ୍ରେୟକୁ ଗ୍ରହଣ କରି ଦୃଢ଼ ଭାବରେ ତାହାର ଅନୁସରଣ କଲେ ମଣିଷ ଜଗଦୀଶ୍ୱରଙ୍କ ସାକ୍ଷାତ୍ ପାଇଥିବ । ଦୃଢ଼ ଭାବରେ ଅନୁସରଣର ଅର୍ଥ ସେହି ନିୟମକୁ ସର୍ବଶ୍ରେଷ୍ଠ ବୋଲି ମାନି ସେହି ଅନୁସାରେ ଜୀବନ ନିର୍ବାହ କରିବା । ସାଧାରଣ ଜୀବନରେ ନୈତିକ ନିୟମ ଗୁଡ଼ିକ ମଧ୍ୟରେ ତୁଳନା କରି ମଣିଷ କୌଣସି ଏକ ନିୟମକୁ ଗ୍ରହଣ କରିଥାଏ । ନିଜର କର୍ତ୍ତବ୍ୟ ସ୍ଥିର କରିଥାଏ । କିନ୍ତୁ ଅନ୍ୟ ପରିସ୍ଥିତିରେ ଅନ୍ୟ ଉଚ୍ଚତର ନିୟମର ସନ୍ଧାନ ହେଲେ ପ୍ରଥମ ନିୟମକୁ ତ୍ୟାଗ କରି ଉଚ୍ଚତର ନିୟମଟିକୁ ଗ୍ରହଣ କରାଯାଇଥାଏ । କିନ୍ତୁ ଦାର୍ଢ୍ୟତାଭକ୍ତିରେ ଯେ କୌଣସି ନୈତିକ ନିୟମକୁ

ଦୃଢ଼ ଭାବରେ ପାଳନ କଲେ ଲୋକ ଚରମ ସିଦ୍ଧି ପାଇପାରିବାର ଉଲ୍ଲେଖ ରହିଛି । ଏହା ସାଧାରଣ ନୈତିକତା ନ ହୋଇପାରେ କିନ୍ତୁ ନୈତିକତାରୁ ଧାର୍ମିକ ସ୍ତରକୁ ଯିବାର ଏହା ଉପାୟ ବୋଲି ଦାର୍ଢ୍ୟତାଭକ୍ତିର ମତ । କୀର୍ତ୍ତିଚନ୍ଦ୍ର ଉପାଖ୍ୟାନରେ ରାଜା କୀର୍ତ୍ତିଚନ୍ଦ୍ର ମହାଦାନୀ ଶାସକ ରୂପେ ପରିଚିତ । ତେଣୁ ଭଗବାନ ସନ୍ନ୍ୟାସୀ ବେଶରେ ତାଙ୍କ ପାଖକୁ ଆସି ରାତିକ ପାଇଁ ତାଙ୍କ ସ୍ତ୍ରୀ ପଦ୍ମିନୀଙ୍କୁ ମାଗିଛନ୍ତି ।

"ଶୁଣିଲି ତୋର ପ୍ରିୟବତୀ ।
ସ୍ୱାମୀ ଭକତା ମହାସତୀ ॥
ତାହାଙ୍କୁ ଆଣି ମତେ ଦେବୁ ।
ରାତ୍ରକ ସଙ୍ଗେ ବିଳସିବୁ ॥"

ରାଜା ଏହି ପ୍ରକାର ଭିକ୍ଷାକୁ ବହୁ ଉଦ୍ଭଟ କାରଣ ଦେଖାଇ ଅସ୍ୱୀକାର କରି ପାରିଥାଆନ୍ତେ । କିନ୍ତୁ ତାହା ଦାର୍ଢ୍ୟତାଭକ୍ତିର ଉପାୟ ନୁହେଁ । ରାଜା ନିଜର ଦାନ ପ୍ରତିଜ୍ଞାରେ ଅବିଚଳିତ ରହି ସ୍ତ୍ରୀ ଦାନ ପାଇଁ ମଧ୍ୟ ସମ୍ମତ ହୋଇଛନ୍ତି । ତପସ୍ୱୀ ରାଜାଙ୍କୁ ପରୀକ୍ଷା ପାଇଁ ରାତିରେ ରାଣୀଙ୍କୁ ଜୀବନରେ ମାରି ଦେଇ ଅଳଙ୍କାର ପତ୍ର ନେଇ ଚାଲି ଯାଇଛନ୍ତି । ତହିଁ ଆରଦିନ ରାଜା ତପସ୍ୱୀଙ୍କୁ ଦଣ୍ଡ ଦେବେ କଣ ତାଙ୍କୁ ଖୋଜି ବିନୟ ସହକାରେ ରାଣୀଙ୍କ ଅନ୍ୟାନ୍ୟ ଅଳଙ୍କାର ଦେଇଛନ୍ତି । ସେତିକିବେଳେ ରାଜାଙ୍କ ପରୀକ୍ଷା ଶେଷ ହୋଇଛି

ତପସ୍ୱୀ ରାଣୀଙ୍କୁ ଜୀବନ ଦାନ ଦେଇଛନ୍ତି ଓ ରାଜା ଓ ରାଣୀଙ୍କୁ ନିଜର ସ୍ୱରୂପ ଦେଖାଇଛନ୍ତି ।

"ଆସୁଛନ୍ତି କମଳା-ବିଳାସ ।
ଦେଖ ଆମ୍ଭର ନିଜ ବେଶ ॥
ଏମନ୍ତ ବୋଲି ଦେବରାଜ ।
ଦେଖାଇ ଶଙ୍ଖ ଚକ୍ର ଭୁଜ ॥"

ଦାନର ଏହି ପ୍ରକାର ପାଳନ ଦାର୍ଢ୍ୟତାଭକ୍ତିରେ ବହୁ ସ୍ଥଳରେ ଉଲ୍ଲେଖିତ ହୋଇଛି । ଯେକୌଣସି ନିୟମର ଦୃଢ଼ ଅନୁସରଣ ଦାର୍ଢ୍ୟତାଭକ୍ତିର ମୂଳ ମନ୍ତ୍ର ।

\+ × ×

"ଦୃଢ଼ତା ମୂଳଟି ଜୀବର ॥
ଦୃଢ଼ ନ ଥାଇ କର୍ମ ଯେତେ,
ଫଳ ନ ଫଳେ କଦାଚିତେ ॥"

ଏହି ଦୃଢ଼ତାକୁ ବଳୀରାଜା, ହରିଶ୍ଚନ୍ଦ୍ର, ଦୀନବନ୍ଧୁଦାସ, ଦାମୋଦର ଦାସ, ବିଶ୍ୱମ୍ଭର ଦାସ, ରଘୁ ଅରକ୍ଷିତ ପ୍ରଭୃତି ବହୁ ଲୋକ ସେମାନଙ୍କ ଦାତା ପଣିଆରେ ଅନୁସରଣ କରିଛନ୍ତି । ଏହି ଦାତା ପଣିଆ ଭିତରେ ଆଖି ପତା ନ ପକାଇ ବାପ ପୁଅକୁ କାଟି ଦେଇଛି, ସ୍ତ୍ରୀକୁ ଦାନ କରି ପାରିଛି । ଏହି ଦୃଢ଼ତା ପଛରେ କିନ୍ତୁ ଈଶ୍ୱର-ବିଶ୍ୱାସ ମଧ୍ୟ ଦୃଢ଼ ଭାବରେ ରହିଛି । ସାଇବେଇଙ୍କୁ ତାଙ୍କ ମାଆ ସେଇଥିପାଇଁ କହିଛନ୍ତି;

"ମାତା ବୋଇଲେରେ ତନୁଜ ।
ବିଶ୍ୱାସ ସିନା ମୂଳ ବୀଜ ॥
ଦୃଢ଼େ ତୁ ଯେବେ ବା ଭଜିବୁ ।
ଦ୍ୱାଦଶ ଦିନେ ଭଲ ହେବୁ ॥"

କୌଣସି ନିୟମକୁ ଦୃଢ଼ ଭାବରେ ଅନୁସରଣ କରିବା ସହ ଦୃଢ଼ ଈଶ୍ୱର ବିଶ୍ୱାସର ସମ୍ପର୍କକୁ ଦାର୍ଢ୍ୟତା ଭକ୍ତି ଅବିଚ୍ଛେଦ୍ୟ କରି ଦେଖିଛନ୍ତି ।

ଉପାଖ୍ୟାନଗୁଡ଼ିକୁ ଓଡ଼ିଶା ଭିତରୁ କେବଳ ନୁହେଁ, ଭାରତର ବିଭିନ୍ନ ଜାଗାରୁ ମଧ୍ୟ ନିଆ ଯାଇଛି । ଅବନ୍ତୀ, କାଞ୍ଚି ବଙ୍ଗ ସହ ଢେଙ୍କାନାଳ, ପିପିଲି, ଯାଜପୁର, ପ୍ରଭୃତି ଅଞ୍ଚଳର ସାଧୁସନ୍ଥ ଦାର୍ଢ୍ୟତାଭକ୍ତି ଭିତରକୁ ଆସିଛନ୍ତି ।

ସାଧାରଣ ଲୋକକଥା ଗୁଡ଼ିକରେ କଳ୍ପନାର ବହୁଳତା ପଛରେ ନୈତିକତା ଓ ଧାର୍ମିକତା ପ୍ରଚ୍ଛନ୍ନ ହୋଇ ରହି ଯାଇଥାଏ । କିନ୍ତୁ ଦାର୍ଢ୍ୟତାଭକ୍ତିର ଗଳ୍ପ ଗୁଡ଼ିକରେ ନୈତିକ ଓ ଧାର୍ମିକ ବିଷୟ ପ୍ରଚ୍ଛନ୍ନ ନ ରହି ପରିସ୍ଫୁଟ ହୋଇ ଯାଇଛନ୍ତି । କିନ୍ତୁ ସେମାନଙ୍କର ଲୋକ ସାଧାରଣରେ ବିସ୍ତୃତି, ବ୍ୟାପକତା ଓ ଅନ୍ୟାନ୍ୟ ବିଶ୍ୱାସ ଓ କର୍ମର ପ୍ରେରଣା ହେତୁ ସେଗୁଡ଼ିକୁ ଲୋକକଥା ରୂପେ ଗ୍ରହଣ କରିବାକୁ ହେବ ।

ଅଧ୍ୟାପକ, ଦର୍ଶନ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର-୪

## ପରିବାର କଲ୍ୟାଣ କାର୍ଯ୍ୟକ୍ରମ ପାଇଁ ଜାତୀୟ ପୁରସ୍କାର

ପରିବାର କଲ୍ୟାଣ କାର୍ଯ୍ୟକ୍ରମକୁ ଅଧିକ ଲୋକପ୍ରିୟ ଓ ବ୍ୟାପକ କରାଇବା ଉଦ୍ଦେଶ୍ୟରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ କେତେକ ଜାତୀୟ ପୁରସ୍କାର ବଣ୍ଟନର ବ୍ୟବସ୍ଥା କରିଛନ୍ତି । ତଦନୁଯାୟୀ ଗର୍ଭ ନିରୋଧ ଅସ୍ତ୍ରୋପଚାର, ଲୁପ୍ ଗ୍ରହଣ, ଗର୍ଭ ନିରୋଧ ବଟିକା ବଣ୍ଟନ, ମାଆ ଓ ଶିଶୁ ମାନଙ୍କ ସ୍ୱାସ୍ଥ୍ୟ ସେବା ଆଦି ପ୍ରତ୍ୟେକ କ୍ଷେତ୍ରରେ ଶ୍ରେଷ୍ଠ ସାଫଲ୍ୟ ହାସଲ କରିଥିବା ରାଜ୍ୟମାନଙ୍କୁ ପ୍ରଥମ ଓ ଦ୍ୱିତୀୟ ପୁରସ୍କାର ରୂପେ ମାନପତ୍ର, ଟ୍ରଫି ଓ ସିଲ୍ଡ ପ୍ରଦାନ କରାଯିବ । ଏହା ବ୍ୟତୀତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିଚାଳିତ ସ୍ୱାସ୍ଥ୍ୟ ସେବା କେନ୍ଦ୍ର, ଘରୋଇ କିମ୍ବା ଶିଳ୍ପ ସଂସ୍ଥା ପରିଚାଳିତ ପରିବାର କଲ୍ୟାଣ କେନ୍ଦ୍ରମାନଙ୍କରେ କେବଳ ପ୍ରଥମ ସ୍ଥାନ ଅଧିକାର କରିଥିବା କେନ୍ଦ୍ରକୁ ୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ଦିଆଯିବ ।

ଜାତୀୟ ପୁରସ୍କାର ପାଇଁ ସମଗ୍ର ଦେଶକୁ ୪ ଗୋଟି ଅଞ୍ଚଳରେ ବିଭକ୍ତ କରାଯାଇଛି । ଓଡ଼ିଶା, ପଶ୍ଚିମ ବଙ୍ଗ, ବିହାର, ଆସାମ, ମଣିପୁର, ମେଘାଳୟ, ତ୍ରିପୁରା, ଅରୁଣାଚଳ ପ୍ରଦେଶ, ମିଜୋରାମ, ନାଗାଲାଣ୍ଡ ଓ ସିକିମ୍ ରାଜ୍ୟମାନଙ୍କୁ ନେଇ ଗଠିତ ଅଞ୍ଚଳରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଜିଲ୍ଲାକୁ ୧ଲକ୍ଷ ୫୦ ହଜାର ଟଙ୍କା ଜାତୀୟ ପୁରସ୍କାର ମିଳିବ । ସେହିପରି ଏହି ଅଞ୍ଚଳରେ ଶ୍ରେଷ୍ଠ ବିବେଚିତ କର୍ପୋରେସନ ବା ନଗରପାଳିକାମାନଙ୍କୁ ଜନସଂଖ୍ୟା ଭିତ୍ତିରେ ୫ ଲକ୍ଷରୁ ଉର୍ଦ୍ଧ୍ୱ ଜନସଂଖ୍ୟା କ୍ଷେତ୍ରରେ ୧ ଲକ୍ଷ ଟଙ୍କା, ୧ ଲକ୍ଷରୁ ୫ ଲକ୍ଷ ଜନସଂଖ୍ୟା ମଧ୍ୟରେ ୨୫ ହଜାର ଟଙ୍କା ଓ ୧ ଲକ୍ଷରୁ ଊଣା ଜନସଂଖ୍ୟା କ୍ଷେତ୍ରରେ ୧୦ ହଜାର ଟଙ୍କା ପୁରସ୍କାର ମିଳିବ । ପ୍ରତ୍ୟେକ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପଞ୍ଚାୟତକୁ ମଧ୍ୟ ଏଥିପାଇଁ ୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ମିଳିବ ।

# ସପ୍ତା-ଭାଗବତ

ଶ୍ରୀ ନରହର ଉପାଧ୍ୟାୟ

ଭାରତୀୟ ସମାଜରେ ବିଗତଦର୍ଶୀ ଶାସ୍ତ୍ର ପୁରାଣର ଅସ୍ତିତ୍ୱ ଧର୍ମ ଧାରଣାର ମୂଳଭିତ୍ତି; ତାହାରି ଉପରେ ମୁଣ୍ଡ ଟେକିଛି ସମୃଦ୍ଧ ଲୋକସଂସ୍କୃତିର ମହିମା ସୌଧ । ଅନ୍ୟ କଥାରେ କହିଲେ, ଯେ କୌଣସି ସମାଜର ସଂସ୍କୃତି ଧର୍ମ ଧାରଣା ଉପରେ ଆଧାରିତ । ବ୍ୟାସଦେବକୃତ ସଂସ୍କୃତ ଭାଗବତ ମହାପୁରାଣକୁ ଧର୍ମଶାସ୍ତ୍ର, ନୀତିଶାସ୍ତ୍ର, ଦର୍ଶନଶାସ୍ତ୍ରାଦିର ଏକ ସମନ୍ୱୟ ସଂକ୍ଷିପ୍ତସାର କହିଲେ ଅତ୍ୟୁକ୍ତି ବା ଅବାନ୍ତର ହେବନାହିଁ । ଯୁଗ ଯୁଗ ଧରି ଏହି ଭାଗବତ ବାଣୀର ମାର୍ମିକ ତତ୍ତ୍ୱ ଭାରତୀୟ ଜନଜୀବନର ମନଗହନକୁ ଭେଦକରି ଅଖଣ୍ଡ ନୈତିକ ପ୍ରଭାବ, ସୁଶୃଙ୍ଖଳ ଆଧ୍ୟାତ୍ମିକ ନିୟନ୍ତ୍ରଣ ଏବଂ ସୁଦୃଢ଼ ଧାର୍ମିକ ଶାସନାଧିପତ୍ୟ ବିସ୍ତାର କରି ଆସିଅଛି । ପରବର୍ତ୍ତୀ କାଳରେ ଆମ୍ଭ ଦେଶର ବହୁ କୃତବିଦ୍ୟ ଚିନ୍ତାଶୀଳ ମନୀଷୀ ଏହି ମହାନ୍ ଗ୍ରନ୍ଥକୁ ଗଣପାଠ୍ୟ କରାଇବାର ଅଭିମୁଖ୍ୟ ନେଇ ଛନ୍ଦବଦ୍ଧ ପ୍ରାକୃତ ଭାଷାରେ ରୂପାୟନ କରିଯାଇଛନ୍ତି । ଏପରି ଉଦ୍ୟମୀମାନଙ୍କ ମଧ୍ୟରେ ପଞ୍ଚଦ୍ୱିଂଶ ଶତାବ୍ଦୀର ନବାକ୍ଷରୀ ଓଡ଼ିଆ ଶ୍ରୀମଦ୍ଭାଗବତର ରଚୟିତା ଭକ୍ତକବି ଅତିବଡ଼ି ଜଗନ୍ନାଥ ଦାସଙ୍କର ସ୍ଥାନ ସର୍ବାଗ୍ରେ । ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଅତି ପବିତ୍ର ଗ୍ରନ୍ଥରୂପେ ଗଙ୍ଗା ଠାରୁ ଗୋଦାବରୀ ଯାଏ ଘରେ ଘରେ ପୂଜା ପାଏ । ଏହା ଯେପରି ସୁଖପାଠ୍ୟ ସେହିପରି ସୁଶିକ୍ଷଣୀୟ । ଓଡ଼ିଆ ଭାଷା ପ୍ରଚଳିତ ଅଞ୍ଚଳରେ ସାଧାରଣ ସ୍ତରର ବହୁ ପୁରୁଖା ଲୋକଙ୍କ କଣ୍ଠରେ ଭାଗବତର କେତେକ ପଂକ୍ତି ଅବଶ୍ୟ ସ୍ଥାନ ପାଇଥିବ । ଏଥିରୁ ଏହାର ଲୋକପ୍ରିୟତା ସହଜରେ ଅନୁମେୟ । ଉତ୍କଳୀୟ ଲୋକସଂସ୍କୃତିକୁ ଏହି ମହାନ୍ ଗ୍ରନ୍ଥର ମହତ୍ ଅବଦାନ ଏ ଆଲୋଚନାର ଉପଜୀବ୍ୟ ।

ଆମ ଲୋକସଂସ୍କୃତିରେ ସପ୍ତା-ଭାଗବତ ପାରାୟଣ ଏକ ସର୍ବାଦୃତ ପବିତ୍ର ଧର୍ମାନୁଷ୍ଠାନ । ଓଡ଼ିଶାରେ ସର୍ବତ୍ର ଏହାର ଅସ୍ତିତ୍ୱ ଉଣା ଅଧିକେ ଉପଲବ୍ଧ ହେଉଥିଲେ ହେଁ ଏଥିର ବହୁଳ ପ୍ରସାର ଘଟିଛି ଉପକୂଳବର୍ତ୍ତୀ ଜିଲାମାନଙ୍କର ପୁରପଲ୍ଲୀରେ । ବହୁ ପରମ୍ପରା ସମ୍ପନ୍ନ ଜନପଦରେ ବର୍ଷରେ ଅନ୍ତତଃ ଥରେ ସପ୍ତା ବସିବାର ବିଧି ପ୍ରଚଳିତ । ଯୁଗ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବରେ ଆଜିକାଲି ହୁଏତ କେତେକ ସ୍ଥଳରେ ବ୍ୟତିକ୍ରମ ଘଟିଯିବଣି । ତଥାପି ଏହି ଧର୍ମଭିତ୍ତିକ ବାର୍ଷିକୋତ୍ସବ ଏବେ ସୁଦ୍ଧା ଜନପଦାଶ୍ରୟୀ ସଂସ୍କୃତିରେ ଏକ ଅପରିହାର୍ଯ୍ୟ ଅଙ୍ଗ ହୋଇ ରହିଛି ।

'ହପ୍ତା' ଅନୁକରଣରେ 'ସପ୍ତା' ତତ୍ସମ 'ସପ୍ତାହ' ଶବ୍ଦର ଏକ ସଂକ୍ଷିପ୍ତ ପ୍ରୟୋଗ ବୋଲି ସ୍ପଷ୍ଟ ପ୍ରତୀୟମାନ ହୁଏ । ତୁଳସୀ ରାମାୟଣର 'ନବାହ୍ନ ପାରାୟଣ' ବା 'ମାସ ପାରାୟଣ' ନିୟମ ପରି ଶ୍ରୀମଦ୍ ଭାଗବତରେ 'ସପ୍ତାହ ପାରାୟଣ' ଅନୁଷ୍ଠାନକୁ 'ସପ୍ତା' କୁହାଯାଏ । ସପ୍ତା ବସିବା ପାଇଁ ସେପରି କୌଣସି ମାସ ବାର ତିଥି ନକ୍ଷତ୍ର ନାହିଁ । ପ୍ରଚଳିତ ପ୍ରଥାନୁସାରେ ସାଧାରଣତଃ କାର୍ତ୍ତିକ ପକ୍ଷକ ପକ୍ଷ ଏବଂ ମଧୁ ଫାଲ୍ଗୁନର ଦୋଳ ପୂର୍ଣ୍ଣିମାଠାରୁ ଜଳସଂକ୍ରାନ୍ତି ପର୍ଯ୍ୟନ୍ତ ସମୟ ସାର୍ବଜନୀନ ସପ୍ତା ଅନୁଷ୍ଠାନ ପାଇଁ ପ୍ରଶସ୍ତ । ମାନସିକ ସପ୍ତା କଥା ଭିନ୍ନ । ବିଶେଷତଃ ପଞ୍ଚକପକ୍ଷ ଏବଂ ଜଳ ସଂକ୍ରାନ୍ତି, ଗୋଟିଏ ଧର୍ମ ସମ୍ପୃକ୍ତି ଓ ଅନ୍ୟଟି ଶ୍ରମଜୀବୀ ଶ୍ରେଣୀର ଅବସର ବିନୋଦନ କାରଣରୁ ସର୍ବୋତ୍କୃଷ୍ଟ ସୁଯୋଗ ରୂପେ ବିବେଚିତ ହେଉଥିବା ଦେଖାଯାଏ । ପଲ୍ଲୀ ଅଞ୍ଚଳରେ ବହୁ ଯାଜସମାଜରେ ଅନୁଷ୍ଠିତ ହେଉଥିବା ଏହି ଧରଣର ସାମୂହିକ ସମାବେଶ ଅତି ଆକର୍ଷଣୀୟ ହୋଇଉଠେ । ଅବଶ୍ୟାନ ବ୍ୟୟ ଭରଣା କରିବା ପାଇଁ ଗ୍ରାମ୍ୟ ଘରାଭେଦା ଚାନ୍ଦା ସଂଗ୍ରହର ଏକମାତ୍ର ପନ୍ଥା ।

ସପ୍ତା ଗୋଟିଏ ସଂକଳିତ ଅନୁଷ୍ଠାନ । ଶୁଭାରମ୍ଭଠାରୁ ଏକ ସପ୍ତାହ ମଧ୍ୟରେ ଦ୍ୱାଦଶ ପ୍ରାକୃତ ଭାଗବତ ଶ୍ରବଣ ଓ ପାରାୟଣ ସମାପନ କରିବାପାଇଁ ଶ୍ରୋତାବକ୍ତାମାନେ ସଙ୍କଳ୍ପ ସହିତ ପୂର୍ବକ ନିଷ୍ଠାପରାୟଣ ଭାବରେ ଏବମ୍ପ୍ରକାର ବ୍ରତାଚରଣ କରି ରହନ୍ତି । ଭାବେ ଏବମ୍ପ୍ରକାର ବ୍ରତାଚରଣ ଦ୍ୱାରା ସପ୍ତା ମଣ୍ଡପକୁ ବିବିଧ ଉପକରଣ ଦ୍ୱାରା ଅଡ଼ମ୍ବର ସହକାରେ ସାଜସଜ୍ଜା କରାଯାଏ । ପୂର୍ବେ କେବଳ ତାଳପତ୍ର ପୋଥି ଭାଗବତ ଗାଦିରେ ପୂଜା ପାଉଥିଲା । ଏବେ ଛପା ପୁସ୍ତକ ବା କେତେକ ସ୍ଥଳରେ ପୋଥି ଓ ପୁସ୍ତକ ଗାଦିରେ ପୂଜିତ ହେଉଥିବା ଦେଖାଯାଏ । କାରଣ ପୋଥି ପଢ଼ା ଲୋକ କ୍ରମେ ବିରଳ ହୋଇଯାଉଛନ୍ତି । ପରମ୍ପରା ଅନୁସରଣରେ ପୋଥି ବସାଯାଉଥିଲେ କେବଳ ପୁସ୍ତକକୁ ହିଁ ଗୀତ ପଢ଼ାଯାଏ । କେତେକ ସ୍ଥାନରେ, ବିଶେଷତଃ ପଶ୍ଚିମାଞ୍ଚଳ ଜିଲାମାନଙ୍କରେ, ସପ୍ତାଗାଦିରେ ପୀଠ ଦେବତାରୂପେ ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ସ୍ଥାପନ କରାଯାଏ । କିନ୍ତୁ ଉପକୂଳବର୍ତ୍ତୀ ଜିଲାରେ ଏଥିରେ ପରମ୍ପରା ଭିନ୍ନ । ସପ୍ତା ଗାଦିରେ ଶୋଲ ନାମକ ଏକ ପ୍ରକାର ଜଳତୃଣ ଦ୍ୱାରା ନିର୍ମିତ ଜଗନ୍ନାଥ ବଳଭଦ୍ର ସୁଭଦ୍ରା ତ୍ରିମୂର୍ତ୍ତିଙ୍କର ଚିତ୍ରିତ ମୂର୍ତ୍ତି ଏବଂ ଅନ୍ୟ କେତେକ ସ୍ଥାନରେ ଏକା ଜଗନ୍ନାଥଙ୍କର ପତିତପାବନ ମୂର୍ତ୍ତି ଭାଗବତ ଗାଦି ସହ ସୁସଜ୍ଜିତ ଆସ୍ଥାନ ଉପରେ ଇଷ୍ଟଦେବରୂପେ ସ୍ଥାପିତ ହୁଅନ୍ତି । ଠାକୁରମାନଙ୍କୁ ରଙ୍ଗବସ୍ତ୍ର, ଅଳଙ୍କାର, ପୁଷ୍ପ ଚନ୍ଦନାଦି ବିବିଧ ମଣ୍ଡଣି ମଣ୍ଡିତ କରାଯାଇ ଏକ ପ୍ରାଣବନ୍ତ ମନୋଜ୍ଞ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରାଯାଏ । ଷୋଡ଼ଶୋପଚାର ବା ପଞ୍ଚୋପଚାର ପୂଜା ପଦ୍ଧତି, ହୋମ ସ୍ତବ ସ୍ତୁତି ଦ୍ୱାରା ଇଷ୍ଟଦେବତାଙ୍କୁ ଆବାହନ କରାଇ ପ୍ରାଣ ପ୍ରତିଷ୍ଠା କରାଯାଏ । ଶଙ୍ଖଘଣ୍ଟା ଭେରୀ ତୂରୀ ମୃଦଙ୍ଗ ମର୍ଦ୍ଦଳର ସମତାଳ ଧ୍ୱନି ଦେବପୀଠକୁ ଆନନ୍ଦମୁଖର କରେ । ଧର୍ମପ୍ରାଣ ଜନତାର ଭକ୍ତିଭାବତନ୍ମୟପ୍ରାଣ ଭାବବିଭୋର ହୋଇଉଠେ । ଏହିପରି ବିଧିବିଧାନରେ ଇଷ୍ଟଦେବଙ୍କୁ ବିରାଜମାନ କରାଇବାପରେ ସୁଯୋଗ୍ୟ କରଣୀ ବ୍ରାହ୍ମଣ ଗାୟକଙ୍କ ଦ୍ୱାରା ପୁରାଣ ପାଠ ହୁଏ । ସନ୍ଧ୍ୟା ପ୍ରହରଟି ବିଶେଷ ଯାଜସମକ ହୋଇଥାଏ । ବହୁ ଜନସମାଗମ ହୁଏ । ଗାୟକଙ୍କ ସଙ୍ଗରେ ତୁହା ବା ପାଳି ଧରିବାରେ ସହଯୋଗ କରନ୍ତି ସ୍ଥାନୀୟ ବାଦ୍ୟସଙ୍ଗୀତ ପ୍ରବୀଣ ପ୍ରସିଦ୍ଧ କଳାକାରଗଣ । ସ୍ଥଳବିଶେଷରେ ଗାୟକଙ୍କ ତୁହା ଉପରେ ବିଭିନ୍ନ କଳାକାରଗୋଷ୍ଠୀ ମଧ୍ୟରେ ବାଦାନୁବାଦପୂର୍ଣ୍ଣ ସରଗରମ ବାଦ୍ୟ ସଙ୍ଗୀତ ଚର୍ଚ୍ଚା ଚାଲେ । କେବେକେବେ ଏପରି ଘଟଣା କୌତୂହଳପୂର୍ଣ୍ଣ ହେଉଥିଲେ ମଧ୍ୟ କେତେବେଳେ ଅତି ଅଶୋଭନୀୟ ପରିସ୍ଥିତି ଅବତ୍ର ଘଟି କରି ଯାଏ । ପରେ ଅବଶ୍ୟ ବିବାଦମାନ ପକ୍ଷଙ୍କର ସୌଜନ୍ୟରୁ ଏହାର ସମାଧାନ ହୋଇଯାଏ । ଏହିପରି ଭାବେ ପୁରାଣପାଠ ଓ ସଙ୍ଗୀତଚର୍ଚ୍ଚା ମଧ୍ୟରାତ୍ର ଯାଏ ଲାଗିଥାଏ ।

ସପ୍ତାର ଚତୁର୍ଥ ଦିବସରେ ଅଷ୍ଟମସ୍କନ୍ଧ ପାରାୟଣରେ ପଡ଼େ 'ବଳିଦାନ' ଆଖ୍ୟାନ ।

ତତ୍‌ପଲକ୍ଷେ ଏକ ସ୍ୱତନ୍ତ୍ର ଆଡ଼ମ୍ବର କରାଯାଇଥାଏ । ସେଦିନ ଶ୍ରୋତାମାନଙ୍କ ପକ୍ଷରୁ ଏବଂ ଗ୍ରାମର ଅନ୍ୟାନ୍ୟ ସଙ୍ଗତିସମ୍ପନ୍ନ ସର୍ବସାଧାରଣଙ୍କ ପକ୍ଷରୁ ବ୍ରାହ୍ମଣଙ୍କୁ ଫଳ ତଣ୍ଡୁଳ ନବବସ୍ତ୍ରାଦି ଦାନ କରାଯାଏ ଏବଂ ଯଥାଶକ୍ତି ଦକ୍ଷିଣା ମଧ୍ୟ ଦିଆଯାଏ । ସ୍ପଷ୍ଟତଃ ଏପରି ବ୍ୟବସ୍ଥା ବଳୀ ରାଜାଙ୍କର ଦାନମାହାତ୍ମ୍ୟ ଉପରେ ଏକ ଛାୟାପାତ ।

ସ୍ଥଳବିଶେଷରେ, ଯଦିଓ ସେପରି ବ୍ୟବସ୍ଥା ଥାଏ, ପାଲା ନାଟକାଦି ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟରାତ୍ରଠାରୁ ରାତି ପାହିବାଯାଏ ଚାଲିଥାଏ । ପରଦିନ ସକାଳୁ, ବେଳ ଦୁଇ ତିନି ଘଡ଼ି ସରିକି ଶ୍ରୋତା ବକ୍ତାମାନେ ସ୍ନାନ ଶୌଚାଦି ନିତ୍ୟକର୍ମ ସାରି ଯଥା ସମୟରେ ସପ୍ତା ଗୃହରେ ଉପସ୍ଥିତ ହୋଇଯାଆନ୍ତି । ପ୍ରସ୍ତୁତ ପୂଜକ ଯଥାବିଧି ଆହ୍ନିକ, ଦେବାର୍ଚ୍ଚନ, ବାଲ୍ୟ-ଧୂପ ନୈବେଦ୍ୟାଦି ସମାପନ କରି ଉପସ୍ଥିତ ଭକ୍ତମାନଙ୍କ ମଧ୍ୟରେ ପାଦୋଦକ ତରଣ-ତୁଳସୀ ବିତରଣ କରିଥାନ୍ତି । ଏହାକୁ ପାଇବାପାଇଁ ଲୋଲୁପ ଭକ୍ତ ବହୁ ଆଶାୟୀ ହୋଇ ରହିଥାଏ ଏବଂ ପାଇବାମାତ୍ରେ ନିଜକୁ ଧନ୍ୟ ମନେକରେ । ଗାୟକଙ୍କ କଣ୍ଠରୁ, "ନାରାୟଣଂ ନମସ୍କୃତ୍ୟଂ...." ଇତ୍ୟାଦି ମଙ୍ଗଳାଚରଣ ଶ୍ଳୋକ ନିର୍ଗତ ହେବା ସଙ୍ଗେ ସଙ୍ଗେ ହରିବୋଲ, ହୁଳହୁଳି ଧ୍ୱନିରେ ସପ୍ତା ମଣ୍ଡପ ଉଚ୍ଛୁଳି ଉଠେ । ଶଙ୍ଖଶଙ୍ଖ ମଧ୍ୟ ବାଜି ଉଠେ । ଯେଉଁ ମହିମାମୟ ନାରାୟଣଙ୍କ କୃପାରୁ ମୂକ ବାଗ୍ମୀ ହୁଏ ଏବଂ ପଙ୍ଗୁ ଗିରି ଲଙ୍ଘିବାକୁ ସମର୍ଥ ହୋଇଥାଏ ତାଙ୍କୁ ସ୍ମରଣ ବନ୍ଦନ କରି ଭାଗବତ ଅଧ୍ୟାୟ ପାରାୟଣ ଆରମ୍ଭ କରାଯାଏ । ଭକ୍ତିବିଭୋର ଭକ୍ତ ମନୋନିବେଶ ପୂର୍ବକ କର୍ଣ୍ଣ ରସାୟନ ମକରନ୍ଦ-କଳ୍ପ ଭାଗବତ ବାଣୀକୁ ପ୍ରାଣପୂରକରେ ଆକଣ୍ଠ ପାନ କରୁଥାଏ । ମଧ୍ୟେ ମଧ୍ୟେ କେତେକ ପଦର ଗୂଢ଼ ଅର୍ଥ ଅର୍ଥାନ୍ତର ଉପରେ ଆଲୋଚନା ମଧ୍ୟ ଚାଲେ ।

ସାତଦିନ ଧରି ଏହିପରି ଆଧ୍ୟାତ୍ମିକ ଚର୍ଚ୍ଚା ଚାଲିବା ପରେ ସଙ୍କଳ୍ପ ପୁରଶ୍ଚରଣ କରି ପୁରାଣ ବନ୍ଦାଯାଏ । ଜ୍ଞାତ ବା ଅଜ୍ଞାତ ସାରରେ ପୁରାଣ ପାଠରେ କାଳେ କୌଣସି ଭୁଲ୍ ଭ୍ରାନ୍ତି ଜନିତ ତ୍ରୁଟି ଘଟିଥିବ, ସେଥିପାଇଁ ପୁରାଣ ବକ୍ତା ଯୋଡ଼ହସ୍ତ ହୋଇ ସିଂହାସନରେ ବିରାଜମାନ ଇଷ୍ଟଦେବଙ୍କୁ ସାକ୍ଷୀରଖି ବିନୀତ ପ୍ରାର୍ଥନା କରେ—

"ଭୀମସ୍ୟାପି ରଣେ ଭଙ୍ଗୋ
ମୁନେରପି ମତିଭ୍ରମ
ଯଦି ଶୁଦ୍ଧମଶୁଦ୍ଧଂ ବା
ମମ ଦୋଷଂ ନ ବିଦ୍ୟତେ

ତାପରେ ପୋଥିରେ ଡୋର ବନ୍ଧା ହୋଇ ବ୍ୟାସାସନରେ ସ୍ଥାପିତ ହୁଏ । ନାମ ସଂକୀର୍ତ୍ତନ ପ୍ରସାଦସେବନାଦି ପରେ ସପ୍ତାହବ୍ୟାପୀ 'ସପ୍ତା' ମହୋତ୍ସବ ସାଙ୍ଗହୁଏ ।

ଆମ ଲୋକସଂସ୍କୃତିରେ ସପ୍ତା ପରି ସର୍ବସାଧାରଣ—ମନପ୍ରାଣକୁ ଛୁଇଁଲାଭଳି ଶିକ୍ଷାମୂଳକ ଅନ୍ୟ ଅନୁଷ୍ଠାନ ବିରଳ । ସାଧାରଣ ଶିକ୍ଷାପ୍ରାପ୍ତ ବା ଅଶିକ୍ଷିତଙ୍କ ପାଇଁ 'ସପ୍ତା' ଏକ ବଳିଷ୍ଠ ଆଧ୍ୟାତ୍ମିକ-ଚେତନାଉଦ୍ରେକକାରୀ ମାଧ୍ୟମ । କଥା କଥାକେ ଅବୁଝା ଲୋକକୁ ବୁଝାଇବା ପାଇଁ ଘଟଣାକୁ ଖାପ ଖାଇଲାଭଳି ଭାଗବତ ବାଣୀର ଉଦ୍ଧୃତି ଜନମାନସ ଉପରେ ବେଶ୍ ପ୍ରଭାବ ପକାଇଥାଏ । କର୍ମବିମୁଖ, ଧର୍ମବିମୁଖ, ସଂସାରବିମୁଖ ବ୍ୟକ୍ତିବିଶେଷଙ୍କ ପାଇଁ ଏହା ନିବାରଣ ମୂଳକ ତଥା ଉତ୍ସାହପ୍ରଦ ପାଚନ ପରି କାର୍ଯ୍ୟ କରିଥାଏ । ଜଡ଼ବିଜ୍ଞାନ ପ୍ରଭାବାନ୍ୱିତ ସର୍ବଗ୍ରାସୀ କାଳର କରାଳ କବଳରେ ପଡ଼ି ଆମର ସମୃଦ୍ଧ ଏହି ଲୋକସଂସ୍କୃତି ଧ୍ୱଂସ ପାଇ ନଯାଉ, ଏହା ସମସ୍ତଙ୍କର ଧ୍ୟେୟ ହେବା ଉଚିତ ।

କ୍ୱାଟର ନଂ ୪-ଆର—୨୮୩
ସହୀଦନଗର, ଭୁବନେଶ୍ୱର-୧

## ବଲାଙ୍ଗିର ବିଦ୍ୟୁତ୍ ସର୍କଲରେ ଗ୍ରାମ୍ୟ ବିଦ୍ୟୁତ୍‌କରଣର ଅଗ୍ରଗତି

ବଲାଙ୍ଗିର ବିଦ୍ୟୁତ୍ ସର୍କଲ ଅନ୍ତର୍ଗତ ସମ୍ବଲପୁର ଓ ବଲାଙ୍ଗିର ଜିଲ୍ଲା ଏବଂ କଳାହାଣ୍ଡି ଜିଲ୍ଲାର ନୂଆପଡ଼ା ଓ ଖଡ଼ିଆଳ ଅଞ୍ଚଳରେ ଆଜି ସୁଦ୍ଧା ସମୁଦାୟ ୨,୩୫୪ଟି ଗ୍ରାମକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଗଲାଣି । ଏଗୁଡ଼ିକ ମଧ୍ୟରେ ୧୮୧ଟି ପଡ଼ା ଗ୍ରାମ ଅନ୍ତର୍ଭୁକ୍ତ । ସମ୍ବଲପୁର ଜିଲ୍ଲାରେ ସର୍ବାଧିକ ୧,୩୬୫ଟି ଗ୍ରାମ ବିଦ୍ୟୁତ୍ କରଣ ହୋଇଥିବା ସ୍ଥଳେ ବଲାଙ୍ଗିର ଜିଲ୍ଲାରେ ୮୪୮ଟି ଏବଂ କଳାହାଣ୍ଡି ଜିଲ୍ଲାରେ ୧୪୧ଟି ଗ୍ରାମ ବିଦ୍ୟୁତ୍‌କରଣ ହୋଇଛି । ଗତ ଆର୍ଥିକ ବର୍ଷ ମଧ୍ୟରେ ଏହି ଜିଲ୍ଲା ଗୁଡ଼ିକରେ ବିଦ୍ୟୁତ୍‌କରଣ ହୋଇଥିବା ୨୮୨ଟି ଗ୍ରାମ ତନ୍ମଧ୍ୟରେ ଅନ୍ତର୍ଭୁକ୍ତ ।

ଫଳରେ ଗତ ମାର୍ଚ୍ଚ ମାସ ଶେଷ ସୁଦ୍ଧା ସମ୍ବଲପୁର ଜିଲ୍ଲାରେ ସମୁଦାୟ ଗ୍ରାମର ଶତକଡ଼ା ୩୫·୭୫ ଭାଗ ଏବଂ ବଲାଙ୍ଗିର ଜିଲ୍ଲାରେ ୩୩·୬୧ ଭାଗ ଗ୍ରାମକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆ ଗଲାଣି । ଏହା ବ୍ୟତୀତ ସମ୍ବଲପୁରରେ ଥିବା ୨୯ଟି ବ୍ଲକ ହେଡ଼ କ୍ୱାଟର ମଧ୍ୟରୁ ୨୫ଟି ହେଡ଼ କ୍ୱାଟରକୁ ଏବଂ ବଲାଙ୍ଗିରର ୨୦ଟି ବ୍ଲକ ହେଡ଼କ୍ୱାଟର ମଧ୍ୟରୁ ୧୮ଟି ହେଡ଼କ୍ୱାଟରକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯାଇଛି ।

ଏହା ବ୍ୟତୀତ ଗ୍ରାମ୍ୟ ବିଦ୍ୟୁତ୍‌କରଣ କର୍ପୋରେସନଙ୍କ ଆର୍ଥିକ ସହାୟତାରେ ସମ୍ବଲପୁର ଜିଲ୍ଲାରେ ୧୧ଟି ଯୋଜନା ଏବଂ ବଲାଙ୍ଗିର ଜିଲ୍ଲାରେ ୧୦ଟି ଯୋଜନା କାର୍ଯ୍ୟକାରୀ ହେଉଛି । ଏହି ଯୋଜନା ଅନୁଯାୟୀ ଗତ ମାର୍ଚ୍ଚମାସ ଶେଷ ସୁଦ୍ଧା ସମ୍ବଲପୁର ଜିଲ୍ଲାର ୬୪୨ଟି ଗ୍ରାମ ଓ ବଲାଙ୍ଗିର ଜିଲ୍ଲାର ୭୬୨ଟି ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି ।

# ତ୍ରାଣକର୍ତ୍ତା-ନା-ସବହର୍ତ୍ତା

( ପୁରାଣ କଥା )

ଶ୍ରୀ ଚକିଳାସ ଚନ୍ଦ୍ର ମିଶ୍ର

କୌରବ ଓ ପାଣ୍ଡବମାନଙ୍କର ଆଖଡ଼ା ସମ୍ମୁଖରେ ଦଣ୍ଡାୟମାନ ଏକ ଶବର ଯୁବକ । ବଳିଷ୍ଠ ଅବୟବ , ଦେହର ବର୍ଣ୍ଣ କୃଷ୍ଣ, ମୁଣ୍ଡର କେଶପୁଞ୍ଜ ପୃଷ୍ଠଦେଶକୁ ବିଲମ୍ବିତ । ବାମ ସ୍କନ୍ଧରେ ଧାମଣା କାଷ୍ଠର ଧନୁ, ଦକ୍ଷିଣ ହସ୍ତରେ କୁଠାର, ଗ୍ରୀବା ଦେଶରେ କାଉଁଚ ମାଳି, ମନରେ ଅପୂର୍ବ ସାହସ ଓ ଉତ୍ସାହର ଚିହ୍ନ ସୁସ୍ପଷ୍ଟ । ଉଦ୍ଦେଶ୍ୟ କାହାର ପ୍ରତୀକ୍ଷା ।

ହଠାତ୍ ଧର୍ମରାଜ ଯୁଧିଷ୍ଠିର ପ୍ରବେଶ କଲେ । ପ୍ରଶ୍ନ ପଚାରିବାରୁ ଯୁବକ ଉତ୍ତର ଦେଇ ଦ୍ରୋଣ ଗୁରୁଙ୍କଠାରୁ ଅସ୍ତ୍ର ଶିକ୍ଷା କରି ମହାଯୋଦ୍ଧା ହେବ । ଯୁଧିଷ୍ଠିର ଯୁବକର ଉଦ୍ଦେଶ୍ୟକୁ ପସନ୍ଦ କଲେ । ଭାବିଲେ ଏପରି ଜଣେ ଅସ୍ତ୍ରବେତ୍ତା ବନ ରାଜ୍ୟ ପାଇଁ ଆବଶ୍ୟକ । ଅତଏବ ସେ ଅସ୍ତ୍ର ଶିକ୍ଷା କରୁ । ଅର୍ଜୁନ ମଧ୍ୟ ଜ୍ୟେଷ୍ଠ ଭ୍ରାତାଙ୍କ ସହିତ ଏକମତ ହେଲେ ।

ଏପରି ସମୟରେ ପ୍ରବେଶ କଲେ ଦୁର୍ଯ୍ୟୋଧନ । ପ୍ରସ୍ତାବ ତାଙ୍କ ମନକୁ ପାଇଲା ନାହିଁ ।

ନୀଚ ଘୃଣ୍ୟ ଶବର ଯୁବକ
କରିବ ସମର ଶିକ୍ଷା
ଶସ୍ତ୍ରବେତ୍ତା ଦ୍ରୋଣାଚାର୍ଯ୍ୟ ଠାରୁ ?
ଅସମ୍ଭବ, ଅସମ୍ଭବ ଏପରି କଳ୍ପନା ।

ଭାରତ ସମ୍ରାଟ ପୁତ୍ର ଶିକ୍ଷାଗୁରୁ ଯେଉଁ
    ଦେଇ ନ ପାରିବେ ଶିକ୍ଷା
ନୀଚ୍ଚାଦପି ନୀଚ ଘୃଣ୍ୟ ଶବର ଯୁବକ
ସମ୍ରାଟ—ଶବର କାହିଁ ହେବେ ସମସ୍କନ୍ଧ ।
ନା—ନା—ନା—

ଆଦେଶ ଦେଲେ ଆଜ୍ଞାବହ ଅନୁଜ ଦୁଃଶାସନକୁ ।

ଗଳାଧକା ଦେଇ ଯାକୁ ପଠାଅ ସ୍ୱଗୃହେ
ଆସ୍ପର୍ଦ୍ଧାର ଫଳ ଭୋଗୁ ମୂର୍ଖ ବନ୍ୟ ଜୀବ ।
    କରୁ ସେ ହୃଦବୋଧ—
ବାମନ ନ ପାରେ ସ୍ପର୍ଶି ଆକାଶ ଚନ୍ଦ୍ରମା ।

ଆଜ୍ଞାବହ ଅନୁଜ ଦୁଃଶାସନ ଅଗ୍ରଜଙ୍କ ଆଜ୍ଞା ଅକ୍ଷରେ ଅକ୍ଷରେ ପାଳନ କଲେ । ଅଶେଷ ଅପମାନ ଓ ଲାଞ୍ଛନା ଦେଇ ଗଳାଧକ୍କା ସହ ଯୁବକକୁ ବହୁ ଦୂରରେ ଛାଡ଼ିଲେ । ଆଶ୍ଚର୍ଯ୍ୟର କଥା ଯୁବକ ଅସ୍ତ୍ରଶିକ୍ଷା ପାଇଁ ଏତେ ଅଙ୍ଗୀକୃତ ଥିଲେ ଯେ ଏମାନଙ୍କର ଦୁର୍ବ୍ୟବହାର ପ୍ରତି ଭ୍ରୂକ୍ଷେପ ନ କରି ନିଜର ଶବର ପଲ୍ଲୀକୁ ଗମନ କଲେ । ମନରେ ଏକନିଷ୍ଠ ଭାବ ଯେ କୌଣସି ଉପାୟରେ ଅସ୍ତ୍ରଶିକ୍ଷା କରିବେ—ଦ୍ରୋଣଗୁରୁଙ୍କ ଠାରୁ । ସୃଷ୍ଟିର ସମସ୍ତ ଶକ୍ତି ଏକତ୍ରିତ ହେଲେ ମଧ୍ୟ ଏହି ଲକ୍ଷ୍ୟରୁ ତାଙ୍କୁ ବିଚ୍ୟୁତ କରି ପାରିବେ ନାହିଁ । ଛୋଟ ଜାତିରେ ଜନ୍ମହେଲେ କଅଣ ହେଲା, ପ୍ରତିଜ୍ଞା ବଡ଼ ଦୃଢ଼ !

ନିଜ ପଲ୍ଲୀକୁ ଯାଇ ସେହି ସ୍ଥାନରୁ ହସ୍ତିନା ପର୍ଯ୍ୟନ୍ତ ଜଙ୍ଗଲ କାଟି ଗୋଟିଏ ରାସ୍ତା ତିଆରି କଲେ ଯେପରି ସେହି ସ୍ଥାନରୁ ଦ୍ରୋଣାଚାର୍ଯ୍ୟଙ୍କର ସମସ୍ତ ଗତି ଠାଣି ଇତ୍ୟାଦି ଦେଖି ପାରିବେ ନିଜେ ସେହିପରି ଗତି ଠାଣି କରି ଅସ୍ତ୍ର ପ୍ରୟୋଗ କରିବେ ।

ନିଜର ସ୍ତ୍ରୀ କହିଲେ—
ରେ ଅଧମ ଜାତି
ଗୁରୁ ବିନେ କିଏ କାହିଁ
ଶିଖିଅଛି ବିଦ୍ୟା ?
ଗୁରୁ ବିନା ବିଦ୍ୟା ଶିକ୍ଷା ନୁହଇ ସମ୍ଭବ ।

ଏଣୁ ସ୍ଥାପନା କଲେ ମୃତ୍ତିକା ନିର୍ମିତ ଦ୍ରୋଣ । ପୁଷ୍ପ ଆଭରଣ ଲଗାଇଲେ ଗୁରୁଙ୍କ କଳ୍ପିତ ମୂର୍ତ୍ତିରେ । ସାଷ୍ଟାଙ୍ଗ ପ୍ରଣିପାତ କରି ଅସ୍ତ୍ରଶିକ୍ଷା ଆରମ୍ଭ କଲେ ।

କେତେଦିନ ପରେ ଦିନେ ଦ୍ରୋଣାଚାର୍ଯ୍ୟ ନିଜର ଶିଷ୍ୟମାନଙ୍କୁ ଡକାଇ ଗୁରୁ-ପତ୍ନୀଙ୍କ ଶ୍ରାଦ୍ଧ ନିମିତ୍ତ ଗଣ୍ଡା ମାଂସ ଆଣିବାକୁ ଆଦେଶ ଦେଲେ । କିଏ କେଉଁ ଆଡ଼େ ଗଲେ । ଦୁର୍ଯ୍ୟୋଧନ ଭାଇମାନଙ୍କୁ ଧରି ଅରଣ୍ୟ ଭିତରେ ଯାଇ ନଦୀ ତଟରେ ଗଣ୍ଡା ଆଗମନକୁ ଅପେକ୍ଷା କଲେ ।

ଦୈବ ଯୋଗେ ଶ୍ରୀୟା ଶବରୁଣୀ
ଆସିଲା ନେବାକୁ ଜଳ
ସେହି ନଦୀ କୂଳେ ।

ସୁନ୍ଦରୀ ଶବରୀ, ଅତି ରୂପବତୀ
ଶ୍ୟାମାଙ୍ଗୀ ହାଣେ ଅପାଙ୍ଗେ ଯୁବକ ହୃଦୟ
ଦେଖି ତାରେ ଭାଇମାନେ ହେଲେ ଅସାଷ୍ଟାମ
ହାରି ଦେଲେ ସ୍ଥାନ କାଳ ପାତ୍ରର ବିଚାର
ଭୁଲିଗଲେ, ସେମାନେ ନରେଶ
ନାରୀଙ୍କ ସତୀତ୍ୱ ରକ୍ଷା କର୍ତ୍ତବ୍ୟ ତାଙ୍କର ।

ପରନ୍ତୁ

ହୋଇକରି କାମେ ଅସାଷ୍ଟମ
ନିର୍ଲଜ ଭାବରେ ଯାଇ କହିଲେ ବାଳିକି
ରେ ରୂପସୀ—
ମାନ ଚକ୍ରବର୍ତ୍ତୀ ଅଙ୍କ ଭୋଗ ଯୋଗ୍ୟା ତୁହି
ବନର ମାଳତୀ ପରି
କାହିଁକି କାଟୁଛୁ କାଳ
କେହି ଏକ ଅପଗଣ୍ଡ ଶବର ସଙ୍ଗତେ ।

ହୋଇପାରେ ଶ୍ରୀୟା ନୀଚ, ଘୃଣ୍ୟ ଶବର ବାଳିକା । କିନ୍ତୁ ଏକାନ୍ତରେ ପତିବ୍ରତା ସାଧ୍ୱୀ ଶିରୋମଣି । ବିବାହିତ ପତି ଭିନ୍ନ ନାହିଁ ଅନ୍ୟ ଗତି । ପତି ତାର ପରମ ଦେବତା । କି ଭଲ ତାହାର ଏହି କୁଳାଙ୍ଗାର ରାଜପୁତ୍ର ସଙ୍ଗେ ? ଯହୁଁ ବେଳକୁ ବେଳ ଏମାନେ ତା ଉପରେ ଧର୍ଷଣ ପ୍ରୟାସୀ ହେଲେ—

ଡିକଲେ ଡାକିଲା ବାଳୀ ରଖ ଜୀବେଶ୍ୱର
ଏ ଦୁଷ୍ଟ କବଳୁ
ଅଚିରେ ଉଦ୍ଧର ସ୍ୱାମୀ
ଶ୍ରୀୟାକୁ ତୁମର ।

ଶୁଣିଲା ଶବର ନିଜ ପ୍ରେୟସୀର ଡାକ । ନିମିଷକେ ପ୍ରବେଶିଲା ଆସି ନଦୀକୂଳେ । ବାମସ୍କନ୍ଧେ ଧନୁତୀର । ଦକ୍ଷ ହସ୍ତେ ଧରିଛି କୁଠାର । ମୂର୍ତ୍ତି ଅତି ବିକଟାଳ ମନେହୁଏ- ପରାକ୍ରମ ଅତ୍ୟନ୍ତ ଦୁର୍ଦ୍ଧର୍ଷ । ଇଚ୍ଛା କଲେ, ନିମିଷକେ ତିନିପୁର ହେବ ପଦାନତ ।

ଉଭୟଙ୍କର ମଧ୍ୟରେ ପ୍ରବର୍ତ୍ତିଲା ଉଚ୍ଚ ବାଚ୍ଚ । ଶେଷେ ହେଲା ଯୁଦ୍ଧ । ପେଶିଲା ଶବର—ପ୍ରତ୍ୟେକ ଯୁବକ ଏକଶତ ଏକଶର ଲକ୍ଷ୍ୟ କରି ବକ୍ଷ ମଧ୍ୟ ସ୍ଥଳେ । ନିମିଷେ ପଡ଼ିଲେ ତଳି ଶହେ ଯାକ ଭାଇ ହୃଦୟରୁ ହାରିଦେଲେ ପ୍ରାଣ ।

ବୀର ଦର୍ପେ ନିଜ ଗୃହେ ଫେରିଲା ଶବର
ମତଗର୍ବେ ନେଇ ସଙ୍ଗେ ପ୍ରିୟାକୁ ନିଜର ।
ହୋଇଲେ ହେଁ ବନ୍ୟଜୀବ ନୀଚ ଓ ଅସଭ୍ୟ
ଶହେ ବୀର ରାଜପୁତେ
ନିମିଷକେ କରିଛି ସଂହାର ।

କୌରବମାନଙ୍କର ଫେରିବା ଡେରି ହେବାରୁ ଦ୍ରୋଣ ଚିନ୍ତିତ ହେଲେ । ଏଣୁ ସାଙ୍ଗରେ କର୍ଣ୍ଣ ଓ ଅର୍ଜୁନଙ୍କୁ ନେଇ ସେମାନଙ୍କର ଅନ୍ୱେଷଣରେ ଯାଇ ନଦୀକୂଳରେ ସେମାନଙ୍କର ମୃତ ଶରୀର ଦେଖି ଆଚମ୍ବିତ ହେଲେ । ଆହୁରି ଆଶ୍ଚର୍ଯ୍ୟ ହେଲେ :

କିଏ ଏହି ମହା ଧନୁର୍ଦ୍ଧର
ପର୍ଶୁରାମ ଶସ୍ତ୍ର ରୀତି କରିଛି ପ୍ରୟୋଗ ।

ଆଦେଶ ଦେଲେ ଅର୍ଜୁନଙ୍କୁ ଯାଇ ସେହି ମହାବୀରର ଅନ୍ୱେଷଣ କରିବାକୁ । ଅର୍ଜୁନ ବୁଲି ବୁଲି ଯାଇ ଶବର ପଲ୍ଲୀରେ ପ୍ରବେଶ କଲେ । ଅର୍ଜୁନଙ୍କୁ ଦେଖି ଶବର ଅତି କ୍ରୋଧାନ୍ୱିତ ହେଲା । ଅର୍ଜୁନ ଯେତେବେଳେ ଶବରକୁ ନିଜର ଭାଇମାନଙ୍କୁ କାହିଁକି ମାରିଲୁ ବୋଲି ପ୍ରଶ୍ନ କଲେ, ଶବର ଅଧିକ କ୍ରୁଦ୍ଧ ହୋଇ ଶର ପ୍ରୟୋଗ କଲା । ଅର୍ଜୁନ ମଧ୍ୟ ଶବର ଶରର ଉପଯୁକ୍ତ ପ୍ରତ୍ୟସ୍ତ କଲେ ।

ଦିହେଁ ଦିହେଁ ସରିସମ
କେ ନୁହଇ ଊଣା
ବ୍ୟାପିଲା ମହାସମର
ଶସ୍ତ୍ର ପରି ତାଳ ଶବ୍ଦେ
ଦିଗଙ୍ଗନା ହେଲେ ବିଚଳିତ
ପୃଥ୍ୱୀ ହେଲା ଥରହର
ବେଳୁ ବେଳ ବଢ଼ିଲା ସମର ॥

ଏହି ଶସ୍ତ୍ର ଶବ୍ଦ ଶୁଣି ଦ୍ରୋଣାଚାର୍ଯ୍ୟ ବିଚଳିତ ହେଲେ । ସାଙ୍ଗରେ କର୍ଣ୍ଣଙ୍କୁ ଧରି ଶବ୍ଦ ଅନୁସରଣ କରି ଘଟଣାସ୍ଥଳରେ ପ୍ରବେଶ କଲେ । ଦେଖିଲେ ଏହି ପ୍ରଳୟଙ୍କରୀ ଯୁଦ୍ଧ । ଅର୍ଜୁନଙ୍କର ପରାକ୍ରମ ସିନା ଜାଣିଥିଲେ କିନ୍ତୁ ଗୋଟିଏ ଶବର ଯୁବକର ଏତାଦୃଶ ପରାକ୍ରମ ଦେଖି ଆଶ୍ଚର୍ଯ୍ୟ ହେଲେ । ବିଶେଷ ଭାବେ ଆଶ୍ଚର୍ଯ୍ୟ ହେଲେ ଯେ ତାଙ୍କର ବିଦ୍ୟା ଯାହା ସେ ପର୍ଶୁରାମଙ୍କଠାରୁ ଶିକ୍ଷାକରି ଥିଲେ ତାହା ଏହି ଶବର ଜାଣିଲା କିପରି । ଅର୍ଜୁନଙ୍କୁ ସିନା ସେ ଶିକ୍ଷା ଦେଇଥିଲେ । ଏଣୁ ନିକଟକୁ ଯାଇଁ ଯୁଦ୍ଧ ବନ୍ଦ କରିବାକୁ ଇସାରା ଦେଲେ । ଶବରକୁ ପ୍ରଶ୍ନ କଲେ "ବାବୁ କିଏ ତୋର ଗୁରୁ ? କାହାଠାରୁ ଏହି ବିଦ୍ୟା କରିଲୁ ତୁ ଶିକ୍ଷା ?" ଉତ୍ତରିଲା ଯୁବା—

ଦ୍ରୋଣାଚାର୍ଯ୍ୟ ମୋ ପରମ ଗୁରୁ
ତାଙ୍କଠାରୁ କରିଛି ମୁଁ ସବୁ ଅସ୍ତ୍ର ଶିକ୍ଷା
ଦ୍ରୋଣାଚାର୍ଯ୍ୟ———ଅସମ୍ଭବ
ଅସମ୍ଭବ ସମ ଅସମ୍ଭବ ।
ପଚାରିଲେ ଦ୍ରୋଣାଚାର୍ଯ୍ୟ——
ଦେଖିଛୁକି ଗୁରୁଙ୍କୁ ତୋହର ?

ସେ ସୌଭାଗ୍ୟ ଘଟିନି ଜୀବନେ
ତେବେ,
କଳ୍ପନା କରିଛି ମୁହିଁ ଗୁରୁଙ୍କର ମୂର୍ତ୍ତି
ସେହି ମୃଣ୍ମୟ ମୂର୍ତ୍ତିକୁ
କରେ ନିତି ପୂଜା—

ସେ ମୂର୍ତ୍ତିକୁ ଦେଖିବା ଇଚ୍ଛା ହେଲା । କୁଟୀର ଅଭ୍ୟନ୍ତରକୁ ଯାଇ ଦେଖିଲେ ବିରାଟ ମୃତ୍ତିକାରେ ଗୁରୁଙ୍କର ଆକାର ଶରୀରରେ ବହୁ ପ୍ରକାର ପୁଷ୍ପ ଆଭରଣ । ଅତି ପ୍ରୀତ ହୋଇ କହିଲେ ଆଚାର୍ଯ୍ୟ–

ମୁହିଁ ସେହି ଗୁରୁ ଦ୍ରୋଣ ଉଭା ତୋ ସମ୍ମୁଖେ । ହତବାକ୍ ହେଲା ଯୁବକ–କିନ୍ତୁ ପର ମୁହୂର୍ତ୍ତରେ ଭାବିଲା, ଯେପରି ହେଲା ସାର୍ଥକ ସତେ କୋଟି ଜନ୍ମ ।

ହସ୍ତିନା ପର୍ଯ୍ୟନ୍ତ ଯାଇ
ପାଇ ପାରି ନଥିଲା ଯେ ଗୁରୁଙ୍କ ଦର୍ଶନ ।
ସେହି ଗୁରୁ ଉଭା ସମ୍ମୁଖରେ,

ବିଧିର କି ମହା ଅନୁକମ୍ପା । ସାଷ୍ଟାଙ୍ଗ ପ୍ରଣିପାତ କଲା, ପଦଧୂଳି ନେଇ ଶିରରେ ଗ୍ରହଣ କଲା । ଦ୍ରୋଣାଚାର୍ଯ୍ୟ ଆଗ୍ରହରେ ଆଲିଙ୍ଗନ କଲେ । କହିଲେ–

ତୋର ଶିକ୍ଷା ହୋଇଛି ସାର୍ଥକ
ଏକ ଲବେ ଶହେ ଭ୍ରାତା କଲୁ ତୁହି ଜୟ
ଏକଲବ୍ୟ ନାମେ ଖ୍ୟାତ ହୁଅ ଯୁଗେ ଯୁଗେ
କିନ୍ତୁ ବାପ, ଶିକ୍ଷା ତୋର ହୋଇଛି ସମାପ୍ତ ।
ନ ଦେବୁ କି ମୋ ଗୁରୁ ଦକ୍ଷିଣା ?

ଏଠି ଆଚାର୍ଯ୍ୟ ମନରେ କପଟ ପାଞ୍ଚିଲେ । ଭାବିଲେ ଏକଲବ୍ୟ ପରି ଯୋଦ୍ଧା ରହିଲେ ତାଙ୍କର ଶିକ୍ଷାର୍ଥୀ ମାନଙ୍କର ମହତ୍ତ୍ୱ ରହିବ ନାହିଁ । ବିଶେଷ କରି ଅର୍ଜ୍ଜୁନଙ୍କୁ ସେ ଯେପରି ଗଢ଼ିବା ପାଇଁ ମନସ୍ଥ କରିଛନ୍ତି ତାହା ସମ୍ଭବ ହେବ ନାହିଁ ।

କିନ୍ତୁ ଶବର ଯୁବକ–
ପାରିଲାନି ବୁଝି,
ଗୁରୁଙ୍କର କୁଟ ଅଭିସନ୍ଧି ।
କହିଲା ସହାସ୍ୟେ
ଦେବାକୁ ପ୍ରସ୍ତୁତ ସେହୁ
ଗୁରୁଙ୍କ ଦକ୍ଷିଣା ।

ଏହି ଅବସରରେ ଗୁରୁ ଦ୍ରୋଣାଚାର୍ଯ୍ୟ ମାଗିନେଲେ ବାମହସ୍ତ ବୃଦ୍ଧାଙ୍ଗୁଷ୍ଠ ତାର–.......... . ଭାଗ୍ୟତାର କି ବିଚିତ୍ର ବିଡ଼ମ୍ବନା ।

କିନ୍ତୁ ଏକଲବ୍ୟ
ଏକ ଲକ୍ଷ୍ୟ ତାର
ଗୁରୁ ତାର ବ୍ରହ୍ମା
ଗୁରୁ ବିଷ୍ଣୁ ତାର
ଗୁରୁ ହର୍ତ୍ତା ଗୁରୁ କର୍ତ୍ତା
ଏଣୁ ଅନାୟାସେ ସହାସ୍ୟ ବଦନେ
ବୃଦ୍ଧାଙ୍ଗୁଷ୍ଠି କାଟି
ନିବେଦିଲା ଗୁରୁ ଶ୍ରୀପଦରେ
କହିଲା ସହାସ୍ୟେ
ସତେ ଗୁରୁ ତୁମେ
ଏତିକି କପଟ କଲ
ଏ ସରଳ ବନଚର
ଶବର ଯୁବକେ ?
ଏ ଶିକ୍ଷିତ, ସଭ୍ୟ ଜାତି କରାଳ କବଳୁ
ସତେ ଅବା ନାହିଁ ତ୍ରାହି
ମୋହ ସମ ବନ୍ୟଚର ଜାତି ମାନଙ୍କର ?
ଭାବିଥିଲି ତ୍ରାଣକର୍ତ୍ତା ଯାରେ
ଦେଖୁଛି ସେ ହେଲେ ଆଜି
ସର୍ବ ହର୍ତ୍ତା ମୋର ।

## ଧଉଳି ଅଞ୍ଚଳର ପରିଚାଳନା ଭୁବନେଶ୍ୱର ଆଞ୍ଚଳିକ ଉନ୍ନୟନ ସଂସ୍ଥାକୁ ହସ୍ତାନ୍ତରିତ ହେଲା

ଗୋଷ୍ଠୀ ଉନ୍ନୟନ ଓ ସମାଜ ମଙ୍ଗଳ ବିଭାଗ ଅଧୀନରେ ଥିବା ଧଉଳି ଅଞ୍ଚଳର ସମନ୍ୱିତ ବିକାଶ ତଥା ସୁପରିଚାଳନା ନିମନ୍ତେ ରାଜ୍ୟ ସରକାର ଏହାକୁ ଭୁବନେଶ୍ୱର ଆଞ୍ଚଳିକ ଉନ୍ନୟନ ସଂସ୍ଥା ଅଧୀନକୁ ଗତ ନଭେମ୍ବର ୧୬ ତାରିଖ ଠାରୁ ହସ୍ତାନ୍ତର କରିଛନ୍ତି ।

ଧଉଳି ମନ୍ଦିର, ତତ୍‌ସଂଲଗ୍ନ ପୁଷ୍କରିଣୀ ତଥା ଉଦ୍ୟାନର ମନୋରମ ପରିବେଶ ପ୍ରତି ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ସକାଶେ ବିଶ୍ରାମାଗାର, ବଣଭୋଜି ପାଇଁ ଉଦ୍ୟାନ ମଧ୍ୟରେ ସ୍ୱତନ୍ତ୍ର ବ୍ୟବସ୍ଥା ଓ ନୌକା ବିହାର ଆଦିର ବ୍ୟବସ୍ଥା କରିବାକୁ ଭୁବନେଶ୍ୱର ଆଞ୍ଚଳିକ ଉନ୍ନୟନ ସଂସ୍ଥା ଯୋଜନାମାନ ହାତକୁ ନେଇଛନ୍ତି । ଏହା ବ୍ୟତୀତ ଧଉଳି ଛକଠାରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରିବାକୁ ସ୍ଥିର କରାଯାଇଛି ।

# ଓଡ଼ିଶାର କ୍ରୀଡ଼ା ସଙ୍ଗୀତ

ଶ୍ରୀ ଜାନକୀ ବଲ୍ଲଭ ମହାନ୍ତ
(ଭରଦ୍ୱାଜ)

ଓଡ଼ିଶାର ଜନ ଜୀବନ ସହ ଗୀତ ବାଦ୍ୟ ଓ ନୃତ୍ୟ ଓତପ୍ରୋତ ଭାବେ ବିଜଡ଼ିତ । ଶୈଶବରୁହିଁ ଏହି ସଂପର୍କ ସ୍ଥାପିତ ହୋଇଥାଏ ଓ ଶିଶୁମାନେ ଏହି ସମୟରୁ ବିବିଧ କ୍ରୀଡ଼ା ଓ ତତ୍ ସଂପୃକ୍ତ ସଂଗୀତ ସହ ଉତ୍ତମରୂପେ ପରିଚିତ ଓ ଅଭ୍ୟସ୍ତ ହୋଇଥାଆନ୍ତି ବା ଅପୋଗଣ୍ଡ ଶିଶୁମାନଙ୍କୁ ଖେଳାଇବା, ଶୁଆଇବା ବା ଅଝଟ ଅବସ୍ଥାରେ ସେମାନଙ୍କୁ ବୁଝାଇ ତୁନି କରିବା ଲାଗି ମାଆ ଓ ଅନ୍ୟମାନେ ମଧ୍ୟ ଶିଶୁମାନଙ୍କ ଉଦ୍ଦେଶ୍ୟରେ ବହୁ ଗୀତ ଗାଇ ଥାନ୍ତି । ମାତ୍ର ପ୍ରବନ୍ଧ କଳେବରରୋଧରେ ସେହି ଗୀତମାନଙ୍କୁ ଏହି ଆଲୋଚନାର ଅନ୍ତର୍ଭୁକ୍ତ କରାଯାଇ ନାହିଁ । ମୁଖ୍ୟତଃ ଶିଶୁ ଓ କୁମାର କୁମାରୀମାନଙ୍କ ମଧ୍ୟରେ ପ୍ରଚଳିତ କେତେକ କ୍ରୀଡ଼ା ଓ ତତ୍ ସଂପୃକ୍ତ ଗୀତିକାମାନଙ୍କର ପରିଚୟ ଦେବାହିଁ ଏହି ରଚନାର ଅଭିପ୍ରାୟ ।

ଏତାଦୃଶ କ୍ରୀଡ଼ା ସଂଗୀତଗୁଡ଼ିକ ମୁଖ୍ୟତଃ ଓଡ଼ିଶାର ଗ୍ରାମୀଣ ଜୀବନ ଧାରା ଓ ପରିବେଶରୁ ସୃଷ୍ଟିଲାଭ କରିଅଛି ଓ ପରଂପରାକ୍ରମେ ପ୍ରଚଳିତ ହୋଇ ଆସୁଅଛି । ଏଣୁ ଏହା ଓଡ଼ିଆ ଲୋକ ସଂସ୍କୃତିର ଏକ ବିଭାବ ଭାବେ ଗ୍ରହଣୀୟ । ଓଡ଼ିଶାରେ ପ୍ରଚଳିତ କ୍ରୀଡ଼ା ସଂଗୀତମାନଙ୍କୁ (୧) ଶିଶୁମାନଙ୍କ ଦ୍ୱାରା ଗୀତ ହେଉଥିବା ବୟସ୍କମାନଙ୍କ ସଂଗୀତ (୨) ଶିଶୁମାନଙ୍କ ଦ୍ୱାରା ଗୀତ ହେଉଥିବା ସଂଗୀତ (୩) ଧର୍ମାନୁଷ୍ଠାନଭିତ୍ତିକ ସଂଗୀତ (୪) ଚିତ୍ତବିନୋଦନାତ୍ମକ ଗୀତ ଓ (୫) ବିବିଧ ଭେଦରେ ପାଞ୍ଚ ଗୋଟି ଭାଗରେ ବିଭକ୍ତ କରାଯାଇ ପାରେ ।

ମାଆ ଓ ଅନ୍ୟମାନେ ଶିଶୁମାନଙ୍କୁ ଶୁଆଇବା ଲାଗି ବା ଶିଶୁମାନେ ଅଝଟ ହେଲେ ସେମାନଙ୍କୁ ତୁନି କରାଇବା ଲାଗି ବିଭିନ୍ନ ଗୀତ ଗାଉଥିଲେହେଁ ଶିଶୁମାନଙ୍କୁ ଖେଳାଇବା ଉଦ୍ଦେଶ୍ୟରେ ମଧ୍ୟ ବହୁ ଗୀତ ଗାଇଥାଆନ୍ତି । ଏତାଦୃଶ ଗୀତମାନଙ୍କ ମଧ୍ୟରୁ ତୁତୁତୁତୁ କରି ଶିଶୁମାନଙ୍କୁ ହସାଇବା ଉଦ୍ଦେଶ୍ୟରେ 'କାଳିଆ ବଳଦ ଗଲୁ ଗଲୁ' ଅଥବା 'ଉଦ୍ଭଉଦୁମା ତାଳ ଗୋଟମା' ପ୍ରଭୃତି ଗୀତଗୁଡ଼ିକ ଓଡ଼ିଶାରେ ସର୍ବତ୍ର ସୁପରିଚିତ ।

ଶିଶୁମାନେ ଅଳ୍ପ ବଡ଼ ହେବାପରେ ନିଜେ ନିଜେ ଖେଳନ୍ତି । ସେମାନଙ୍କ ଖେଳମାନଙ୍କ ମଧ୍ୟରୁ ପୁଚି, ବୋହୂଚୋରି, ଡୁଡୁ ପ୍ରଭୃତି ପ୍ରଧାନ । ଏହି ଖେଳକୁ ଭିତ୍ତିକରି ବହୁ ଗୀତ ମଧ୍ୟ ସେମାନେ ବୋଲିଥାନ୍ତି । ଏତଦ୍ୱାରା ଖେଳଗୁଡ଼ିକ ହୁଏ ଅଧିକ ସରସ ଓ ଆମୋଦପ୍ରଦ । ପୁଚି ଖେଳକୁ ପଶ୍ଚିମ ଓଡ଼ିଶାରେ 'ଛିଲୋ ଲଇ' କୁହାଯାଏ । ଏହି ଉପଲକ୍ଷେ ସେହି ଅଞ୍ଚଳରେ ଯେଉଁ ଗୀତ ସବୁ ବୋଲଯାଏ ତହିଁରୁ ଗୋଟିଏ ହେଉଛି ଏହିପରି—

'ଛିଲୋ ଲଇ,
ଆନ୍ ଖେଲମା ବାଇ ।
ବାଇ ଗଲା ରୁଷି
ଆନ୍ ଗୋ ମା ବାସି ।
ବାସି ପଖାଲକେ ଲୁନ୍ ନାଇଁ
ସାନ ଦିଅରର ଗୁନ୍ ନାଇଁ ।
ହଟାଲି ଲୋ ହଟାଲି
ନାକ ଧରି ଧରି ଚଟାଲି ।
ଆଉ ଜଣେ ବସ୍‌ଲୋ
ମୋର ସଉତେନ ହେବ ଲୋ ।'

ଡୁଡୁଖେଳରେ ରାହା ଧରିବା ବେଳେ ମଧ୍ୟ ବିବିଧ ଛନ୍ଦରେ ନାନାପ୍ରକାର ଗୀତ ପିଲାମାନେ ଗାଇ ଥାଆନ୍ତି । ଉଦାହରଣ ସ୍ୱରୂପ ତନ୍ମଧ୍ୟରୁ କେତେଗୋଟି ଏଠାରେ ଉଲ୍ଲେଖ କରାଯାଇ ପାରେ ।

(୧) ବାଘ ମଲା ଯନ୍ତାରେ
ଘିଡି ଘିଡି ଶବଦ କଲା .
ସମୁଦର ପନ୍ତାରେ....ପନ୍ତାରେ.... ।

(୨) କୁଳ ମୂଳ ଦଉଡ଼ି
ବାଘ ନେଲା ଘଉଡ଼ି

(୩) ତାକ ଗଛରେ ଗର୍ଅଁର ପୋକ
ମୁଁକି ଜାଣେ ପିଲ ଲୋକ ।

ସମ୍ବଲପୁର ଅଞ୍ଚଳରେ ଏହି ଖେଳଟି ଗୁଡୁ ନାମରେ ପରିଚିତ । ସେଠିକାର ପିଲମାନେ ଏଭ ଅବକାଶରେ ଗାଇ ଥାନ୍ତି ।

(୧) ଆମର ଜିତାନି ଗୁଡୁ
ତୁମ୍‌ହର ମୁହଁ ପୋଡୁ ।

(୨) ଆମର ଝନ୍‌କୁ ମାଏଲ ଭିସ୍
ଗୁଲଧୁଆ ପାଏନ ପିଇବ ଆସ; ପିଇବ ଆସ ।

କ୍ରୀଡ଼ା ସଂଗୀତର ପରିମାଣ ଓ ବୈଚିତ୍ର୍ୟ ଦୃଷ୍ଟିରୁ ବିଚାର କଲେ ପଶ୍ଚିମ ଓଡ଼ିଶାରେ ଅଧିକ ସଂଖ୍ୟକ କ୍ରୀଡ଼ା ସଙ୍ଗୀତ ପରିଲକ୍ଷିତ ହୁଏ । ସମ୍ଭବତଃ ଏହା ବହୁ ସଂସ୍କୃତିକ ସମନ୍ୱୟରହିଁ ପରିଣାମ । ଏହି ଅଞ୍ଚଳର ଶିଶୁକ୍ରୀଡ଼ା ଗୀତ ଭାବେ ଘୋଘୋ ରାନୀ, ହୁମୋ, ବଉଳି, ପାଏନା ବୋଲୋ, ପନିଆ ହଜା, ପୁଷ ପୁନେଇ ଗୀତ ପ୍ରଭୃତିର ନାମ ଉଲ୍ଲେଖଯୋଗ୍ୟ ।

'ଘୋଘୋ ରାନୀ' ଖେଳ ବେଳେ ଜଣେ ପିଲାକୁ ମଝିରେ ରଖି ତା ଚାରିପଟେ ପିଲାମାନେ ମଣ୍ଡଳାକାରରେ ହାତକୁହାତ ଧରି ବୁଲିବୁଲି ଗୀତ ଗାଆନ୍ତି । ଗୀତ ଶେଷରେ ଭିତରେ ଥିବା ପିଲଟି ହାତର ଘେର ଭାଙ୍ଗି ବାହାରକୁ ବାହାରି ଆସେ । ସିଏ ଯେଉଁ ପିଲାଟିର ହାତକୁ ଠେଲି ବାହାରିଆସେ ସେଇ ପିଲଟି ପୁଣି ଘେର ଭିତରେ ରହେ ଓ ଅନ୍ୟମାନେ ପୂର୍ବପରି ତା' ଚାରିପାଖେ ଗୀତ ଗାଇ ବୁଲନ୍ତି । ଏହି ଖେଳବେଳେ ପିଲାମାନେ ବୋଲନ୍ତି–

ଘୋଘୋ ରାନି, ପାଦେ ପାଦେ ପାନି ।
ଘୋଘୋ ରାନି, ଆଣ୍ଠେ ଆଣ୍ଠେ ପାନି ।
ଘୋଘୋ ରାନି, ଜଂଘେ ଜଂଘେ ପାନି ।
ଘୋଘୋ ରାନି, ବେକେ ବେକେ ପାନି ।

ପଶ୍ଚିମ ଓଡ଼ିଶାର ଅନ୍ୟତମ ଖେଳ 'ହୁମୋ' ବେଳେ ଶିଶୁକଣ୍ଠରୁ ଧ୍ୱନିତ ହୁଏ ଏହି ସୁପରିଚିତ ଗୀତଟି–

'ହୁମୋ ନନ ନନ ଦେଶ ବୋଇଲିରେ
ହୁମୋ ନନ ନନ ଦେଶ
ନ ଖାଉ ତୁମର ଗୁଆ ପନଣ
ନଯାଉ ତୁମର ଦେଶ ।

ଆଳିରେ ଦୁଇ ବୁଢ଼ା ଶିଅ ବୋଇଲିରେ
ଆଳିରେ ଦୁଇ ବୁଢ଼ା ଶିଅ
ମୁଇଁ ପରା ବାପର ପଢୁଆ ଝିଅ
ନାକ୍ ଛାନି ଗୁନା ଦିଅ ।
ବୋଇଲିରେ ନାକ୍ ଛାନି ଗୁନା ଦିଅ ।

ହୁମୋ କି ହୁମିଆ ସାରେ
ବୋଇଲିରେ ହୁମୋ କି ହୁମିଆ ସାରେ
ଯେବେ ହେଲେ ହୁମୋ ଖେଳିବା ପାରେ
ଭୁତର ବାଜେଣି ସାରେ । ବୋଇଲିରେ..

ବଉଳି ଗୀତ ପ୍ରାପ୍ତବୟସ୍କା କୁମାରୀମାନଙ୍କ କ୍ରୀଡ଼ା ସଙ୍ଗୀତ । ଏହି ଖେଳ ବେଳେ ଦୁଇ ଦଳ କୁମାରୀ ଦୁଇ ପାଖରେ କିଞ୍ଚିତ ବ୍ୟବଧାନରେ ପରସ୍ପର କାନ୍ଧରେ ହାତ ପକାଇ ଠିଆ ହୁଅନ୍ତି । ଦଳେ ଗୀତ ଗାଇ ଅନ୍ୟଦଳର ନିକଟକୁ ଯାଇ ପୁଣି ପଛକୁ ଫେରନ୍ତି । ତା'ପରେ ଅନ୍ୟ ଦଳଟି ସେହିପରି ଗୀତ ଗାଇବା ପୂର୍ବକ ଆଗପଛ ହୁଅନ୍ତି । ଏହି ଖେଳର ଗୀତ ମାନଙ୍କ ମଧ୍ୟରୁ ଗୋଟିଏ , ଗୀତ ଏଠାରେ ଉଲ୍ଲେଖ କରାଯାଇ ପାରେ–

ବଉଳିରେ ବଉଳି
କଦଳୀ କାଟିଲି ଖୁରେ
କାହିଁକି ଗୋ ମାଆ କାନ୍ଦୁଛ ଗୁରେ
ବୈଶାଖେ ଆସିବି ଥରେ ।
ବୈଶାଖ ମାସଟା ଗଲା
ଫଗୁନ୍ ପୁନି ଯାତ ନିକଟ ହେଲା
ଭାଇ ସେ ନେଇ ଆସିଲା ।
ଯାଆ ଯାଆ ଭାଇ କୁଞ୍ଜବନକୁ
ଆଣିବ୍ ଜୀବ ଧନକୁ ।
ଜୀବ ଧନ ଭାଇ କାଠ ପୁତୁଳୀ
ସଙ୍ଗେ ଦିଅ ହୁଳ ହୁଳି ।

'ପାଏନ ବୋଲୋ' ଖେଳ ବେଳେ ଜଣେ ପିଲା ଗୋଡ ଲମ୍ବେଇ କରି ବସେ । ତା' ଉପରେ ଆଉଜଣେ ଏଲ୍ ବସି ଖେତକୁ ପାଣି ମଡାଇବାର ଅଭିନୟ କରେ ଓ ଗୀତ ବୋଲେ–ବିସି କାଳର, ପାଏନ ବୋଲେ', ପାଏନ ବୋଲୋ ।' ବରଗଡ ଅଞ୍ଚଳର ଆଉ ଏକ କ୍ରୀଡ଼ା ହେଉଛି 'ପନିଆ ହଜା' । ଏହି ଖେଳରେ ପିଲାମାନେ ମଣ୍ଡଳାକାରରେ ବସି ଗୋଡ଼ ଲମ୍ବାଇ ଓ ପରସ୍ପର ପାଦ ତଳକୁ ଯୁକ୍ତ କରି ହାତ ଧରାଧରି ହୋଇ ବୁଲନ୍ତି ଓ ସେହି ସମୟରେ ଗୀତ ବୋଲନ୍ତି–

'ମାଉସୀ ଗୋ ମାଉସୀ
ପନିଆ ହଜଲ, ମୋ ଦୁଃଖ ସୁଖ ଯାଉଛି ଗୋ ।'

'ପୁଷପୁନି' ବା ପୌଷ ପୂର୍ଣ୍ଣିମା ପଶ୍ଚିମ ଓଡ଼ିଶାର ଏକ ବିଶିଷ୍ଟ ପର୍ବ । ସର୍ବତ୍ର ଏହା ଅତୀବ ଉତ୍ସାହର ସହିତ ପାଳିତ ହୋଇଥାଏ । ଏହି ସମୟରେ ପିଲାମାନେ 'ଛେର ଛେରା' ଗୀତ ଗାଆନ୍ତି–

'ଛେର୍ ଭାଇ ଛେର ଛେରା
ଭ ଘରର ବୁଢୀ ଜାଏଁ ଗଲା ।
ଦେମି ଦେମି କହୁଛେ
ହାଁଡି ଖୁଦ୍ ଖୁଦ୍ କହୁଛେ ।'

ଧର୍ମାନୁଷ୍ଠାନଭିତ୍ତିକ କ୍ରୀଡ଼ା ସଙ୍ଗୀତ ଭାବରେ 'ଦଣ୍ଡ', 'ଡାଲଖାଇ', 'ଚଇତିଘୋଡ଼ା' ନାଚ ଗୀତ, ଦୋଳ ଉତ୍ସବ କାଳୀନ 'ଗୋପାଳଙ୍କ ଓଗାଳ ଗୀତ' ପ୍ରଭୃତିକୁ ଗ୍ରହଣ କରାଯାଇ ପାରେ । ଘଟପାଟୁଆ ମାନେ ରଣପା ପିନ୍ଧି ନାଚି ନାଚି

ଯିବାବେଳେ ଭକ୍ତି ସଙ୍ଗୀତ ଗାନ କରିଥାନ୍ତି । ଏତଦ୍‌ବ୍ୟତୀତ ଦଣ୍ଡୁଆମାନେ ଫକୀର ଫକୀରାଣୀ, ଚଢ଼େୟା-ଚଢ଼େୟାଣୀ, ଶବର-ଶବରୁଣୀ, ପତ୍ରସଉରା ପତ୍ରସଉରାଣୀ, ବୀଣାକାର ବୀଣାକାରୁଆଣୀ, ନବ ଛନକା ପ୍ରଭୃତି ଭୂମିକାରେ ଅବତୀର୍ଣ୍ଣ ହୋଇ ଅଭିନୟ ପୂର୍ବକ ବିଭିନ୍ନ ପ୍ରସଙ୍ଗର ଉକ୍ତି-ପ୍ରତ୍ୟୁକ୍ତି ମୂଳକ ଗୀତ ଗାନ କରିଥାଆନ୍ତି । ସେହିପରି ଚଇତିଘୋଡା ନାଚବେଳେ ମଧ୍ୟ ଘୋଡାର ଖୋଳ ଭିତରେ ରହି କୈବର୍ତ୍ତମାନେ ବିବିଧ ଗୀତ ଗାନ କରିଥାନ୍ତି । ବାସୁଳୀ ଦେବୀଙ୍କ ପୂଜାସହ ଏହି ନାଚ ଓ ଗୀତ ସଂପୃକ୍ତ । ଦୋଳ ଉତ୍ସବ ବେଳେ ଗୋପାଳ ସଂପ୍ରଦାୟର ଲୋକେ ନଉଡିଖେଳ ସମୟରେ ଯେଉଁ ଗୀତ ବୋଲିଥାନ୍ତି ସେଗୁଡିକ 'ଓଗାଳ' ନାମରେ ପରିଚିତ ।

ପରିମାଣ ତଥା ବୈଚିତ୍ର୍ୟ ଦୃଷ୍ଟିରୁ ବିଚାର କଲେ ଚିରବିନୋଦନାତ୍ମକ କ୍ରୀଡା ସଙ୍ଗୀତ ମାନଙ୍କର ସଂଖ୍ୟା ସର୍ବାଧିକ । ଏତାଦୃଶ ଗୀତ ଭାବେ କୁମାରୀମାନଙ୍କ ରଜଦୋଳି ଗୀତ ଓ କୁମାର ପୁନେଇ ଗୀତ ଗୁଡିକ ଉଲ୍ଲେଖ-ଯୋଗ୍ୟ । କୁମାର ପୂର୍ଣ୍ଣିମା ସମୟରେହିଁ ନାନାପ୍ରକାର କ୍ରୀଡା କୌତୁକ ଓ ନୃତ୍ୟ ସହ କୁମାରୀମାନେ ବିବିଧ ଗୀତ ଗାନ କରିଥାନ୍ତି । ଏଇ କ୍ରୀଡାମାନଙ୍କ ମଧ୍ୟରୁ ଚକାଚକା ଭଉଁରୀ, ପୁଚି, ଫଁଘା, ଆପଟପାଟୁ, ଦଅଁଣା କାଟିବା, ପୁବେଇ କାଟିବା ପ୍ରଭୃତି କ୍ରୀଡା କୌତୁକ ଗୁଡ଼ିକ ଉଲ୍ଲେଖ-ଯୋଗ୍ୟ । ଏହି କ୍ରୀଡାମାନଙ୍କ ମଧ୍ୟରୁ ଅନେକ ଆଜି ଲୁପ୍ତ ପ୍ରାୟ ଓ ତତ୍‌ସଂପୃକ୍ତ ସଙ୍ଗୀତ ମଧ୍ୟ ବିସ୍ମୃତି ଗର୍ଭରେ ବିଲୁପ୍ତ ହେବାକୁ ବସିଛି । ତଥାପି 'ଚକାଚକା ଭଉଁରି', ଓ ପୁଚି ଖେଳ ଏବେ ମଧ୍ୟ ତାହାର ଜନପ୍ରିୟତା ହରାଇନାହିଁ । ପୁଚି ଖେଳ ଗୀତ ମାନଙ୍କ ମଧ୍ୟରୁ ଗୋଟିଏ ଗୀତ ଏହିପରି—

'ପୁଂଚିଲୋ, ଯାଆ ଯାଆ ଯା ଘୁଞ୍ଚିଲୋ ।
ପୁଂଚି ଖେଳୁ ଖେଳୁ ବାଜିଲା
ଦିଅଁଙ୍କ ପୋଖରୀରେ ଗଞ୍ଜେଇ ଗଛ
ଆଡ ମହୁରି ବାଜିଲା ।

ପାଦେରି ଉପରେ ଦୁବ
ଦୁବ ଘେନି ଶୁଭ ମନାସୁଥିବ
ମୋ ଭାଇର ଚାକିରୀ ହେବ ।

ଗୋବର ଗାଡିଆ କଉ,
ଆମେ ଦି ଭଉଣୀ ପୁଂଚି ଖେଳୁଥିଲେ
ଗେଲ ଦେଖୁଥିଲେ ବୋଉ' ।

କାନ୍ଧରେ ହାତ ପକାଇ ଗୀତ ଗାଇ ଆଗକୁ ପଛକୁ ହେବା ଖେଳକୁ 'ଫଘା' କୁହାଯାଏ । ଏହି ସମୟରେ 'ଫୁଲ ବଉଳବେଣୀ' ପ୍ରଭୃତି ଗୀତ ମଧ୍ୟ ବୋଲା ଯାଇଥାଏ । ଏଇ ଗୀତର ଗୋଟିଏ ଦୃଷ୍ଟାନ୍ତ ହେଉଛି—

ଶିଳ ତଳ ପାଣି କୋକିଳର ବାଣୀ
ବାପାଙ୍କୁ ମାଗୁଣି ଏତେ, ଫୁଲ ବଉଳବେଣୀ,
ଧନ ମାଗୁନାହିଁ, ଦ୍ରବ୍ୟ ମାଗୁନାହିଁ
ପୁରୁଣା ଝୁଣ୍ଡିଆ ମୋତେ । ଫୁଲ ବଉଳବେଣୀ ।
କୁମାର ପୂର୍ଣ୍ଣମୀ ଜହ୍ନ, ପଡିଆସେ ଘନଘନ
ଗୋ ଫୁଲ ବଉଳବେଣୀ—ଇତ୍ୟାଦି ।

ଦୁଇଗୋଡକୁ ପେଣ୍ଡାରେ ଏକ ସମୟରେ ବାଡେଇ ଖେଳିବାକୁ 'ଆପଟ୍ଟପାଟୁ' କୁହାଯାଏ । ଏହି ସମୟରେ କୁମାରୀମାନେ ବୋଲନ୍ତି—

'ଆପଟ ପାଟୁ, କଇଁଆ ପାଟୁ
ଦେ ଦେଢ଼ସୁର ଚକୋଲ କାଟୁ ।
ବାହାର ପିଣ୍ଡାରେ ବସିଲେ
ବାହାର ପିଣ୍ଡା ଗଉରିଆ
ତେଣେ ବସିଥିଲ ମହୁରିଆ
ମହୁରିଆ ଭାଇ କିଏ ରେ
ମହୁରି ବଜାଇ ଦେଏ ରେ' ।

ପିଠିରେ ଜଣେ ଆଉ ଜଣକୁ ଓଲଟାଇ ଖେଳିବାକୁ 'ଦଅଣା କାଟିବା' କହନ୍ତି । ଏଇ ସମୟରେ ଝିଅମାନେ ଗାଆନ୍ତି—

'ଦଅଣା କିଏ ସେ ଭାଙ୍ଗଇରେ ଗୋପପୁର ଗଉଡୁଣୀ
ଗୋପେ ଗୋପେ ଗ୍ଲଲି ଯାଉଛନ୍ତି ପତର ସଉରୁଣୀ' ।

ଦୁଇଜଣ ହାତ ଧରାଧରି ହୋଇ ପରସ୍ପରକୁ ଟାଣି ମଣ୍ଡଳାକାରରେ ଘୂରିବା ଖେଳକୁ 'ପୁବେଇ କାଟିବା' କହନ୍ତି ! ଦୁଇଜଣ ପୁବେଇ କାଟି ଖେଳିବା ବେଳେ ଏତାଦୃଶ ଗୀତ ବୋଲା ଯାଇଥାଏ—

ନାଉ ଲଗାଇଲି ପଦାରେ ବସି,
ଗଣ୍ଡିକେ ଧଇଲା କସି
ଏ ନାଉ ଫଳିଲେ କିଏ ଖାଇବ,
ଭଇ ହେଲେ ପରବାସୀ—ପୁବେଇ ଲୋ ।

ପରବାସିଆର ଚଟୁ
ଅଦିନେ ମୋ ଭାଇ ଦୂର ଚାକେରୀ
କେତେ ବାଆପାଣି ଛାଟୁ—ପୁବେଇ ଲୋ ।

ବାଆକଲେ ବରଷିବୁ
ଅଦିନେ ମୋ ଭାଇ ଦୂର ଚାକେରି
କିଏ ରାନ୍ଧି ପରସିବୁ—ପୁବେଇ ଲୋ ।

ତାଳ ପତ୍ର ଚେକି ଚେକି
ଘୋଡା ମାଗିଦେଲି ନୀଳ ଗିରିକି
ଭାଇ ଯିବେ କଟେରି କି—

ସାପ ପଶିଗଲା ଗାତେ
ଭାଇ ପଶିଗଲେ ସାହାବ ମେଣ୍ଟେ
ଫେର ଲୋଟିଗଲା ହାତେ ।

ରଙ୍ଗିଧାନ କିଏ କୁଟି ନେଇଛି ଲୋ
ବାଟରେ ପଡ଼ିଛି ଚଣ୍ଡ
ଗାଆଁ ମାଇପେ ଲୋ ହୁଳ ହୁଳି ଦିଅ
ମୋ ଭାଇ ବେଦୀରେ ବସୁ ।

ଏତଦ୍ ବ୍ୟତୀତ ରସରକେଳି, ମାଏଣ୍ଟ ଛତ୍, ଯାଇ ଫୁଲ, ରସ କଦମ୍ (ଦୁଇ ଆଣ୍ଠୁ ହଲେଇ ହଲେଇ, କାନ୍ଧ ଧରାଧରି ହୋଇ ଗୀତ ବୋଲିବା) ଜାଲିଆ, ପ୍ରଭୃତି ବିବିଧ ନୃତ୍ୟ ଓ କ୍ରୀଡା ସଙ୍ଗୀତ ଗୁଡ଼ିକୁ ମଧ୍ୟ ଏ ସଂପର୍କରେ ଉଲ୍ଲେଖ କରାଯାଇ ପାରେ । ସବୁ ଲୋକଗୀତ ଭଳି ଏହି ପ୍ରାଚୀନ ଗୀତ ଗୁଡ଼ିକର ରଚୟିତା ବା ରଚନାକାଳ ଅଜ୍ଞାତ । ଏହି ଗୀତିକା ମାନଙ୍କ ମଧ୍ୟରୁ ଅନେକ ଆଜି ଲୁପ୍ତ ପ୍ରାୟ । ପରିବର୍ତ୍ତିତ ସାମାଜିକ ପରିବେଶରେ ବହୁ ଗୀତ ଅର୍ଥହୀନ ମନେହୁଏ । ଏହି ଗୀତ ଗୁଡ଼ିକର ଭାଷା ଅତୀବ ସରଳ ଓ ସୁବୋଧ୍ୟ । ଅଞ୍ଚଳ ଭେଦରେ କ୍ରୀଡା ସଙ୍ଗୀତର ଭାଷାରେ ଆଞ୍ଚଳିକ ବୈଶିଷ୍ଟ୍ୟ ଦେଖିବାକୁ ମିଳେ । ଉଦାହରଣ ସ୍ୱରୂପ ଏଠାରେ ମେଦିନାପୁରର ଗୀତଟି ଉଲ୍ଲେଖ ଯୋଗ୍ୟ ।

"ଆସ ଆସରେ ଝିଅମାନେ ଫୁଲ ତୁଳାଇ ଯିବା
ଫୁଲର କଣ୍ଟା ଗୋଡେ ଭୁକେନ ଦୋଲୟ ଗୁପି ଯିବା ।
ଦୋଲୟ ଅଛି ଛପନ କଉଡ଼ି ଗଣି ଗୁନ୍ଥି ଯିବା
ଗୁଡ଼ିଏ କଉଡ଼ି ହେନେ ଗାଈ ବାଛୁରି କେନ୍‌ବା ।
ଗାଈର ନାମ ମଥୁରା ବାଛୁରୀର ନାମ ହଁସି
ମୋର ବାବୁକୁ କିଣିଦେବା ଯୋଡ଼ ଜଗା ବାଁଶୀ ।

(ମେଦିନୀ ପୁର)

ଏହି କ୍ରୀଡା ଗାଡ଼ିକା ଗୁଡ଼ିକର ଛନ୍ଦଗତ ବୈଚିତ୍ର୍ୟ ମଧ୍ୟ ଉଲ୍ଲେଖଯୋଗ୍ୟ । ଅନେକ ଗୀତିକା ମଧ୍ୟ ନିରର୍ଥକ ମନେ ହୁଏ, ଯଥା—

"ଇଟିକିଲି ମିଟିକିଲି ଫୁଟିଗଲା କାଇଁଚ
ତୁମର ଆମର ନାଲି ପଇଁଚ
ନାଲି ପେଁ ପେଁ ବାଜର ହୀରା
ଗୋଟିକ ଉପରେ ଗୋଟିଏ ଚିରା" ।

* ସଭ୍ୟତାର ପ୍ରସାର, ନୂତନ ଶିକ୍ଷା ଓ ବୁଦ୍ଧିବୋଧର ପ୍ରବର୍ତ୍ତନ ଏବଂ ସମାଜ ବ୍ୟବସ୍ଥାର ପରିବର୍ତ୍ତନ ଫଳରେ ଏହିସବୁ ଲୋକନୃତ୍ୟ, କ୍ରୀଡା ଓ ତତ୍ ସଂପୃକ୍ତ ସଙ୍ଗୀତ ଗୁଡ଼ିକ ଯେ ଧୀରେ ଧୀରେ ଅନାବୃତ ଓ ଉପେକ୍ଷିତ ହୋଇ ଯାଉଛି ଏହା ଏକ ନିଷ୍ଠୁର ସତ୍ୟ । ତଥାପି ଏଇ ଲୋକ-ନୃତ୍ୟ, କ୍ରୀଡା ଓ ତତ୍ ସଂପୃକ୍ତ ଗୀତିକା ଗୁଡ଼ିକ ଓଡ଼ିଶାର ଜନ ଜୀବନର କଳାନୁରାଗ, ପ୍ରକୃତି ପ୍ରୀତି ଓ ଆନନ୍ଦବୋଧର ସ୍ୱଚ୍ଛ ପରିଚାୟକ ଏହା ଅନସ୍ୱୀକାର୍ଯ୍ୟ ।

* ପଲ୍ଲୀ ଗୀତି ସଞ୍ଚୟନ (୩ୟ) ସଂକଳୟିତା—ଡଃ କୁଞ୍ଜବିହାରୀ ଦାଶ, ପୃ ୨୧୧

ମୁଖ୍ୟ ଅଧ୍ୟାପକ, ଓଡ଼ିଆ ବିଭାଗ
ରେଭେନ୍ସା କଲେଜ, କଟକ

## ବ୍ୟାପକ ରବି କାର୍ଯ୍ୟକ୍ରମ
## ୧୭ ଲକ୍ଷ ଟନ୍ ଖାଦ୍ୟ ଶସ୍ୟ ଉତ୍ପାଦନ ପାଇଁ ଲକ୍ଷ୍ୟଧାର୍ଯ୍ୟ

ଚଳିତ ରବି ଋତୁରେ ରାଜ୍ୟର ୩୦ଟି କୃଷି ଜିଲ୍ଲାରେ ୨୦ ଲକ୍ଷ ୭୦ ହଜାର ୯୦୦ ହେକ୍ଟର ଜମିରେ ବିଭିନ୍ନ ଖାଦ୍ୟ-ଶସ୍ୟ ଏବଂ ୬ ଲକ୍ଷ ୯୩ ହଜାର ୭୫୦ ହେକ୍ଟର ଜମିରେ ତୈଳବୀଜ ଜାତୀୟ ଫସଲ ଉତ୍ପାଦନ ପାଇଁ ଏକ ବ୍ୟାପକ ରବି କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ କରାଯାଉଛି । ଏଥି ମଧ୍ୟରେ ୩ ଲକ୍ଷ ୫୦ ହଜାର ହେକ୍ଟର ଜମିରେ ଧାନ, ୨ ଲକ୍ଷ ହେକ୍ଟର ଜମିରେ ଗହମ, ୬ ଲକ୍ଷ ୯ ହଜାର ହେକ୍ଟର ଜମିରେ ମୁଗ ଏବଂ ୨ ଲକ୍ଷ ୪୬ ହଜାର ହେକ୍ଟର ଜମିରେ ସୋରିଷ ଚାଷ ଅନ୍ତର୍ଭୁକ୍ତ । ଏହି କାର୍ଯ୍ୟକ୍ରମ ଅନୁସାରେ ୭ ଲକ୍ଷ ୬୦ ହଜାର ୪୦୦ ଟନ୍ ଡାଲି ଜାତୀୟ ଫସଲ ସମେତ ୧୭ ଲକ୍ଷ ୧ ହଜାର ୭୦୦ ଟନ୍ ଖାଦ୍ୟଶସ୍ୟ ଓ ୫ ଲକ୍ଷ ୪୪ ହଜାର ୫୨୦ ଟନ୍ ତୈଳବୀଜ ଉତ୍ପାଦିତ ହେବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।

ଗତ ରବି ଋତୁରେ ୧୪ ଲକ୍ଷ ୫୬ ହଜାର ୬୯୫ ହେକ୍ଟର ଜମିରେ ଖାଦ୍ୟଶସ୍ୟ ଓ ୫ ଲକ୍ଷ ୫୩ ହଜାର ୪୩୩ ହେକ୍ଟର ଜମିରେ ତୈଳବୀଜ ଚାଷ କରାଯାଇ ଯଥାକ୍ରମେ ୧୦ ଲକ୍ଷ ୬ ହଜାର ୨୯୨ ଟନ୍ ଖାଦ୍ୟଶସ୍ୟ ଏବଂ ୨ ଲକ୍ଷ ୬ ହଜାର ୪୧୯ ଟନ୍ ତୈଳବୀଜ ଉତ୍ପାଦିତ ହୋଇଥିଲା ।

# ଉତ୍କଳର ଗ୍ରାମ୍ୟ ସଂସ୍କୃତି ଓ ସର୍ବଧର୍ମ ସମନ୍ୱୟ

ଡକ୍ଟର ଗୋପାଳ ଚନ୍ଦ୍ର ମିଶ୍ର

ସଂସ୍କୃତି ଏକ ବ୍ୟାପକ ପଦ ଏବଂ ଏହା ବ୍ୟକ୍ତି ତଥା ସମାଜର ବୌଦ୍ଧିକ ତଥା ଆବେଗପ୍ରଧାନ ପରିପ୍ରକାଶର କେନ୍ଦ୍ର ବିନ୍ଦୁ । ଏହା ସମାଜର ପ୍ରବହମାନ ଭାବ-ଧାରାର ମୂର୍ତ୍ତ ପ୍ରତୀକ ଏବଂ ସେଥିରେ ନିର୍ଦ୍ଦିଷ୍ଟ ଗୋଷ୍ଠୀ ସଂପ୍ରଦାୟ ଏବଂ ଅଞ୍ଚଳର ଚଳଣି, ଲୋକବିଶ୍ୱାସ, ସଂସ୍କାର ଏବଂ ଚିନ୍ତନ ପ୍ରତିଫଳିତ ହୋଇଥାଏ । ଗ୍ରାମ ହିଁ ମାନବ ସଭ୍ୟତାର ଆଦିମ କ୍ଷେତ୍ର । ଯୁଗ ଯୁଗ ଧରି ସେହି ଗ୍ରାମବାସୀମାନଙ୍କର ଆଚରଣ, ଚଳଣି ଏବଂ ଚିନ୍ତନ ମାଧ୍ୟମରେ ବ୍ୟକ୍ତି ତଥା ଗୋଷ୍ଠୀର ଆତ୍ମ-ପ୍ରକାଶ ଘଟିଥାଏ । ଆମର ସମସ୍ତ ସାଂସ୍କୃତିକ ପରଂପରାର ଆଦି ଭୂମିରୂପେ ସେହି ବିଚ୍ଛିନ୍ନ ପଲ୍ଲୀ ଗ୍ରାମ ହିଁ ସଭ୍ୟତାର ମାନଚିତ୍ରରେ ଉଦ୍‌ଭାସିତ ହୋଇଥାଏ । ସଂସ୍କୃତିର ସର୍ବ-ବିଧ ସିଦ୍ଧାନ୍ତ ହେଉଛି ଜୀବନ ଧର୍ମୀ ଏବଂ ପ୍ରଗତି ଧର୍ମୀ' । କାରଣ ହିନ୍ଦୁ ସଂସ୍କୃତିର ଆଭିମୁଖ୍ୟ ସାର୍ବଜନୀନ ଏବଂ ଗଭୀର ଚିନ୍ତା-ଦ୍ୟୋତକ । ଏହି ମୌଳିକ ଚିନ୍ତା ବେଦ ସଦୃଶ ଅତୀବ ପ୍ରାଚୀନ ଏବଂ ବ୍ୟାପକ ଉତ୍କଳର ଗ୍ରାମ୍ୟ ଜୀବନର ସାଂସ୍କୃତିକ ପରିକ୍ରମା କଲେ ଏକ ମହାନ ସତ୍ୟ ପ୍ରତି-ଭାତ ହୁଏ । ତାହା ହେଉଛି ବିଭିନ୍ନ ଧର୍ମ, ପୂଜା ପାର୍ବଣ, ଚଳଣି ମାଧ୍ୟମରେ ବିଶ୍ୱ ମାନବ ଜୀବନର ଐକ୍ୟ ହିଁ ପ୍ରତିଫଳିତ । ମଣିଷ ସାଧାରଣ ମାନବକ ଗୁଣାବଳୀ ବିଶ୍ୱରେ ସର୍ବତ୍ର ସମାନ । ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ବୌଦ୍ଧିକ ଏବଂ ଆଧ୍ୟାତ୍ମିକ ବ୍ୟବ-ଧାନ ପରିଲକ୍ଷିତ ହୁଏ, ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ସେହିପରି ଚଳଣି ବ୍ୟବହାର ନେଇ ବ୍ୟବଧାନର ଅଭାବ ନାହିଁ । ଅଥଚ ମାନବ ସଭ୍ୟତାର ଇତିହାସ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ ସମାଜିକ ଚଳଣି ଦ୍ୱାରା ସାଂସ୍କୃତିକ ଐକ୍ୟ ପ୍ରତିଷ୍ଠିତ । ଅନ୍ତତଃ ଓଡ଼ିଶାର ଗ୍ରାମ୍ୟ ଜୀବନର ସାଂସ୍କୃତିକ ଧାରା ଏହି ମହାନ ସତ୍ୟ ପ୍ରମାଣିତ କରିଥାଏ । କାରଣ ଉତ୍କଳୀୟ ଜୀବନର ଆଭିମୁଖ୍ୟ ଏବଂ ଦୃଷ୍ଟିକୋଣ ହିଁ ସାର୍ବଜନୀନ ସଂସ୍କୃତିର ପ୍ରତୀକ । ସଂସ୍କୃତି ଏକ ବଳିଷ୍ଠ ସାଂସ୍କୃତିକ ମାଧ୍ୟମ ଏବଂ ଏହା ଲୋକ ବିଶ୍ୱାସର ବହମାନ ଧାରା । ମହା ପୁରୁଷ ଖ୍ରୀଷ୍ଟ ଗୋଟିଏ କଥା କହିଥିଲେ, ତାହାର ତାତ୍‌ପର୍ଯ୍ୟ କିଛି କମ୍ ନୁହେଁ । ସେ କହିଥିଲେ,"In my father's house are many mansions" । ପୃଥିବୀର ଯେକୌଣସି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ସଂସ୍କୃତି ହେଉଛି ସମଗ୍ର ବିଶ୍ୱ ମାନବର ଚଳନ୍ତି ଜୀବନ ଧାରାର ଏକ ଅଂଶ ମାତ୍ର । ସଂସ୍କୃତି ବହୁ ରୂପରେ ନିଜକୁ ପ୍ରକାଶ କରେ ଏବଂ ସେ ଯେଉଁ ସଂସ୍କୃତିରେ ବିଶ୍ୱାସ କରେ, ସେ ତାକୁ ଏକାନ୍ତ ସତ୍ୟ ବୋଲି ବିଚାର କରେ । ଉତ୍କଳୀୟ ଗ୍ରାମ୍ୟ ଜୀବନର ସଂସ୍କୃତି, ଐଶ୍ୱର୍ଯ୍ୟ ଏବଂ ପ୍ରାଚୁର୍ଯ୍ୟରେ ଭର-ପୂର । ଉତ୍କଳର ଗ୍ରାମ ଗହଳରେ ଅନୁଷ୍ଠିତ ପର୍ବପର୍ବାଣୀ, ପୂଜା, ବ୍ରତ ଓଷା ହିଁ ଏହାର ଅକାଟ୍ୟ ନିଦର୍ଶନ । ଓଡ଼ିଶାରେ ଗୋଟିଏ ପ୍ରବାଦ ଅଛି, "ବାର ମାସରେ ତେର ପର୍ବ" । ଏହି ପ୍ରବାଦ ଉତ୍କଳୀୟ ଗ୍ରାମ୍ୟ ଜୀବନର ସାଂସ୍କୃତିକ ବିବିଧତାର ପ୍ରତୀକ ।

ଋତୁଚକ୍ରର ଆବର୍ତ୍ତନରେ ବର୍ଷର ବାର-ମାସ, ଛଅ ଋତୁ ତାର ସମସ୍ତ ସୌନ୍ଦର୍ଯ୍ୟ, ବୈଚିତ୍ର୍ୟ ଏବଂ ସଂଭାର ନେଇ ଧରାପୃଷ୍ଠରେ ଆତ୍ମ-ପ୍ରକାଶ କରିଥାଏ ଏବଂ ପ୍ରତ୍ୟେକ ଋତୁ ଏବଂ ପ୍ରତ୍ୟେକ ମାସରେ କିଛି ନା କିଛି ପୂଜା, ବ୍ରତ ଓଷା ଲାଗି ରହିଥାଏ । ଓଡ଼ିଶାର ଭୌଗୋଳିକ ଅବସ୍ଥିତି ମୁଖ୍ୟତଃ ତାକୁ ଏକ କୃଷି ପ୍ରଧାନ ରାଜ୍ୟରେ ପରିଣତ କରିଛି । ଗୋଟିଏ କୃଷି ପ୍ରଧାନ ରାଜ୍ୟରେ ସାମାଜିକ, ଧାର୍ମିକ ଚଳଣି, ଅନୁଷ୍ଠାନ କୃଷି ଭିତ୍ତିକ ହେବା ସ୍ୱାଭାବିକ । ରୌଦ୍ରତାପ ବିଦଗ୍ଧ ବୈଶାଖ ମାସର ଓଡ଼ିଶାର ଗ୍ରାମ ମାନ-ମାନଙ୍କରେ ମହା ବିଷୁବ ସଂକ୍ରାନ୍ତି ପାଳନ ଏକ ତାତ୍‌ପର୍ଯ୍ୟ ପୂର୍ଣ୍ଣ ଘଟଣା । ବୈଦିକ ଯୁଗରୁ ଆରମ୍ଭ କରି ସୂର୍ଯ୍ୟଙ୍କୁ ବିଶ୍ୱ ଜୀବନର ପ୍ରତୀକ ବୋଲି ବର୍ଣ୍ଣନା କରାଯାଇଛି । ପୃଥିବୀର ବିଭିନ୍ନ ଦେଶର ଧର୍ମ ଏବଂ ସଂସ୍କୃତିରେ ସୂର୍ଯ୍ୟଙ୍କୁ ସର୍ବାପେକ୍ଷା ଉଚ୍ଚ ସ୍ଥାନ ଦିଆ ଯାଇଛି । ଓଡ଼ିଶାରେ ଅନୁ-ଷ୍ଠିତ "ମକର ସଂକ୍ରାନ୍ତି" (ଜାନୁୟାରୀ, ପୌଷ ମାସ) ମଧ୍ୟ କୃଷିଭିତ୍ତିକ ପର୍ବ ଏବଂ ଓଡ଼ିଶାର ଗ୍ରାମ ଗହଳର " ମକର ସଂକ୍ରାନ୍ତି" ପର୍ବ ଦକ୍ଷିଣ ଭାରତର 'ପଙ୍ଗଲ' ପର୍ବ ସହିତ ତୁଳନୀୟ । ଏହି ପର୍ବର ମୂଳ ପ୍ରେରଣା ହେଉଛି କୃଷି କର୍ମ । ସେହି-ପରି ପୂର୍ବ ଓଡ଼ିଶାର 'ନବାନ୍ନ' ଏବଂ ପଶ୍ଚିମ ଓଡ଼ିଶାର 'ନୂଆଖାଇ' ଏକାନ୍ତ ଭାବେ କୃଷିଭିତ୍ତିକ । ଭାରତ ବର୍ଷର ବିଭିନ୍ନ ପ୍ରଦେଶରେ କୃଷି ସମ୍ବନ୍ଧୀୟ ପୂଜା ପାର୍ବଣର ଅଭାବ ନାହିଁ । ଓଡ଼ିଶାର ଗ୍ରାମ ଗୁଡ଼ିକରେ ପ୍ରତ୍ୟେକ ମାସରେ କିଛିନା କିଛି ପର୍ବ ପାଳିତ ହୁଏ ଯାହାର ଉଦ୍ଦେଶ୍ୟ ଭୂଦେବୀଙ୍କର ବନ୍ଦନା ଏବଂ କୃଷି କର୍ମର ପ୍ରସ୍ତାବନା । ସେହିପରି ବୈଶାଖ ମାସର 'ଅକ୍ଷୟତୃତୀୟା' ଏକ କୃଷି ଭିତ୍ତିକ ପର୍ବ । ଓଡ଼ିଆ ସାହିତ୍ୟରେ ବହୁ ମୂଲ୍ୟବାନ ପ୍ରବାଦ, ପ୍ରବଚନ, ଢଗ ଢମାଳୀରେ ଓଡ଼ିଶାର ଏହି କୃଷି ସଂସ୍କୃତି ପ୍ରତିଫଳିତ । ଓଡ଼ିଶାର କୃଷିଭିତ୍ତିକ ସଭ୍ୟତାକୁ ଛାଡ଼ିଦେଲେ ତାର ସଂସ୍କୃତିର ଆଉ ଏକ ଦିଗ ହେଉଛି ତାର ପ୍ରାଚୀନ ନୌବାଣିଜ୍ୟର ବିଶାଳ ପରଂପରା । ସେହି ପ୍ରାଚୀନ ପରଂପରାର ସ୍ମୃତି ଉଦ୍‌ବୋଧନ କରି ଓଡ଼ିଶାର ଗ୍ରାମେ ଗ୍ରାମେ ଯେଉଁ ଖୁଦୁରୁକୁଣୀ ଓଷା ପାଳିତ ହୋଇ ଆସୁଛି ତାହାର ପ୍ରଭାବ ଗ୍ରାମ୍ୟ ଜୀବନରେ ଖୁବ୍ ଅଧିକ ବୋଲି ପ୍ରମାଣିତ ହୋଇଛି । ଓଡ଼ିଶାର ନୌବାଣିଜ୍ୟ ସଂସ୍କୃତିରେ 'ତଅପୋଇ' ଚରିତ୍ର ଏକ ଅମ୍ଳାନ ସୃଷ୍ଟି । ତଅପୋଇ ସଦୃଶ ଏହି ଗ୍ରାମ୍ୟ ଅନୁଷ୍ଠାନ ସହିତ ଓଡ଼ିଶା ଗ୍ରାମ ବାସୀଙ୍କର ହସ୍ତଶିଳ୍ପ ସମ୍ବନ୍ଧୀୟ କାରୁ-କାର୍ଯ୍ୟ ଏବଂ ବହୁ କାବ୍ୟିକ ପରିକଳ୍ପନା ଜଡ଼ିତ ।

ଧର୍ମ ବ୍ୟକ୍ତି ଏବଂ ସମାଜ ଜୀବନରେ ବହୁଳ ଭାବରେ ପ୍ରଭାବ ପକାଇ ଥାଏ, ଏହି ଧର୍ମ ଏବଂ ଈଶ୍ୱର ବିଶ୍ୱାସକୁ ଭିତ୍ତିକରି ଓଡ଼ିଶାର ଗ୍ରାମ୍ୟ ଜୀବନରେ ଏକ ଅଦ୍ଭୁତ ସଂସ୍କୃତି ଗଢି ଉଠିଛି, ଯାହାର ମୂଳ ପ୍ରେରଣା ହେଉଛି ଆନ-ବିଶ୍ୱାସ, ସହନ-ଶୀଳତା, ବିଶ୍ୱ ମୈତ୍ରୀ ଏବଂ ଭ୍ରାତୃଭାବ । ଭାରତ ବର୍ଷରେ ବିଭିନ୍ନ ଧର୍ମର ଅଭ୍ୟୁଦୟ ଘଟିଛି,

ଯଥା :- ଶୈବ, ନାଥ, ଶାକ୍ତ, ବୈଷ୍ଣବ ଧର୍ମ ଏବଂ ଓଡ଼ିଶାର ଗ୍ରାମ୍ୟ ସଂସ୍କୃତି । ପୂଜା ପାର୍ବଣ ଏବଂ ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ଏହି ଧର୍ମ ଧାରଣା ଅଦ୍ଭୁତ ଭାବେ ପ୍ରତିଫଳିତ । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପାଳିତ ଫାଲ୍‌ଗୁନ ମାସର ଶିବରାତ୍ରି, କାର୍ତ୍ତିକ ମାସର ନାଗୁଲି ଚଉଠି ଉପବାସ ଶୈବ ଧର୍ମର ପ୍ରତୀକ । ଜ୍ୟେଷ୍ଠ ମାସର 'ଶୀତଳ ଷଷ୍ଠୀ' ଶିବ ଉପାସନାର ନିଦର୍ଶନ । ବିଶେଷତଃ ସମ୍ବଲପୁର ଅଞ୍ଚଳର ଶୀତଳ ଷଷ୍ଠୀ ଦିନ ଅନୁଷ୍ଠିତ ଶିବ ପାର୍ବତୀ ବିବାହ ଆମ ସମାଜରେ ଶୈବ ଉପାସନାର ପରିଣତି । ଭାଦ୍ରବ ମାସର ଜନ୍ମାଷ୍ଟମୀ କିମ୍ବା ଫାଲଗୁନ ମାସର ଦୋଳ ଯାତ୍ରା, ରାଧା କୃଷ୍ଣ ପ୍ରେମ ଲୀଳାର ଅଭିବ୍ୟକ୍ତି ମାତ୍ର । ସେହିପରି ଆଶ୍ୱିନ ମାସର ଦୁର୍ଗା ପୂଜା ଶାକ୍ତ ଉପାସନାର ପ୍ରଭାବ ନିର୍ଦ୍ଦେଶିତ କରିଥାଏ । ଚୈତ୍ର ମାସର 'ରାମ ନବମୀ' ରାମୋପାସନାର ପ୍ରତୀକ ।

ଓଡ଼ିଶାର ଗ୍ରାମ ଗହଳରେ ବିଶେଷତଃ ପୁରୁଷୋତ୍ତମ କ୍ଷେତ୍ରରେ ଜଗନ୍ନାଥ ମହାପ୍ରଭୁଙ୍କର ଶ୍ରୀ ମୂର୍ତ୍ତି ଏବଂ ରଥଯାତ୍ରା ଓଡ଼ିଶାରେ ଗଢ଼ି ଉଠିଥିବା ଜଗନ୍ନାଥ ସଂସ୍କୃତିର ଐତିହାସିକ ପ୍ରମାଣ । ଜଗନ୍ନାଥ ସଂସ୍କୃତି ଓଡ଼ିଶାର ଗ୍ରାମବାସୀମାନଙ୍କ ମଧ୍ୟରେ ଏକ ସର୍ବ ଧର୍ମ ସମନ୍ୱୟକାରୀ ସଂହତି ଏବଂ ପରଂପରା ପ୍ରତିଷ୍ଠା କରି ପାରିଛି । ଓଡ଼ିଶାର ଗୋଟିଏ ଗୋଟିଏ ଗ୍ରାମରେ ଏକାଧାରରେ ଜଗନ୍ନାଥ ମନ୍ଦିର, ଶିବ ମନ୍ଦିର ଏବଂ ବିଷ୍ଣୁ ମନ୍ଦିର ଗଢ଼ି ଉଠିଛି । ଏହା କେବଳ ଓଡ଼ିଶାର ଅଗଣିତ ଜନତାର ଧର୍ମୀୟ ଜୀବନର ଉଦାହରଣ ପ୍ରମାଣିତ କରିଥାଏ । ଏଠାରେ ଲୋକ ବିଶ୍ୱାସ, ଲୋକ ଚଳଣି ଏବଂ ଲୋକାଚାର ଏହିପରି ଏକ ସଂସ୍କୃତିକୁ ରୂପ ଦେଇଛି, ଯାହାକି ସାର୍ବଜନୀନ ବିଶ୍ୱ ସଂସ୍କୃତିର ବିରୋଧ କରେ ନାହିଁ, ବରଂ ଏକ ସୁସ୍ଥ ମାନବିକ ଏବଂ ଐତିହ୍ୟ ଗଢ଼ିବାରେ ସହାୟକ ହୋଇଥାଏ ।

ପୁନଶ୍ଚ ଓଡ଼ିଶାର ନୃତ୍ୟକଳା, ସଂଗୀତର ପରମ୍ପରା ମଧ୍ୟ ସର୍ବଜନ ସ୍ୱୀକୃତ । ଏହି ନୃତ୍ୟ ଏବଂ ସଂଗୀତର ମାଧ୍ୟମରେ ଜନଜୀବନର କଳାତ୍ମକ ଅଭିବ୍ୟକ୍ତି ଘଟିଥାଏ । ଗ୍ରାମ ଗହଳରେ ପ୍ରାଚୀନ ସ୍ୱପ୍ନର ଯାତ୍ରା, ସୁଆଙ୍ଗ, ପାଲା, ଅଭିନୟ ଠାରୁ ଆରମ୍ଭ କରି ଆଧୁନିକ ଢଙ୍ଗର ନାଟକାଭିନୟ ପର୍ଯ୍ୟନ୍ତ ପ୍ରତ୍ୟେକ ଅଭିବ୍ୟକ୍ତି ଏବଂ ପରିପ୍ରକାଶ ଜନମାନସର ସାର୍ଥକ ପ୍ରତିଫଳନ ବୋଲି ଜଣାଯାଏ । ସୁନିୟନ୍ତ୍ରିତ, ଶୃଙ୍ଖଳିତ, ମାର୍ଜିତ ନାଟକ ଅଭିନୟ ଠାରୁ ସଂପୂର୍ଣ୍ଣ ପୃଥକ ଲୋକ ନୃତ୍ୟ ଗ୍ରାମ୍ୟ ସଂସ୍କୃତିର ମୌଳିକ ଏବଂ ସ୍ୱତନ୍ତ୍ର ବିକାଶ । ଉଦାହରଣ ସ୍ୱରୂପ ଆଦିବାସୀ ବହୁଳ ପଶ୍ଚିମ ଓଡ଼ିଶାର କେତେକ ସଂପ୍ରଦାୟ ମଧ୍ୟରେ ପ୍ରଚଳିତ ଡାଲଖାଇ ନୃତ୍ୟ ଏବଂ ରସର କେଲି ନୃତ୍ୟ ସଂପୂର୍ଣ୍ଣ ଭାବରେ ଜନ ମାନସର ସୁଷ୍ଠୁ ପ୍ରତିଫଳନ । ସେହିପରି, ଉତ୍ତର ଏବଂ ଦକ୍ଷିଣ ଓଡ଼ିଶାରେ ପ୍ରଚଳିତ ଦଣ୍ଡ ନାଚ, ବାଘନାଚ, ଗୋଟିପୁଅ ନାଚ, କଳାହାଣ୍ଡି ଅଞ୍ଚଳର ଘୁମୁରା ନାଚ, ବହୁ ଯୁଗର ଅନୁସୃତ ନାଟ୍ୟ କଳାର ଅନୁରୂପ ମାତ୍ର । ଗ୍ରାମ ଗହଳରେ ଅଶିକ୍ଷିତ କିମ୍ବା ସ୍ୱଳ୍ପ ଶିକ୍ଷିତ ନିରକ୍ଷର ସମାଜରେ ବହୁଭାବରେ ଲୋକ କଳାର ବିକାଶ ଘଟିଅଛି । ଗ୍ରାମର ବହୁ ଶିଳ୍ପୀମାନେ ସନ୍ଧ୍ୟା ଜଗତର ଦୃଷ୍ଟି ଅନ୍ତରାଳରେ ବହୁବିଧ ସୂକ୍ଷ୍ମ କଳା, ଚିତ୍ରାଙ୍କନ, ମନ୍ଦିର କଳା ଏବଂ ମୂର୍ତ୍ତି କଳା ବରାବର ଅଭ୍ୟାସ କରିଥାନ୍ତି । ଓଡ଼ିଶାର ସୂକ୍ଷ୍ମ ବୟନ ଶିଳ୍ପ ପ୍ରାଦେଶିକ ଲୋକ ସଂସ୍କୃତିର ଯେ ଏକ ଅଭ୍ରାନ୍ତ ପରିଚୟ, ଏଥିରେ ସନ୍ଦେହ ନାହିଁ । ଓଡ଼ିଶାର କାରୁକାର୍ଯ୍ୟ ବିମଣ୍ଡିତ ସୂକ୍ଷ୍ମ ବସ୍ତ୍ର ଅତୀତରେ ସୁଦୂର ଦେଶରେ ପ୍ରସାର ଲାଭ କରିଥିଲା ଏବଂ ଏହି ଯନ୍ତ୍ର ଶିଳ୍ପପ୍ରଧାନ ଯୁଗରେ ମଧ୍ୟ ଓଡ଼ିଶାର ତନ୍ତ ବୁଣା ଲୁଗା ଆମେରିକା ଏବଂ ବିଲାତରେ ବିପୁଳ ଆଗ୍ରହ ସୃଷ୍ଟି କରି ପାରିଛି ।

ସଂକ୍ଷେପରେ କହିବାକୁ ଗଲେ ଲୋକଂ ପ୍ରାଣର ସାମଗ୍ରିକ ବିକାଶକୁ ଯେବେ ସଂସ୍କୃତି କୁହାଯାଏ, ତା'ହେଲେ ଓଡ଼ିଶାର ଗ୍ରାମ ଗହଳରେ ସଂସ୍କୃତିର ଏକ ବିରାଟ ପରମ୍ପରା ଗଢ଼ି ଉଠିଛି । ସମସ୍ତ ଚିନ୍ତା ଏବଂ ଦର୍ଶନର ସମନ୍ୱୟ ଭୂମି ରୂପେ ଏହି ଭୂମି ପରିଚିତ ।

ଓଡ଼ିଆ ପ୍ରଫେସର
ସମ୍ବଲପୁର ବିଶ୍ୱ ବିଦ୍ୟାଳୟ
ସମ୍ବଲପୁର

## ଜଳସେଚନ କ୍ଷେତ୍ରରେ ଆଞ୍ଚଳିକ ବୈଷମ୍ୟ ଦୂରୀକରଣ ପାଇଁ ୨୪ ଟି ଯୋଜନା କାର୍ଯ୍ୟକାରୀ ହେବ

ଜଳସେଚନ କ୍ଷେତ୍ରରେ ଥିବା ଆଞ୍ଚଳିକ ବୈଷମ୍ୟ ଦୂର କରିବା ପାଇଁ ଷଷ୍ଠ ଯୋଜନା କାଳରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୨୪ଟି ନୂତନ ଜଳସେଚନ ଯୋଜନା କାର୍ଯ୍ୟକାରୀ ହେବାର ପ୍ରସ୍ତାବ ରହିଛି । ଏହି ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେଲେ ଜଳସେଚନ ଦୃଷ୍ଟିରୁ ଅନଗ୍ରସର ଜିଲ୍ଲା ବିଶେଷତଃ ମରୁଡ଼ି ପ୍ରପୀଡ଼ିତ ଓ ଆଦିବାସୀ ଅଞ୍ଚଳ ଗୁଡ଼ିକ ବିଶେଷ ଉପକୃତ ହେବେ ।

ଏହି କାର୍ଯ୍ୟକ୍ରମ ଅନୁଯାୟୀ କୋରାପୁଟ ଜିଲ୍ଲାର ଉପର ଇନ୍ଦ୍ରାବତୀ, ବଡନଳା, ତେଲନଦୀ ବନ୍ଧ, କଳାହାଣ୍ଡିର ଉପର ଇନ୍ଦ୍ରାବତୀ, ଇନ୍ଦ୍ରା ନଦୀ ବନ୍ଧ, ମୟୂରଭଞ୍ଜର ସୁବର୍ଣ୍ଣରେଖା, ଦେଓ, ଭାଲୁଯୋଡ଼ି, ସୁନ୍ଦରଗଡ଼ର ଇବ୍, କାଂସବାହାଲ: କେନ୍ଦୁଝରର କାନପୁର, କନ୍ୟାଝରୀ, ଢେଙ୍କାନାଳର ସମାକୋଇ, ଦାରଜଂଗ ଦ୍ୱିତୀୟ ପର୍ଯ୍ୟାୟ, ବଲାଙ୍ଗିରର ହରିହର ଜୋର, ଉପର ସୁକତେଲ, ସୁରୁବାଳୀ, ଲୋୟର ଲନ୍ଥ, ଗଞ୍ଜାମର ଋଷିକୁଲ୍ୟା ନଦୀ ବନ୍ଧ, ବାହୁଦା ଦ୍ୱିତୀୟ ପର୍ଯ୍ୟାୟ, ଛେଳିଗଡ଼, ମହେନ୍ଦ୍ର ତନୟା, ଫୁଲବାଣୀର ଗୁମଡ଼ି ଓ ବାଲେଶ୍ୱର ଜିଲ୍ଲାର ଗିରିଆ ଜଳସେଚନ ଯୋଜନା କାର୍ଯ୍ୟକାରୀ ହେବ ।

# ମୋଗଲ ତାମସା

ଡଃ କୃଷ୍ଣ ଚରଣ ବେହେରା

ଆମ ରାଜ୍ୟରେ ଲୋକ ନାଟ୍ୟର ଏକ ପୁଷ୍ଟକ ପରଂପରା ରହିଛି । ବହୁ ବିଭିନ୍ନ ରୂପ ଓ ଶୈଳୀରେ ଏହା ଯୁଗ ଯୁଗ ହେଲା ଜନ ସାଧାରଣଙ୍କର ନାଟ୍ୟ ରସ–ପିପାସା ଚରିତାର୍ଥ କରି ଆସୁଛି । ଲୋକ ସାହିତ୍ୟର ସ୍ୱରୂପ–ପ୍ରକୃତି ଅନୁଯାୟୀ ରାଜ୍ୟର ଅଞ୍ଚଳ-ବିଶେଷରେ ଲୋକନାଟ୍ୟର ବିଶେଷ ବିଶେଷ ଶୈଳୀ ପ୍ରଚଳିତ ଅଛି । ଏହି ସବୁ ଶୈଳୀ ବିଷୟରେ ଅବହିତ ନ ହେଲେ, ଆମର ଲୋକ ସଂସ୍କୃତିର ଧାରଣା ପୂର୍ଣାଙ୍ଗ ପ୍ରାପ୍ତ ହେବ ନାହିଁ ।

ଉତ୍ତର ଓଡ଼ିଶାର ଭଦ୍ରକ ଅଞ୍ଚଳରେ ଲୋକ ନାଟ୍ୟ 'ତାମସା' ପ୍ରଚଳିତ ଅଛି । ଏହା 'ଚଇତି ତାମସା' ନାମରେ ସୁପରିଚିତ । କାରଣ ପ୍ରତି ବର୍ଷ ଚୈତ୍ର ମାସ ଶେଷରେ ମହାଦେବଙ୍କ ଘଟ ଯାତ୍ରା ସହିତ ତାମସା ଅଭିନୀତ ହୋଇଥାଏ । ପର୍ବରୁ ଚୈତ୍ର ମାସ ଶେଷ ସାତ ଦିନ ବ୍ୟାପୀ ବିଭିନ୍ନ ତାମସା ଅଭିନୀତ ହୋଇ ପଣା ସଂକ୍ରାନ୍ତି ବା ବିଷୁବ ସଂକ୍ରାନ୍ତିରେ ଶେଷ ହେଉଥିଲା । କିନ୍ତୁ ଆଜି-କାଲି ମାତ୍ର ଗୋଟିଏ ଦିନ କେବଳ 'ମୋଗଲ ତାମସାର' ଅଭିନୟ ହେଉଥିବାର ଦେଖା-ଯାଏ । ଶିବ ମନ୍ଦିର ସମ୍ମୁଖରେ ତାମସା ଅଭିନୟ ହେବାର ବିଧି; ବର୍ତ୍ତମାନ ସୁଦ୍ଧା ଏହି ବିଧି ପାଳିତ ହେଉଛି ।

କବି ବଂଶୀ ବଲ୍ଲଭ ଗୋସ୍ୱାମୀ 'ମୋଗଲ ତାମସା' ସମେତ ଅନ୍ୟାନ୍ୟ କେତେକ ତାମସା ରଚନା କରିଥିଲେ, ତନ୍ମଧ୍ୟରୁ ଛଅ ଗୋଟିର ସନ୍ଧାନ ମିଳିଛି, ଯଥା—ଭିଲ୍ ତାମସା, ରାଧକୃଷ୍ଣ ତାମସା, ଚଉଢ଼ା (ଚେହୋଡ଼ା) ତାମସା, ଯୋଗୀ ତାମସା, ଫକୀର ତାମସା ଏବଂ ଲେଉଟିନ-ମହାବୀର ତାମସା । ,ଅଷ୍ଟାଦଶ ଶତାବ୍ଦୀ ଶେଷ ଭାଗରେ ଭଦ୍ରକ ସହର ଉପକଣ୍ଠରେ ଥିବା ସଙ୍ଗତ ଗ୍ରାମରେ କବି ବଂଶୀବଲ୍ଲଭ ଆବିର୍ଭୂତ ହୋଇଥିବାର ଜଣାପଡ଼େ । ସେତେବେଳେ ରାଜ୍ୟରେ ମରହଟ୍ଟା ଶାସନ (୧୭୫୧–୧୮୦୩) ପ୍ରଚଳିତ ଥିଲା । ସମାଜ ଓ ସଂସ୍କୃତି କ୍ଷେତ୍ରରେ ଇସଲାମୀ ପ୍ରଭାବ ଲକ୍ଷ୍ୟ ହୋଇ ନ ଥିଲା । ବଂଶୀ-ବଲ୍ଲଭ ଉପଯୁକ୍ତ ଶିକ୍ଷାଦୀକ୍ଷା ଲାଭ କରି ଫାର୍ଶୀ, ଉର୍ଦ୍ଦୁ, ବଙ୍ଗଳା, ଆଦି ଭାଷାରେ ବ୍ୟୁତ୍ପତ୍ତି ଲାଭ କରିଥିଲେ । ସ୍ୱ ଗ୍ରାମ ସଙ୍ଗତରେ ଅଧିଷ୍ଠିତ ମହାଦେବ ହଟ-ନାଗରଙ୍କର ସେ ଥିଲେ ଏକନିଷ୍ଠ ଭକ୍ତ । ମହାଦେବ- ତାରିଫ୍‌ରେ କବି ଲେଖିଛନ୍ତି—

ଯାହାଁ ବସତ୍ ବିବୁଧ ବିଦ୍ୱାନ ଗୁଣୀ ପଣ୍ଡିତ
ମଣ୍ଡିତ କବିଶେଖର ।
ବହୁବିଧ ବ୍ରାହ୍ମଣ କରମ୍ ସେବର ଅନୁଷ୍ଠ
ବୈଦ୍ୟ ବହୁବର ବେବର ।।

ଦ୍ୱାହି ଫିରତ ହେ ଗୁରୁ ନାନକୀଜୀ କା
ଶାସ୍ତ୍ର ଚର୍ଚ୍ଚା ନିଶିବାସର ।
ସୋ ସଙ୍ଗତ ମହଲେ ଉଲେ ବିରାଜେ
ତୋ ଜୟ ହଟନାଗର ।।

ତାମସା ଗୁଡ଼ିକ କବିଙ୍କର ପରିଣତ ବୟସର ରଚନା ବୋଲି ମନେ ହୁଏ । ରଚନା ସଂଗେ ସଂଗେ ବିଭିନ୍ନ ତାମସାର ଅଭିନୟ କରାଇ ବଂଶୀ ବଲ୍ଲଭ ଜନ ସାଧାରଣ ତଥା ପଦସ୍ଥ ରାଜ କର୍ମଚାରୀଙ୍କର ପ୍ରଶଂସା ଭାଜନ ହୋଇ ଥିଲେ । ଜମି ବାଡ଼ି, ସୁନା କୁଣ୍ଡଳ, ମୂଲ୍ୟବାନ ପଗଡ଼ି ଆଦି ଉପହାର ଲାଭ କରିଥିଲେ "। ୧୯୧୧ ମସିହାରେ ରଚିତ ବିଖ୍ୟାତ ସାନନ୍ଦା' କାବ୍ୟରେ କବି ଶେଖର ଚିନ୍ତାମଣି ମହାନ୍ତି 'ଚଇତି ତାମସା' ସଂପର୍କରେ ଲେଖିଛନ୍ତି—

ତୋହ ଜନ୍ମ ପିଉ ଶ୍ରୀ ବଂଶୀ ବଲ୍ଲଭ
ରଚିଲେ ସୁକୀର୍ତ୍ତି ମାନବ-ଦୁର୍ଲଭ ।

× × ×

ନବରସେ ସେହୁଥିଲେ ସୁପଣ୍ଡିତ
ଗାଇଲେ ତୋ କୂଳେ 'ଚଉତ ସଙ୍ଗୀତ' ।
ମୋଗଲ ରାଜତ୍ୱେ ସେ କାଳରେ ଦେଶେ
ଥିଲା ପାର୍ଶୀ ଭାଷା ଚଳନ ବିଶେଷେ ।
ପାରଶୀରେ ତହୁଁ ବିରଚି ସଂଗୀତ
ମୋହିଲେ ସ୍ୱ ଜାତି, ବିଜାତିଙ୍କ ଚିତ୍ତ ।
ଅଧିକାଂଶ ଗୀତ ଶାନ୍ତିରସାଶ୍ରିତ
ସାକ୍ଷୀ ତାର 'ଯୋଗୀ-ଫକୀର ସଙ୍ଗୀତ' ।
ଅଦ୍ୟାପି ଭଦ୍ରକେ ସେ ସଙ୍ଗୀତ ଚୟ
ଚୈତ୍ର ମାସ ଶେଷେ ହୁଏ ଅଭିନୟ ।

× × ×

ଏକାଧାରେ ତହିଁ ଅଛି କନ୍ଦା ହସା
ତାକ ନାମ ତାର 'ଚଇତ୍ର ତାମସା' ।

ତାମସା ଗୁଡ଼ିକ ମଧ୍ୟରୁ 'ମୋଗଲ ତାମସା' ବିଶେଷ ଜନ ପ୍ରିୟ ଏବଂ ତାହା ହିଁ ବର୍ତ୍ତମାନ ସୁଦ୍ଧା ଅଭିନୀତ ହେଉଛି । ୧୮୬୬ ମସିହାରେ ଏହି ଲେଖକ ଦ୍ୱାରା ସଂଗୃହୀତ ଓ ସଂପାଦିତ ହୋଇ ତାହା ଗ୍ରନ୍ଥାକାରରେ ପ୍ରକାଶ ଲାଭ କରିଛି । ସଂକ୍ଷେପରେ 'ମୋଗଲ ତାମସା'ର କଥା-ବସ୍ତୁ ହେଉଛି ପ୍ରଥମେ ଦୁଇ ଜଣ ବା ଚାରି ଜଣ ଚୋପଦାର ଆସି ଉପସ୍ଥିତ ଜନତାକୁ "ଦବେ ଖଡ଼େ ହୋ–ହଟ୍ ଖଡ଼େ ହୋ" ବୋଲି ସାବଧାନ କରିବା ସଂଗେ ସଂଗେ ମିର୍ଜା ସାହେବ ବା ମୋଗଲ ଶାସକଙ୍କର ଆଗମନ ବାର୍ତ୍ତା ଘୋଷଣା କରିବେ । ମିର୍ଜା ସାହେବ ପାଲିଙ୍କୀ ବା ଚଉଦୋଳାରେ ଚଢି ପଟୁଆର ମଧ୍ୟରେ ଅଭିନୟ ସ୍ଥଳ ନିକଟରେ ଆସି ପହଞ୍ଚିବେ । ବାଦସାହୀ ଥାଟରେ ଝୁଲି ଝୁଲି ମଞ୍ଚ ଉପରକୁ ଯାଇଁ ସିଂହାସନରେ ବିଜେ କରିବେ । ତତ୍‌ପରେ ସେ ନିଜର ସେବା କାରୀ କର୍ମଚାରୀମାନଙ୍କୁ ଜଣକ ପରେ ଜଣେ ତଲବ୍ କରିବେ । ପ୍ରଥମେ ଭେସ୍ତିଓ୍ୱାଲ, ତତ୍ ପରେ ଝାଡୁଓ୍ୱାଲ, ଫରାସ୍, ହୁକାଓ୍ୱାଲ, ପଂଖାଓ୍ୱାଲ, ଦପ୍ତର, ଚଟନି ଓ୍ୱାଲି; ଚୋଡି ବରଦାର ପ୍ରଭୃତି ଆସି ମିର୍ଜା ସାହେବଙ୍କ ସମକ୍ଷରେ ନିଜ ନିଜ ଗୁହାରି ଜଣାଇଲା ପରେ ସେବା କରିଯିବେ । ମଝିରେ ମିର୍ଜା ସାହେବ ସେହି ମୂଲକ, ପ୍ରଗନା ଓ ଲୋକ-ମାନଙ୍କ ବିଷୟରେ ନିଜର କୌତୂହଳ ପ୍ରକାଶ କରିବେ ଏବଂ ଉପସ୍ଥିତ ଜନ ସାଧାରଣଙ୍କ ନିକଟରେ ନିଜକୁ ଜାହିର କରିବା ଲାଗି ଆପଣା ପଦ-ପଦବୀ, ଚାକର-ନୌକର, ବାଗ୍ ବଗିଚା, ବିଦ୍ୟାବୁଦ୍ଧିର ବଡ଼ିମା ପ୍ରକାଶ କରିବେ । ସେହି ଅଞ୍ଚଳର ଜମିଦାରଙ୍କୁ ତଲବ୍ କରି ଚୋପଦାରଙ୍କ ଜରିଆରେ ତାଙ୍କ ନିକଟରୁ 'ଛୋକରୀ, ବକରୀ, ଛପର ଖଟ ମଶାରି, ଚିରବନ ବେପଶମ୍' ଆଦି ରସଦ୍ ଦାବୀ କରିବେ । ଜମିଦାର ଯୋଗାଇଥିବା ରସଦରେ ମିର୍ଜା ସାହେବ ଅସନ୍ତୋଷ ପ୍ରକାଶ କରି ଗଉଡୁଣୀଙ୍କି ତଲବ କରିବେ । ଜଣେ ଗଉଡୁଣୀ (ସ୍ଥଳ ବିଶେଷରେ ଦୁଇ ଜଣ) ଦହି ଦୁଧ ପସରା ଘେନି ପହଞ୍ଚିବା ପରେ

ମିର୍ଜା ସାହେବ ତା' ନିକଟରେ ପ୍ରୀତି ଭିକ୍ଷା କରିବେ । କିନ୍ତୁ ଗଉଡୁଣୀ ତହିଁରେ ଅସମ୍ମତ ହୋଇ ପଳାୟନ କରିବ । କେତେକ ସ୍ଥଳରେ ଗଉଡୁଣୀ ପ୍ରଥମେ ଆସେ ତାହା ନିକଟରେ ମିର୍ଜା ସାହେବ ପ୍ରୀତି ଭିକ୍ଷା କରି ବିଫଳ ହେବା ଭଳାରେ ଜମିଦାରଙ୍କୁ ତଲବ୍ କରନ୍ତି ଏବଂ ତାଙ୍କ ନିକଟରୁ ଛୋକରୀ ବଜରୀ ଆଦି ରସଦ ହାସଲ କରନ୍ତି ।

ମିର୍ଜା ସାହେବ ମୋଗଲ ତାମସାର ମୁଖ୍ୟ ବା କେନ୍ଦ୍ର-ଚରିତ୍ର,—ଏହି ଚରିତ୍ରର କାର୍ଯ୍ୟକଳାପ, ଆଗ୍ରର ବ୍ୟବହାର ଦର୍ଶାଇ ଦେବା କବିଙ୍କର ପ୍ରଧାନ ଉଦ୍ଦେଶ୍ୟ ଥିବାର ମନେ ହୁଏ । ମିର୍ଜା ସାହେବଙ୍କର ବିଳାସ-ବ୍ୟସନ, ଅନ୍ଧ ବୁଝାମଣା, ପାରିଷଦ ବା ପାର୍ଶ୍ୱ-ଚର ମାନଙ୍କ ଉପରେ ପୂର୍ଣ୍ଣ ନିର୍ଭରଶୀଳତା ଏହି ତାମସାର ଭଲ ଭାବରେ ଚିତ୍ରିତ ହୋଇଛି । ମିର୍ଜାଙ୍କ ବ୍ୟତୀତ ଅନ୍ୟ ସମସ୍ତେ ପାର୍ଶ୍ୱ ଚରିତ୍ର । ଶ୍ୱେପଦାର ମାନଙ୍କଠାରୁ ଆରମ୍ଭ କରି ଭେଷ୍ତି ଓ୍ୱାଲା, ଝାଡୁ ଓ୍ୱାଲା, ହୁକାଓ୍ୱାଲା ପ୍ରଭୃତି ଅଧିକାଂଶ କର୍ମଚାରୀ କୌଣସି- ନା- କୌଣସି ମାଦକ ଦ୍ରବ୍ୟର ଭକ୍ତ । କେହି କେହି ମଧ୍ୟ ଗଣିକାସକ୍ତ ହୋଇ ପଡ଼ିଛନ୍ତି । ଅଧିକାଂଶ ସେବାକାରୀ ମଜୁରୀ ବା ବେତନ ନ ପାଇ ଦୁରବସ୍ଥାରେ ଥିବା କଥା ପ୍ରକାଶ କରିଛନ୍ତି । ଭାଟ ଓ ଶିଖ୍ ଗୁରୁ ନାନକମାନଙ୍କ ଚରିତ୍ର ସମା-ବେଶରୁ ଜଣା ପଡ଼େ ମିର୍ଜା ସାହେବ ଦାନ ଖଇରାତ କରିବାରେ ପଶ୍ଚାତ୍‌ପଦ ନ ଥିଲେ । କବି ବଂଶୀ ବଲ୍ଲଭ ନାନକ-ଭକ୍ତ ଥିବାର ମଧ୍ୟ ଏଥିରୁ ସୂଚିତ ହୁଏ । ଜମିଦାର ଏବଂ ତାଙ୍କର ଗୁମାସ୍ତା, ପିଆଦା ପ୍ରଭୃତିଙ୍କ ପ୍ରତି କବି ବ୍ୟଙ୍ଗ କରିବାକୁ ପଶ୍ଚାତ୍‌ପଦ ହୋଇ ନାହାନ୍ତି । ମିର୍ଜା ସାହେବଙ୍କ ସହିତ ଜମିଦାରଙ୍କ କାରବାର ଫକୀର ମୋହନ 'ଛ ମାଣ ଆଠ ଗୁଣ୍ଠ' ଉପନ୍ୟାସର ଦିଲ୍‌ଦାର ମିଆଁଙ୍କ ସଂଗେ ରାମଚନ୍ଦ୍ର ମଙ୍ଗରାଜଙ୍କ କାରବାର କଥା ସ୍ମରଣ କରାଇ ଦିଏ । ଗଉଡୁଣୀ ଚରିତ୍ର କବିଙ୍କର ଏକ ଅପୂର୍ବ ସୃଷ୍ଟି । ସେ କାଳର ହାଟୁଆ ଘର ଝିଅବୋହୂଙ୍କ ମାନ ଇଜତ୍ କିପରି ଥିଲା, ତାହା ଏହି ଚରିତ୍ର ସମାବେଶରୁ ଜଣା ପଡ଼େ । ମୋଟାମୋଟି ପ୍ରାୟ ଦଇ ଶହ ବର୍ଷ ତଳେ ଆମ ଦେଶର ଶାସକ, ତାଙ୍କର ପାଖ ଲୋକ ଓ ବିଭିନ୍ନ କର୍ମଚାରୀ ତଥା ସମାଜର ତଳ ଶ୍ରେଣୀର ଲୋକଙ୍କ ସ୍ୱରୂପ-ପ୍ରକୃତି ଯେପରି ଥିଲା, ତାହାର କେତେକ ସୂଚନା 'ମୋଗଲ ତାମସା'ରୁ ମିଳିଥାଏ ।

ସାଧାରଣତଃ ଶିବ ମନ୍ଦିର ସମ୍ମୁଖରେ ତାମସା ଅଭିନୟ ଲାଗି ଏକ ବିଶେଷ ଧରଣର ମୁକ୍ତ ରଂଗ ମଞ୍ଚ ତିଆରି କରାଯାଏ । ମଞ୍ଚରେ କୌଣସି ଦୃଶ୍ୟପଟ ବ୍ୟବହୃତ ହୁଏ ନାହିଁ । ଗୋଟିଏ ପାଖରେ ଖଟ ବା ମାଟି ପକାଇ—ଉଚ୍ଚ ସ୍ଥାନ କରି, ତା' ଉପରେ ମିର୍ଜା ସାହେବଙ୍କ ବସିବା ଲାଗି ସିଂହାସନ ତିଆରି କରା ଯାଇଥାଏ । ରଂଗ ବେରଂଗର କନା ଓ ପତ୍ର ପୁଷ୍ପରେ ସିଂହାସନଟି ସଜ୍ଜିତ ହୋଇଥାଏ । ତାହାର ଦୁଇ ପାଖରେ (ସେଲ୍ମୁଖ ଭାଗ ଏବଂ ବାମ -ଦକ୍ଷିଣ ଦୁଇ ଭଡ଼) ଦର୍ଶକ ମଣ୍ଡଳୀ ବସନ୍ତି । ମିର୍ଜା ସାହେବଙ୍କ ସିଂହାସନ ଆଗରେ ଅନ୍ୟାନ୍ୟ ପାତ୍ର ପାତ୍ରୀଙ୍କର ଅଭିନୟ ସକି ଅଳ୍ପ ସ୍ଥାନ ଛାଡ଼ି ଦିଆ ଯାଇଥାଏ । ମଞ୍ଚର ଗୋଟିଏ ପାଖକୁ ଆସରବାଲ୍ ଗାୟକ ଓ ବାଦ୍ୟକାରୀମାନେ ବସନ୍ତି । ଉପରେ ଚାନ୍ଦୁଆ ବା ସମିଆନା ଟଙ୍ଗା ଯାଇଥାଏ; ତହିଁରୁ ବିଭିନ୍ନ ରଂଗର ଫାନୁସ୍ ଓ କାଗଜ ଫୁଲ ଝୁଲୁଥାଏ । ପୂର୍ବେ ଫାନୁସ ମଧ୍ୟରେ ମହମ ବତୀ ଜଳା ଯାଇ ଏବଂ ମଶାଲ ଆଲୁଅ ସାହାଯ୍ୟରେ ଅଭିନୟ ହେଉଥିଲା; ଏବେ ପେଟ୍ରୋମାକ୍ସ ଲାଇଟ ଓ ଇଲେକ୍ଟ୍ରି ସିଟି ଯୁଗରେ ତାହା ପରିତ୍ୟକ୍ତ ହୋଇଛି ।

ତାମସା ଅଭିନୟ ଆରମ୍ଭ ହେବା ପୂର୍ବରୁ କାହାଳୀ, ଘୋଡ଼ି ନାଗରା କିମ୍ବା ଢୋଲ ମହୁରୀ ଅନବରତ ବାଜୁଥାଏ । ଏହି ବାଦ୍ୟକାରୀବୃନ୍ଦ ରଙ୍ଗମଞ୍ଚର ଅନତି ଦୂରରେ ବସି ଥାଆନ୍ତି । ଦର୍ଶକମାନଙ୍କୁ ନାଟ୍ୟସ୍ଥାନକୁ - ଆକୃଷ୍ଟ କରି ଆଣିବା ଏହି ବାଦ୍ୟର ଉଦ୍ଦେଶ୍ୟ । ଅଭିନୟ ମଝିରେ ମଧ୍ୟ— କେତେବେଳେ ଅଭିନେତାମାନଙ୍କ ନାଚ ସହିତ, ପୁଣି କେତେବେଳେ ଅଭିନୟର ସାମୟିକ ବିରତି ସୂଚାଇବା ଲାଗି—ଏହି ବାଦ୍ୟ ବାଜିଥାଏ । ମଞ୍ଚ ପାଖରେ ବସିଥିବା ଅନ୍ୟ ବାଦ୍ୟକାରୀବୃନ୍ଦ ଏବଂ ଆସର ଓ୍ୱାଲା ଗାୟକ ହାରମୋନିୟମ୍, ତୁରିତବଲା, ପଖଉଜ, ଦୁକ୍କୀ, ବେହେଲା, ସେତାର ଆଦି ବ୍ୟବହାର କରି ଥାଆନ୍ତି । ତାମସା ଅଭିନୟରେ ହିନ୍ଦୁମୁସଲମାନ ଉଭୟ ସଂପ୍ରଦାୟର ଲୋକ ଅଂଶ ଗ୍ରହଣ କରନ୍ତି । ନାରୀ ଭୂମିକାରେ କୌଣସି ସ୍ତ୍ରୀ ଲୋକ ଅଂଶଗ୍ରହଣ କରନ୍ତି ନାହିଁ । ପୁରୁଷ ଲୋକେ ସ୍ତ୍ରୀ-ବେଶ ପିନ୍ଧି ଅବତରଣ ହୁଅନ୍ତି । ଶ୍ୱେପ-ଦାର, ମିର୍ଜା ସାହେବ, ଭେସ୍ତିଓ୍ୱାଲା, ଫରାସ୍, ଚୋଡି ବରଦାର ପ୍ରଭୃତି ମୁସଲମାନୀ ବେଶ ପୋଷାକ ପିନ୍ଧି ଥାଆନ୍ତି । ମିର୍ଜାଙ୍କ ପୋଷାକ ମହାର୍ଘ ଓ ଜାକଜମକପୂର୍ଣ୍ଣ ହୋଇଥାଏ । ଜମିଦାରଙ୍କ ବୈଷ୍ଣବ ବେଶ । ଗଉଡୁଣୀ ସାଧାରଣ ହିନ୍ଦୁ ନାରୀ ଭଳି ଶାଢ଼ୀ ପିନ୍ଧି ଦୁଧ-ଦହି ବୋଝ ମଥାରେ ଧରି ମଞ୍ଚକୁ ଆସିଥାଏ । ତାମସାର ଅଭିନୟ ରାତ୍ରି ପ୍ରାୟ ଦଶ ଘଣ୍ଟାରୁ ଆରମ୍ଭ ହୋଇ ସକାଳ ପର୍ଯ୍ୟନ୍ତ ଚଳେ । ଜାତି-ଧର୍ମ-ବୟସ ନିର୍ବି-ଶେଷରେ ସବୁ ଶ୍ରେଣୀର ଦର୍ଶକ ସାରା ରାତି ଉଜାଗର ରହି ତାମସା ଅଭିନୟ ଉପଭୋଗ କରନ୍ତି ।

ମୋଗଲ ତାମସା ସଙ୍ଗୀତ-ପ୍ରଧାନ ହେଲେ ମଧ୍ୟ, କେତେକ ପରିମାଣରେ ଗଦ୍ୟ ସଂଳାପ ଏଥିରେ ସ୍ଥାନ ଲାଭ କରିଛି । ଯେଉଁ ଶ୍ରେଣୀର ପାତ୍ରପାତ୍ରୀଙ୍କ ମୁଖରେ ଯେଉଁଭଳି ସଂଳାପ ସୁନ୍ଦର ଓ ସ୍ୱାଭାବିକ, କବି ସେହିଭଳି ସଂଳାପ ବ୍ୟବହାର କରିଛନ୍ତି । ମିର୍ଜା ସାହେବଙ୍କ ମୁଖରେ ଫାର୍ସୀ ଭାଷା ତାଙ୍କର ସେବା-କାରୀ ନୌକର-ଚାକରଙ୍କ ମୁଖରେ ଫାର୍ସୀ, ଉର୍ଦ୍ଦୁ, ହିନ୍ଦୀ, ବଙ୍ଗଳା ଭାଷା, ଜମିଦାର, ଗୁମାସ୍ତା, ଗଉଡୁଣୀ ପ୍ରମୁଖଙ୍କ ମୁଖରେ ଓଡ଼ିଆ ଭାଷା ସଂଯୋଜିତ କରି କବି ବଂଶୀବଲ୍ଲଭ ସଂସ୍କୃତ ନାଟକର ପରଂପରା ଅନୁସରଣ କରିବା ସଙ୍ଗେ ସଙ୍ଗେ ନାଟ୍ୟା-ଭିନୟର ପ୍ରାକୃତିକତା ଓ ଚମତ୍କାରିତା ରକ୍ଷା କରିଛନ୍ତି । ଫାର୍ସୀ ଭାଷା-ଅନଭିଜ୍ଞ ଅଭିନେତାମାନଙ୍କ ମୁଖରେ ଉଚ୍ଚାରିତ ହେଉଥିବାରୁ କାଳକ୍ରମେ ତାମସାର ଶବ୍ଦ ଫାର୍ସୀ, ଉର୍ଦ୍ଦୁ ଆଦି ଭାଷା ମିଶ୍ର ଓ ବିକୃତ ହୋଇ ପଡ଼ିଥିବାର ଦେଖାଯାଏ । ତାମ-ସାର ନୃତ୍ୟ, ବାଦ୍ୟ, ସଙ୍ଗୀତାଦିର କେତେକ ବିଶେଷତ୍ୱ ରହିଛି । ଢୋଲ-ମହୁରୀ କିମ୍ବା ଘୋଡ଼ି-ନାଗରା-କାହାଳୀର ଉନ୍ମାଦକାରୀ ବାଦ୍ୟର ତାଳେ ତାଳେ ମିର୍ଜା ସାହେବଙ୍କର ଛନ୍ଦୋବଦ୍ଧ ଗତି, ଶ୍ୱେପଦାର ଓ ଅନ୍ୟାନ୍ୟ ପାତ୍ରପାତ୍ରୀଙ୍କର ନୃତ୍ୟ ଅତୁଳନୀୟ । ଘାଟୋ, ଝୁଲଣା ଅନ୍ୟାନ୍ୟ ତାମସା- ସଙ୍ଗୀତର ରାଗ ରାଗିଣୀରେ ମଧ୍ୟ ବୈଶିଷ୍ଟ୍ୟ ବିଦ୍ୟମାନ । ଏହି ନୃତ୍ୟ-ସଙ୍ଗୀତର ବହୁଳତା ମୁକ୍ତ ରଙ୍ଗମଞ୍ଚ, ଅଭିନୟ ରୀତି, ଦର୍ଶକମଣ୍ଡଳୀ ଦୃଷ୍ଟିରୁ ତାମସା ଲୋକନାଟ୍ୟର ଏକ ବିଶିଷ୍ଟ ଶୈଳୀ ହିସାବରେ ସୁପ୍ରତିଷ୍ଠିତ ।

ତାମସା, ପ୍ରହସନ ବା ଫାର୍ସଜାତୀୟ—ବ୍ୟଙ୍ଗାତ୍ମକ ଓ ରଙ୍ଗରସପୂର୍ଣ୍ଣ । ମହାରାଷ୍ଟ୍ରରେ ଏହି ନାମଧାରୀ ଏକପ୍ରକାର ଜନପ୍ରିୟ ଲୋକନାଟ୍ୟ ପ୍ରଚଳିତ ଅଛି । ମୋଗଲ ତାମସାଠି ଭଳି ମରାଠୀ ତାମସା ଅଷ୍ଟାଦଶ ଶତାବ୍ଦୀରେ ମରାଠୀ ଶାସନ କାଳରେ ବିକାଶ ଲାଭ କରିଥିଲା ଏବଂ ଏପର୍ଯ୍ୟନ୍ତ ତାହା ଲୋକନାଟ୍ୟର ଏକ ଜୀବନ୍ତ ଶୈଳୀ ଭାବରେ ବିଦ୍ୟମାନ ରହିଛି । ମରାଠୀ ତାମସା ଓ ଓଡ଼ିଶା ତାମସା ମଧ୍ୟରେ କେତେକ ସାଦୃଶ୍ୟ ପରିଲକ୍ଷିତ ହୁଏ । ଉଭୟର ରଙ୍ଗମଞ୍ଚ ଓ ପ୍ରେକ୍ଷାଳୟ ପ୍ରାୟ ଏକପ୍ରକାର । ନୃତ୍ୟ, ସଙ୍ଗୀତ ଓ ରଙ୍ଗରସର ପ୍ରାଚୁର୍ଯ୍ୟ ଉଭୟରେ ରହିଛି । ମୋଗଲ ତାମସାର ଗଉଡୁଣୀ ଭଳି ମରାଠୀ ତାମସାରେ ଗଉଲାନ୍ (ଗୋପାଳିନ) ଶ୍ରୀକୃଷ୍ଣଙ୍କ ଗୋପ-ଲୀଳାର ଗୋପୀ ରୂପେ ଅଭିନୟ କରେ ।

ଓଡ଼ିଶାରେ ପ୍ରାୟ ଦୁଇ ଶହ ବର୍ଷ କାଳ ମୁସଲମାନ ଶାସନ ପ୍ରଚଳିତ ଥିଲା । ସେହି ଶାସନର ପ୍ରଭାବ ରାଜ୍ୟର ସାଂସ୍କୃତିକ କ୍ଷେତ୍ରରେ ଯେଉଁ ମୁଦ୍ରାଙ୍କ ଦେଇ ଯାଇଛି, 'ମୋଗଲ ତାମସା' ତନ୍ମଧ୍ୟରୁ ଅନ୍ୟତମ । ଉଭୟ ଓଡ଼ିଶାରେ ହିନ୍ଦୁ-ମୁସଲମାନ ଦୁଇ ସଂପ୍ରଦାୟ ମଧ୍ୟରେ ମୈତ୍ରୀ ଓ ସଂହତି ସ୍ଥାପନରେ ଏହା ସହାୟକ ହୋଇ ଆସିଛି ।

ଏହାର ଅଭିନୟରେ ଯେପରି ହିନ୍ଦୁ-ମୁସଲମାନ ସମସ୍ତେ ଅଂଶ ଗ୍ରହଣ କରନ୍ତି ଦର୍ଶକ ହିସାବରେ ଉଭୟ ସଂପ୍ରଦାୟର ଲୋକେ ସେହିପରି ଏହା ଉପଭୋଗ କରି ଥାଆନ୍ତି । ଶିବ ମନ୍ଦିର ଓ ଶିବାରାଧନା ସହିତ ତାମସା ଅଭିନୟର ସଂପର୍କ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । କୋରାନ ଶରୀଫରେ ଆଲ୍ଲାଙ୍କର ଯେଉଁ ଶକ୍ତି, ଜ୍ଞାନ ଓ କରୁଣା କଥା ବୋଲା ଯାଇଛି, ମହାଦେବ ଶିବଙ୍କ ଠାରେ ସେହି ସବୁ ବିଭୂତି ବିଦ୍ୟମାନ । ଶିବଙ୍କ ଭଳି ଆଲ୍ଲା ମଧ୍ୟ ଉଭୟ ଭୀତି ଓ ପ୍ରୀତିର ଦେବତା । ଜନସାଧାରଣଙ୍କ ଅବଚେତନାରେ ଏହି ଧ୍ୟାନ-ଧାରା ବଦ୍ଧମୂଳ କରି କବି ବଂଶୀବଲ୍ଲଭ ଜାତୀୟ ସଂହତି ପ୍ରତିଷ୍ଠା ଉଦ୍ଦେଶ୍ୟରେ ମୋଗଲ ତାମସାଦିର ରଚନା ଓ ଅଭିନୟ ପ୍ରଦର୍ଶନ କରିଥିଲେ ।

ରିଡ଼ର, ଓଡ଼ିଆ ବିଭାଗ
ରେଭେନସା କଲେଜ, କଟକ-୩



# ଲୋକ ଜୀବନରେ ନୂତନ ସ୍ପନ୍ଦନ

ଡକ୍ଟର କୃଷ୍ଣଚନ୍ଦ୍ର ଭଞ୍ଜନା

ଏବେ କେତେ ବର୍ଷ ହେଲା ଆମ ଲୋକ ଜୀବନରେ ଏକ ନୂତନ ସ୍ପନ୍ଦନ ଅନୁଭୂତ ହେବାରେ ଲାଗିଛି । ଯେଉଁମାନେ ଶହ ଶହ ବର୍ଷ ଧରି ବଣ ଜଙ୍ଗଲରେ ପଶୁମାନଙ୍କ ସହ ଲଢ଼େଇ କରୁଥିଲେ, ବଞ୍ଚିବା ପାଇଁ ଅନବରତ ନିଃଶ୍ୱାସ ମାରୁଥିଲେ, ସେମାନେ ବହୁ ନୂତନ ଦିଗନ୍ତର ଆବିଷ୍କାର କରିବାରେ ସମର୍ଥ ହୋଇ ପାରିଛନ୍ତି । ସେମାନେ ଯେ କେବଳ ଏକ ଆଦିମ ଅବସ୍ଥାକୁ ଅତିକ୍ରମ କରି ବାହାରକୁ ଆସିଛନ୍ତି ତାହା ନୁହେ, ସେମାନେ ଗୁଣାତ୍ମକ ଦୃଷ୍ଟିକୋଣରୁ ନୂତନ ସ୍ୱାଦ ମଧ୍ୟ ଆବିଷ୍କାର କରିଛନ୍ତି । ଇତିହାସବିତ୍‌ମାନଙ୍କ ମତରେ ଏହା ଆମ ସାମାଜିକ ଜୀବନର ଏକ ନୂତନ ପର୍ଯ୍ୟାୟ ଆରମ୍ଭ ।

ଏହି ପରିବର୍ତ୍ତନ ଫଳରେ ଲୋକ ଜୀବନରେ ବହୁ ସମସ୍ୟା ନୂଆ କରି ମୁଣ୍ଡ ଟେକିଛି । ଉଦାହରଣ ସ୍ୱରୂପ, ଯେଉଁ ଆଦିବାସୀମାନେ ଏବେ ପର୍ଯ୍ୟନ୍ତ ବଣ ଜଙ୍ଗଲରେ ରହି ଆସିଥିଲେ ଏବଂ ପାୟ କନ୍ଦା ଫଳମୂଳ ଖାଇ ଜୀବନ ଧାରଣ କରୁଥିଲେ, ସେମାନେ ଏକ ନୂତନ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି । ସେମାନେ ତାଙ୍କର ପାରମ୍ପରିକ ଜୀବନ ନିର୍ବାହ ରୀତିରେ ପରିବର୍ତ୍ତନ ଆଣିଛନ୍ତି ଓ ସହରାଞ୍ଚଳର ଅଧିବାସୀଙ୍କ ପରି ଆଧୁନିକ ପ୍ରଣାଳୀରେ ଖାଇବା ଓ ରହିବା ପାଇଁ ମନ ବଳାଇଛନ୍ତି । ଏହାର ତାତ୍ତ୍ୱିକ ପରିଣତି ଯାହା ହେଉ ନା କାହିଁକି, ଏହାର ଅର୍ଥନୈତିକ ପରିଣତି ଗୁରୁତର ଅବସ୍ଥା ସୃଷ୍ଟି କରିଛି । ଏବେ ପର୍ଯ୍ୟନ୍ତ ଯେଉଁମାନେ କେବଳ ସହରାଞ୍ଚଳର ଅଧିବାସୀଙ୍କ ପାଇଁ ସାମଗ୍ରୀମାନ ଯୋଗାଉଥିଲେ, ସେମାନେ ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତିରେ ଜୀବନର ସାମଗ୍ରୀ ନିମନ୍ତେ ସହରାଞ୍ଚଳର ଲୋକଙ୍କ ସହ ପ୍ରତିଯୋଗିତା କରିବାରେ ଲାଗିଲେ । ଏହା ଫଳରେ ସୀମିତ ସମ୍ପଦ ଉପରେ ଚାପ ଅଧିକ ହେବାରେ ଲାଗିଛି । ଧରନ୍ତୁ ସେଇଁ ଆଦିବାସୀମାନେ ସହସ୍ର ବର୍ଷ ଧରି ଆଧୁନିକ ଖାଦ୍ୟ, ଆଧୁନିକ ବସ୍ତ୍ର ଓ ଆଧୁନିକ ଭୋଗ ବିଳାସରୁ ଦୂରରେ ଥିଲେ, ସେମାନେ ହଠାତ୍ ଏହି ସବୁ ସାମଗ୍ରୀ ପାଇଁ ଦାବୀ କଲେ । ବଣ ଜଙ୍ଗଲରେ ରେଡ଼ିଓର ସ୍ୱର ପ୍ରକୃତିର ନିସ୍ତବ୍ଧତାକୁ ଆଲୋଡ଼ିତ କରୁଛି । ସେହିପରି ବିଦ୍ୟୁତ୍‌ବତୀ, ଟେଲିଭିଜନ, ଆଧୁନିକ ଟିଣ ଖାଦ୍ୟ ଓ ଏହିପରି ଅନେକ ଅପରିଚିତ ଅଭାବ ଅନୁଭୂତି ହେବାରେ ଲାଗିଛି । ଏହା ହେବା ଫଳରେ ଏକ ପରିବର୍ତ୍ତନର ବନ୍ୟା ଆସେଇ ସୃଷ୍ଟି

ଅପର ପକ୍ଷରେ ଆଦିବାସୀମାନେ ଆଉ ପୂର୍ବପରି କାର୍ଯ୍ୟକ୍ଷମ ହୋଇ ପାରୁନାହାନ୍ତି । ଆଧୁନିକ ଜୀବନଯାପନ ସହ ସମ୍ପୃକ୍ତ ହେବା ଫଳରେ ସେମାନଙ୍କ ମନ ଓ ଶରୀରରେ ଶିଥିଳତା ଆସିଯାଇଛି । ଏପରିକି ସେମାନେ ନିଜର ଚାହିଦା ମଧ୍ୟ ପୂରଣ କରି ପାରୁନାହାନ୍ତି । ଅପରନ୍ତୁ, ଆଦିବାସୀମାନଙ୍କ ପାରମ୍ପରିକ ଖାଦ୍ୟ ସାମଗ୍ରୀ ଉପରେ ତଥାକଥିତ ସଭ୍ୟ ସମାଜର ଲୋଲୁପ ଦୃଷ୍ଟି ପ୍ରସାରିତ ହେବାରେ ଲାଗିଛି । ଉଦାହରଣ ସ୍ୱରୂପ ଆଦିବାସୀମାନେ ଏବେ ପର୍ଯ୍ୟନ୍ତ ଟେକୁଣି ମଞ୍ଜି ଓ ଆମ୍ବ କୋଇଲିକୁ ପାଣିରେ ସିଝାଇ ଖାଉଥିଲେ । ଏହା ଫଳରେ ସେମାନଙ୍କ ଖାଦ୍ୟ ଅଭାବ ବହୁ ପରିମାଣରେ ଦୂର ହୋଇ ପାରୁଥିଲା । ବର୍ତ୍ତମାନ ବଣ ଜଙ୍ଗଲରୁ ଟେକୁଣି ମଞ୍ଜି ଓ ଆମ୍ବ କୋଇଲି ସଂଗ୍ରହ କରି ତାକୁ ମୂଲ୍ୟବାନ ଖାଦ୍ୟ ସାମଗ୍ରୀ କରିବା ପାଇଁ ଅଣାଯାଉଛି । ଏହା ଫଳରେ ଆଦିବାସୀମାନଙ୍କ ଖାଦ୍ୟ ଉପରେ ଅଯଥା ଭାବରେ ପ୍ରଭାବ ପଡ଼ିବ । ଏହା ଫଳରେ ହୁଏତ ସେମାନଙ୍କ ସଂଖ୍ୟା କମିବା ସଙ୍ଗେ ସଙ୍ଗେ ଏକ ଅନନ୍ୟ ସାଧାରଣ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି ।

ଆଦିବାସୀମାନଙ୍କ ଖାଦ୍ୟ ଓ ଜୀବନ-ଯାପନ ପ୍ରଣାଳୀ ହଠାତ୍ ବଦଳିଯିବା ସମ୍ଭବ ନହେଁ । ଏ ଦିଗରେ କୌଣସି ମୌଳିକ ପରିବର୍ତ୍ତନ ଆଣିବାକୁ ହେଲେ ନିଶ୍ଚିତ ଭାବରେ ଲମ୍ବା ସମୟ ଆବଶ୍ୟକ ହେବ । ସେହିପରି ସେମାନଙ୍କ ମଧ୍ୟରେ ଅକାରଣ ଚଞ୍ଚଳତା ସୃଷ୍ଟି କଲେ ସାମାଜିକ ତଥା ଅର୍ଥନୈତିକ ଭାରସାମ୍ୟ ଲୋପ ହେବ ଏବଂ ଅଯଥା ସମସ୍ୟାମାନ ସୃଷ୍ଟି ହେବ । ଜୀବନରେ ସ୍ପନ୍ଦନକୁ ସ୍ୱୀକାର କରାଗଲେ ସୁଖ, ଅକାରଣ ସ୍ପନ୍ଦନକୁ ଦୂରେଇ ରଖିଲେ ସମସ୍ତଙ୍କର ମଙ୍ଗଳ ହେବ । ଆମେରିକାରେ ଯେମିତି 'ଭାରତୀୟ'-ମାନଙ୍କୁ ନେଇ ଯେଉଁ ଭୁଲ ପଦକ୍ଷେପ ନିଆ ଯାଇଥିଲା, ସେହିପରି ଭୁଲ ଏମିତି ଏଠାରେ ନହୁଏ ; ସେଥିପାଇଁ ସଜାଗ ରହିବା ଆବଶ୍ୟକ ।

ଆଧୁନିକ ଯୁଗର ପ୍ରବଳ ଉତ୍ତେଜନାର ସ୍ରୋତରେ ଲୋକ ଜୀବନର ବହୁ ପୁରାତନ ଏବଂ ମୂଲ୍ୟବାନ ଦିଗ ନଷ୍ଟ ହେବାରେ ଲାଗିଛି । ଉଦାହରଣ ସ୍ୱରୂପ—ଆଦିବାସୀ ଓ ଅପେକ୍ଷାକୃତ ଗ୍ରାମ୍ୟ ଜୀବନ ମଧ୍ୟରେ ଜୀବନର ଆନନ୍ଦ ପ୍ରକୃତିର ଛନ୍ଦେ ଛନ୍ଦେ ବିକଶିତ ହେଉଥିଲା । ସେମାନେ ଜୀବନକୁ ଗୀତ, ନାଚ ଓ ସମ୍ମିଳିତ ଆନନ୍ଦ ଭିତରେ ଅତିବାହିତ କରୁଥିଲେ । ଜୀବନର ପରିସର ବ୍ୟକ୍ତିର ସ୍ୱାର୍ଥଠାରୁ ବହୁ ଦୂରରେ ପ୍ରସାରିତ ହେଉଥିଲା । ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତିରେ, ଜୀବନର ଆନନ୍ଦର ଉତ୍ସ ଯେପରି ମରି ଯାଉଛି, ସେହିପରି ଜୀବନର ପରିସର ମଧ୍ୟ ଭୟାନକ ଭାବରେ ସଙ୍କୁଚିତ ହେବାରେ ଲାଗିଛି । ଗୋଷ୍ଠୀରୁ ପରିବାର ଓ ପରିବାରରୁ ବ୍ୟକ୍ତି ହିଁ ସର୍ବଶେଷ ମାଧ୍ୟାକର୍ଷଣ ହୋଇଯାଇଛି । ଏହା ଫଳରେ ପାରମ୍ପରିକ ଜୀବନର ସମସ୍ତ ପୁରାତନ ବସ୍ତୁ ଓ ତା'ର ଧାରା ନିଶ୍ଚିତ ଭାବରେ ପରିବର୍ତ୍ତିତ ହେବାରେ ଲାଗିଛି ।

ଏ ପରିବର୍ତ୍ତନ ଫଳରେ ଲୋକ-ଜୀବନର କେତେକ ମୂଲ୍ୟବାନ କ୍ଷେତ୍ରରେ ଶୂନ୍ୟତା ସୃଷ୍ଟି ହୋଇଛି । ଏହି ଶୂନ୍ୟତାକୁ ପୂରଣ ନକଲେ ଲୋକ-ଜୀବନ କେବଳ ଅପୂର୍ଣ୍ଣ ରହିବ ବା ଲୋକ ଜୀବନରେ ଭାରସାମ୍ୟ ନଷ୍ଟ ହେବ ତାହା ନୁହେ, ଲୋକ-ଜୀବନରେ ଯେଉଁ ହତାଶା ଭାବ ସୃଷ୍ଟି ହେବ, ସେଥିରେ କୌଣସି ସୁସ୍ଥ ସମାଜ ତିଷ୍ଠି ରହିବା ସମ୍ଭବ ନୁହେ ।

ଯେଉଁମାନେ ଜୀବନରେ ହସୁଥିଲେ, ସେମାନେ ଆଉ ହସୁନାହାନ୍ତି—ସେମାନଙ୍କ ମନ ଭିତରେ ବହୁ କୃତ୍ରିମ ଅଭାବ ସୃଷ୍ଟି କରାଯାଇଛି ଓ ଏହା ଫଳରେ ଲୋକ-ଜୀବନର ସନ୍ତୋଷ ଓ ପରିତୃପ୍ତି ବଦଳରେ ଏକ ଅଶାନ୍ତ ମନ ଓ ଆତଙ୍କିତ ମନୋଭାବ ସୃଷ୍ଟିହୋଇଛି । ହୋଇପାରେ, ସେମାନଙ୍କ ବଦଳରେ ଆଧୁନିକ ଯୁଗର ବହୁ ଜଞ୍ଜାଳ ଓ ଅନାବଶ୍ୟକ ଆମୋଦର ବସ୍ତୁ ଯୋଗାଯାଉଛି—କିନ୍ତୁ ତା ବଦଳରେ, ସେମାନଙ୍କୁ ଅଧିକ ଦରିଦ୍ର କରି ଦିଆଯାଉଛି ।

ବର୍ତ୍ତମାନର ସଭ୍ୟତା ହେଲା—ଲୋକ-ଜୀବନ ଓ ସଂସ୍କୃତିକୁ ଉଚିତ ମାର୍ଗରେ ଦିଗ-ଦର୍ଶନ ଦେବାକୁ ହେବ । କେବଳ ପରି-ବର୍ତ୍ତନର ଦ୍ୱାହି ଦେଇ ଅକାରଣ ପରିବର୍ତ୍ତନ କଲେ ବହୁ ସ୍ପନ୍ଦନ ସାମାଜିକ ଓ ନୈତିକ ସ୍ତରରେ ସୃଷ୍ଟି ହେବ ସତ, କିନ୍ତୁ ତାର ମୂଲ୍ୟ କ'ଣ ହେବ ? ସନ୍ତୋଷ ବଦଳରେ ଅସନ୍ତୋଷ ସୃଷ୍ଟି କଲେ, ଯେକୌଣସି ସ୍ପନ୍ଦନ ବର୍ଜନୀୟ । ଲୋକ-ଜୀବନ ଓ ଲୋକ ସଂସ୍କୃତି ସମ୍ପର୍କରେ ବିଚାର କଲାବେଳେ ଏହି ଦିଗନ୍ତ ପ୍ରତି ଦୃଷ୍ଟି ରହିବା ବିଧେୟ ।

ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ,
ବ୍ରହ୍ମପୁର, ଗଞ୍ଜାମ ।

## ଭାଇରାଲ୍ ଏନ୍‌କେଫେଲାଇଟିସ୍ ବା ମସ୍ତିଷ୍କ ଜ୍ୱର ସଂପର୍କରେ କେତେକ ଜାଣିବା କଥା

ଆମ ରାଜ୍ୟର ନିକଟବର୍ତ୍ତୀ ବିହାର, ପଶ୍ଚିମ ବଙ୍ଗ ଓ ଉତ୍ତର ପ୍ରଦେଶରେ ଭାଇରାଲ ଏନ୍‌କେଫେଲାଇଟିସ୍ ବା ମସ୍ତିଷ୍କ ଜ୍ୱର ନାମକ ଏକ ନୂତନ ମାରାତ୍ମକ ରୋଗର ଆବିର୍ଭାବ ହେତୁ ସମଗ୍ର ଦେଶରେ ଏକ ପ୍ରକାର ଆତଙ୍କ ଖେଳି ଯାଇଛି । ବିହାର ଓ ପଶ୍ଚିମ ବଙ୍ଗର ସୀମାରେ ବାସ କରୁଥିବା ଲୋକମାନେ ଏହି ରୋଗ ଆମ ରାଜ୍ୟରେ ବ୍ୟାପି ଯିବାର ଆଶଙ୍କା କରୁଛନ୍ତି । କିନ୍ତୁ ଏ ପର୍ଯ୍ୟନ୍ତ ଆମ ରାଜ୍ୟରେ କୌଣସି ସ୍ଥାନରେ ଏହି ରୋଗ ଦେଖାଯାଇ ନାହିଁ । ଏହା ସତ୍ତ୍ୱେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏହି ରୋଗର ନିରାକରଣ ପାଇଁ ପ୍ରତିରୋଧମୂଳକ ବ୍ୟବସ୍ଥାମାନ ଗ୍ରହଣ କରାଯାଉଛି । ଏକ ପ୍ରକାର ମଶା ଏହି ରୋଗର ବାହକ । ଏହି ରୋଗର ଜୀବାଣୁ ଘୁଷୁରି ଓ ବତକ ଇତ୍ୟାଦି ଗୃହପାଳିତ ପଶୁ ପକ୍ଷୀଙ୍କ ଠାରେ ଦେଖାଯିବା ସଙ୍ଗେ ସଙ୍ଗେ କେତେକ ଭ୍ରାମ୍ୟମାଣ ବନ୍ୟ ପକ୍ଷୀମାନଙ୍କଠାରେ ମଧ୍ୟ ଦେଖାଯାଇଥାନ୍ତି । ମଶା ପ୍ରଥମେ ପଶୁପକ୍ଷୀମାନଙ୍କୁ କାମୁଡ଼ି ଏହି ରୋଗର ଜୀବାଣୁ ଆଣେ ଓ ପରେ ସୁସ୍ଥ ଲୋକମାନଙ୍କୁ କାମୁଡ଼ି ରୋଗରେ ଆକ୍ରାନ୍ତ କରେ ।

ଏହି ରୋଗରେ ପ୍ରଥମେ ହଠାତ୍ ଭୟଙ୍କର ଶୀତ ହୋଇ ଜ୍ୱର ହୁଏ କିନ୍ତୁ ମେଲେରିଆ ଭଳି କଂପ ହୁଏ ନାହିଁ । ଜ୍ୱର ଆରମ୍ଭ ହେବା ସଙ୍ଗେ ସଙ୍ଗେ ପ୍ରବଳ ମୁଣ୍ଡ ବ୍ୟଥା ହୁଏ, ଆଖି ଲାଲ ପଡ଼ିଯାଏ ଓ କ୍ରମେ କ୍ରମେ ରୋଗୀ ଅଚେତ ହୋଇ ଯାଏ । ଆନୁଷଙ୍ଗିକ ଲକ୍ଷଣ ଯଥା ପିତୁଳା ବାତ ବା ପକ୍ଷାଘାତ ଆଦି ମଧ୍ୟ ଦେଖା ଦେଇ ପାରେ । ସଂଜ୍ଞାହୀନ ଅବସ୍ଥାରେ ଶେଷରେ କେତେକ ରୋଗୀଙ୍କର ମୃତ୍ୟୁ ହୁଏ । ହଇଜା କିମ୍ବା ବସନ୍ତରୋଗ ଭଳି ଏହି ରୋଗ କେବେହେଲେ ବ୍ୟାପକ ହୁଏ ନାହିଁ । ଗାଁ ଗଣ୍ଡାରେ ଏହି ରୋଗ ହେଲେ ଶତକଡ଼ା ଜଣେ ଅଧେ ଆକ୍ରାନ୍ତ ହୋଇଥାନ୍ତି । ରୋଗ ଆରମ୍ଭ ହେବା ସଙ୍ଗେ ସଙ୍ଗେ ରୋଗୀ-ମାନଙ୍କ ବ୍ୟତୀତ ଅନ୍ୟାନ୍ୟ ଅଧିବାସୀମାନଙ୍କଠାରେ ଆପେ ଆପେ ପ୍ରତିରୋଧ ଶକ୍ତି ଜାତ ହୁଏ ।

ରୋଗର ଲକ୍ଷଣ ପ୍ରକାଶ ପାଇଲେ ସଙ୍ଗେ ସଙ୍ଗେ ରୋଗୀକୁ ନିକଟସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇବା ଉଚିତ୍ । ରୋଗୀକୁ ସବୁବେଳେ ମଶାରି ଭିତରେ ରଖିବା ଆବଶ୍ୟକ । ଏହି ରୋଗର ଚିକିତ୍ସା ସାଧାରଣ ରୋଗର ଚିକିତ୍ସା ଭଳି ହୋଇଥାଏ । ଅନେକ କ୍ଷେତ୍ରରେ ଲୋକେ ମେଲେରିଆ ଜ୍ୱରକୁ ଏନ୍‌କେଫେଲାଇଟିସ୍ ମନେକରି ଆତଙ୍କିତ ହୋଇ ପଡୁଛନ୍ତି । ଡାକ୍ତରଖାନାରେ ରୋଗୀର ପରୀକ୍ଷା ପରେ ରୋଗ ଏନ୍‌କେଫେଲାଇଟିସ୍ ବୋଲି ଜଣା ପଡ଼ିଲେ ଏଥିପାଇଁ ଆତଙ୍କିତ ନ ହୋଇ ରୋଗ ଯେପରି ବ୍ୟାପି ନ ଯାଏ ସେହି ଉଦ୍ଦେଶ୍ୟରେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ଉଚିତ୍ । ଏହି ରୋଗର ମଶା ସାଧାରଣତଃ ବଣ ବୁଦାରେ ଥାଇ ରାତିରେ ଘର ଭିତରକୁ ଯାଇ ସୁସ୍ଥ ଲୋକ-ମାନଙ୍କୁ କାମୁଡ଼ି ଦିଏ । ଜମି ରହୁଥିବା ଅପରିଷ୍କାର ପାଣି ଓ ଧାନ ବିଲ ଇତ୍ୟାଦିରେ ଏହି ମଶା ଡିମ୍ବ ଦେଇ ଥାଏ । ତେଣୁ ରୋଗର ପ୍ରତିରୋଧ ପାଇଁ ମଶାମାନଙ୍କୁ ନିର୍ମୂଳ କରିବା ସକାଶେ ସମସ୍ତ ବ୍ୟବସ୍ଥା ଗ୍ରହଣ କରିବା ଉଚିତ୍ । ନିଜ ଘର ପାଖରେ ଥିବା ଅନାବନା ଜଙ୍ଗଲ ସଫା କରି ଦେବା ସଙ୍ଗେ ସଙ୍ଗେ ଘର ପାଖରେ ଯେପରି ପାଣି ଜମି ନ ରହେ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ । ନିଜ ଘର, ଗାଈ ଗୁହାଳ ଓ ଆଖପାଖ ଅଞ୍ଚଳରେ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀମାନଙ୍କ ସାହାଯ୍ୟରେ କୀଟନାଶକ ଔଷଧ ପକାଇ ଦେବା ଆବଶ୍ୟକ ! ରାତିରେ ଘରେ ମଶାରି ଟାଣି ଶୋଇବା ଉଚିତ୍ । ମୋଟ୍ ଉପରେ କହିବାକୁ ଗଲେ ମଶାମାନଙ୍କୁ ନିପାତ କରି ପାରିଲେ ଏହି ରୋଗ ବ୍ୟାପିବାର ସମ୍ଭାବନା ଆଦୌ ରହିବ ନାହିଁ ।

ଲୋକ ଗଳ୍ପ—

# ଏକ ନିର୍ବୁଦ୍ଧିଆ ବାଳକର କାହାଣୀ

ଶ୍ରୀମତୀ ଶକୁନ୍ତଳା ପଣ୍ଡା

ଅନେକ ବର୍ଷ ତଳେ—

ଗୋଟିଏ ସହରରେ ଜଣେ ଧନୀ ବ୍ୟବସାୟୀ ରହୁଥିଲେ । ତାଙ୍କର ଏକମାତ୍ର ପୁତ୍ର ଛଡ଼ା ସଂସାରରେ ଆଉ କେହି ନଥିଲେ । ପୁଅଟିକୁ ସେ ଅତ୍ୟନ୍ତ ସ୍ନେହ କରନ୍ତି । କିନ୍ତୁ ସବୁ ସୁଖମଧ୍ୟରେ ତାଙ୍କର ସେଇ ଏକମାତ୍ର ଦୁଃଖ, ସେ ପୁଅଟି ଭାରି ବୋକା । ମୁଣ୍ଡରେ ଟିକିଏ ହେଲେ ଅକଲ ନାହିଁ । ବ୍ୟବସାୟୀ ଭବିଷ୍ୟତ କଥା ଚିନ୍ତାକରି ମର୍ମାହତ ହୁଅନ୍ତି । ଏତେ ଧନ-ସମ୍ପତ୍ତିର ସୁରକ୍ଷା କରିବ କିଏ ? ପୁଅଟି କଣ ସତେ ଆଉ ଏ ସଂସାରରେ ମଣିଷ ହୋଇ ଚଳିପାରିବ ?

ସମୟ କାହାକୁ ଅପେକ୍ଷା କରି ରହିପାରେନି । ସେ ତା' ବାଟରେ ଗ୍ଲଚ୍ଛି ଯାଏ । ଦିନେ ବ୍ୟବସାୟୀ ଖୁବ୍ ଅସୁସ୍ଥ ହୋଇପଡ଼ିଲେ । ମୃତ୍ୟୁର ଦିନ ପାଖେଇ ଆସିଲା । ପଅଟିକୁ ଚିରଦିନ ପାଇଁ ଏକାକରି ସେ ଚାଲିଗଲେ ପରପାରକୁ ।

ବାଳକଟି ଅସହାୟ ଭାବେ ଶୂନ୍ୟକୁ ଚାହିଁରହିଲା । ଏତେଗୁଡ଼ାଏ ସମ୍ପତ୍ତିର ରକ୍ଷଣାବେକ୍ଷଣ ଦାୟିତ୍ୱ ତୁଲେଇ ନପାରି ଅଳ୍ପ ଦିନରେ ପଥର ଭିକାରୀ ହେଲା ସେ । ପାଖରେ ପଇସାଟିଏ ନାହିଁ ; ମୁଠାଏ ଖାଇବା ପାଇଁ କାହାପାଖରେ ସେ ହାତ ପତେଇବ ! ଭାବନାର ଶେଷ ନାହିଁ ।

ସେଦିନ ଦୁଃଖମନରେ ସେଇ ଗଛତଳେ ସେ ଅନେକ ସମୟ ପର୍ଯ୍ୟନ୍ତ ବସି ରହିଲା । ସବୁ କଥା ମନେ ପକାଇ ଖୁବ୍ ଗୁଡ଼ାଏ କାନ୍ଦିଲା । ଆଖିରୁ ଝରୁଥାଏ ଅବିଶ୍ରାନ୍ତ ଅଶ୍ରୁଧାରା । ଠିକ୍ ଏତିକିବେଳେ ବୃଦ୍ଧ ବାଟୋଇ ଜଣେ ସେଇ ରାସ୍ତାରେ ଯାଉଥିଲେ । ପାଖକୁ ଆସି ପଚାରିଲେ, "ପୁଅରେ କାନ୍ଦୁଛୁ କାହିଁକି ?" ବାଳକଟି ତାର ଦୁର୍ଭାଗ୍ୟର କାହାଣୀ କହି ଆଉଥରେ ଭେଁ ଭେଁ ହୋଇ କାନ୍ଦି ଉଠିଲା । ବୃଦ୍ଧ କହିଲେ, "ବାବୁରେ, ତୋ ଦୁଃଖ କଥା ଶୁଣି ମୋ ଅନ୍ତର ଥରିଯାଉଛି" ଯାହାହେଉ ହେଲା, ଏବେ ତୁ ମୋ କଥା ମାନି ଏଇ ଯେଉଁ ପାହାଡ଼, ସମୁଦ୍ର ଦେଖୁଛୁ, ତାର ଆର ପାଖକୁ ଚାଲିଯା । ସେପାଖରେ ତୁ ନିଶ୍ଚୟ ଭାଗ୍ୟ ଦେବତାଙ୍କୁ ଖୋଜି ପାଇବୁ । ତୋ ଦୁଃଖ କଥା ଶୁଣିଲେ ସେ ତୋତେ ତୋର ପୂର୍ବ ସୁଖ ଫେରାଇଦେବେ ।"

"ଆପଣ ଯାହା କହିଲେ ମୁଁ ନିଶ୍ଚୟ କରିବି" । ବାଳକଟି ଏତିକି କହି ପାଖରେ ଥିବା ଲୁଗାପଟା କେତେଖଣ୍ଡିକୁ ଖଣ୍ଡିଏ ପୁଟୁଳି କରି ପିଠିରେ ରଖି ନିଜ ଭାଗ୍ୟର ଅନ୍ୱେଷଣରେ ଯାତ୍ରା ଆରମ୍ଭକଲା । କେତେ ନଈ ପାହାଡ଼ ଅତିକ୍ରମ କରି ଅନେକଦିନ ବୁଲି ବୁଲି ଶେଷରେ ସେ ପହଞ୍ଚିଲା ଏକ ଜଙ୍ଗଲରେ । ପାଖ ଝଙ୍କାଳିଆ ଗଛତଳେ ବସି ବିଶ୍ରାମ କରିବା ପାଇଁ ଭାବୁଛି, ଠିକ୍ ଏତିକିବେଳେ ସେ ଦେଖିଲା ଅଳ୍ପ ଦୂରରେ ତାକୁ ଠିଆହୋଇ ଚାହିଁରହିଛି ଗୋଟିଏ ବିଶାଳକାୟ ସିଂହ ! ବାଳକଟି ଭୟରେ ନିଜ ଜୀବନର ଆଶା ଛାଡ଼ିଦେଇ ନୀରବରେ ଠିଆହୋଇ ରହିଲା । ମାତ୍ର ଅଳ୍ପ ସମୟପରେ ସେ ଜାଣିପାରିଲା ଯେ ସିଂହଟି ବୃଦ୍ଧ ହୋଇ ଯାଇଥିବାରୁ ତାର ଜୋରରେ ଦୌଡ଼ିବାର ମଧ୍ୟ ଶକ୍ତି ନାହିଁ ।

ସିଂହ ପଚାରିଲା, "ତୁ ଏମିତି ଭୀତ, ଉଦାସ ଦେଖାଯାଉଛୁ ଯେ ? ବୋଧହୁଏ ଅନେକ ରାସ୍ତା ଚାଲି ବୁଲି ଆସିଛୁ" । ବାଳକଟି ତାର ଦୁଃଖୀ ଜୀବନର କାହାଣୀ ଶୁଣାଇ ଭାଗ୍ୟ ଦେବତାଙ୍କୁ ଖୋଜି ଯାଉଛି ବୋଲି କହିଲା । ସିଂହ କହିଲା, "ଦେଖ ବାଳକ, ମୁଁ ତୋର ଆଦୌ କିଛି ଅନିଷ୍ଟ କରିବି ନାହିଁ । ତୁ ମୋ ବିଷୟ ବି ଭାଗ୍ୟ ଦେବତାଙ୍କୁ ଜଣାଇବୁ । ସେ ଯଦି ଇଚ୍ଛା କରିବେ ମୋ ଭାଗ୍ୟର ପରିବର୍ତ୍ତନ ହୋଇ ମୁଁ ପୂର୍ବ ଶକ୍ତି ଫେରିପାଇବି ଏବଂ ପୂର୍ବ ପରି ଶୀକାର କରି ମୋ ଖାଦ୍ୟ ଯୋଗାଡ଼ କରି ପାରିବି ।"

"ହଁ, ନିଶ୍ଚୟ କହିବି ।" ଏତିକି କହିବାପରେ, ସେ କିଛିଟା ବାଟ ଚାଲିଥିଲ, ଏଥିପାଇଁ ତା ଖାଇବାରେ ଥିବା ଝୁଲରେ ରଖିଟିଏ ପକାଇଲା ।

ଆଉ କିଛି ବାଟ ଗଲା ପରେ ସେ ଦେଖିଲା ଗୋଟିଏ ସୁନ୍ଦର ନୀଳ ହ୍ରଦ । ହ୍ରଦ କୂଳରେ ଗୋଳିଆ ପାଣିରେ ଅସ୍ଥିର ଭାବରେ ବୁଲୁଥିଲା ଗୋଟିଏ ମାଛ । ତାକୁ ଦେଖି ବାଳକଟି ପଚାରିଲା, "ଗଭୀର ନୀଳ ଜଳରେ ମନ ଆନନ୍ଦରେ ଖେଳି ବୁଲିବା ତୋର କାମ ଅଥଚ ଏ ଅଗଭୀର ଗୋଳିଆ ପାଣିରେ ତୁ ଏମିତି ବୁଲୁଛୁ କାହିଁକି ?" ମାଛ କହିଲା, "ଭାଇ ମୋ ପେଟରେ ଖୁବ୍ ଯନ୍ତ୍ରଣା ହେଉଛି । ସେଥିପାଇଁ ମୋତେ କିଛି ଭଲ ଲାଗୁନି । କିନ୍ତୁ ତୁମେ କୁଆଡ଼େ ଯାଉଛ ଯେ ?"

"ମୁଁ ଯାଉଛି ଭାଗ୍ୟ ଦେବତାଙ୍କ ପାଖକୁ ମୋ ଦୁଃଖ କାହାଣ କହିବାକୁ । ସେ ଇଚ୍ଛା କଲେ ମୋ ସୁଖ ପୁଣି ଫେରିଆସିବ ।" ଏତିକି କହି ବାଳକଟି ତାର ସବୁ କଥା ମାଛକୁ ଶୁଣାଇଲା । ମାଛ କହିଲା, "ଭାଇ, ଦୟାକରି ମୋ କଥା ବି ଦେବେ ପଚାରିବ ।" ବାଳକଟି ଝୁଲର ପିଠାରେ ଆଉ ଏକ ଗଣ୍ଠି ପକାଇ ପୁଣି ଆଗକୁ ଚାଲିଲା ।

କିଛିଦିନ ପରେ ବାଳକଟି ପହଞ୍ଚିଲା ଆଉ ଏକ ରାଜ୍ୟରେ । ସେ ଦେଖିଲା ଯେ ସେ ରାଜ୍ୟରେ ଥିବା ଏକ ବଡ଼ ସୁନ୍ଦର ରାଜପ୍ରାସାଦରେ ପାଚିରି କିଆରି ଚାଲିଛି । ବହୁ ଲୋକିଆ ମିସ୍ତ୍ରୀ ଲାଗି କାମ କରୁଛନ୍ତି । ନିଜେ ରାଜା ଗୋଟିଏ ବଡ଼ ଚେଉନା ଛତା ତଳେ ବସି କାମ ତଦାରଖ କରୁଛନ୍ତି । ତାଙ୍କର ରତ୍ନ ଖଚିତ ପୋଷାକର ସୌନ୍ଦର୍ଯ୍ୟରେ ସେ ଖାନଟି ବେଶ୍ ଉଜ୍ଜ୍ୱଳ ଦେଖାଯାଉଛି । କିନ୍ତୁ ରାଜାଙ୍କ ମଳିନ ମୁଖ ଦେଖିଲେ ଏ ସମସ୍ତ ସୌନ୍ଦର୍ଯ୍ୟ ତୁଚ୍ଛ ମନେ ହେଉଛି । ବାଳକଟି ରାଜାଙ୍କ ପାଖରେ ମୁଣ୍ଡ ନୁଆଁଇ ସମ୍ମାନ ଜଣାଇଲା ଏବଂ ତାର ନିଜ ଦୁଃଖ କଥା କହି ଭାଗ୍ୟ ଦେବତାଙ୍କ ପାଖକୁ ଯାଉଛି ବୋଲି କହିଲା । ରାଜା କହିଲେ, "ମୋ କଥା ବି

ଟିକିଏ ତାଙ୍କୁ ପଚାରିବ କି ? ଦେଖ ବାବୁ, ଉଦ ଉଦକୁ ଆବଦ୍ଧ କରିବା ପାଇଁ ମୁଁ ସେଠି ପାଚେରୀ କରାଉଛି, ପାଚିରୀ ତିଆରି ସରିବା ମାତ୍ରକେ ବର୍ଷାହୋଇ ସବୁ ଧୋଇ ହୋଇଯାଉଛି । ତେଣୁ ମୁଁ ଭାରି ମନ କଷ୍ଟରେ ଅଛି ।" ବାଳକ କହିଲା, "ମୁଁ ନିଶ୍ଚୟ ଯାଉ ପ୍ରତିକାର ବତାଇଥାବ ଆପଣଙ୍କୁ ଜଣାଇବି ।" ଝଙ୍କର ପତାରେ ଆଉ ଗୋଟିଏ ଗଣ୍ଠି ପକାଇ ସେ ଆଗକୁ ଚାଲିଲା ।

ଏଥର ସେ ପହଞ୍ଚିଲା ଆଉ ଏକ ରାଜ ପ୍ରାସାଦ ପାଖରେ । ଫାଟକ ପାଖରେ ଥିବା ଜଗୁଆଳଠାରୁ ବୁଝିଲା ଯେ ସେଇ ପ୍ରାସାଦରେ ରହୁଛନ୍ତି ଜଣେ ସୁନ୍ଦରୀ ରାଜକନ୍ୟା । ବାଳକଟି ରାଜ କନ୍ୟାଙ୍କୁ ଦେଖା କରି ସମ୍ମାନ ଜଣାଇଲା । କିନ୍ତୁ ତାଙ୍କ ମୁଖରେ ବିଷାଦର କାଳିମା ଦେଖି ତାର ମନ ବିଚଳିତ ହେଲା । ସେ ଭାଗ୍ୟ ଦେବତାଙ୍କ ପାଖକୁ ଯାଉଛି ବୋଲି ତାଙ୍କୁ ମଧ୍ୟ ଜଣାଇବାରୁ ସୁନ୍ଦରୀ ରାଜକନ୍ୟା କହିଲେ, "ଦୟାକରି ମୋ କଥା ଟିକିଏ ଭାଗ୍ୟ ଦେବତାଙ୍କୁ ପଚାରିବ । ବସ୍ତୁବାଦୀ ଦୁନିଆର ସମସ୍ତ ସୁଖ ମୁଁ ପାଇଥିଲେବି କାହିଁକି ଯେ ସୁଖୀହୋଇ ପାରୁନ, ତା'ର କାରଣ ମୁଁ ଜାଣିପାରୁନ ।"

ବାଳକଟି ଝଙ୍କର ପତାରେ ଆଉ ଏକ ଗଣ୍ଠି ପକାଇ ଆଗେଇବାରେ ଲାଗିଲା ।

ରାସ୍ତାରେ ଚାଲିଗଲା ଆଉ କେତେଦିନ ଦିନେ ବାଳକଟି ଅନ୍ୟ ଏକ ସହରରେ ପହଞ୍ଚିଲା । ସେଠାରେ ଥିବା ଗୋଟିଏ ଘୋଡ଼ାଶାଳରେ ଠିଆ ହୋଇଥିଲା ସୁନ୍ଦର ଧଳା ଘୋଡ଼ାଟିଏ । ପିଠିରେ ତାର କଳାରଙ୍ଗର ଜନ୍ ତାକୁ ବେଶ ମାନୁଥାଏ । କିନ୍ତୁ ମୁଖ ଦେଖାଯାଉଥିଲା, ଶୁଷ୍କ, ନିରସ ।

ବାଳକଟି ଅଶ୍ୱର ଦୁଃଖର କାରଣ ବୁଝି ତାକୁ ମଧ୍ୟ ସାନ୍ତ୍ୱନା ଦେଲା ଯେ ତା' ଦୁଃଖ ଭାଗ୍ୟ ଦେବତାଙ୍କ ପାଖରେ ନିଶ୍ଚୟ ଜଣାଇବ ।

ଏମିତି ଚାଲି ଚାଲି ଅନେକ ଦିନପରେ ଯୁବକଟି ପହଞ୍ଚିଲା ଏକ ସମୁଦ୍ର କୂଳରେ । ସମୁଦ୍ରର ନୀଳଜଳ ଛୁଇଁ ଆସୁଥିବା ସମୀରଣ ତାର ଭାରାକ୍ରାନ୍ତ ମନ ଏବଂ ଶରୀରର କ୍ଳାନ୍ତିକୁ ଟିକିଏ ଲାଘବ କରିଥିଲା । ପାଖରେ ଥିବା ପଥରଗୁଡ଼ିକ ଉପରେ ଚଢ଼ି ସେ ଉପରକୁ ଉଠିଲା । ଆଖିରେ ପଡ଼ିଲା ଛୋଟ ଗୁମ୍ଫାଟିଏ । ବାଳକଟି କୌତୂହଳ ପରବଶ ହୋଇ ଗୁମ୍ଫାର ଅଭ୍ୟନ୍ତରରେ ପ୍ରବେଶ କରି ଦେଖେତ ବସିଛନ୍ତି ଜଣେ ବୃଦ୍ଧ, ଶରୀରର ବର୍ଣ୍ଣ ଉଜ୍ଜ୍ୱଳ । ମୁଖରେ ଖୁବ୍ ଲମ୍ବା ରୌପ୍ୟ ବର୍ଣ୍ଣର ଦାଢ଼ି । ବାଳକଟି ନିର୍ଭୟରେ ତାଙ୍କ ପାଖକୁ ଯାଇ ପଚାରିଲା, "ଆପଣ ବୋଧହୁଏ ମୋର ପରମ ଆରାଧ୍ୟ ଭାଗ୍ୟ ଦେବତା ?"

ବୃଦ୍ଧ ଆନନ୍ଦରେ ସମ୍ମତି ଜଣାଇ ବାଳକ ଆସିବାର କାରଣ ପଚାରିଲେ. ବାଳକ ତାର ପିତାଙ୍କର ମୃତ୍ୟୁ ପରଠାରୁ ଏପର୍ଯ୍ୟନ୍ତ ଘଟିଯାଇଥିବା ତାର ନିଃସ୍ୱ ଜୀବନର କାହାଣୀ ବର୍ଣ୍ଣନା କରିବାକୁ ଲାଗିଲା : ଭାଗ୍ୟ ଦେବ କହିଲେ. "ଏ ସଂସାରରେ ମନୁଷ୍ୟ କେବଳ ନିଜର କୃତ କର୍ମ ପାଇଁ ଦୁଃଖ ଭୋଗ କରେ । ତୁ ଅତ୍ୟନ୍ତ ବୁଦ୍ଧିହୀନ ହୋଇଥିବାରୁ ବହୁ କଷ୍ଟ ପାଉଛୁ ; ଯା' ପରେ ତତେ ଯଦି ଧନ ସମ୍ପତ୍ତି ମିଳେ ତାକୁ କଦାପି ହାତ ଛଡ଼ା କରିବୁ ନାହିଁ । କେବେ ହେଲେ ଆଳସ୍ୟପରାୟଣ ହେବୁ ନାହିଁ । କଠିନ ପରିଶ୍ରମ କରିପାରିଲେ ଜୀବନରେ ଖୁବ ସୁଖୀ ହେବୁ ।"

ବାଳକ ଆନନ୍ଦରେ ବୃଦ୍ଧଙ୍କ ପ୍ରତି କୃତଜ୍ଞତା ପ୍ରକାଶ କଲା । ପରେ ରାସ୍ତାରେ ଭେଟିଥିବା ଅନ୍ୟ ସମସ୍ତଙ୍କର ଭାଗ୍ୟ ବିପର୍ଯ୍ୟୟର କାହାଣୀ ଶୁଣାଇ କିପରି ସେମାନେ ଦୁଃଖମୁକ୍ତ ହେବେ ସେ ବିଷୟରେ କହିବା ପାଇଁ ଭାଗ୍ୟଦେବଙ୍କୁ ନିବେଦନ କଲା ।

ଭାଗ୍ୟ ଦେବ ତା ପ୍ରଶ୍ନରେ ଅତ୍ୟନ୍ତ ପ୍ରୀତ ହୋଇ ପ୍ରତ୍ୟେକଙ୍କର ଦୁଃଖ ଲାଘବ ପାଇଁ ଉପାୟମାନ ବତାଇଲେ ।

ଯା' ମଧ୍ୟରେ କେତେ ଦିନ ବିତିଗଲା । ଧୀରେ ଧୀରେ ବାଳକଟି ରାସ୍ତାରେ ତାର ସେଇ ଦୁଃଖୀ ବନ୍ଧୁମାନଙ୍କୁ ଭେଟି ଭାଗ୍ୟ ଦେବତାଙ୍କ ଅମୃତମୟ ବାଣୀ ଶୁଣାଇ ସର୍ବଶେଷରେ ପଶୁରାଜଙ୍କ ପାଖରେ ପହଞ୍ଚିଲା ।

ସିଂହ କହିଲା, "ଅନେକ ଦିନ ପରେ ଫେରିଲୁ ! ଭାଗ୍ୟ ଦେବତାଙ୍କର ଦେଖା ମିଳିଲାତ ? ମୋ କଥା ସେ କଣ କହିଲେ, "ହଁ ଦେଖା ମିଳିଲା । କେବଳ ତମକଥା ନୁହେଁ, ଯିବା ବାଟରେ ଭେଟିଥିବା ମୋର ଅନ୍ୟ ବନ୍ଧୁମାନଙ୍କ ପାଇଁ ତାଙ୍କୁ ଜଣାଇ ସେମାନଙ୍କର ଦୁଃଖ ଲାଘବ କରାଇ ପାରିଛି ।"

ସିଂହ କହିଲା 'ଏତ ବେଶ୍ ମଜା କଥା । ମୋ ପାଖରୁ ଯିବାପରେ ବାଟରେ ତୁ ପୁଣି କାହାକୁ ଭେଟିଲୁ ? ସେମାନଙ୍କର କଷ୍ଟ ଦୂର କରିବା ପାଇଁ ଭାଗ୍ୟ ଦେବତା କଣ କହିଲେ ?

ବାଳକଟି କହିଲା, ସେ କହିଲେ 'ତୁ ସେଇ ସୁନ୍ଦର ଘୋଡ଼ାଟିକୁ କହ ସେ ତାର ପିଠିରେ ଜଣେ ଉପଯୁକ୍ତ ବ୍ୟକ୍ତିଙ୍କୁ ବସାଇ ବୁଲିବା ପାଇଁ ଅନୁରୋଧ କରୁ । ଯା' ପରେ ତା' ମନର ବିଷାଦ ଦୂର ହେବ ।

"ଏକଥା ଶୁଣି ଘୋଡ଼ାଟି କଣ କହିଲା ?" ଅତ୍ୟନ୍ତ ଆଗ୍ରହରେ ପଚାରିଲା ସିଂହ, "ଘୋଡ଼ା କହିଲା, ଅଜଠୁଁ ମୁଁ ଆପଣଙ୍କର କାମରେ ଲାଗିବାକୁ ପ୍ରସ୍ତୁତ । ମୋ ଉପରେ ଚଢ଼ି ଆପଣ ମନ ଇଚ୍ଛା ବୁଲାବୁଲି କରନ୍ତୁ ।" ମୁଁ କିନ୍ତୁ ତା କଥାରେ ଆଦୌ ରାଜିହେଲିନି । ତାକୁ କହିଲି, ତୋ ପିଠିରେ ଚଢ଼ି ବୁଲିବାର ଉପଯୁକ୍ତ ବ୍ୟକ୍ତି ମୁଁ ନହେଁ ।"

"ଇସ୍ ତୁ ସତରେ ବୋକାଟାଏ । ନଚେତ୍ ଏଭଳି ସୁଯୋଗ କିଏ ଛାଡ଼େ ? ଆଚ୍ଛା ଆଚ୍ଛା କହ ତା' ପରେ କଣ ହେଲା ?"

"ତାପରେ ଭେଟିଲି ରାଜକୁମାରୀଙ୍କୁ . ଭାଗ୍ୟ ଦେବତାଙ୍କ ନିର୍ଦ୍ଦେଶ ଥିଲା, ରାଜକନ୍ୟା ଯଦି ଜଣେ ସୁଯୋଗ୍ୟ ଯୁବକଙ୍କୁ ବିବାହ କରିବେ, ତାଙ୍କ ମନର ଉଦାସଭାବ ଦୂର ହେବ । ତାହା ମୁଁ ଜଣାଇବାପରେ ରାଜକନ୍ୟା କହିଲେ, "ମୁଁ ଆପଣଙ୍କୁ ହିଁ ବିବାହ କରିବାକୁ ଚାହେଁ । ଆପଣ ମୋର ସୁଦୃଶ୍ୟ ପ୍ରାସାଦରେ ରହି ସମସ୍ତ ଧନ ସମ୍ପତ୍ତି ଉପଭୋଗ କରନ୍ତୁ ।" ତୁ ବୋଧହୁଏ ରାଜି ହେଲୁନି ।"

"ନା—ମୁଁ କହିଲି ଆପଣଙ୍କ ଭଳି ଜଣେ ସୁନ୍ଦରୀ ରାଜକନ୍ୟାଙ୍କୁ ବିବାହ କରିବାର ସୁଯୋଗ୍ୟ ପୁରୁଷ ମୁଁ ନୁହେଁ ।"

"ବାସ୍ତବିକ୍ କି ଭୁଲ୍ କଲୁ ? ସୁଯୋଗ ପାଇ ମଧ୍ୟ ହରାଇ ଦେଲୁ ? ଯା' ପରେ ?" "ପହଞ୍ଚିଲି, ରାଜାଙ୍କ ପାଖରେ । ଭାଗ୍ୟ-ଦେବତାଙ୍କ ନିର୍ଦ୍ଦେଶ ଥିଲା, ସେ ତାଙ୍କ ରାଜ୍ୟର ଅର୍ଦ୍ଧେକ ଦାନ କରିଦେଲେ ପାଚିରୀ ତିଆରି ନିର୍ବିଘ୍ନରେ ସମାପନ କରିହେବ । ଏକଥା ଶୁଣିବା ପରେ ରାଜା ମୋତେ ହିଁ ଅନୁରୋଧ କଲେ ଅଧେ ରାଜ୍ୟ ଗ୍ରହଣ କରି ଆନନ୍ଦରେ ପ୍ରଜା ପାଳନ କରିବାକୁ । ମୁଁ ଭାବିଲି ରାଜ୍ୟ ଶାସନ କରିବାର ଉପଯୁକ୍ତ ବ୍ୟକ୍ତି ମୁଁ ନୁହେଁ ।"

"ହୁ—ହୁ ଠିକ୍ କହିଛୁ । ତୋଭଳି ମୂର୍ଖ ସଂସାରରେ ନାହାନ୍ତି ।"

ସିଂହର ବକ୍ରୋକ୍ତି ଶୁଣିବା ପରେ ମଧ୍ୟ ବାଳକଟି ସେମିତି କହି ଚାଲିଲା ! .


"ତାପରେ ମୁଁ ଭାଗ୍ୟଦେବଙ୍କୁ ମାଛର ଯନ୍ତ୍ରଣା ବିଷୟ କହିଲି । ସେ କହିଲେ, 'ମାଛଟି ଗୋଟିଏ ଗହଣାଥିବା ବାକ୍ସ ଗିଳିଦେଇ ଦେଇଥିବାରୁ, ତାର ପେଟରେ ଯନ୍ତ୍ରଣା ଆରମ୍ଭ ହୋଇଛି । ଦୁଇ ହାତରେ ପେଟକୁ ଚିପି ଧରିଲେ ବାକ୍ସଟି ବାହାରି ଆସିବ ଏବଂ ତାର ଯନ୍ତ୍ରଣା କମିଯିବ । ଏକଥା ଶୁଣି ମାଛଟି ସେପରି କରିବାକୁ ମୋତେ ଅନୁରୋଧ କଲା । ମୁଁ ଠିକ ସେପରି କରିବାପରେ ଗହଣାଥିବା ବାକ୍ସଟି ବାହାରକୁ ବାହାରି ଆସିଲା ମାଛଟି ଖୁବ୍ ଖୁସିରେ ମୋତେ ସେ ବାକ୍ସଟି ଉପହାର ସ୍ୱରୂପ ନେବାକୁ କହିଲା । ମାତ୍ର ସେ ମୂଲ୍ୟବାନ ଗହଣାଗଡ଼ିକ ଆଣି ମୁଁ ଢୋ କରିବ ବହିପାରିଲିନି ।"

"ବାଃ—ତୁ ଏଉଳି ବୋକା ଯେ ସୁଯୋଗ ପରେ ସୁଯୋଗ ତୋ ପାଖକୁ ଆସିଲେ ମଧ୍ୟ ତାହା ଗ୍ରହଣ କରିପାରୁନୁ ।" ଆଉ, ମୋ କଥାତ ଏପର୍ଯ୍ୟନ୍ତ କହିଲୁନି ।" "ଏବେ କହୁଛି ଶୁଣ ! ଶେଷରେ ମୁଁ ମ.. କଥା.. ପଚାରିଲି ! ଭାଗ୍ୟଦେବ କହିଲେ— ପଶୁରାଜ ଯଦି କଣେ ବୋକା ଲୋକର ମୁଣ୍ଡ ଖାଇ ଦେଇ ପାରିବ, ତାର ପର୍ବ ଶକ୍ତି ଫେରି ଆସିବ ।"

ସିଂହ ଏକଥା ଶୁଣି କହିଲୁ, "ତୁ ମହା ମୂର୍ଖ । ତୋ ଅପେକ୍ଷା ଅଧିକ ବୋକା ଏ ସଂସାରରେ ଖୋଜି ପାଇବା ସମ୍ଭବ ନୁହେଁ ।"

ଏକଥା କହିବା ପରେ ସିଂହଟି ସେଇ ବୁଦ୍ଧିହୀନ ଚାଲକଟି ଉପରକୁ ଡେଇଁ ପଡ଼ି ତାକୁ ସାଙ୍ଗେ ସାଙ୍ଗେ ଖାଇଦେଲା ।

ସମ୍ପାଦିକା, 'ସନ୍ତରିକା'
ଏ-୧୪୦, ଶହୀଦନଗର
ଭୁବନେଶ୍ୱର—୭



## ବିଭିନ୍ନ ସ୍ଥାନରେ ଖେଳ ଶିକ୍ଷା କେନ୍ଦ୍ର ସ୍ଥାପନ

ସାଂସ୍କୃତିକ ବ୍ୟାପାର ବିଭାଗ ତରଫରୁ ବିଭିନ୍ନ ଖେଳର ମାନ ଉନ୍ନତି ପାଇଁ ବାରିପଦା, ସମ୍ବଲପୁର ଓ ବ୍ରହ୍ମପୁରରେ ଜିଲ୍ଲା ଖେଳ ଶିକ୍ଷା କେନ୍ଦ୍ର ଖୋଲ ଯାଇଛି । ଏହା ଛଡ଼ା ଭବାନୀ ପାଟଣା ଓ ବାଲେଶ୍ୱରଠାରେ ଏହିଭଳି ଶିକ୍ଷା କେନ୍ଦ୍ର ଶୀଘ୍ର ଖୋଲିବା ପାଇଁ ସ୍ଥିର ହୋଇଛି । ଏହି ଶିକ୍ଷାକେନ୍ଦ୍ରମାନଙ୍କରେ ବୈଜ୍ଞାନିକ ପ୍ରଣାଳୀରେ ବିନା ଖର୍ଚ୍ଚରେ ବିଭିନ୍ନ ଖେଳ ବିଷୟରେ ଖେଳାଳୀମାନଙ୍କୁ ଶିକ୍ଷା ଦିଆଯିବ । ଏହି ଖେଳାଳୀମାନେ ରାଜ୍ୟ ଓ ରାଜ୍ୟ ବାହାରେ ଥିବା ବିଭିନ୍ନ କ୍ରୀଡ଼ା ଅନୁଷ୍ଠାନମାନ ବୁଲି ଦେଖିବାକୁ ମଧ୍ୟ ସୁଯୋଗ ପାଇବେ ।

ବୌଦ୍ଧଗୀତି ବା ଚର୍ଯ୍ୟାଗୀତି ଭାରତର ପୂର୍ବାଞ୍ଚଳରେ (ଓଡ଼ିଶା, ବଙ୍ଗ, ଆସାମ ଓ ବିହାରର କେତେକାଂଶ) ରେ ଏକ ସମୟରେ ପ୍ରଚଳିତ ଅପଭ୍ରଂଶ ଭାଷାରେ ଲିଖିତ । ତେଣୁ ପ୍ରାଚୀନ ଓଡ଼ିଆ, ବଙ୍ଗଳା, ଅସମୀୟା ଓ ମୈଥିଳୀ ଭାଷାର ସ୍ୱରୂପ ଏଥିରେ ପରିଲକ୍ଷିତ ହେବା ସ୍ୱାଭାବିକ । ତଦ୍‌ବିଦ୍‌ମାନେ ଏହାର ରଚନାକାଳ ଦଶମ-ଏକାଦଶ ଶତାବ୍ଦୀ ବୋଲି ଅନୁମାନ କରନ୍ତି । ଏ ବିଷୟରେ ଓଡ଼ିଶାର ପ୍ରଧାନ ଗବେଷକ ଡ଼କ୍‌ଟର କରୁଣାକର କର ତାଙ୍କର 'ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ' ଗ୍ରନ୍ଥରେ ଅଧିକାଂଶ ଚର୍ଯ୍ୟାକାରଙ୍କୁ ଓଡ଼ିଆ ବୋଲି ପ୍ରମାଣିତ କରିବାର ଚେଷ୍ଟା କରିଛନ୍ତି । ତାଙ୍କ ଯୁକ୍ତିର ମୂଳଭିତ୍ତି ହେଉଛି ଓଡ଼ିଶାରେ ପ୍ରାଚୀନ ବୌଦ୍ଧଧର୍ମ ଓ ସଂସ୍କୃତିର ବିପୁଳ ବିସ୍ତୃତି, ଅନ୍ୟତ୍ର ଅଲଭ୍ୟ ପ୍ରାଚୀନ ଓଡ଼ିଆ ଭାଷାର ସ୍ୱରୂପ ଏବଂ ସର୍ବୋପରି ଓଡ଼ିଆ ଲୋକ ସଂସ୍କୃତି ସହ ସାମଞ୍ଜସ୍ୟ । ସାଂପ୍ରତିକ କାଳର ଅନେକ ଗବେଷକ କରୁଣାକରଙ୍କ ମତର ବହୁ ଅଂଶକୁ ସମର୍ଥନ କରିଛନ୍ତି ।

କବିମାନଙ୍କର ଯଥେଷ୍ଟ ସଚେତନା ଥିଲା । ସେମାନଙ୍କର ଖାଣ୍ଟି ଓଡ଼ିଆ ଭାଷାରେ ତତ୍‌କାଳୀନ ଅସଂସ୍କୃତି ଓଡ଼ିଆ ଲୋକ-ସମାଜର ଚିତ୍ରକୁ କାବ୍ୟ ଶ୍ରୀ ମଣ୍ଡିତ କରିବାର ପ୍ରଚେଷ୍ଟା ଅଭିନନ୍ଦନୀୟ ।

ବୁଦ୍ଧଦେବଙ୍କର ଉଦ୍ଦେଶ୍ୟ ଥିଲା ଲୋକ କଥିତ ଭାଷାରେ ଧର୍ମ ପ୍ରଚାର କରିବା । ତେଣୁ ବୌଦ୍ଧ ସାହିତ୍ୟରେ ଲୌକିକତାର ପ୍ରାଚୁର୍ଯ୍ୟ ସ୍ପଷ୍ଟତର । ଚର୍ଯ୍ୟାଗୀତି ଗୁଡ଼ିକ ଯଥାର୍ଥରେ ଏହି ଆଦର୍ଶକୁ ରକ୍ଷା କରି ପାରିଛି । ଏଗୁଡ଼ିକର ସୃଷ୍ଟି ପ୍ରେରଣାକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ ସଂସାରତ୍ୟାଗୀ ବୌଦ୍ଧ ସନ୍ନ୍ୟାସୀ କ୍ରମଶଃ ସାଂସାରିକ ସୌନ୍ଦର୍ଯ୍ୟ ପ୍ରତି ଆକୃଷ୍ଟ । କାପାଳିକ ଭାବରେ ସେ ସମାଜର ଇତର ଶ୍ରେଣୀୟା ନାରୀ ଡ଼ୋମ୍ବୀ, ଶବରୀ, ଚଣ୍ଡାଳୀ ଆଦିଙ୍କ ପ୍ରେମଲାଭ ପାଇଁ ଗଭୀରଭାବେ ଲାଳାୟିତ । କେବଳ ଲୋକ ସମାଜର ପ୍ରେମ ପ୍ରଣୟର ଜୀବନ୍ତ ସ୍ୱରୂପ ପ୍ରକଟନରେ ଚର୍ଯ୍ୟାଗୀତି ସୀମାବଦ୍ଧ ନୁହେଁ ; ଏଥିରେ

# ବୌଦ୍ଧଗୀତିରେ ଓଡ଼ିଶାର ଲୋକସମାଜ

ଡକ୍‌ଟର ନୀଳାଦ୍ରିଭୂଷଣ ହରିଚନ୍ଦନ

ଓଡ଼ିଶାର ଲୋକସମାଜ ଓ ସଂସ୍କୃତିର ପ୍ରବହମାନ ଧାରାକୁ ଲକ୍ଷ୍ୟ କଲେ ଚର୍ଯ୍ୟାଗୀତିର ସମାଜ ସହିତ ଅଭିନ୍ନତା ପ୍ରମାଣିତ ହୁଏ । ଯାନ୍ତ୍ରିକ ସଭ୍ୟତାର ପ୍ରଭାବ ଓଡ଼ିଶାର ଶିକ୍ଷିତ ତଥା ନଗରବାସୀଙ୍କୁ ଖାଣ୍ଟି ଓଡ଼ିଆ ସଂସ୍କୃତିକୁ ପ୍ରାୟ-ବିସ୍ମୃତ କରାଇ ଦେଇଛି । ମାତ୍ର ସଭ୍ୟତାର ଆଲୋକ ସ୍ପର୍ଶ କରି ନଥିବା ପଲ୍ଲୀ ଅଞ୍ଚଳ ଗୁଡ଼ିକରେ ଲୋକ ସଂସ୍କୃତିର ଧାରା ଅବ୍ୟାହତ । ବୌଦ୍ଧଗୀତିରୁ ପ୍ରାପ୍ତ ଦଶମ-ଏକାଦଶ ଶତାବ୍ଦୀ ଓଡ଼ିଆ ଲୋକସମାଜର ଚିତ୍ର ଉପ-ସ୍ଥାପନରେ ଏହା ସ୍ପଷ୍ଟୀକୃତ ହେବ ।

ପ୍ରାଚୀନ ଓଡ଼ିଶାରେ ସମତଳ ଭୂମି ଅପେକ୍ଷା ବନ ଭୂମିର ପ୍ରାଧାନ୍ୟ ଓଡ଼ିଆ କାବ୍ୟ-ପୁରାଣରୁ ସୂଚିତ । ସାରଳା ମହାଭାରତ ଓ ଦାଣ୍ଡୀ ରାମାୟଣରେ ବନଭୂମି ଓ ଆରଣ୍ୟକ ଜୀବନର ଚିତ୍ର ବହୁଳଭାବେ ପ୍ରଦତ୍ତ । ସହଜରେ ଅନୁମାନ କରିହେବ ଯେ ପ୍ରାଚୀନ ଓଡ଼ିଶାର ବହୁ ଅଂଶ ଅରଣ୍ୟାଚ୍ଛାଦିତ ଥିବାରୁ କବିମାନଙ୍କର ଦୃଷ୍ଟି ସ୍ୱତଃ ଅରଣ୍ୟର ଚିରନ୍ତନ ସୌନ୍ଦର୍ଯ୍ୟ ପ୍ରତି ଆକୃଷ୍ଟ ହୋଇ ପଡ଼ୁଥିଲା । ତା' ସହିତ ଆରଣ୍ୟକ ଜୀବନର ସ୍ୱଚ୍ଛ ସରଳ ଜୀବନଧାରା ପ୍ରତି ମଧ୍ୟ ପ୍ରାଚୀନ ଓଡ଼ିଆ ଲୋକସମାଜ ବିଶେଷତଃ ଆରଣ୍ୟକ ସମାଜର ରୀତିନୀତି, ଆଚାର ବ୍ୟବହାର, ସୁଖ ଦୁଃଖର ଚିତ୍ର ରୂପାୟିତ ।

ଯୁଗ ଯୁଗ ଧରି ଓଡ଼ିଶାରେ ପ୍ରଚଳିତ ହିନ୍ଦୁ ସମାଜ-ବ୍ୟବସ୍ଥାର ପରିଚୟ ଚର୍ଯ୍ୟାଗୀତିରୁ ସହଜଲଭ୍ୟ । ସମାଜରେ ବ୍ରାହ୍ମଣମାନେ ଉଚ୍ଚଜାତି ଭାବରେ ସମ୍ମାନିତ ହେଉଥିବା ସତ୍ତ୍ୱେ, ସେମାନଙ୍କ ମଧ୍ୟରୁ କେତେକଙ୍କର ନୀଚଜାତିର ଲୋକଙ୍କ ସହିତ ମଧ୍ୟ ସଂପର୍କ ଥିଲା । କାହ୍ନୁପାଦଙ୍କ ଡ଼ୋମ୍ବୀ ଚର୍ଯ୍ୟାରେ ଅଧଃପତିତ ଲମ୍ପଟ ବ୍ରାହ୍ମଣମାନେ କିପରି ନଗର ବାହାରରେ ଘର କରି ରହିଥିବା ଅସ୍ପୃଶ୍ୟା ଡ଼ୋମ୍ବୀକୁ ପ୍ରେମ ନିବେଦନ କରୁଥିଲେ ତାର ଚିତ୍ର ରହିଛି । ପ୍ରେମ ନିକଟରେ ଯେପରି ଜାତିଭେଦ ଥିଲା ତୁଚ୍ଛ ।

ନଗର ବାହିରିରେ ଡ଼ୋମ୍ବୀ ତୋହୋରି କୁଡ଼ିଆ
ଛୋଇ ଛୋଇ ଜାଇ ସୋ ବ୍ରାହ୍ମଣ ନାଡ଼ିଆ (ଚର୍ଯ୍ୟା-୧୦)

ସମାଜର ନୀଚ ଶ୍ରେଣୀର ଜାତିଭାବରେ ଡ଼ୋମ୍ବ, ଚଣ୍ଡାଳ, ଶବର, ଶୁଣ୍ଢୀ, ତନ୍ତୀ, ତୁଳାଭିଣା ଆଦି କଥିତ ହେଉଥିଲେ । ସେମାନଙ୍କର ଜୀବନଯାତ୍ରା ପ୍ରଣାଳୀର ବହୁ ସୂଚନା ଚର୍ଯ୍ୟାଗୀତିରୁ ମିଳିଥାଏ । ଚର୍ଯ୍ୟାକାର ବୌଦ୍ଧସନ୍ନ୍ୟାସୀମାନେ ସାଧାରଣତଃ ସମାଜର ଏହି ଅବହେଳିତ ଗୋଷ୍ଠୀ ସହିତ ସଂପର୍କ ରକ୍ଷା କରୁଥିଲେ । ସାଧାରଣ ଜୀବନର ସୁନ୍ଦର କୁତ୍ସିତ ରୂପକୁ ତନ୍ନ ତନ୍ନ କରି ପର୍ଯ୍ୟବେକ୍ଷଣ କରିବାର ସୁଯୋଗ ଥିଲା ସେମାନଙ୍କର । ସେଇ ହେତୁରୁ ସେମାନଙ୍କ ରଚନାରେ ଅକୃତ୍ରିମତା ପରିସ୍ଫୁଟ । ସାଂପ୍ରତିକ ଲୋକଜୀବନ ସହିତ ତତ୍‌କାଳୀନ ଲୋକ—ଜୀବନର ସାମଞ୍ଜସ୍ୟ ଲକ୍ଷ୍ୟ କରି ଆଜି ଆମ୍ଭେମାନେ ଆଶ୍ଚର୍ଯ୍ୟାନ୍ୱିତ ହେଉ । ଚର୍ଯ୍ୟାର କବି କେଉଁଠି ଡ଼ୋମ୍ବୀ ଯୁବତୀର ଲଳିତ ନୃତ୍ୟ କଳାରେ ମୁଗ୍ଧ ହୋଇଛିତ କେଉଁଠି ଶବରୀ ଯୁବତୀର ଅପୂର୍ବ ରୂପ ସଜ୍ଜାରେ ଆତ୍ମବିସ୍ମୃତ ହୋଇ ଉଠିଛି । ଫଳରେ କବିତାରେ କାବ୍ୟିକ ସୌନ୍ଦର୍ଯ୍ୟ ପ୍ରତିଫଳିତ ହେବା ସଙ୍ଗେ ସଙ୍ଗେ ଡ଼ୋମ୍ବ ସମାଜ ତଥା ଶବର ସମାଜର ପ୍ରକୃଷ୍ଟ ରୂପ ଅନାୟାସରେ ଫୁଟି ଉଠିଛି ।

ଡ଼ୋମ୍ବ ଜାତିର ଲୋକମାନେ ଅସ୍ପୃଶ୍ୟ ଥିବାରୁ ସମ୍ଭ୍ରାନ୍ତ ଜନବସତିର ବାହାରେ କୁଡ଼ିଆ କରି ରହୁଥିଲେ । ସେମାନେ ବାଉଁଶରେ ଚଙ୍ଗ, ଚାଙ୍ଗୁଡ଼ା ଆଦି ଗୃହୋପକରଣ ବିକ୍ରୟ କରି ଚଳୁଥିଲେ । ଡ଼ୋମ୍ବୀ ଯୁବତୀମାନଙ୍କର ନୃତ୍ୟ ପ୍ରଦର୍ଶନ ମଧ୍ୟ ଅନ୍ୟ ଏକ ଜୀବିକା ଥିଲା ।

> ଏକ ସୋ ପଦୁମା ଚଉଷଠି ପାଖୁଡ଼ୀ
> ତହିଁ ଚଢ଼ି ନାଚଅ ଡ଼ୋମ୍ବୀ ବାପୁଡ଼ୀ । (ଚର୍ଯ୍ୟା-୧୦)

ଏହା ଓଡ଼ିଶାର ପାରଂପାରିକ ଉଲ୍ଲତି ଲୋକ ନୃତ୍ୟର ସ୍ୱରୂପ ପ୍ରକଟନ କରେ । ନୌକାଚାଳନ ଦକ୍ଷ ଡ଼ୋମ୍ବମାନେ ସାଧାରଣ ଲୋକଙ୍କ ଯାତାୟତରେ ସହାୟକ ହେଉଥିଲେ । ଏହିପରି ଏକ ଅବହେଳିତ ଗୋଷ୍ଠୀ ସହିତ କେବଳ ସଖ୍ୟ ସ୍ଥାପନ କରିପାରେ ହାଡ଼ମାଳ ବିଭୂଷିତ ସମାଜଚ୍ୟୁତ କାପାଳିକ । ସଙ୍ଗରେ ଥାଏ ତାହାର ନୃତ୍ୟର ଉପକରଣ ନଟପେଡ଼ା । ଡ଼ୋମ୍ବୀର ପ୍ରେମପ୍ରାର୍ଥୀ କାପାଳିକ ପୁଣି ଦିନେ ଏକ ଶୋଭାଯାତ୍ରାରେ ଯାଇ ଡ଼ୋମ୍ବୀକୁ ବିବାହ କରେ । ସେତେବେଳେ ପାଦରେ ତାର ଘଣ୍ଟ ନୁପୁର, କର୍ଣ୍ଣରେ କୁଣ୍ଡଳ, ଗଳାଦେଶରେ ହାଡ଼ମାଳ ଓ ମୁକ୍ତାହାର, ହାତରେ ଡ଼ମ୍ବରୁ, ପୁଣି ଦେହସାରା ଭସ୍ମବିଲେପିତ । ବିବାହ ଶୋଭାଯାତ୍ରାରେ ଢ଼ୋଲ, ଝାଞ୍ଜ, ମାଦଳ, ଦୁନ୍ଦୁଭି ଆଦି ବାଦ୍ୟର ଐକ୍ୟତାନ, ତା ସଙ୍ଗେ ସଙ୍ଗେ ଜୟ ଜୟକାର ଗ୍ରାମ୍ୟ ପରିବେଶରେ ବଡ଼ ହୃଦୟଗ୍ରାହୀ ଓ ଉପଭୋଗ୍ୟ । (ଚର୍ଯ୍ୟା ନଂ ୧୯- ଡ଼ୋମ୍ବୀ ବିବାହ ଚର୍ଯ୍ୟା) କାହ୍ନପାଦଙ୍କ ଚର୍ଯ୍ୟାରେ ଏହିପରି ଏକ ନିମ୍ନସ୍ତରୀୟ ସମାଜର ବିବାହ ଚିତ୍ର ପ୍ରଦତ୍ତ । ବିବାହର ଆଡ଼ମ୍ବର ସହିତ ଯୌତୁକ ଦାନ ପ୍ରସଙ୍ଗ ମଧ୍ୟ ଏଥିରେ ଉଲ୍ଲିଖିତ ।

ଅନୁନ୍ନତ ଡ଼ୋମ୍ବ ଗୋଷ୍ଠୀ ସମତଳ ଅଞ୍ଚଳରେ ସମ୍ଭ୍ରାନ୍ତ ଗ୍ରାମର ବାହୁଛାୟା ତଳେ ଆଶ୍ରୟ ନେଉଥିଲେ । କିନ୍ତୁ ଆରଣ୍ୟକ ଶବର ସମାଜ ଥିଲେ ପୂର୍ଣ୍ଣତଃ ସ୍ୱାଧୀନ । ପ୍ରକୃତି ଜଗତ ଭିତରେ ମନଇଚ୍ଛା ଘୂରି ବୁଲିବାରେ ସେମାନେ ଜୀବନର ସାର୍ଥକତା ଅନୁଭବ କରୁଥିଲେ । ଡ଼ୋମ୍ବମାନଙ୍କ ପରି ଯାଯାବର ନହୋଇ କୃଷିକର୍ମରେ ମନୋନିବେଶ କରୁଥିଲେ । ଶବରମାନଙ୍କର କୃଷି କର୍ମ ଏକ ପ୍ରାଚୀନ କୃଷିଭିତ୍ତିକ ସୁଖୀ ସମାଜର ସ୍ୱରୂପ ଉଦ୍‌ଘାଟନ କରେ । ଶବର କୁରାଢ଼ୀ ସାହାଯ୍ୟରେ ବଣଜଙ୍ଗଲ କାଟି ଏକ ପାହାଡ଼ିଆ ଅଞ୍ଚଳକୁ ପରିଷ୍କାର କରିଛି । ପାହାଡ଼ିଆ ଜମିର ଉପରକୁ ଉପରକୁ ଅଲଗା ଅଲଗା ହିଆରୀ କରି ଖସା (ରାଶି), କପା, କହ୍ଲା (ବାଜରା), କାଙ୍ଗୁ, ଚିନା ଆଦି ଫସଲ କରିଛି । କୃଷିକ୍ଷେତ୍ର ଯେତେବେଳେ ଫୁଲଫଳରେ ଭରିଯାଏ, କୃଷକ ଯେପରି ଆନନ୍ଦରେ ନାଚିଉଠେ ; ସେପରି କୃଷିଜୀବୀ ଶବର ଆନନ୍ଦରେ କାଙ୍ଗୁ ଚିନା ରସରୁ ପ୍ରସ୍ତୁତ ମଦ୍ୟ ପାନ କରି ଉନ୍ମତ୍ତ ହୋଇଉଠିଛି । ଶବରୀପାଦଙ୍କ 'ମତ୍ତ ଶବର ନୃତ୍ୟ' ଚର୍ଯ୍ୟାରେ ବର୍ଣ୍ଣିତ କୃଷିକ୍ଷେତ୍ରର ଦୃଶ୍ୟ ଦକ୍ଷିଣ ଓଡ଼ିଶାର ପୋଡୁଚଷକୁ ସ୍ମରଣ କରାଏ । ତଇଲା ବାଡ଼ି ସହିତ ଫୁଲବାଣୀ, ଗଞ୍ଜାମ, କୋରାପୁଟ ଆଦି ଜିଲ୍ଲାଗୁଡ଼ିକର ଗ୍ରାମାଞ୍ଚଳ ଲୋକମାନେ ପରିଚିତଭାବେ ଜଡ଼ିତ ।

> "ହେରି ସେ ମେରି ତଇଲା ବାଡ଼ୀ ଖସମେ ସମତୁଲା
> ସୁକଡ଼ ଏବେରେ କପାସୁ ଫୁଟିଲା
> ତଇଲା ବାଡ଼ୀର ପାସେଁରେ ଜୋହ୍ନା ବାଡ଼ି ଉଏଲା
> ଫୁଟେଲି ଅନ୍ଧାରିରେ ଆକାଶ ଫୁଲିଆ । (ଚର୍ଯ୍ୟା-୫୦)

ନିଜର କୃତିତ୍ୱରେ ଆତ୍ମବିଭୋର ଶବର ପ୍ରକୃତିର ମନୋହର ପରିବେଶରେ ଶବରୀକୁ ପ୍ରେମ ନିବେଦନ କରିଛି । ଶବରୀ ଅରଣ୍ୟର ସ୍ୱାଭାବିକ ଭୂଷଣରେ ଅଳଙ୍କୃତା । ତାର କେଶଗୁଚ୍ଛରେ ମୟୂର ପୁଚ୍ଛ, ଗ୍ରୀବାରେ ଗୁଞ୍ଜରୀ ମାଳୀ, କର୍ଣ୍ଣରେ କୁଣ୍ଡଳ, ବଜ୍ର । ସେ ପୁଣି ବସିଛି ଉଚ୍ଚ ପର୍ବତ ଉପରେ ରାଜରାଜେଶ୍ୱରୀ ଭଙ୍ଗୀରେ । ଏପରି ପରିବେଶରେ ଏହି ପ୍ରକୃତି ସୁନ୍ଦରୀର ରୂପରେ ମୁଗ୍ଧ ହୋଇ ପଡ଼ିବା ଶବର ପକ୍ଷରେ ସ୍ୱାଭାବିକ ।

> ଉଁଚା ଉଁଚା ପାବତ ତହିଁ ବସଇ ଶବରୀ ବାଳୀ
> ମୋରଙ୍ଗୀ ପିଚ୍ଛ ପରହିଣ ଶବରୀ ଗିବତ ଗୁଞ୍ଜରୀ ମାଳୀ ।
> (ଚର୍ଯ୍ୟା-୨୮)

ଶବର—ଶବରୀଙ୍କ ମିଳନର ଦୃଶ୍ୟ ଚମତ୍କାର । ସେମାନଙ୍କ ଜୀବନରେ ମଧ୍ୟ ବିଳାସବ୍ୟସନର ସ୍ଥାନ ଅଛି । ଶବରୀ ତିନି ଧାତୁର ଖଟରେ ଶେଯ ବିଛାଇ ଦେଇଛି । ଶବର ମହାସୁଖରେ କର୍ପୂର ପଡ଼ିଥିବା ତାମ୍ବୁଳ ଖାଇ ଲଜ୍ଜାଶୀଳା ଶବରୀ ସହିତ ରାତି ପୁହାଇ ଦେଉଛି । ସେମାନଙ୍କ ମିଳନର ଆନନ୍ଦରେ 'ନାନା ତରୁବର' ମୁକୁଳିତ ହୋଇ ଉଠିଛି ।

ଶେଷରେ ଶବରର ମୃତ୍ୟୁ କ୍ରିୟାରେ ହିନ୍ଦୁ ସଂସ୍କୃତିର ସ୍ୱରୂପ ପରିଦୃଷ୍ଟ । ଶବର ମରିଯିବା ପରେ ଶବରୀ ସ୍ମରୋଟି ଚାରିଁଶରେ କୋଳେଇ କରି ତାକୁ ଶାଗୁଣା ଶିଆଳ ପରିବୃତ ଶ୍ମଶାନକୁ ନେଇଛି । ସେଠାରେ ସେ ଶବରର ମୁକ୍ତି

କାମନା କରି ଦଶଦିଗରେ ଦଶଦିଗପାଳଙ୍କୁ ପିଣ୍ଡ ଦାନ କରିଛି । ଶବରମାନେ ଅରଣ୍ୟବାସୀ ହେଲେ ମଧ୍ୟ ହିନ୍ଦୁଧର୍ମାବଲମ୍ବୀ । ହିନ୍ଦୁ ଧର୍ମାଚାର ଉପରେ ସେମାନଙ୍କର ଗଭୀର ନିଷ୍ଠା । ଓଡ଼ିଶାର ବହୁ ଅଂଶ ଆଦିବାସୀ ଅଧ୍ୟୁଷିତ । ବର୍ତ୍ତମାନ ମଧ୍ୟ ଏଇ ଦୃଷ୍ଟିରୁ ସେମାନଙ୍କର ଜୀବନ ଚର୍ଯ୍ୟା ଅନୁଧ୍ୟାନ କରା ଯାଇପାରେ । ଆଦିବାସୀ ସମାଜରେ ପ୍ରଚଳିତ ନାରୀର ସ୍ୱାଧୀନ ବିହାର, ମନୋନୀତ ପୁରୁଷ ସହ ମିଳନ ଆଧୁନିକ ଉନ୍ନତ ସମାଜରେ ମଧ୍ୟ ଅନାୟସଲକ୍ଷ୍ୟ ନୁହେଁ । କିନ୍ତୁ ଏହି ସଂସ୍କୃତିର ଧାରା ଆଜି ମଧ୍ୟ ଆଦିବାସୀ ସମାଜରେ ଅବ୍ୟାହତ । ଆଦିବାସୀମାନେ ବୃକ୍ଷ ଛେଦନରେ ନିପୁଣ ଥିବାର ଅନୁମାନ କରା ଯାଇପାରେ । (କାହ୍ନୁ-ଚର୍ଯ୍ୟା-୪୫) ଅନ୍ୟ ଏକ ଚର୍ଯ୍ୟାରେ ବ୍ୟାଧମାନଙ୍କର (ଅନୁମାନତଃ ଆଦିବାସୀ ଅଷ୍ଟ୍ରିକ୍ ସଂପ୍ରଦାୟର) ହରିଣାଦି ପଶୁ ଶିକାର କରି କିମ୍ବା ବୃକ୍ଷ ଛେଦନ କରି ଜୀବିକା ନିର୍ବାହ ଚିତ୍ର ମଧ୍ୟ ପରିଲକ୍ଷିତ । (ଚର୍ଯ୍ୟା-୬ ଭୁସୁକୁ) ଏ ଦୁଇଟି ଜାତି ବ୍ୟତୀତ ଶୁଣ୍ଡୀ ସଂପ୍ରଦାୟ ସଂପର୍କରେ ମଧ୍ୟ ସୂଚନା ରହିଛି । ଦେହକୁ ଉତ୍ତେଜିତ କରିବା ପାଇଁ ସାଧାରଣ ଲୋକେ ମଦ୍ୟପାନ କରୁଥିଲେ । ମଦ୍ୟପମାନେ ଦଳବଦ୍ଧ ହୋଇ ପାନଶାଳାରେ ପ୍ରବେଶ କରୁଥିଲେ । ମଦ୍ୟପାନ ସମୟରେ ହଠାତ୍ ଗୋଳମାଳ କରି ବସୁଥିଲେ । ସେମାନଙ୍କୁ ଶୁଣ୍ଡିନୀ ମଦ୍ୟରନ୍ଧନ କରି ଯୋଗାଉଥିଲା । (ଏକ ସେ ଶୁଣ୍ଡିନୀ ଦୁଇଘରେ ସାନ୍ଧଅ— ଚର୍ଯ୍ୟା-୩, ବିରୂଆପା) । ତୂଳାଭିଣାମାନେ ଜୀବିକା ଲାଗି ତୂଳା ଭିଣୁଥିଲେ । (ତୁଳା ଧୁଣି ଧୁଣି ଆଂସୁରେ ଆଂସୁ—ଚର୍ଯ୍ୟା-୨୬, ଶାନ୍ତି ପା) ହେଁସ ମସିଣା ଓ ମୋଟା ଲୁଗା ବୁଣିବାର ବିବରଣ ତନ୍ତୀପାଙ୍କ ଚର୍ଯ୍ୟାରେ ଲକ୍ଷଣୀୟ । (କାଳ ପାଞ୍ଚ ତନ୍ତେ ସୁଧ କଟ ବଅଇ, ଚର୍ଯ୍ୟା-୨୫) କାହ୍ନୁପା (ଚର୍ଯ୍ୟା-୯) ଓ ମହିଣ୍ଡା (ଚର୍ଯ୍ୟା-୧୬) ମାହୁନ୍ତମାନଙ୍କର ହାତୀ ପୋଷା ଓ ହାତୀ ଚାଳନାର ବିବରଣ ଦେଇଛନ୍ତି । ଆଜିର ସମାଜରେ ଏହିପରି ଜୀବିକାର୍ଜନର ପନ୍ଥା ବର୍ତ୍ତମାନ ସୁଦ୍ଧା ବିଭିନ୍ନ ନିମ୍ନ ଶ୍ରେଣୀରେ ପ୍ରଚଳିତ । ସେମାନଙ୍କର ଜୀବିକା ନିର୍ବାହ ଓ ଚାଲିଚଳନରେ ମଧ୍ୟ ବିଶେଷ କିଛି ପରିବର୍ତ୍ତନ ହୋଇନାହିଁ ।

କୁକୁରୀପାଙ୍କ ନଂ-୪୮ ଚର୍ଯ୍ୟା ଏବଂ କମଳିପାଙ୍କ ନଂ ୮-ଚର୍ଯ୍ୟାରେ ଓଡ଼ିଶାର ପ୍ରାଚୀନ ଐତିହ୍ୟ ପ୍ରକଟିତ । ପ୍ରଥମଟିରେ ଯୁଦ୍ଧଯାତ୍ରା ଓ ରାଜ୍ୟ ଜୟର ବିବରଣୀ ଏବଂ ଦ୍ୱିତୀୟଟିରେ ନୌବାଣିଜ୍ୟର ବିବରଣୀ ପ୍ରଦତ୍ତ । ଓଡ଼ିଆମାନେ ଯେ ଅତୀତରେ ଏକ ଦିଗ୍‌ବିଜୟୀ ଜାତି ରୂପେ ପରିଚିତ ଥିଲେ ଏବଂ ନୌବାଣିଜ୍ୟ ଦ୍ୱାରା ଓଡ଼ିଶାକୁ ସମୃଦ୍ଧ କରିଥିଲେ ତାର ସୂଚନା ଏଗୁଡ଼ିକରୁ ମିଳିଥାଏ । ସରହଙ୍କର ନଂ—୩୮ ଚର୍ଯ୍ୟାରେ ମଧ୍ୟ ଓଡ଼ିଶାର ପ୍ରାଚୀନ ସାହିତ୍ୟିକ ଓ ସାଂସ୍କୃତିକ ପରଂପରାକୁ ଅନୁଧ୍ୟାନ କଲେ ନୃତ୍ୟ—ଗୀତ ଓ ନାଟକ କ୍ଷେତ୍ରରେ ଓଡ଼ିଶାର ଉତ୍କର୍ଷ ସହଜରେ ଉପଲବ୍ଧ ହେବ । ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖଠାରୁ ଆରମ୍ଭ କରି ପ୍ରତାପରୁଦ୍ରଙ୍କ ଗୀତ ଗୋବିନ୍ଦ ସଂପର୍କିତ ଜୟବିଜୟ ଶିଳାଲେଖ ପର୍ଯ୍ୟନ୍ତ ବହୁ ଶିଳାଲେଖ ଏହାର ଯଥେଷ୍ଟ ପ୍ରମାଣ ଦିଏ । ବୌଦ୍ଧ ଧର୍ମର ପ୍ରାଧାନ୍ୟ କାଳରେ ବୀଣା, ବଂଶୀ ଆଦି ବିଭିନ୍ନ ବାଦ୍ୟଯନ୍ତ୍ର, ସହଯୋଗିତାରେ ସଙ୍ଗୀତ ଓ ନୃତ୍ୟାନୁଷ୍ଠାନ କରାଯାଉଥିଲା ; ବୁଦ୍ଧ—ନାଟକ ମଧ୍ୟ ଅଭିନୀତ ହେଉଥିଲା ।

ନାଚନ୍ତି ବାଜିଲ ଗାନ୍ତି ଦେଇ
ବୁଦ୍ଧ ନାଟକ ବିସମା ହୋଇ । (ବୀଣା ପା, ଚର୍ଯ୍ୟା ନଂ-୧୭)

ସୁଖୀ ସମାଜରେ ନୃତ୍ୟ, ନାଟ୍ୟାଭିନୟ ପରି ଦାବାଖେଳର ମଧ୍ୟ ପ୍ରଚଳନ ଥିଲା ।

(କାହ୍ନୁ ଚର୍ଯ୍ୟା-୧୨)

କୃଷି ଭିତ୍ତିକ ସମାଜରେ ଗୋପାଳନର ପ୍ରାଧାନ୍ୟ ଥିଲା । ବଳଦ ଏବଂ ଦୁଧିଆଳୀ ଗାଇ ବିଷୟ ଦୁଇଟି ଚର୍ଯ୍ୟାରେ ବର୍ଣ୍ଣିତ (ଚର୍ଯ୍ୟା-୨,୩୩) ସାଧାରଣ ଲୋକମାନେ ନୌକା-ଚାଳନ ଜାଣିବା ସଙ୍ଗେ ସଙ୍ଗେ ସନ୍ତରଣପଟୁ ମଧ୍ୟ ଥିଲେ । ଦରକାରବେଳେ ସନ୍ତରଣ କରି ନଦୀପାର ହେଉଥିଲେ ; ସେତେବେଳେ ଗୁହ୍ୟାଙ୍ଗ ପରିସ୍ଫୁଟ ହୋଇ ପଡୁଥିଲା ବୋଲି ସେମାନଙ୍କର କୌଣସି ଲଜ୍ଜାବୋଧ ନଥିଲା । ( ତାଡ଼କ, ଚର୍ଯ୍ୟା-୩୭)

ସେ ସମୟର ଲୋକ—ସମାଜ ଚୋର ଡକାୟତ, ଜଳଦସ୍ୟୁ ଓ ଗୃହଦାହ ଭୟରୁ ମୁକ୍ତ ନଥିଲା । ସରହପାଦଙ୍କର ନଂ-୩୮ ଚର୍ଯ୍ୟାରେ ଏବଂ ଭୁସୁକୁଙ୍କର ନଂ—୪୯ ଚର୍ଯ୍ୟାରେ ଖଣ୍ଡମାନେ କିପରି ବାଟରେ ନୌକାକୁ ଆକ୍ରମଣ କରନ୍ତି ତାର ବର୍ଣ୍ଣନା ଅଛି । କେତେବେଳେ ଚୋର କୌଣସି ସ୍ତ୍ରୀଲୋକର କାନରୁ ଅଳଙ୍କାର ଚୋରୀ କରୁଛି ତ (କାନେଟ ଚୋରେ ନିଲ ଅଧରାତି—କୁକୁରୀପା—ଚର୍ଯ୍ୟା-୨) କେତେବେଳେ ଚୋରକୁ ଧରିବାକୁ ନିଯୁକ୍ତ କଟୁଆଳ ନିଜେ ଚୋରୀ କରୁଛି । (ଜୋ ସୋ ଚୋର ସୋଇ ସାଧୀ— ଚର୍ଯ୍ୟା—୩୩, ଢେଣ୍ଟଣପାଦ) । ଏପରି ବ୍ୟଙ୍ଗ ଆଧୁନିକ ସାହିତ୍ୟରେ ଲକ୍ଷଣୀୟ । ଧାମପାଙ୍କ ଚର୍ଯ୍ୟାରେ (ନଂ-୪୭) ଘରପୋଡ଼ିର କରୁଣ ଦୃଶ୍ୟ ବର୍ଣ୍ଣିତ ।

କୌଣସି କୌଣସି ବିବାହିତା ନାରୀର ଗୁପ୍ତ ପ୍ରଣୟ ଚିତ୍ରରୁ ସମାଜର ନୈତିକ ଅଧଃପତନର ଚିତ୍ର ସୂଚିତ । ସ୍ୱାମୀ ପାଖରେ ନଥିବା ଗୋଟିଏ ବୋହୂ ଦିନବେଳେ କାଉକୁ ଦେଖିଲେ ବି ଡ଼ରେ, କିନ୍ତୁ ରାତିରେ ଶ୍ୱଶୁର ଶୋଇ ପଡ଼ିଲେ ନିର୍ଭୟରେ କାମ ଅଭିସାରରେ ବାହାରି ପଡ଼େ ।

ସସୁରା ନିଦ ଗେଲ ବହୁଡ଼ୀ ଜାଗଅ
କାନେଟ ଚୋରେ ନିଲ କା ଗଇ ମାଗଅ ।
ଦିବସଇ ବହୁଡ଼ୀ କାଉଇ ଡ଼ରେ ଭାଅ
ରାତି ଭଇଲେ କାମରୁ ଯାଅ । (କୁକୁରୀପା, ଚର୍ଯ୍ୟା-୨)

ମଧ୍ୟଯୁଗୀୟ ସାହିତ୍ୟରେ ଉପେନ୍ଦ୍ରଭଞ୍ଜ, ଦୀନକୃଷ୍ଣ, ଯଦୁମଣି ପ୍ରମୁଖଙ୍କର କେତେକ କାବ୍ୟରେ ଏପରି ଚିତ୍ର ପରିଲକ୍ଷିତ ।

ଚର୍ଯ୍ୟାକାରମାନେ ସାଧାରଣ ଜୀବନର ଆନନ୍ଦ ଆବେଗକୁ ଯେତିକି ପ୍ରାଣପୂର୍ଣ୍ଣଭାବେ ରୂପାୟିତ କରିଛନ୍ତି ଦୁଃଖ ନୈରାଶ୍ୟକୁ ସେତିକି ମର୍ମନ୍ତୁଦ ଭାବରେ ଉପସ୍ଥାପନ କରି ପାରିଛନ୍ତି । କେଉଁଠି ଗରିବ ଲୋକଟିଏ ଏକ

ଜନହୀନ ସ୍ଥାନରେ ଟେଳା ଉଚ୍ଚତାରେ ଘର ଖଣ୍ଡିଏ (କୁଡ଼ିଆ) କରିଛି । ପଡ଼ୋଶୀ କେହି ନାହିଁ । ଅଭାବ ସବୁବେଳେ ତାଙ୍କୁ ଲାଗିରହିଛି । ତଥାପି ଅତିଥି ଅଭ୍ୟାଗତଙ୍କର ଯିବା-ଆସିବା ବନ୍ଦ ନାହିଁ । ବେଙ୍ଗର ସଂସାର ବଢ଼ିଲା ପରି ତାର ପରିବାର ବଢ଼ି ଚାଲିଛି ।

"ଟାଲତ ମୋର ଘର ନାହିଁ ପଡ଼ିବେସୀ
ହାଣ୍ଡିତ ଭାତ ନାହିଁ ନିତି ଆବେଶୀ
ବେଙ୍ଗ ସଂସାର ବଡ଼୍‌ହିଲ ଜାଅ
ଦୁହିଲ ଦୁଧୁକି ବେଣ୍ଟେ ସମାଅ" (ଢେଣ୍ଢଣପା, ଚର୍ଯ୍ୟା-୩୩)

କୁକ୍କୁରୀପାଙ୍କର ଗୋଟିଏ ଚର୍ଯ୍ୟାରେ (ନଂ-୨୦) ନାରୀ ଜୀବନର ଏକ ଅଶ୍ରୁ ସଜଳ ଚିତ୍ର ଉପସ୍ଥାପିତ । ପୁରୁଷ ଅପେକ୍ଷା ନାରୀର ଦୁଃଖ ବେଦନା ବହୁତ ବେଶି । କାରଣ ସେ ପୁରୁଷ ଉପରେ ତଥା ପରିବାର ଉପରେ ସଂପୂର୍ଣ୍ଣ ନିର୍ଭରଶୀଳା । ଗୋଟିଏ ଦୁଃଖିନୀ ନାରୀର ସ୍ୱାମୀ ସନ୍ନ୍ୟାସୀ ହୋଇ ଚାଲିଯାଇଛି । ସେ ଏକାକିନୀ । ପୁତ୍ର ପ୍ରସବ କରିଛି, ମାତ୍ର ଏକୁଡ଼ି କାଟିବାକୁ କେହି ନାହାନ୍ତି । ଦୁର୍ଭାଗ୍ୟବଶତଃ ସନ୍ତାନଟି ବି ମୃତ । ଯାହାର ସ୍ୱାମୀ ସଂସାର ପ୍ରତି ଉଦାସୀନ ତାର ଦୁଃଖ କେତେ ମର୍ମନ୍ତୁଦ ସହଜରେ ଅନୁମେୟ ।

ବୌଦ୍ଧଗାନର ରଚୟିତାମାନଙ୍କ ମଧ୍ୟରୁ ଅଧିକାଂଶ ଓଡ଼ିଆ ବୋଲି ଓଡ଼ିଶାର ତତ୍ତ୍ୱବିତ୍‌ମାନଙ୍କ ଦ୍ୱାରା ପ୍ରମାଣିତ । ପ୍ରସିଦ୍ଧ ବୌଦ୍ଧପୀଠଗୁଡ଼ିକର ଅବସ୍ଥିତି ଦୃଷ୍ଟିରୁ ଅଧିକାଂଶ ବୌଦ୍ଧ ସନ୍ନ୍ୟାସୀ, ଓଡ଼ିଆ ହୁଅନ୍ତୁ ବା ନ ହୁଅନ୍ତୁ, ଓଡ଼ିଶାରେ ସେ ବସବାସ କରୁଥିଲେ, ଏହା ସହଜରେ ଅନୁମିତ । ଓଡ଼ିଶାର ସାଧାରଣ ଲୋକ ଓ ଭାଷା ସହିତ ସେମାନଙ୍କର ଘନିଷ୍ଠ ସଂପର୍କ ଥିଲା । ସାଧାରଣ ଲୋକଙ୍କର ଜୀବନକୁ ସେମାନେ ଯେତେ ଅନ୍ତରଙ୍ଗଭାବେ ଅନୁଧ୍ୟାନ କରିଥିଲେ, ତାହା ସମ୍ଭ୍ରାନ୍ତ ହିନ୍ଦୁଧର୍ମ ପ୍ରଚାରକ କିମ୍ବା କବିମାନେ କରି ପାରିନଥିଲେ । ତେଣୁ ସେମାନଙ୍କ ଲେଖନୀରେ ଓଡ଼ିଶାର ଦଶମ-ଏକାଦଶ ଶତାବ୍ଦୀର ସାମାଜିକ ଜୀବନର ବିଭିନ୍ନ ବିଭାବ ଉଜ୍ଜ୍ୱଳ ବର୍ଣ୍ଣରେ ଚିତ୍ରିତ । ଓଡ଼ିଆ ଲୋକ ସମାଜର କୃଷି, ଗୋପାଳନ, ନୌବାଣିଜ୍ୟ, ଯୁଦ୍ଧ, ବିନୋଦନ ଇତ୍ୟାଦି ସୁନ୍ଦର ଆଲେଖିତ । ପୁଣି ବିଭିନ୍ନ ଉପକରଣ, ଯନ୍ତ୍ରପାତି, ଅଳଙ୍କାର ଓ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ସୂଚନା ପ୍ରସଙ୍ଗ କ୍ରମେ ଉପସ୍ଥାପିତ । ଚର୍ଯ୍ୟା-ଗୀତିକାଳୀନ ପ୍ରାଚୀନ ଲୋକସମାଜର ଅଭ୍ରାନ୍ତ ଅଙ୍କନ, ଆନନ୍ଦ ଆବେଗ ସହିତ ଆଧୁନିକ ଓଡ଼ିଆ ଲୋକସମାଜର ସୁଖଦୁଃଖର ତୁଳନାତ୍ମକ ବିଚାରରୁ ଓଡ଼ିଆ ଜାତିର ଆତ୍ମ-ବିକାଶର ଚିତ୍ର ସହଜଲଭ୍ୟ ।

ଅଧ୍ୟାପକ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ,
ଶାନ୍ତିନିକେତନ



# ପୁରୀର

# ପ୍ରସିଦ୍ଧ ଚଇତି ଘୋଡ଼ା ନାଚ

କୁମୁଦିନୀ ଆଚାର୍ଯ୍ୟ

ପୁରୀର ଚଇତି ଘୋଡ଼ା ନାଚ ଓ ଚଇତି ଘୋଡ଼ା ସହିତ ସଂଯୁକ୍ତ ଚଢ଼େୟା, ଚଢ଼େୟାଣୀମାନଙ୍କର ନୃତ୍ୟ ଓ ଗୀତ ଓଡ଼ିଆ ସଂସ୍କୃତିର ଏକ ଅନବଦ୍ୟ ଅଙ୍ଗ । ଏହି ଚଇତି ଘୋଡ଼ାର ତତ୍ତ୍ୱାବଧାରକ କୈବର୍ତ୍ତମାନଙ୍କର ଅଧିଷ୍ଠାତ୍ରୀ ଦେବୀ ବାଶେଳୀଙ୍କର ତତ୍ତ୍ୱ ଓ ତଥ୍ୟ ଅନୁସଂଧାନ କଲେ ଇତିହାସ, ଦର୍ଶନ, ଧର୍ମ, ସାହିତ୍ୟ ଓ ସଂସ୍କୃତି-ଏସମସ୍ତର ଦ୍ୱାରା ଉଦଘାଟିତ ହୋଇଥାଏ ।

ସଂଭବତଃ ଦଶମ ଏକାଦଶ ଶତାବ୍ଦୀରେ ଓଡ଼ିଶାରେ ଏହି ବାଶେଳୀ ପୂଜାର ଆରମ୍ଭ । ତନ୍ତ୍ର ପୂଜାର ପ୍ରସାର ଏବଂ ବୌଦ୍ଧ ତନ୍ତ୍ରର ହିନ୍ଦୁଧର୍ମ ସହିତ ସଂଗମ ଦ୍ୱାରା ଯେଉଁ କେତେକ ତାନ୍ତ୍ରିକ ଦେବଦେବୀମାନଙ୍କର ଉତ୍ପତ୍ତି ହେଲା, ବାଶେଳୀ ଦେବୀ ସେମାନଙ୍କ ମଧ୍ୟରୁ ଅନ୍ୟତମ ଭାବରେ ଓଡ଼ିଶାରେ କୈବର୍ତ୍ତମାନଙ୍କର ଅଧିଷ୍ଠାତ୍ରୀ ଦେବୀ ରୂପରେ ପୂଜିତା ହେଲେ । ବାଶେଳୀ ପୂଜା ଓ ଚଇତି ଘୋଡ଼ା ନାଚ କୈବର୍ତ୍ତମାନଙ୍କର ଏକ ବିଶିଷ୍ଟ ଉତ୍ସବ । ଚଇତି ଘୋଡ଼ାର ଉତ୍ପତ୍ତି ସମ୍ବନ୍ଧରେ ପଞ୍ଚସଖା ଅନ୍ତର୍ଗତ କବି ଅଚ୍ୟୁତାନନ୍ଦ ଦାସ ତାଙ୍କର ଲିଖିତ କୈବର୍ତ୍ତ ଗୀତାରେ ଅନେକ ବିବରଣୀ ଦେଇଛନ୍ତି । ଚଇତି ଘୋଡ଼ାର ଉତ୍ପତ୍ତି, ରୀତିନୀତି, ପୂଜା ପଦ୍ଧତି, ଭୋଗରାଗ, ମୂର୍ତ୍ତି ନିର୍ମାଣ, ପ୍ରତିଷ୍ଠା, ବିସର୍ଜନ ଇତ୍ୟାଦି ସମସ୍ତ ବିଷୟ କୈବର୍ତ୍ତ ଗୀତାରେ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରାଯାଇଛି ।

ତନ୍ତ୍ର ପୂଜାର ପ୍ରସାର ପରେ କାଳକ୍ରମେ ଅନେକ ଲୌକିକ ଦେବାଦେବୀ ମନୁଷ୍ୟର କଳ୍ପନା ସମ୍ଭୂତ ମୂର୍ତ୍ତିରେ ଗୁଣାତ୍ମକ କଳ୍ପନାରେ ରୂପାନ୍ତରିତ ହୋଇ ପୂଜା ପାଇଲେ । କିନ୍ତୁ ସେମାନଙ୍କୁ ମୂଳ ଉତ୍ସ ଆଦ୍ୟାଶକ୍ତି ମହାମାୟା ଦୁର୍ଗାଙ୍କଠାରୁ ବିଚ୍ଛିନ୍ନ କରି ଦିଆ ଯାଇ ପାରିଲା ନାହିଁ । ସେହି ମୂଳ ଶକ୍ତିର ବିଚ୍ଛୁରିତ ବିଭିନ୍ନ ଧାରା ରୂପରେ ଦେଖା ଦେଲେ ଏହିପରି ଅନେକ ଦେବା ଦେବୀ, ଯେଉଁମାନଙ୍କୁ ଗୋଷ୍ଠୀଗତ, ଜାତିଗତ କ୍ରମରେ ଇଷ୍ଟଦେବୀ ରୂପରେ ବିଭିନ୍ନ ସଂପ୍ରଦାୟ ଗ୍ରହଣ କରିନେଲେ । ସେମାନଙ୍କ ମଧ୍ୟରୁ କେତେକ ସାର୍ବଜନୀନ ଦେବୀ ରୂପରେ ପୂଜା ପାଇଲେ ଏବଂ ଆଉ କେତେକ ମାତ୍ର ଏକ ଏକ ସଂପ୍ରଦାୟ ମଧ୍ୟରେ ସୀମିତ ରହି ସାମାଜିକ ଅନୁଷ୍ଠାନରେ ଅଂଶ ଗ୍ରହଣ କଲେ । କିନ୍ତୁ ବାଶେଳୀ ଠାକୁରାଣୀ କୈବର୍ତ୍ତମାନଙ୍କର ଇଷ୍ଟ ଦେବୀ ହେଲେ ମଧ୍ୟ ସାଧାରଣ କ୍ଷେତ୍ରରେ ତାଙ୍କର ଖ୍ୟାତି ଓ ପ୍ରଭାବ ଅତୁଳନୀୟ ଏବଂ ସେ ହିନ୍ଦୁ ଧର୍ମର ଅନ୍ୟାନ୍ୟ ପ୍ରସିଦ୍ଧ ଦେବୀଙ୍କ ସହିତ ସମାସୀନା ।

ପୁରୀ ସହରରେ ବାଶେଳୀ ଠାକୁରାଣୀଙ୍କ ପ୍ରସିଦ୍ଧ ଏବଂ ସର୍ବଜନବନ୍ଦିତ । ବାଶେଳି ସାହିର ନାମକରଣଉକ୍ତ ଦେବୀଙ୍କ ନାମ ଅନୁସାରେ କରାଯାଇଛି । ମୃତ୍ତିକାର ସିଂହାସନ ଉପରେ ରକ୍ତବସ୍ତ୍ର ପରିହିତା, ଅଶ୍ୱମୁଖାକୃତି ପ୍ରତିମାହିଁ ବାଶେଳୀ ଠାକୁରାଣୀ । ଚୈତ୍ର ପୂର୍ଣ୍ଣିମା ଦିନ ଏହି ଦେବୀଙ୍କ ପାଖରେ ନିକଟସ୍ଥ ଅଞ୍ଚଳର ବହୁ କୈବର୍ତ୍ତ ଆସି ଆଡ଼ମ୍ବର ସହକାରେ ଭୋଗରାଗ କରନ୍ତି । ଏହାବ୍ୟତୀତ ପ୍ରତ୍ୟେକ ଶନିବାର ଓ ମଙ୍ଗଳବାର ଦିନ ଏଠାରେ ବିଶେଷ ଜନସମାଗମ ହୋଇଥାଏ । ଅନ୍ୟାନ୍ୟ ଦେବୀ ପୀଠପରି ଦଶହରାବେଳେ ଏଠାରେ ବଳି ଦିଆହୁଏ ନାହିଁ ।

ଚଇତି ଘୋଡ଼ାର ଉତ୍ପତ୍ତି ସଂବନ୍ଧରେ କୈବର୍ତ୍ତ ଗୀତାର ବିବରଣୀରୁ ଜଣାଯାଏ ଯେ ସୃଷ୍ଟିର ପ୍ରଳୟ ସମୟରେ ଭଗବାନ ବଟପୁଟରେ ଶୟନ କରିଥିଲେ । ପ୍ରଚଣ୍ଡ ପବନ ଓ ଲହରୀ ଆଘାତରେ ବଟପୁଟ ସ୍ଥିର ନହେବାରୁ ଭଗବାନ

କର୍ଣ୍ଣମୂଳ ମଳିରୁ ଏକ ପୁରୁଷଜାତ କରାଇ ତାହାକୁ କଣ୍ଡିଆର ଧରି ବଟପୁଟ ସ୍ଥିର କରିବାକୁ ନିର୍ଦ୍ଦେଶ ଦେଲେ :—

ପ୍ରଳୟ ଜଳରେ ଆମ୍ଭେ ଥୋଇ ନପାରିଲୁ
ତେଣୁକରି କର୍ଣ୍ଣମୂଳୁ ତୋତେ ଜାତ କଲୁ
କର୍ଣ୍ଣମୂଳୁ ଜାତ ତୋର ଜାତି କଇବର୍ତ୍ତ
କଇବର୍ତ୍ତ ଦାସ ରାଜା ନାମ ତୋ ବିଖ୍ୟାତ
ଆଜ୍ଞା ପରମାଣେ ଆସି ବସ ଶୃଙ୍ଗପର
କଣ୍ଡିଆର ଧର ବଟପୁଟ ହେଉ ସ୍ଥିର ।।

ଦିନେ ବଟପୁଟରେ ଶୋଇଥିବା ବେଳେ ଦାସ ରାଜାଙ୍କୁ ରାଘବ ଗିଳି ଦେଲ ।

ଦାସ କୈବର୍ତ୍ତ ଯେ ଥିଲ କଣ୍ଡିଆର ଧରି
ଆଳସ୍ୟରେ ନିଦ୍ରାସେହୁ ଗଲ ମହାବଳୀ
ପ୍ରଳୟ ଜଳରେ ଯେ ରାଘବ ଚରୁଥିଲ
ଦାସର ସହିତେ କଣ୍ଡିଆରକୁ ଗିଳିଲ ।

ନିଦ୍ରାଭଙ୍ଗ ହେବାରୁ ଭଗବାନ ଦାସରାଜଙ୍କୁ ନଦେଖି ଯୋଗ ବଳରେ ଜାଣିଲେ ଯେ ରାଘବ ତାହାକୁ ଗିଳି ଦେଇଛି । ଏହା ଜାଣି ପାରି ତାର ପେଟ ଚିରି ତାକୁ ବାହାର କଲେ ଓ ଆଜ୍ଞା ଦେଲେ—

ତୋତେ ଯେ ଗିଳିଲ ମାନ ତୋହର ବଇରି
ଏହାକୁ ମାରିବ୍ ଜନ୍ମେ ଜନ୍ମେ ଅବତରି
ତୋହର ସଗୋତ୍ର ଜାତି କୁଟୁମ୍ବ ଯେ ମାନ
ସମସ୍ତେ ଏ ଜୀବ ମାରି ପୋଷିବେ ଜୀବନ ।

ତା'ପରେ ଭଗବାନ ବଟଶୃଙ୍ଗକୁ ଏକ ଅଶ୍ୱରେ ପରିଣତ କଲେ । ବିଶ୍ୱକର୍ମାଙ୍କୁ ଡକାଇ ଗୋଟିଏ ନୌକା ଗଢ଼ାଇ ଦାସ ରାଜାଙ୍କୁ କହିଲେ ଏ ନୌକାରେ ବସି ସିଂହଳ ଦେଶକୁ ଯାଇ ସେଠାରେ ରାଜୁତି କର ଏବଂ ଏ ଅଶ୍ୱକୁ ନିଜର ବାହନ କରି ନୌକାକୁ ବାଣିଜ୍ୟରେ ଲଗାଅ । ବଟ ଶୃଙ୍ଗରୁ ରୂପାନ୍ତରିତ ଅଶ୍ୱର ନାମ ହେଲ ବାଶୁଳୀ ।

ଏ ବାଶୁଳୀ ଇଷ୍ଟତୋର ବଂଶରେ ରହିବ
ଚଇତ୍ର ପୂର୍ଣ୍ଣିମା ଦିନ ପୂଜା ଯେ ପାଇବ ।

ଏହା କହି ବିଭିନ୍ନ ଉପଗ୍ରର ସହ ପୂଜାର ବିଧାନ ଏବଂ ବିଶ୍ୱକର୍ମା ମନ୍ତ୍ରରେ ପୂଜା କରିବା ବିଧି ଭଗବାନ ଦାସ ରାଜାଙ୍କୁ ଜଣାଇ ଦେଲେ ।

ନବତନ ବସ୍ତ୍ର ଆଗମଂଗେ ବେଢ଼ାଇବ
ବିଶ୍ୱକର୍ମା ମନ୍ତ୍ରେ ତହିଁ ପୂଜା ଯେ କରିବ ।

ଦାସ ରାଜା, ଅଶ୍ୱ ସହିତ ସିଂହଳ ଯାତ୍ରା କଲେ ଓ ଅନେକ ବର୍ଷ ଧରି ସିଂହଳରେ ରାଜା ହୋଇ ରାଜତ୍ୱ କଲେ । ଉକ୍ତ ଅଶ୍ୱ ଲକ୍ଷେ ସମ୍ବତ୍ସର ପରେ ପ୍ରାଣ ତ୍ୟାଗ କଲ । ପ୍ରାଣ ତ୍ୟାଗ ପରେ ଏକ ନାରୀ ରୂପ ଧାରଣ କରି ରାଜାଙ୍କ ଛାମୁରେ ରୋଦନ କରିବାକୁ ଲାଗିଲ :—

ଲକ୍ଷ୍ୟାଙ୍କ ବାଉରେ ଅଶ୍ୱ ପରାଣ ଛାଡ଼ିଲ
ଲକ୍ଷ୍ମୀର ସ୍ୱରୂପ ଏକ ନାରୀ ସେ ହୋଇଲ,
ଦାସ ରାଜା ଛାମୁରେ ସେ ରୋଦନ କରଇ
ମୋହ ନାମ ଅଛିଠାରୁ ଲେପ ସେ ହୁଅଇ ।

ଏହି ଦୃଶ୍ୟରେ ଦାସ ରାଜା ଭୟଭୀତ ଓ ଆଶ୍ଚର୍ଯ୍ୟ ହୋଇ ଭଗବାନଙ୍କୁ ସ୍ମରଣ କଲ । ଭଗବାନ ତାକୁ ନିର୍ଦ୍ଦେଶ ଦେଲେ—

ଏହାକୁ ପୂଜିବୁ ଜନ୍ମେ ଜନ୍ମେ ଅବତରି
ଏହାର ନାମ ଯେ ଅଟେ ଅଶ୍ୱିନୀ ବାଶେଳୀ ।
ମନ ସନ୍ତୋଷେ ଏହାକୁ କଳଡୋଗ ଦେବୁ
ଅନ୍ତଃକାଳେ ବଇକୁଣ୍ଠ ଭୁବନ ପାଇବୁ ।

ପୂଜାର ବିଧାନ ସମ୍ବନ୍ଧରେ ଭଗବାନ ଦାସ ରାଜାଙ୍କୁ କହିଲେ ବାଉଖଣ୍ଡ ବାଉଁଶ ଚିରି ସେଥିରେ ଘୋଡ଼ାର ପିଞ୍ଜରା ତିଆରି କରିବୁ । ଦନ୍ତ, ନାସା, ଚକ୍ଷୁ, କର୍ଣ୍ଣ ସହ ଗୋଟିଏ ଘୋଡ଼ା ପିତୁଳାର ମୁଣ୍ଡ ସେଥିରେ ଲଗାଇବୁ । ଜାଇମାଟି ରଙ୍ଗ ସର୍ବାଙ୍ଗରେ ଦେଇ ତା ଉପରେ ପାଟ ଶାଢ଼ୀ ଆବୃରିକରିବୁ । ଗଳାରେ ମନ୍ଦାର ମାଳା ଦେଇ ଧୂପ, ଦୀପ, ନୈବେଦ୍ୟ ଦେବୁ ।

ପୂର୍ଣ୍ଣମୀର ଦିନୁ ଯେ ଅଷ୍ଟମୀ ଦିନଯାଏ
ଏହାକୁ ପୂଜିବୁ ଦାସ ରାଜା ଏହି ଦେହେ ।

ଅନ୍ୟ ଏକ କିମ୍ବଦନ୍ତୀରୁ କୈବର୍ତ୍ତମାନଙ୍କର ପ୍ରତିଷ୍ଠା ଓ ସେମାନଙ୍କର ଇଷ୍ଟଦେବୀଙ୍କ ଉପରି ସମ୍ବନ୍ଧରେ ଜାଣିବାକୁ ମିଳେ । ବ୍ୟାସଦେବ ଶିଶୁ ଅବସ୍ଥାରେ କ୍ରୀଡ଼ା କରିବା ପାଇଁ ଏକ ଅଶ୍ୱ ମାଗିଥିଲେ । ବିନ୍ଧ୍ୟ ପର୍ବତରୁ ଏକ ଅଶ୍ୱ ଆଣି ତାଙ୍କୁ ସନ୍ତୁଷ୍ଟ କରାଯାଇ ଥିଲ । ଅଶ୍ୱ କୁଳର ଏହା ପ୍ରଥମ ସୃଷ୍ଟି । କୈବର୍ତ୍ତ ଗୀତାରୁ ଜଣାଯାଏ ବ୍ୟାସଦେବ ଦାସ ରାଜାଙ୍କ କନ୍ୟାର ପୁତ୍ର । ତେଣୁ ସେ ସୂତ୍ରରେ କୈବର୍ତ୍ତମାନେ ମହାଭାରତ ଯୁଗ ଓ କୁରୁବଂଶର ପ୍ରତିଷ୍ଠା ସହିତ ସଂପୃକ୍ତ । ତେଣୁ ଅଚ୍ୟୁତାନନ୍ଦ ଦାସଙ୍କ କୃତ କୈବର୍ତ୍ତ ଗୀତାରେ ପ୍ରକାଶିତ ପୌରାଣିକ କିମ୍ବଦନ୍ତୀ ଓ ଆଖ୍ୟାନରୁ ପ୍ରମାଣିତ ହୁଏ ଯେ ଚଇତିଘୋଡ଼ା ନାଚ ଅତି ପ୍ରାଚୀନ । କୈବର୍ତ୍ତ ଗୀତାରେ ଅଶ୍ୱ ମୁଣ୍ଡ ପରିବର୍ତ୍ତେ ଢିଙ୍କି ପୂଜା କରିବାର ସୂଚନା ମଧ୍ୟ ଦିଆଯାଇଛି :—

ଢିଙ୍କିର ମୁଣ୍ଡରେ ଅଶ୍ୱ ମୁଣ୍ଡକୁ ଥାପିବ
ଅଶ୍ୱିନୀ ବାଶେଳୀ ପୂଜା ତହିଁ ଯେ କରିବ ।
ଚଇତ୍ର ପୂର୍ଣ୍ଣିମା ଦିନ ଉତ୍ସବ ବିଧାନ
କହୁଛି ମୁଁ ମନ ଦେଇ ଦାସ ରାଜା ଶୁଣ ।
କାଷ୍ଠରେ ନିର୍ମାଣି ତୁହି ଢିଙ୍କି ସଜକରି
ଗୋତ୍ରମୂଳ ସୁମରିଣ ପୂଜାବିଧି କରି ।

× × ×

ଅଂଏଳା କୁଙ୍କୁମ ଘେନି ଡିଙ୍କିରେ ବୋଳିବୁ
ତୀର୍ଥଜଳ ପୂର୍ଣ୍ଣକୁମ୍ଭେ ସ୍ନାନ କରାଇବୁ ।

× × ×

ଚିତା ପୁଣି ପକାଇ ଡିଙ୍କିର ଆଗରେ
ଚନ୍ଦନର ଚିତା ଦେବ ତାହାର ମଥାରେ ।

× × ×

ଡିଙ୍କିପୂଜା କରିବାର ମନ୍ତ୍ର ଶ୍ରୀ ଅଚ୍ୟୁତାନନ୍ଦ ଦାସ ତାଙ୍କର କୈବର୍ତ୍ତ ଗୀତାରେ ଉଲ୍ଲେଖ କରିଛନ୍ତି । "ଓଁ" ଅଣାକର ମହାଶୂନ୍ୟଂ ଧ୍ରୁବମଣ୍ଡଳ ନୈବେଦ୍ୟ ସ୍ୱାହା ମୁଖ ବାସାର୍ଥେ ସ୍ୱାହା । ଓଁ ନିରାକାର ସ୍ୱାହା" । ଉକ୍ତ ମନ୍ତ୍ରରେ ଢିଙ୍କି ପୂଜା କରାଯାଏ । କାଠରେ ନିର୍ମିତ ଗୋଟିଏ ଢିଙ୍କି ଭିତରେ ପରମବ୍ରହ୍ମଙ୍କର ଅସ୍ତିତ୍ୱ ଉପଲବ୍ଧି କରିବା ଭାରତୀୟ ହିନ୍ଦୁ ସମାଜ ଛଡ଼ା ଅନ୍ୟ କେଉଁଠାରେ ବିରଳ । ଢିଙ୍କି କେଉଟର ପ୍ରଧାନ ଅବଲମ୍ବନ, ଜୀବିକା ଓ ଜୀବନ । ସେଥିରେ ଲକ୍ଷ୍ମୀ, ବାଶୁଳୀ, ବିଶ୍ୱକର୍ମା ସମସ୍ତଙ୍କର ସତ୍ତା ସେ ଅନୁଭବ କରେ ।

ଓଡ଼ିଶାର ଗ୍ରାମେ ଗ୍ରାମେ ଓ ଘରେ ଘରେ ଯେପରି ମଙ୍ଗଳା ପରିଚିତ ଓ ପୂଜିତ ବାଶେଳୀ ଠାକୁରାଣୀ ସେପରି ସାର୍ବଜନୀନ ହୋଇ ପାରିନାହାନ୍ତି । କିନ୍ତୁ ଉକ୍ତ ନିକଟରେ ତାର ଆରାଧ୍ୟ ଦେବତାର ସ୍ଥାନ ସର୍ବଦା ବହୁ ଉଚ୍ଚରେ । ତେଣୁ ବାଶେଳୀଙ୍କୁ ଦୁର୍ଗା, ମଙ୍ଗଳା ଓ ଲକ୍ଷ୍ମୀଙ୍କ ସହିତ ସମାସୀନ କରି ପ୍ରତିଷ୍ଠା କରିବାର ପ୍ରୟାସକୁ ଏଡ଼ାଇ ଦିଆଯାଇ ପାରି ନାହିଁ । ବାଶେଳୀ ମହାମାୟୀ ଅଷ୍ଟଭୂଜା ଚଣ୍ଡିକା ଓ ମଙ୍ଗଳା ନାମରେ ପ୍ରସିଦ୍ଧା ହେବେ ବୋଲି ଅଚ୍ୟୁତାନନ୍ଦ ଦାସ କୈବର୍ତ୍ତ ଗୀତାରେ ଉଲ୍ଲେଖ କରିଛନ୍ତି ।

ମହାମାୟୀ ଅଷ୍ଟଭୂଜା ଚଣ୍ଡୀକା ତୁ ଜାଣ
ମଙ୍ଗଳା ବୋଲିଣ ନାମ ହୋଇବ ବଖାଣ ।

ବିଭିନ୍ନ ଦେବୀଙ୍କ ସହିତ ସମତୁଲ କରିବା ଦ୍ୱାରା ବାଶେଳୀଙ୍କର ମହତ୍ୱ ଓ ସମ୍ମାନ ଅଧିକ ପରିମାଣରେ ବୃଦ୍ଧି ପାଇଛି । ଉକ୍ତ ବାଶେଳୀ ପୂଜାରେ ତନ୍ତ୍ର ପ୍ରଭାବ ସୁସ୍ପଷ୍ଟ । ଆଗ୍ରଣ୍ଡାଳ ବ୍ରାହ୍ମଣ ସମସ୍ତେ ଏହି ଦେବୀଙ୍କର ପୂଜା କରିବାରେ କୌଣସି ବାଧା ନାହିଁ । ପୂଜାର ଫଳ ସ୍ୱରୂପ, ଧନ, ଜନ, ଗୋପଲକ୍ଷ୍ମୀ ଲଭ ଓ ମୁକ୍ତି ଲଭ ହୁଏ ବୋଲି କୈବର୍ତ୍ତ ଗୀତାରେ ଉଲ୍ଲେଖ ଅଛି ।

ଓଡ଼ିଶାର ସୁପରିଚିତ ଲୋକଗୀତ ଓ ଲୋକ ସଂସ୍କୃତିର ଗବେଷକ ଡକ୍ଟର କୁଞ୍ଜବିହାରୀ ଦାଶ ତାଙ୍କର ଲୋକଗୀତ ଓ କାହାଣୀ ପୁସ୍ତକରେ ଅଧ୍ୟାପକ ପ୍ରିୟ ରଞ୍ଜନ ସେନଙ୍କ ସଂଗୃହୀତ କିମ୍ବଦନ୍ତୀରୁ ଉଦ୍ଧାର କରି ସାଂପ୍ରଦାୟିକ ବିବାଦରୁ ବାଶେଳୀ ମୁଣ୍ଡ ପୂଜାର କିପରି ପ୍ରସାର ଘଟିଥିଲା ତାହାର ବିବରଣୀ ଦେଇଛନ୍ତି, ଯଦିବା କୈବର୍ତ୍ତ ଗୀତାରେ ଏହାର ଉଲ୍ଲେଖ ନାହିଁ । ସଂଗୃହୀତ କିମ୍ବଦନ୍ତୀରୁ ଜଣାଯାଏ ଯେ, ବାଶେଳୀର ମୃତ୍ୟୁପରେ ତାହାର ଦେହର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗକୁ ଭଗବାନ କେଉଟ, ଗୁଡ଼ିଆ, ତେଲି ଓ ମୋଚି ମଧ୍ୟରେ ବାଣ୍ଟି ଦେଇଥିଲେ । ତେଣୁ ସେମାନେ ଚୈତ୍ର ପୂର୍ଣ୍ଣିମା ଦିନ ସେହି ଅଂଶ ବିଶେଷକୁ ପୂଜା କରିବାରେ ଲାଗିଲେ, କିନ୍ତୁ ଦେବୀଙ୍କ ପୂଜାରେ ବିଶେଷ ଅଧିକାର ଦାବୀ କରି କେଉଟ ଓ ଗୁଡ଼ିଆଙ୍କ ମଧ୍ୟରେ ଅନେକ ଦିନ ବିବାଦ ଲାଗିଲା । କେଉଟଙ୍କ ମଧ୍ୟରେ ବାଶେଳୀ ଦାସ ରାଜାଙ୍କ ବାହନ, ତେଣୁ ସେମାନେ ପୂଜାର ଅଧିକାରୀ । ଗୁଡ଼ିଆମାନେ ଏହା ଅସ୍ୱୀକାର କରି ଚୈତ୍ର ପୂର୍ଣ୍ଣିମା ଦିନ ଦେବୀଙ୍କୁ ଗୋଟିଏ ଘରେ ବନ୍ଦ କରି ରଖିଲେ, କିନ୍ତୁ କେଉଟମାନଙ୍କ ଆହ୍ୱାନରେ ଦେବୀ କାନ୍ଥ ଭେଦ କରି ପୂଜା ଗ୍ରହଣ କରିବାକୁ ଆସିଥିଲେ । ଏତିକିବେଳେ ଗୁଡ଼ିଆମାନେ ଦେବୀଙ୍କ ମସ୍ତକକୁ ଛେଦନ କରିଦେଲେ । ଆଶ୍ଚର୍ଯ୍ୟ କଥା, ଦେବୀଙ୍କର ଗଣ୍ଡିବିହୀନ ମୁଣ୍ଡ କୈବର୍ତ୍ତମାନଙ୍କର ପୂଜା ଗ୍ରହଣ କରିଥିଲା । ସେହି ଦିନରୁ ଦେବୀ ମସ୍ତକ ମାତ୍ର ପୂଜା କରାଯାଏ ।

ଚୈତ୍ର ଓ ବୈଶାଖ ମାସରେ ଅଧିକାଂଶ ଯାନିଯାତ୍ରା ଓ ମେଳା ମଉଛବ ବିଶେଷତଃ ଶୈବ ଅନୁଷ୍ଠାନ ଦୃଷ୍ଟିଗୋଚର ହୁଏ । ସନତ କୁମାର ସଂହିତାରେ ଚୈତ୍ର ବୈଶାଖ ମାସରେ ଶିବପୂଜା କଲେ ଶୁଭଫଳ ମିଳେ ବୋଲି ଉଲ୍ଲେଖ ଅଛି । ବିଷୁବ ସଂକ୍ରାନ୍ତି ଦିନ ବୌଦ୍ଧମାନଙ୍କର ମହାମୁନି ମେଳା ହେଉଥିଲା । ତେଣୁ ଓଡ଼ିଶାରେ ହୁଏତ ତାହାର ପ୍ରଭାବ ପଡ଼ିଥିବ ବୋଲି ଅନୁମାନ କରାଯାଏ । ଉଚ୍ଚ ଶ୍ରେଣୀର ଲୋକଙ୍କଠାରୁ କ୍ରମେ ନିମ୍ନ ଶ୍ରେଣୀର ଲୋକଙ୍କ ମନକୁ ଏହା ପ୍ରଭାବିତ କରି ଚଡ଼କ ପୂଜା, ଦଣ୍ଡନାଟ, ପାଟୁଆଯାତ୍ରା ଓ ଚଇତିଘୋଡ଼ା ନାଚର ବିଧାନ ହୋଇଅଛି ।

ଚଇତି ଘୋଡ଼ା ନିର୍ମାଣ ସମ୍ବନ୍ଧରେ ଜଣାଯାଏ ଯେ ଚଇତି ପୂର୍ଣ୍ଣିମା ଦିନ କେଉଟମାନେ ଏକତ୍ର ହୋଇ ଗୋଟିଏ ବାଉଁଶଗଛ ମୂଳରେ ଧୂପ, ଦୀପ ଦେଇ ଘଣ୍ଟା ବାଜି ଦୁଧ, ଛେନା, ଗୁଡ଼ ପୂଜା କରନ୍ତି । ତା'ପରେ ଈଶ୍ୱରଙ୍କ ନାମ ସ୍ମରଣ କରି ସେହି ବାଉଁଶଟି କାଟନ୍ତି । ପାର୍ବତୀଙ୍କ ନାମରେ ଚିରି ବତା କରନ୍ତି ଓ ବ୍ରହ୍ମାଙ୍କ ନାମ ଧରି ଚଇତି ଘୋଡ଼ାକୁ ସଜାନ୍ତି ଏବଂ ବାଶେଳୀ ନାମ ଧରି ଘୋଡ଼ା ଉପରେ ଚଢ଼ନ୍ତି । ଯେଉଁ ବ୍ୟକ୍ତିକୁ ଦେବୀ ସ୍ୱପ୍ନରେ ଆଜ୍ଞା ଦେଇ ଥାଆନ୍ତି ସେହି ବ୍ୟକ୍ତି କେବଳ ମୂର୍ତ୍ତିରେ ପ୍ରାଣ ପ୍ରତିଷ୍ଠା କରେ । ପ୍ରତିଷ୍ଠା କଲାବେଳେ ଅଙ୍ଗୁଳି କାଟି କିଛି ରକ୍ତଦାନ କରିବା ବିଧି ମଧ୍ୟ ରହିଅଛି ।

ଦିବସର ସମସ୍ତ କାର୍ଯ୍ୟ ଶେଷ ହେବାପରେ ରାତ୍ରିରେ ଉକ୍ତ ଚଇତି ଘୋଡ଼ାକୁ ନେଇ ସାଇ ସାଇ ବୁଲି କୈବର୍ତ୍ତମାନେ ଚଢ଼େୟା, ଚଢ଼େୟାଣୀ ସହ ଢୋଲ, ମହୁରୀ ବଜାଇ ଗୀତ ବୋଲି ନୃତ୍ୟ କରି ପାଉଣା ଆଦାୟ କରିଥାନ୍ତି । ଏହି ଚଇତି ଘୋଡ଼ା ନାଟୁଆମାନଙ୍କର ଗୀତ ସେମାନଙ୍କର ମୌଳିକ ସୃଷ୍ଟି । ସେଥିରେ ସେମାନଙ୍କର ଦୈନନ୍ଦିନ

ଜୀବିନର ସୁଖ, ଦୁଃଖ, କରୁଣ କାହାଣୀ ସମସ୍ତ ବର୍ଣ୍ଣନା କରାଯାଇଥାଏ ।

ବାଟରେ ମାଇଲି ବୋଡ଼ା
ରାତିରେ ନଗ୍ଏ ଚଇତି ଘୋଡ଼ା ମୁଁ ଦିନରେ ବୁଲଇ ବୁଢ଼ା

ଚଇତି ଘୋଡ଼ା ନାଚ ଏକ ଲୌକିକ ଓ ପାରମ୍ପରିକ ପଜା ଅନୁଷ୍ଠାନ ହେଲେ ମଧ୍ୟ ଏହା ଧର୍ମାତ୍ମକ । ଧର୍ମ ଭାବରେ ପ୍ରଣୋଦିତ ହୋଇ ଜନସାଧାରଣ ଏଥିରେ ଯୋଗ ଦେଇଥାଆନ୍ତି । କିନ୍ତୁ ଯୁଗପ୍ରବୃତ୍ତି ଅନୁସାରେ ଏଥିରେ ବୋଲା ଯାଉଥିବା ଧର୍ମ ଓ ଦେବତାଙ୍କ ସହିତ ଅସଂଯୁକ୍ତ ଗୀତ ମାନଙ୍କରୁ ଜନସାଧାରଣଙ୍କର ଧର୍ମ ଅପେକ୍ଷା ସାହିତ୍ୟ ରସ ଆସ୍ୱାଦନର ଆଗ୍ରହ ଖୁବ୍ ବେଶି । ପର୍ବ ପର୍ବାଣୀ, ଯାତ୍ରା ମହୋତ୍ସବ, ମେଳା ମେଳଣ ପ୍ରଭୃତିରେ ବିଭିନ୍ନ ଧର୍ମ ଭାବର ପରିଚୟ ମିଳିଥାଏ ଏବଂ ଏକତ୍ର ସମାବେଶ ହେବା ଦ୍ୱାରା ସଂକୀର୍ଣ୍ଣ ମନୋଭାବ ଓ ସାଂପ୍ରଦାୟିକ ବିଦ୍ବେଷ ଦୂର ହୋଇ ପରସ୍ପର ମଧ୍ୟରେ ସ୍ନେହ, ସୌହାର୍ଦ୍ଦ୍ୟ ଓ ଏକତା ସ୍ଥାପିତ ହୁଏ । ଏହାହିଁ ହିନ୍ଦୁ ସାମାଜିକ ଅନୁଷ୍ଠାନର ଏକ ପ୍ରଧାନ ବିଶେଷତ୍ୱ ।

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ
ଭୁବନେଶ୍ୱର



# କ୍ଷୁଦ୍ରଶିଳ୍ପ ମେଳା '୭୮ ଓ ଓଡ଼ିଶା ମଣ୍ଡପ

ଶ୍ରୀ ପୂର୍ଣ୍ଣ ମହାପାତ୍ର

ସ୍ୱାଧୀନ ଭାରତର ହିମ ବର୍ତ୍ତମାନ ବିକାଶର କିୟଦଂଶ ସେଦିନ ଦିଲ୍ଲୀର ପ୍ରଗତି ମୈଦାନରେ ପ୍ରଧାନ ମନ୍ତ୍ରୀ ଶ୍ରୀଯୁକ୍ତ ଦେଶାଇଙ୍କ ଉଦ୍‌ଘୋଷିତ ଭାଷଣରେ ଉନ୍ମୋଚିତ ହେଲା । ନଭେମ୍ବର ୧୭ ତାରିଖର ମୃଦୁମନ୍ଦ ହିମ ମରୁତ ଆନ୍ଦୋଳିତ ସଂଧ୍ୟାର ବାତାବରଣକୁ ଅସଂଖ୍ୟ ନିମନ୍ତ୍ରିତ ନରନାରୀ କୋଳାହଳ ମୁଖରିତ କରି ଅପେକ୍ଷାରତ ଯେତେବେଳେ ଜାତୀୟ କ୍ଷୁଦ୍ରଶିଳ୍ପ ମେଳା ୧୯୭୮ର ଦୃଶ୍ୟ ଦେଖିବାକୁ, ସେତେବେଳେ ବି ବିଭିନ୍ନ ରାଜ୍ୟର ଶିଳ୍ପୀବୃନ୍ଦ ସେମାନଙ୍କର ମେଳା ମଣ୍ଡପକୁ ଆହୁରି ଅଧିକ ଶୋଭାମଣ୍ଡିତ କରିବାରେ ବ୍ୟସ୍ତ ଥିଲେ । ଯେମିତି ମନେ ହେଲା ଏକ ସହରୀ ଲଳନା ଗ୍ରାମ୍ୟ ବଧୂର ପରିପାଟୀରେ ସୁସଜ୍ଜିତା ହୋଇଛି ।

ଭାରତର ଜାତୀୟ ଅର୍ଥନୀତିରେ କ୍ଷୁଦ୍ର ଶିଳ୍ପ ସଂସ୍ଥା ମାନଙ୍କର ଅବଦାନ କିପରି ମହତ୍ୱପୂର୍ଣ୍ଣ ଏବଂ ସହାୟତା କିପରି ସୁଦୂରପ୍ରସାରୀ, ତହିଁର ସମ୍ୟକ ଧାରଣା କରିବାକୁ ଯେ କୌଣସି ଅନଭିଜ୍ଞ ବ୍ୟକ୍ତି ପାଇଁ ଏଠାରେ ଯଥେଷ୍ଟ ଉପାଦାନ ରହିଛି ।

ଭାରତର ପ୍ରାୟ ୨୫ଟି ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ, ଛଅଟି କେନ୍ଦ୍ର ସରକାରୀ ମୁଖ୍ୟ ଦପ୍ତର, ୨୫ଟି ପବ୍‌ଲିକ୍ ଅଣ୍ଡରଟେକିଂ, ଏକ୍‌ସପୋର୍ଟ ପ୍ରମୋଶନ କାଉନ୍‌ସିଲ, ଅର୍ଥନୈତିକ ସଂସ୍ଥା ସମେତ ଏକଶହ ପର୍ଯ୍ୟନ୍ତ ଘରୋଇ ଶିଳ୍ପାନୁଷ୍ଠାନ ପ୍ରଗତି ମୈଦାନର ବିଭିନ୍ନ ଅଂଶରେ ଶୋଭା-ବର୍ଦ୍ଧନ କରିବା ସଙ୍ଗେ ସଙ୍ଗେ ଗତ ୩୦ ବର୍ଷର ସ୍ୱାଧୀନତା ପରବର୍ତ୍ତୀ ପ୍ରଗତିର ଜୟଗାନ କରିଛନ୍ତି । ସଂସ୍ଥାଗୁଡ଼ିକରୁ ଉତ୍ପାଦିତ ପଦାର୍ଥମାନ ସୁସଜ୍ଜିତ ମଣ୍ଡପମାନଙ୍କରେ ଦର୍ଶକର ମନକୁ ହ୍ୟାଣ୍ଡଲୁମ୍, ହ୍ୟାଣ୍ଡିକ୍ରାଫ୍‌ଟ ଠାରୁ ଆରମ୍ଭ କରି ଅତ୍ୟାଧୁନିକ ଇଲେକଟ୍ରୋନିକ୍ ଯନ୍ତ୍ରପାତି ପର୍ଯ୍ୟନ୍ତ ବିକ୍ଷିପ୍ତ ଭାବେ ଆକର୍ଷଣ କରୁଛି । ମାତ୍ର ଦର୍ଶକ ଯେତେବେଳେ ରପ୍ତାନି ଦ୍ରବ୍ୟର ଦପ୍ତର ମଣ୍ଡପ କିମ୍ବା ଶିଶୁ ସଂସାରର ଅର୍ଗଳୀ ମଧ୍ୟରେ ପ୍ରବେଶ କରେ, ସେତେବେଳେ ତାର ଯେମିତି ମନେ ହୁଏ ସେ ସବୁକିଛି ପାଶୋରି ଯାଉଛି ।

ଗାନ୍ଧୀ ଦର୍ଶନ ସମିତି ଜରିଆରେ "ଗାନ୍ଧୀଜୀଙ୍କର ସ୍ୱପ୍ନର ଭାରତ" ସମ୍ବନ୍ଧୀୟ ଏକ ନମୁନା ଏହି ପ୍ରଦର୍ଶନୀର ଅଙ୍ଗମଣ୍ଡନ କରିଛି । ତଥାପି ଗାନ୍ଧୀଜୀଙ୍କ ସ୍ୱପ୍ନର ପରି-କଳ୍ପିତ ଚିତ୍ର, ଗ୍ରାମ ସ୍ୱରାଜ୍ୟର ଅନୁଚିନ୍ତା, କ୍ଷୁଦ୍ର ଗ୍ରାମ୍ୟ ଶିଳ୍ପମାନଙ୍କ ଜରିଆରେ ଆତ୍ମ ନିଯୁକ୍ତି, ତତ୍‌ଜନିତ ସମାଜର



ପ୍ରଗତି ମଇଦାନରେ ଅନୁଷ୍ଠିତ ଜାତୀୟ କ୍ଷୁଦ୍ରଶିଳ୍ପ ମେଳାରେ ଓଡ଼ିଶାର ସାଂସ୍କୃତିକ କାର୍ଯ୍ୟକ୍ରମ

ପରିବର୍ତ୍ତିତ ଅର୍ଥନୀତି କିପରି ବିକାଶୋନ୍ମୁଖୀ—ତାହା ସବୁ ପରିସ୍ଫୁଟିତ ହୋଇଛି । ପ୍ରତ୍ୟେକ ମଣ୍ଡପ ମାଧ୍ୟମରେ ଏବଂ ସେହି ସବୁ ବିଷୟ ସାଧାରଣ ଜନତାଙ୍କୁ ହୃଦବୋଧ କରାଇବା ଏହି ଦୀର୍ଘ ଏକମାସ ବ୍ୟାପି ପ୍ରଦର୍ଶନୀର ଲକ୍ଷ୍ୟ ।

ପ୍ରଥମ ଦର୍ଶନରେ ସଂପୂର୍ଣ୍ଣ ପ୍ରଗତି ମୈଦାନ ମନେ ହେବ ଏକ ଆଦର୍ଶ ଗ୍ରାମ । ପ୍ରତ୍ୟେକ ଘରରେ ଗ୍ରାମାଞ୍ଚଳର ଆଭାସ ପରିଲକ୍ଷିତ ହେଉଛି । ପ୍ରଦର୍ଶନୀ କ୍ଷେତ୍ରର ଠିକ୍ ମଝିରେ ବାପୁ କୁଟୀର ନିର୍ମିତ ହୋଇଛି । ଚତୁର୍ଦ୍ଦିଗରେ ଛଅଟି ବୃହଦାକାର ପ୍ରବେଶ ଦ୍ୱାର । ପ୍ରତ୍ୟେକ ଦ୍ୱାର ଏକ ନିର୍ଦ୍ଦିଷ୍ଟ ଦିଗରେ ଅବସ୍ଥିତ ରାଜ୍ୟ ସମୂହର ଐତିହ୍ୟ,

କଳା ଓ ଗାମ୍ଭୀର୍ଯ୍ୟର ବାହକ । କେବଳ ଗ୍ରାମୀଣ ପରିବେଶରେ ଏହି ପ୍ରବେଶ ଦ୍ୱାରଗୁଡ଼ିକ ଏବଂ ଗାନ୍ଧୀ ମଣ୍ଡପ ନିର୍ମିତ ।


କେବଳ ପ୍ରଗତି ମୈଦାନରେ କ୍ଷୁଦ୍ର ଶିଳ୍ପ ବିକାଶର ନମୁନା ଦେଖି ମନ ଭାରାକ୍ରାନ୍ତ ହୋଇଗଲେ ମନକୁ ହାଲୁକା କରିବା ପାଇଁ ଉପାଦାନର ଅଭାବ ନାହିଁ । ଅନେକ



ଶିଳ୍ପ ମେଳାରେ ଓଡ଼ିଶାର ଛଉନୃତ୍ୟ

ମନଲୋଭା ଆକର୍ଷଣର ଆହ୍ୱାନ ଅପେକ୍ଷାରତ ଯାହା ପ୍ରତ୍ୟେକ ବୟସ ପାଇଁ, ପ୍ରତ୍ୟେକ ପୁରୁଷ ପାଇଁ ଓ ପ୍ରତ୍ୟେକ ନାରୀ ପାଇଁ ଅପରିହାର୍ଯ୍ୟ । ରଙ୍ଗ ବେରଙ୍ଗ ଆଲୋକ ଉଦ୍ଭାସିତ ଉଦ୍ୟାନ, ପାଣିଫୁଆରା, କୃତ୍ରିମ ପାହାଡ଼ ଜଙ୍ଗଲ, ମେରୀ-ଗୋ-ରାଉଣ୍ଡ, କିଛି ନ ହେଲେ ବି ଭେଜିଟେବୁଲ୍ ଅଥବା ଫୁଟ୍ ସଲାଡ୍, ଚଣା ବଟୁରା କିମ୍ବା ମଟନ୍ ରୋଲ ନ ହେଲେ ଆଇସ୍ ରୋଲ ଗୋଟିଏ ଧରି ମଉଜ କରି ପାରନ୍ତି ଅଥବା ସ୍ୱଳ୍ପ ପରିଚୟ ମାଧ୍ୟମରେ ଗଳ୍ପର ଆସର ଜମାଇ ପାରନ୍ତି ସବୁଜ ଘାସ ଲନ୍‌ରେ ବସି । ଆକାଶରେ ଉଡ଼ନ୍ତା ବେଲୁନ୍‌ର ରଙ୍ଗ ବୈଚିତ୍ର୍ୟ ଦେଖି ବିଭୋର ହୋଇ ପାରନ୍ତି । ପ୍ରଚୁର ଆନନ୍ଦର ଉତ୍ସ ଆପଣଙ୍କୁ ଘେରି ଖେଳି ବୁଲୁଥିବ । ଆଉ ଯଦି ଆପଣଙ୍କ ମନିପର୍ସ ଓ ମନ ବୁଦ୍ଧିମାନ ସତେଜ ଥାଏ ତେବେ ଆପଣଙ୍କୁ ବାଜି ମାତ୍ କରିବାକୁ କେତେ ବା ସମୟ ?

ଓଡ଼ିଶା ମଣ୍ଡପ ହଲ୍ ଅଫ ନେସନ୍ ନମ୍ବର ୧ ର ଏକ ନିର୍ଦ୍ଦିଷ୍ଟ ଅଂଶରେ ଅବସ୍ଥିତ । ମଣ୍ଡପର ପ୍ରହରୀ, ଉତ୍କଳୀୟ ଶୌର୍ଯ୍ୟ, ବୀର୍ଯ୍ୟ, ସଭ୍ୟତା, ଐତିହ୍ୟ, କଳା, ଗାମ୍ଭୀର୍ଯ୍ୟର ମୂକ ସାକ୍ଷୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ମଣ୍ଡପର ପ୍ରବେଶ ପଥରେ । ଆଉ ବା କ'ଣ ଅଛି ଚଗା ବଳିଆଠୁଁ ବଡ଼ ଏ ଦେଶରେ ? ଓଡ଼ିଶା ଶିଳ୍ପ ଆନ୍ଦୋଳନର ମୁଖ୍ୟ ପ୍ରାତଃ ସ୍ମରଣୀୟ ଉତ୍କଳ ଗୌରବ ମଧୁସୂଦନଙ୍କ ନାମରେ ନାମିତ ଏ ବିଶାଳ ଉତ୍କଳ ପ୍ରଦର୍ଶନୀ; ଅଂଶ ବିଶେଷରେ ଓଡ଼ିଶାର ଜନଜୀବନ ଯାତ୍ରାର ସ୍ୱପ୍ନତୁଲ୍ୟ ଚିତ୍ର । ବୋଇତ ବନ୍ଦାଣଠୁଁ ଆରମ୍ଭ କରି ବିରାଟ ପୋତମାନଙ୍କରେ ନଙ୍ଗର ପକାଉଥିବା ପାରାଦୀପ ବନ୍ଦର; ଅତୀତ ଓ ଭବିଷ୍ୟତର ଦୁଇଟି ଲକ୍ଷଣ ଐଶ୍ୱର୍ଯ୍ୟଦୀପ୍ତ ଉତ୍କଳର ଦୃଶ୍ୟ ଯନ୍ତ୍ର ତନ୍ତ୍ର ।




ନୂଆଦିଲ୍ଲୀ ପ୍ରଗତି ମଇଦାନରେ ଅନୁଷ୍ଠିତ ଜାତୀୟ କ୍ଷୁଦ୍ରଶିଳ୍ପ ପ୍ରଦର୍ଶନୀର ଓଡ଼ିଶା ମଣ୍ଡପରେ ଶିକ୍ଷା ଦପ୍ତରର
ଉପମନ୍ତ୍ରୀ ଶ୍ରୀମତୀ ରେଣୁକା ଦେବୀ ବରକଟକି

ବୌଦ୍ଧ ଯୁଗର ପାଲୁର, ତାମ୍ରଲିପ୍ତ, ପିପିଲି ବନ୍ଦରରେ ରପ୍ତାନୀ ହେଉଥିବା ପଟ୍ଟବସ୍ତ୍ର ଏବେବି ଓଡ଼ିଶାର ନିଜସ୍ୱ ଶିଳ୍ପ । ଶତକଡ଼ା ଶହେ ଖାଣ୍ଟି ଦେଶୀ ଐତିହ୍ୟରେ ମନଲୋଭା ରୁପା ତାରକସି କାରୁକାର୍ଯ୍ୟ, ହସ୍ତଶିଳ୍ପ ହଜାର ହଜାର ଗୁଣୀ ଦର୍ଶକର ମନକୁ ଆକୃଷ୍ଟ କରେ । ପିପିଲିର ପ୍ରସିଦ୍ଧ ଗୁନ୍ଦୁଆ ପାଖରେ ଦଣ୍ଡେ ଛିଡ଼ା ହୋଇ ରହୁଛି 'ଥକାମନ' । ତା' ଛଡ଼ା ମୟୂରଭଞ୍ଜ ଓ ପୁରୀର ପଥର ବାସନ, ପଥର କାମ, ଗଞ୍ଜାମର ପିତଳ କାମ, କଟକୀ ସୁନାରୁପା ତାରକସୀ, ସମ୍ବଲପୁରୀ ଶାଢ଼ୀ, ଓଡ଼ିଶା ଖଦୀ ବୋର୍ଡଠାରୁ ଆରମ୍ଭ କରି କୋଣାର୍କ ଟେଲିଭିଜନ ପର୍ଯ୍ୟନ୍ତ ଗୋଟି ଗୋଟି କରି ଦର୍ଶକକୁ ବାଉଳା କରି ଦିଏ । ଅବଶ୍ୟ ଭୋଗରାଇର ସପ ମସିଣା, ରେମୁଣାର କଂସା ବାସନ ବରଗଡ଼ର ଅରଙ୍ଗ କଣ୍ଢେଇ, ଓଡ଼ିଶା କ୍ଷୁଦ୍ରଶିଳ୍ପ କ୍ଷେତ୍ରରେ ବିଶିଷ୍ଟ ସ୍ଥାନ ଲାଭ କରିଥିଲେ ବି ଦେଖିବାକୁ ମିଳିବ ନାହିଁ ।

ଶିଶୁ ସଂସାର ଅଥବା କଣ୍ଢେଇ ରାଇଜ ଭିତରକୁ ଓଡ଼ିଆ ଦର୍ଶକ ପଶିଗଲେ ଯେତିକି ଆନନ୍ଦିତ ହୁଏ, ଦୁଃଖ କରେ ତତୋଽଧିକ । ଯା ଭିତରେ ଓଡ଼ିଶାର କୌଣସି ବାଳକ ବାଳିକାଙ୍କର ଅଙ୍କନ ଅଥବା ଓଡ଼ିଶା ତିଆରି କଣ୍ଢେଇ ପ୍ରଦର୍ଶିତ ହୋଇ ନାହିଁ । କିନ୍ତୁ ଦୁଃଖର କାରଣ ଆମର ଅବହେଳା ସାମାନ୍ୟ ଲକ୍ଷ୍ୟ କଲେ ବୁଝିବା କଷ୍ଟକର ନୁହେଁ । ଗତ ୩୦ ବର୍ଷ ହେଲା ଚିତ୍ରଶିଳ୍ପୀ ଶଙ୍କରଙ୍କ ସର୍ବ ଭାରତୀୟ ଅଙ୍କନ ପ୍ରତିଯୋଗିତାରେ କେତେ ଜଣ ଓଡ଼ିଆ ପିଲା ଅଂଶ ଗ୍ରହଣ କରି ପୁରସ୍କୃତ ହୋଇଛନ୍ତି ? ସେଥିପାଇଁ ଓଡ଼ିଆ ବାପ-ମା, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀମାନେ କଣ କରିଛନ୍ତି ? ଆମ ନିଜର ଉତ୍ସାହର ଅଭାବ ଥିଲାବେଳେ ଅନ୍ୟକୁ ଈର୍ଷା କରିବା, ଅନ୍ୟ ଉପରେ ଦୋଷାରୋପ କରିବା ଅନୁଚିତ । ଏଇ ଶିଶୁ ସଂସାର କେବଳ ସେହି କୃତୀମାନଙ୍କର ପ୍ରଦର୍ଶନୀ ଯାହା ସେହି ପ୍ରତିଯୋଗିତାରେ ପୁରସ୍କୃତ ।

ଗୋଟିଏ କଥାରେ ପ୍ରଦର୍ଶନୀ କ୍ଷେତ୍ର ମଧ୍ୟକୁ ପ୍ରବେଶ କରି କେହି ଓଡ଼ିଶା ମଣ୍ଡପ ନ ଦେଖି ଫେରି ଆସେନା । ଯେଉଁମାନଙ୍କ ପାଇଁ ଭଲ ପାଇବା ଏକ କଳ୍ପନା ବିଳାସ, ସେମାନେ ବି ଅଟକି ଯାଆନ୍ତି । ସ୍ଥିର ନିସ୍ତବ୍ଧ ହୃଦୟର ତନ୍ତ୍ରୀମାନ ଅସ୍ଥିର ଓ ଚଞ୍ଚଳ ହୋଇ ଉଠେ । ପ୍ରେମ ବୃକ୍ଷ ଅଙ୍କୁରିତ ହୁଏ ଅଜ୍ଞାତରେ । ଅଶିକ୍ଷିତ ଅର୍ଦ୍ଧ ବୁଭୁକ୍ଷୁ ଉତ୍କଳୀୟ କଳାକାରର କୁଟୀର ଶିଳ୍ପୀମାନଙ୍କର ଅନ୍ତରର ଆହ୍ୱାନ ପ୍ରତ୍ୟେକ ଦର୍ଶକର ହୃଦୟ ତନ୍ତ୍ରୀରେ ଅନୁରଣିତ ହୁଏ ।


ଅବଶ୍ୟ ଓଡ଼ିଆ ଦର୍ଶକଙ୍କ ପାଇ ସବୁ ଦର୍ଶନୀୟ ଜିନିଷ ଏଠାରେ ପରିଲକ୍ଷିତ ହେବା ସମ୍ଭବ ନୁହେଁ । ଆମର ଗତାନୁଗତିକ ଶିଳ୍ପ କାରୁକାର୍ଯ୍ୟରେ ସବୁ କିଛି ଆମ ପାଇଁ ଏକ"ଘେଇଆ" ହୋଇଥିବା ଦୃଷ୍ଟିରୁ ନୂତନତା ଏକ ବିବଦମାନ ପ୍ରଶ୍ନ । ତଥାପି ଜଗା କଳିଆର ବାହୁ ତଳେ, ଚକାଡ଼ୋଳାର ବିଶ୍ୱ ବ୍ରହ୍ମାଣ୍ଡ ବିସ୍ତାରିତ ଦୃଷ୍ଟି ତଳେ ଆମେ କେତେ ଆଶ୍ୱସ୍ତ ଓ ନିର୍ଭୟ ତାହା ଅନ୍ୟକୁ ନ ହେଲେ ବି—ଆମକୁ କଣ ଅଜଣା ?



# ଆନ୍ତର୍ଜାତିକ ଲୋକ ସଂସ୍କୃତି ସେମିନାର

ଶ୍ରୀ ଚିତ୍ତରଞ୍ଜନ ଦାସ

[ ଏହି ପୃଥିବୀରେ ମଣିଷ ଯେତିକି ପୁରୁଣା, ତାର ସଂସ୍କୃତି ମଧ୍ୟ ସେତିକି ପୁରୁଣା । ପଶୁର ସଂସ୍କୃତି ନାହିଁ । ପଶୁ ଖାଏ, ଶୁଏ, କେତେଟା ଅଭ୍ୟାସ ଅନୁସାରେ ଜୀବନ କଟାଏ । ମଣିଷ ବି ଏହି ସବୁ କରେ । ତଥାପି ସିଏ ଯାହାକରେ, ତାକୁ ସଚେତନ ଭାବରେ କରେ । ମଣିଷ ଅସୁନ୍ଦରକୁ ସୁନ୍ଦର କରେ । ଅସହଜକୁ ସହଜ କରେ । ମଣିଷ ଏକ ଆଦର୍ଶକୁ ଆଖି ଆଗରେ ରଖି ତା' ଜୀବନକୁ ବଞ୍ଚୁଥାଏ । ସିଏ କେବଳ ଏକା ବଞ୍ଚେ ନାହିଁ । ସିଏ ସବୁଠି ଏକ ସମାଜ ଭିତରେ ବଞ୍ଚେ, ଏକ ସମାଜ ସହାଶେ ବଞ୍ଚେ । ତାର ଯାବତୀୟ ବଞ୍ଚିବା ପଛରେ ଏକ ଅର୍ଥ ପ୍ରଚ୍ଛନ୍ନ ହୋଇ ରହିଥାଏ, ଏକ ସ୍ୱପ୍ନ ପ୍ରଚ୍ଛନ୍ନ ହୋଇ ରହିଥାଏ । ସେଇ ସ୍ୱପ୍ନଟି ଅନୁସାରେ ସିଏ ସବୁବେଳେ ଆପଣାର କଳ୍ପନା କରିବାରେ ଲାଗିଥାଏ । ସେହି ସ୍ୱପ୍ନହିଁ ତାର ଜୀବନକୁ ଏକ ନିର୍ଦ୍ଦିଷ୍ଟ ରଙ୍ଗ ଆଣିଦିଏ । ସେଇଥିରୁ ତାର ଧର୍ମର ଜନ୍ମ ହୁଏ । ଧର୍ମରୁ କେତେ ପ୍ରକାରର ପୂଜା ଓ ଉପାସନାର ଜନ୍ମ ହୁଏ । ଏହି ପରି ଭାବରେ ଯାବତୀୟ କଳାର ଆବିର୍ଭାବ ହୁଏ, ସଙ୍ଗୀତର ଆବିର୍ଭାବ ହୁଏ, ସାହିତ୍ୟର ଆବିର୍ଭାବ ହୁଏ । ଏହି ସବୁଯାକକୁ ନେଇ ମଣିଷର ସଂସ୍କୃତି ବୋଲି କୁହାଯାଏ । ଏହି ସଂସ୍କୃତି ଦେଶ ଦେଶକେ ଭିନ୍ନ ହୁଏ । ]



ଗତ ଡିସେମ୍ବର ମାସ ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ କଟକର ବାରବାଟୀ ଷ୍ଟାଡ଼ିଅମ୍‌ଠାରେ ଆନ୍ତର୍ଜାତିକ ଲୋକ-ସଂସ୍କୃତି ସେମିନାର ଅନୁଷ୍ଠିତ ହୋଇଥିଲା । ଏହି ସେମିନାର ବା ଆଲୋଚନା ଚକ୍ରରେ ଦେଶ ଓ ବିଦେଶରୁ ପ୍ରାୟ ଦୁଇଶହ ଗବେଷକ—ପ୍ରତିନିଧି ଯୋଗ ଦେଇଥିଲେ । ଏମାନେ ସମସ୍ତେ ଲୋକସଂସ୍କୃତିର କୌଣସି ନା କୌଣସି ବିଭାଗରେ ଗବେଷଣା ଓ ଅଧ୍ୟୟନ କରୁଛନ୍ତି । ଭାରତ ସମେତ ତେଇଶି ଗୋଟି ଦେଶରୁ ଏହି ଗବେଷକମାନେ



ଆସି ବିଭିନ୍ନ ବିଷୟରେ ସ୍ୱଲିଖିତ ପ୍ରବନ୍ଧ ପାଠ କରିଥିଲେ ଏବଂ ଆଲୋଚନା ଗୁଡ଼ିକରେ ଅଂଶ ଗ୍ରହଣ କରିଥିଲେ । ଏମାନଙ୍କ ଭିତରୁ ସର୍ବପ୍ରଥମେ ଆମେ ଯେଉଁମାନଙ୍କର ନାମ ଉଲ୍ଲେଖ କରିପାରିବା ସେମାନେ ହେଉଛନ୍ତି ଯୁକ୍ତରାଷ୍ଟ୍ର ଆମେରିକାର ଶ୍ରୀମତୀ ରୁଥ୍-ଇଙ୍ଗ୍-ହାଇଡ୍ଲେ, ପଶ୍ଚିମ ଜର୍ମାନୀର ଅଧ୍ୟାପକ ହେର୍‌ମାନ୍ କୁଲ୍‌କେ, ଇରାକ୍‌ସ୍ଥ ବାଗ୍‌ଦାଦ୍ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ସାଲୁମ୍ । ଜାପାନରୁ ଆସିଥିବା ଅଧ୍ୟାପକ ୟା-ମା-ଗୁ-ଚି ଏବଂ ଇଣ୍ଡୋନେସିଆର ଶ୍ରୀମତୀ ସତ୍ୟବତୀ ସୁଲେମାନ୍ । ଓଡ଼ିଶାରେ ଆମେ ଅନେକେ ଅଧ୍ୟାପକ ହେରମାନ କୁଲକେଙ୍କ ନାମ ଶୁଣିଥିବା । ପଶ୍ଚିମ ଜର୍ମାନୀର ହାଇଡେଲ୍‌ବର୍ଗ ବିଶ୍ୱବିଦ୍ୟାଳୟସ୍ଥ ଦକ୍ଷିଣ-ଏସିଆ ପ୍ରତିଷ୍ଠାନରୁ ଯେଉଁ ଗବେଷକ ଗୋଷ୍ଠୀ ଏକାଧିକ ବର୍ଷ ଧରି ଓଡ଼ିଶାର ଇତିହାସ ଏବଂ ସଂସ୍କୃତି ବିଷୟରେ ଉଚ୍ଚସ୍ତରୀୟ ଗବେଷଣାମାନ କରୁଥିଲେ, ଡକ୍ଟର କୁଲକେ ସେମାନଙ୍କ ମଧ୍ୟରେ ଅନ୍ୟତମ । ଆନ୍ତର୍ଜାତିକ ଲୋକସଂସ୍କୃତି ସେମିନାରରେ ସେ ଏଥିରେ ଓଡ଼ିଶାର ପୂର୍ବତନ କରଦରାଜ୍ୟର ରାଜାମାନଙ୍କ ଘରେ ପୂଜା ପାଇ ଆସୁଥିବା ଇଷ୍ଟଦେବତାମାନଙ୍କର ଆଲୋଚନା କରିଥିଲେ ।

ପ୍ରଥମ ଦିନ ଅପରାହ୍ନ ଔପଚାରିକ ଭାବରେ ଆନ୍ତର୍ଜାତିକ ଲୋକସଂସ୍କୃତି ସେମିନାରର ଉଦ୍‌ଘାଟନ କରାଯାଇଥିଲା । ଓଡ଼ିଶାର ରାଜ୍ୟପାଳ ଏଥିରେ ପୁରୋଧା ହୋଇଥିଲେ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ସମାଗତ ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇଥିଲେ । ତାପରେ ପ୍ରତ୍ୟେକ ଦିନ ପୂର୍ବାହ୍ନ ଓ ଅପରାହ୍ନ ଦୁଇବେଳା ଯାକ ତିନିଦିନ ଧରି ପାଞ୍ଚୋଟି ବିଭିନ୍ନ ବିଭାଗରେ ଗବେଷକମାନେ ପ୍ରସ୍ତୁତ କରି ଆଣିଥିବା ପ୍ରବନ୍ଧ ଗୁଡ଼ିକର ଉପସ୍ଥାପନା କରାଯାଉଥିଲା । ଉପସ୍ଥାପନା ପରେ ପ୍ରତିନିଧିମାନେ ସେଗୁଡ଼ିକ ଉପରେ ଆଲୋଚନା ଏବଂ ବିଚାର-ବିନିମୟ କରୁଥିଲେ । ସର୍ବମୋଟ ପାଞ୍ଚୋଟି ଯାକ ବିଭାଗରେ ଦୁଇଶହରୁ ଅଧିକ ପ୍ରବନ୍ଧର ଉପସ୍ଥାପନା ଏବଂ ଆଲୋଚନା ହୋଇଥିଲା । ଲୋକସଂସ୍କୃତି ଓ ସାହିତ୍ୟ, ଲୋକସଂସ୍କୃତି ଓ ବୃହତ୍ତର ସଭ୍ୟତା, ଲୋକକଳା ଏବଂ ଲୋକଶିଳ୍ପ, ଲୋକ ସଙ୍ଗୀତ ଏବଂ ଲୋକ ନୃତ୍ୟ, ଲୋକଧର୍ମ ଓ ଉପାସନା,—ଏହିପରି ଭାବରେ ବିଭିନ୍ନ ବିଭାଗର ନାମକରଣ କରାଯାଇଥିଲା । ଉପସ୍ଥାପିତ ପ୍ରବନ୍ଧଗୁଡ଼ିକୁ ବର୍ତ୍ତମାନ ଏକତ୍ର ସଂପାଦିତ କରି ସ୍ଥାୟୀ ପୁସ୍ତକାକାରରେ ପ୍ରକାଶ କରିବାର ଉଦ୍ୟମ କରାଯାଉଛି ।

ଦ୍ୱିତୀୟ ଦିନ ଅନୁଷ୍ଠିତ ହୋଇଥିବା ଏକ ଏକକ ଆଲୋଚନାରେ ଡଃ ତୁରେ ଜଗନ୍ନାଥ ଧର୍ମ ଏବଂ ଉପାସନା ବିଷୟରେ ଏକ ସାଧାରଣ ଆଲୋକପାତ ମଧ୍ୟ କରି ଥିଲେ । ସୁଦୂର ଅତୀତରେ ଭାରତରୁ ଲୋକ-କଥାମାନ କିପରି ପଶ୍ଚିମ ଆଡ଼କୁ ଯାତ୍ରା କରି ବେବିଲୋନ୍ ଓ ମେସୋପୋଟାମିଆ ବାଟ ଦେଇ ଗ୍ରୀସର ସୁପରିଚିତ ଏସପ୍‌—କଥାଗୁଡ଼ିକୁ ପ୍ରଭାବିତ କରିଛନ୍ତି, ଉଭାଲୁ ଅଧ୍ୟାପକ ସାଲ୍ଲୋମ ସେହି ବିଷୟରେ ଏକ ସୁଚିନ୍ତିତ ପ୍ରବନ୍ଧ ପାଠ କରିଥିଲେ । ବଙ୍ଗ, କଳିଙ୍ଗ ଓ ଅନ୍ଧ୍ରରୁ ଏକଦା ଧର୍ମ, ସଂସ୍କୃତି ଓ ଶାସ୍ତ୍ରମାନ ଇଣ୍ଡୋନେସିଆ ଯାଇ ସେଠାରେ କିପରି ତତ୍କାଳୀନ ନୃତ୍ୟ, ଗୀତ ସାହିତ୍ୟ ଓ ସ୍ଥାପତ୍ୟକୁ ପ୍ରଭାବିତ କରିଛନ୍ତି, ଶ୍ରୀମତୀ ସୁଲେମାନ୍ ଆପଣାର ନିବନ୍ଧରେ ତାହାରି ଆଲୋଚନା କରିଥିଲେ । ଏହି ପ୍ରଭାବମାନ ଇଣ୍ଡୋନେସିଆ ବାଟେ ଫିଲିପାଇନସ୍ ଦ୍ୱୀପମାଳା ପର୍ଯ୍ୟନ୍ତ ଯାଇ କିପରି ସେହି ଅଞ୍ଚଳର ଭାଷା, ଲୋକ କଥା ଓ ଲୋକ ସଂସ୍କୃତି ଉପରେ ଆପଣାର ସଙ୍କେତ-ଗୁଡ଼ିକୁ ସଂରକ୍ଷିତ କରି ରଖିଛନ୍ତି, ତାହା ଭାବିଲେ ପ୍ରକୃତରେ ବଡ଼ ଆଶ୍ଚର୍ଯ୍ୟ ହେବାକୁ ହୁଏ ।



ଓଡ଼ିଶାର ଖାସ୍ ସେଇଁ ପ୍ରତିନିଧିଙ୍କ ଉପରେ ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା ଅଧ୍ୟାପକ ଓ ଗବେଷକମାନଙ୍କର ଆଖି ପ୍ରାୟ ସବୁବେଳେ ପଡ଼ିଯାଉଥିଲା. ସିଏ ହେଉଛନ୍ତି ଡକ୍ଟର କୁଞ୍ଜବିହାରୀ ଦାସ । ନିଜର ଜୀବନସାରା ସିଏ ଓଡ଼ିଶାର ଲୋକସାହିତ୍ୟର ସଂଗ୍ରହରେ ଆପଣାକୁ ତନ୍ମୟ ରଖି ଆସିଛନ୍ତି । ଓଡ଼ିଶାର ପଲ୍ଲୀଗୀତି ସଞ୍ଚୟନ ଓ ଲୋକଗଳ୍ପ ସଞ୍ଚୟନ ତାଙ୍କର ପ୍ରଶଂସାୟ ଅବଦାନ । ରାଜ୍ୟର ବିଭିନ୍ନ ଅଞ୍ଚଳରୁ ସେ ଏହି ଗଳ୍ପ ଓ ଗୀତ ଗୁଡ଼ିକ ସଂଗ୍ରହ କରି ଏକତ୍ର ପ୍ରକାଶିତ କରିଛନ୍ତି । ଏବେ ତାଙ୍କର ସଂଗୃହୀତ ଗ୍ରନ୍ଥମାନଙ୍କ ପ୍ରାୟ ଏକହଜାର ପୃଷ୍ଠାରେ ଛାପାହୋଇ ବାହାରି ସାରିଲଣି ଏବଂ ସେହି ସଂଗ୍ରହ ଏବେ ମଧ୍ୟ ଚାଲିଛି । ଆମ ସମସ୍ତଙ୍କ ପାଇଁ ଶ୍ରୀଯୁତ କୁଞ୍ଜବାବୁ ଯେ ଏକ ଗୌରବମୟ କାର୍ଯ୍ୟ କରିଛନ୍ତି, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ତାଙ୍କୁ ସାଙ୍ଗରେ ନେଇ ଯେ ଆନ୍ତର୍ଜାତିକ ଲୋକସଂସ୍କୃତି ସେମିନାର ଏହି ଓଡ଼ିଶାରେ ଅନୁଷ୍ଠିତ ହୋଇପାରିଲା, ଏହି କଥାଟିରେ ସମ୍ଭବତଃ ସେଇ ଆମ ସମସ୍ତଙ୍କଠାରୁ ଅଧିକ ଗର୍ବ ଓ ଆନନ୍ଦ ଅନୁଭବ କରିଥିବେ ।

ଓଡ଼ିଶାର ଅଧ୍ୟାପକମାନେ ଓ ଗବେଷକମାନେ ଏହି ସେମିନାର୍‌ରେ ଯେଉଁ ପ୍ରବନ୍ଧମାନ ଉପସ୍ଥାପିତ କରିଥିଲେ, ସେଥିରେ ଓଡ଼ିଶାର ଇଷ୍ଟଦେବ ଜଗନ୍ନାଥଙ୍କଠାରୁ ଆରମ୍ଭ କରି ଫୁଲବାଣୀ ଅଞ୍ଚଳର ଏକ ଆଦିବାସୀଗୋଷ୍ଠୀ କନ୍ଧ-ମାନଙ୍କର ଲୋକଗୀତ ପର୍ଯ୍ୟନ୍ତ ପ୍ରାୟ ସକଳ ବିଷୟରେ ବିଶେଷ ଆଲୋଚନା ହୋଇଥିଲା । ଓଡ଼ିଶାର ବିଭିନ୍ନ ସ୍ଥାନରେ ବିଭିନ୍ନ ଅବସରରେ ଯେଉଁସବୁ ନିତ୍ୟ ପର୍ବ ବା ନୃତ୍ୟ ଦିଆହୁଏ, ଏକ ପ୍ରବନ୍ଧରେ ତାହାର ଗୋଟିଏ ମନୋଜ୍ଞ ଆଲୋଚନା କରାଯାଇଥିଲା । ଦଣ୍ଡ ନାଚ, ଛଉନା ନାଚ, ନୂଆଖାଇ, ପୁଷ୍ପୁନି, ଏବଂ ରସରକେଳି—ପ୍ରବନ୍ଧଗୁଡ଼ିକରୁ ଏଗୁଡ଼ିକ ବି ବାଦ ଯାଇନଥିଲା । ପଶ୍ଚିମ ଓଡ଼ିଶାର ବର୍ଣ୍ଣନା ଏବଂ ସମଗ୍ରତଃ ଓଡ଼ିଆ ଭାଷାରେ ପ୍ରଚଳିତ ଥିବା ପ୍ରବଚନ ଗୁଡ଼ିକରେ ଓଡ଼ିଆ ସମାଜର

ଲୋକଦୃଷ୍ଟି କାଳ କାଳର ପରମ୍ପରା ମଧ୍ୟ ଦେଇ କିପରି ପ୍ରତିଫଳିତ ହୋଇଆସିଛି, ଏକାଧିକ ପ୍ରବନ୍ଧ ତାର ଆଲୋଚନା କରିଥିଲେ । ଏହିସବୁ କଳାଗତ ଚଳଣିକୁ ତୁଳନାତ୍ମକ ଭାବରେ ବୁଝିବାଲାଗି ସମାନ୍ତର ଦୃଷ୍ଟାନ୍ତରୂପେ ଆଉ ଜଣେ ଗବେଷକ କର୍ଣ୍ଣାଟକର ଚିତାଲେଖା ବିଷୟରେ ପ୍ରବନ୍ଧଟିଏ ପଢିଥିଲେ ଏବଂ ଭୋଜପୁରୀ ପ୍ରବଚନଗୁଡ଼ିକର ଏକ ଅଧ୍ୟୟନ ବି ଶୁଣିବାକୁ ମିଳିଥିଲା ।

ଠାକୁରାଣୀଙ୍କ ପାଖରେ ଗାଉଥିଲେ, ପୁନିଅ ପରବରେ ଗାଉଥିଲେ । ଲୋକ-ଗୀତରୁ ଲୋକ-ନୃତ୍ୟ । ଆଗେ ପ୍ରାୟ ସକଳ ନୃତ୍ୟ ଲୋକନୃତ୍ୟ ହିଁ ଥିଲା । କର୍ମ ସର୍ମମୟ ଜୀବନକୁ ଟିକିଏ ସରସ କରିପାରିବା ସକାଶେ ଲୋକମାନେ କେତେ ପ୍ରକାରର ନୃତ୍ୟ କରୁଥିଲେ । ଏହା କୌଣସି ଗୁରୁ ପାଖରୁ ଶିଖିବାକୁ ପଡୁନଥିଲା ବା ବହିରୁ ପଢି ଆୟତ୍ତ କରିବାକୁ ପଡୁ ନଥିଲା । ଗୋଟିଏ ଗୋଷ୍ଠୀ



ସଂସ୍କୃତିର ମୂଳରେ ଲୋକସଂସ୍କୃତି । ଲୋକସଂସ୍କୃତି ଭିତରେ ଆମେ ଲୋକସାହିତ୍ୟ, ଲୋକ-ସଙ୍ଗୀତ, ଲୋକ-କଳା ଓ ଲୋକ-ଧର୍ମର ନାନା ଉପସ୍ତରକୁ ହିଁ ବୁଝୁ । ଆଗେ ବହି ଛପା ହେଉ ନ ଥିଲା, ତଥାପି ସାହିତ୍ୟ ଥିଲା । କାହାଣ କାହାଣ ଲୋକକଥା ମାନ ଥିଲା । ସେସବୁ ଲୋକମୁଖ-ମୁଖରେ ରହିଥିଲା । ମା' ଓ ଆଈ ମା'ଙ୍କ ମୁଖରେ ଥିଲା । ପୁରୁଷ ପୁରୁଷ ହୋଇ ଗଡ଼ି ଆସୁଥିଲା । ଆମ ଓଡ଼ିଶାର କଲ୍ଲୁରେଇ ଫୁଲର କଥା ଓ ଡାଳିମ୍ବ କୁମର କଥା ଏହିପରି ଗୋଟିଏ ଗୋଟିଏ ଲୋକକଥା । ଆଗକାଳରେ ଲୋକ-ମୁଖରେହିଁ ଲୋକସଙ୍ଗୀତମାନ ରହିଥିଲା । ହଳିଆ ଗୀତ ଥିଲା, ଚଢ଼େଇଆ ଗୀତ ଥିଲା—ବାର ପର୍ବରେ ଉପାସିତ ଦେବତାମାନଙ୍କର ସ୍ତୁତିରୂପେ ବାର ପ୍ରକାର ଗୀତ ଥିଲା । ଲୋକେ ବାହାଘର ଗୀତ ଗାଉଥିଲେ, କନିଆ-ବିଦାବେଳେ ଗୀତ ଗାଉଥିଲେ, ଘରେ ବୋହୂ ପୋଷଣି ହୋଇଥିଲାବେଳେ ଗୀତ ଗାଉଥିଲେ । ସେମାନେ ଦୁଃଖରେ ଗୀତ ଗାଉଥିଲେ, ସୁଖରେ ବି ଗୀତ ଗାଉଥିଲେ । ବିଲରେ ଫସଲ ପାଚି ହସି ଉଠୁଥିବା ବେଳେ ଗୀତ ଗାଉଥିଲେ, ବିଲରୁ ଫସଲ ଉକୁଟି ଗଲାବେଳେ ଗୀତ ଗାଉଥିଲେ,

ବା ଗୋଟିଏ ସମାଜରେ ବାସ କରୁଥିବା ବ୍ୟକ୍ତିମାନେ ଏଗୁଡ଼ିକୁ ପରସ୍ପର ଠାରୁ ଶିକ୍ଷା କରୁଥିଲେ । ସାନମାନେ ବଡ଼ମାନଙ୍କଠାରୁ ଶିକ୍ଷା କରୁଥିଲେ ।

ମଣିଷ ମାତ୍ରକେ ସାଧାରଣତଃ ଅସୁନ୍ଦରକୁ ଅସୁଖ ପାଏ । ସୁନ୍ଦରର ଆଦର କରେ । ସୁନ୍ଦରକୁ ଭଲ ପାଇବାର ଏହି ପ୍ରକୃତିରୁ କଳାର ଜନ୍ମ ହୁଏ । ପ୍ରତ୍ୟେକ ସମାଜରେ ଲୋକକଳାର ବି ସେଇଥିରୁ ଜନ୍ମ ହୁଏ । ଆମମାନଙ୍କ ଘରେ ଯେଉଁ ଚିତା ଲେଖା ହୁଏ ଓ ମୁରୁଜ ପଡ଼େ, ହାଣ୍ଡି କୁଣ୍ଡେଇ ଉପରେ ଯେଉଁ ସବୁ ଚିତ୍ର କରାଯାଏ, ଧାନ କେଣ୍ଡାକୁ ଯେପରି ମେଣ୍ଢା ବାନ୍ଧି ରଖାଯାଏ, ଆମେ ଯେଉଁ-ସବୁ ଅଳଙ୍କାର ପିନ୍ଧୁ—ଏଗୁଡ଼ିକ ଆମ କଳାତ୍ମକ ଜୀବନର ଅନ୍ତର୍ଗତ ହୋଇରହିଥାଏ । କେତେ ସମାଜରେ କେତେ ପ୍ରକାର ମହୁରୀ, ପେଁ-କାଳୀ ଓ ବଇଁଶୀ ତିଆରି କରାଯାଏ, କେତେ ପ୍ରକାରରେ ମୁଣ୍ଡ ବନ୍ଧାଯାଏ, କେତେ ପ୍ରକାରରେ ଲୁଗା ପିନ୍ଧାଯାଏ । ଏଗୁଡ଼ିକ ଲୋକକଳା । ଆଦିବାସୀ-ମାନଙ୍କର ଘର ଲିପିବା ମଧ୍ୟ ସେହିପରି କଳାର ରୁଚିର ଗୋଟିଏ ପରିପ୍ରକାଶ ।

ଆମ ମନ୍ଦିର ଗୁଡ଼ିକ ଗଢ଼ା ହେବାର ଅନେକ ପୂର୍ବରୁ ଧର୍ମ ରହିଥିଲା । ବର୍ତ୍ତମାନ ତାହାକୁ ହିଁ ଲୋକ-ଧର୍ମ କୁହା ଯାଉଛି । ଆମେ କେତେ କେତେ ଦେବତାଙ୍କର ପୂଜା କରୁଥିଲୁ, ଭିତର ଘରେ ବଡ଼ ବଡ଼ିଆଙ୍କ ପୂଜା କରୁଥିଲୁ, ଖଜାର ପୂଜା କରୁଥିଲୁ, ଏବଂ ସେହି ପୂଜା ଗୁଡ଼ିକ ସଂଗେ କେତେ ଓଷା, କେତେ ପର୍ବର ସଂସ୍କାରକୁ ଯୋଡ଼ି କରିଦି ରଖିଥିଲୁ । ଲୋକ-ସାହିତ୍ୟ ଯେପରି ଆମର ସକଳ ସାହିତ୍ୟର ଜନନୀ, ଲୋକ ଧର୍ମ ଏବଂ ଲୋକ ଉପାସନା ବି ଠିକ୍ ସେମିତି ସକଳ ଧର୍ମ ଓ ଉପାସନାର ଜନନୀ । ଏହି ଉପାସନାଗୁଡ଼ିକ ଯୁଗର



ବିବର୍ତ୍ତନ ଅନୁସାରେ କେତେ ପ୍ରକାର ପ୍ରଭାବ ବାନ୍ଧି କେତେ ପ୍ରକାରେ ବଦଳି ଯାଉଛି । କେତେ ପ୍ରକାର ଘଟଣା ହୋଇ ବସିବାକୁ ଚେଷ୍ଟାକରିଛି । ଏଗୁଡ଼ିକ ଆମ ସମସ୍ତଙ୍କର ଅସଲ ମୂଳଗୁଡ଼ିକ ଦେଖାଇ ଦେଉଛି ।

ସନ୍ଧ୍ୟାର ସାଧାରଣ ଅଧିବେଶନ ପରେ ସେମିନାରରେ ପ୍ରତ୍ୟେକ ଦିନ ପ୍ରତିନିଧିମାନଙ୍କ ଲାଗି ବିଶେଷ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ଥିଲା । ଓଡ଼ିଶାର ନୃତ୍ୟ ଓ ଗୀତ ବିଷୟରେ ଅତିଥି ଓ ପ୍ରତିନିଧିମାନଙ୍କୁ ଯଥାସମ୍ଭବ ଏକ ସଂକ୍ଷିପ୍ତ ଧାରଣା ଦେବାହିଁ ଏହି କାର୍ଯ୍ୟକ୍ରମର ସର୍ବ ପ୍ରଧାନ ଅଭିପ୍ରାୟ ଥିଲା । ପ୍ରଥମ ସେମାନେ ଓଡ଼ିଶାର ବୀରବାଦ୍ୟ ଶୁଣିଲେ, ପାଇକ ନାଚ ଦେଖିଲେ, ଦଣ୍ଡନାଟ, ଚଢ଼େଇଆ ନାଚ, ନାଗା ନାଚ, ରଣପା ନାଚ ପ୍ରଭୃତି କେତେ କଣ ଦେଖିଲେ । ଦ୍ୱିତୀୟ ଦିନ ବାରବାଟୀ ଦୁର୍ଗର ମୁକ୍ତ ମଞ୍ଚରେ କବି ବୈଷ୍ଣବ ପାଣିଙ୍କର ଏକ ଗୀତାଭିନୟ ପ୍ରଦର୍ଶିତ ହୋଇଥିଲା । ତୃତୀୟ ଦିନ ଓଡ଼ିଶୀ ନୃତ୍ୟର କାର୍ଯ୍ୟକ୍ରମ ଥିଲା, ଏବଂ ତା ସାଙ୍ଗକୁ ଆଦିବାସୀ-ନୃତ୍ୟ ପ୍ରତିନିଧିମାନଙ୍କ ମଧ୍ୟରୁ ଦୁଇଜଣ ବଙ୍ଗଳା, ତ୍ରିପୁରା ଓ ଆସାମର ଲୋକଗୀତ ଓ ବିହୁ ଗୀତ ଗାଇ ସମସ୍ତଙ୍କୁ ମୁଗ୍ଧ କରିଥିଲେ । ଚତୁର୍ଥ ଦିନ ପଞ୍ଜାବରୁ ଆସିଥିବା ଭାଙ୍ଗଡ଼ା-ନୃତ୍ୟ ଗୋଷ୍ଠୀ ଭାଙ୍ଗଡ଼ା ନୃତ୍ୟର କୌଶଳ ପ୍ରଦର୍ଶନ କରିଥିଲେ ।

ଆମେ ଯେତିକି ଯେତିକି ସଭ୍ୟ ହେଉଛୁ ଲୋକ-ସଂସ୍କୃତିଠାରୁ ଆମର ନାଚଗୁଡ଼ିକ କ୍ରମେ ଛିଡ଼ି ଯିବାର ଆଶଙ୍କାଟି ସତେ ଯେପରି ସେତିକି ଅଧିକ ପ୍ରବଳ ହେବାରେ ଲାଗିଛି । ଚେର ଛିଣ୍ଡା ହୋଇଗଲେ ଯା' ହୋଇଥାଏ । ପୃଥିବୀର ଅନେକ ଜାଗାରେ ସଭ୍ୟ ମାନବର ଦଶା ପ୍ରାୟ ସେହିପରି ହୋଇପଡ଼ୁଛି । ମଣିଷ ନିଶ୍ଚୟ ଅଧିକରୁ ଅଧିକ ସଭ୍ୟ ହେବ, କିନ୍ତୁ ତାବୋଲି ସିଏ ଆପଣାର ମୂଳଗୁଡ଼ାକ ଭୁଲିଯିବ କାହିଁକି ? ଏହି ଦୃଷ୍ଟିରୁ ଲୋକ-ସଂସ୍କୃତିର ଗବେଷଣା ଏବଂ ଆଲୋଚନା, ସନ୍ଧାନ ତଥା ସଂରକ୍ଷଣ ଲାଗି ପ୍ରକୃତରେ ଅନେକ ଆବଶ୍ୟକତା ରହିଛି । ନିଜର ଧର୍ମ, ନିଜର ଇତିହାସ ଓ ଏପରିକି ନିଜର ଭବିଷ୍ୟତଟିକୁ ମଧ୍ୟ ସଂପୂର୍ଣ୍ଣ ଭାବେ ଜାଣିବାକୁ ପଡ଼ିବ । ଆପଣାର ସମଗ୍ର ଜୀବନଟି ମଧ୍ୟରେ ସେଗୁଡ଼ିକୁ ଅନୁଭବ କରିବାକୁ ପଡ଼ିବ, ସେଗୁଡ଼ିକ ଲାଗି ଅବଶ୍ୟ କିଛି ସ୍ଥାନ ରଖିବାକୁ ହେବ । ଭାରତବର୍ଷ ଏକ ବୈଚିତ୍ର୍ୟମୟ ଦେଶ । ସେହି ବିଭବଟିକୁ ଆପଣାର ବ୍ୟକ୍ତିଗତ ତଥା ସାମାଜିକ ଉଭୟ ଜୀବନରେ ଯଥାର୍ଥ ଭାବରେ ଉଜୁଟାଇ ପାରିବାଲାଗି ଲୋକସଂସ୍କୃତିର ଅଧ୍ୟୟନସର୍ଗ ଆମକୁ ନିଶ୍ଚୟ ଅନେକ ସାହାଯ୍ୟ କରିବ, ଅନେକ ପ୍ରେରଣା ଦେଉଥିବ ।



ଉତ୍କଳର ଲୋକପ୍ରିୟ ଓଡ଼ିଶୀ ନୃତ୍ୟ



OGP - A P-VI (I. & P. R.) 63—15,000—23-1-1979

